


ଆସିବ 'ଭାଗମ୍ ଭାଗ୍ ୨' ▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-225 ♦TUESDAY ♦10 FEBRUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୨୫ ♦ମଙ୍ଗଳବାର ♦୧୦ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଦିଲ୍ଲୀ ଏମ୍ସ ବିଶ୍ୱର ଷଷ୍ଠ ସର୍ବୋତ୍ତମ ମେଡିକାଲ

■ ନୂଆଦିଲ୍ଲୀ, ୯।୨ (ଏଜେନ୍ସି): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତ ଏକ ବଡ଼ ଉପଲବ୍ଧି ହାସଲ କରିଛି। 'ବ୍ରାଣ୍ଡ ଫାଇନାନ୍ସ'ର ଗ୍ଲୋବାଲ ଟପ୍ ୨୫୦ ହସ୍ପିଟାଲ ର୍ୟାଙ୍କିଙ୍ଗ ୨୦୨୬ରେ ଦିଲ୍ଲୀ ଅଲ ଇଣ୍ଡିଆ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସ (ଏମ୍ସ୍) ବିଶ୍ୱର ଷଷ୍ଠ ସର୍ବୋତ୍ତମ ମେଡିକାଲ ଭାବେ ଘୋଷିତ ହୋଇଛି। ଏହି ସଫଳତା ସହିତ ଏମ୍ସ ଆମେରିକାର ଜନ୍ସ ହପକିନ୍ସ ମେଡିସିନ, ବ୍ରିଟେନର ଅକ୍ସଫର୍ଡ ୟୁନିଭର୍ସିଟି ହସ୍ପିଟାଲ ଓ ମାୟୋ କ୍ଲିନକ ଭଳି ପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ରିପୋର୍ଟ ଅନୁଯାୟୀ ସେବା ମନୋଭାବ, ବ୍ରାଣ୍ଡ ଭାଲ୍ୟୁ, ବ୍ରାଣ୍ଡ ଶକ୍ତି ଓ ବିଶ୍ୱସ୍ତରୀୟ ପ୍ରତିଷ୍ଠା ଭଳି ମାପଦଣ୍ଡରେ ଉତ୍କୃଷ୍ଟ ପ୍ରଦର୍ଶନ ଆଧାରରେ ଏମ୍ସକୁ ଏହି ସ୍ଥାନ ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏମ୍ସର 'କେୟାର ସ୍କୋର' ଶୀର୍ଷ ସ୍ଥାନରେ ଥିବା ହସ୍ପିଟାଲ ଗୁଡ଼ିକ ତୁଳନାରେ ମାତ୍ର ୧.୧ କମ୍ ଅଙ୍କ ରହିଛି, ଯାହା ସୀମିତ ସମ୍ବଳ ମଧ୍ୟରେ ଏହାର ଗୁଣବତ୍ତା ଓ ବିଶ୍ୱସନୀୟତାକୁ ଦର୍ଶାଉଛି। ବିଶେଷଜ୍ଞଙ୍କ ମତରେ, ଏକ ସରକାରୀ ଅନୁଷ୍ଠାନ ବିଶ୍ୱର ଶ୍ରେଷ୍ଠ-୧୦ ତାଲିକାରେ ସ୍ଥାନ ପାଇବା ଭାରତର ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସମ୍ମାନକୁ ବିଶ୍ୱସ୍ତରରେ ଏକ ନୂତନ ଉଚ୍ଚତାକୁ ନେଇଯାଇଛି।



ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତକୁ ବଡ଼ ସଫଳତା

ସେହିପରି ମୁମ୍ବଇର ଟାଟା ମେମୋରିଆଲ ହସ୍ପିଟାଲ ଏହି ତାଲିକାର ତ୍ରୟୋଦଶ ସ୍ଥାନରେ ରହିଛି ଓ ଏହା ଭାରତର ସ୍ୱାସ୍ଥ୍ୟସେବାର ଦକ୍ଷତା ଓ ସାମର୍ଥ୍ୟକୁ ସୂଚାଉଛି। ଆମେରିକାର ଜନ୍ସ ହପକିନ୍ସ ମେଡିସିନ ଶୀର୍ଷରେ ରହିଥିବା ବେଳେ ବ୍ରିଟେନର ଅକ୍ସଫର୍ଡ ୟୁନିଭର୍ସିଟି ହସ୍ପିଟାଲ ଦ୍ୱିତୀୟ, ଆମେରିକାର ଷ୍ଟାନଫୋର୍ଡ ମେଡିକାଲ ସେଣ୍ଟର ତୃତୀୟ ସ୍ଥାନରେ ରହିଛି।

## ଚନ୍ଦ୍ରପୃଷ୍ଠରେ ସହର ଗଢ଼ିବେ ଏଲନ୍ ମସ୍କ

■ ୱାଶିଂଟନ୍, ୯।୨ (ଏଜେନ୍ସି): ସ୍ପେସ୍‌ଏକ୍ସ ପ୍ରତିଷ୍ଠାତା ଏଲନ୍ ମସ୍କ ଏବେ ଚନ୍ଦ୍ରରେ ସହର ନିର୍ମାଣ କରିବେ। ସେ ବର୍ତ୍ତମାନ ମଙ୍ଗଳ ଗ୍ରହରୁ ଚନ୍ଦ୍ରକୁ ତାଙ୍କର ଧ୍ୟାନ କେନ୍ଦ୍ରିତ କରିଛନ୍ତି। କାରଣ ଚନ୍ଦ୍ରକୁ ମଣିଷ ପଠାଇବା ମଙ୍ଗଳ ଗ୍ରହକୁ ମଣିଷ ପଠାଇବା ଅପେକ୍ଷା ସହଜ। ମସ୍କ ଆଜି ଏ ସମ୍ପର୍କରେ ଘୋଷଣା କରିଛନ୍ତି। ମସ୍କ କହିଛନ୍ତି ଯେ ସ୍ପେସ୍‌ଏକ୍ସ ବର୍ତ୍ତମାନ ଚନ୍ଦ୍ରରେ ଏକ 'ସ୍ୱୟଂ-ବର୍ଦ୍ଧିଷ୍ଣୁ ସହର' ନିର୍ମାଣ କରିବାକୁ ତାର ଧ୍ୟାନ କେନ୍ଦ୍ରିତ କରିଛି। ଚନ୍ଦ୍ରରେ ପହଞ୍ଚିବାକୁ ୬ମାସ ସମୟ ଲାଗେ। ନାସା ୨୦୨୮ ସୁଦ୍ଧା ମହାକାଶଚାରୀଙ୍କୁ ଚନ୍ଦ୍ରପୃଷ୍ଠକୁ ପଠାଇବା ପାଇଁ କାମ କରୁଛି। ୧୯୭୨ ରେ ଆପୋଲୋ କାର୍ଯ୍ୟକ୍ରମ ଶେଷ ହେବା ପରେ ଏହା ପ୍ରଥମ ଥର ହେବ, ଯେତେବେଳେ ମଣିଷ ଚନ୍ଦ୍ରରେ ପାଦ ରଖିବେ। ନାସାର ମୁନ୍ ମିସନ୍‌ରେ ସ୍ପେସଏକ୍ସର ଲୁନାର ଲ୍ୟାଣ୍ଡର ବ୍ୟବହାର କରାଯିବ। ଏହାକୁ ନିର୍ମାଣ କରିବା ପାଇଁ ନାସା ସ୍ପେସଏକ୍ସକୁ ୩ବିଲିୟନ ଡଲାର କିମ୍ବା ପ୍ରାୟ ୨୭,୦୦୦ କୋଟି ଟଙ୍କାର ଚୁକ୍ତିନାମା ଦେଇଛି। ଏହା ବର୍ତ୍ତମାନ ପରୀକ୍ଷଣ ପର୍ଯ୍ୟାୟରେ ଅଛି। କମ୍ପାନୀ ମାର୍ଚ୍ଚ ମାସରେ ଏକ ନୂତନ ପ୍ରୋଟୋଟାଇପ୍ ପରୀକ୍ଷା କରିବ ବୋଲି ଆଶା କରାଯାଉଛି। ଅରପପେକ୍ଷ ସମାନ ଲ୍ୟାଣ୍ଡର୍ ନିର୍ମାଣ ଦୌଡ଼ରେ ଜେଫ୍ ବେଜୋସ୍‌ଙ୍କ ବ୍ଲୁ ଅରିଜିନ୍ ହେଉଛି ମସ୍କଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ।



ଲାଗିବ ୨୦ ବର୍ଷରୁ ଅଧିକ ସମୟ


ସୂଚନାଯୋଗ୍ୟ ଯେ ମସ୍କ ଅତୀତରେ ମୁନ୍ ମିସନକୁ ସମାଲୋଚନା କରିଥିଲେ। ଗତ ବର୍ଷ ପ୍ରାରମ୍ଭରେ, ସେ ନାସାର ଚନ୍ଦ୍ର କାର୍ଯ୍ୟକ୍ରମ, ଆର୍ଟେମିସ୍ କୁ "ବିଭ୍ରାନ୍ତି" ବୋଲି କହିଥିଲେ। ସେହି ସମୟରେ, ସେ ଲେଖିଥିଲେ, "ଆମେ ସିଧାସଳଖ ମଙ୍ଗଳ ଗ୍ରହକୁ ଯାଉଛୁ। ଚନ୍ଦ୍ର କେବଳ ଏକ ବିଭ୍ରାନ୍ତି।

### ଧାନ ଓ ଗହମରେ ବୋନସ ପ୍ରଦାନକୁ କେନ୍ଦ୍ରର ନାପସନ୍ଦ

## ଚାଷୀଙ୍କୁ ମିଳିବନି ୮୦୦ ଟଙ୍କା !

■ ଭୁବନେଶ୍ୱର, ୯।୨ (ସମିସ): ବିଭିନ୍ନ ରାଜ୍ୟରେ ଧାନ ଓ ଗହମ ବିକ୍ରି ପାଇଁ ଏମ୍‌ଏସ୍‌ପି ସହିତ ଚାଷୀମାନଙ୍କୁ ମିଳୁଥିବା ଇନ୍‌ପୁଟ୍ ସହାୟତା ବା ବୋନସର ଭବିଷ୍ୟତ ଉପରେ ପ୍ରଶ୍ନ ଚିହ୍ନ ଲଗାଇଛି କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର କେରଳ ସରକାରଙ୍କୁ ଚିଠି ଲେଖି ବୋନସ ବା ଇନ୍‌ପୁଟ ସବସିଡି ବ୍ୟବସ୍ଥା ଏକ ଅନୁଚିତ ବ୍ୟବସ୍ଥା ବୋଲି ଉଲ୍ଲେଖ କରିଛନ୍ତି । ଏପରିକି ଅନ୍ୟ କିଛି ରାଜ୍ୟ ମଧ୍ୟ ଏହି ବ୍ୟବସ୍ଥାକୁ ଆପଣେଇବା ଉପରେ ଅର୍ଥ ମନ୍ତ୍ରଣାଳୟ ଆପତ୍ତି ଉଠାଇଛି । କେନ୍ଦ୍ର ସରକାରଙ୍କ ଏପରି ଆଭିମୁଖ୍ୟ ପରେ ରାଜ୍ୟରେ ଚାଷୀମାନଙ୍କୁ ଧାନ କ୍ୱିଣ୍ଟାଲ ପିଛା ପ୍ରଦାନ କରାଯାଉଥିବା ଇନ୍‌ପୁଟ ସବସିଡ଼ି ଭବିଷ୍ୟତରେ ମିଳିବ କି ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ।

ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କେରଳ ମୁଖ୍ୟ ଶାସନ ସଚିବଙ୍କୁ ଲେଖିଥିବା ଚିଠିରେ କୁହାଯାଇଛି ଯେ କେନ୍ଦ୍ର ସରକାର ପ୍ରତିବର୍ଷ ବିଭିନ୍ନ ଫସଲ ପାଇଁ ଏମ୍‌ଏସ୍‌ପି ଘୋଷଣା କରନ୍ତି, ଯାହା ଚାଷୀମାନଙ୍କୁ ଲାଭଜନକ ମୂଲ୍ୟ ସୁନିଶ୍ଚିତ କରିଥାଏ। ତେବେ କିଛି ବର୍ଷ ହେବ ଗହମ ଏବଂ ଧାନର ପ୍ରଚୁର ଉତ୍ପାଦନ ଯୋଗୁଁ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍), ବଫର ନିୟମାବଳୀ ଏବଂ ଅନ୍ୟାନ୍ୟ କଲ୍ୟାଣ ତଥା ଆକସ୍ମିକ ଆବଶ୍ୟକତା ପାଇଁ ଆବଶ୍ୟକ ମାତ୍ରାଠାରୁ ବହୁ ଅଧିକ ଗହମ ଏବଂ ଚାଉଳ ଷ୍ଟକ୍ ରହିଛି। ଏହି ଅତିରିକ୍ତ ଷ୍ଟକ୍ ବର୍ଷ ପରେ ବର୍ଷ ବଢ଼ି ଚାଲିଛି। ଫଳସ୍ୱରୂପ ସରକାରୀ କୋଷାଗାର ଉପରେ ଭାର ବଢ଼ି ଚାଲିଛି। କେରଳ ସରକାରଙ୍କ ସମେତ ଦେଶର କେତେକ ରାଜ୍ୟ ସରକାର ଧାନ ଏବଂ ଗହମ କ୍ରୟ ବେଳେ ଏମଏସପି ସହିତ ଅତିରିକ୍ତ ବୋନସ୍ (ଇନ୍‌ପୁଟ ସହାୟତା) ପ୍ରଦାନ କରୁଛନ୍ତି। ଫଳରେ ଏହି ଖାଦ୍ୟ ଶସ୍ୟଗୁଡ଼ିକର ଅଧିକ ଉତ୍ପାଦନ ଆଶଙ୍କା ବୃଦ୍ଧି ପାଉଛି। ପୁନଶ୍ଚ ଗହମ ଏବଂ ଧାନ ତୁଳନାତ୍ମକ ଭାବେ ଜଳ, ସାର ଏବଂ ଅନ୍ୟାନ୍ୟ ସାମଗ୍ରୀ ଆବଶ୍ୟକ କରିଥାନ୍ତି। ଏହାସହ ଏହି ଚାଷ ଭୂତଳ ଜଳ ହ୍ରାସ, ମୃତ୍ତିକା ଅବକ୍ଷୟ, ଜୈବ ବିବିଧତା କ୍ଷୟ ଏବଂ ନଡ଼ା ପୋଡ଼ି ଆଦିର ସମସ୍ୟା ସୃଷ୍ଟି କରୁଛି। ଏହି କାରଣମାନ ଜଳବାୟୁ ପରିବର୍ତ୍ତନ ଉପରେ କୁପ୍ରଭାବ ▶ପୃଷ୍ଠା-୭



V. Vualnam I.A.S.
Secretary (Expenditure)

Government of India
Ministry of Finance
Department of Expenditure
09th January 2026

D.O.F.No. 38(01)/PFC-I/2025

Dear Dr. A Jayathilak,

As you are aware, the Government of India announces the Minimum Support Price (MSP) for various crops every year to ensure remunerative prices for farmers and to prevent distress sales.

2. In recent years, bumper production of wheat and paddy has resulted in wheat and rice stocks far in excess of requirements for the Public Distribution System, buffer norms, and other welfare and contingency needs. The surplus continues to rise year after year, creating a significant and recurring burden on the public exchequer.

3. The announcement of additional bonus on paddy and wheat (over and above MSP) by some State Governments, including the Government of Kerala, will cause higher sowing and production of these foodgrains.

4. Wheat and paddy are comparatively water, fertiliser and input intensive crops and their disproportionate cultivation exacerbates groundwater depletion, soil degradation, biodiversity loss and stubble burning. These outcomes have serious implications for sustainability, climate resilience and public health. At the same time, inadequate domestic production of oilseeds and pulses compels higher imports.

5. In view of the above, I request you to review the existing bonus policy of the State Government and consider discontinuing the bonus on wheat and paddy. It is suggested that attention be shifted towards incentives to promote pulses, oilseeds and millets, in line with national priorities for nutrition security, Atmanirbharta and sustainable agriculture.

With warm regards,

Yours sincerely,
(V. Vualnam)

Dr. A Jayathilak, IAS
Chief Secretary
Govt. of Kerala Secretariat
Thiruvananthapuram-695001

**କେରଳ ସରକାରଙ୍କୁ ଚିଠି ଲେଖିଲା ଅର୍ଥ ମନ୍ତ୍ରଣାଳୟ**

**ଅନ୍ୟ ରାଜ୍ୟ ଦେଉଥିବା ବୋନସ୍‌କୁ ନେଇ ଅସନ୍ତୋଷ**

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି କ୍ଷୋଭ ପ୍ରକାଶ କଲେ ନବୀନ

## ମଣ୍ଡି ପାଲଟିଛି ଚାଷୀ ନିର୍ଯାତନା କେନ୍ଦ୍ର

**ବ୍ୟବସ୍ଥାଗତ ଶୋଷଣ ଓ କଷଣର ସମ୍ମୁଖୀନ ରାଜ୍ୟର ଅନ୍ନଦାତା**

**କଟ୍‌ନୀଛଟ୍‌ନୀ ବନ୍ଦ ପାଇଁ ମଣ୍ଡିରେ ସ୍ପେଶାଲ ସ୍କ୍ୱାଡ୍ ନିଯୁକ୍ତି ଦିଆଯାଉ**

**୧୫୦ କ୍ୱିଣ୍ଟାଲ ସିଲିଂ ବ୍ୟବସ୍ଥା ତୁରନ୍ତ ପ୍ରତ୍ୟାହାର କରାଯାଉ**

■ ଭୁବନେଶ୍ୱର, ୯।୨ (ସମିସ): ରାଜ୍ୟବ୍ୟାପୀ ମଣ୍ଡିରେ ଅବ୍ୟବସ୍ଥା ଓ ଚାଷୀଙ୍କ ଉତ୍କଟ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତ୍ୱରିତ ହସ୍ତକ୍ଷେପ ଲୋଡ଼ିଛନ୍ତି ନବୀନ। ରାଜ୍ୟବ୍ୟାପୀ ହେଉଥିବା କଟ୍‌ନୀଛଟ୍‌ନୀ, ଇନପୁଟ ସବ୍‌ସିଡି ପ୍ରଦାନ ପାଇଁ ୧୫୦ କ୍ୱିଣ୍ଟାଲ ସିଲିଙ୍ଗ୍ ବ୍ୟବସ୍ଥା, ମଣ୍ଡି ଗୁଡିକରେ ଚାଷୀ ଭୋଗୁଥିବା ଅବ୍ୟବସ୍ଥା ଏବଂ ଧାନର ଅଭାବୀ ବିକ୍ରି ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟରେ ମଣ୍ଡିଗୁଡ଼ିକ ଚାଷୀ ନିର୍ଯାତନାର କେନ୍ଦ୍ର ପାଲଟି ଯାଇଛି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ନଦାତା ସର୍ବଦା ସମ୍ମାନର ପାତ୍ର, ଓଡ଼ିଶାର ଚାଷୀ କାହାର ଦୟା ଚାହାନ୍ତି ନାହିଁ। ସେମାନେ ବିଜେପିର ନିର୍ବାଚନ ପ୍ରତିଶ୍ରୁତି ମୁତାବକ ସେମାନଙ୍କ ହକ୍ ଚାହାନ୍ତି। ତେଣୁ ଚାଷୀମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଥିନିମନ୍ତେ ପଦକ୍ଷେପ ତୁରନ୍ତ ନେବା ପାଇଁ ନବୀନ ଅନୁରୋଧ କରିଛନ୍ତି।

ଚିଠିରେ ନବୀନ ଲେଖିଛନ୍ତି ଯେ କୃଷି ହେଉଛି ଓଡ଼ିଶାର ଜୀବନ ରେଖା। ମାତ୍ର ପ୍ରଶାସନିକ ଉଦାସୀନତା ଓ ଲୋକଙ୍କୁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପାଳନରେ ବିଫଳତା ଯୋଗୁ ଚଳିତ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆମ ଚାଷୀମାନଙ୍କ ପାଇଁ ଏକ ସଂଘର୍ଷମୟ ସ୍ଥିତି ସୃଷ୍ଟି କରିଛି। ୨୦୨୪ ନିର୍ବାଚନ ସମୟରେ ବିଜେପିର ନିର୍ବାଚନୀ ଇସ୍ତାହାରର ଦୁଇ ନମ୍ବର ପଏଣ୍ଟରେ ଧାନର ସର୍ବାଧିକ ସହାୟକ ମୂଲ୍ୟ ବୃଦ୍ଧି ଓ କଟ୍‌ନୀଛଟ୍‌ନୀ ସମ୍ପୂର୍ଣ୍ଣ ବନ୍ଦ କରିବା ସମ୍ପର୍କରେ ଆମର ଚାଷୀ ଭାଇ ଭଉଣୀମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ବାସ୍ତବ ସ୍ଥିତି ହେଉଛି ଯେ ରାଜ୍ୟରେ ଥିବା ମଣ୍ଡି ଗୁଡିକ ଏବେ ନିର୍ଯାତନାର କେନ୍ଦ୍ର ପାଲଟି ଯାଇଛି। ଅନ୍ନଦାତାମାନଙ୍କଠାରୁ ବିନା କୌଣସି ଅସୁବିଧାରେ ଧାନ ସଂଗ୍ରହ କରିବାକୁ ଆପଣଙ୍କ ସରକାର ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ ଆର୍ଦ୍ରତା ଓ ନିମ୍ନ ମାନର ଧାନ ଆଦି ଆଳରେ ସେମାନଙ୍କଠାରୁ କ୍ୱିଣ୍ଟାଲ ପିଛା ୫ ରୁ ୭ କେଜି ପର୍ଯ୍ୟନ୍ତ କଟ୍‌ନୀଛଟ୍‌ନୀ କରାଯିବା ପରିତାପର ବିଷୟ। ଅନେକ ଜିଲ୍ଲାରେ ଏଭଳି ଶୋଷଣ ଚାଷୀମାନଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି। ମିଲର ଓ ସ୍ଥାନୀୟ ଅଧିକାରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଚାଷୀମାନେ ସେମାନଙ୍କ କଠିନ ପରିଶ୍ରମର ମୂଲ୍ୟ ପାଉନାହାନ୍ତି। ନିର୍ବାଚନ ସମୟରେ ବିଜେପି ଦେଇଥିବା ମିଥ୍ୟା ପ୍ରତିଶ୍ରୁତିର ଏହା ଏକ ଉଦାହରଣ ନୁହେଁ କି ? କେବେ ଏ କଟ୍‌ନୀଛଟ୍‌ନୀ ବନ୍ଦ ହେବ? ଆପଣଙ୍କ ସରକାର ନିର୍ବାଚନ ପ୍ରତିଶ୍ରୁତି କେବେ ପାଳନ କରିବ ? ନିର୍ବାଚନ ଇସ୍ତାହାର ମୁତାବକ ଚାଷୀ ▶ପୃଷ୍ଠା-୭



### ଜିଦ୍‌ରେ ଅଟଳ ସରକାର-ବିରୋଧୀ

## ସାରାଦିନ ଲୋକସଭା ଅଚଳ

■ ନୂଆଦିଲ୍ଲୀ, ୯।୨ (ଏଜେନ୍ସି): ସରକାର ଏବଂ ବିରୋଧୀ ଦଳ ନିଜ ନିଜ ଜିଦରେ ଅଟଳ ରହିଥିବାରୁ ଲୋକସଭାରେ ଅଚଳାବସ୍ଥା ଜାରି ରହିଛି। ଆଜି ମଧ୍ୟ ବିନା କୌଣସି କାର୍ଯ୍ୟରେ ଲୋକସଭା ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରହିଛି। ବଜେଟ ଆଲୋଚନା ପୂର୍ବରୁ ବିରୋଧୀଦଳର ନେତା ରାହୁଲ ଗାନ୍ଧୀଙ୍କୁ କିଛି ପ୍ରସଙ୍ଗରେ ମତାମତ ରଖିବାକୁ ଅନୁମତି ଦିଆଯାଉ ବୋଲି ବିରୋଧୀ ଦଳ ଜିଦ୍ ଧରିଥିବା ବେଳେ ସରକାର ଏଥିପାଇଁ ରାଜି ହେଉ ନାହାନ୍ତି। ଆଜି ସକାଳେ ଦୁଇ ଥର ମୁଲତବୀ ହେବାପରେ ଦିନ ୨ଟାରେ ଗୃହ କାର୍ଯ୍ୟ ପୁଣି ଆରମ୍ଭ ହୋଇଥିଲା। କିନ୍ତୁ ପରିସ୍ଥିତିରେ କୌଣସି ପରିବର୍ତ୍ତନ ନହେବାରୁ ଏହାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ହୋଇଯାଇଛି।



**ବାଚସ୍ପତିଙ୍କ ବିରୋଧରେ ଆସିବ ଅନାସ୍ଥା !**

ଆଜି ଦିନ ୧୧ଟାରେ ଲୋକସଭା ବୈଠକ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ରାହୁଲଙ୍କୁ କହିବାକୁ ଅନୁମତି ଦିଆଯାଉ ବୋଲି ଦାବି କରିଥିଲେ। କିନ୍ତୁ ବାଚସ୍ପତି ଓମ୍ ବିର୍ଲା ଏଥିପାଇଁ ଅନୁମତି ▶ପୃଷ୍ଠା-୭

## ଅଭିଯୋଗ ଶୁଣାଣି ନିୟମିତ ପ୍ରଶାସନିକ ପ୍ରକ୍ରିୟାରେ ପରିଣତ ହୋଇଛି: ମୁଖ୍ୟମନ୍ତ୍ରୀ

### ଲୋକଙ୍କ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀଙ୍କ ସହ ୫ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ



■ ଭୁବନେଶ୍ୱର, ୯।୨ (ସମିସ): ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ୫ ମନ୍ତ୍ରୀ ଓ ବହୁ ବରିଷ୍ଠ ଅଧିକାରୀ ଶୁଣିଛନ୍ତି ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଶତାଧିକ ଲୋକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିଜର ଅଭିଯୋଗ ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହେଉଛି ଆମ ସରକାରଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଚଳିତ ବର୍ଷ ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଦିଆଯାଇଥିବା ୧୫ ଦଫା ନିର୍ଦ୍ଦେଶାବଳୀ ମଧ୍ୟରେ ଅଭିଯୋଗ ଶୁଣାଣି ପ୍ରକ୍ରିୟା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସଚିବାଳୟ ଠାରୁ ଆରମ୍ଭ କରି ବ୍ଲକ, ତହସିଲ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣି ତାର ସମାଧାନ ଦିଗରେ ଯତ୍ନବାନ ହେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟସ୍ତରରେ ନିୟମିତ ଅଭିଯୋଗ ଶୁଣାଣି ହେଉଥିବାରୁ ଜିଲ୍ଲାସ୍ତରରେ ମଧ୍ୟ ଏହାର ସୁଫଳ ପରିଲକ୍ଷିତ ହେଉଛି। ଏବେ ଜିଲ୍ଲାପାଳ ଓ ଏସ.ପି ମାନେ ନିୟମିତ ଭାବେ ଅଭିଯୋଗ ଶୁଣାଣି କରୁଛନ୍ତି। ଅଭିଯୋଗ ଶୁଣାଣି ବ୍ୟବସ୍ଥା ସାରା ରାଜ୍ୟରେ ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟାରେ ପରିଣତ ହୋଇଛି ▶ପୃଷ୍ଠା-୭

### ତ୍ରିକୋଣୀୟ ପ୍ରେମର କରୁଣ ପରିଣତି

## 'ପ୍ରପୋଜ୍ ଡେ'ରେ ପ୍ରେମିକକୁ ହତ୍ୟା

**ନୂଆ ପ୍ରେମିକର ଗଳା କାଟି ପୁରୁଣା ପ୍ରେମିକ ଫେରାର୍**

**ଗାର୍ଲଫ୍ରେଣ୍ଡ ଥାନାରେ ଅଟକ, ଇନ୍‌ଷ୍ଟାଗ୍ରାମ୍ ରିଲ୍‌ରୁ ଷଡ଼ଯନ୍ତ୍ର**

■ ଭୁବନେଶ୍ୱର, ୯।୨ (ସମିସ): ରାଜଧାନୀରେ ତ୍ରିକୋଣୀୟ ପ୍ରେମର କରୁଣ ପରିଣତି ଦେଖିବାକୁ ମିଳିଛି। ପ୍ରତିଶୋଧପରାୟଣ ହୋଇ ନୂଆ ପ୍ରେମିକର ଗଳା କାଟିଦେଲା ପୁରୁଣା ପ୍ରେମିକ। ରକ୍ତାକ୍ତ ଅବସ୍ଥାରେ ରାସ୍ତା ଉପରେ ଛଟପଟ ହୋଇ ନୂଆ ପ୍ରେମିକର ଜୀବନ ଚାଲିଗଲା। ହତ୍ୟା ପରେ ଗାର୍ଲଫ୍ରେଣ୍ଡଙ୍କ ସମେତ ଅନ୍ୟ ଜଣେ ଡ୍ରାଇଭର ଥାନାରେ ଅଟକ ରହିଛନ୍ତି। ପୁରୁଣା ପ୍ରେମିକ ଫେରାର୍ ଥିବାରୁ ପୁଲିସ ତାକୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ ଚଳାଇଛି। ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ▶ପୃଷ୍ଠା-୭


SIKSHA 'O' ANUSANDHAN
SAAT-2026
Empowering students for a brighter future
M.TECH PROGRAMMES
■ Structural Engineering
■ Electric Vehicle Technology
■ Machine Design and Robotics
■ Embedded System and VLSI Design
■ Computer Science and Engineering
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
A monthly stipend will be provided to M.Tech students for a maximum period of two academic years
To apply for admission through SAAT, Please visit: www.soa.ac.in


## ପଶ୍ଚିମୀ ରାଷ୍ଟ୍ରରେ 'ଏପ୍‌ଷ୍ଟିନ୍' ଝଡ଼

### ୧୦ଟି ଦେଶରେ ଇସ୍ତଫା ସୁଅ, ପଦ ଛାଡ଼ିପାରନ୍ତି ବ୍ରିଟେନ୍ ପ୍ରଧାନମନ୍ତ୍ରୀ

■ ନ୍ୟୁୟର୍କ/ନୂଆଦିଲ୍ଲୀ, ୯।୨(ଏଜେନ୍ସି): ଆମେରିକାର ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ ସହ ଜଡ଼ିତ ଗୁପ୍ତ ଦଲିଲ ସାମ୍ନାକୁ ଆସିବା ପରେ ସାରା ବିଶ୍ୱରେ ଚାଞ୍ଚଲ୍ୟ ଖେଳିଯାଇଛି। ଆମେରିକା ନ୍ୟାୟ ବିଭାଗ ୨୦୨୬ ଜାନୁଆରୀ ୩୦ରେ ପ୍ରାୟ ୩୦ ଲକ୍ଷ ପୃଷ୍ଠାର ଦଲିଲ ଜାରି କରିଛି। ଏହି ଫାଇଲ ବା ଦଲିଲ ସହିତ ଜଡ଼ିତ ୧୦ଟି ଦେଶର ୧୫ଟିରୁ ଅଧିକ ବଡ଼ ଅଧିକାରୀଙ୍କୁ ପଦ ଛାଡ଼ିବାକୁ ପଡ଼ିଛି ଓ ୮୦ରୁ ଅଧିକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ ଚାଲିଛି। ଏହି ଫାଇଲଗୁଡ଼ିକରେ ରାଜନେତା, ରାଷ୍ଟ୍ରଦୂତ, କୋଟିପତି ଓ ରାଜ ପରିବାରର ନାମ ସାମିଲ ରହିଛି। ଇମେଲ୍, ଫ୍ଲାଇଟ୍ ଲଗ୍ ଓ ସମ୍ପର୍କ ରେକର୍ଡରେ ୭୦୦ରୁ ୧୦୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମ ଉଲ୍ଲେଖ ରହିଛି। ଅନେକ ମାମଲାରେ ନାବାଳିକାଙ୍କୁ ଯୌନ ଶୋଷଣ ଅଭିଯୋଗ ମଧ୍ୟ ରହିଛି।



**ବିଶ୍ୱର ୮୦ ପ୍ରଭାବଶାଳୀଙ୍କ ବିରୋଧରେ ତଦନ୍ତ**

ଏହି ଖୁଲାସା ପରେ ୟୁରୋପରେ ଏପ୍‌ଷ୍ଟିନ ସୁନାମି ଦେଖିବାକୁ ମିଳିଛି। ପ୍ରାୟ ୧୦ଟି ଦେଶରେ ଇସ୍ତଫାର ପ୍ରକ୍ରିୟା ଆରମ୍ଭ ହୋଇଛି। ବ୍ରିଟେନରେ ସବୁଠାରୁ ଅଧିକ ୩ ଅଧିକାରୀ ପଦ ଛାଡ଼ିଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ପୂର୍ବତନ ରାଷ୍ଟ୍ରଦୂତ ପିଟର ମେଣ୍ଡେଲସନ, ପରାମର୍ଶଦାତା ଆଡମ ପେରି, ପ୍ରଧାନମନ୍ତ୍ରୀ କିର ଷ୍ଟାରମରଙ୍କ ଚିଫ୍ ଅଫ୍ ଷ୍ଟାଫ୍ ମୋର୍ଗାନ ମ୍ୟାକସୁଇନି। ସେହିପରି ସ୍ଲୋଭାକିଆ, ସ୍ୱିଡେନ, ନରୱେର ମଧ୍ୟ ବହୁ ଅଧିକାରୀ ପଦ ଛାଡ଼ିଛନ୍ତି। ଏହି ଫାଇଲଗୁଡ଼ିକ ଏବେ ଅନେକ ଦେଶ ପାଇଁ କୂଟନୈତିକ ଓ ରାଜନୈତିକ ଅପମାନର କାରଣ ସାଜିଛି। ବ୍ରିଟେନ ପୁଲିସ ରାଜକୁମାର ଆଣ୍ଡ୍ରୁଙ୍କ ବିରୋଧରେ ପୁଣି 'ପ୍ରେସ ରିଭ୍ୟୁ' ଆରମ୍ଭ କରିଛି। ▶ପୃଷ୍ଠା-୭

### ଗରଦପୁର ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ସଂସ୍କୃତି ଓ ପରମ୍ପରାର ରଙ୍ଗରେ ମତୁଆଲା ପାଟକୁରାବାସୀ

ଗରଦପୁର, ୯।୨(ସମିସ)



ଗରଦପୁର ତହସିଲ ପଡ଼ିଆରେ ଆୟୋଜିତ ଗରଦପୁର ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ସଂସ୍କୃତି ଓ ପରମ୍ପରାର ରଙ୍ଗ ପାଟକୁରାବାସୀଙ୍କୁ ମତୁଆଲା କରିଥିଲା। ଏହି ମହୋତ୍ସବ ମାଧ୍ୟମରେ ଅଞ୍ଚଳର ସାଂସ୍କୃତିକ ଐତିହ୍ୟର ପ୍ରଚାର ପ୍ରସାର ସହ ଯୁବ ଓ ମହିଳାଙ୍କୁ ଆତ୍ମନିର୍ଭର କରିବା ଉଦ୍ଦେଶ୍ୟ ରଖାଯାଇଥିବା ଅତିଥିମାନେ ମତ ପ୍ରକାଶ କରିଥିଲେ। ବରିଷ୍ଠ ବିଜେପି ନେତା ଗୋଲଖ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗରଦପୁର ଅଞ୍ଚଳର ସାଂସ୍କୃତିକ ଏକତା ଓ ସାମାଜିକ ସମ୍ପ୍ରତିକୁ ଏପରି ମହୋତ୍ସବ ଅଧିକ ସୁଦୃଢ଼ କରୁଥିବା କହିଥିଲେ। ଯୁବ ସମାଜ ଓ ମହିଳାମାନେ ଆତ୍ମନିର୍ଭର ହେଲେ ସମାଜ ଆଗକୁ ବଢ଼ିବ ଓ ଏପରି କାର୍ଯ୍ୟକ୍ରମ ତାହାର ପ୍ରେରଣା ଯୋଗାଇଥାଏ ବୋଲି କହିଥିଲେ। ମହୋତ୍ସବର ଆୟୋଜକ ତେଜେଶ୍ୱର ପରିଡା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୋନ ସଭାପତି ଚିତ୍ତରଞ୍ଜନ ଚୌଧୁରୀ, ସନ୍ତୋଷ ରାଉତରାୟ, ତେଣ୍ଡକୁଡ଼ା ସରପଞ୍ଚ ମାନସ ରାଉତ, ବିଜେପି ନେତା ଅଞ୍ଜନ ଦେବତା, ମହେଶ୍ୱର ସାମଲ, ବିଜେପି ଉପସଭାପତି ବିଜୟ ନାୟକ, ବିଜେପି ନେତା ପ୍ରସନ୍ନ ପଣ୍ଡା, ରାମନଗରପୁର ସରପଞ୍ଚ ନିର୍ମଳ ନାୟକ ଓ ବରିଷ୍ଠ ନେତା ସଂଗ୍ରାମ କେଶରୀ ବେହେରା ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ଆକର୍ଷଣ ଥିଲା ପ୍ରଖ୍ୟାତ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ଓ ତାଙ୍କ ଦଳଙ୍କ ସଙ୍ଗୀତ ଓ ନୃତ୍ୟ। ପାଟକୁରାବାସୀ ସଙ୍ଗୀତର ତାଳେ ତାଳେ ଝୁମିଉଠିଥିଲେ।

### ● ମହାକାଳପଡ଼ା ବ୍ଲକରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୬ଟି ଅଭିଯୋଗର ତତ୍କାଳ ସମାଧାନ



କେନ୍ଦ୍ରାପଡ଼ା/ମହାକାଳପଡ଼ା, ୯।୨(ସମିସ): ଜନସାଧାରଣଙ୍କ ସମସ୍ୟାର ଦ୍ରୁତ ସମାଧାନ ଓ ପ୍ରଶାସନକୁ ଲୋକଙ୍କ ନିକଟକୁ ନେବା ଲକ୍ଷ୍ୟରେ ସୋମବାର ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଅଞ୍ଚଳର ବହୁସଂଖ୍ୟକ ଲୋକ ଯୋଗଦେଇ ନିଜ ନିଜ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ଏହି ଶିବିରରେ ୬ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଛି। ଆଜି ଆୟୋଜିତ ଶିବିରରେ ୧୦୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିରେ ୮୮ଟି ବ୍ୟକ୍ତିଗତ ଓ ୧୯ଟି ସାମୂହିକ ଅଭିଯୋଗ ଥିଲା। ଏଥିମଧ୍ୟରୁ ୬ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏଥିସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣ ଲାଭାନ୍ୱିତଙ୍କୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲ୍ଲାପାଳ ରଘୁରାମ ଆର୍ ଆୟର ଅଭିଯୋଗର ସମୟୋପଯୋଗୀ ଓ ଯଥା ସମୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପୂର୍ବରୁ ଆୟୋଜିତ ଯୁକ୍ତ ଅଭିଯୋଗ ଶୁଣାଣି ଶିବିରରେ ପଞ୍ଜିକୃତ ଅଭିଯୋଗର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜୀମ୍ବର ମହାନ୍ତି, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ, ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ ବିଭାଗ) ସରୋଜ ବେହେରା, ମହାକାଳପଡ଼ା ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କ ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବଣ୍ଟନ



ମହାକାଳପଡ଼ା, ୯।୨(ସମିସ): ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ପରିପ୍ରେକ୍ଷୀରେ ନିକ୍ଷୟ ପୋଷଣ ଯୋଜନା ଅଧୀନରେ ନିକ୍ଷୟ ମିତ୍ର ଦ୍ୱାରା ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଆଜି ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆନ୍ ଫାରମର୍ସ ଫର୍ଟିଲାଇଜର କୋଅପରେଟିଭ୍ ଲିମିଟେଡ୍ (ଇଫକୋ), ପାରାଦ୍ୱୀପ ୟୁନିଟ୍ ସୌଜନ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟର, ମହାକାଳପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିରାରାଣୀ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମନୋରଞ୍ଜନ କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚିକିତ୍ସାଧୀନ ୪୦ ଜଣ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ ପ୍ରଦାନ କରିଥିଲେ। ଗୋଷ୍ଠୀ ଯକ୍ଷ୍ମା ପର୍ଯ୍ୟବେକ୍ଷିକା ପ୍ରିୟମ୍ବଦା ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିପିଏମ ପ୍ୟାରୀମୋହନ ନନ୍ଦ, ସନ୍ତୋଷ ରାଉତ ଓ ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ସହ ବିଭିନ୍ନ ପଞ୍ଚାୟତର ଆଶାକର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଜ୍ଞାନଜ୍ୟୋତି ଆର୍ଟ୍ସ ପଏଣ୍ଟରେ ବିଦାୟ ସମ୍ବର୍ଦ୍ଧନା



ମାର୍ଶାଘାଇ, ୯ ।୨(ସମିସ): ତହସିଲରୋଡସ୍ଥ ଜ୍ଞାନଜ୍ୟୋତି ଆର୍ଟ୍ସ ପଏଣ୍ଟ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଦ୍ୱାଦଶ ଶ୍ରେଣୀ କଳା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ସୁକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଦି ରୟାଲ ଗାଇଡ୍‌ର ଚେୟାରମ୍ୟାନ ଇଂ ଚିତ୍ତରଞ୍ଜନ ରଥ ମୁଖ୍ୟଅତିଥି, ଅଧ୍ୟାପକ ଡଃ ବିନୋଦ ରଥ ମୁଖ୍ୟବକ୍ତା, ଅଧ୍ୟାପକ ଅରଜିତ ମହାନ୍ତି, ଶିକ୍ଷକ ବିଭୂତି ଭୂଷଣ ଦାସ, ଲକ୍ଷ୍ମୀଧର ଲେଙ୍କା, ଅଧ୍ୟାପିକା ରାଜଲକ୍ଷ୍ମୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୀବନର ପ୍ରତିଟି କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କଲେ ତାହା ଦିନେ ଛାତ୍ରଛାତ୍ରୀଙ୍କୁ ପ୍ରତିଷ୍ଠା ଦେଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଦାୟୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ଦ୍ଦେଶକ ଅଧ୍ୟାପକ ଧୀରେନ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଛାତ୍ରୀ ହେନା ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଦର୍ଶ ସ୍ୱାଇଁ, ସରସ୍ୱତୀ ରାଉତ, ଅମ୍ରିତା ପ୍ରିୟଦର୍ଶିନୀ ଓଝା, ସମ୍ବିତ ବେହେରା, ସିଦ୍ଧାର୍ଥ ମହାପାତ୍ର, ଉଷାରାଣୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀ ରାନୀ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## ଲକ୍ଷ୍ମୀନାରାୟଣପୁର ହାଇସ୍କୁଲରୁ ଚୋରି

ଡେରାବିଶ, ୯।୨(ସମିସ): ଗତକାଲି ରାତିରେ ଡେରାବିଶ ଥାନା ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ପଞ୍ଚାୟତ ହାଇସ୍କୁଲ ପରିସରରେ ଥିବା ନଳକୂପକୁ କେହି ଦୁର୍ବୃତ୍ତ ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଦୁଇବର୍ଷ ପୂର୍ବେ ଉକ୍ତ ବିଦ୍ୟାଳୟର ଶ୍ରେଣୀ କକ୍ଷରେ ଥିବା କମ୍ପ୍ୟୁଟର ଓ ନିକଟରେ ଥିବା ଲକ୍ଷ୍ମୀନାରାୟଣପୁର ୟୁପି ସ୍କୁଲରୁ ଫ୍ୟାନ ଚୋରି ହୋଇଥିଲା। ସେହିପରି ଆଜି ଚାନ୍ଦୋଳ ହାଟରୁ ଜଣେ ଦୋକାନୀଙ୍କ ସାଇକଲ୍‌କୁ କେହି ଦୁର୍ବୃତ୍ତ ନେଇଯାଇଥିବା ଜଣାଯାଇଛି।

## ଦୋଳ ମେଳଣ ପାଇଁ ପ୍ରସ୍ତୁତି ବୈଠକ

ଡେରାବିଶ, ୯।୨(ସମିସ): ଚଳିତ ମାସ ଶେଷ ସପ୍ତାହରେ ଫଗୁଦୋଳ ଯାତ୍ରା ଆରମ୍ଭ ହେଉଛି। ଡେରାବିଶ ଅଧୀନ ଚାଟରାଚକଡ଼ା ପଞ୍ଚାୟତ, ଖମୋଳ ପଞ୍ଚାୟତ ଓ ଗୋଲରାହାଟ ପଞ୍ଚାୟତରେ ଅନୁଷ୍ଠିତ ହେଉଥିବା ମେଳଣ ବିଶେଷକରି ପ୍ରସିଦ୍ଧ ଓଳକଣା ମେଳଣକୁ ଯାଉଥିବା ବିମାନର ସେବକ ପ୍ରତିନିଧିଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ଆବାହକ ଠାକୁରବାଡ଼ି ସେବକ ପ୍ରତିନିଧି ଲକ୍ଷ୍ମୀକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୨୭ ତାରିଖରୁ ଆରମ୍ଭ ହେବାକୁ ଥିବା ବିଭିନ୍ନ ମେଳଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୭ରେ ହନୁଆଗଣ୍ଡ ମେଳଣ, ୨୮ରେ ଚାଟରା ମେଳଣ, ମାର୍ଚ୍ଚ ୧ରେ ରଜନଗର ମେଳଣ, ୨ରେ କସପା ମେଳଣ, ସମ୍ପର୍କରେ ଆଲୋଚନା କରାଯାଇଥିଲା। ମାର୍ଚ୍ଚ ୨ରେ ପ୍ରସିଦ୍ଧ ଓଳକଣା ମେଳଣ ଅନୁଷ୍ଠିତ ହେବ। ୩ ତାରିଖ ଦୋଳ ପୂର୍ଣ୍ଣିମା ତିଥିରେ ଚନ୍ଦ୍ର ଗ୍ରହଣ ଲାଗୁଥିବାରୁ ୨ ତାରିଖ ରାତି ୯ଟା ସୁଦ୍ଧା ମେଳଣକୁ ପୂର୍ବଦ୍ୱାର ଦେଇ ଯାଉଥିବା ସମସ୍ତ ବିମାନ କିପରି ପହଞ୍ଚିବେ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସେଥିପାଇଁ ୧ ତାରିଖରେ ଅନୁଷ୍ଠିତ ରାଜନଗର ମେଳଣ ସେହିଦିନ ସନ୍ଧ୍ୟା ୭ଟା ସୁଦ୍ଧା ସମ୍ପୂର୍ଣ୍ଣ କରି ଓଲଡ଼ି ମଠ ନିକଟରେ ଅନୁଷ୍ଠିତ କେଳା ପଡ଼ିଆ ମେଳଣରେ ସମସ୍ତ ବିମାନ ପହଞ୍ଚିବା ବିଷୟରେ ସ୍ଥିରୀକୃତ ହୋଇଥିଲା। ୧ ତାରିଖ ଭୋର ୪ଟା ସୁଦ୍ଧା ଏହି ମେଳଣ ସମ୍ପୂର୍ଣ୍ଣ କରି ୨ ତାରିଖରେ ଅନୁଷ୍ଠିତ କସପା ମେଳଣ ସନ୍ଧ୍ୟା ୭ଟା ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ସ୍ଥିର କରାଯାଇଥିଲା। ପରେ ୨ ତାରିଖ ରାତି ୯ଟା ସୁଦ୍ଧା ଓଳକଣା ମେଳଣ ପଡ଼ିଆରେ ପୂର୍ବ ଦାଣ୍ଡରେ ଯାଉଥିବା ବିମାନ ପହଞ୍ଚିବା ପାଇଁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସେବକ ପ୍ରତିନିଧି କ୍ଷୀରୋଦ ନାୟକ, ବସନ୍ତ କର, ପ୍ରଦୀପ୍ତ ମହାପାତ୍ର, ଅସିତ ଦାସ, ବିଶ୍ୱଜିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ଗୋଦାମ କାନ୍ଥ କଣା କରି ଲୁଟ୍

ରାଜନଗର, ୯।୨(ସମିସ): ରାଜନଗର ଥାନାଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ଗୋଦାମ ଘରର କାନ୍ଥ କଣା କରି ବିଭିନ୍ନ ସାମଗ୍ରୀ ଦୁର୍ବୃତ୍ତ ଲୁଟି ନେଇଛନ୍ତି। ରାଜନଗର ବଜାର ଉପରେ ରାଜନଗର ଗାଁର ବିଷ୍ଣୁ ସାହୁଙ୍କ ଷ୍ଟେସନାରୀ ଦୋକାନ ରହିଛି। ରାଜନଗର ହାଟ ଭିତରେ ତାଙ୍କର ଗୋଦାମ ଘର ରହିଛି। ଆଜି କିଛି ସାମଗ୍ରୀ ନେବାକୁ ଗୋଦାମ ଘର ଖୋଲିଲା ପରେ କାନ୍ଥ କଣା ହୋଇଥିବା ଦେଖିଥିଲେ। ସେ ପୁଲିସକୁ ଜଣାଇଥିଲେ। ରାଜନଗର ଥାନା ଏଏସଆଇ ଶିଶିର ସାହୁ ପହଞ୍ଚି ତଦନ୍ତ କରିଛନ୍ତି। କାନ୍ଥରେ ଦେଢ଼ ଫୁଟ ଚଉଡା ଓ ଏକ ଫୁଟ ଉଚ୍ଚତାର ଗାତ କରାଯାଇଛି। ସେହି କଣା ଦେଇ ଦୁର୍ବୃତ୍ତ ଗୋଦାମ ମଧ୍ୟକୁ ପଶିବା ସହିତ ବିଭିନ୍ନ ସାମଗ୍ରୀ ଲୁଟି ନେଇଛନ୍ତି।

### ● ବର୍ଷକର ସଂଘର୍ଷରେ ପଡ଼ିଲା ପୂର୍ଣ୍ଣଚ୍ଛେଦ

# ଜଗବନ୍ଧୁଙ୍କୁ ମିଳିଲା ଭିନ୍ନକ୍ଷମ ପ୍ରମାଣପତ୍ର



ମହାକାଳପଡ଼ା, ୯।୨(ସମିସ): ଦୀର୍ଘ ଏକବର୍ଷ ସଙ୍ଘର୍ଷର ଅନ୍ତ ଘଟିଛି। ଜଣେ ସମ୍ପୂର୍ଣ୍ଣ ମାନସିକ ବିକାରଗ୍ରସ୍ତ ଅର୍ଥାତ୍ ହାତ ଗୋଡ଼ ବନ୍ଧାହୋଇ ପଡ଼ି ରହୁଥିବା ୭୧ ବର୍ଷୀୟ ବୃଦ୍ଧ ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଥମେ ଆଧାର କାର୍ଡ ଓ ଏବେ ତାଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଛି। ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ବନ୍ଦପଡା (ଗୁହାଳକଣି) ଗ୍ରାମର ଜଗବନ୍ଧୁ ପଲାଇ ଜଣେ ମାନସିକ ବିକାରଗ୍ରସ୍ତ ବୃଦ୍ଧ ବ୍ୟକ୍ତି। ଦୀର୍ଘବର୍ଷ ଧରି ଜଗବନ୍ଧୁ ମାନସିକ ବିକାରଗ୍ରସ୍ତ ହୋଇ ଘରେ ପଡ଼ି ରହିଥିଲେ। ଆଧାର କାର୍ଡ ନ ଥିବାରୁ ରାସନ୍ କାର୍ଡରେ ନାମ ଥାଇ ମଧ୍ୟ ରାସନ୍ ଚାଉଳ ମିଳୁ ନ ଥିଲା। ଆଧାର ପାଇଁ ଭିନ୍ନକ୍ଷମ ପ୍ରମାଣପତ୍ର ଆବେଦନ ପାଇଁ ମଧ୍ୟ ସକ୍ଷମ ହୋଇପାରୁ ନ ଥିଲେ। ପରିବାର ଲୋକେ କେତେ ରାଜନେତା ଓ କୁଜି ନେତାଙ୍କ ଆଗରେ ଗୁହାରି କରିଥିଲେ ମଧ୍ୟ ତାଙ୍କ କଥାକୁ କେହି କର୍ଣ୍ଣପାତ କରି ନ ଥିଲେ। ଏ ଘଟଣା ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଜରିଆରେ ଲୋକଲୋଚନକୁ ଆସିବା ପରେ ଖବରକାଗଜରେ ପ୍ରକାଶ ପାଇଥିଲା। ଏହାପରେ ଆଧାର ଟିମ୍ ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ଆଧାର କାର୍ଡ ପଞ୍ଜୀକରଣ କରାଇଥିଲେ। ତାଙ୍କୁ ଆଧାର କାର୍ଡ ମିଳିବା ପରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସହଯୋଗରେ ସେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରୀକ୍ଷା କରାଯାଇ ଜଗବନ୍ଧୁଙ୍କୁ ୮୬ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

## ସିକୋ ପାକ୍ସରେ ଅବ୍ୟବସ୍ଥା ଅଭିଯୋଗ



ରାଜକନିକା, ୯।୨(ସମିସ): ରାଜକନିକା ବ୍ଲକ ସିକୋ ପାକ୍ସରେ ଚଳିତବର୍ଷ ଧାନ ସଂଗ୍ରହରେ ଅବ୍ୟବସ୍ଥା ଅଭିଯୋଗ ହୋଇଛି। ପ୍ରଥମତଃ ସିକୋ ପାକ୍ସରେ ଧାନ କିଣା ନ ଯାଇ କୋରନ୍ଦ ପାକ୍ସ ନିକଟରେ ଧାନ କିଣିବାରୁ ଚାଷୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ପାକ୍ସରେ ଚଳିତବର୍ଷ ୭୯ ଜଣ ଚାଷୀ ଧାନ ବିକିବାକୁ ପଞ୍ଜୀକରଣ କରିଥିବାବେଳେ ୭ ଶହ କ୍ୱିଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ମିଳିଛି। ତେବେ ସିକୋଠାରୁ ୩ କିମି ଦୂର ଅନ୍ୟଏକ ପାକ୍ସ ନିକଟରେ ଧାନ ସଂଗ୍ରହ ହେଉଥିବାରୁ ଚାଷୀ କେବେ କେଉଁ ମିଲରଙ୍କୁ କେତେବେଳେ ଧାନ ଦେବେ, ତାହା ଜାଣିପାରୁନାହାନ୍ତି। ପାକ୍ସକୁ ମିଳିଥିବା ଦୁଇଟି ପାଲ ବ୍ୟବହାର ହେଉ ନ ଥିବାରୁ ଚାଷୀ ନିଜ ନିଜର ଛିଣ୍ଡା ପାଲରେ ଧାନ ଘୋଡେଇ ରଖିଛନ୍ତି। ଫଳରେ ଷଣ୍ଢ ଉପଦ୍ରବରୁ ଧାନ ନଷ୍ଟ ହେଉଛି। ଏ ସମ୍ପର୍କରେ ପାକ୍ସ ସମ୍ପାଦକଙ୍କୁ ପଚାରିବାରୁ ଚାଷୀଙ୍କ ସହମତିରେ ସିକୋକୁ ମିଲରଙ୍କ ଟ୍ରକ ଯିବାରେ ଅସୁବିଧା ଥିବାରୁ ଆମେ କୋରନ୍ଦ ପାକ୍ସ ନିକଟରେ ୪ ବର୍ଷ ଧରି ଧାନ ସଂଗ୍ରହ କରୁଛୁ। ଆବଶ୍ୟକ ପାଲ ଚାଷୀଙ୍କୁ ଯୋଗାଇ ଦେଇଛୁ ବୋଲି କହିଛନ୍ତି।

## ପରାଗ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ




ଆଳି, ୯।୨(ସମିସ): ବର୍ତ୍ତମାନ ବିଶ୍ୱ ବୈଷୟିକ କ୍ଷେତ୍ରରେ ବ୍ୟାପକ ଉନ୍ନତି ହାସଲ କରିଥିଲେ ମଧ୍ୟ ବୌଦ୍ଧିକ କ୍ଷେତ୍ରରେ ସେ ପରିମାଣରେ ଉନ୍ନତି ହେଉ ନ ଥିବା ଚିନ୍ତାଜନକ ବୋଲି ଆଳିର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ "ପରାଗ' ସାହିତ୍ୟ ସଂସଦର ୪୪ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତ ପ୍ରକାଶ ପାଇଥିଲା। ସଭାପତି ଅଧ୍ୟାପକ ରମେଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ କହିଥିଲେ, ବୈଷୟିକ ବିକାଶ ସହ ସମାନୁପାତିକ ଭାବେ ବୌଦ୍ଧିକ ବିକାଶ ନ ଘଟିଲେ ସନ୍ତୁଳିତ ସମାଜ ଗଠନ ସମ୍ଭବ ନୁହେଁ। ମୁଖ୍ୟଅତିଥି ବରିଷ୍ଠ କବି ଡ. ଶ୍ରୀହରି ଧଳ କହିଥିଲେ, ବ୍ୟକ୍ତିକେନ୍ଦ୍ରିକ ମନୋଭାବ ବୃଦ୍ଧି ପାଇବା ଫଳରେ ପରିବାର ଓ ସମାଜରେ ସମନ୍ୱୟ ହ୍ରାସ ପାଉଛି। ସମ୍ମାନିତ ଅତିଥି ଭାବେ କବି ରାଜୀବ ପାଣି, ଉପସଭାପତି ଇଂ. ନିଳାଦ୍ରୀ ଭୂଷଣ ମହାପାତ୍ର ଯୋଗ ଦେଇଥିଲେ। ଏ ଅବସରରେ ବିଭିନ୍ନ ସାହିତ୍ୟିକଙ୍କୁ "ପରାଗ' ପକ୍ଷରୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନୀଳାମ୍ବର ପଣ୍ଡାଙ୍କ ନୀଳତରଙ୍ଗ ଓ ସନ୍ତୋଷିନୀ ଦାଶ ଗିରିଙ୍କ ଗୋଧୂଳି ସଞ୍ଜର ଗୀତ କବିତା ସଂକଳନ ଉନ୍ମୋଚନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ବରିଷ୍ଠ କବି ଅଶୋକ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୪୦ରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ।

## ଶାସନ ହରଗୌରୀ ବଜାର କମିଟିର ନିଶାମୁକ୍ତି ଅଭିଯାନ

ପଟ୍ଟାମୁଣ୍ଡାଇ, ୯।୨(ସମିସ): ଚଳିତ ବର୍ଷ ଶାସନ ହରଗୌରୀ ବଜାର ଶାନ୍ତି କମିଟି ପକ୍ଷରୁ ନିଶା ମୁକ୍ତି ଅଭିଯାନ ଆରମ୍ଭ ହୋଇଛି। ବଜାର କମିଟି ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧିକାରୀ ଶ୍ରୀକାନ୍ତ ବାରିକ ଯୋଗଦେଇ ଏକ ମନ ନେଇ କାର୍ଯ୍ୟ କଲେ ସମାଜରେ ଶୃଙ୍ଖଳା ରହିବା ସହିତ ପଞ୍ଚାୟତକୁ ନିଶାମୁକ୍ତି କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତ୍ୟେକ ଦିନ ପଞ୍ଚାୟତକୁ ପ୍ୟାଟ୍ରୋଲିଂ ଭ୍ୟାନ୍ ପଠାଇବା ସହିତ ଆବଶ୍ୟକ ସ୍ଥଳେ ପୁଲିସ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବଜାର କମିଟି ସଭାପତି ତୀର୍ଥ ପରିଡା, ହରେକୃଷ୍ଣ ଦାସ, ବଜାର କମିଟିର ମୁଖ୍ୟ ଉପଦେଷ୍ଟା ପଞ୍ଚାନନ ଧଳ ଉପସ୍ଥିତ ଜନତାଙ୍କୁ ନିଶା ମୁକ୍ତ ଓ ଶୃଙ୍ଖଳିତ ସମାଜ ଗଠନ ପାଇଁ ମାର୍ଗଦର୍ଶନ କରିଥିଲେ। ଉପସଭାପତି ଅର୍ଜୁନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ଶରଣ ମଲିକ, ସହସମ୍ପାଦକ ରବୀନ୍ଦ୍ର କର, କୋଷାଧ୍ୟକ୍ଷ ସରୋଜ ପରିଡା ଓ ବଜାର କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ, ୯।୨(ସମିସ): ପ୍ରାଥମିକ ଶିକ୍ଷା ପ୍ରତ୍ୟେକ ପିଲାଙ୍କ ଜୀବନର ମୂଳଦୁଆ ହୋଇଥିବାରୁ ପିଲାଙ୍କୁ ଭଲ ମଣିଷ କରି ଗଢି ତୋଳିବାକୁ ଶିକ୍ଷକ ଓ ଅଭିଭାବକ ପ୍ରାଥମିକ ଶିକ୍ଷା ସ୍ତରରୁ ପିଲାଙ୍କ ପାଠପଢା ପ୍ରତି ସଜାଗ ରହିଲେ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବା ସହିତ ଜୀବନର ସବୁ କ୍ଷେତ୍ରରେ ସଫଳ ହୋଇ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ବୋଲି ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପେଣ୍ଠପାଳ ପଞ୍ଚାୟତ କୋଳଥିଆ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ପ୍ରଧାନଶିକ୍ଷକ ଅରୂପାନନ୍ଦ ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ଅତିଥିମାନେ ପ୍ରକାଶ କରିଛନ୍ତି। ଶିକ୍ଷକ ନେତା ପ୍ରେମାନନ୍ଦ ଜୀବନ ଦାଶଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଶିକ୍ଷାଧିକାରୀ ଭ୍ରମରବର ବିଶ୍ୱାଳ ମୁଖ୍ୟଅତିଥି, କଷଣଅଣ୍ଟା ହାଇସ୍କୁଲ ପ୍ରାକ୍ତନ ପ୍ରଧାନଶିକ୍ଷକ କବି ସଚିତ୍ର ବେହୁରା ମୁଖ୍ୟବକ୍ତା, ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ବିଆରସିସି ପ୍ରଦୀପ ସାମନ୍ତରାୟ, ପ୍ରାକ୍ତନ ସହକାରୀ ଶିକ୍ଷାଧିକାରୀ ଚନ୍ଦ୍ରଭାନୁ ମଲ୍ଲିକ, ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ପୂର୍ବତନ ସହକାରୀ ଶିକ୍ଷାଧିକାରୀ ସନାତନ ତରାଇ, ଅଣ୍ଟରା କ୍ଲଷ୍ଟର ସିଆରସିସି ମନୋଜ ସେଠୀ, ପେଣ୍ଠପାଳ ସମିତି ସଭ୍ୟ ଶଶାଙ୍କ ବିଶ୍ୱାଳ, ସମବାୟ ସମିତି ସଭାପତି ଧନେଶ୍ୱର ପ୍ରଧାନ, ସ୍କୁଲ ପରିଚାଳନା କମିଟି ସଭାପତି ବାବୁରାମ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ଅରୂପାନନ୍ଦ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ନେତା ଅମୀର ସେଠୀ, ମଧୁଛନ୍ଦା ନାଥଶର୍ମା, ସୁକାନ୍ତୀ ନାଥଶର୍ମା ପ୍ରମୁଖ ଯୋଗ ଦେଇଥିଲେ। କୋଳଥିଆ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଅର୍ଚ୍ଚନା ସାମଲ ସ୍ୱାଗତ ଭାଷଣ ଓ ବିଚିତ୍ରାନନ୍ଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ନେତା ଚନ୍ଦନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଶିଶୁ ରୋଗ ବିଶେଷଜ୍ଞ ଭାସ୍କର ନାୟକ ସମ୍ବର୍ଦ୍ଧିତ



ଡେରାବିଶ, ୯।୨(ସମିସ): ବିଶ୍ୱ କର୍କଟ ଦିବସ ଅବସରରେ ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଭାସ୍କର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପି.ଏଲ. କ୍ୟାନସର ଫାଉଣ୍ଡେସନ୍ ପକ୍ଷରୁ କଟକରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ, ହାଇକୋର୍ଟର ପୂର୍ବତନ ବିଚାରପତି ଏସ୍. ନାଇଡୁ ଅତିଥି ଭାବେ ଯୋଗଦେଇ ଡାକ୍ତର ଶ୍ରୀ ନାୟକଙ୍କୁ ତୁଳସୀ ବୃକ୍ଷ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

## ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଯୋଗଦାନ

ରାଜନଗର, ୯।୨(ସମିସ): ରାଜନଗର ତଟବନ୍ଧ ସବଡିଭିଜନରେ ନୂତନ ଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସଞ୍ଜୟ ଶତପଥୀ ଯୋଗଦେଇଛନ୍ତି। ସେ ପୂର୍ବରୁ ତଟବନ୍ଧ କେନ୍ଦ୍ରାପଡ଼ା ଡିଭିଜନରେ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ପାଇବା ପରେ ସୋମବାର ଦିନ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ଇଂ ଶତପଥୀ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ଗୁପ୍ତି ସେକ୍ସନର ସହକାରୀ ଯନ୍ତ୍ରୀ ଇଂ ରବୀନ୍ଦ୍ର ସାମଲ, ରାଜନଗର ସେକ୍ସନର କନିଷ୍ଠ ଯନ୍ତ୍ରୀ ନିତ୍ୟାନନ୍ଦ ମଲ୍ଲ, ତାଲଚୁଆ ସେକ୍ସନର କନିଷ୍ଠ ଯନ୍ତ୍ରୀ ଇଂ ଆଶିଷ ଜେନା, କ୍ୟାସିୟର ସୌମ୍ୟରଞ୍ଜନ ପଣ୍ଡାଙ୍କ ସହ ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## କଷଣଅଣ୍ଟା ସବ୍‌ଡିଭିଜନ ହସ୍ପିଟାଲ ଷ୍ଟାଫ୍ କ୍ୱାର୍ଟରର ଶିଳାନ୍ୟାସ

ପଟ୍ଟାମୁଣ୍ଡାଇ, ୯।୨(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଟାଠାରେ ପ୍ରାୟ ୫୮ କୋଟି ଟଙ୍କା ବ୍ୟୟରେ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ଗୃହ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି।



ଏହି ହସ୍ପିଟାଲରେ ନିଯୁକ୍ତି ପାଇବାକୁ ଥିବା ଡାକ୍ତର ଓ କର୍ମଚାରୀଙ୍କ କ୍ୱାର୍ଟର ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରାୟ ୧୨ କୋଟି ଟଙ୍କା ବ୍ୟୟ ଅଟକଳରେ ୩୦ଟି ହସ୍ପିଟାଲ ଷ୍ଟାଫ କ୍ୱାର୍ଟର ନିର୍ମାଣ ପାଇଁ ଶିଳାନ୍ୟାସ କରି ଏହି ସବଡିଭିଜନ ହସ୍ପିଟାଲ ପଟ୍ଟାମୁଣ୍ଡାଇ, ଆଳି, ରାଜନଗର ଓ ରାଜକନିକା ଅଞ୍ଚଳବାସୀଙ୍କୁ ଉତ୍ତମ ଓ ଗୁଣାତ୍ମକ ସେବା ଯୋଗାଇପାରିବ ବୋଲି ଆଶା ପ୍ରକାଶ କରିଛନ୍ତି। ଏହି ଶିଳାନ୍ୟାସ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ଜିଲ୍ଲା ବିଜେଡି ଉପସଭାପତି ଶ୍ରୀକାନ୍ତ ରାଉତ, ବ୍ଲକ୍ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ, କାଉନସିଲର ପ୍ରଶାନ୍ତ ବାରିକ, ମଧୁସ୍ମିତା ମଲିକ, ସୁଧାମୟ ମଲିକ, ସନ୍ତୋଷ ଦାସ, ମୃତ୍ୟୁଞ୍ଜୟ ପାଢ଼ୀ, ସୁବାସ ମଲିକ, ସମାଜସେବୀ ସୁଶାନ୍ତ ପଣ୍ଡା, ବରିଷ୍ଠ ନେତା ଲଲାଟେନ୍ଦୁ ସ୍ୱାଇଁ, ପୂର୍ବତନ ପୌର ଉପାଧ୍ୟକ୍ଷ ସୁମନ୍ତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଜଗନ୍ନାଥପୁରରେ ପିଇବା ପାଣି ସମସ୍ୟା

# ନଳକୂପ ପାଖରେ ମହିଳାଙ୍କ ଲମ୍ବା ଧାଡ଼ି

ପଞ୍ଚୁପାଣ୍ଡବ, ୯।୨(ସମିସ)



ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ପାନୀୟଜଳ ସମସ୍ୟାକୁ ନେଇ ସାତଦିନ ଧରି ଲୋକେ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ଜଗନ୍ନାଥପୁର ଗ୍ରାମର ଦୁଇଟି ୱାର୍ଡ ଥିବାବେଳେ ପ୍ରାୟ ୫ ଶହରୁ ଅଧିକ ଲୋକ ପାନୀୟଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ଫଳରେ ନଳକୂପ ନିକଟରେ ମହିଳାଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି।

୨୦୨୨ରେ ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଣ ନିମନ୍ତେ ଏହି ଜଳଉତ୍ସ ସହିତ ଓଭରହେଡ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। ପ୍ରାୟ ୧ କୋଟି ୪୫ ଲକ୍ଷ ୯୯ ହଜାର ଟଙ୍କା ତତ୍କାଳୀନ ସମୟରେ ବ୍ୟୟ କରାଯାଇଥିଲେ ମଧ୍ୟ ତାହା କାମରେ ଲାଗୁନାହିଁ। ପାନୀୟ ଜଳ ସଂଗ୍ରହ ପାଇଁ ପ୍ରତ୍ୟେକ ଦିନ ଜଗନ୍ନାଥପୁର ଗ୍ରାମବାସୀ ଗୋଟିଏ ଗଭୀର ନଳକୂପ ନିକଟରେ ଲମ୍ବା ଲାଇନ୍ ଲଗାଇଥିବା ଦେଖିବାକୁ ମିଳିଛି। କେତେକ ଲୋକ ଦୂରଦୁରାନ୍ତକୁ ପାଣି ପାଇଁ ଯିବାକୁ ପଡୁଥିବାରୁ ଏହି ସମସ୍ୟା ସମ୍ପର୍କରେ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ବହୁବାର ଅବଗତ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାଶଙ୍କୁ ପଚାରିବାରୁ ଏହି ଜଳଉତ୍ସର ଜଳସ୍ତର ହଠାତ୍ ତଳକୁ ଖସିଯିବା ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ସ୍ଥାନୀୟ ସରପଞ୍ଚ ବିଳାନାସି ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଆଜକୁ ପ୍ରାୟ ସପ୍ତାହେ ହେବ ପାଣି ବନ୍ଦ ହୋଇଥିବାବେଳେ ଆମେ ଏକ ଅଟୋରେ ଦୁଇ ହଜାର ଲିଟରର ଟ୍ୟାଙ୍କର ଦ୍ୱାରା ଗ୍ରାମରେ ପାଣି ଯୋଗାଉଛୁ। ଏହାର ତଦନ୍ତ କରାଯାଇ ଗ୍ରାମବାସୀଙ୍କୁ ପାଣି ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଭଦ୍ରକର ପ୍ରାଚୀନ ଶକ୍ତିପୀଠ ମା' କୋଟିଳା ନାୟକାଣୀଙ୍କ ମନ୍ଦିର

# ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି

ଅସୁରାଳି, ୯।୨ (ସମିସ): ଧାମନଗର ବ୍ଲକ୍, ନଦୀଗାଁ ପଞ୍ଚାୟତ ତିନିଘରିଆ ଗ୍ରାମ ନିକଟରେ ଅବସ୍ଥିତ ମା' କୋଟିଳା ନାୟକାଣୀଙ୍କ ପୀଠ। ପ୍ରାୟ ୨୦୦ ବର୍ଷରୁ ଅଧିକ ସମୟ ଧରି ଭକ୍ତମାନଙ୍କର ଆସ୍ଥାର କେନ୍ଦ୍ରବିନ୍ଦୁ ହୋଇ ରହିଛି। କିମ୍ବଦନ୍ତୀ ଅନୁସାରେ, ୧୮୬୬ ମସିହାରେ ନଦୀଗାଁର ଜମିଦାର ସ୍ୱର୍ଗତ କୃଷ୍ଣଚନ୍ଦ୍ର ରାଏମହାପାତ୍ରଙ୍କ ପୁତ୍ର ବୃନ୍ଦାବନ ଚନ୍ଦ୍ର ହରିଚନ୍ଦନ ରାଏମହାପାତ୍ର ପ୍ରଜାଙ୍କ ଜଳକଷ୍ଟ ଦୂର ପାଇଁ ନଦୀ ଖନନ କରାଇଥିଲେ। ସେତେବେଳେ କୋଟିଳା ବୃକ୍ଷ ମୂଳରେ ପୂଜା ପାଉଥିବା ଗ୍ରାମଦେବୀଙ୍କୁ 'କୋଟିଳା ନାୟକାଣୀ' ନାମରେ ପରିଚିତ କରାଯାଇଥିଲା। ଏହି ନାମାନୁସାରେ ଖୋଦା ନଦୀକୁ 'କୋଟିଳା ନଦୀ' ବୋଲି ନାମକରଣ କରାଯାଇଥିଲା। ମା'ଙ୍କ ପୀଠରେ ପ୍ରତି ପୂର୍ଣ୍ଣିମା, ସଂକ୍ରାନ୍ତିରେ



ବିଶେଷ ପୂଜା ହୁଏ। ବିଷୁବ ସଂକ୍ରାନ୍ତିରେ ବଡ଼ ପର୍ବ ପାଳନ ହୋଇ ବିଶ୍ୱଶାନ୍ତି ମହାଯଜ୍ଞ, ଭଜନ, କୀର୍ତ୍ତନ, ପ୍ରବଚନ ଆଦିରେ ସହସ୍ରାଧିକ ଭକ୍ତଙ୍କ ସମାଗମ ହୁଏ। ଶୀତକାଳରେ ପର୍ଯ୍ୟଟକମାନେ ବଣଭୋଜି ପାଇଁ ଏଠାରେ ଭିଡ଼ କରନ୍ତି।

ଭକ୍ତମାନଙ୍କ ବିଶ୍ୱାସ ଅନୁସାରେ ମା'ଙ୍କୁ ଡାକିଲେ ମନସ୍କାମନା ପୂରଣ ହୁଏ। ସ୍ଥାନୀୟ ଶିକ୍ଷକ, ସରପଞ୍ଚ, ସମିତିସଭ୍ୟ ଓ ସାହିତ୍ୟିକମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି ଯେ, ଏହି ପ୍ରାଚୀନ ଶକ୍ତିପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଉ।

ସେହିପରି ପ୍ରଫେସର ଡ. ରାମଚନ୍ଦ୍ର ପଣ୍ଡା, ବାଣୀକବି ଦୟାନିଧି ମିଶ୍ର, ଅଧ୍ୟାପକ ବିଜୟ କୁମାର ଦାଶ, ସରପଞ୍ଚ ଝରଣା ମାଝୀ, ସରପଞ୍ଚ ଅଜୟ କୁମାର ମଲ୍ଲିକ, ସମିତିସଭ୍ୟ ବିଦ୍ୟାଧର ରାଉତ ପ୍ରମୁଖ ଉକ୍ତ ପୀଠକୁ ଅବହେଳା କରା ନ ଯାଉ, ଏଥିପ୍ରତି ସରକାର ବିଚାର କରିବା ଉଚିତ୍, ମା'ଙ୍କ ପୀଠ ଓଡ଼ିଶା ମାନଚିତ୍ରରେ ସ୍ଥାନ ପାଇବା ଉଚିତ୍ ତଥା ପର୍ଯ୍ୟଟନସ୍ଥଳୀର ମାନ୍ୟତା ଉଦ୍ୟମ ପାଇଁ ମନ୍ତ୍ରୀଙ୍କ ନିକଟରେ ଦାବି ରଖାଯାଇଛି ବୋଲି କହିଛନ୍ତି। ଆଗାମୀ ଦିନରେ ସରକାର ଏହି ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇ ଭଦ୍ରକ ଜିଲ୍ଲାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରିଚୟକୁ ଆଗକୁ ନେବେ ବୋଲି ବିଶ୍ୱାସ ରହିଛି। ମା' କୋଟିଳା ନାୟକାଣୀ ଭଦ୍ରକର ଏକ ଅବହେଳିତ ଶକ୍ତିପୀଠ ଭାବେ ଜଣାପଡ଼ିଛି। ପର୍ଯ୍ୟଟନ ମାନଚିତ୍ରରେ ଏହାକୁ ସ୍ଥାନ ଦେବା ପାଇଁ ଦାବି କରାଯାଇଛି।

'ସକାଳ' ପ୍ରଭାବ

# ବଣ୍ଟୁଆଙ୍କୁ ଆବାସ ପାଇଁ ପ୍ରସ୍ତୁତି ଆରମ୍ଭ

ବନ୍ତ/ଆଗରପଡ଼ା, ୯।୨(ସମିସ): ଗତ ଜାନୁଆରୀ ୮ ତାରିଖ 'ଅଧିକାରୀଙ୍କ ପ୍ରତିଶ୍ରୁତି ପାଣିର ଗାର; ପ୍ରଧାନମନ୍ତ୍ରୀ ଆବାସରୁ ବଞ୍ଚିତ ବଣ୍ଟୁଆ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଉକ୍ତ ଖବରକୁ ସୂଚନା ଅଧିକାର କର୍ମୀ ବିକାଶ ଧଳ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁସାରେ ଇତି ମଧ୍ୟରେ ବ୍ଲକ୍ ପ୍ରଶାସନ ପକ୍ଷରୁ ବଣ୍ଟୁଆଙ୍କୁ ଆବାସ ପ୍ରଦାନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାପଡ଼ିଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଗୋପିନାଥପୁର ପଞ୍ଚାୟତ ଅନ୍ତର୍ଗତ ତାଜିପୁର ଗ୍ରାମ ଆଦିବାସୀ ସାହିରେ ବସବାସ କରୁଥିବା ବଣ୍ଟୁଆ ମୁଣ୍ଡା ଆବାସ ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ବ୍ଲକ୍ ପ୍ରଶାସନର ଅବହେଳାରୁ ତାଙ୍କ ନାମ ତାଲିକାରୁ କଟିଯାଇଥିଲା। ପରେ ଏ ନେଇ ଅଭିଯୋଗ ହେବାରୁ ୨୦୨୪ ମେ' ମାସରେ ତାଙ୍କ ନାମକୁ ହିତାଧିକାରୀ ତାଲିକାରେ ଯୋଡ଼ିବାକୁ ବ୍ଲକ୍ ପ୍ରଶାସନ ପକ୍ଷରୁ ଅନୁରୋଧ କରିଥିବା ଜନ ସୂଚନା ଅଧିକାର



ଆଇନ ବଳରେ ମିଳିଥିବା ସୂଚନାରୁ ଜଣାପଡ଼ିଥିଲା।

ବଣ୍ଟୁଆ ଜଣେ ଜନଜାତି ସମ୍ପ୍ରଦାୟର ବ୍ୟକ୍ତି ହେବା ସହ ଅତ୍ୟନ୍ତ ଗରିବ ଶ୍ରେଣୀୟ ଅଟନ୍ତି। ୩ପୁଅ ଓ ସ୍ତ୍ରୀଙ୍କୁ ନେଇ ତାଙ୍କ ସଂସାର। ସେ ଦିନମଜୁରିଆ ହିସାବରେ କାର୍ଯ୍ୟକରି ସେଥିରେ ତାଙ୍କ ପରିବାର ଚଳାଉଥା'ନ୍ତି। ପ୍ରତିଦିନ ଦୁଇମୁଠା ପେଟପୂରା ଦାନା ମିଳିବା ତାଙ୍କ ପରିବାରପକ୍ଷେ ସମ୍ଭବପର ହୋଇପାରେ ନାହିଁ। ନୂଆଣିଆ ଚାଳଘରକୁ ପ୍ରତିବର୍ଷ ଛାଉଣି କରିପାରୁ ନ ଥିବାରୁ ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର କିରଣ ଘର ଭିତରକୁ ପଡ଼ିଥାଏ। ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ପଲିଥିନ ଖଣ୍ଡମାନ ଛପର ସାରା ଭର୍ତ୍ତି। ରାସନ କାର୍ଡ ମାଧ୍ୟମରେ କେବଳ ସରକାରୀ ସହାୟତା ତାଙ୍କ ପାଇଁ ସୀମିତ। ସେ ଆବାସଟିଏ ପାଇବା ପାଇଁ ବ୍ଲକ୍‌କୁ ଦୌଡ଼ିଦୌଡ଼ି ନୟାନ୍ତ ହେବା ସତ୍ତ୍ୱେ ଏହା ତାଙ୍କ ଭାଗ୍ୟରେ ଆଜିଯାଏ ଜୁଟିପାରି ନାହିଁ। ଅପରପକ୍ଷରେ ଶ୍ରୀ ଧଳ ଉକ୍ତ ସମସ୍ୟାକୁ ନେଇ ରାଜ୍ୟ ମାନବାଧିକାର ଆୟୁକ୍ତଙ୍କଠାରେ ଅଭିଯୋଗ କରିବା ପରେ ଅଭିଯୋଗକୁ ଗ୍ରହଣ କରି ରାଜ୍ୟ ମାନବାଧିକାର ଆୟୁକ୍ତ ଉକ୍ତ ଘଟଣାକୁ ତଦନ୍ତ ପରିସରଭୁକ୍ତ ମଧ୍ୟ କରିଛନ୍ତି। ତେଣୁ ଅଧିକାରୀ ଦେଇଥିବା ପ୍ରତିଶ୍ରୁତିକୁ ଯଥାଶୀଘ୍ର ପାଳନ କରିବା ପୂର୍ବକ ବଣ୍ଟୁଆଙ୍କୁ ଆବାସ ପାଇବାର ସୁବନ୍ଦୋବସ୍ତ କରିବା ପାଇଁ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା।

## ଭୈରବପୁର ଛକରେ ଜଳିଗଲା ବାଇକ୍

ବାସୁଦେବପୁର, ୯।୨(ସମିସ): ରାସ୍ତାଘାଟରେ ଇଭି ବାଇକ୍ ଜଳିଯିବାର ଦେଖିବାକୁ ମିଳିଥିଲା। ହେଲେ ଏବେ ଜଳିଗଲା କଳା ପଲ୍‌ସର। ଅଳ୍ପକେ ବର୍ତ୍ତିଗଲେ ବାପ-ପୁଅ। କିଛି ଜାଣିବା ଆଗରୁ ଆଖି ଆଗରେ ଜଳିଗଲା ପଲ୍‌ସର ବାଇକ୍। ଏମିତି ଘଟଣା



ଘଟିଛି ବାସୁଦେବପୁର ପୌରପାଳିକାର ଭୈରବପୁର ଛକରେ। ବାସୁଦେବପୁର ପୌରପାଳିକାର ରାଧାନାଥପୁର ଆଡ଼ିଆ ଯୁବରାଜ ମାଇତି ଓ ପୁଅ ରଣଜିତ୍ ମାଇତି କଳା ପଲ୍‌ସର ବାଇକ୍‌ରେ ଯାଉଥିଲେ। ଭୈରବପୁର ଛକରେ ଏକ ଦୋକାନରୁ ଖୁଚୁରା ପେଟ୍ରୋଲ ପକାଇଥିଲେ। ବାଇକ୍‌ରେ ବସି ସେଲ୍ଫ ଷ୍ଟାର୍ଟ ମାରୁଥିବାବେଳେ ହଠାତ୍ ବାଇକ୍‌ରେ ନିଆଁ ଲାଗିଗଲା। ବାଇକ୍‌ରୁ ଡେଇଁ ପଡ଼ି ଅଳ୍ପକେ ବାପ ଓ ପୁଅ ବର୍ତ୍ତିଗଲେ। ଆଖି ଆଗରେ ହୁତୁହୁତୁ ହୋଇ ବାଇକ୍‌ଟି ଜଳିଗଲା। ଅଗ୍ନିକାଣ୍ଡର ସଠିକ୍ କାରଣ ଜଣାପଡ଼ିନାହିଁ। ବାଟରେ ବେଆଇନ ଭାବେ ପେଟ୍ରୋଲ ରଖିବାକୁ କିଏ ଅନୁମତି ଦେଇଥିଲା। ପୁଲିସ ଏହି ବାଟ ଦେଇ ଯାଉଥିଲେ ମଧ୍ୟ ରାସ୍ତା ପାଖରେ କାହିଁକି ବିକ୍ରିକୁ ବନ୍ଦ କରାଗଲା ନାହିଁ। ପେଟ୍ରୋଲ କିଛି ଅପମିଶ୍ରିତ ହୋଇଥିଲା କି। ଘଟଣାର ତଦନ୍ତ କଲେ ଦୁର୍ଘଟଣାର କାରଣ ଜଣାପଡ଼ିବ।

● ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଇଲେଭେନ୍ ଷ୍ଟାର୍ ଯାଜପୁର ଚାମ୍ପିଅନ



ଦୋବଲ, ୯।୨(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଦଲାଙ୍ଗ ପଞ୍ଚାୟତ ଜାହାଙ୍ଗୀର ବଜାରସ୍ଥିତ କାଳୀ ପଡ଼ିଆରେ ମା' ଶ୍ୟାମାକାଳୀ ୟୁଥ୍ କ୍ଲବ୍ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ପାରାଦୀପ କ୍ରିକେଟ୍ କ୍ଲବ୍ ଓ ଇଲେଭେନ୍ ଷ୍ଟାର ଯାଜପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଲେଭେନ୍ ଷ୍ଟାର ଯାଜପୁର ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ପାରାଦୀପ ଦଳ ୧୭.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୭ ରନ୍ କରିଥିଲା। ଜବାବରେ ଇଲେଭେନ୍ ଷ୍ଟାର୍ ଯାଜପୁର ୧୩.୪ ଓଭରରେ ୪ଟି ୱିକେଟ୍ ହରାଇ ୧୦୮ ରନ୍ ସଂଗ୍ରହ କରି ଫାଇନାଲ୍ ମ୍ୟାଚ୍‌ରେ ବିଜୟ ହାସଲ କରି ଚାମ୍ପିଅନ ହୋଇଥିଲା। ଏହି ମ୍ୟାଚ୍‌ର ଅମ୍ପାୟାର ଭାବେ ସନ୍ୟାସୀ ନାୟକ ଓ ପିନାକୀ ସାହୁ ପରିଚାଳନା କରିଥିବାବେଳେ ସ୍କୋରର୍ ଦାୟିତ୍ୱ ନେଇଥିଲେ ଚିତ୍ତରଞ୍ଜନ ପଣ୍ଡା ଓ ସୂର୍ଯ୍ୟକାନ୍ତ ଘଡ଼ାଇ। ଧାରାବିବରଣୀ ଦେଇଥିଲେ ଶୁଶାନ୍ତ ଦାଶ, ବିଶ୍ୱଜିତ୍ ପାଢ଼ୀ ଓ ରାଧେଶ୍ୟାମ ଜେନା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଲୋକପ୍ରିୟ ଯାତ୍ରା ଅଭିନେତା ଗୌର ଦାସ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ଇନ୍ଦୁପୁରକୁ ହରାଇ ଇଲେଭେନ ଷ୍ଟାର୍ ଚାମ୍ପିଅନ

ବାରିକପୁର, ୯।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ୍ ମେଡିକାଲ ପଡ଼ିଆଠାରେ ମହାବୀର କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଶକୁନ୍ତଳା ଲେଙ୍କା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଜେଏସି ଇନ୍ଦୁପୁରକୁ ହରାଇ ଇଲେଭେନ ଷ୍ଟାର୍ ଯାଜପୁର ଚାମ୍ପିଅନ ହୋଇଛି। ଇଲେଭେନ ଷ୍ଟାର୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ୱିକେଟ ହରାଇ ୧୪୬ ରନ୍ ସଂଗ୍ରହ



କରିଥିଲା। ଜବାବରେ ଇନ୍ଦୁପୁର ୧୬.୪ ଓଭରରେ ସମସ୍ତ ୱିକେଟ ହରାଇ ୯୧ ରନ୍ କରିବାରେ ସକ୍ଷମ ହୋଇଥିଲା। କାଳନ୍ଦୀ ପଣ୍ଡା ଓ ସତ୍ୟବ୍ରତ ଜେନା ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବାବେଳେ ଚିନ୍ମୟୀ ସେନାପତି ରେଫରୀ ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସଂଘମିତ୍ରା ପଣ୍ଡା, ବ୍ଲକ୍ କଂଗ୍ରେସ ସଭାପତି ଅଜୟ ସାହୁ, ଶରତ ଚନ୍ଦ୍ର ଦାସ, ସୁଜାତା ଜେନା, କ୍ଲବ୍‌ର ସଭାପତି ଗୋପୀନାଥ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ନାଆମୀ ସମବାୟ ସମିତି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

### ଅଧାରୁ ରାସ୍ତା କାମ ଛାଡ଼ି ଚାଲିଗଲେ ଠିକାଦାର

## ବାରମ୍ବାର ଅଭିଯୋଗ ପରେ ବି କନିଷ୍ଠ ଯନ୍ତ୍ରୀ ଚୁପ୍

ଭଣ୍ଡାରିପୋଖରୀ, ୯।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ୧ କିଲୋମିଟର ଦୂରତା ମଧ୍ୟରେ ବୟାବନାପର ଗ୍ରାମ ପଞ୍ଚାୟତର ଚାନ୍ଦ୍ରଭାନୁପୁର ଗ୍ରାମର ପିତଗଡ଼ିଆ ରାସ୍ତା କାମ ନିମ୍ନମାନର ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଠିକାଦାର ନିମ୍ନମାନର କାମ କରିବା ଏବଂ ଅଧାରୁ କାମ ଛାଡ଼ି ଚାଲିଯିବା ଏ ସବୁ ସମସ୍ୟା ବାବଦରେ କନିଷ୍ଠ ଯନ୍ତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କୁ ଗ୍ରାମବାସୀମାନେ ଜଣାଇଥିଲେ ମଧ୍ୟ ସେ ଶୁଣି ନ ଶୁଣିଲା ପରି କାର୍ଯ୍ୟ କରୁଛନ୍ତି। କିନ୍ତୁ ଏତିକିରେ ଗ୍ରାମବାସୀମାନଙ୍କର ଦୁଃଖ ସରି ନ ଥିଲା। ପରେ ବ୍ଲକ୍ କାର୍ଯ୍ୟାଳୟରେ ଭଣ୍ଡାରିପୋଖରୀ ବିଧାୟକ ସମସ୍ତ କର୍ମଚାରୀଙ୍କୁ ନେଇ କାର୍ଯ୍ୟ ବାବଦରେ ରିଭ୍ୟୁ ମିଟିଂ ଚାଲୁଥିବା ସମୟରେ ଗ୍ରାମବାସୀମାନେ ଯାଇ ସେଠାରେ ଲିଖିତ ଅଭିଯୋଗ କରିଥିଲେ। ତତ୍‌କ୍ଷଣାତ୍ ବିଧାୟକ ବିଡିଓ ଦେବଦତ୍ତ ଦାସଙ୍କୁ ଏହି



କାର୍ଯ୍ୟ ବାବଦରେ ତଦାରଖ କରିବା ନିମନ୍ତେ ଆଦେଶ ଦେଇଥିବା ସୂଚନା ମିଳିଛି ବୋଲି ଗ୍ରାମବାସମାନେ କୁହନ୍ତି। ଦୁଃଖର ବିଷୟ ଯୋଜନାର ନାମ ବିକଶିତ ଗାଁ ବିକଶିତ ଓଡ଼ିଶା ହେଇଥିବାବେଳେ କିନ୍ତୁ ଠିକାଦାର ଓ ଯନ୍ତ୍ରୀଙ୍କ କାର୍ଯ୍ୟ ଓଲଟା। ପେଭର ବ୍ଲକ୍ ରାସ୍ତା ୧୦ ଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ ଦବିଯିବାରୁ ଉଚ୍ଚ ଖାଲ ଦିଶିଲାଣି। ରାସ୍ତାର ଶେଷ ଭାଗରେ କୌଣସି ୱାଲ୍ ତିଆରି ନ କରି ଫିଲିଂ ବାଲି ଉପରେ ସିମେଣ୍ଟର ଭାଗ ଯାହା ରହିବା କଥା ତାହା ନ ମିଶେଇ ପକାଇଥିବା ଢଳେଇରେ ହାତ ମାରିଲେ ବାହାରି ଯାଉଛି। ଗୋଟାଏ କିମ୍ବା ଦୁଇ ଥର ବର୍ଷାରେ ସେଗୁଡ଼ିକ ଧୋଇଯିବା ଭଳି ଦିଶୁଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଏବଂ ବ୍ଲକ୍ ଅଧିକାରୀ ଦୃଷ୍ଟି ଦେବାକୁ ଅନନ୍ତ ତ୍ରିପାଠୀ, ବୈଦ୍ୟନାଥ ପଣ୍ଡା, ଚିନ୍ମୟ ଦ୍ୱିବେଦୀ ପ୍ରମୁଖ ଅନୁରୋଧ କରିଛନ୍ତି। ଏହି କାମ ବାବଦରେ ଉଚ୍ଚ ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପିତଗଡ଼ିଆବାସୀ ଦାବି କରିଛନ୍ତି।

## ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୯।୨(ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଶିଶୁ ସୁରକ୍ଷା ୟୁନିଟ୍ ଓ ଚାଇଲ୍ଡ ହେଲ୍ପ ଲାଇନ୍ ପକ୍ଷରୁ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜାତୀୟ ଛାତ୍ର ସେବା ସଂଗଠନ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଇଲ୍ଡ ହେଲ୍ପ ଲାଇନର ସଂଯୋଜିକା ଶୁଭଶ୍ରୀ ପଡ଼ିଆରୀଙ୍କ ମଞ୍ଚ ସଞ୍ଚାଳନରେ ମୁଖ୍ୟ ଅତିଥି ରୂପେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗା ଶଙ୍କର ଦାସ, ସମ୍ମାନିତ ଅତିଥି ରୂପେ ଅଧ୍ୟାପକ ଡ. ସୁଦର୍ଶନ ଦାସ, ଗିରିଶ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ତଥା ବିଷୟ ବିଶାରଦ ରୂପେ ଶିଶୁ ସୁରକ୍ଷା ଆଇନ ଅଧିକାରୀ ସୁବ୍ରତ ଦାସ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ନିଜ ବକ୍ତବ୍ୟରେ ଶିଶୁ ସୁରକ୍ଷା ଆଇନ ଜାଣିବା ଓ ପିଲାମାନେ ବିଭିନ୍ନ ଆଇନ ବିଷୟରେ ଅବଗତ ହେଲେ ସଚେତନତା ବ୍ୟାପକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭିକ ସୂଚନାରେ ସଂଯୋଜିକା ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାକୃତ ଭାବେ ଶିଶୁ ସହଯୋଗ ଗ୍ରୁପ୍ ସହ ସାମିଲ୍ ହୋଇ ସଚେତନ ହେବା ପାଇଁ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତା ତଥା ବିଷୟ ବିଶାରଦ ଶ୍ରୀ ଦାସ ଶିଶୁମାନଙ୍କ ପାଇଁ ଆଇନ ବ୍ୟବସ୍ଥାରେ ବିଭିନ୍ନ ଉଦାହରଣ ଓ ଦୃଷ୍ଟାନ୍ତ ମାଧ୍ୟମରେ ବାଲ୍ୟ ବିବାହ ଆଇନ, ଘରୁ ଲୁଚି ପଳାଉଥିବା ଶିଶୁ, ଶିଶୁ ନିର୍ଯାତନା, ସାଇବର ଅପରାଧ, କିଶୋର ନ୍ୟାୟ ବ୍ୟବସ୍ଥା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିପଦରେ ଥିବା ଶିଶୁମାନଙ୍କୁ ତ୍ୱରିତ ସେବା ପହଞ୍ଚାଇବା ପାଇଁ (୧୦୯୮) ନିଃଶୁଳ୍କ ନମ୍ବର ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଥିଲା। ଜାତୀୟ ଛାତ୍ର ସେବା ସଂଗଠନର ମୁଖ୍ୟ ଓମ୍ ପ୍ରକାଶ ପଣ୍ଡା, ମାମା ଦାସ, ଆଶିଷ ଦାସ, ଦୀପ୍ତିଶିଖା ମିଶ୍ରଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଚାଇଲ୍ଡ ଲାଇନ୍ ପରାମର୍ଶଦାତା ଲକ୍ଷ୍ମଣ ଜେନା, ଟିମ୍ ମେମ୍ବର କାହ୍ନୁ ମଲ୍ଲିକ, ରମାକାନ୍ତ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଲକ୍ଷ୍ମଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ଧାମନଗର, ୯।୨(ସମିସ): ଧାମନଗର ଅଞ୍ଚଳର ସୁପରିଚିତ ଦୈନିକ 'ସକାଳ'ର ବ୍ଲକ୍ ପ୍ରତିନିଧି ସେକ୍ ଜାଫର ଅଲ୍ଲୀଙ୍କ ବଡ଼ ଭାଉଜ ତଥା ସମାଜସେବୀ ସେକ୍ ଅଜଗର ଅଲ୍ଲୀଙ୍କ ସହଧର୍ମିଣୀ ହେଦାତୁନ ନିଶା(୫୫)ଙ୍କର ପରଲୋକ ହୋଇଛି। ସେ ଦୀର୍ଘ ଦିନ ହେଲା କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥିତ ଉତ୍କଳ ହସ୍‌ପିଟାଲରେ ଚିକିତ୍ସାଧୀନ ଥିଲେ। ସେ ଜଣେ ସ୍ନେହି, ମିଷ୍ଟଭାଷୀ, ପରୋପକାରୀ ଓ ମେଳାପୀ ବ୍ୟକ୍ତି ଥିଲେ। ମୃତ୍ୟୁ ସମୟରେ ସ୍ୱାମୀ, ଏକ ମାତ୍ର ପୁତ୍ର, ଝିଅ, ଜ୍ୱାଇଁ, ନାତି ନାତୁଣୀ, ଭଣଜା ଭାଣିଜୀ ସହ ପରିବାର ସଦସ୍ୟ ଉପସ୍ଥିତ



ଥିଲେ। ମୁସଲ୍‌ମାନ ରୀତିନୀତି ଅନୁସାରେ ଖାନକା ସରିଫ୍‌ଠାରେ ସୟଦ ଫାରୁକ୍ ରଜା ହବିବିଙ୍କ ଦ୍ୱାରା ଜନାଜା ନମାଜ (ସମୂହ ପ୍ରାର୍ଥନା) ପରେ ଗ୍ରାମର କବରସ୍ଥାନ ପରିସରରେ କବର ଦିଆଯାଇଛି। ଏହି ଦୁଃଖଦ ଖବର ଶୁଣି ବିଜେଡି ନେତା ତଥା ଦୈନିକ 'ସକାଳ'ର ପ୍ରକାଶକ ଅମିତ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ବିଜେଡି ନେତା ଡ. ସଞ୍ଜୟ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସୁରଥ ସେଠୀ, ସମିତିସଭ୍ୟ ଭାରତ ବିଜୟ ଦଲେଇ, ପୋଷ୍ଟମାଷ୍ଟର ଗଙ୍ଗାଧର ସାହୁ, ସମାଜସେବୀ ଏମ୍‌ଡି ଫଜଲେ ବାରି, ଗୋଲାମ ଜିଲାନି ହବିବି, ସେକ୍ ଅବ୍‌ଦୁଲ ହାକିମ, ସେକ୍ ମକଦୁମ, ସେକ୍ ହମିଦ, ଧାମନଗର ମିଡିଆ କ୍ଲବ୍ ସଭାପତି ସାମ୍ବାଦିକ ବିବେକାନନ୍ଦ ପଣ୍ଡା, ସମ୍ପାଦକ ସୁଶାନ୍ତ ରାଉତ, ସହ ସମ୍ପାଦକ ଦୁର୍ଗାପ୍ରସାଦ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଶାନ୍ତ ଦ୍ୱିବେଦୀ, ସଦସ୍ୟ କୁମାରେଶ ଖିଲାର, ଦୀନକୃଷ୍ଣ ମହାପାତ୍ର, ଶିକ୍ଷକ ମନ୍ମଥ ରାଉତ, ସ୍ୱେଚ୍ଛାସେବୀ ସଂଗଠନ ମୁଖ୍ୟ ଡି.ବି. ହୃଦୟ, ସଂଗଠନ ବରିଷ୍ଠ ସଦସ୍ୟ କଣ୍ଠଶିଳ୍ପୀ ନାରଣ ପୋଥାଳଙ୍କ ସହିତ ସାମ୍ବାଦିକ କୃଷ୍ଣ ଚନ୍ଦ୍ର ଜେନା, ସମାଜସେବୀ ରମାକାନ୍ତ ସାହୁ, ବୁଦ୍ଧିଜୀବୀ, ବନ୍ଧୁ ବାନ୍ଧବ ଓ ଗ୍ରାମବାସୀ ଦୁଃଖ ପ୍ରକାଶ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ୨୨ରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର 'ରଜତ ଜୟନ୍ତୀ'

ଭଦ୍ରକ, ୯।୨(ସମିସ): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର 'ରଜତ ଜୟନ୍ତୀ' ଉତ୍ସବ ପାଳନ ନିମନ୍ତେ ସଂଘର ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' ପରିସରରେ ସଭାପତି ଅବସରପ୍ରାପ୍ତ କମିଶନର ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସଭାପତି, କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତି, ଉପସଭାପତି ଡ. ଗୋଲକ ବିହାରୀ ସାହୁ, ହରମୋହନ କୁଅଁର, ଶାନ୍ତନୁ ରାଉତ, ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ, ଯୁଗ୍ମ ସମ୍ପାଦକ ଅଜିତ୍ ନାୟକ, କରୁଣାକର ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନା ପରେ ସର୍ବସମ୍ମତି କ୍ରମେ ଆସନ୍ତା ୨୨ ତାରିଖରେ 'ରଜତ ଜୟନ୍ତୀ' ଉତ୍ସବ ପାଳନ ହେବାର ଦିନ ଧାର୍ଯ୍ୟ ହେଲା। ଉତ୍ସବକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ କମିଟି ଗଠିତ ହୋଇ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। ପୂର୍ବାହ୍ଣ ଅଧିବେଶନରେ ଆସନ୍ତା ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା




ବିଧିବଦ୍ଧ ଭାବେ ନିର୍ବାଚନ କରାଯିବ। ସଂଘର ୨୦୨୫ ମସିହାରେ ୮୦ ବର୍ଷ ଅତିକ୍ରମ କରିଥିବା ଓ ପୂର୍ବରୁ ସମ୍ବର୍ଦ୍ଧିତ ହୋଇ ନ ଥିବା ଆଜୀବନ ସଦସ୍ୟ ସଦସ୍ୟା, ଜଣେ ଶିକ୍ଷୟିତ୍ରୀ, ଜଣେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଉତ୍ସବରେ ସଂଘର 'ରଜତ ଜୟନ୍ତୀ' ଉତ୍ସବ ସ୍ମରଣିକା ଅତିଥିଙ୍କ ଦ୍ୱାରା ଲୋକାର୍ପଣ କରାଯିବ। ମୁକ୍ତିକାନ୍ତ ମହାପାତ୍ର, ଆଦିତ୍ୟ ନାୟକ, ଅନାଦି ଚରଣ ଦାସ, ସ୍ନେହଲତା ବେହେରା, ଶାନ୍ତିଲତା ବାରିକ, କୈଳାଶ ଚନ୍ଦ୍ର ପଣ୍ଡା, ରମାକାନ୍ତ ନାୟକ, ପ୍ରଶାନ୍ତ କୁମାର ଦେ, ହରେକୃଷ୍ଣ ସାହୁ, ତାରକ ଦାସ ଆଢ୍ୟ, ଘନଶ୍ୟାମ ଲେଙ୍କା, ରାଜେନ୍ଦ୍ର ପାତ୍ର, ଉପେନ୍ଦ୍ର ରାଉତ, ରମେଶ ଦାସ, ବସନ୍ତ ସାହାଣୀ, ସୁରେଶ ସାହୁ, ବାଦଲ କିଶୋର ମହାପାତ୍ର, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ମଦନମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୨ରେ ଭାରତ ବନ୍ଦକୁ ସଫଳ ପାଇଁ ଶୋଭାଯାତ୍ରା

ଚାନ୍ଦବାଲି, ୯।୨(ସମିସ): ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ୍ କରିବା, ଚାଷୀ ଫସଲର ଉଚିତ୍ ଦର ପାଇଁ ଏମ୍‌ଏସ୍ ସ୍ୱାମୀନାଥନ କମିଶନଙ୍କ ସୁପାରିସ୍ ଅନୁଯାୟୀ ଏମ୍‌ଏସ୍‌ପି ଯୁକ୍ତ ଆଇନ ପ୍ରଣୟନ କରିବା, ଭିବିଜୀ ରାମ ଜୀ ଆଇନ ବାତିଲ୍ କରି ପୂର୍ବପରି ମନରେଗାକୁ କାର୍ଯ୍ୟକାରୀ କରିବା, ଛାତ୍ର ବିରୋଧୀ ବିକଶିତ ଭାରତ ଶିକ୍ଷା ପ୍ରତିଷ୍ଠାନ ବିଲ୍-୨୦୨୫ ପ୍ରତ୍ୟାହାର କରିବା, ବିଦ୍ୟୁତ୍ ସଂଶୋଧନ ବିଲ-୨୦୨୫ ବାତିଲ୍ କରିବା, ବିହନ ବିଲ୍-୨୦୨୫ ବାତିଲ୍ କରିବା, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା ଆଦି ବିଭିନ୍ନ ଦାବି ନେଇ ଓଡ଼ିଶା କୃଷକ ସଭା, ସିଆଇଟିୟୁ, ଏଆଇଟିୟୁସି, ୟୁଟିୟୁସି, ଚାଷୀ ମୂଲିଆ ସଂଘ ପକ୍ଷରୁ ମିଳିତ ଭାବେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା କୃଷକ ସଭା ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥଙ୍କ ସଭାପତିତ୍ୱରେ ଚାନ୍ଦବାଲିସ୍ଥିତ ସହିଦ ଭଗତ ସିଂ ପାଠାଗାର ସମ୍ମୁଖରେ ଏହା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା କୃଷକ ସଭା ପୂର୍ବତନ ଜିଲ୍ଲା ସଭାପତି ନିରଞ୍ଜନ ପାଣି, ଓଡ଼ିଶା କୃଷକ ସଭା ଚାନ୍ଦବାଲି ବ୍ଲକ୍ ସଭାପତି ଗୌରାଙ୍ଗ ଯେନା, ସମ୍ପାଦକ ଅଶୋକ ବେହେରା, ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ସିଆଇଟିୟୁ ଚାନ୍ଦବାଲି ବ୍ଲକ୍ ସଭାପତି ମଳୟ ଭୋଇ, ମହିଳା ନେତ୍ରୀ ପ୍ରତିଭା ପଣ୍ଡା, ଅଙ୍ଗନବାଡ଼ି ସଂଘ ନେତ୍ରୀ କୁମୁଦିନୀ ଭୋଇ, ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ନେତ୍ରୀ ଅନ୍ନପୂର୍ଣ୍ଣା ସେଠୀ, ଓଡ଼ିଶା ଆଶାକର୍ମୀ ସଂଘ ନେତ୍ରୀ ଯଶୋଦା ସାହୁ, ଚାଷୀ ମୂଲିଆ ସଂଘ ସମ୍ପାଦକ ସୁଶାନ୍ତ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଆସନ୍ତା ଫେବୃଆରୀ ୧୨ ଭାରତ ବନ୍ଦକୁ ଚାନ୍ଦବାଲି ବ୍ଲକ୍‌ରେ ସଫଳ କରିବାକୁ ଆହ୍ୱାନ ଜଣାଇଥିଲେ। ସଭା ପରେ ସଂଯୁକ୍ତ କୃଷକ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଗୁଡ଼ିକ ମିଳିତ ମଞ୍ଚ ପକ୍ଷରୁ ଏକ ଲାଲ୍ ଶୋଭାଯାତ୍ରା ସହିଦ ଭଗତ ସିଂ ପାଠାଗାର ପାଖରୁ ବାହାରି ଚାନ୍ଦବାଲି ସହର ପରିକ୍ରମା କରି ଚାନ୍ଦବାଲି ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଶୋଭାଯାତ୍ରା ଶେଷ




ହୋଇଥିଲା। ଏହି ସଭା ଓ ଶୋଭାଯାତ୍ରାରେ ୩୦୦ରୁ ଊର୍ଦ୍ଧ୍ୱ କୃଷକ, ଶ୍ରମିକ, କୃଷି ଶ୍ରମିକ, ଆଶାକର୍ମୀ, ପାଚିକା ସହାୟିକା, ଅଙ୍ଗନବାଡ଼ି କର୍ମୀମାନେ ଅଂଶଗ୍ରହଣ କରିଥିଲେ।

**ତିହିଡ଼ି**

ସେହିପରି ତିହିଡ଼ି ଡାକ ବଙ୍ଗଳା ଛକରେ ସିଆଇଟିୟୁ ତିହିଡ଼ି ବ୍ଲକ୍ ସଭାପତି ବିଷ୍ଣୁ ଦାଶଙ୍କ ସଭାପତିତ୍ୱରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଓଡ଼ିଶା କୃଷକ ସଭା ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ, ଓଡ଼ିଶା କୃଷକ ସଭା ପୂର୍ବତନ ଜିଲ୍ଲା ସଭାପତି ନିରଞ୍ଜନ ପାଣି, ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ଓଡ଼ିଶା କ୍ଷେତ ମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢ଼ୀ, ୟୁଟିୟୁସି ଜିଲ୍ଲା ସଭାପତି ରାମଚନ୍ଦ୍ର ଶଙ୍ଖୁଆ, ଓଡ଼ିଶା କୃଷକ ସଭା ତିହିଡ଼ି ବ୍ଲକ୍ ସଭାପତି ଭାଗବତ ସେନାପତି, ସମ୍ପାଦକ ଜ୍ୟୋତିର୍ମୟ ମଲିକ, ଆଇନଜୀବୀ ଧନେଶ୍ୱର ନାୟକ, ଓଡ଼ିଶା କ୍ଷେତମଜଦୂର ୟୁନିୟନ ପୂର୍ବତନ ବ୍ଲକ୍ ସମ୍ପାଦକ ନିର୍ମଳ ଦଳେଇ, କୃଷକ ନେତା କୃଷ୍ଣଚନ୍ଦ୍ର ମଲିକ, ସତ୍ୟବ୍ରତ କୁଣ୍ଡ, ଶ୍ରୀଧର ଜେନା, ପିତାମ୍ବର ମଲିକ୍ ପ୍ରମୁଖ ବକ୍ତବ୍ୟ ରଖି ଫେବୃଆରୀ ୧୨ ଭାରତ ବନ୍ଦକୁ ତିହିଡ଼ି ଅଞ୍ଚଳରେ ସଫଳ କରିବାକୁ ଆହ୍ୱାନ ଜଣାଇଥିଲେ।

**ବାରିକପୁର**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ଆସନ୍ତା ୧୨ ତାରିଖ ଦିନ ୪ଟି କର୍ମଚାରୀ ଟ୍ରେଡ୍ ୟୁନିୟନ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ ଡକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ କାଳୀମଣ୍ଡପଠାରେ ହରତାଳକୁ ସଫଳ କରିବା ପାଇଁ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏଆଇଟିୟୁସି ଜିଲ୍ଲା ସଂଗଠକ ରାମଚନ୍ଦ୍ର ଶଙ୍ଖୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାରେ ଦିବ୍ୟସିଂହ ନାୟକ, ପ୍ରଫୁଲ୍ଲ ପାଢ଼ୀ, ପର୍ଶୁରାମ ଲେଙ୍କା, ରମେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଧର୍ମଘଟକୁ ସଫଳ କରିବା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ।

## ଜନଗଣନା-୨୦୨୭ ପାଇଁ ପ୍ରସ୍ତୁତି

ବଲାଙ୍ଗିର, ୯ ।୨(ସମିସ): ବଲାଙ୍ଗିର ଜିଲ୍ଲାରେ ଜନଗଣନା-୨୦୨୭ ପାଇଁ ଜିଲ୍ଲାସ୍ତରୀୟ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ ଗୌରବ ଶିୱାଜୀ ଇସଲୱାର ଅଧ୍ୟକ୍ଷତା କରିଥିଲେ । ଦୁଇଟି ପର୍ଯ୍ୟାୟରେ ଜନଗଣନା ହେବ ବୋଲି ସେ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଜନଗଣନା ଯୁଗ୍ମ ନିର୍ଦ୍ଦେଶକ ଅଭୟ ନାରାୟଣ ନାୟକ, ଜନଗଣନାର ଜିଲ୍ଲା ପ୍ରଭାରି ଅନୁସୂୟା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଓ ଡା. ବିଜୟାନନ୍ଦ ସେଠୀ, ବଲାଙ୍ଗିର ଉପ ଜିଲ୍ଲାପାଳ ଆଲୋକ ପଟେଲ, ଟିଟିଲାଗଡ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ ମେହେର ପ୍ରମୁଖ ଯୋଗଦେଇ ଜନଗଣନାର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରଥମ ପର୍ଯ୍ୟାୟ ଜନଗଣନା ଅପ୍ରିଲ ୧୬ରୁ ମେ ୧୫ ପର୍ଯ୍ୟନ୍ତ ଚାଲିବ; ଯେଉଁଥିରେ ଗୃହ ତାଲିକା ପ୍ରସ୍ତୁତ ହେବ । ୨୦୨୭ ଫେବୃୟାରୀରୁ ୨ୟ ପର୍ଯ୍ୟାୟ ଜନଗଣନା ଆରମ୍ଭ ହେବ । ଏଥିରେ ମୂଳ ଜନଗଣନା କାର୍ଯ୍ୟ ହେବ । ଗୃହ ତାଲିକା ଜନଗଣନା ସମୟରେ ଜନସାଧାରଣଙ୍କୁ ବାସସ୍ଥାନର ଅବସ୍ଥା ଏବଂ ମୌଳିକ ସୁବିଧା ସମ୍ପର୍କରେ ୩୩ଟି ପ୍ରଶ୍ନ ପଚରାଯିବ । ତଥ୍ୟ ସଂଗ୍ରହ ପାଇଁ ପ୍ରମୁଖ ତାଲିମଦାତା ଭାବେ ୨ , କ୍ଷେତ୍ର ତାଲିମଦାତା ଭାବେ ୬୬ ଜଣ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଗଣନାକାରୀ ଓ ପର୍ଯ୍ୟବେକ୍ଷକ ଭାବେ ପ୍ରାୟ ୪୮୩୩ଜଣ ଏହି ଅଭିଯାନରେ ସାମିଲ ହେବେ । ମୋବାଇଲ ବେସ୍ ଆପ୍ଲିକେଶନରେ ମଧ୍ୟ ଜନସାଧାରଣ ନିଜେ ନିଜର ସଂପୂର୍ଣ୍ଣ ତଥ୍ୟ ଦେଇପାରିବେ ।

## ସଇଁତଲାରେ ଅଭିଯୋଗ ଶୁଣାଣି

ସଇଁତଲା, ୯ ।୨(ସମିସ):ସଇଁତଲାରେ ବଲାଙ୍ଗୀର ଜିଲ୍ଲାପାଳ ଓ ଏସପି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ମୋଟ ୭୩ଟି ଅଭିଯୋଗ ହେଇଥିଲା । ଏଥିରେ ପାନୀୟ ଜଳ ସମସ୍ୟା, ରାସ୍ତା ସମସ୍ୟା, ଆବାସ ଯୋଜନା, ବିଭିନ୍ନ ପ୍ରକାର ଭତ୍ତା ନେଇ ଅଭିଯୋଗ ଆସିଥିଲା । ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଡାଟାଏଣ୍ଟ୍ରି କର୍ମଚାରୀମାନେ ଦୂରରୁ ଆସୁଥିବାରୁ ପଞ୍ଚାୟତ କାମରେ ବାଧା ହେଉଛି । ତେଣୁ ସେମାନଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ପାଖରେ ଅସ୍ଥାୟୀ ଭାବେ ରହିବା ପାଇଁ ବ୍ଲକ୍ ସରପଞ୍ଚ ସଂଘ ପକ୍ଷରୁ ଦାବି କରାଯାଇଛି । କିଛି ଦିନ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସଇଁତଲା ବ୍ଲକ ଆମପାଲିରୁ କନ୍ଦାମୁଣ୍ଡା ରାସ୍ତା କାମ ହୋଇଛି; ମାତ୍ର ଗୋଟିଏ ରାତିରେ ସମ୍ପୃକ୍ତ ଠିକାଦାର ପିଚୁ ପକାଇ ଫେରାର ହୋଇଯାଇଛନ୍ତି । ଏଣୁ ପିଚୁ ଉଠିଯାଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସେହିପରି ତାଲବାହାଲ ପଞ୍ଚାୟତରେ କୌଣସି ପ୍ରକାର ପଞ୍ଚାୟତ ବୈଠକ କରାଯାଉନି । ବିଭିନ୍ନ ସରକାରୀ ଯୋଜନା ଲୋକଙ୍କ ପାଖକୁ ନ ପହଞ୍ଚାଇ ତାଲବାହାଲ ସରପଞ୍ଚ ହଡ଼ପ କରୁଥିବା ଜିଲ୍ଲାପାଳଙ୍କଠାରେ ନାଏବ ସରପଞ୍ଚ ଅଭିଯୋଗ କରିଛନ୍ତି । ଅଭିଯୋଗ ଶୁଣାଣି ଶିବିରରେ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜି ଇସଲୱାର, ଏସପି ଅଭିଲାଷ ଜୀ, ପ୍ରକଳ୍ପ ନିର୍ଦ୍ଦେଶକ ରୁକୁନାଥ ସୁନା, ଟିଟିଲାଗଡ ଉପ ଜିଲ୍ଲାପାଳ ପଦ୍ମନାଭ ସାମନ୍ତ ରାୟ, ତହସିଲଦାର ଆଶିଷ ଏକ୍କା, ଟିଟିଲାଗଡ ଏସଡିପିଓ ଯୋଷବନ୍ତ ପଧାନି ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରଙ୍କ ଚାଷୀ ବିରୋଧୀ ନୀତି ପାଇଁ ଗର୍ଜିଲା ବିଜେଡି






ବଲାଙ୍ଗିର, ୯।୨(ସମିସ)

ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ବଲାଙ୍ଗିରରେ ବିଜେଡି ଗର୍ଜିଛି । ଚଳିତ ଖରିଫରେ ବଲାଙ୍ଗିର ଜିଲ୍ଲାରେ ହୋଇଥିବା ଅବ୍ୟବସ୍ଥା, ଅନିୟମିତତା ତଥା ଚାଷୀ ଶୋଷଣକୁ ନେଇ ସୋମବାର ବଲାଙ୍ଗିର ପୁରୁଣା ସରକାରୀ ବସଷ୍ଟାଣ୍ଡ ନିକଟରେ ବିଜେଡି ପ୍ରତିବାଦ ସଭା କରିଛି । ତୁରନ୍ତ ଚାଷୀ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଦାବି କରିଛି । ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ସରୋଜ ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ । ତେବେ ପ୍ରତିବାଦ ସଭା ପୂର୍ବରୁ ଶହ ଶହ ବିଜେଡି ନେତା ଓ କର୍ମୀ ଶୋଭାଯାତ୍ରାରେ ଯାଇ ପ୍ରତିବାଦ ସଭାସ୍ଥଳରେ ପହଞ୍ଚି ଥିଲେ । ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

ଚାଷୀଙ୍କ ସ୍ୱାର୍ଥ୍ୟ ତଥା ଚାଷୀଙ୍କ ସମ୍ମାନ ପାଇଁ ଜିଲ୍ଲାର ସମସ୍ତ ପୂର୍ବତନ ବିଧାୟକ, ଜନପ୍ରତିନିଧି, ଜିଲ୍ଲାପରିଷଦ, ବ୍ଲକ ଅଧକ୍ଷ ପ୍ରମୁଖ ଏକଜୁଟ ହୋଇଥିଲେ । ଚାଷୀଙ୍କ ସମସ୍ୟା ସାମଧାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଉଠାଇଥିଲେ । ରାଜ୍ୟ ସରକାର ଚାଷୀଙ୍କ ପ୍ରତି କରୁଥିବା ଅଣଦେଖା ଚରମସୀମାରେ ପହଞ୍ଚିଛି । ବିଜେପିର ଜନପ୍ରତିନିଧି ତଥା ନେତାମାନେ ମିଲରଙ୍କ ସହ ମିଶି ଫେକ୍ସ ଜରିଆରେ ଶୋଷଣ କରୁଥିବା ବିଜେଡି ଦଳୀୟ ନେତୃବୃନ୍ଦ ଅଭିଯୋଗ କରିଥିଲେ । ଏହି ପ୍ରତିବାଦ ସଭାରେ ବଲାଙ୍ଗିର ବିଧାୟକ କଲିକେଶ ନାରାୟଣ ସିଂହଦେଓ, ରାଜ୍ୟ ମହିଳା ସଭାନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ, ସୁରେନ୍ଦ୍ର ସିଂ ଭୋଇ, ଜିଲ୍ଲା ପରିଷଦ ଅଧକ୍ଷା



ଦେବକୀ ସାହୁ, ପୌରାଧକ୍ଷା ଲିକା ସାହୁ, ଯୁବ ବିଜେଡି ନେତା ଆକାଶ ମିଶ୍ର, ଅମଜଦ ଖାନ, ଅଜିତ ଯୋଷୀ, ଅଜୟ ଦାସ, ଲକ୍ଷ୍ମଣ ମେହେର, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତା, କୈଳାସ ମହାନ୍ତିଙ୍କ ସମେତ ବିଭିନ୍ନ ବ୍ଲକ ଅଧକ୍ଷ, ବିଜେଡି ଜିଲ୍ଲା ପରିଷଦ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

ସମସ୍ତେ ରାଜ୍ୟ ସରକାରଙ୍କ ଚାଷୀ ବିରୋଧୀ ନୀତିକୁ ନିନ୍ଦା କରିଥିଲେ । ବିଶେଷ କରି ବଲାଙ୍ଗିର ଜିଲ୍ଲାରେ ଥିବା ପ୍ରାୟ ସମସ୍ତ ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡିଛି । ସରକାର ଧାନ କିଣିବାରେ ବିଫଳ ହୋଇଥିବା ବିଜେଡି ନେତାମାନେ ଅଭିଯୋଗ କରିଥିଲେ । ଏପରିକି ଏହିଭଳି ବ୍ୟବସ୍ଥାର ପ୍ରତିବାଦ କରୁଥିବା ଚାଷୀଙ୍କୁ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ଟାଣୁଆ ବିଜେପି ନେତା ତଥା କୃଷିମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ଦଲାଲ, ନକଲି ଚାଷୀ କହି ଭର୍ତ୍ସନା କରୁଥିବା ଦେଖିବାକୁ ମିଳୁଛି । ୨୪ ବର୍ଷରେ ବଲାଙ୍ଗିର ଜିଲ୍ଲା ତଥା ରାଜ୍ୟରେ ଚାଷୀଙ୍କ ଏହିଭଳି ସମସ୍ୟା ହୋଇ ନ ଥିଲା । ରାଜ୍ୟରେ ସରକାର ଗଢିବାର ୨ ବର୍ଷ ଭିତରେ ବିଜେପିର ଅସଲ ଚେହେରା ସାମ୍ନାକୁ ଆସିଥିବା ବିଜେଡି ପଦାଧିକାରୀ ମାନେ ବକ୍ତବ୍ୟରେ କହିଥିଲେ । କେବଳ ଚାଷୀ କାହିଁକି; ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ବିଗିଡିଯାଇଛି । ପ୍ରତିଦିନ ରାଜ୍ୟର କେଉଁଠି ନା କେଉଁଠି ନାରୀଙ୍କ ଉପରେ ନିର୍ଯାତନା ଘଟଣା ସାମ୍ନାକୁ ଆସୁଛି । ଚାଷୀଙ୍କ ସହ ରାଜ୍ୟରେ ମହିଳାମାନେ ବି ଅସୁରକ୍ଷିତ ବୋଲି ବିଜେଡି ନେତାମାନେ ପ୍ରକାଶ କରିଥିଲେ ।

### ବରିଷ୍ଠ ବିଜେଡି ନେତାଙ୍କ ମୁହଁରୁ...

ବିଜେପି ସରକାରରେ ଚାଷୀମାନେ ଶୋଷଣର ଶିକାର ହେଉଛନ୍ତି । ଧାନକିଣା ଆରମ୍ଭ ହେବା ପୂର୍ବରୁ ରାଜ୍ୟ ସରକାର ମିଲରମାନଙ୍କ ସହ ୮ ଶହ କୋଟି ଟଙ୍କାର ଡିଲ୍ କରିଛନ୍ତି । ଫଳସ୍ୱରୂପ ରାଜ୍ୟ ସାରା ଧାନକିଣା ଅଚଳାବସ୍ଥା ସୃଷ୍ଟି କରାଯିବା ସହ ମିଲରଙ୍କୁ ସରକାର ସହଯୋଗ କରୁଛନ୍ତି । ବଲାଙ୍ଗିର ଜିଲ୍ଲାର ନେତାମାନେ ମଧ୍ୟ କୁଆଡେ ମିଲରମାନଙ୍କ ପାଖରୁ ୧୦ରୁ ୧୫ ଲକ୍ଷ ଟଙ୍କା ଆଗୁଆ ଚାନ୍ଦା ନେଇଛନ୍ତି । ଏମିତିରେ ଧାନକିଣାରେ କିଭଳି ସ୍ୱଚ୍ଛତା ରହିବ? ଏ ସରକାରରେ ଧାନକିଣାବିକାର ଅବ୍ୟବସ୍ଥା ଯୋଗୁ ଲୋକେ ଅତିଷ୍ଠ ହୋଇସାରିଛନ୍ତି ।

**ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ**

ରାଜ୍ୟ ସରକାର ରାଜ୍ୟ ତଥା ବଲାଙ୍ଗିର ଜିଲ୍ଲାରେ ଚାଷୀଙ୍କ ଧାନକିଣିବାରେ ସଂପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି । ମଣ୍ଡିରେ ହଜାର ହଜାର ବସ୍ତା ଧାନ ବିକ୍ରି ନ ହୋଇ ପଡି ରହିଛି । ନିକଟରେ ସରକାରୀ ବ୍ୟବସ୍ଥା ଯୋଗୁ ଜଣେ ହିତାଧିକାରୀଙ୍କ ଧାନକିଣା ଟଙ୍କା କେରଳରେ ଥିବା ଏକ ବ୍ୟାଙ୍କ ଜମାଖାତାରେ ପଡିଥିଲା ।

ତାହା ଉଠାଇବା ପାଇଁ ଯାଇଥିବା ସମ୍ପୃକ୍ତ ଚାଷୀଙ୍କ ସେଠାରେ ମୃତ୍ୟୁ ଘଟିଲା । ଏହି ଘଟଣାରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ମୁକେଶ ମହାଲିଙ୍ଗ ଉତ୍ତର ନ ରଖି ନ ଥିଲେ । ଏହା ସରକାରଙ୍କ ସମ୍ବେଦନଶୀଳହୀନତାକୁ ପଦାରେ ପକାଇଛି । ତେଣୁ ଏ ସରକାର ଆଉ ଦରକାର ନାହିଁ । ଆଗକୁ ବିଜେଡି ସରକାରର ଅବଶ୍ୟକତା ରହିଥିବା ସମସ୍ତେ କହିବା ଆରମ୍ଭ କରିଛନ୍ତି; ଯାହାକି ଆଗାମୀ ନିର୍ବାଚନରେ ପରିବର୍ତ୍ତନ ର ଆଭାସ ସୃଷ୍ଟି କରିଛି ।

**କଲିକେଶ ନାରାୟଣ ସିଂହଦେଓ, ବଲାଙ୍ଗିର ବିଧାୟକ**

୨୪ ବର୍ଷ ଭିତରେ ରାଜ୍ୟ ଯେଉଁ ବିକାଶର ଛବି ଦେଖିଛି କେହି କେବେ ପ୍ରଶ୍ନ ମଧ୍ୟ ଉଠାଇ ନ ଥିଲେ; କିନ୍ତୁ ବିଜେପି ସରକାରକୁ ୨ ବର୍ଷ ପୂରି ନ ଥିବା ବେଳେ ରାଜ୍ୟ ସରକାରଙ୍କ ବିରୋଧରେ ଚାଷୀଙ୍କ ଅସନ୍ତୋଷ ପ୍ରକାଶ ପାଇଛି । ଚାଷୀଙ୍କୁ ସାର ପାଇବା ପାଇଁ ରାତି ଅନିଦ୍ରା ରହି ଲାଇନ ଲଗାଇବାକୁ ପଡିଥିଲା । ମାସ ମାସ ଧରି ଧାନ ବିକ୍ରି ହୋଇପାରୁନାହିଁ । ଏମିତିରେ ଚାଷୀଙ୍କୁ ବୋନସ ଦେଉଥିବା କହି ସରକାର ବାହାବା ନେଉଛନ୍ତି; କିନ୍ତୁ ଚାଷୀ ଚାଷ କରି ବିକିଲେ ସିନା ବୋନସ ପାଇବ । ଆଗକୁ ଚାଷୀ ଅସନ୍ତୋଷ ବିଜେପି ସରକାର ପାଇଁ କଣ୍ଟା ସାଜିବ ।

**ଟୁକୁନୀ ସାହୁ, ପୂର୍ବତନ ମନ୍ତ୍ରୀ**

## ଅସହାୟ ଯୁବତୀଙ୍କ ବିବାହ କରାଇଲା କୁଳି ଜାତି ସମାଜ

ଲୋଇସିଂହା, ୯ ।୨(ସମିସ): ବଲାଙ୍ଗିର ଜିଲା ଲୋଇସିଂହା କୋଡ଼ିଏ ଘର କୁଳି ମେହେର ସମାଜ ଜଣେ ଅସହାୟ ଯୁବତୀଙ୍କ ବାହାଘର କରାଇଛି । ଲୋଇସିଂହା ନୂଆପଡ଼ାର ଝସକେତନ ମେହେରଙ୍କ ଝିଅ ରଶ୍ମିତା ମେହେର ଏହି ବିବାହ କରିଛନ୍ତି । ରଶ୍ମିତା ପିଲାବେଳୁ ମା'ଙ୍କୁ ହରାଇଛନ୍ତି । ଝସକେତନ ଦ୍ୱିତୀୟ ବିବାହ କରିଛନ୍ତି । ତାଙ୍କର ସ୍ତ୍ରୀ ଏବଂ ୩ ପୁଅ ଅଛନ୍ତି । ରଶ୍ମିତା ଯୁକ୍ତ ୨ ପର୍ଯ୍ୟନ୍ତ ପାଠ ପଢିଛନ୍ତି । ତାଙ୍କର ବିବାହ ବୟସ ହୋଇଥିବା ବେଳେ ମଜୁରୀ କରି ଘର ଚଳାଉଥିବା ଝସକେତନ ଝିଅ ବିବାହ ପାଇଁ ଅସହାୟ ଥିଲେ । ଅର୍ଥ ଅଭାବରୁ ବିବାହ କରିବାକୁ ଅସମର୍ଥ ହୋଇ ସମାଜର ଦୃଷ୍ଟି ଆକର୍ଷଣ କରି ବିବାହ କରିବା ପାଇଁ ନିବେଦନ କରିଥିଲେ । ସମାଜର ପ୍ରଚେଷ୍ଟା ବଳରେ ବରଗଡ ଜିଲା ବରପାଲିର ରାଧେଶ୍ୟାମ ମେହେରଙ୍କ ସହିତ ରଶ୍ମିତାଙ୍କ ବାହାଘର ସ୍ଥିର ହେଇଥିଲା । ଶେଷରେ ଧାର୍ଯ୍ୟ ଲଗ୍ନ



ଅନୁଯାୟୀ ଲୋଇସିଂହା ସାପ୍ତାହିକ ବଜାର ନିକଟରେ ସମାଜ ଲୋକ ଏବଂ ସମାଜର ରାଜ୍ୟ କାର୍ଯ୍ୟକାରିଣୀ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବୈଦିକ ରୀତିନୀତିରେ ଧୁମ୍‌ଧାମ୍‌ରେ ବିବାହ ଅନୁଷ୍ଠିତ ହୋଇଥିଲା । ଜଗବନ୍ଧୁ ମେହେର ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ମେହେର କନ୍ୟା ଦାନ କରିଥିଲେ । ବରପକ୍ଷରୁ କୌଣସି ଯାନି ଯୌତୁକ ଦାବି ହୋଇ ନ ଥିଲା । ସମାଜ ଲୋକେ ମିଶି ବାହାଘର କରିବା ସହ ଯଥାସାଧ ଯାନିଯୌତୁକ ଦେଇଥିଲେ । ଏହି ବିବାହ କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ କୁଳି ମେହେର, ସମାଜ ରାଜ୍ୟ ସଭାପତି ଦଶରଥ ମେହେର, ଉପ ସଭାପତି ରାମ ମେହେର, ସାଧାରଣ ସମ୍ପାଦକ ପୁରାଣ ମେହେର, ପରାମର୍ଶଦାତା ମହାଦେବ ମେହେର, ବରଗଡ ଜିଲ୍ଲା ସଭାପତି ମଧୁସୂଦନ ମେହେର, ସମ୍ପାଦକ ସୁଦାମ ମେହେର, ସୋନପୁର ଜିଲ୍ଲା ସକ୍ରିୟ ସଦସ୍ୟ ବିଦେଶୀ ମେହେର, ଲୋଇସିଂହା କୁଲି ସମାଜର ସକ୍ରିୟ ସଦସ୍ୟ ଦୁର୍ଗା ପ୍ରସାଦ ମେହେର, ଅନନ୍ତ ମେହେର, ଘନଶ୍ୟାମ ମେହେର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଗଣିତ ଶିକ୍ଷକ ରାମକୃଷ୍ଣ ଷଡ଼ଙ୍ଗୀ ସମ୍ବର୍ଦ୍ଧିତ

ବଲାଙ୍ଗିର, ୯ ।୨(ସମିସ):ବଲାଙ୍ଗିର ସଦର ବ୍ଲକ୍ ମନହିରା ପଞ୍ଚାୟତ ଆଦିବାସୀ ହାଇସ୍କୁଲର ବରିଷ୍ଠ ଗଣିତ ଶିକ୍ଷକ ରାମକୃଷ୍ଣ ଷଡ଼ଙ୍ଗୀ ଶ୍ରେଷ୍ଠ ରିସୋର୍ସ ପର୍ସନ ଭାବେ ସମ୍ବର୍ଦ୍ଧିତ ହୋଇଛନ୍ତି । ଭୁବନେଶ୍ୱରରେ ପଞ୍ଚସଖା ଶିକ୍ଷା ସେତୁ ଓ ଓସେପାର ସହଯୋଗରେ ଅନୁଷ୍ଠିତ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ତାଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି ।



ଉତ୍ସବରେ ଖାନ ଏକାଡେମୀର ଜାତୀୟ ମୁଖ୍ୟ ଶୁଭ୍ରା ମିତ୍ତଲ, ଏଥିରେ ଖାନ ଏକାଡେମୀର ସଂଗୀତା ପଣ୍ଡା, ଓସେପାର ନିରୁପମା ବେହେରା, ମାଧ୍ୟମିକ ଶିକ୍ଷା ପରିଷଦର ଶ୍ରୀକାନ୍ତ ତରାଇ, ଅମୂଲ୍ୟ ପଧାନ, ଖାନ ଏକାଡେମୀର ରାଜ୍ୟ ସଂଯୋଜକ ଦୀପକ ବେହେରା, ଖାନ ଏକାଡେମୀର ଷ୍ଟାଫ ମୁଖ୍ୟ ସାଗରିକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଆତ୍ମିକ ଉଦ୍ଦୀପନା ସଭା ଉଦ୍‌ଯାପିତ




ସଇଁତଲା, ୯ ।୨(ସମିସ): ସଇଁତଲା ବ୍ଲକ୍ ଡେଙ୍ଗ ପଞ୍ଚାୟତ ବୁର୍ଡା ଗ୍ରାମରେ ଆତ୍ମୀକ ଉଦ୍ଦୀପନା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରିଚପାଳ ସାଗର, ସମ୍ମାନିତ ଭାବେ ଓଡ଼ିଶା ସିଏସଆଇ ମିଶନର ମହା ନିର୍ଦ୍ଦେଶକ ଏଲବିନ ଏଲେରାପନ, ମୁଖ୍ୟବକ୍ତା ଭାବେମ ଆଚାର୍ଯ୍ୟ କୈଳାସ ମଲ୍ଲିକ ଯୋଗ ଦେଇଥିଲେ ଅନ୍ୟମାନଙ୍କ ମଧ୍ୟରେ ସଇଁତଲା ବ୍ଲକ୍ ଉପାଧକ୍ଷ ଗୁଣସାଗର ମାଝୀ, ଯୁବନେତା ସିମ୍ରନ ସିଂ ଭୋଇ, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୋଦ ଭୋଇ, ବୁର୍ଡା ଗାଁ ମୁଖିଆ ଦୟାମୟ ଭୋଇ, ଟିକେଶ୍ୱର ସାହୁ ଓ ଯୁବନେତା ଅମିତ ରଥ ପ୍ରମୁଖ ଯୋଗ ଦେଇଥିଲେ । ପାଷ୍ଟର ସର୍ଦ୍ଦକ ବାଗ ମଞ୍ଚ ପରିଚାଳନା କରିଥିଲେ । କୁମୁଦ ରଞ୍ଜନ ସୁନା, ରୁବେନ ବାଗ, ପାଷ୍ଟର ସୋରାଜ ସୁନା, ପାଷ୍ଟର ସାମସନ ସାଗର, ବୁଲୁ ସାଗର, ପଣ୍ଡବ ସଗାର, ଆଶିଷ ଜେନା, ଦେବାଶିଷ ଜେନା, ମିକୁ ବାଗ, ସରୁ ବାଗ, ସ୍ୱପ୍ନା ବାଗ, ପ୍ରକାଶ ବାଗ, ବିରଞ୍ଚି ସର୍ବ, ଦୀନବନ୍ଧୁ ବାଗ, ମାର୍ଗଶିର ବାଗ, ସୁବାଷ ଚନ୍ଦ୍ର ସୁନା, କ୍ଷମାନିଧି ବାଗ, ବିଭୂଚରଣ ବାଗ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ପ୍ରଦୀପ ନନ୍ଦ ଧନ୍ୟବାଦ ଦେଇଥିଲେ ।

## ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ

ବଲାଙ୍ଗିର, ୯ ।୨(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍ ରେଙ୍ଗାଲିରେ ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ ସହଯୋଗରେ ଅଧିକାର ଓ ସ୍ୱାଭିମାନ ମେଳା ଆୟୋଜିତ ହୋଇଯାଇଛି । ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କୁ ମୋଟରାଇଜ୍ଡ ଟ୍ରାଇସାଇକଲ, ହ୍ୱିଲ୍ ଚେୟର, ରୋଲେଟର, ସର୍ଭାଇକାଲ କଲାର, ଏଲ୍‌ଏସ୍ ବ୍ରେସ୍, ୱାକିଂ ଷ୍ଟିକ୍, ହିଅରିଂ ଏଡ୍, କୁଶନ୍ ସିଟ୍ ଆଦି ବିଭିନ୍ନ ପ୍ରକାରର ସହାୟକ ଉପକରଣ ବିତରଣ କରାଯାଇଥିଲା । ଆଖପାଖ ଗ୍ରାମର ୭୫ ଜଣ ମହିଳା ଓ ୬୧ ଜଣ ପୁରୁଷ ଉପକୃତ ହୋଇଥିଲେ । ହୃଷୀକେଶ ସାହୁ, ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମର ଡ. ଧରିତ୍ରୀ ଗଡତ୍ୟା, ସୁରେନ୍ଦ୍ର ଭୋଇ, ସୌମ୍ୟ ଶତପଥୀ ଓ ପ୍ରହ୍ଲାଦ ଭୋଇ ଯୋଗଦେଇ ଲାଭାର୍ଥୀମାନଙ୍କୁ ଉପକରଣର ଠିକ୍ ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ ।



## ସଚେତନତା ଓ ସଦ୍‌ଭାବନା ସାଇକଲ ଯାତ୍ରା

ବଲାଙ୍ଗିର, ୯ ।୨(ସମିସ): ବଲାଙ୍ଗିରରେ ଦୁଇ ଦିନିଆ ସଚେତନତା ଓ ସଦ୍‌ଭାବନା ସାଇକଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପୂଜ୍ୟପୂଜା ସେବା ସଂଗଠନ, ଶିଶୁ ବିକାଶ କେନ୍ଦ୍ର, ଆଦ୍ୟାଶକ୍ତି ନାରୀ ସଂଗଠନ ଓ ଅଙ୍କୁର ଶିଶୁ ସାହିତ୍ୟ ସଂସଦର ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ସାଇକଲ ଯାତ୍ରାକୁ ସନାତନ ମନ୍ଦିରଠାରୁ ଉପଦେଷ୍ଟା ଜ୍ୟୋତ୍ସ୍ନାମୟୀ ମହାପାତ୍ର ଓ ଇଂ ବେଲାର ସିଂଭୋଇ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ପ୍ରଥମ ଦିନ ସାଇକଲ ଯାତ୍ରୀମାନେ ବଲାଙ୍ଗିର ସହର ପରିକ୍ରମା କରିଥିଲେ । ବିଷ୍ଣୁମୁଣ୍ଡା, ଖଲିଆପାଲି, ଭାଲେର, ଖଇରଭାଡି, ସୁର୍ଡା, ଦଶପୁର, ଆଟଗାଁ, ତଣ୍ଡାମୁଣ୍ଡା ଦେଇ ଉପରଝରରେ ରାତ୍ରୀ ଯାପନ କରିଥିଲେ । ପରଦିନ ଉପରଝରରୁ ଥାଳବନ୍ଧ, ଭୀମଡୁଙ୍ଗୁରି ଗାଆ, ଭୀମ ଡୁଙ୍ଗୁରି ପର୍ଯ୍ୟଟନସ୍ଥଳ, ଗୁରୁଡିପାଲି, ମାଙ୍କଡଚୁଆଁ, ପଣ୍ଡରାପିଟା, ଖୁଜେନପାଲି, ସାଲେପାଲି ଦେଇ ଟିକ୍ରାପଡା ରାମ ମନ୍ଦିରରେ ପହଞ୍ଚିଥିଲେ । ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ ସମସ୍ତଙ୍କୁ ସ୍ୱାଗତ କରିଥିଲେ । କେଶବ ଚନ୍ଦ୍ର ମିଶ୍ର, ମଧୁ ସାହୁ, ସୁନାଧର ବନଛୋର, ମଦନ ମୋହନ ରଥଙ୍କ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ଗ୍ରାମରେ ସଭା ହୋଇଥିଲା ।



ବାଲ୍ୟ ବିବାହ, କନ୍ୟା ଭ୍ରୂଣ ହତ୍ୟା, ନାରୀ ନିର୍ଯାତନା, ଯୌତୁକ ପ୍ରଥା, ପରିବେଶ ସୁରକ୍ଷା, ମୋବାଇଲର ଅପକାରିତା, ରକ୍ତଦାନ, ଶରୀର ଦାନ ଓ ଶିକ୍ଷା, ସ୍ୱାସ୍ଥ୍ୟର ସଚେତନତା ବାର୍ତ୍ତା ଉପରେ ଆଲୋଚନା ହୋଇଥିଲା । ଶିକ୍ଷାବିତ୍ ଗିରିଜା ଶଙ୍କର ରଥ, ଡ. ପ୍ରେମ.ନ୍ଦ ମହାନ୍ତି, ଗୋପାଳ ଚନ୍ଦ୍ର ହେତା, ଜୟରାମ ମିଶ୍ର, ଅଶୋକ ସେଠୀ, କୃଷିକେଶ ପୁରୋହିତ ପ୍ରମୁଖ ଏହି ସଭାରେ ସାମିଲ ହୋଇଥିଲେ । ପ୍ରଶାନ୍ତ ଷଡଙ୍ଗୀ, ଦୁର୍ଗା ଚରଣ ସାହୁ, ସୀତାଂଶୁ ଶେଖର ନାୟକ, ଭୀମ ସାହୁ, କହ୍ନାଇ ଭରାସାଗର, ଯୁଧିଷ୍ଠିର ଭୋଇ, ଆନନ୍ଦ ସାଏ, ନରେନ୍ଦ୍ର ନାଏକ, ରମାକାନ୍ତ ଷାଣ୍ଢ, ଓମ୍ ପ୍ରକାଶ ମଲ୍ଲିକ, ଆଶିଷ ଜେନା, ଶିବା ସେଲମା, ମାନସ ବାଗ, ଶକ୍ତି ଚିରଗୁନ ଓ ରାଜେଶ ସୁନା ପ୍ରମୁଖ ସାଇକଲ ଯାତ୍ରାରେ ଯାଇଥିଲେ । ଅରୁଣ ଖୁଆସ, ଧିରେନ୍ଦ୍ର ନାରାୟଣ ସିଂଦେଓ, ଚୁଡେନ୍ଦ୍ର ବେହେରା, କପିଳ ପତି, ସତ୍ୟବନ୍ତ ବେଦବାକ, ଧର୍ମବ୍ରତ ରଥ, ମାଳତି ଉଦ୍‌ଗାତା, ନିହାରିକା ମିଶ୍ର, ରାଜଶ୍ରୀ ତ୍ରିପାଠୀ, କସ୍ତୁରୀ ରଥ, ପ୍ରଦୀପ ପଶାୟତ ସହଯୋଗ କରିଥିଲେ ।

# ବାଇକ୍ ଲୁଟେରା ଗ୍ୟାଙ୍ଗ୍‌ର ୪ ଗିରଫ

**୫ ଗାଡ଼ି ସହ ବିଭିନ୍ନ ଜିନିଷ ଜବତ**

**ରାସ୍ତାରେ ଅଟକାଇ ଲୋକଙ୍କୁ ଲୁଟୁଥିଲେ**

ବଲାଙ୍ଗିର, ୯ ।୨(ସମିସ)

ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ପୁଲିସ ଏକ ବଡ଼ ଧରଣର ଲୁଟେରା ଗ୍ୟାଙ୍ଗକୁ ଧରିଛି । ଗତ ଡିସେମ୍ବର ମାସରେ ଜଣେ ଶାଢ଼ୀ ବ୍ୟବସାୟୀଙ୍କୁ ବାଟରେ ଅଟକାଇ ବାଇକ୍ ସହ ବିକ୍ରି କରିବାକୁ ନେଉଥିବା କପଡ଼ା ଲୁଟ୍ କରିବା ଘଟଣାର ତଦନ୍ତ କରି ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ୫ଟି ଚୋରା ମୋଟର ସାଇକେଲ, ମୋବାଇଲ୍ ଏବଂ ବହୁ ପରିମାଣର ଶାଢ଼ୀ ଓ ଅନ୍ୟ ସାମଗ୍ରୀ ଜବତ ହୋଇଛି ।

୨୦୨୫ ଡିସେମ୍ବର ୧୮ ତାରିଖ ଅପରାହ୍ଣ ପ୍ରାୟ ୩ଟା । ସୋନପୁର ଜିଲ୍ଲା ହରିହରପୁର ଗ୍ରାମର ରାମ ମେହେର ନିଜ ହୋଣ୍ଡା ସାଇନ୍ ବାଇକ୍ (ଓଡି ୩୧ ବି ୦୬୫୯)ରେ ତରଭାରୁ ଛାତାପିପଲକୁ ଶାଢ଼ୀ ବିକ୍ରି କରିବାକୁ



ଯାଉଥିଲେ । ତାଙ୍କୁ ଭରତବାହାଲ ମଧ୍ୟରେ ୩ ଜଣ ଅଜଣା ଦୁର୍ବୃତ୍ତ ଅଟକାଇ ୨୫ଟି ସମ୍ବଲପୁରୀ ଶାଢ଼ୀ, ୧୫ଟି ସୂତା ଶାଢ଼ୀ, ଲୁଙ୍ଗି, ବ୍ଲାଉଜ୍ ଓ ଗାମୁଛା ସହ ବାଇକ୍ ଲୁଟି ନେଇଥିଲେ । ଏନେଇ ରାମ ପୁଇଁତଲା ଥାନାରେ ଏତଲା ଦେଇଥିଲେ । ପୁଇଁତଲା ଥାନା ଅଧିକାରୀ ଭାବେ ସଞ୍ଜୟ ରାଉତରାୟ ଦାୟିତ୍ୱ ନେବା ପରେ ଗୁରୁତ୍ୱ ଦେଇ ତଦନ୍ତ ଆରମ୍ଭ କରିଥିଲେ । ଏହି ଘଟଣାରେ ପୁଲିସ ପ୍ରଥମେ ଖରଜୁରା ଗ୍ରାମର ଦୀପକ ଭୋଇ (୧୯)କୁ କାବୁ କରିଥିଲା । ଜେରା ସମୟରେ ଦୀପକ ନିଜର ଅପରାଧ ସ୍ୱୀକାର କରିଥିଲା । ଏହାସହ ସମ୍ବଲପୁର, ସୋନପୁର ଓ ବଲାଙ୍ଗିର ଅଞ୍ଚଳରୁ ବାଇକ୍ ଚୋରି କରି ଚନ୍ଦ୍ରପୁର ଗ୍ରାମର ଆକାଶ ଓରଫ ସାନା ବାଙ୍କା (୨୭)କୁ ବିକ୍ରି କରିଥିବା ପ୍ରକାଶ କରିଥିଲା । ପରବର୍ତ୍ତୀ ସମୟରେ ପୁଲିସ ଚଢ଼ାଉ କରି ଏହି ଗ୍ୟାଙ୍ଗରେ ସାମିଲ ଥିବା ଅନ୍ୟ ୨ ଜଣ ଅଭିଯୁକ୍ତ ବାଦଲ ନାଏକ (୧୯) ଏବଂ ରାଜା ଡାଙ୍ଗ (୨୧)କୁ ମଧ୍ୟ ଗିରଫ କରିଛି । ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୫ଟି ମୋଟର ସାଇକେଲ (୩ଟି ଗ୍ଲାମର ଓ ୨ଟି ସ୍ପ୍ଳେଣ୍ଡର ପ୍ରୋ), ଗୋଟିଏ ମୋବାଇଲ୍ ଫୋନ, ଲୁଟ୍ ହୋଇଥିବା ଶାଢ଼ୀ ଓ ଅନ୍ୟ ସାମଗ୍ରୀ ଜବତ କରିଛି । ଏହି ମାମଲାରେ ସଂପୃକ୍ତ ଥିବା ଆଉ ୨ ଜଣ ଫେରାର ଥିବା ବେଳେ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ସଦର ଏସଡିପିଓ ସରୋଜ ଉପାଧ୍ୟାୟ ସୂଚନା ଦେଇଛନ୍ତି ।


SBI
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in

**ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

**ଖାଲି ପଦବୀ ସଂଖ୍ୟା: 2273**
**(ବ୍ୟାକଲଗ୍ ଖାଲି ପଦବୀ ସହିତ)**

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ବିଜ୍ଞାପନ ନମ୍ବର **CRPD/CBO/2025-26/18** ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.01.2026 ରୁ 18.02.2026 ପର୍ଯ୍ୟନ୍ତ ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ **https://sbi.bank.in/web/careers/current-openings.**

**ସ୍ଥାନ:** ମୁମ୍ବାଇ
**ତାରିଖ:** 30.01.2026
**ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)**

# ଗର୍ଜିଲା ଦେବଗଡ଼ ଜିଲ୍ଲା ମହିଳା ଓ ଯୁବ ଏକତା ମଞ୍ଚ

## ସ୍ୱାସ୍ଥ୍ୟ, ପରିମଳ, ନିର୍ମାଣ ଓ ପର୍ଯ୍ୟଟନ ସମସ୍ୟା ନେଇ ସାମ୍ବାଦିକ ସମ୍ମିଳନୀ



ଦେବଗଡ଼, ୯।୨(ସମିସ): ସରକାରଙ୍କ ଚରମ ଅବହେଳା ଓ ଉଦାସୀନତା ଯୋଗୁଁ ଦେବଗଡ଼ ଜିଲ୍ଲାରେ ସମ୍ପ୍ରତି ସ୍ୱାସ୍ଥ୍ୟ, ଶିକ୍ଷା ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ସେହିପରି ପୂର୍ତ୍ତ ବିଭାଗ ପକ୍ଷରୁ ବିନା ଟେଣ୍ଡରରେ ନିମ୍ନ ମାନର ନିର୍ମାଣ କାର୍ଯ୍ୟ ହେଉଥିବା ଏବଂ ପ୍ରଧାନପାଟ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକ ମାନଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଉ ନଥିବା ସୋମବାର ଦେବଗଡ଼ ଜିଲ୍ଲା ମହିଳା ଓ ଯୁବ ଏକତା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ସଂଧ୍ୟାରେ ସ୍ଥାନୀୟ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ମଞ୍ଚ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ଅଭିଯୋଗ ଉପସ୍ଥାପନ କରାହୋଇଛି। ନୂଆଁ ବାଲିରୋଇକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ ହେବାପରେ ଦେବଗଡ଼ ଜିଲ୍ଲା ମହିଳା ଓ ଯୁବ ଏକତା ମଞ୍ଚ ପକ୍ଷରୁ ନିରବଚ୍ଛିନ୍ନ ଆନ୍ଦୋଳନ ଓ ସଂଘର୍ଷ ପରେ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରତିଶ୍ରୁତି ଅନୁଯାୟୀ ସ୍ୱାସ୍ଥ୍ୟସେବା ଉପଲବ୍ଧ ହୋଇନାହିଁ। ରୋଗୀ ମାନେ ପୁରୁଣା କୋଠାକୁ ଗଲେ ସେମାନଙ୍କୁ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଉଛି। ସେଠାକୁ ଗଲେ ସାଧାରଣ ରୋଗ ହୋଇଥିଲେ ମଧ ବୁର୍ଲା ଡାକ୍ତରଖାନାକୁ ପଠାଇ ଦିଆଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ ହେବାର ୬ ମାସ ବିତିଛି। ହେଲେ ଖାଲି ଥିବା ଡାକ୍ତର, ଟେକନିସିଆନ ଓ କର୍ମଚାରୀ ପଦବୀ ପୂରଣ ହୋଇପାରିନାହିଁ। ସେହିପରି ପୌର ନିର୍ବାଚନ ପରଠାରୁ ଦେବଗଡ଼ ସହରରେ ଡ୍ରେନ ନିର୍ମାଣ ଓ ମରାମତି ଆଦି କୌଣସି ଆଖିଦୃଶିଆ ଉନ୍ନତିମୂଳକ କାର୍ଯ୍ୟ ହୋଇ ନାହିଁ। ସହରର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପଡିରହି ଦୁର୍ଗନ୍ଧ ସୃଷ୍ଟି ହେଉଛି। ସହରରେ ବ୍ଲିଚିଂ ପାଉଡର, ମଶା ତେଲ ଓ ଫିନାଇଲ ଆଦି ସିଞ୍ଚନ କରାଯାଉ ନାହିଁ। ପାଇଖାନା ଟାଙ୍କିରୁ ମଳ ସଫା କରିବା ନିମନ୍ତେ ପୂର୍ବରୁ ରହିଥିବା ବଡ ଗାଡି (ସେସପୁଲ) ବଦଳରେ ଛୋଟ ଗାଡିର ବ୍ୟବସ୍ଥା କରାଯାଇ ସମାନ ଅର୍ଥ ଆଦାୟ କରାଯାଉଛି। ଶିକ୍ଷକ ମାନେ ସଠିକ ଭାବେ ଶିକ୍ଷାଦାନ ନକରି ଏହାକୁ ବ୍ୟବସାୟରେ ପରିଣତ କରିବା ସହ ନେତାଗିରି କରୁଛନ୍ତି। ଦେବଗଡ଼ ଜିଲ୍ଲାର ମୁଖ୍ୟ ପର୍ଯ୍ୟଟନ ସ୍ଥଳୀ ପ୍ରଧାନପାଟର କୌଣସି ପ୍ରକାର ଉନ୍ନତିକରଣ କାର୍ଯ୍ୟ କରାଯାଉନାହିଁ। ପୂର୍ବରୁ ପର୍ଯ୍ୟଟକ ମାନେ ନିଃଶୁଳ୍କରେ ପ୍ରଧାନପାଟ ଜଳପ୍ରପାତର ସୌନ୍ଦର୍ଯ୍ୟ ଉପଭୋଗ କରୁଥିବା ବେଳେ ଏଥିନିମନ୍ତେ ଇତିମଧ୍ୟରେ ଜଙ୍ଗଲ ବିଭାଗ ପକ୍ଷରୁ ପର୍ଯ୍ୟଟକ ମାନଙ୍କ ଠାରୁ ଶୁଳ୍କ ଆଦାୟ କରାଯାଉଛି। ଏଣୁ ପର୍ଯ୍ୟଟନ ସ୍ଥଳୀକୁ ଅଧିକ ଆକର୍ଷଣୀୟ କରିବାସହ ପର୍ଯ୍ୟଟନ ମାନଙ୍କ ମନୋରଞ୍ଜନ ନିମନ୍ତେ ବୋଟିଂ ବ୍ୟବସ୍ଥା, ରୋପ ୱେ, ଚିଡିଆଖାନା, ବଟାନିକାଲ ପାର୍କ ଓ ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ସାମ୍ବାଦିକ ସମ୍ମିଳନୀରେ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ପୁଣି ପୂର୍ତ୍ତ ବିଭାଗର ଠିକାଦାର ପ୍ରୀତି ଓ ବିନା ଟେଣ୍ଡରରେ ନିର୍ମାଣ କାର୍ଯ୍ୟ ହେଉଥିବା ଏବଂ ଯନ୍ତ୍ରୀ ମାନେ କାର୍ଯ୍ୟସ୍ଥଳୀକୁ ନଯାଇ ଫଟୋ ଦେଖି ବିଲ ପ୍ରସ୍ତୁତ କରୁଥିବାରୁ ନିର୍ମାଣ କାର୍ଯ୍ୟ ନିମ୍ନ ମାନର ହେଉଥିବା ମଞ୍ଚ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ସମସ୍ତ ନିର୍ମାଣ କାର୍ଯ୍ୟ ଟେଣ୍ଡର ମାଧ୍ୟମରେ କରିବାକୁ ମଞ୍ଚ ଦାବି କରିଛି।

ଦେବଗଡ଼ ଜିଲ୍ଲା ଯୁବ ଏକତା ମଞ୍ଚର ଆବାହକ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦେବଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଗୌରହରୀ ଷଡଙ୍ଗୀ, ବାମଣ୍ଡା ବ୍ରାହ୍ମଣ ସମାଜର ସଭାପତି ଅଶୋକ ମିଶ୍ର, ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚର ସଭାପତି ଚୌଧୁରୀ ବେହେରା, କ୍ଷମାନିଧି ପାତ୍ର, ଜିଲ୍ଲା ମହିଳା ଏକତା ମଞ୍ଚର ରାଜଶ୍ରୀ ପାତ୍ର, ରଞ୍ଜିତା ସାହୁ, ସୁଜାତା ପ୍ରଧାନ, ଲିନା ଲିପ୍ସା ନାୟକ ଓ ପ୍ରେମଶୀଳା ଝାଙ୍କରଙ୍କ ସମେତ ଜିଲ୍ଲା ମହିଳା ଓ ଯୁବ ଏକତା ମଞ୍ଚର ବହୁ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ମଞ୍ଚାସୀନ ଥିଲେ।

## ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ କୋଠରୀ ଶିଳାନ୍ୟାସ



ବରଗଡ଼, ୯।୨(ସମିସ): ପୌର ପରିଷଦ ଅଧୀନ ଅମ୍ବାପାଲି ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ ଡିଇଓ ଜ୍ୟୋତିକାନ୍ତ ସାହୁ, କାଉନସିଲର ଦିପାଞ୍ଜଳୀ ବାଗ, ପଞ୍ଚସଖା ଶିକ୍ଷା ସେତୁ ଅଧ୍ୟକ୍ଷ ସୁରେଶ ମହାପାତ୍ର, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଈଶ୍ୱର ବାଗ, ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥ, ଦୟା ପ୍ରଧାନ ମଣ୍ଟୁ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଜେଜେବାପା ଜେଜେମାଆ ସମ୍ମିଳନୀ




ବରଗଡ଼, ୯।୨(ସମିସ): ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲ ବରଗଡ଼ରେ ଜେଜେବାପା ଜେଜେ ମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱଡିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାୱଡିଆ, ଏକାଡେମିକ କୋର୍ଡିନେଟର ସୀମା ସାହୁ, କୋର୍ଡିନେଟର ରୀତା ନାୟକ, ବବିତା ସାୱଡିଆ, ମମତା ଅଗ୍ରୱାଲଙ୍କ ସମେତ ପୂଜ୍ୟ ଜେଜେବାପା ଜେଜେ ମାଆ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଅଭିଭାବିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରାକ୍ ପ୍ରାଥମିକ ବିଭାଗର ଶିକ୍ଷୟିତ୍ରୀ ଶୁଭସ୍ମିତା ଓ ମକାରମୟୀ, ପ୍ରିତୀ, ଶ୍ରେୟା ସୁନୀତା ପ୍ରମୁଖ ଗୋଲାପ ଫୁଲ, ଚନ୍ଦନ ତିଳକଦେଇ ଜେଜେବାପ, ଜେଜେ ମାଆ ମାନଙ୍କୁ ସ୍ୱାଗତ କରିଥିଲେ। ଜେଜେବାପା ଜେଜେ ମାଆ ମାନେ ଘରର ମୁଖ୍ୟ ଅଟନ୍ତି। ନାତିନାତୁଣୀ ମାନଙ୍କର ଚାରିତ୍ରିକ ଗଠନ, ସାମାଜିକ ଆଧାଜିକ ବିକାଶର ମୂଳ ପିଣ୍ଡ ସେମାନେ। ଶିଶୁମାନେ ସେମାନଙ୍କ ସହ ଅଧିକ ସମୟ ବିତାଇବା ଉଚିତ୍ ବୋଲି ଡାଇରେକ୍ଟର ସିଦ୍ଧାର୍ଥ ସାୱଡିଆ ମତପୋଷଣ କରିଥିଲେ। ପ୍ରିନ୍ସିପାଲ କରନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜେଜେ ବାପା ଜେଜେ ମାଆଙ୍କ ମନୋରଞ୍ଜନ ପାଇ ପାଇଁ ବିଭିନ୍ନ ପ୍ରକାର ନାଚ, ଗୀତ, ଖେଳକୁଦ ଓ କୁଇଜ୍ ପ୍ରତିଯୋଗିତାର ଆୟୋଜନ ହୋଇଥିଲା। ଶିଷୟିତ୍ରୀ ମଧୁମିତ, ସବିତା ଓ ପ୍ରିୟା, ବିନୋଦିନୀ ଓ ପ୍ରିୟା, ଶୁଭସ୍ମିତା, ଅହଲ୍ୟା, ଶୁଭ୍ରସ୍ମିତା ପ୍ରମୁଖ ପରିଚାଳନା କରିଥିଲେ। ଜେଜେ ବାପା ଓ ଜେଜେ ମାଆମାନେ ତାଙ୍କ ନାତି ଓ ନାତୁଣୀଙ୍କ ସହ ରାମ୍ପ ୱାକ୍ କରିଥିଲେ। ଶେଷରେ ସମସ୍ତଙ୍କୁ ବିଦ୍ୟାଳୟ ତରଫରୁ ଗୋଟିଏ ଲେଖାଏଁ ଡାଏରୀ ପ୍ରଦାନ କରାଯାଇଥିଲା।

## ଉତ୍ତର ଭାରତ ତୀର୍ଥ ଭ୍ରମଣ କାର୍ଯ୍ୟକ୍ରମ



ରିଆମାଳ, ୯।୨(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ଆଠପଡା (କ) ୱାର୍ଡ ପକ୍ଷରୁ ଉତ୍ତର ଭାରତ ତୀର୍ଥ ଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ତ୍ରିଲୋଚନ ବେହେରା ଓ ସମ୍ପାଦକ ହରେକୃଷ୍ଣ ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରୟାଗରାଜ, ଚିତ୍ରକୁଟ, ଆଗ୍ରା, ବୃନ୍ଦାବନ, ମଥୁରା, ବର୍ସାନା, ଗୋପ ଆଦି ସ୍ଥାନ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଯୁଗୋଳ କିଶୋର ବେହେରା ପରିଚାଳନା କରିଥିବା ବେଳେ ସମ୍ପୂର୍ଣ୍ଣ ପରିଭ୍ରମଣ କାର୍ଯ୍ୟକ୍ରମକୁ ୧୦ ଦିନ ସମୟ ଲାଗିଥିଲା। ରିଆମାଳ, ବଡବାହଲଳ, ରାମପାଲି, ବୁଡିଦୋ, ତାରଙ୍ଗ, କୁମାଳ, ସାଲେଇଭଟା ଓ ବୁଢ଼ାକଟା ଆଦି ଗାଁର କୁରାଳ ସମାଜର ୧୨୦ ଜଣ ସଦସ୍ୟ ସାମିଲ୍ ହୋଇଥିଲେ। କବି ବେହେରା, ସୁଦାମ ବେହେରା, ମିତ୍ରଭାନୁ ବେହେରା, ଶେଷଦେବ ବେହେରା, ରୁଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼, ୯।୨(ସମିସ): ତିଲେଇବଣି ବ୍ଲକ୍ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ୧୨ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୬ଟି ବ୍ୟକ୍ତିଗତ ଓ ୬ଟି ସାମୂହିକ ଅଭିଯୋଗ ରହିଥିଲା। ସେଥିମଧ୍ୟରେ ଧାନ ଟୋକନ ସମସ୍ୟା, ନୂତନ ପଞ୍ଚାୟତ ଗଠନ, ଜମିର ହାଇଟେକ୍ ପଟ୍ଟା ସଂଶୋଧନ ଓ ବିଦ୍ୟୁତ୍ ସମସ୍ୟା ସମାଧାନ ନିମନ୍ତେ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଜିଲ୍ଲାପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ପ୍ରଧାନ, ଏସିଏଫ୍ ଅରୁଣ ବେହେରା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ଓ ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

**ଝାରସୁଗୁଡ଼ା:** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସୋମବାର ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ବ୍ଲକ୍‌ସ୍ତରୀୟ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବ୍ଲକ୍‌ର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗଗୁଡିକୁ ଶୁଣିବା ସହ ସେଗୁଡିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ସମୁଦାୟ ୩୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଜଣେ ହିତାଧିକାରୀଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଛି। ବିଶେଷ କରି ଲଖନପୁର ଡାକ୍ତରଖାନାରେ ଡାକ୍ତର ଅଭାବ ଓ ମେଡିସିନ ସ୍ପେସିଆଲିଷ୍ଟଙ୍କ ନିଯୁକ୍ତି, ରେଙ୍ଗାଲି ଓ ଲଖନପୁରରେ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଗୋବିନ୍ଦପୁର ଟୋଲ ପ୍ଲାଜା ଠାରୁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣ ବ୍ୟବସ୍ଥା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ଲଖନପୁରରେ ଦୋକାନ ଗୃହ ବଣ୍ଟନ, କଣ୍ଠେଇକେଲାରେ ସୋଲାରପମ୍ପ ଜରିଆରେ ଚାଷ କରାଯାଉଥିବା ଧାନର ପଞ୍ଜୀକରଣ ଏବଂ ଟିଙ୍ଗିସମାଲ ଅଞ୍ଚଳରେ ମାଇନିଂ ଆବାସ ଗୃହ ଯୋଗାଇଦେବା ଭଳି ପ୍ରସଙ୍ଗ ଗୁଡିକର ଶୁଣାଣି କରାଯାଇଥିଲା। ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲ୍ଲାପାଳ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଗୁଦେରପାଲି କଲେଜରେ ସତ୍ୟନାରାୟଣ ପୂଜା

ବରଗଡ଼, ୯।୨(ସମିସ): ଗାଇସିଲେଟ ବ୍ଲକ୍ ଅଧୀନ ଗୁଦେରପାଲି ଯୁକ୍ତ ଦୁଇ କଳା ମହାବିଦ୍ୟାଳୟରେ ଆଗକୁ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ବୋର୍ଡ ପରୀକ୍ଷା ହେବାକୁ ଯାଉଛି। ଏଥିରେ ଉନ୍ନତ ପ୍ରଦର୍ଶନ ତଥା ଭଲ ଫଳାଫଳ ପାଇଁ ଛାତ୍ରଛାତ୍ରୀ ମାନସିକ ରଖିଛନ୍ତି। ଏହି ଉପଲକ୍ଷେ ସୋମବାର କଲେଜ ପରିସରରେ ଛାତ୍ରଛାତ୍ରୀ ସତ୍ୟନାରାୟଣ ପୂଜା କରିଛନ୍ତି। ପଣ୍ଡିତ ରିଙ୍କୁ ଦେବତା ପୂଜା କାର୍ଯ୍ୟ ଏବଂ ଅଧ୍ୟକ୍ଷ ପ୍ରୀତିଶ ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପ୍ରଭୁ ସତ୍ୟପିରଙ୍କ ପାଖରେ ସିର୍ଣି, ମହନଭୋଗ, ମିଠା ସହିତ ବିଭିନ୍ନ ପ୍ରକାରର ଫଳ ଭୋଗ ଲାଗିଥିଲା। ଏହି ଉତ୍ସବରେ କଲେଜ ପରିଚାଳନା କମିଟିର ସମସ୍ତ କାର୍ଯ୍ୟକର୍ତ୍ତା, ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଉପସ୍ଥିତ ଥିଲେ।

## ପୌର ପରିଷଦରେ ଯୋଗଦେଲେ ନୂତନ ନିର୍ବାହୀ ଅଧିକାରୀ



ଦେବଗଡ଼, ୯।୨(ସମିସ): ପୌର ପରିଷଦର ନୂତନ ନିର୍ବାହୀ ଅଧିକାରୀ ଭାବେ ସୋମବାର ରତିକାନ୍ତ ଶୁକ୍ଲା କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବାହ୍ନରେ ପୂର୍ବ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁଙ୍କ ଠାରୁ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଶ୍ରୀ ଶୁକ୍ଲା ଭୁବନେଶ୍ୱର ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ସେହିପରି ଦେବଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଏନଏସିକୁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବଦଳି ହୋଇଛନ୍ତି।

## ଜିଲ୍ଲା ଶୁଣ୍ଡି ସମାଜର ବୈଠକ

ଝାରସୁଗୁଡ଼ା, ୯।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଶୁଣ୍ଡୀ ସମାଜର ବୈଠକ ଜିଲ୍ଲା ସଭାପତିଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ମାର୍ଚ୍ଚ ୮ରେ ସମାଜର ଜିଲ୍ଲା ବାର୍ଷିକ ସମ୍ମିଳନୀ କରାଯିବା ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି। ବାର୍ଷିକ ସମ୍ମିଳନୀ ପାଳନ ପାଇଁ କମିଟି ଗଠନ କରାଯାଇଥିଲା। ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ଜିଲ୍ଲାର ସବୁ ବ୍ଲକ୍ ଓ ପୌରାଞ୍ଚଳରୁ ସବୁ ପରିବାରଙ୍କ ସହ ମହିଳା ଓ ପୁରୁଷ ଯୋଗଦେବେ ସେଥିପ୍ରତି କମିଟିର କର୍ମକର୍ତ୍ତା ସଚେତନ ହେବାକୁ ସ୍ଥିର ହୋଇଥିଲା। ଜିଲ୍ଲା ସଭାପତି ନବୀନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜୟ ବେହେରା, ଉମେଶ ବେହେରା, ଅଶୋକ ବେହେରା, ଅମିତ ବାଗ, ଉଦିଆଁ ବେହେରା, ମୁକେଶ ସାହୁ, ସୁବାଷ ବେହେରା, ଖିତି ବିଳାସ ବେହେରା, ତୁଳାରାମ ସେନପତି, ଜନ୍ମାଜୟ ନାଏକ, ବିଦେଶୀ ବେହେରା, ଡିଲେଶ୍ୱର ସାହୁ, ଗଣ୍ଡାରାମ ବେହେରା, ହେମସାଗର ନାଏକ, ତୁଳାରାମ ସା, କୌଶିକ ନାଏକ, ସୁକାନ୍ତ ସାହୁ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

## ନାବାଳିକାକୁ ଦୁଷ୍କର୍ମ: ୬୦ ବର୍ଷିୟ ଅଭିଯୁକ୍ତକୁ ଜେଲ୍

ଦେବଗଡ଼, ୯।୨(ସମିସ): ଦେବଗଡ଼ ଥାନା ଅଧୀନ ଖୁଣ୍ଟିଆପାଲି ଗାଁରେ ଜଣେ ୧୪ ବର୍ଷୀୟ ନାବାଳିକାକୁ ୬୦ ବର୍ଷୀୟ ବୃଦ୍ଧ ଦୁଷ୍କର୍ମ କରିବା ଲିଖିତ ଅଭିଯୋଗ ଦେବଗଡ଼ ଥାନାରେ ହୋଇଛି। ଅଭିଯୁକ୍ତ ଜଣକ ସେହି ଗାଁର ଗୌର ବିଶ୍ୱାଳ ବୋଲି ଜଣା ପଡ଼ିଛି। ଗତ ଜାନୁଆରୀ ୩୦ରେ ନାବାଳିକା ଜଣକ ଖେଳପଡିଆରୁ ଘରକୁ ଫେରିବା ବେଳେ ଅଭିଯୁକ୍ତ ବଳପୂର୍ବକ ଦୁଷ୍କର୍ମ କରିଥିଲା। ପରେ ଏକୁଟିଆ ରହୁଥିବା ପୀଡିତା ନାବାଳିକା ଓ ତା ମା'ଙ୍କୁ ହତ୍ୟା ଧମକ ଦେଇ ଭୟଭୀତ କରି ରଖିଥିଲା। ପୀଡିତାର ବାପା କାମ ପାଇଁ ବାହାରକୁ ଯାଇଥିଲେ। ଆଜି ଘରକୁ ଫେରିବା ପରେ ଦେବଗଡ଼ ଥାନାରେ ବାପା ମାଙ୍କ ସହ ପୀଡ଼ିତା ଥାନାକୁ ଆସି ଅଭିଯୋଗ କରିଛି। ଦୁଷ୍କର୍ମ ଓ ପକ୍ସୋ ସମେତ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଅଭିଯୁକ୍ତକୁ ପୁଲିସ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ଅଭିଯୁକ୍ତକୁ ପଠାଇ ଥିବା ଜଣାପଡିଛି।

## ପଞ୍ଚାୟତ କଲେଜରେ ଅଭିଭାବକ-ଶିକ୍ଷକ ବୈଠକ

ବରଗଡ଼, ୯।୨(ସମିସ): ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକଙ୍କ ବୈଠକ ହୋଇଯାଇଛି। ଏଥିରେ ଅଭିଭାବକମାନେ ଛାତ୍ରଛାତ୍ରୀଙ୍କ ଅନ୍ତଃ ପରୀକ୍ଷାର ଖାତା ଓ ନମ୍ବର୍ ଦେଖିଥିଲେ। ପରେ ଛାତ୍ରଛାତ୍ରୀଙ୍କ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ଡ.ନକୁଳ ସେଠ୍ ଉପସ୍ଥିତ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ।

ବୈଠକରେ ଛାତ୍ରଛାତ୍ରୀଙ୍କ ଶ୍ରେଣୀ ଉପସ୍ଥାନ, ଅନ୍ତଃ ପରୀକ୍ଷାର ମୂଲ୍ୟାଙ୍କିତ ନମ୍ବର ସମେତ ସର୍ବୋଚ୍ଚ ନମ୍ବର୍ ରଖିଥିବା ରେଣୁକା ପୋଢ଼ (କଳା), ହର୍ଷିତା ବିଶ୍ୱାଳ (ବିଜ୍ଞାନ) ଓ ରାନୀ ଚୌଧୁରୀ (ବାଣିଜ୍ୟ)ଙ୍କୁ ଅଧ୍ୟକ୍ଷ ଡ.ସେଠ୍ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ପ୍ରଫେସର ଶଶୀଭୂଷଣ ସେଠ୍, ଅଧ୍ୟାପକ ତୁଷାରକାନ୍ତ ସାହୁ ଓ ଅଧ୍ୟାପିକା ରୀତ ପାଣ୍ଡେ ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ଅଧ୍ୟାପକ ଶାନ୍ତନୁ ସୁନା ଧନ୍ୟବାଦ ପ୍ରଦାନ କରିଥିଲେ।

## କୃମିନାଶକ ଦିବସ ପାଇଁ ସଚେତନତା ବୈଠକ

ଝାରବନ୍ଧ, ୯।୨(ସମିସ): ଜାତୀୟ କୃମିନାଶକ ଦିବସକୁ ସଫଳ କରିବା ଲକ୍ଷ୍ୟରେ ଝାରବନ୍ଧରେ ସଚେତନତା, ପ୍ରଶିକ୍ଷଣ ଓ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଛି। ଡ.ଯଶୋବନ୍ତ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ ବିଭାଗର କର୍ମୀମାନଙ୍କୁ କୃମିନାଶକ ଦିବସ ସମ୍ବନ୍ଧୀୟ ଦାୟିତ୍ୱ ଓ କାର୍ଯ୍ୟପ୍ରଣାଳୀ ବିଷୟରେ ଅବଗତ କରାଯାଇଥିଲା। ବୈଠକରେ ପିଏଚଇଓ ଅରୁଣ ଭୋଇ କୃମିନାଶକ ଔଷଧ ବଣ୍ଟନ ପ୍ରକ୍ରିୟା, ଲକ୍ଷ୍ୟ, ଶିଶୁ ଓ କିଶୋର ଗୋଷ୍ଠୀ, ସୁରକ୍ଷା ନିୟମ ଏବଂ ସଚେତନତା ସୃଷ୍ଟି ବିଷୟରେ ବିସ୍ତୃତ ଅଲୋଚନା କରିଥିଲେ। ବୈଠକରେ ଡ.ସୁନୀଲ ନାୟକ, ବିପିଏମ ପ୍ରଶାନ୍ତ ପ୍ରଧାନ ସହ ସମସ୍ତ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ। ଆଜି କୃମିନାଶକ ଔଷଧ ସୂଚାରୁ ଭାବେ ବଣ୍ଟନ କରିବା ପାଇଁ ଆହ୍ୱାନ ଜଣାଯାଇଥିଲା।

## ବିଶ୍ୱାମିତ୍ର ମିଶ୍ରଙ୍କ ପରଲୋକ



ଅତାବିରା, ୯।୨(ସମିସ): ପୂର୍ବତନ ଚକବନ୍ଦି ଅଫିସର ବିଶ୍ୱାମିତ୍ର ମିଶ୍ର (୮୫)ଙ୍କ ପରଲୋକ ଘଟିଛି। ଶ୍ୱାସଜନିତ ରୋଗରେ ଗତ ୮ ଦିନ ହେଲା ବରଗଡ଼ର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତାଙ୍କ ପାର୍ଥୀବ ଶବ ଅତାବିରା ହସ୍ପିଟାଲ ଛକ ନିକଟ ବାସଭବକୁ ଆସିଥିଲା। ପରେ ସ୍ଥାନୀୟ ଶ୍ମଶାନଘାଟରେ ଦାହ ସଂସ୍କାର କରାଯାଇଛି। ପୁତ୍ର ବଦ୍ରି ମୁଖାଗ୍ନି ଦେଇଥିଲେ।

## ହୀରାପୁରରେ ଓବିସି ମଞ୍ଚର ବୈଠକ

ପାଇକମାଳ, ୯।୨(ସମିସ): ପାଇକମାଳ ବ୍ଲକ୍ ହୀରାପୁରରେ ଡୋଳାମଣି ମାହରଙ୍କ ସଭାପତିତ୍ୱରେ ଓବିସି ମଞ୍ଚର ବୈଠକ ଅନୁଷ୍ଠିତ ହୋଇଛି। ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରା ହୋଇଥିଲା। ଏହାପରେ ସର୍ବସମ୍ମତି କ୍ରମେ ବିଭିନ୍ନ ପ୍ରସ୍ତାବ ଗୁଡିକ ଗ୍ରହଣ କରାଗଲା। ଓବିସି ମାନଙ୍କ ପାଇଁ ସବୁଥିରେ ୨୭% ସଂରକ୍ଷଣ କରାଯାଉ, ଆସନ୍ତା ଜନଗଣନା ସମୟରେ ପଛୁଆ ବର୍ଗ ମାନଙ୍କୁ ଗଣନା କରାଯାଉ, ୟୁଜିସି କାନୁନ୍ ୨୦୨୬ ବିଲକୁ ଲାଗୁ କରାଯାଉ, ଏନେଇ ପ୍ରସ୍ତାବ ଗୃହୀତ ହେଲା। ପ୍ରତି ଗାଁରେ ଆଗାମୀ ଦିନରେ ଓବିସି ଜନଜାଗରଣ ସଭା କରାଯିବା ପାଇଁ ସ୍ଥିର ହେଲା। ଆଲୋଚନାରେ ରାଜିନ୍ଦ୍ର ସାହୁ, ଯୁଧିଷ୍ଠିର ସାହୁ, କ୍ଷମାନିଧି ପଟେଲ, ଗୋପୀନାଥ ସୁନାରି, ଧବଳେଶ୍ୱର ସାହୁ, ବିଷ୍ଣୁ ଚରଣ ସାହୁ, ରାଜୀବ ସାହୁ, ବନ ମାଳି ବାଗ, ଶଙ୍କର ଭୁଏ, ଲବ ପାଣ୍ଡେ, ଶେଷରେ ରାଜକିଶୋର ପାତ୍ର ପ୍ରମୁଖ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



## ଝାରବନ୍ଧରେ ଆଶାକର୍ମୀଙ୍କ ପ୍ରଶିକ୍ଷଣ ଶିବିର

ଝାରବନ୍ଧ, ୯।୨(ସମିସ): ଗ୍ରାମୀଣ ସ୍ୱାସ୍ଥ୍ୟ ସେବାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଝାରବନ୍ଧରେ ଆଶାକର୍ମୀମାନଙ୍କ ପାଇଁ ଆୟୋଜିତ ୬ ଦିନିଆ ପ୍ରଶିକ୍ଷଣ ଶିବିର ଶେଷ ହୋଇଛି। ଝାରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସଭାଗୃହରେ ଡାକ୍ତର ଯଶୋବନ୍ତ ମେହେରଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବିପିଏମ ପ୍ରଶାନ୍ତ ପ୍ରଧାନ ପରିଚାଳନା କରିଥିଲେ।

ଜଗଦଳପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ୨୬ ଜଣ ଆଶାକର୍ମୀଙ୍କୁ ସିଏଚଓ କେଶରୀ ମାଝୀ ଓ ଯାମିନୀ କଲସେ ପ୍ରଶିକ୍ଷଣ ଦେଇଥିଲେ। ଝାରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ୨୭ ଜଣ ଆଶାକର୍ମୀଙ୍କୁ ଡାକ୍ତର ଗାୟତ୍ରୀ ନନ୍ଦ ଓ ସିଏଚଓ ପ୍ରିୟଙ୍କା ତାଣ୍ଡି ପ୍ରଶିକ୍ଷିତ କରିଥିଲେ। ଡଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୨୯ ଜଣ ଆଶାକର୍ମୀଙ୍କୁ ଡାକ୍ତର ଅନିଲ ମେହେର ଓ ଡାକ୍ତର ସୁନୀଲ ନାଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷଣରେ ଜରୁରୀକାଳୀନ ସେବା, ଆଖିର ଯତ୍ନ, ବୟସ୍କ ବ୍ୟକ୍ତିଙ୍କ ଦେଖଭାଳ, ମୁଖ ଗହ୍ୱର ସ୍ୱାସ୍ଥ୍ୟ, କାନ-ନାକ-ଗଳା ଯତ୍ନ ଓ ମାନସିକ ସ୍ୱାସ୍ଥ୍ୟ ଭଳି ବିଷୟରେ ଗଭୀର ତଥ୍ୟ ଦିଆଯାଇଥିଲା। ଗ୍ରାମସ୍ତରରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ସହ ଆପତ୍କାଳୀନ ସମୟରେ ଆଶାକର୍ମୀମାନେ କିପରି ପ୍ରାଥମିକ ସେବା ଦେଇପାରିବେ, ସେଥିପାଇଁ ପ୍ରାୟୋଗିକ ଶିକ୍ଷା ମଧ୍ୟ ଦିଆଯାଇଥିବା ଜଣାପଡିଛି।

### ପଦ୍ମିନୀ ମହାପାତ୍ର ମେମୋରିଆଲ କବାଡ଼ି ଟୁର୍ଣ୍ଣାମେଣ୍ଟ

## ଚିନ୍ମୟ ବିଦ୍ୟାଳୟ ଚାମ୍ପିଅନ, ବାଲ୍ ଭାରତୀ ରନର୍ସଅପ୍




ଦେବଗଡ଼, ୯।୨(ସମିସ): ସ୍ଥାନୀୟ ବାଲ ଭାରତୀ ଇଂରାଜୀ ମାଧ୍ୟମିକ ସ୍କୁଲ ପକ୍ଷରୁ ଅଧକ୍ଷ୍ୟା ସୁପ୍ରିୟା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ୨ୟ ଆନ୍ତଃ ବିଦ୍ୟାଳୟ ସ୍ତରୀୟ ପଦ୍ମିନୀ ମହାପାତ୍ର ମେମୋରିଆଲ କପ୍ କବାଡି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ତାପସ ମହନ୍ତ, ଜିଲ୍ଲା କ୍ରୀଡ଼ା ସଂସଦରେ ସମ୍ପାଦକ ଧୀରେନ୍ଦ୍ର ନାୟକ, ବରିଷ୍ଠ କ୍ରୀଡ଼ା ସଂଗଠକ ହେମନ୍ତ ମହାପାତ୍ର, ବରିଷ୍ଠ କ୍ରୀଡ଼ାବିତ ପ୍ରଦୀପ ଅମାନ୍ତ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ରାଜ୍ୟ କବାଡ଼ି ସଂଘର ଉପସଭାପତି ପୃଥ୍ୱୀରାଜ ପଟ୍ଟନାୟକ, ସାମାଜିକକର୍ମୀ ଅର୍ଣ୍ଣବ ପଣ୍ଡା ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ୧୨ଟି ବିଦ୍ୟାଳୟରୁ ମୋଟ ୧୨୦ ଜଣ କବାଡ଼ି ଖେଳାଳି ଯୋଗ ଦେଇଥିଲେ। ୨ୟ ପଦ୍ମିନୀ ମହାପାତ୍ର ମେମୋରିଆଲ କବାଡି ଟୁର୍ଣ୍ଣାମେଣ୍ଟରେ ଚିନ୍ମୟ ବିଦ୍ୟାଳୟ ଚାମ୍ପିଅନ ହୋଇଥିବା ବେଳେ ବାଲ ଭାରତୀ ଇଂରାଜୀ ମାଧ୍ୟମିକ ସ୍କୁଲ ରନର୍ସ ଅପ ହୋଇଥିଲା। ସେହିପରି ରେଙ୍ଗାଲବେଡା ବିଦ୍ୟାଳୟକୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ କରାଯାଇଥିଲା। ନୀଲେଶ ବେହେରା ଶ୍ରେଷ୍ଠ ରାଇଡର, ଲଲାଟେନ୍ଦୁ ଅମାନ୍ତ ଶ୍ରେଷ୍ଠ ଖେଳାଳି ଓ ଦୁଷ୍ମନ୍ତ ନାଗ ଶେଷ୍ଠ ଡିଫେଣ୍ଡର ଭାବେ ପୁରସ୍କୃତ ହୋଇଥିଲେ। ଆଲୋକ ଅମାନ୍ତ, କଳ୍ପନା ସାହୁ, ପିୟୁଷ ଛତ୍ରିୟା, ସଞ୍ଜୟ ଦେବ, ଅଭିନାସ ପ୍ରଧାନ, ବଣ୍ଟି ସୋନି, ସଙ୍ଗୀତରାଜ ପଟ୍ଟନାୟକ, ପ୍ରଭାତ ସାହୁ, ପ୍ରତ୍ୟୁଷ ନାୟକ ପ୍ରମୁଖ ମ୍ୟାଚ୍ ଗୁଡିକୁ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସୂରଜ ଦେବ, ସୁମିତ ବରାଇ, ସୁଚିସ୍ମିତା ଦେଓ, ମଧୁସ୍ମିତା ଦେବ, ଚିତ୍ରଲେଖା ପ୍ରଧାନ, ଝୁନୁ ଦେହୁରି, ଭାରତୀ ପାତ୍ର, ଆକାଂକ୍ଷା ଦିବେଦୀ, ରୁନି ସାହୁ ଓ ସୌଭାଗ୍ୟବତୀ ସାମଲ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ମନରେଗା ଯୋଜନା ପୁନଃ ପ୍ରଚଳନ ଦାବି

ଅନୁଗୋଳ, ୯ ।୨(ସମିସ)




## ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବିପତ୍ର

ମନରେଗା ଯୋଜନା ପୁନଃ ପ୍ରଚଳନ କରିବାକୁ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଦାବି କରାଯାଇଛି । ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଶୋଭାଯାତ୍ରାରେ ଆସି କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ସ୍ମାରକପତ୍ର ଗ୍ରହଣ କରିଥିଲେ । ଗ୍ରାମାଞ୍ଚଳର ଗରିବ ଜନସାଧାରଣଙ୍କୁ ବର୍ଷରେ ୧୦୦ ଦିନର କର୍ମନିଯୁକ୍ତି ସୁନିଶ୍ଚିତ କରିବା ପାଇଁ ୨୦୦୫ରେ ତତ୍କାଳୀନ ୟୁପିଏ ସରକାର ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ନାମରେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିଥିଲେ । ଉକ୍ତ ଆଇନରେ ଜଣେ ନାଗରିକ ନିଜ କର୍ମନିଯୁକ୍ତି ପାଇବାର ଅଧିକାରକୁ ସରକାରଙ୍କଠାରେ ଦାବି ରଖିପାରିବ । ଦାବିର ୧୫ ଦିନ ମଧ୍ୟରେ ସରକାର କାମ ଯୋଗାଇ ନ ପାରିଲେ, ତାଙ୍କୁ ବେରୋଜଗାର ଭତ୍ତା ଦେବା ବ୍ୟବସ୍ଥା ଏହି ଆଇନରେ ଥିଲା । ହେଲେ କେନ୍ଦ୍ର ମୋଦୀ ସରକାର ମହାତ୍ମା ଗାନ୍ଧୀଙ୍କ ନାମକୁ କାଟିବା ପାଇଁ ଯୋଜନାବଦ୍ଧ ଭାବେ ଏହି ଆଇନକୁ ରଦ୍ଦ କରି ଜିଭିଜି ରାମ ଜି ନାମରେ ଏକ ଦିଶାହୀନ ଆଇନ ପ୍ରଣୟନ କଲେ । କେନ୍ଦ୍ର ସରକାର ନାଗରିକଙ୍କୁ କାମ ଦେବା ନାଁରେ କାମ ହରଣ କରୁଛି ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ।

ସ୍ମାରକପତ୍ର ପ୍ରଦାନ ବେଳେ ବରିଷ୍ଠ ନେତା ଉମେଶ ଚନ୍ଦ୍ର ସାହୁ, ରୂପାଦୀପ୍ତା ମହାପାତ୍ର, ଦାଶରଥି ସାହୁ, ଏଲ ମାଣିକପ୍ରଭା, ଗୋପାଳ ଚନ୍ଦ୍ର ନାଥ, ଚିତ୍ତରଞ୍ଜନ ନାଏକ, ନିରଞ୍ଜନ ଦାସ, ଅମୂଲ୍ୟ ବେହେରା, ବିନୋଦ ମାଝୀ, ରାକେଶ ମିଶ୍ର, ସୁଦୀପ ମିଶ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ବାସୁଦେବ ସାମଲ, ଅଶୋକ ନାଏକ, ଅବିନାଶ ବେହେରା, ସୁବାସ ସାହୁ, ଅରୂପ ସାମଲ, ଅରୁଣ ଦାସ, ଜଗନ୍ନାଥ ବେହେରା, ସଂଗ୍ରାମ ବେହେରା, ଅଳକାରାଣୀ ମହାପାତ୍ର, ମାନିନୀ ପ୍ରଧାନ, ରଶ୍ମିରଞ୍ଜନ ସାହୁ ମାଧବାନନ୍ଦ ମହାପାତ୍ର, ଅନୁକୂଳ ଦାସ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

## ମହିଳାଙ୍କୁ ଅସଦାଚରଣ; ଅଭିଯୁକ୍ତ ଗିରଫ

କଣିହାଁ, ୯ ।୨(ସମିସ): କଣିହାଁ ଥାନା ଡେରଙ୍ଗ ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ପୁଲିସ ଅଭିଯୁକ୍ତ ଜିତେନ୍ଦ୍ର ମହାତୋ (୪୨)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ଜିତେନ୍ଦ୍ର ଘର ଝାଡ଼ଖଣ୍ଡ ହରିହରପୁର ଥାନା ଗୁମାହୋ ଗ୍ରାମରେ । ସେ ଜେଆଇପିଏଲ ପ୍ଲାଣ୍ଟର ଏକ ଠିକାସଂସ୍ଥାରେ କାମ କରୁଥିଲେ । ଗତ ୬ ତାରିଖ ଥାନରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ।

## ପୋଖରୀରେ ବୁଡ଼ି ୨ ମୃତ

ପାଲଲହଡ଼ା/କିଶୋରନଗର, ୯ ।୨(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଓ କିଶୋରନଗର ଅଞ୍ଚଳରେ ପୋଖରୀରେ ବୁଡ଼ି ଦୁଇଜଣଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ପାଲଲହଡ଼ା ଥାନା ପେଚାମୁଣ୍ଡି ଗ୍ରାମର ଭୀମ ନାଏକ ଓ କିଶୋରନଗର ଥାନା ବ୍ରାହ୍ମଣୀଦେଇ ଗାଁର କ୍ଷୀରୋଦ ପାତ୍ର (୩୨) । ରବିବାର ସନ୍ଧ୍ୟାରେ ଭୀମ ନିଜ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ିଯାଇଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ମଧ୍ୟ ତାଙ୍କୁ ପାଇ ନ ଥିଲେ । ଏ ନେଇ ପାଲଲହଡ଼ା ଦମକଳ ବାହିନୀକୁ ସୂଚନା ଦେଇଥିଲେ । ସୋମବାର ସକାଳେ ଦମକଳ ବାହିନୀ ପହଞ୍ଚି ପୋଖରୀରୁ ତାଙ୍କ ମୃତଦେହ ଉଦ୍ଧାର କରିଛି । ପାଲଲହଡ଼ା ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଡାକ୍ତରଖାନା ପଠାଇବା ସହ ତଦନ୍ତ କରୁଛି । ସେହିପରି କିଶୋରନଗର ଥାନା ସଞ୍ଜାମୁରା ଗାଁ ପୋଖରୀରେ ବୁଡ଼ି କ୍ଷୀରୋଦଙ୍କ ମୃତ୍ୟୁ ହୋଇଛି । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି ।

## ଆଇନଜୀବୀଙ୍କ ବିୟୋଗରେ ଶୋକସଭା



ଅନୁଗୋଳ, ୯ ।୨(ସମିସ): ଆଇନଜୀବୀ ଶୁଭେନ୍ଦୁ କୁମାର ପ୍ରଧାନଙ୍କ ବିୟୋଗରେ ସୋମବାର ପୂର୍ବାହ୍ନରେ ଅନୁଗୋଳ ଓକିଲ ସଂଘ ପକ୍ଷରୁ ଅଦାଲତ ପରିସରରେ ଶୋକସଭା ଅନୁଷ୍ଠିତ ହୋଇଛି । ସଂଘ ସଭାପତି ହିମାଂଶୁ ଭୂଷଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ଉପସ୍ଥିତ ଓକିଲମାନେ ସ୍ୱର୍ଗତ ପ୍ରଧାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ । ସ୍ୱର୍ଗତ ପ୍ରଧାନ ଜଣେ ଅମାୟିକ, ସରଳ, ନିଷ୍କପଟ, ପରୋପକାରୀ ନିର୍ଭୀକ ଆଇନଜୀବୀ ଭାବେ ବେଶ୍ ସୁନାମ ଅର୍ଜନ କରିଥିଲେ । ତାଙ୍କ ରୋକଠୋକ ତଥା ସତ୍ୟ ଉପରେ ଆଧାରିତ ସ୍ୱଳ୍ପ ଉତ୍ତରକୁ ସହଜରେ ଭୁଲି ହେବ ନାହିଁ । ତାଙ୍କ ଦିବଂଗତ ପିତା ଜଣେ ସୁନାମଧନ୍ୟ ଓକିଲ ଓ ତାଙ୍କ ସହଧର୍ମିଣୀ ମଧ୍ୟ ପେସାରେ ଆଇନଜୀବୀ ଭାବେ ବେଶ୍ ଲୋକପ୍ରିୟତା ପାଇଛନ୍ତି । ସ୍ୱର୍ଗତ ପ୍ରଧାନ କିନ୍ତୁ ନିଜେ ନିଜ ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ମତ ପ୍ରକାଶ ପାଇଥିଲା । ଶୋକସଭାରେ ସଂଘ ଉପସଭାପତି ପ୍ରତାପ ଚନ୍ଦ୍ର ନାଏକ, ସମ୍ପାଦକ ଧ୍ରୁବଚରଣ ସାହୁ, ସହସମ୍ପାଦକ ପୁରୁଷୋତ୍ତମ ନାଏକ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସେଠୀ, ସାଂସ୍କୃତିକ ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ସାହୁ, ସରକାରୀ ଓକିଲ ଭବାନୀ ଶଙ୍କର ପ୍ରଧାନ, ଦୀପକ ସାହୁ, ଅଶୋକ ପଟ୍ଟନାୟକ, ଗୋପାଳ ନାଥ, ବରିଷ୍ଠ ଓକିଲ ସୁବାସ ଚନ୍ଦ୍ର ମିଶ୍ର, ଅକ୍ଷୟ କୁମାର ଦାସ, ପରମାନନ୍ଦ ମିଶ୍ର, ବସନ୍ତ କୁମାର ଦାସ, ପ୍ରମୋଦ କୁମାର ପ୍ରଧାନ, ମହେନ୍ଦ୍ର କୁମାର ବସ୍ତିଆ, ସୁଶୀଲ କୁମାର ପ୍ରଧାନ, ସୀତାଂଶୁ ଶେଖର ନାଥ, ପ୍ରଦୀପ କୁମାର ଦେବତା, ଜିତେନ୍ଦ୍ର କୁମାର ସାହୁ, ମମତା ପଟ୍ଟନାୟକ, ଦିଲୀପ କୁମାର ଦାସ ପ୍ରମୁଖ ଶତାଧିକ ଓକିଲ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସକାଳେ ସ୍ୱର୍ଗତ ପ୍ରଧାନଙ୍କ ମରଶରୀରକୁ ଶୋଭାଯାତ୍ରାରେ କୋର୍ଟ ପରିସରକୁ ଅଣାଯାଇ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିପ୍ଳବ ଜେନା, ଶକ୍ତିପ୍ରସାଦ ପଟ୍ଟନାୟକ ପ୍ରମୁଖ ଶେଷ ସମ୍ମାନ ଅର୍ପଣ କରିଥିଲେ ।

## ଭାଗୀରଥିପୁର ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ



କିଶୋରନଗର, ୯ ।୨(ସମିସ): ଆଠମଲ୍ଲିକ ଉପଖଣ୍ଡ କୃତିବାସପୁର ପଞ୍ଚାୟତ ଭାଗୀରଥିପୁର ଗ୍ରାମରେ ସୋମବାର ବିଶ୍ୱାଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି । ସକାଳ ୯ଟାରେ ଗାଁ ନିକଟ ନାଳରୁ ରୀତିନୀତି ଅନୁସାରେ ପୂଜାପାଠ କରି କଳସଯାତ୍ରା ହୋଇଥିଲା । ଯଜ୍ଞ ମଣ୍ଡପରେ କଳସ ସ୍ଥାପନ ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟା ୭ଟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ପାଞ୍ଚ ଦଳ ନାମ ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ କରିଥିଲେ । କର୍ତ୍ତା ଭାବେ ସୁରେଶ ଚନ୍ଦ୍ର ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ମାନସୀ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ । ପୂଜକ ଅନିଲ ମିଶ୍ର, ଅଶୋକ ମିଶ୍ର, ଠାକୁରଗଡ଼ ବାବାଙ୍କ ମନ୍ତ୍ର ପାଠରେ ଗାଁ ପରିବେଶ ଭକ୍ତିମୟ ହୋଇଥିଲା । ସଭାପତି ସୁରେଶ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସମ୍ପାଦକ ବିପିନି କୁମାର ସାହୁ, ସଦସ୍ୟ ସୁବାସ ପ୍ରଧାନ, ବିରଞ୍ଚି ପ୍ରଧାନ, ଅନିଲ ପ୍ରଧାନ, ସତ୍ୟବ୍ରତ ପ୍ରଧାନ, ସୁଶାନ୍ତ ପ୍ରଧାନ, ରମେଶ ପ୍ରଧାନ, ରଞ୍ଜିତ ପ୍ରଧାନ, ଲମ୍ବୋଦର ସାହୁ, ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

**ବିନା ପ୍ରତିଦ୍ୱନ୍ଦ୍ୱିତାରେ ଅନୁଗୋଳ କ୍ରିକେଟ ସଂଘ ନିର୍ବାଚନ ଶେଷ**

## ବିଧାୟକ ପ୍ରତାପ ପ୍ରଧାନ ଦ୍ୱିତୀୟ ଥର ସଭାପତି ନିର୍ବାଚିତ



ଅନୁଗୋଳ, ୯ ।୨(ସମିସ): ଅନୁଗୋଳ ଜିଲ୍ଲା କ୍ରିକେଟ ସଂଘର କଦମ ପଡ଼ିଆସ୍ଥିତ ନିଜସ୍ୱ କାର୍ଯ୍ୟାଳୟରେ ଆସନ୍ତା ୧୩ ତାରିଖ ହେବାକୁ ଥିବା ସଂଘର ପରିଚାଳନା କମିଟି (୭ ସଦସ୍ୟ ବିଶିଷ୍ଟ)ର ସଦସ୍ୟ ନିର୍ବାଚନ ନିମନ୍ତେ ସୋମବାର ନାମାଙ୍କନପତ୍ର ଦାଖଲ କରାଯାଇଥିଲା । ଏଥିରେ ସଭାପତି, ୨ ଉପସଭାପତି, ସମ୍ପାଦକ, ୨ ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ନିମନ୍ତେ ବର୍ତ୍ତମାନ ଜିଲ୍ଲା ଜିଲ୍ଲା କ୍ରିକେଟ ସଂଘ ପରିଚାଳନା କମିଟିର ସମସ୍ତ ପଦାଧିକାରୀ ନାମାଙ୍କନ ଦାଖଲ କରିଥିଲେ । ଅନ୍ୟ କୌଣସି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ବିନା ନିର୍ବାଚନରେ ସମସ୍ତେ ନିର୍ବାଚିତ ହୋଇଛନ୍ତି । ସଂଘ ସଭାପତି ତଥା ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଦ୍ୱିତୀୟ ଥର ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ ହୋଇଛନ୍ତି । ସେହିପରି ଉପସଭାପତି ଭାବେ ପ୍ରଭାତ କୁମାର ସିହ୍ନା, ଅରୁଣ କୁମାର ପୁଷ୍ପାଳକ, ସାଧାରଣ ସମ୍ପାଦକ ଭାବେ ସାଗରନାଥ ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ଗଙ୍ଗାଧର ପଟ୍ଟନାୟକ, ସତ୍ୟେନ୍ଦ୍ର ପ୍ରଧାନ ଓ କୋଷାଧ୍ୟକ୍ଷ ରଞ୍ଜନ କୁମାର ଧୀରସାମନ୍ତ ମଧ୍ୟ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି । ସଭାପତି ପ୍ରଧାନ ଏହି ବିଜୟ ପାଇଁ ସଙ୍ଘର ସମସ୍ତ ସଦସ୍ୟଙ୍କୁ ଶ୍ରେୟ ଦେଇଛନ୍ତି । ଅନୁଗୋଳ ଜିଲ୍ଲା କ୍ରିକେଟରେ ଏକ ବୈପ୍ଳବିକ ପରିବର୍ତ୍ତନ ହେବା ନେଇ ସେ ଆଶା ପ୍ରକାଶ କରିଛନ୍ତି । ଅନୁଗୋଳ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ତଥା ଅନୁଗୋଳ ଜିଲ୍ଲା କ୍ରିକେଟ ସଂଘର ନିର୍ବାଚନ ଅଧିକାରୀ ଭୁପେଶ ଚନ୍ଦ୍ର ପ୍ରଧାନ ନିର୍ବାଚନ ପରିଚାଳନା କରିଥିଲେ । ଆଇନଜୀବୀ ପ୍ରଶାନ୍ତ ରଥ ସହଯୋଗ କରିଥିଲେ । ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

**● ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର**

## ୩୪ ଅଭିଯୋଗ ଗ୍ରହଣ, ୮ଟିର ତତ୍କାଳ ସମାଧାନ



କଣିହାଁ, ୯ ।୨(ସମିସ): କଣିହାଁ ବ୍ଲକ କାର୍ଯ୍ୟାଳୟ ପରିସର ପବିତ୍ର ମୋହନ ସଭାଗୃହରେ ଅନୁଗୋଳ ଜିଲ୍ଲାପାଳ ଅବ୍ଦାଲ ଏମ୍ ଅଖତରଙ୍କ ଉପସ୍ଥିତିରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ମୋଟ ୩୪ ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିରୁ ୨୮ଟି ବ୍ୟକ୍ତିଗତ ଏବଂ ୬ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗ ରହିଥିଲା । ୮ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ବଜ୍ରକୋଟ ପଞ୍ଚାୟତର ଭକ୍ତବନ୍ଧୁ ଧୀର ଓ ଯୋଗୀନାଥ ପ୍ରଧାନଙ୍କୁ କର୍କଟ ରୋଗ ଚିକିତ୍ସା ନିମନ୍ତେ ୭,୫୦୦ ଟଙ୍କା ଲେଖାଏଁ ଏବଂ ପରାବିଲ ଗହମ ଗ୍ରାମର ଅବନ୍ତୀ ନାଏକଙ୍କୁ ଜୀବିକା ନିର୍ବାହ ନିମନ୍ତେ ୭,୫୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଅଭିଯୋଗଗୁଡ଼ିକ ମୁଖ୍ୟତଃ ଗ୍ରାମ୍ୟ ସମସ୍ୟା, କଳକାରଖାନା ଦ୍ୱାରା ବିସ୍ଥାପିତ, କ୍ଷତିଗ୍ରସ୍ତ ପ୍ରଜାଙ୍କ ନିଯୁକ୍ତି ଓ ଥଇଥାନ ସମସ୍ୟା, ଜମିଜମା ସମ୍ବନ୍ଧୀୟ ବିବାଦ, ରାସ୍ତାଘାଟ ମରାମତି ଓ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଥିଲା । ଶିବିରରେ ଏଏସ୍‌ପି ସମୀର କୁମାର ପଣ୍ଡା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ଚିନ୍ମୟ ଦାସଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଏପି ସିଂହ ସ୍ମାରକୀ ଓ ମା' ବ୍ରହ୍ମାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବଅଁରପାଳ, ୯ ।୨(ସମିସ): ବଅଁରପାଳ ବ୍ଲକ ଗୋତମରା ଖେଳପଡ଼ିଆରେ ଏମ୍‌ବିସିସି କ୍ଲବ ପକ୍ଷରୁ ୧୩ତମ ସର୍ବଭାରତୀୟ ଏପି ସିଂହ ସ୍ମାରକୀ ଓ ୩୩ତମ ମା' ବ୍ରହ୍ମାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି । ଆଦିତ୍ୟ ଏକାଦଶ ଦଳ ଅଂଶଗ୍ରହଣ କରିଛନ୍ତି । ଉଦାଟନୀ ମ୍ୟାଚ୍ ଟମାଣ୍ଡୋ ଭୁବନେଶ୍ୱର କେନ୍ଦୁଝର ଫେମସ କ୍ଲବ୍ ମଧ୍ୟରେ ଖେଳାଯାଇଥିଲା । ଟମାଣ୍ଡୋ ଦଳ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଛି । ଏମବିସିସି କ୍ଲବ୍ ସଭାପତି ସୁବାସ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଗୋତମରା ସରପଞ୍ଚ ମଣ୍ଟୁ ବରାହ, ବନ୍ଧା ସରପଞ୍ଚ ନକୁଳ ସାହୁ, ଗଡ଼ସନ୍ତ୍ରୀ ସରପଞ୍ଚ ଟଙ୍କଧର ବେହେରା, ବୁଢ଼ାପଙ୍କ ସରପଞ୍ଚ ଝିଲି ବେହେରା, ସାନ୍ତରାପୁର(ଖ) ସରପଞ୍ଚ ନିର୍ମଳ ସାହୁ, ଗୋତମରା ସମିତି ସଭ୍ୟ ରାମଚନ୍ଦ୍ର ଭୋଲ, ବଅଁରପାଳ ନାଏବ ସରପଞ୍ଚ ଶାନ୍ତିଲତା ସେନାପତି, ସମାଜସେବୀ ପୂଜା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଗୋତମରା ପଞ୍ଚାୟତ



ବଅଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଏଥିରେ ଭୁବନେଶ୍ୱର ଟମାଣ୍ଡୋ, କେନ୍ଦୁଝର ଫେମସ କ୍ଲବ୍, ବାଲେଶ୍ୱର ଆଦର୍ଶ କ୍ଲବ୍, ରାଉରକେଲା ଆରଏସଏ, କଟକ ରାଇଜିଂ ଷ୍ଟୁଡେଣ୍ଟ, ରାଞ୍ଚି ସେରଶା କ୍ଲବ୍, ଅନୁଗୋଳ କୁଲାଡ଼ ଏନଆରସିଏ ଓ ଭୁବନେଶ୍ୱର ବିଜେଡି ସଭାପତି ଉପେନ୍ଦ୍ର ସାମଲ, ରୁଦ୍ରନାରାୟଣ ସିଂହ, ସୁଦୀପ୍ତ ସିଂହ, ବିଘୋଶ ସିଂହ, ଜିତେନ୍ଦ୍ର ସାମଲ, ରାକେଶ ମାଝୀ, ସଞ୍ଜୀବ ଭୂତିଆ ଏବଂ ଏମବିସିସି କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଅମ୍ପାୟର ତ୍ରିନାଥ ସାମନ୍ତ, ସୋମନାଥ ସେଠୀ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସନ୍ଦିପ ପଣ୍ଡା ଧାରାବିବରଣୀ ପ୍ରଦାନ କରିଥିଲେ ।

**● ପ୍ରତ୍ୟୁଷ ମେମୋରିଆଲ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ**

## ଅମ୍ଳାନ ଗଡ଼ନାୟକ ଓ ସୁମିତ ପ୍ରଧାନ ଯୋଡ଼ି ଚାମ୍ପିଅନ

ପାଲଲହଡ଼ା, ୯ ।୨(ସମିସ): ପାଲଲହଡ଼ା ଇନ୍‌ଡୋର ଷ୍ଟାଡିୟମରେ ଫେବୃଆରୀ ୬ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଚାଲିଥିବା ରାଜ୍ୟସ୍ତରୀୟ ପ୍ରତ୍ୟୁଷ ମେମୋରିଆଲ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ପାଲଲହଡ଼ା ଉପଖଣ୍ଡ ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଓ ଅନୁଗୋଳ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବଛା ବଛା ୧୬ଟି ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ ଅମ୍ଳାନ ଗଡ଼ନାୟକ ଓ ସୁମିତ ପ୍ରଧାନ ଯୋଡ଼ି ସହ ପୁରୁଷୋତ୍ତମ ସେଠୀ ଓ ଜଗତମୋହନ ପ୍ରଧାନ ଯୋଡ଼ି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଅମ୍ଳାନ-ସୁମିତ ଯୋଡ଼ି ବିଜୟୀ ହୋଇ ଚାମ୍ପିଅନ ହୋଇଛି । ମୁଖ୍ୟଅତିଥି ଭାବେ ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ସମ୍ମାନିତ ଅତିଥି ଭାବେ ତହସିଲଦାର ଆକାଂକ୍ଷା ମହାପାତ୍ର ଯୋଗଦେଇ ବିଜେତା ଓ ଉପବିଜେତାଙ୍କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ଉପଖଣ୍ଡ ବ୍ୟାଡମିଣ୍ଟନ ଆସୋସିଏସନ ସଭାପତି ସଂଗ୍ରାମ କେଶରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ପ୍ରତ୍ୟୁଷଙ୍କ ବାପା ଯୋଗୀନାଥ ସାହୁ, ଅନୁଗୋଳ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ସଭାପତି ଶିବପ୍ରସାଦ ଦାସ, ସମ୍ପାଦକ ସୁଧୀର ମିଶ୍ର, କୋଷାଧ୍ୟକ୍ଷ ସ୍ୱାଧୀନ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ବଚପନ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ



ଅନୁଗୋଳ, ୯ ।୨(ସମିସ): ଅନୁଗୋଳ ବଚପନ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ ସ୍ଥାନୀୟ ସଭାଗୃହରେ ଅନୁଷ୍ଠିତ ହୋଇଛି । ରୋଟାରୀ କ୍ଲବ୍ ଅନୁଗୋଳ ରୟାଲର ସଭାପତି ତଥା ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଡାକ୍ତର କୁମାର ସୌମ୍ୟକାନ୍ତ ବିଶୋଇ ମୁଖ୍ୟଅତିଥି ରୂପେ ଯୋଗଦେଇ ଶିଶୁଙ୍କ ଶାରୀରିକ ଓ ମାନସିକ ବିକାଶରେ ଶିକ୍ଷକ ଓ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ପିଲାମାନେ କେବଳ ପାଠପଢ଼ାରେ ଧ୍ୟାନ ନ ଦେଇ ଅତିକମ୍‌ରେ ଦିନକୁ ତିନିଘଣ୍ଟା ଖେଳକୁଦ ତଥା ହାଲୁକା ସୂର୍ଯ୍ୟ କିରଣରେ ବୁଲା ବୁଲି କରିବାକୁ ସେ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାନସିକ ରୋଗ ବିଶେଷଜ୍ଞ ଡା. ରଶ୍ମିତା ଭଞ୍ଜଦେଓ ଯୋଗଦେଇ ଶିଶୁଙ୍କ ମାନସିକ ଓ ବୌଦ୍ଧିକ ବିକାଶରେ ପିତାମାତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ସ୍କୁଲ ଅଧ୍ୟକ୍ଷା ଇଭାଲିନ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ । ଉପଦେଷ୍ଟା ରଶ୍ମିରେଖା ବେହେରା ସହଯୋଗ କରିଥିଲେ । ପୂର୍ବରୁ କୁନି କୁନି ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ସଫେଇ କର୍ମଚାରୀ ସୁମନ୍ତ ଗୋଛାୟତ ଏବଂ ଟ୍ରାଫିକ ପୁଲିସ ବିଜୟ କୁମାର କିଷାନଙ୍କୁ ତାଙ୍କ ନିଷ୍ଠାପର କର୍ମ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍କୁଲର ପୂର୍ବତନ କଳା ଶିକ୍ଷକ ରବୀନ୍ଦ୍ରନାଥ ସାହୁ ଓ ଉପଦେଷ୍ଟା ସିମ୍ରନ ବେଗମଙ୍କୁ ମଧ୍ୟ ଟ୍ରଫି ପ୍ରଦାନ କରାଯାଇଥିଲା । ନିର୍ଝର ଅଲ୍ଲୀ ଦାମାନୀଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ । ନିର୍ଦ୍ଦେଶିକା ସଲିମା ଦାମାନୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ତାଳଚେରରକୁ ଭୂକମ୍ପ ଭୟ; ପ୍ରଦୂଷଣରେ ଲୋକେ ଅତିଷ୍ଠ

ତାଳଚେର, ୯ ।୨(ସମିସ)

ତାଳଚେରରକୁ ସବୁ ଦିଗରୁ ବିପଦ । କୋଇଲା ଉତ୍ତୋଳନ ଯୋଗୁଁ ଜନବସତି ତଳେ ମାଟି ଫମ୍ପା ହୋଇଯାଇଥିବା ବେଳେ ଭୂପୃଷ୍ଠ ଉପରେ ବାୟୁ ପ୍ରଦୂଷଣ ଲୋକଙ୍କୁ ଅଣନିଃଶ୍ୱାସୀ କରୁଛି । ଅନ୍ୟପଟେ ଭୂକମ୍ପ ପ୍ରଣବ ବଳୟରେ ରହିଛି ତାଳଚେର । ଫଳରେ ତାଳଚେରବାସୀ ଘୋର ଚିନ୍ତାରେ ଅଛନ୍ତି ।

ତାଳଚେର ସହର ଦେଉଳବଡ଼ା ଖଣିରୁ କୋଇଲା ଉତ୍ତୋଳନ ପରେ ଭୂପୃଷ୍ଠକୁ ଟେକି ଧରିବା ପାଇଁ ଖଣି ଭିତରେ ଛାଡ଼ି ଦିଆଯାଇଛି କୋଇଲା ଖମ୍ବ । କେତୋଟି କୋଇଲା ଖମ୍ବ ଉପରେ ତାଳଚେର ସହର ରହିଛି । ଭୂଗର୍ଭରେ ଖଣିର ସୀମା ପୂର୍ବପଶ୍ଚିମ ଦିଗରେ ସାଢ଼େ ୪କିମି ଓ ଉତ୍ତର ଦକ୍ଷିଣକୁ ୨.୧ କିମି ବ୍ୟାପିଛି । ଖଣିରୁ କୋଇଲା ଉତ୍ତୋଳନ ପରେ ଖାଲି ସ୍ଥାନରେ ଏ ପର୍ଯ୍ୟନ୍ତ ବାଲି ଭର୍ତ୍ତି କରାଯାଇ ନାହିଁ । ଫଳରେ ତାଳଚେର ସହରର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଛି । ଝାଡ଼ଖଣ୍ଡ ଧନାବାଦ୍ ସେଣ୍ଟ୍ରାଲ ମାଇନିଂ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ବିଶେଷଜ୍ଞମାନେ ଅତୀତର ଏହି ଅଞ୍ଚଳରେ ସମୀକ୍ଷା କରି ଏଠାରେ ନିର୍ମାଣ କାର୍ଯ୍ୟ ନ କରିବାକୁ ଖଣି ସୁରକ୍ଷା ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଛନ୍ତି । ଭୂଗର୍ଭ ସ୍ଥିତି ଏଭଳି ଥିବା ବେଳେ ଭୂପୃଷ୍ଠ ଉପରେ ବାୟୁରୁ ବିଷ ଶୋଷୁଛନ୍ତି ତାଳଚେରବାସୀ । ତାଳଚେର ସହର ଓ ଆଖପାଖ ଅଞ୍ଚଳର ବାୟୁ ପ୍ରଦୂଷଣ ସୀମା ଉଲ୍ଲଂଘନ କରିଛି । ଖଣି ରାସ୍ତା, ଜାତୀୟ ରାଜପଥ, ଅଞ୍ଚଳରେ ଥିବା କୋଇଲା ଖଣି, ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ଆର୍ଥିକ ଉନ୍ନତିର କାରଣ ସାଜିଥିବା ବେଳେ ପ୍ରଦୂଷଣ ହିଁ ତାଳଚେରବାସୀଙ୍କ ପାଇଁ ମୁଣ୍ଡବ୍ୟଥା ସୃଷ୍ଟି କରିଛି । ଦିଲ୍ଲୀକୁ ପଛରେ ପକାଇ ବାୟୁ ପ୍ରଦୂଷଣରେ



ଆଗରେ ରହିଛି ତାଳଚେର । ସରକାରୀ ତଥ୍ୟ ମୁତାବକ ତାଳଚେରରେ ସକାଳ ସମୟରେ ଏକ୍ୟୁଆଇରେ ୩୫୫ ରହୁଛି ଯାହାକି ଆମ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ଏହାକୁ ନେଇ ସ୍ଥାନୀୟ ଚିକିତ୍ସାଳୟ ଓ ବେସରକାରୀ ଚିକିତ୍ସାଳୟରେ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ପ୍ରଦୂଷିତ ବାୟୁ ସହ ଲୋକେ ବ୍ୟବହାର କରୁଥିବା ପାନୀୟଜଳ ବିଭିନ୍ନ ମାରାତ୍ମକ ରୋଗର କାରଣ ସାଜିଛି । ଅତ୍ୟାଧୁନିକ ବୈଜ୍ଞାନିକ ପଦ୍ଧତିରେ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇ ପାରିବ । କିନ୍ତୁ କୋଇଲା ଖଣି ମନ୍ତ୍ରାଳୟ ପକ୍ଷରୁ କୌଣସି ପ୍ରକାର ବ୍ୟବସ୍ଥା କରାଯାଉ ନ ଥିବାରୁ ଆଜି ଏପରି ସମସ୍ୟା ଉପୁଜିଛି ।

ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଦୈନିକ ହଜାର ହଜାର ଭାରୀଯାନ ଯଥା- କୋଇଲା ଓ ପାଉଁଶ ବୋଝେଇ ଟ୍ରକ ଅହରହ ଚଳପ୍ରଚଳ କରିବା, ଖଣିଖାଦନ, ଶିଳ୍ପଗୁଡ଼ିକରୁ ନିର୍ଗତ ବିଷାକ୍ତ ଧୂଆଁ, କଞ୍ଚା କୋଇଲା ଜାଳେଣି ରୂପେ ବ୍ୟବହାର କରିବା, ଟାୟାର ରିସୋଲିଂ ପାଇଁ କୋଇଲା ବ୍ୟବହାର, ରାସ୍ତା ନିର୍ମାଣରେ କ୍ରସରଗୁଣ୍ଡ ଓ ପାଉଁଶ ବ୍ୟବହାର ଯୋଗୁଁ ପ୍ରଦୂଷଣ ପ୍ରଚୁରମାତ୍ରାରେ ବୃଦ୍ଧି ପାଉଥିବା ବେଳେ ସକାଳୁ ଘରୁ ଉଠିଲା ବେଳେ ଶ୍ୱାସକ୍ରିୟାରେ ଏତେ କଷ୍ଟ ଅନୁଭବ ହେଉଛି ଯେ ଯିଏ ପ୍ରକୃତ ଭୁକ୍ତଭୋଗୀ ସେ ହିଁ କହିପାରିବ । ଆଉ ଏକ ଉଦାହରଣ ହେଲା ତାଳଚେର ଅଞ୍ଚଳରେ ଯେଉଁସବୁ ବଡ଼ ବଡ଼ ଗଛଗୁଡ଼ିକ ରହିଛି, ତାହାର ଡାଳପତ୍ରରେ ଏତେ ପରିମାଣର ଡଷ୍ଟ ଭର୍ତ୍ତି ହୋଇ ରହିଥାଏ ଯେ ଯେକୌଣସି ଲୋକ ଏହାକୁ ଦେଖିଲେ କେତେ ବାୟୁପ୍ରଦୂଷଣ ସ୍ପଷ୍ଟବାରି ହେଇଯିବ । ଏହାର ନିରାକରଣ ପାଇଁ ଗାଁରୁ ସହରାଞ୍ଚଳ ପର୍ଯ୍ୟନ୍ତ ବ୍ୟାପକ ବୃକ୍ଷରୋପଣ, ରାସ୍ତାରେ ଜମି ରହିଥିବା ଧୂଳି, ମାଟି, ପାଉଁଶକୁ ଦୈନିକ ପରିଷ୍କାର କରି ପାଣି ସିଞ୍ଚନ କରିବା ଆବଶ୍ୟକ । ଉନ୍ନତମାନର ଜ୍ଞାନକୌଶଳରେ ରାସ୍ତାରୁ ଧୂଳିପାଉଁଶ ହଟାଇବା, ସରକାରଙ୍କ ପ୍ରଦୂଷଣ ଗାଇଡ୍‌ଲାଇନକୁ ମାନି ଶିଳ୍ପ କାରଖାନାଗୁଡ଼ିକୁ ଚାଲୁ ରଖିବାକୁ ଯଦି କଡ଼ାକଡ଼ି ଭାବେ ପାଳନ କରାଯିବ ତେବେ ତାଳଚେର ସହର ପ୍ରଦୂଷଣମୁକ୍ତ ହୋଇପାରିବ ବୋଲି ବିଭିନ୍ନ ମହଲରେ ଦାବି ହେଉଛି । ଅପରପକ୍ଷେ ଭୂଗର୍ଭ ଓ ଭୂପୃଷ୍ଠ ତାଳଚେରବାସୀଙ୍କ ପାଇଁ ବିପଦ ସୃଷ୍ଟି କରିଥିବା ବେଳେ ଏବେ ସମଗ୍ର ଅଞ୍ଚଳରେ ଭୂକମ୍ପ ପ୍ରଣବ ବଳୟରେ ଆସିବା ଖବର ତାଳଚେରବାସୀଙ୍କ ନିଦ ହଜାଇ ଦେଇଛି । କାରଣ ଏପରି ଭୂକମ୍ପର ଆଭାସ ତାଳଚେରରେ ପ୍ରାୟ ସମୟରେ ଦେଖାଯାଉଥିବା ଓ ଖବରକାଗଜଗୁଡ଼ିକରେ ମଧ୍ୟ ପ୍ରକାଶିତ ହେଉଥିବା ଖବର ତାଳଚେରବାସୀଙ୍କୁ ବ୍ୟଥିତ କରୁଛି । ତେଣୁ ଏହାର ସମାଧାନ ପାଇଁ ଭୂଗର୍ଭରେ ପ୍ରଚୁର ମାତ୍ରରେ ବାଲି ଭର୍ତ୍ତି କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

ସକାଳ
THE SAKALA



# ସୁକିନ୍ଦା ଶିଳ୍ପ ମହୋତ୍ସବ ଉଦ୍‌ଘାଟିତ



**ଯାଜପୁର, ୯।୨(ସମିସ)**

ପ୍ରତିବର୍ଷ ଭଳି ଚଳିତ ବର୍ଷ ସୁକିନ୍ଦା ଶିଳ୍ପ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଆଜି ସକାଳୁ ଉଦ୍‌ଘାଟନୀ ଉତ୍ସବ ଦାନଗଡି ମିଲ୍‌ଟାରୀ ଛକ ଠାରୁ ମଙ୍ଗଳାପାଟ ଠାରେ ଥିବା ସୁକିନ୍ଦା ଶିଳ୍ପ ମହୋତ୍ସବ ପର୍ଯ୍ୟନ୍ତ ଏକ ମାରାଥନ ରାଲି କରାଯାଇଥିଲା। ଶିଳ୍ପ ମହୋତ୍ସବ ଆରମ୍ଭରୁ ଏକ ମାରାଥନ ଦୌଡ଼ର ଆୟୋଜନ କରାଯାଇଥିଲା।ଦାନଗଡି ମିଲିଟାରୀ ଛକରୁ ମାରାଥନ ଦୌଡ଼ ଆରମ୍ଭ ହୋଇ ଦାନଗଡି ବ୍ଲକ ମଙ୍ଗଳପୁର ପଞ୍ଚାୟତର ତେଲିଗାହାଳି ମହାପାଟ ମହୋତ୍ସବ ପଡ଼ିଆ ପର୍ଯ୍ୟନ୍ତ ହୋଇଥିଲା। ପରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଶିଳ୍ପ ମହୋତ୍ସବର ଉଦ୍‌ଘାଟନ କରିଥିଲେ। ଏକ ବିରାଟ ପଟୁଆରରେ ମନ୍ତ୍ରୀଙ୍କ ସହିତ ଆମନ୍ତ୍ରିତ ଅତିଥି କୋରେଇ ବିଧାୟକ, ଧର୍ମଶାଳା ବିଧାୟକ ଓ ବଡଚଣା ବିଧାୟକ ପ୍ରମୁଖଙ୍କୁ ପାଛୋଟି ଅଣାଯାଇଥିଲା। ବାଜା ବାଣ ରୋଷଣୀରେ ପଟୁଆର ପ୍ରକମ୍ପିତ ହୋଇଥିଲା। ଆଜିର ଗଣଦୌଡ଼ରେ ଅନେକ ଛାତ୍ରଛାତ୍ରୀ ପ୍ରମୁଖ ଭାଗ ନେଇଥିଲେ। ସୁକିନ୍ଦା ଶିଳ୍ପ ମହୋତ୍ସବ କଳା, ସଂସ୍କୃତି, ପରମ୍ପରାର ମହୋତ୍ସବ ବୋଲି ଅତିଥି ମାନେ କହିଥିଲେ। ସୁକିନ୍ଦା ଶିଳ୍ପ ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ସୁକିନ୍ଦା ଶିଳ୍ପ ମହୋତ୍ସବ ଏକ ବର୍ଣ୍ଣାଢ୍ୟ ସମାରୋହରେ ଉଦ୍‌ଘାଟନ ହୋଇଥାଇଛି। ଏଥିରେ ଯାଜପୁର ଜିଲ୍ଲା ବିଜେପି ସଭାପତି ଦେବକାନ୍ତ ପ୍ରଧାନ, ଦାନଗଡି ବିଡ଼ିଓ ପ୍ରଦୀପ କୁମାର ସେଠୀ, ସୁକିନ୍ଦା ୱାର୍କସ ୟୁନିୟନ୍ ସଭାପତି ସବ୍ୟସାଚୀ ବଳ ସାମନ୍ତ, ସୁକିନ୍ଦା ଶିଳ୍ପ ମହୋତ୍ସବ କମିଟି ସଭାପତି ପ୍ରଶାନ୍ତ ରାୟ, ସମ୍ପାଦକ ସୁଧାଂଶୁ ଭଞ୍ଜ, ସରପଞ୍ଚ ମଙ୍ଗଳପୁର ବାବୁଲି ନାଟିଆ, ବିଜେପିର ବିଭିନ୍ନ ମଣ୍ଡଳ ସଭାପତି ପ୍ରମୁଖ ଯୋଗଦେଇଥିଲେ। ଆଜିର କାର୍ଯ୍ୟକ୍ରମକୁ ରଙ୍ଗାରଙ୍ଗ କରିବା ପାଇଁ ଓଡ଼ିଆ ଚଳଚ୍ଚିତ୍ର ଜଗତର କଣ୍ଠଶିଳ୍ପୀ ଅସୀମା ପଣ୍ଡା ଯୋଗଦେଇଥିଲେ।

## ପତ୍ନୀ ହତ୍ୟା ଅଭିଯୋଗରେ ସ୍ୱାମୀକୁ ଆଜୀବନ କାରାଦଣ୍ଡ



**ଯାଜପୁର, ୯।୨(ସମିସ):** ପତ୍ନୀକୁ ହତ୍ୟା କରିବା ଅଭିଯୋଗରେ ସୋମବାର ଅତିରିକ୍ତ ଜିଲା ଓ ଦୌରା ଜଜ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ ଅଭିଯୁକ୍ତ ସୁଧା ମଲ୍ଲିକକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ଲକ୍ଷ ଟଙ୍କା ଜରିମାନା ଆଦାୟ ପାଇଁ ରାୟ ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ବର୍ଷ କାରାଦଣ୍ଡରେ ଦଣ୍ଡିତ ହେବେ ବୋଲି ରାୟରେ ଉଲ୍ଲେଖ ରହିଛି। ବିବରଣୀରୁ ପ୍ରକାଶ, ଗତ ୨୦୨୫ ମସିହା ଜୁନ ମାସ ୧୫ ତାରିଖ ବିଞ୍ଝାରପୁର ଥାନା ଚନ୍ଦ୍ରମୁହଁ ଗ୍ରାମର ଅତୁଳି ମଲ୍ଲିକଙ୍କ ପୁଅ ସୁଧା ମଲ୍ଲିକ(୫୪) ରାତି ୧୨ଟା ସମୟରେ ମଦ୍ୟ ପାନ କରି ନିଶାଶକ୍ତ ଅବସ୍ଥାରେ ପତ୍ନୀ ଶାନ୍ତିଲତା ମଲ୍ଲିକ ଘରେ ଶୋଇଥିବା ସମୟରେ ଏକ ଶାବୁଳରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏକାଧିକବାର ଶାବଳରେ ପତ୍ନୀ ଶାନ୍ତିଲତାକୁ ଆକ୍ରମଣ କରିଥିଲେ। ପରିବାର ଲୋକେ ଶାନ୍ତିଲତାକୁ ଚିକିତ୍ସାଳୟକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ଶାନ୍ତିଲତାଙ୍କ ଭାଇ ଚିନ୍ମୟ ମଲ୍ଲିକ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବିଞ୍ଝାରପୁର ପୁଲିସ ୨୮୧/୨୫ରେ ଏକ ହତ୍ୟା ମାମଲା ରୁଜୁ କରିବା ସହ ଏସ୍‌ଆଇ ମହମ୍ମଦ ସୁରଜ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଭିଯୁକ୍ତ ସୁଧା ମଲ୍ଲିକକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସୋମବାର ଦିନ ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୨ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପୁଲିସର ୧୭ଟି ଦସ୍ତାବିଜ୍‌କୁ ଆଧାର କରି ଅତିରିକ୍ତ ଜିଲା ଓ ଦୌରା ଜଜ୍ ଅଭିଯୁକ୍ତ ସୁଧା ମଲ୍ଲିକକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ଲକ୍ଷ ଟଙ୍କା ଜରିମାନା ଅନାଦେୟରେ ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାଟିକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର (କ୍ୟାଡର) ବିପ୍ଳବ କୁମାର ମୁଦୁଲି ପରିଚାଳନା କରିଥିଲେ।

## ଥାନା ଆଇଆଇସିସ୍ତରରେ ଅଦଳବଦଳ

**ଯାଜପୁର, ୯।୨(ସମିସ):** ଯାଜପୁର ଜିଲ୍ଲାର ବିଭିନ୍ନ ଥାନାରେ କାର୍ଯ୍ୟରତ ଥାନା ଅଧିକାରୀଙ୍କ ଅଦଳ ବଦଳ କରାଯାଇଛି। ମଙ୍ଗଳପୁର ଥାନା ଅଧିକାରୀ ଜଗଦିଶ କୁମାର କରଙ୍କୁ ବଡଚଣା ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ଦଶରଥପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ନାୟକଙ୍କୁ ଯାଜପୁର ଟାଉନ ଥାନା, ବରୀ ଥାନା ଅଧିକାରିଣୀ ଜ୍ୟୋତିର୍ମୟୀ ସେଠୀଙ୍କୁ ଯାଜପୁର ରୋଡ ଥାନା, ସୁକିନ୍ଦା ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀଙ୍କୁ ବିଞ୍ଝାରପୁର ଥାନା, ଟମକା ଥାନା ଅଧିକାରୀ ପ୍ରମୋଦିନି ସାହୁଙ୍କୁ ଜଖପୁରା ଥାନା, କୁଆଖିଆ ଥାନା ଅଧିକାରିଣୀ ଚିନ୍ମୟୀ ସାହୁଙ୍କୁ ବରୀ ଥାନା, ବିଞ୍ଝାରପୁର ଥାନାର ଭାରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କୁ ପାଣିକୋଇଲି ପୁଲିସ ମୁଖ୍ୟାଳୟ, କାଳିଆପାଣି ଥାନା ଅଧିକାରୀ ଶିବ ଚରଣ ବେହେରାଙ୍କୁ ପୋଲିସ ମୁଖ୍ୟାଳୟ, ପୁଲିସ ମୁଖ୍ୟାଳୟରେ ଥିବା ଯଥାକ୍ରମେ ରମାକାନ୍ତ ମୁଦୁଲିଙ୍କୁ ସୁକିନ୍ଦା ଥାନା, ବିଭୁ ପ୍ରସାଦ ରାଉତଙ୍କୁ ଅଳକୁଣ୍ଡ ଥାନା, ସୁବ୍ରତ ସାହୁଙ୍କୁ ଅତିରିକ୍ତ ଥାନା ଅଧିକାରୀ ଧର୍ମଶାଳା ଥାନା, ଦିଲ୍ଲୀପ କୁମାର ମହାନ୍ତିଙ୍କୁ ଅତିରକ୍ତ ଥାନା ଅଧିକାରୀ, ଯାଜପୁର ଟାଉନ ଥାନା, ରଞ୍ଜନ କୁମାର ବେହେରାଙ୍କୁ ମଙ୍ଗଳପୁର ଥାନା, ସୁଶାନ୍ତ କୁମାର ସେଠୀଙ୍କୁ କୁଆଖିଆ ଥାନା, ବିନତୀ ଦାସଙ୍କୁ ଟମକା ଥାନା ଅଧିକାରୀ ଭାବେ ବଦଳୀ କରାଯାଇଛି। ହେମଲତା ଦାସଙ୍କୁ ଦଶରଥପୁର ଥାନା ଅଧିକାରୀ ଭାବେ ବଦଳୀ କରାଯାଇଥିବା ବେଳେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଥିବା ସୁରେନ୍ଦ୍ର ଜେନାଙ୍କୁ ସେହି ଠାରେ ଅବସ୍ଥାପିତ ରହିବା ସହିତ ଟ୍ରାଫିକ ଥାନାର ଭାର ସମ୍ଭାଳିବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି।

## ଜିଲ୍ଲାସ୍ତରୀୟ ସ୍କାଉଟ୍ ଓ ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଘାଟିତ



**ଯାଜପୁର, ୯।୨(ସମିସ):** ଯାଜପୁର ସଦର ବ୍ଲକ ଚଇନ ପୁର ପଞ୍ଚାୟତ ସ୍ଥିତ ସୁଦର୍ଶନ ପାଢ଼ୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସ୍କାଉଟ୍ ଗାଇଡ୍ସ କ୍ୟାମ୍ପୋରୀ ୨୦୨୬ର ଉଦଘାଟନୀ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଭାରତ ସ୍କାଉଟ୍ ଗାଇଡର ମୁଖ୍ୟ କମିଶନର ତଥା ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ସଭାପତିତ୍ୱ କରିଥିଲେ। ଜିଲ୍ଲା ସ୍କାଉଟ୍ ଓ ଗାଇଡ୍ସର ସମ୍ପାଦକ ତଥା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସବୀତା ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା କ୍ୟାମ୍ପୋରୀ ସଂଗଠନର ସମ୍ପାଦକ ଆଲୋକ କୁମାର ବନ୍ଧ, ଦଶରଥପୁର ବ୍ଲକର ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ କୁମାର ମଲ୍ଲିକ, ମଣ୍ଡଳ ଶିକ୍ଷାଧିକାରୀ ତଥା ଜିଲ୍ଲା କମିଶନର (କବ) ଦେବିଲାଲ୍ ମଲ୍ଲିକ, ଜିଲ୍ଲା କମିଶନର ସ୍କାଉଟ୍ ରବି ପ୍ରସାଦ ସାମଲ, ଜିଲ୍ଲା ମୁଖ୍ୟାଳୟ କମିଶନର ବିଶ୍ୱମ୍ଭର ମିଶ୍ର, ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁଗ୍ମ ସମ୍ପାଦକ ସବିତା ନାୟକ ବାର୍ଷିକ ବିବରଣୀ ପାଠ କରି ଥିଲେ। ଜହିରୁଦ୍ଦିନ୍ ଖାଁ, ଉପେନ୍ଦ୍ର ସାହୁ, ଜିଲ୍ଲା ସଂଯୋଜକ ଅବିନାଶ ଖୁଣ୍ଟିଆ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରି ଥିଲେ। ନିରଞ୍ଜନ ସାମଲ୍ ଓ ନିରଞ୍ଜନ ଶତପଥୀ, ସଭା ପରିଚାଳନା କରିଥିଲେ। ଉକ୍ତ ଉତ୍ସବରେ ଯାଜପୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।୬୦ ଜଣ ସ୍କାଉଟ୍ ମାଷ୍ଟର ଓ ଗାଇଡ କ୍ୟାପଟେନ ଏବଂ ୬୫୦ରୁ ଉର୍ଦ୍ଧ୍ୱ ସ୍କାଉଟ୍ ଓ ଗାଇଡସ୍ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। ସୁଦର୍ଶନ ପାଢ଼ୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ସହଯୋଗ କରିଥିଲେ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଉପସ୍ଥିତ ସ୍କାଉଟ୍ ଓ ଗାଇଡ ମାନଙ୍କୁ ବିଭିନ୍ନ ଉପାଦେୟ ବାର୍ତ୍ତା ପ୍ରଦାନ କରିଥିଲେ। ସର୍ବଶେଷରେ ସୁଦର୍ଶନ ପାଢ଼ୀ ଉଚ୍ଚ ବିଦ୍ୟାଳୟ ଚଇନପୁର ର ପ୍ରଧାନ ଶିକ୍ଷକ ଦାମୋଦର ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ସ୍କାଉଟ ଓ ଗାଇଡ୍ସ ମାନଙ୍କୁ ଏଆଇ ସମ୍ବନ୍ଧରେ ସୂଚନା ଦେଇ ଥିଲେ।

## ବୋଲେରୋ ଧକ୍କାରେ ରାଜମିସ୍ତ୍ରି ମୃତ

**କୁଆଖିଆ, ୯।୨(ସମିସ):** କୁଆଖିଆ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଖଣ୍ଡିତର ନିକଟରେ ଆଜି ସକାଳେ ଦୁର୍ଘଟଣାରେ ଜଣେ ରାଜ ମିସ୍ତ୍ରୀଙ୍କର ମୃତ୍ୟୁ ହୋଇଛି। ସୁଚନା ଅନୁସାରେ କୁଆଖିଆ ନିକଟସ୍ଥ ଚଣ୍ଡୀପୁର ଗ୍ରାମର ଗିରିଧାରୀ ବେହେରାଙ୍କ ପୁଅ କାର୍ତ୍ତିକ ବେହେରା ରାଜମିସ୍ତ୍ରି କାମ କରନ୍ତି। ଆଜି ସକାଳେ କାମ କରିବାକୁ ସେ ବାଇକ୍‌ରେ ପାଣିକୋଇଲି ଯାଉଥିଲେ। କିନ୍ତୁ ରାସ୍ତାରେ ତାଙ୍କୁ ଯେମିତି ମୃତ୍ୟୁ ଛକି ବସିଥିଲା। ଖଣ୍ଡିତର ନିକଟରେ ରାସ୍ତା କଡରେ ବାଇକ୍ ରଖି ସେ ପରିଶ୍ରା କରୁଥିବା ସମୟରେ କୁଆଖିଆ ପଟରୁ ଏକ ଦୃତଗାମୀ ବୋଲେରୋ ତାଙ୍କ ବାଇକ୍ କୁ ଧକ୍କାଦେବା ସହିତ ତାଙ୍କୁ ମଧ ଧକ୍କା ଦେଇ ପାଣିକୋଇଲି ଆଡକୁ ଚାଲି ଯାଇଥିଲା। କିଛି ଦୁରରେ ଥିବା ଲୋକ ଦୁର୍ଘଟଣା ଦେଖିଥିଲେ ମଧ ବୋଲେରୋକୁ ଚିହ୍ନଟ କରିପାରିନଥିଲେ କିମ୍ବା ଅଟକାଇ ପାରିନଥିଲେ। ଖବରପାଇ କୁଆଖିଆ ପୋଲିସ ଘଟଣା ସ୍ଥଳରେ ପହଁଚି ଗୁରୁତର ଥିବା କାର୍ତିକଙ୍କୁ ଧର୍ମଶାଳା ସିଏଚସିକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସମ୍ପର୍କରେ କୁଆଖିଆ ଥାନାରେ ଏକ ମାମଲା (କେସ୍ ନଂ ୫୪/୨୬) ରୁଜୁ ହୋଇଛି। ଏଏସଆଇ ନରେନ ଦାସ ଘଟଣାର ତଦନ୍ତ କରୁଛନ୍ତି।

## ଆଦର୍ଶ ପ୍ରଧାନଶିକ୍ଷକଙ୍କ ସ୍ମୃତିସଭା




**ଯାଜପୁର, ୯।୨(ସମିସ):** ଯାଜପୁର ଜିଲାର ଆଦର୍ଶ ପ୍ରଧାନଶିକ୍ଷକ ଓଷ୍ଟାର ପ୍ରାପ୍ତ ସଭାପତି ସ୍ୱର୍ଗତ ଗଗନ ବିହାରୀ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ବୈଷ୍ଣବ ଦତ୍ତ ଉଚ୍ଚ ସରକାରୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ଓଷ୍ଟା ସଭାପତି ସୁନନ୍ଦ ରାଉତ ଓ ସମ୍ପାଦକ ପବିତ୍ର ପଣ୍ଡାଙ୍କ ଆୟୋଜିତ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ ଓଷ୍ଟା ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ନିର୍ମଳ କୁମାର ଜେନାଙ୍କ ସମେତ ରାଜ୍ୟ ଓଷ୍ଟାର ବହୁ ନେତୃତ୍ୱ ମଣ୍ଡଳି ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅଂଶ ଗ୍ରହଣ କରିବା ସହ ସ୍ୱର୍ଗତ ମିଶ୍ରଙ୍କ କର୍ମମୟ ଜୀବନ, ଆଦର୍ଶ ଓ କାର୍ଯ୍ୟ ଦକ୍ଷତା ଉପରେ ସ୍ମୃତିଚାରଣ କରିଥିଲେ। ଏହି ସ୍ମୃତି ସଭାରେ ଜିଲାର ପ୍ରତ୍ୟେକ ବ୍ଲକର ଓଷ୍ଟା କର୍ମକର୍ତ୍ତାଙ୍କ ସମେତ ଜିଲାର ବହୁ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗଦେବା ସହ ସ୍ୱର୍ଗତ ମିଶ୍ରଙ୍କ ଜୀବନ ଶୈଳୀ ଓ ନେତୃତ୍ୱ ଉପରେ ନିଜ ନିଜର ଅଭିମତ ରଖିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଜିଲା ସଭାପତି ସୁନନ୍ଦ ରାଉତ ସଭାପତିତ୍ୱ କରିଥିବା ବେଳେ, ବୈଷ୍ଣବଦତ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଚର ଜମିରୁ ମାଫିଆ ଲୁଟିନେଲେ ମାଟି



**କୁନ୍ଦଳ, ୯।୨(ସମିସ):** ବଡ଼ଚଣା ବ୍ଲକ ତଥା ଦର୍ପଣ ତହସିଲ ଅଧୀନ ବନ୍ଦରେଶ୍ୱର ରାଜସ୍ୱ ସର୍କଲ କେଶରାଇପୁର ମୌଜାରେ ଥିବା ଗୋଚର ଜମିରୁ କିଛି ମାଟି ମାଫିଆ ମାଟି ଲୁଟ କରି ନେବା ପରେ ଉକ୍ତ ସ୍ଥାନରେ ଜଳାଶୟ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ଏହାକୁ ବିରୋଧ କରି ବନ୍ଦରେଶ୍ୱର ରାଜସ୍ୱ ନିରିକ୍ଷକଙ୍କୁ ଅବଗତ କରାଇଛନ୍ତି। ଖବରରୁ ପ୍ରକାଶ କେଶରାଇପୁର ମୌଜାର ଖାତା ନଂ ୨୬୩ ଓ ପ୍ଲଟ ନଂ ୨୯୪ ଗୋଚର କିଶମ ଜମିରୁ ମାହାଙ୍ଗା ଥାନା ଅଧିନ ଲଳିତଗିରି ଗ୍ରାମର କିଛି ମାଟି ମାଫିଆ ଉକ୍ତ ଜମିରୁ ମାଟି ଲୁଟ କରି ସେଠାରେ ଏକ ଜଳାଶୟ ସୃଷ୍ଟି କରିଛନ୍ତି। ସମ୍ପୃକ୍ତ ଜମିରୁ ଶହ ଶହ ଟ୍ରିପ ମାଟି ବିକ୍ରି କରି ମାଫିଆ ମାନେ ଲକ୍ଷାଧିକ ଟଙ୍କା ମୁନାଫା କମାଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଥାଉକି ଉକ୍ତ ଜମି ବଡ଼ଚଣା ଅଞ୍ଚଳର ହୋଇଥିବା ବେଳେ ମାହାଙ୍ଗା ଅଞ୍ଚଳର ମାଫିଆ ମାନେ ମାଟି ଲୁଟ କରିଥିବାରୁ ଅଞ୍ଚଳବାସୀଙ୍କ ମନରେ ଘୋରଅସନ୍ତୋଷ ଦେଖାଦେଇଛି। ଏ ନେଇ ବନ୍ଦରେଶ୍ୱର ରାଜସ୍ୱ ନିରୀକ୍ଷକ ତପନ କୁମାର ମିଶ୍ରଙ୍କୁ ପଚାରିବାରେ ଘଟଣାର ସତ୍ୟାସତ୍ୟକୁ ସ୍ୱୀକାର କରି ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କୁ ରିପୋର୍ଟ ପ୍ରଦାନ କରିଥିବା କହିଛନ୍ତି। ଦର୍ପଣ ତହସିଲଦାର ଏ ସମ୍ପର୍କରେ ତଦନ୍ତ କରି ସମ୍ପୃକ୍ତ ମାଟି ମାଫିଆଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ତହସିଲଦାର କେବେ ତଦନ୍ତ ଓ କି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର। ଏ ନେଇ ଦର୍ପଣ ତହସିଲଦାର ଶ୍ରୀ ତ୍ରିପାଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇନଥିଲା।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ଉତ୍ସବ

**ସୁକିନ୍ଦା, ୯।୨(ସମିସ):** ସୁକିନ୍ଦା ସ୍ଥିତ ସତ୍‌ସଙ୍ଗ ବିହାରରେ ଠାକୁର ଶ୍ରୀଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦିବସ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଯଥା ବେଦ ମାଙ୍ଗଳିକ, ଉଷା କୀର୍ତ୍ତନ, ବିନତି ପ୍ରାର୍ଥନା, ନଗର କୀର୍ତ୍ତନ, ମାତୃ ସମ୍ମିଳନୀ ଏବଂ ଆଧ୍ୟାନିକ ପ୍ରବୋଚନ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ବୁଢ଼ିମନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରବୋଚନ କାର୍ଯ୍ୟକ୍ରମରେ ଗୋପବନ୍ଧୁ ନାୟକ, ରଞ୍ଜିତ ମୁଦୁଲି ପ୍ରମୁଖ ଠାକୁରଙ୍କ ବହୁବିଦ୍ଧି ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଓ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏକ ସୁସଜ୍ଜିତ ରଥକୁ ନେଇ ଶତାଧିକ ଶ୍ରଦ୍ଧାଳୁ ନାମ ସଙ୍କୀର୍ତ୍ତନ କରି ସୁକିନ୍ଦାରେ ନଗର ପରିକ୍ରମା କରି ସତସଙ୍ଗ ବିହାରକୁ ଫେରିଥିଲେ। ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରତିରିତିକ ବୈରାଗୀ ଚରଣ ଦ୍ୱିବେଦୀ, ରମାକାନ୍ତ ମୁଦୁଲି, ଗୁରୁଭାଇ ମନୋରଞ୍ଜନ ଦ୍ୱିବେଦୀ ଓ ଅନ୍ୟାନ୍ୟ ଗୁରୁଭାଇମାନେ ସମସ୍ତ ଅତିଥିଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଏହି ଅବସରରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଯେଉଁଥିରେ ବିଭିନ୍ନ ବିଭାଗର ଡାକ୍ତର ମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟସେବା ଯୋଗାଇଥିଲେ।

## ଘରୁ ଲୁଟିନେଲେ ୨୫ ଲକ୍ଷ ଟଙ୍କାର ସୁନାଗହଣା

**ଭଦ୍ରକ, ୯।୨(ସମିସ):** ଝିଅ ବାହାଘର ପାଇଁ ସଜବାଜ ହେଉଥିଲେ ପରିବାର, କଳାକନା ବୁଲେଇଦେଲେ ଚୋର। ଭଦ୍ରକ ଟାଉନ ଥାନା ଅଧୀନ ମଠସାହି ଅଞ୍ଚଳର ଗୌରହରି ସାହୁଙ୍କ ଘରୁ ୨୫ ଲକ୍ଷରୁ ଅଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ୭୦ ହଜାର ଟଙ୍କା ଚୋରି ହୋଇଛି। ଆଗାମୀ କିଛି ଦିନ ଭିତରେ ଝିଅ ବାହାଘର ପାଇଁ ପ୍ରସ୍ତୁତ ହେଉଥିଲେ। ଏଥିପାଇଁ ସୁନା ଗହଣା କିଣିଥିଲେ ପରିବାର ଲୋକେ। ଗୌରହରିଙ୍କ ସ୍ତ୍ରୀ ରବିବାର ଘରେ ନ ଥିବାରୁ ସେ ଅନ୍ୟ ଏକ ରୁମ୍‌ରେ ଶୋଇଥିଲେ। ପରେ ସ୍ତ୍ରୀ ସୋମବାର ଅପରାହ୍ନରେ ଆସି ଦେଖନ୍ତି ତାଙ୍କ ରୁମ୍‌ର ଝରକା ଗ୍ରୀଲ୍ ତଡ଼ାହୋଇଛି। ସବୁ ଜିନିଷ ଓ ଆଲମାରୀ ଖୋଲାମେଲା ହୋଇ ପଡ଼ିଛି। ଘରେ ରଖିଥିବା ଲକ୍ଷାଧିକ ଟଙ୍କାର ସମସ୍ତ ସୁନାଗହଣା ଚୋରି ହୋଇଯାଇଛି। ରବିବାର ରାତିରେ ପଛପଟୁ ଆସି ଝରକା ଗ୍ରୀଲ୍ ତାଡ଼ି ଟଙ୍କା ଓ ସୁନା ଚୋରି ହୋଇଥିବା ଭଦ୍ରକ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଡଗ୍ ସ୍କ୍ୱାଡ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଭରତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**କୁନ୍ଦଳ, ୯।୨(ସମିସ):** ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତ ଅନ୍ତର୍ଗତ ବାଲିପଡ଼ିଆ ଯୁବକ ସଂଘ ପ୍ରାଙ୍ଗଣରେ ବରଦା ତୁର୍କିପଡ଼ିଆ ଠାରେ ଭରତ ମେମୋରିଆଲ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗନେଇଥିବା ବେଳେ ଫାଇନାଲକୁ ମୁଷାଟିଗିରି କ୍ରିକେଟ୍ କ୍ଲବ ଓ କୋଟପଦା କ୍ରିକେଟ୍ କ୍ଲବ ଉନ୍ନିତ ହୋଇଥିଲେ। ଫାଇନାଲ ଖେଳରେ କୋଟପଦା ଟସ୍ ଉଇନ କରି ନିର୍ଦ୍ଧାରିତ ଓଭରରେ ୩୬ ରନ କରିଥିବା ବେଳେ ମୁଷାଟିଗିରି ସମୁଦାୟ ୨୩ ରନ କରି ପରାସ୍ତ ହୋଇଥିଲା। ଉକ୍ତ ଟୁର୍ଣ୍ଣାମେଣ୍ଟ ରୁଦ୍ର ପ୍ରସାଦ ସାମଲ ଓ ଜ୍ୟୋତିସ୍ମାନ ସାମଲ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ବିନୋଦ କୁମାର ରାଉତ, ପ୍ରମୋଦ ବେହେରା ଓ ହିସାବରକ୍ଷକ ଭାବେ ଆକାଶ ରାଉତ ଓ ଆକାଶ ବେହେରା ସହଯୋଗ କରିଥିଲେ। ଉକ୍ତ ଉତ୍ସବରେ ବାଲିପଡ଼ିଆ ଗ୍ରାମ ପଞ୍ଚାୟତ ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ପ୍ରାକ୍ତନ ସରପଞ୍ଚ ଅନିରୁଦ୍ଧ ସାମଲ, ପଣ୍ଡିତ ପ୍ରଭାକର ଉଦଗାତା, ପତ୍ରକାର ପ୍ରବାସ କୁମାର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଇନର ଓ ରନର୍ସ ଟିମକୁ ଚାଲେଞ୍ଜ କପ ଓ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ହରପ୍ରସାଦ ସାମଲ, ମାନସ ରଞ୍ଜନ ପ୍ରଧାନ, ସୁସିଲ ତ୍ରିପାଠୀ, ସୁଧାଂଶୁ ଶେଖର ପ୍ରଧାନ, ଧନଞ୍ଜୟ ବାରିକ, ଶ୍ରୀକାନ୍ତ କୁମାର ପ୍ରଧାନ, ଆୟୁସ୍ମାନ ସାମଲ, ବିପିନ ବିହାରୀ ସାମଲ, ଦେବାଶିଷ ପ୍ରଧାନ, ପ୍ରକାଶ ପ୍ରଧାନ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।

## ମାରଣାସ୍ତ୍ରରେ ଆକ୍ରମଣ କରି ସୁନାଚେନ୍ ଲୁଟ୍ ଉଦ୍ୟମ

**ଭଦ୍ରକ,୯।୨(ସମିସ):** ଜନୈକ ବ୍ୟକ୍ତିଙ୍କଠାରୁ ସୁନାଚେନ୍ ଲୁଟ୍ ଉଦ୍ୟମବେଳେ ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି। ଭଦ୍ରକ ଟାଉନ୍ ଥାନା ଅଧୀନ ବନ୍ତ ଛକସ୍ଥିତ ବସ୍‌ଷ୍ଟାଣ୍ଡରେ ଏମିତି ଘଟଣା ଘଟିଛି। ସୂଚନା ଅନୁଯାୟୀ, ବାରିପଦା ଅଞ୍ଚଳର ଜ୍ୟୋତିରଞ୍ଜନ ପୃଷ୍ଟି ଚାନ୍ଦବାଲିସ୍ଥିତ ଶଶୁର ଘରୁ ଫେରୁଥିଲେ। ବନ୍ତ ଛକରେ ବାରିପଦା ବସ୍ ପାଇଁ ଅପେକ୍ଷା କରିଥିଲେ। ଏହି ସମୟରେ ୪ ଜଣ ଦୁର୍ବୃତ୍ତ ସେ ପିନ୍ଧିଥିବା ସୁନାଚେନ୍ ଲୁଟ୍ ଉଦ୍ୟମ କରିଥିଲେ। ଏହାକୁ ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ଡାହାଣ ଗୋଡ଼ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଭଦ୍ରକ ସହରାଞ୍ଚଳ ପୁଲିସ ବସ୍‌ଷ୍ଟାଣ୍ଡ ନିକଟ ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ କରୁଛି।

## ପାଲସାହିରେ ୨୨ତମ ହନୁମାନ ବାର୍ଷିକ ଉତ୍ସବ

**ଅସୁରାଳି, ୯।୨(ସମିସ):** ଧାମନଗର ବ୍ଲକ୍ ପାଲସାହି ପଞ୍ଚାୟତ ମହାବୀର କମିଟି ତଥା ପାଲସାହି ଗ୍ରାମବାସୀଙ୍କ ନେତୃତ୍ୱରେ ୨୨ତମ ହନୁମାନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ୭ରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ପ୍ରଥମ ଦିବସରେ ଅଙ୍କୁରାରୋପଣ ଓ ଅଧିବାସ ହୋଇଥିଲା। ଦ୍ୱିତୀୟ ଦିବସରେ ଶହଶହ ଶ୍ରଦ୍ଧାଳୁଙ୍କ ଦ୍ୱାରା ଗ୍ରାମ ପରିକ୍ରମା ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବୈତରଣୀ ନଦୀରୁ ଜଳ ଆସି ଘଟ ସ୍ଥାପନ ହୋଇଥିଲା। ପ୍ରତ୍ୟେକ ଦିନ ହନୁମାନ ଚାଳିଶାରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ସେହିପରି ସୋମବାର ଗୀତା ଯଜ୍ଞ ଅନୁଷ୍ଠିତ ହୋଇଛି। ପଣ୍ଡିତ ଧୀରେନ୍ଦ୍ର କୁମାର ପତି ଶର୍ମା, ପଣ୍ଡିତ ବଦ୍ରି ନାରାୟଣ ପଣ୍ଡା, ପଣ୍ଡିତ ପଞ୍ଚାନନ ମିଶ୍ର, ପଣ୍ଡିତ ବିଭୂତିଭୂଷଣ ଶତପଥୀ, ରମାକାନ୍ତ ସାଆନ୍ତ, ଦୀପ୍ତିରଞ୍ଜନ ଦେବଶର୍ମା ପ୍ରମୁଖ ରୀତିନୀତି ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରିଥିଲେ।

**ବିଜେପିରେ ଜୋର ଧରୁଛି ପୁରୁଣା-ନୂଆ ଲଢ଼େଇ**

## କୋଣଠେସା ପୁରୁଣା କାର୍ଯ୍ୟକର୍ତ୍ତା

**ଯାଜପୁର, ୯।୨(ସମିସ)**

ଯାଜପୁର ଜିଲ୍ଲାରେ ପ୍ରଥମ ଥର ପାଇଁ ୩ଟି ବିଧାନସଭା ଆସନ ହାତେଇଛି ବିଜେପି। ଧର୍ମଶାଳା ଆସନଟି ସ୍ୱାଧୀନ ବିଧାୟକ ହାତେଇଥିଲେ ହେଁ ସେ ବିଜେପି ପାଇଁ ପ୍ରଚାର କରି ଦଳର ମଙ୍ଗ ଧରିଛନ୍ତି। ନୂଆ ସରକାର ଆସିବାର ଦୁଇ ବର୍ଷ ପୂରିବାକୁ ଯାଉଛି। କିନ୍ତୁ ଜିଲ୍ଲାର ବିଜେପି ସଂଗଠନ ଆଉ କୌଣସି ପୁରୁଣା କାର୍ଯ୍ୟକର୍ତ୍ତାଙ୍କ ନିୟନ୍ତ୍ରଣରେ ଥିବା ପରି ମନେ ହେଉନି। ଯାହାକୁ ନେଇ ପୁରୁଣା କାର୍ଯ୍ୟକର୍ତ୍ତାମାନେ ନିଜ ନିଜର ଅସନ୍ତୋଷ ଖୋଲାଖୋଲି ସାମାଜିକ ଗଣମାଧ୍ୟମରେ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। କାରଣ ୪ ଜଣ ବିଧାୟକ ମୂଳତଃ ବିଜେପି ଦଳର ନୁହେଁ। ବଡ଼ଚଣା ବିଧାୟକ ଅମର ନାୟକ ମୂଳତଃ ବିଜୁ ଜନତା ଦଳରୁ ଆସିଛନ୍ତି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବିଜୁ ଜନତା ଦଳରୁ ଆସିଛନ୍ତି। ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏକଦା ବିଜେଡି ସହିତ ସମ୍ପୃକ୍ତ ଥିବା ସହିତ ପ୍ରଫୁଲ୍ଲ ଘଡ଼େଇଙ୍କ ଏକାନ୍ତ ସହଯୋଗୀ ଥିଲେ। ସେହିପରି କୋରେଇ ବିଧାୟକ ନଗଦ ଗତ ସାଧାରଣ ନିର୍ବାଚନରେ ବିଜେଡି ଛାଡି ବିଜେପି ଦଳରେ ସାମିଲ ହୋଇଛନ୍ତି। କେବଳ ଏହି ୪ଟି ବିଧାନସଭା ଆସନରେ ନୁହେଁ ଅନ୍ୟ ୩ଟି ବିଧାନସଭା ଆସନରେ ମଧ ବିଜେପିର ନେତୃତ୍ୱ ନେଉଥିବା ନେତା ଅନ୍ୟ ଦଳରୁ ଆମଦାନୀ ହୋଇ ଆସିଛନ୍ତି। ଯାଜପୁରର ନେତା ଗୌତମ ରାୟ ବିଜେଡିରୁ ଆସିଥିବା ବେଳେ ବିଞ୍ଝାରପୁରର ନେତ୍ରୀ ବବିତା ମଲ୍ଲିକ କଂଗ୍ରେସରୁ ଆସି ବିଜେପିରେ ସାମିଲ ହୋଇଥିବା ବେଳେ ବରୀର ଉମେଶ ଜେନା ମଧ କଂଗ୍ରେସରୁ ଆସି ଦଳର ନେତୃତ୍ୱ ନେଉଛନ୍ତି। ଦଳର ଏଭଳି ସ୍ଥିତିକୁ ଦେଖି ଏବେ ପୁରୁଣା କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ହତାଶ ଭାବ ଏବଂ ଅସନ୍ତୋଷ ଦାନା ବାନ୍ଧୁଛି। ସତେ ଯେମିତି ଦଳର ପୁରୁଣା କାର୍ଯ୍ୟକର୍ତ୍ତା ଦଳ କ୍ଷମତାକୁ ଆସିବା ପରେ ଅଲୋଡ଼ା ହୋଇପଡ଼ିଛନ୍ତି ନ ହେଲେ ସେହି କ୍ୟାଡର ମାନଙ୍କ ପାଖରେ ଦକ୍ଷତାର ଅଭାବ ରହିଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ଦଳ ଶାସନରେ ନଥିବା ବେଳେ କ୍ୟାଡର ମାନଙ୍କ ମଧ୍ୟରେ ସେତେଟା ପ୍ରତିକ୍ରିୟା ଦେଖିବାକୁ ମିଳୁନଥିଲା। କିନ୍ତୁ ଚଳିତ ଥର ଦଳ କ୍ଷମତାକୁ ଆସିବା ପରେ ପୁରୁଣା କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଧୀରେ ଧୀରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦଳ ପାଇଁ ଲହୁ ଓ ଲୁହ ଦେଇଥିବା କାର୍ଯ୍ୟକର୍ତ୍ତା କେବଳ ଜିନ୍ଦାବାଦ ଓ ପତାକା ଧରିବା ଭିତରେ ସିମିତ ଥିବା ବେଳେ ଅନ୍ୟ ଦଳରୁ ଆମଦାନୀ ହୋଇ ଆସୁଥିବା ନେତା ଏବେ ପ୍ରକୃତ କ୍ଷମତା ଉପଭୋଗ କରୁଛନ୍ତି। ଖାଲି ଏତିକି ନୁହେଁ ଦଳରେ ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା କରାଯାଇ ଅନ୍ୟ ଦଳରୁ କାର୍ଯ୍ୟକର୍ତ୍ତାଙ୍କୁ ଆମଦାନୀ କରି ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ କରାଯିବା ଘଟଣାକୁ ଦଳୀୟ କ୍ୟାଡର ମାନେ ନାପସନ୍ଦ କରୁଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ଯେଉଁ ମାନେ ପୂର୍ବରୁ ବିଭିନ୍ନ ବିଧାନସଭା ଆସନରେ ବିଧାୟକ ଓ ସାଂସଦ ଭାବେ ଲଢ଼ି ପରାଜୟ ବରଣ କରିଥିଲେ ସେମାନେ ଏବେ ଆମଦାନୀ ନେତାଙ୍କ ପଛେ ପଛେ ରହି ନିଜର ଆତ୍ମସମ୍ମାନ ରକ୍ଷା କରିବାକୁ ବାଧ ହେଉଛନ୍ତି। ଆଉ କେତେକ ଦଳୀୟ କାର୍ଯ୍ୟକ୍ରମରୁ ଦୂରରେ ରହିଛନ୍ତି। ନିକଟରେ ବଡଚଣା ଅଞ୍ଚଳର ଯୁବ କ୍ୟାଡର ଆଇନଜୀବ ଉଦୟନାଥ ସାହୁ ଏକ ପୁରୁଣା ଫଟୋ ପୋଷ୍ଟ କରି ଏହି ମର୍ମରେ ନିଜ ଭିତରର ପୁଞ୍ଜିଭୂତ ଅସନ୍ତୋଷ ଜାହିର କରିଥିବା ଦେଖିବାକୁ ମିଳୁଛି। କେବଳ ବଡ଼ଚଣା ନୁହେଁ ଯାଜପୁର, କୋରେଇ, ସୁକିନ୍ଦା, ଧର୍ମଶାଳା ଆଦି ଅଞ୍ଚଳର ପୁରୁଣା କାର୍ଯ୍ୟକର୍ତ୍ତା ମାନେ ନିଜର ଦଳୀୟ ଅସନ୍ତୋଷ ଜାହିର କରିବା ସହିତ ଠିକ୍ ସମୟରେ ଠିକଣା ନିଷ୍ପତି ନେବେ ବୋଲି ଅବଗତ କରିଛନ୍ତି।

## କଟକ କଲେଜର ବାର୍ଷିକ ଉତ୍ସବ




**କଟକ, ୯।୨(ସମିସ):** ବିଦ୍ୟାଧରପୁରସ୍ଥିତ କଟକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧ୍ୟକ୍ଷା ଡ. ଶୁଭଦର୍ଶିନୀ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ନିଜର ସଭାପତିତ୍ୱ ଅଭିଭାଷଣରେ କଲେଜ ଅଧ୍ୟକ୍ଷା ଡ. ମହାନ୍ତି ଉପସ୍ଥିତି ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ରସାୟନ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଡ. ଦେବପ୍ରସାଦ ପତି ଜଗନ୍ନାଥ ଅଷ୍ଟକମ୍ ପାଠ କରିଥିଲେ। ପ୍ରଶାସନିକ ଅଧିକାରୀ ସୁରପ୍ରସାଦ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଜେବି କଲେଜର ଓଡ଼ିଆ ବିଭାଗର ପ୍ରଫେସର ଡ. କାହ୍ନୁଚରଣ ପାଢ଼ୀ ମୁଖ୍ୟଅତିଥି ଓ ଜଗତପୁର ନିକଟସ୍ଥ ତୁଳସୀଦାସ ଆଶ୍ରମର ସାଧକ ତଥା ଆଧ୍ୟାତ୍ମିକ ପ୍ରବକ୍ତା ସ୍ୱାମୀ ସତ୍ୟ ଚୈତନ୍ୟ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବିଦ୍ୟାର୍ଥୀମାନେ ଶୃଙ୍ଖଳିତ ଜୀବନଚର୍ଯ୍ୟା ସହିତ ଆଧ୍ୟାତ୍ମିକ ଦିଗର ଅନୁସରଣ ସେମାନଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ମଣ୍ଟୁ ଜେନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଇଂରାଜୀ ପ୍ରାଧ୍ୟାପିକା ଡ. ରୁନୁବାଳା ମହାରଣା ଓ ଅଧ୍ୟାପକ ଚିନ୍ମୟ ଦାସ, ଡ. ଦେବେନ୍ଦ୍ର ଓଝା, ମହମ୍ମଦ ଖୁର୍ସିଦ, ଗୋବିନ୍ଦ ପୂର୍ତ୍ତି, ଅଧ୍ୟାପିକା ଡ. ବନ୍ଦନା ସ୍ୱାଇଁ, ଶୁଭ୍ରା ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରେଡ୍‌କ୍ରସ ଅଧିକାରୀ କୁମାର ପ୍ରଦୀପ୍ତ ମିଶ୍ର, ଏନସିସି ଅଧିକାରୀ ପ୍ରିୟଦର୍ଶିନୀ ଡାକୁଆ ଓ ଏନଏସ୍‌ଏସ୍ ଅଧିକାରୀ ନମ୍ରତା ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଦ୍ୟାର୍ଥୀମାନେ ସହଯୋଗ କରିଥିଲେ। ପ୍ରାଧ୍ୟାପିକ ଡ. ରୁନୁବାଳା ମହାରଣା ଧନ୍ୟବାଦ ଦେଇଥିଲେ।

## ସ୍ୱାସ୍ଥ୍ୟ ସଚେତନତା ଓ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ




**କଟକ, ୯।୨(ସମିସ):** ୱାକର୍ସ କ୍ଲବ, କଟକ ପକ୍ଷରୁ ମାସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ବଙ୍ଗାଳି ସାହି ସ୍ଥିତ ରାମକୃଷ୍ଣ କୁଟୀରରେ ଅନୁଷ୍ଠିତ ହୋଇଯାଇଛି। ୱାକର୍ସ କ୍ଲବର ସଭାପତି ଅବସରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲିଙ୍ଗ ଚକ୍ଷୁ ଚିକିତ୍ସାଳୟର ପ୍ରତିଷ୍ଠାତା ରୋଟାରିଆନ ଡ. ଆଲୋକ ସାହୁ ମୁଖ୍ୟବକ୍ତା ରୂପେ ଯୋଗଦେଇ ଚକ୍ଷୁ ରୋଗ ଓ ତାର ନିରାକରଣ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିରୂପେ କୁଟୀରର ସମ୍ପାଦକ ବରିଷ୍ଠ ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ସଦସ୍ୟ ଓ ସ୍ଥାନୀୟ ଅନ୍ତେବାସୀଙ୍କର ଚକ୍ଷୁ ପରୀକ୍ଷାରେ ଆଶୁତୋଷ ପ୍ରଧାନ ଓ ଜୟଶ୍ରୀ ମହାନ୍ତି ସହଯୋଗ କରିଥିଲେ। ଡ. ସାହୁଙ୍କୁ ଉତ୍ତରୀୟ ଓ ପଟ୍ଟଚିତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ର, ବନମାଳୀ ଶୁକ୍ଳ, ପ୍ରଶାନ୍ତ କାନୁନଗୋ, ଶଶିଭୂଷଣ ସ୍ୱାଇଁ, ବିଦ୍ୟୁତ୍ ଲାଲା, ମହେଶ୍ୱର ମହାନ୍ତି, ଫଣିନ୍ଦ୍ର ମଲ୍ଲିକ, ଶ୍ୟାମସୁନ୍ଦର ସାହୁ, ସରୋଜ ସ୍ୱାଇଁ, କୃତିବାସ ପଣ୍ଡା, ଗୌତମ କର, ବିଜୟଲକ୍ଷ୍ମୀ କର, ପ୍ରତାପ ଚନ୍ଦ୍ର ମହାନ୍ତି, ପ୍ରଭାକର ବେହେରା, ରାକେଶ ଶତପଥି ପ୍ରମୁଖ ସଦସ୍ୟମାନଙ୍କ ସହିତ କୁଟୀରର ଅନ୍ତେବାସୀ ବୃନ୍ଦ ଉପସ୍ଥିତ ଥିଲେ। ଶେଷରେ କୁଟୀରର ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ୧୯୮୮ ବ୍ୟାଚ୍‌ର ଗୁରୁପୂଜନ ଓ ବୈଠକ



**ତିଗିରିଆ, ୯।୨(ସମିସ):** ତିଗିରିଆ ବ୍ଲକ ଅଧୀନ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ୧୯୮୮ ମସିହା ବ୍ୟାଚ ସହପାଠୀଙ୍କ ପକ୍ଷରୁ ରବିବାର ଗୁରୁପୂଜନ ଓ ବୈଠକ ଅନୁଷ୍ଠିତ ହୋଇଯାଇଛି। ସହପାଠୀ ଡ. ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ସମସ୍ତ ସହପାଠୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ପୂର୍ବତନ ସାଂସଦ ସୁବାସ ମହାନ୍ତିଙ୍କୁ ତାଙ୍କ ନିଜିଗଡ଼ ସ୍ଥିତ ବାସଭବନରେ ଭେଟି ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଧରଣୀଧର ପ୍ରଧାନ ଓ ନୀଳମଣି ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ବେହେରା, ପୂର୍ବତନ ଅଧ୍ୟକ୍ଷା ଡ. ସୁଧାଂଶୁ ବାଳା ଦାସ, ଡ. ବିଶ୍ୱଜୟ ମହାପାତ୍ର, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସୁଧୀର ଚନ୍ଦ୍ର ନାଥ, ଅଧ୍ୟାପିକା ପ୍ରବୀଣା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ତରଫରୁ ମୋ କଲେଜ ମୋ ଗୌରବ ପାଣ୍ଠିକୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଟୁନ ବେହେରା, ନିରୋଦ ଦାଶ, ସନାତନ ସାହୁ, ଆଲୋକ ତୁଙ୍ଗ ସାମନ୍ତ, ରଶ୍ମିରଞ୍ଜନ ମହାନ୍ତି, ଲକ୍ଷ୍ମୀଧର ସାହୁ, ସୁଶାନ୍ତ ସାହୁ, ପ୍ରଶାନ୍ତ ପ୍ରଧାନ, ଅଜାତି ମୁଖୀ, ଗିରିଶ ଜେନା, ବିରଞ୍ଚି ଦଳେଇ, ପ୍ରଦୀପ ପଣ୍ଡା, ବସନ୍ତ ସାହୁ, ମକର ସାହୁ, କୃଷ୍ଣଚନ୍ଦ୍ର ମଙ୍ଗୁଆଳ ପ୍ରମୁଖ ଉପସ୍ଥିତ ଥିଲେ।

## ଛତ୍ରବଜାର ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**କଟକ, ୯।୨(ସମିସ):** ଛତ୍ରବଜାର ହାଇସ୍କୁଲ ୧୯୯୩ ମାଟ୍ରିକ ବ୍ୟାଚ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ହୋଟେଲ ମହାବୀର ଗାଲାକ୍ସି ଠାରେ ଅନୁଷ୍ଠିତ



ହୋଇଯାଇଛି। ଏହି ଅବସରରେ ସ୍କୁଲ ସମୟର ପୁରୁଣା ସ୍ମୃତିକୁ ସାଉଁଟିଥିଲେ। ଏଥିସହ ସେମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ହେବା ସହ ଆଗାମୀ ଦିନରେ ବିଦ୍ୟାଳୟର ବିକାଶ ଦିଗରେ ପଦକ୍ଷେପ ନିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା।

### ଧାର୍ଯ୍ୟ ସମୟରେ ସବୁ ଚାଷୀଙ୍କ ଧାନ ସଂଗ୍ରହ ନେଇ ଅନିଶ୍ଚିତତା

# ବିକ୍ରି ଅପେକ୍ଷାରେ ୪୬ ହଜାର ଚାଷୀ

**କଟକ, ୯।୨(ସମିସ)**

କଟକ ଜିଲ୍ଲାରେ ଚଳିତବର୍ଷ ଖରିଫ ଋତୁ ଧାନ କିଣାକୁ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏପରିକି ଧାନ ବିକ୍ରି ପାଇଁ ପଞ୍ଜିକୃତ ହୋଇଥିବା ସବୁ ଚାଷୀଙ୍କ ଉତ୍ପାଦିତ ଧାନ ଧାର୍ଯ୍ୟ ସମୟ ମଧ୍ୟରେ ବିକ୍ରି ନେଇ ଅନିଶ୍ଚିତତା ଦେଖାଦେଇଛି। ଆସନ୍ତା ମାର୍ଚ୍ଚ ୩୧ସୁଦ୍ଧା ଚାଷୀଙ୍କ ଧାନ କ୍ରୟ ପାଇଁ ଶେଷ ତାରିଖ ଧାର୍ଯ୍ୟ ହୋଇଛି। ତେଲେ ଏ ପର୍ଯ୍ୟନ୍ତ ଜିଲ୍ଲାରେ ଚାଷୀଙ୍କୁ ମିଳିଥିବା ଜାନୁଆରି ମାସର ଟୋକନରେ ଧାନ ସଂଗ୍ରହ ହୋଇପାରିନାହିଁ। ଧାନମଣ୍ଡିକୁ ନିୟମିତ ମିଲର ଆସୁନଥିବାରୁ ସଂଗ୍ରହ ପଛାଉଥିବା ଜଣାପଡ଼ିଛି। ଗୋଟିଏ ସପ୍ତାହରେ ୪ଦିନ ଧାନ କିଣା ପାଇଁ ସ୍ଥିର ହୋଇଥିଲେ ମଧ୍ୟ କେତେକ ମଣ୍ଡିରେ ୪ଦିନ ଧାନ ଉଠୁନଥିବା ଅଭିଯୋଗ ହେଉଛି। ମିଳିଥିବା ସୂଚନାନୁସାରେ ବିଗତ ବର୍ଷ ତୁଳନାରେ ଅଧିକ ଚାଷୀ ଏଥର ଧାନ ବିକ୍ରି କରିବା ପାଇଁ ପ୍ରାଥମିକ ସେବା ସମବାୟ ସମିତି ଗୁଡିକରେ ପଞ୍ଜୀକରଣ କରିଥିଲେ। କିନ୍ତୁ ଆଜି ସୁଦ୍ଧା ପ୍ରାୟ ୪୬ହଜାର ଚାଷୀ ଧାନ ବିକ୍ରି କରିବା ପାଇଁ ଟୋକନ ପାଇ ଅପେକ୍ଷାରେ ରହିଛନ୍ତି। ମଣ୍ଡି ଚାଲିବା ଅବଧି ଆଉ ପ୍ରାୟ ଏକ ମାସ ଥିବା ବେଳେ ଧାର୍ଯ୍ୟ ଲକ୍ଷ ପୂରଣ ପରେ ଆଉ ଦ୍ୱିତୀୟ ଥର ପାଇଁ ଜିଲ୍ଲାରୁ ଧାନ କ୍ରୟ ଟାର୍ଗେଟ ଆସିବ କି ନାହିଁ ସେ ନେଇ ଦ୍ୱନ୍ଦ ଉପୁଜିଛି। ସୂଚନାଥାଉକି କଟକ ଜିଲ୍ଲାର ୧୪ଟି ବ୍ଲକରେ ବର୍ତ୍ତମାନ ସୁଦ୍ଧା ୧୨ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଅଦ୍ୟାବଧି ମୋଟ ୨୫ହଜାର ୬୭୪ଜଣ ଚାଷୀଙ୍କଠାରୁ କିଣିଛନ୍ତି ମିଲ। ଗତବର୍ଷ ଏହି ସମୟ ସୁଦ୍ଧା ଅଧିକ ଚାଷୀ ଏଥର ଧାନ ବିକ୍ରି କରିପାରିଥିଲେ। ଜିଲ୍ଲାରେ ୧୬୩ଟି ପ୍ରାଥମିକ ସେବା ସମବାୟସମିତି ଓ ୩ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଧାନ ସଂଗ୍ରହରେ ନିୟୋଜିତ ଅଛନ୍ତି। ପ୍ରକାଶଥାଉକି ଚଳିତ ବର୍ଷ ମୋଟ ୭୨ହଜାର୧୯୩ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ। ଗୁରୁତ୍ୱପୂର୍ଣ୍ଣ ଏହିକି ଯେ ଏଥର ମଣ୍ଡି ଖୋଲିବା ବିଳମ୍ବ ହେବାରୁ ଚାଷୀଙ୍କଠାରୁ ବେପାରୀ ଓ ମିଲରମାନେ ସରକାରୀ ଧାର୍ଯ୍ୟ ଦର ଠାରୁ କମ ମୂଲ୍ୟରେ ବହୁ ପରିମାଣରେ ଧାନ ସଂଗ୍ରହ କରିନେଇଥିଲେ। ଗୋଟିଏପଟରେ ସରକାର କଟନୀ-ଛଟନୀ ହେଉ ନଥିବା କହୁଥିବା ବେଳେ ବାସ୍ତବରେ ସ୍ଥିତି ଭିନ୍ନ ରହିଛି। ଚାଷୀଙ୍କ କହିବାନୁସାରେ ପୂର୍ବରୁ ସେମାନେ ବିଲରୁ ଉତ୍ପାଦିତ ଧାନକୁ ସିଧାସଳଖ ମଣ୍ଡିରେ ଦେଉଥିଲେ। ତେଲେ ଏବେ ସେମାନେ ଧାନକୁ ଭଲ ଭାବରେ ଶୁଖାଇ ସେଥିରୁ ଅଳିଆ ସଫା କରି ଝୋଟ ଅଖାରେ ଭର୍ତ୍ତି କରିଦେଉଛନ୍ତି। ଏଥିପାଇଁ ସେମାନେ ଅର୍ଥକ୍ଷତି ହେଉଛନ୍ତି। ଏପରିକି ମାନର ଧାନ ପାଇଁ ଚାଷୀ ନିୟମ ପାଳନ କରୁଥିଲେ ମଧ୍ୟ ମଣ୍ଡିରେ ମିଲର ମାନେ କୁଇଣ୍ଟାଲ ପ୍ରତି ୫ରୁ ୭କିଲୋ କଟନୀ ଛଟନୀ କରୁଥିବା ଅଭିଯୋଗ ଆସୁଛି। ଏପରିକି ସରକାରଙ୍କ ଦ୍ୱାରା ନିୟୋଜିତ କ୍ୱାଲିଟି ଆନାଲିସିଷ୍ଟ ମାନେ ଧାନ ଭଲ ଥିବା ରିପୋର୍ଟ ଦେବା ପରେ ବି ମିଲର ମାନେ କଟନୀ-ଛଟନୀ କରୁଛନ୍ତି। ଚାଷୀ ସେମାନଙ୍କ ଉତ୍ପାଦିତ ଧାନ ସହଜ ତଥା ଶୀଘ୍ର ବେଚା ପାଇଁ ଏକ ପ୍ରକାର ମଣ୍ଡିରେ ଚାଲିଥିବା ଅଘୋଷିତ କଟନୀ-ଛଟନୀରେ ରାଜି ହୋଇଥିବା ଦେଖାଯାଉଛି। ଜିଲ୍ଲାରେ ୧୩ଜଣ ମିଲର ଧାନ କିଣାରେ ନିୟୋଜିତ ହୋଇଥିବା ବେଳେ ଧାନ କିଣାରେ ତଥାପି ମନ୍ଥରତା ଦେଖାଦେଉଛି। ପ୍ରତି ବର୍ଷ ୫ରୁ ୧୦ହଜାର ଚାଷୀ ସେମାନଙ୍କ ଉତ୍ପାଦିତ ଧାନ ବିକ୍ରି କରିବାକୁ ବଞ୍ଚିତ ହୋଇଆସୁଛନ୍ତି। ଚାଷୀମାନେ ବେଳେ ଧାନ ବିକ୍ରି ପାଇଁ ପାଇଥିବା ଟୋକନ ଗୁଡିକର ଅବଧି ଏକ ମାସ ରହିଥିବା ବେଳେ ଏବେ ଅନେକଙ୍କ ୧୫ରୁ ୨୦ଦିନ ଅତିକ୍ରାନ୍ତ କରିଗଲାଣି। ଏବେ ସୁଦ୍ଧା ବି ଫେବୃଆରୀ ପ୍ରଥମ ସପ୍ତାହରେ ଧାନ ବିକ୍ରି ପାଇଁ ଟୋକନ ପାଇଥିବା ଚାଷୀଙ୍କ ପାଳି ପଡ଼ିନାହିଁ। ଏଣୁ ସେମାନେ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚିନ୍ତାରେ ପଡ଼ିଛନ୍ତି। ସେହିଭଳି ଧାନ ବିକ୍ରିର ଏକ ସପ୍ତାହ ପରେ ବି ଅର୍ଥରାଶି ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ଆସୁନଥିବା ଅଭିଯୋଗ ହେଉଛି।

**ସରିନି ଜାନୁଆରୀର ଟୋକନ**
**ବ୍ୟାଙ୍କ ଖାତାକୁ ଟଙ୍କା ଆସିବାକୁ ସପ୍ତାହେ ଲାଗୁଛି**

### ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି

## ୨୬୯ଟି ଆପତ୍ତି ଅଭିଯୋଗ ପଞ୍ଜିକୃତ

**ଟାଙ୍ଗୀ, ୯।୨(ସମିସ):** ସାମାଜିକ ସୁରକ୍ଷା ଭତ୍ତା ଓ ଆବାସ ଆଦି ବିଭିନ୍ନ ସରକାରୀ ଯୋଜନାର ଲାଭ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗ୍ରାମପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଆୟୋଜିତ ହେଉଛି। ବିଡିଓ




**ବେଆଇନ ଭାବେ ଅଭିରା ଡିଷ୍ଟଲେରୀ କାର୍ଯ୍ୟକ୍ଷମ ଚର୍ଚ୍ଚା**

ଏନ୍.ଏନ୍. ରାଜଲକ୍ଷ୍ମୀ ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆବାସ ସମ୍ବନ୍ଧୀୟ ୧୧୮, ସାମାଜିକ ସୁରକ୍ଷା ଭତ୍ତା ୬୧, ଜମିଜମା ସଂକ୍ରାନ୍ତ ୩୭, ରାସନ କାର୍ଡ଼ ୩୨, ପାନୀୟ ଜଳ, ସୁଭଦ୍ରା ଓ ଜବକାର୍ଡ଼ ଆଦି ମୋଟ ୨୬୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ବିଶେଷକରି ବରପଦାରେ ଗଢ଼ି ଉଠିଥିବା ଅଭିରା ଡିଷ୍ଟଲେରୀ କମ୍ପାନୀ ବେଆଇନ ଭାବେ ଜଙ୍ଗଲ ଜମିରେ ପାଚେରୀ, ପାର୍କିଂ, କ୍ୟାଣ୍ଟିନ ତିଆରି କରି ଜନସାଧାରଣଙ୍କ ଅସନ୍ତୋଷର କେନ୍ଦ୍ରବିନ୍ଦୁ ପାଲଟିଛି। ଏଥି ସହ ବିନା ଜନଶୁଣାଣୀରେ କମ୍ପାନୀ କାର୍ଯ୍ୟକ୍ଷମ ହେବା ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଏହାର ତଦନ୍ତ କରି ଜଙ୍ଗଲ ଜମିରୁ ଉକ୍ତ କମ୍ପାନୀକୁ ହଟାଇବା ନିମନ୍ତେ କନ୍ହେଇପୁର ନାଏବ ସରପଞ୍ଚ ଜେମା ସର୍ଦ୍ଦାର ଅଭିଯୋଗ କରିଥିବା ଦେଖିବାକୁ ମିଳିଥିଲା। କନ୍ହେଇପୁର ସହ ଗରୁଡଗାଁ ପଞ୍ଚାୟତକୁ ସାମିଲ କରାଯାଇଥିଲେ ହେଁ ରାସ୍ତା ଦୂରତା ଯୋଗୁଁ ଗରୁଡ଼ଗାଁର ବହୁ କମ୍ ଲୋକ ସାମିଲ ହୋଇଥିଲେ। ଅତିରିକ୍ତ ବିଡ଼ିଓ ଶାଶ୍ୱତ ଜେନା, ସଫା ସ୍ୱାସ୍ଥ୍ୟକେନ୍ଦ୍ର ଡା. ଶ୍ରୀକୁମାର ଦାସ, ଜିପିଓ ବର୍ଷାରାଣୀ ବେହେରା, ବିଏଫଓ କଳ୍ପତରୁ ମଙ୍ଗରାଜ, ଏମ୍‌ଆଇ ଇତିରଞ୍ଜନ ପାତ୍ର, ଆରଡବ୍ଲୁଏସ୍‌ଏସ୍ ଯନ୍ତ୍ରୀ ସ୍ୱର୍ଣ୍ଣମୟୀ ସାହୁ, ପ୍ରତାପ ବିଶ୍ୱାଳ, ମାନସ ଲେଙ୍କା, ମଧୁସ୍ମିତା ମୁର୍ମୁ, କ୍ଷୀତିଶ ଖଟୁଆ, ଭବାନୀ ଶଙ୍କର ଦାସ, ଅରୁନ୍ଧତୀ ମିଶ୍ର, ସୁଜିତ ସାହୁ, ବିଜୟ ସାହୁ, ଦେବାଶିଷ ଦାସ ଓ ସହଦେବ ସାହୁ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ। ନାଏବ ସରପଞ୍ଚ ଜେମା ସର୍ଦ୍ଦାର ଓ ପିଇଓ ରାହୁଲ ଓରାମ୍ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## କଟକର ଇଂରାଜୀ ବନାନ ପରିବର୍ତ୍ତନ ପାଇଁ ଦାବି

**କଟକ, ୯।୨(ସମିସ):** ସମ୍ପ୍ରତି ରାଜ୍ୟ ସରକାର ଓଡ଼ିଶାର କେତୋଟି ସ୍ଥାନର ଇଂରାଜୀ ବନାନ ପରିବର୍ତ୍ତନ କରିବା ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ସ୍ୱାଗତଯୋଗ୍ୟ। ସେ ସବୁ ସ୍ଥାନର ଓଡ଼ିଆ ନାମ ଓ ବନାନ ଅନୁସାରେ ଇଂରାଜୀରେ ତାହାର ସଠିକ ବନାନ କରାଯାଇ ଲେଖାଯିବାକୁ ଓଡ଼ିଶାବାସୀ ସ୍ୱାଗତ କରିବା ସ୍ୱାଭାବିକ। ମାତ୍ର ଏହି କ୍ରମରେ ପ୍ରସିଦ୍ଧ ଐତିହାସିକ ନଗରୀ କଟକର ନାମ ଇଂରାଜୀ ଭାଷାରେ ସିୟୁଟିଟିଏସିକେ ପରିବର୍ତ୍ତେ କେଏଟିଟିକେ ଲେଖାଯିବା ଉଚିତ। ଏଥିନେଇ ସରକାର କୌଣସି ନିଷ୍ପତ୍ତି ନେଇ ନ ଥିବାରୁ କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ କଟକ ଜିଲ୍ଲାପାଳ ଓ ରାଜ୍ୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଏକ ପତ୍ର ମାଧ୍ୟମରେ ଜଣାଇଛନ୍ତି ଯେ ବ୍ରିଟିଶ ଶାସନ କାଳରୁ କଟକର ବନାନ କେଏଟିଟିକେ ଭାବେ ଏଯାବତ ଲେଖାଯାଇ ଆସୁଛି। ଏହା ଓଡ଼ିଶା ଓ ଓଡ଼ିଆ ଭାଷାର ସ୍ୱାଭିମାନ ଓ ଗରିମାକୁ କ୍ଷୁଣ୍ଣ କରୁଛି। ଏଣୁ କଟକ ତଥା ଓଡ଼ିଶାବାସୀଙ୍କ ସ୍ୱାଭିମାନ ଓ ଆବେଗକୁ ରକ୍ଷା କରି କଟକର ଇଂରାଜୀ ବନାନ ସିୟୁଟିଟିଏସିକେ ବଦଳରେ କେଏଟିଟିକେ ଲେଖାଯିବା ଦିଗରେ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେବାକୁ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ସାହୁ ନିବେଦନ କରିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ଭାଲେଣ୍ଟାଇନ୍ ଡେ’ରେ ମୁକ୍ତିଲାଭ କରିବ ‘ରକତରେ ଲେଖିଦେବି ନାଁ ତୋର’

**କଟକ, ୯।୨(ସମିସ):** ଆସନ୍ତା ଭାଲେଣ୍ଟାଇନ୍ ଡେ’ ବା ପ୍ରେମ ଦିବସ ଅବସରରେ ଓଡ଼ିଆ ସଙ୍ଗୀତ ପ୍ରେମୀଙ୍କ ପାଇଁ ଏକ ଭେଟି ନେଇ ଆସୁଛି ସାବିତ୍ରୀ ମ୍ୟୁଜିକ୍। ଓଡ଼ିଶାର ଏହି ଜଣାଶୁଣା ମ୍ୟୁଜିକ୍ ପ୍ରଡକ୍ସନ ହାଉସ୍ ପକ୍ଷରୁ ନୂଆ ଓଡ଼ିଆ ଆଲବମ ‘ରକତରେ ଲେଖିଦେବି ନାଁ ତୋର’ର ପ୍ରସ୍ତୁତି ଶେଷ ହୋଇଛି। ଏ ନେଇ ଆଜି କଟକ ଖାନନଗର ପଞ୍ଚମୁଖୀ ହନୁମାନ ମନ୍ଦିରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୀତଟିର

**ଉଦିତ ନାରାୟଣ ଓ ଅସୀମାଙ୍କ ନୂଆ ଓଡ଼ିଆ ଗୀତ**



ଅଡିଓ ରିଲିଜ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଲିଉଡ ଅଭିନେତା ଶ୍ରୀତମ ଦାସ ଯୋଗଦେଇଥିଲେ। ଗୀତଟିରେ ଭାରତର ଲୋକପ୍ରିୟ କଣ୍ଠଶିଳ୍ପୀ ଉଦିତ ନାରାୟଣ ଏବଂ ଓଡ଼ିଶାର ସୁନାମଧନ୍ୟ ଗାୟିକା ଅସୀମା ପଣ୍ଡା କଣ୍ଠଦାନ କରିଛନ୍ତି। ମୁମ୍ବାଇର ଏକ ଷ୍ଟୁଡିଓରେ ଏହି ଡୁଏଟ୍ ଗୀତର ରେକର୍ଡିଂ ସମ୍ପନ୍ନ ହୋଇଥିବା ବେଳେ ଏହାକୁ ନେଇ ସଙ୍ଗୀତ ଜଗତରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି। ଧିରେନ୍ଦ୍ର କୁମାର ସାହୁଙ୍କ ପ୍ରଯୋଜନାରେ ନିର୍ମିତ ଏହି ଆଲବମର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିଶିଷ୍ଟ ସଙ୍ଗୀତକାର କୃଷ୍ଣଚନ୍ଦ୍ର ଏବଂ ଶବ୍ଦ ରଚନା କରିଛନ୍ତି ଯୁବ ଗୀତିକାର ରମାକାନ୍ତ ଦାସ। ବହୁ ଦିନ ପରେ ଓଡ଼ିଆ ଗୀତ ଗାଇଥିବାରୁ ଉଦିତ ନାରାୟଣ ଆଜି ଭିଡିଓ ବାର୍ତ୍ତା ଜାରି କରି ନିଜର ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ୨୦୨୬ ବର୍ଷରେ ଏହା ତାଙ୍କ କଣ୍ଠରେ ପ୍ରଥମ ଓଡ଼ିଆ ଗୀତ ଏବଂ ଓଡ଼ିଶାର ଶ୍ରୋତାମାନେ ଏହାକୁ ନିଶ୍ଚିତ ଭାବେ ପସନ୍ଦ କରିବେ। ପ୍ରେମ ଦିବସ ଉପଲକ୍ଷେ ଏହି ରୋମାଣ୍ଟିକ୍ ଗୀତଟି ସାବିତ୍ରୀ ମ୍ୟୁଜିକର ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲରେ ମୁକ୍ତିଲାଭ କରିବ। ଏହି ଗୀତଟି ସମସ୍ତ ବର୍ଗର ଶ୍ରୋତାଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଆଶା ପ୍ରକଟ କରାଯାଇଛି।

## ସ୍ୱପ୍ନେଶ୍ୱର ମନ୍ଦିରରେ ସିସିଟିଭି ଉଦ୍‌ଘାଟିତ



**କଟକ, ୯।୨(ସମିସ):** ବୟାଳିଶି ମୌଜା ବ୍ରହ୍ମପୁର ସ୍ଥିତ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପରିସରରେ ସିସିଟିଭି ସ୍ଥାପନ କରାଯାଇଛି। ଏହାକୁ ବୟାଳିଶି ମୌଜା ଥାନା ଅଧିକାରୀ ହେମନ୍ତ କୁମାର ସେଠୀ ଉଦଘାଟନ କରିଥିଲେ। ଏଠାରେ ଲଗାଯାଇଥିବା ସିସିଟିଭି ସର୍ଭେଲାନ୍ସର ସଂଯୋଗୀକରଣ ସିଧାସଳଖ ଥାନା ସହ କରାଯାଇଛି। ଏହା ଦ୍ୱାରା ମନ୍ଦିରଟି ସର୍ବଦା ଥାନା ଅଧିକାରୀଙ୍କ ନଜରରେ ରହିବ। ଗତ କିଛି ଦିନ ତଳେ ଏଠାରେ କିଛି ଅସାମାଜିକ ବ୍ୟକ୍ତି ବିଶୃଙ୍ଖଳିତ ଆଚରଣ କରିଥିଲେ। ଯାହା ଫଳରେ ମନ୍ଦିର ପରିସରରେ ସିସିଟିଭି ଲଗାଯିବା ନିତାନ୍ତ ଆବଶ୍ୟକ ବୋଲି ମନେ କରାଯାଇ ସ୍ଥାନୀୟ ବାସିନ୍ଦା, ଥାନା ଅଧିକାରୀ ଓ ମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତି ନେଇଥିଲେ। ଏହା ପରେ ଆଜି ସିସିଟିଭି ସ୍ଥାପନା କରାଯାଇଛି। ଏହି ଅବସରରେ ପରିଚାଳନା କମିଟି ଆବାହକ ସୁବାଷ ଚନ୍ଦ୍ର ବେହେରା, ସୁକାନ୍ତ ପଣ୍ଡା, ରାଜେନ୍ଦ୍ର ଖିଲାର, ପୂର୍ବତନ ସରପଞ୍ଚ ବିନୋଦ ବେହେରା, ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର ରାଉତ, ଶଙ୍କର ବେହେରା, ଆନନ୍ଦ ବେହେରା, ପ୍ରଭାତ ବେହେରାଙ୍କ ସମେତ ସ୍ଥାନୀୟ ଯୁବକମାନେ ଉପସ୍ଥିତ ଥିଲେ।

## ଓଡ଼ିଶା ମେଲୋଡି ଆସୋସିଏସନ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି



**କଟକ, ୯।୨(ସମିସ):** ଓଡ଼ିଶା ସଙ୍ଗୀତ ଜଗତର ଉଜ୍ଜ୍ୱଳ ତାରକା, ପ୍ରସିଦ୍ଧ ସଙ୍ଗୀତଜ୍ଞ ତଥା ନିର୍ଦ୍ଦେଶକ ସ୍ୱର୍ଗତ ଅଭିଜିତ ମଜୁମଦାରଙ୍କ ସ୍ମୃତିରେ ଓଡ଼ିଶା ମେଲୋଡି ଆସୋସିଏସନ୍ (ଓଏମଏ) ପକ୍ଷରୁ ଟାଉନ୍ ହଲ ଠାରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ସଭାରେ ଓଡ଼ିଶା ସଙ୍ଗୀତ ଜଗତର ବହୁ କଳାକାର, ସଙ୍ଗୀତଜ୍ଞ, ସହକର୍ମୀ ଓ ଓଏମଏର ସଭାପତି ଦୀପକ ବାଜୋରିଆ, ସମ୍ପାଦକ ଲୁଲୁ ମହାନ୍ତି, କାର୍ଯ୍ୟକାରୀ ସଭାପତି ଅଜୟ କର, ଉପସଭାପତି ଅରବିନ୍ଦ ବଳିଆର ସିଂ, କୋଷାଧ୍ୟକ୍ଷ ପାର୍ଥ ମିଶ୍ର, ସହ କୋଷାଧ୍ୟକ୍ଷ ନରେଶ ମଲ୍ଲିକ ଏବଂ ଉପଦେଷ୍ଟା ମଣ୍ଡଳୀ ଶ୍ୟାମ କୁମାର, ଅଞ୍ଜନ ମହାନା, ବିରେନ୍ଦ୍ର ଦାସ, ପ୍ରଦୀପ ମହାପାତ୍ର, ନିଲୁ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଅଭିଜିତ ମଜୁମଦାରଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ସଙ୍ଗୀତମୟ ଜୀବନୀ, ଓଲିଉଡରେ ସ୍ମରଣୀୟ ଗୀତ, ନୂଆ ପ୍ରତିଭାଙ୍କୁ ଗଢ଼ିବାରେ ତାଙ୍କ ଅବଦାନ, ମଞ୍ଚରେ ଗୀତ ଗାଇବା ଓ ପ୍ରୋଗ୍ରାମ କରିବାର ଅଭିଜ୍ଞତା ସମ୍ପର୍କରେ ବିଭିନ୍ନ କଳାକାର ମତବ୍ୟକ୍ତ କରିଥିଲେ। ଅଭିଜିତ ଦାଦାଙ୍କ ଧର୍ମ ପତ୍ନୀ ଓ ତାଙ୍କ ପୁଅଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ପରେ କଳାକାରମାନେ ଦାଦାଙ୍କର ଲୋକପ୍ରିୟ ଗୀତଗୁଡ଼ିକୁ ଗାଇ ଅଭିଜିତ ମଜୁମଦାରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ୟାମ କୁମାର ଧନ୍ୟବାଦ ଦେଇଥିଲେ।

## ୧୯୯୪ ବ୍ୟାଚ୍ ସ୍କୁଲ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ




**କଟକ, ୯।୨(ସମିସ):** ରବିବାର ଦିନ ନୂଆବଜାର ହାଇସ୍କୁଲ୍ ପ୍ରାଙ୍ଗଣରେ ୧୯୯୪ ବ୍ୟାଚ ଛାତ୍ରଛାତ୍ରୀଙ୍କର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଷ୍ମନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସଭା କାର୍ଯ୍ୟ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରୁ ଦିବଙ୍ଗତ ଶିକ୍ଷକ ଏବଂ ବନ୍ଧୁମାନଙ୍କ ପାଇଁ ସ୍ମୃତି ସଭା ଆୟୋଜନ କରାଯାଇଥିଲା। ଏଥି ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଜଳପାନର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଚୈତାଲୀ ମଣ୍ଡଳ, ଗୌରୀ ଦେ, ଝରଣା ପଣ୍ଡା, ରୁପଶ୍ରୀ ତାରେଣିଆ, ଭବାନୀ ମଲ୍ଲିକ, ଜ୍ୟୋତିଦତ୍ତ ନାୟକ, ସରୋଜ ମହାରଣା, ଗଙ୍ଗାଧର ସାହୁ ଏବଂ ତାପସ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ମେଟ୍ରିକ୍ ପରୀକ୍ଷା ପାଇଁ ପ୍ରସ୍ତୁତି

# ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ରୁ ୨୬୦୩ ପରୀକ୍ଷାର୍ଥୀ

**ଚୌଦ୍ୱାର, ୯।୨(ସମିସ)**

ଚଳିତ ବର୍ଷ ଫେବୃୟାରୀ ୧୯ ତାରିଖରେ ଆରମ୍ଭ ହେବ ୧୦ମ ଶ୍ରେଣୀ ବୋର୍ଡ଼ ପରୀକ୍ଷା। ଏଥିପାଇଁ ଏବେ ସମସ୍ତ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତି ଜୋରଦାର କରାଯାଉଛି। ସମସ୍ତ ସ୍କୁଲରେ ପାସହାର ଶତପ୍ରତିଶତ କରିବା ଉପରେ ଗୁରୁତ୍ୱ ଦିଆଯାଉଥିବା ଦେଖିବାକୁ ମିଳିଛି। ଏହି ପରୀକ୍ଷା କେବଳ ପରୀକ୍ଷାର୍ଥୀ କାହିଁକି ସ୍କୁଲ ମାନଙ୍କ ପାଇଁ ମଧ୍ୟ ଏକ ଚାଲେଞ୍ଜ। ଏହି ପରୀକ୍ଷାରେ କେଉଁ ସ୍କୁଲ କେତେପିଲାଙ୍କୁ ପାସ ଦେଇ ପାରୁଛି ଏବଂ କେତେ ପିଲା ଏ-୧, ଏ-୨, ବି-୧ ବି-୨ ଦେଇପାରିବେ ସେ ନେଇ ମଧ୍ୟ ସ୍କୁଲମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। କଟକ ଜିଲ୍ଲାର ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ଥିବା ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକ ମଧ୍ୟରେ ଏହି ପ୍ରତିଯୋଗିତା ଯୋରଦାର ଚାଲିଥିବା ଦେଖିବାକୁ ମିଳିଛି। ବିଗତ ବର୍ଷ ମାନଙ୍କରେ ଯେଭଳି ବହୁ ସରକାରୀ ସ୍କୁଲ ଶତ ପ୍ରତିଶତ ପାସ ହାର ରଖିଥିଲା ଚଳିତ ବର୍ଷ ମଧ୍ୟ ସେହିଭଳି ଧାରା ବଜାୟ ରଖିବା ପାଇଁ ଶିକ୍ଷକମାନେ ଲାଗିପଡ଼ିଛନ୍ତି। ଛାତ୍ରଛାତ୍ରୀଙ୍କ ସନ୍ଦେହମୋଚନ ନିମନ୍ତେ ଅତିରିକ୍ତ କ୍ଲାସ ସହିତ ଡାଉଟ କ୍ଲିୟର ନିମନ୍ତେ ଭିଡ଼ିଓ କନଫରେନ୍ସିରେ ପାଠପଢ଼ା ଯାଉଥିବା ଦେଖିବାକୁ ମିଳିଛି। ସେହିଭଳି ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ମଧ୍ୟ ନିଜଆଡୁ ପ୍ରସ୍ତୁତି ଚଳାଇଛନ୍ତି। କେଉଁ ଶିକ୍ଷକଙ୍କ ନିକଟରେ କେଉଁ ବିଷୟ ପାଇଁ ଟ୍ୟୁସନ ଦେଲେ ପିଲା ଭଲ ବୁଝିପାରିବ ଏବଂ ଭଲ ନମ୍ବର ରଖିବ ସେହିଠାରେ ଟ୍ୟୁସନ ଦେବା ପାଇଁ ଅଭିଭାବକଙ୍କ ପ୍ରତିଯୋଗିତା ମଧ୍ୟ ଚାଲିଛି। ଚଳିତ ବର୍ଷ ଟାଙ୍ଗୀ-ଚୌଦ୍ୱାର ବ୍ଲକର ୩୯ଟି ସ୍କୁଲର ଛାତ୍ରଛାତ୍ରୀ ମେଟ୍ରିକ ପରୀକ୍ଷା ଦେବେ। ଏଥିପାଇଁ ୧୩ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ସେହିଭଳି କଳିଙ୍ଗ ବିଦ୍ୟାପୀଠକୁ ନୋଡାଲ ସେଣ୍ଟର କରାଯାଇଛି। ସମସ୍ତ ପରୀକ୍ଷାକେନ୍ଦ୍ରର ପ୍ରଶ୍ନ ପତ୍ର ଏହି ସ୍କୁଲରେ କଡ଼ା ସୁରକ୍ଷା ବଳୟ ଭିତରେ ରହିବ। ଏହି ବ୍ଲକରୁ ଚଳିତ ବର୍ଷ ୨୬୦୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି। ଚଳିତ ବର୍ଷ କଟକ ଜିଲ୍ଲା କିଭଳି ଭଲ ରେଜଲ୍ଟ କରିବ ସେଥିପାଇଁ ଜିଲ୍ଲାପାଳ ମିଶନ ମେରିଟ କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମିଶନରେ ଛାତ୍ରଛାତ୍ରୀମାନେ କିଭଳି ଭଲ ରେଜଲ୍ଟ କରିବେ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସବୁ ସ୍କୁଲରେ ବଛାବଛା ପିଲାମାନଙ୍କୁ ନେଇ ସେମାନେ କିଭଳି ଏ-୧ ପାଇବେ ସେଥିପାଇଁ ଅତିରିକ୍ତ କ୍ଲାସ ଦିଆଯିବା ସହ, ପରୀକ୍ଷା ଦର୍ପଣ ଭଳି ସମ୍ଭାବ୍ୟ ପ୍ରଶ୍ନୋତ୍ତର ଜରିଆରେ ସେମାନଙ୍କୁ ପ୍ରସ୍ତୁତ କରାଯାଉଛି। ଗତ ବର୍ଷ ୩୯ ଜଣ ଛାତ୍ରଛାତ୍ରୀ ଏ-୧ ପାଇଥିବାବେଳେ ଚଳିତ ବର୍ଷ ୧୦୦ ଜଣ ଛାତ୍ରଛାତ୍ରୀ ଏ-୧ ପାଇବାର ଆଶା କରାଯାଉଛି ବୋଲି ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ନାୟକ ପ୍ରକାଶ କରାଯାଇଛି। ଅନ୍ୟପକ୍ଷରେ ଛାତ୍ରଛାତ୍ରୀମାନେ ପରୀକ୍ଷାକୁ ଏକ ପ୍ରକାର ଚାପ ନ ଭାବି ସୁସ୍ଥ ମସ୍ତିଷ୍କରେ ପ୍ରଶ୍ନକୁ ବୁଝି ଉତ୍ତର ଲେଖିବା ପାଇଁ ବରିଷ୍ଠ ଶିକ୍ଷକ ମେଘମାଳା ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ଶିବପ୍ରସାଦ ପତି ଓ ହରେକୃଷ୍ଣ ସାହୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

ଖାଲି ପଦବୀ ସଂଖ୍ୟା: 2273
(ବ୍ୟାକଲଗ୍ ଖାଲି ପଦବୀ ସହିତ)

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://sbi.bank.in/web/careers/current-openings ରେ ବିଜ୍ଞାପନ ନମ୍ବର CRPD/CBO/2025-26/18 ଅଧୀନରେ ଉପଲବ୍ଧ। ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.01.2026 ରୁ 18.02.2026 ପର୍ଯ୍ୟନ୍ତ।

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ https://sbi.bank.in/web/careers/current-openings.

ସ୍ଥାନ: ମୁମ୍ବାଇ
ତାରିଖ: 30.01.2026
ମହା ପ୍ରବନ୍ଧକ (ଆରପି ଏବଂ ପିଏମ୍)

# ଗୁଣୁପୁର ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କଲେ ଜିଲ୍ଲାପାଳ



ଗୁଣୁପୁର, ୯।୨(ସମିସ): ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଗୁଣୁପୁର ବାଇପାସ୍ ରାସ୍ତା ନିର୍ମାଣ କାମ ତଦାରଖ କରି ଫେରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ କରାଯାଉଥିବା ବେଳେ ସମୟ ଅବଧି ସରିଯାଇ ଥିବା ହେତୁ ତୁରନ୍ତ କାମ ସାରିବା ପାଇଁ ପୂର୍ବରୁ ଜିଲ୍ଲାପାଳ ତାଗିଦ କରିଥିଲେ। ଠିକାଦାର ଯୁଦ୍ଧକାଳୀନ ଭିତିରେ ନିର୍ମାଣ କାର୍ଯ୍ୟ ସାରିବା ପାଇଁ ଉଦ୍ୟମ ଜାରି ରଖି କାମ ଚାଲୁରଖିଥିବା ବେଳେ ଆଜି ଜିଲ୍ଲାପାଳ ତଦାରଖ କରି ଫେରିଛନ୍ତି। ପ୍ରତ୍ୟେକ କାର୍ଯ୍ୟର ମାନକୁ ପ୍ରାଧାନ୍ୟ ଦେଇ କାମ କରିବା ପାଇଁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୋତିଲାଲ୍ ନଗର ନିକଟରେ ଥିବା ଏକ ପୋଲ ଦେଇ ପ୍ରବାହିତ ହେଉଥିବା କରଞ୍ଜିଆ ନାଳର ଉଭୟ ପାଶ୍ୱର୍ର ମାଟି ଯେମିତି ନ ଧସିବ, ତାହାକୁ ଦୃଷ୍ଟିରେ ରଖି ଯୋଜନା ମୁତାବକ କାମ କରିବା ପାଇଁ ଗୁଣୁପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତାର ମଧ୍ୟ ଭାଗରେ ସୌନ୍ଦର୍ଯ୍ୟକରଣ ପାଇଁ ଗଛ ଲଗାଇବା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଡିଭାଇଡର ମଧ୍ୟରେ ରାସ୍ତା ଆଲୋକୀକରଣ ପାଇଁ ତୁରନ୍ତ ଷ୍ଟ୍ରିଟ୍ ଲାଇଟ୍ ଜଳିବା ବ୍ୟବସ୍ଥା କରିବା ପାଇଁ ଆଲୋଚନା କରିଥିଲେ। ପ୍ରକାଶ ଥାଉକି ଦୀର୍ଘ ତିନିବର୍ଷ ଧରି ଏହି ରାସ୍ତା କାମ ଅସମ୍ପୂର୍ଣ ହୋଇ ପଡିରହିଥିବା ବେଳେ ଜିଲ୍ଲାପାଳଙ୍କ ହସ୍ତକ୍ଷେପରେ ରାସ୍ତା କାମରେ ସଂଶ୍ଲିଷ୍ଟ ବିଭିନ୍ନ ବିଭାଗ ଓ ଠିକାଦାର ତତ୍ପରତା ଦେଖାଇ ପରେ କାମ ଗୋଟେ ପ୍ରକାର ଶେଷ ହେବା ଆଡକୁ ଗତି କରୁଛି। ଜିଲ୍ଲାପାଳଙ୍କ ତଦାରଖ ସମୟରେ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ୍ ଦିଲ୍ଲିପ୍, ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଗୁଣୁପୁର ବିଡିଓ ସ୍ୱସ୍ତିକ ଜମାଦାର, ଅତିରିକ୍ତ ତହସିଲଦାର ଗୁଣୁପୁର ଗୟା ଡମ୍ବୁରୁ ଗଙ୍ଗାଧର, ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ବିଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ବିଧାୟକଙ୍କ ମାତୃ ବିୟୋଗ



କୋରାପୁଟ, ୯।୨(ସମିସ): ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ବିଧାୟକ ନିମାଇ ସରକାରଙ୍କ ମାଆ ବାସନ୍ତୀ ସରକାରଙ୍କ(୯୦)ର ରବିବାର ବିଳମ୍ବିତ ରାତିରେ ଭୁବନେଶ୍ୱର ଠାରେ ପରଲୋକ ହୋଇଛି। ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଖବର ପ୍ରଚାର ପରେ କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି। ଏହି ଖବର ପାଇ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ମହିଳା କଂଗ୍ରେସ ରାଜ୍ୟ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, କଂଗ୍ରେସ ବିଧାୟକ ଦଳ ନେତା ପଟ୍ଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡ଼ାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, ସାଂସଦ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ବାବୁଲା ବେନିଆ, କଂଗ୍ରେସ ନେତା ଜଗଦୀଶ ଖୋସଲା, ବ୍ଲକ ସଭାପତି ମିହିର କୁଲଦୀପ, ନଗର ସଭାପତି ଜୟନ୍ତ କଟିମ ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ବଣ୍ଡାଘାଟିରେ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କଲେ ଜିଲ୍ଲାପାଳ



ଖଇରପୁଟ, ୯।୨(ସମିସ): ବଣ୍ଡାଘାଟିରେ ବିଭିନ୍ନ ଉନ୍ନୟମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ଜିଲ୍ଲାପାଳ ପ୍ରଥମେ ବଡଡୁରାଲ ଗ୍ରାମପଞ୍ଚାୟତର ସୀସାପୁଟ ଗ୍ରାମ ଗସ୍ତ କରି ମୁଖ୍ୟମନ୍ତ୍ରୀ ଜନଜାତି ମିଶନ ଅଧୀନରେ ଚାଲିଥିବା ପରିବା ଚାଷ କ୍ଲଷ୍ଟର ବୁଲି ଦେଖିଥିଲେ। ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ ଏବଂ ଅଧିକ ପରିମାଣରେ ଚାଷ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ସେଠାରେ ପିଆଜକୁ ସଂରକ୍ଷଣ କରି ରଖିବା ପାଇଁ ପଦକ୍ଷେପ ନେବା ପାଇଁ ପିଏ ଆଇଟିଡିଏଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ବଡଡୁରାଲ ଠାରୁ ଅନ୍ଦ୍ରାହାଲ ରାସ୍ତାରେ ନିର୍ମାଣ ହେଉଥିବା ଏକ ଭିଉ ପଏଣ୍ଟରେ ଷ୍ଟିଲ ରେଲିଂ ସାଙ୍ଗକୁ ପର୍ଯ୍ୟଟକ ନିମନ୍ତେ ଆବଶ୍ୟକୀୟ ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ କୁହାଯାଇଥିଲା। ଅନ୍ଦ୍ରାହାଲ ଠାରେ ପିଏମ୍ ଜନମନ ଆଦିବାସୀ ନ୍ୟାୟ ମହା ଅଭିଯାନରେ ଚାଲିଥିବା ୧୭୯ଟି ଗ୍ରାମୀଣ ଆବାସ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆଇଟିଡିଏକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମକୁ ଆଦର୍ଶ ଗ୍ରାମ ରୂପେ ଗଢି ତୋଳିବା ପାଇଁ ପଦକ୍ଷେପ ନିଆଯାଉଛି। ଗ୍ରାମରେ ୧୧୫ ଟି ଛେଳି ଗୁହାଳ ନିର୍ମାଣ ପାଇଁ ଯୋଜନା କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪୦ଟି ଗୁହାଳ ନିର୍ମାଣ ସରିଥିବା କଥା ସୂଚନା ଦେଇଥିଲେ ପିଏ ଆଇଟିଡିଏ। ଫେବୃଆରି ମାସ ସୁଦ୍ଧା ଏହି କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଗ୍ରାମରେ ୧୫ଟି ପରିବାର ଦେଶୀ ଘୁଷୁରୀ ପାଳନ କରୁଥିବା ଜାଣିବାକୁ ପାଇଥିଲେ ଜିଲ୍ଲାପାଳ। ଏହା ଗ୍ରାମର ପରିମଳ ବ୍ୟବସ୍ଥାକୁ ପ୍ରଭାବିତ କରୁଥିବାରୁ ସମ୍ପୂର୍ଣ୍ଣ ରୂପେ ଦେଶୀ ଘୁଷୁରୀ ପାଳନ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଗ୍ରାମର ଉଭୟ ପାଶ୍ୱର୍ରେ ସୁନ୍ଦର ଗଛ ରୋପଣ କରିବା ମଧ୍ୟ ଆଇଟିଡିଏକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ଗ୍ରାମର ନିର୍ମାଣଧିନ ସେତୁ ତଥା ଭିଉ ପଏଣ୍ଟକୁ ଯଥା ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। କାଜୁ ପ୍ରସେସିଂ ୟୁନିଟ୍ ମଧ୍ୟ ବୁଲି ଦେଖିଛନ୍ତି ଜିଲ୍ଲାପାଳ। ଅନ୍ଦ୍ରାହାଲ ପଞ୍ଚାୟତ କୋଠାକୁ ପୁନରୁଦ୍ଧାର କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଇଟିଡିଏ ଓ ଉଦ୍ୟାନ କୃଷି ବିଭାଗ ମିଳିତ ଭାବେ ଗ୍ରାମର ପ୍ରତ୍ୟେକ ଘରେ କିଚେନ ଗାର୍ଡେନ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ପଣସ ଓ ତେନ୍ତୁଳି ଭଳି ଅନ୍ୟାନ୍ୟ ଉତ୍ପାଦର ମଲ୍ଟି ପ୍ରସେସିଂ ୟୁନିଟ୍ କରିବା ପାଇଁ କୁହାଯାଇଛି। ପରେ ଜିଲ୍ଲାପାଳ ବଣ୍ଡାପଡ଼ା ଗସ୍ତ କରି ଷ୍ଟ୍ରବେରୀ ଓ କ୍ୟାପସିକମ୍ ଚାଷ ଭଲ ହୋଇଥିବ ଦେଖି ଖୁସି ବ୍ୟକ୍ତ କରିଥିଲେ। ଚାଷୀ ମାନେ ଅଧିକ ପରିମାଣରେ କିଭଳି ଅଧିକ ଲାଭ ଦାୟକ ଚାଷ କରି ପାରିବେ ସେଥି ନିମନ୍ତେ ସାଧନ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ଆଇଟିଡିଏ ପକ୍ଷରୁ ସଲାର ଲିଫ୍ଟ, ଡ୍ରିପ୍ ଇରିଗେସନ, ବୋର୍ ୱେଲ ଓ ଚେକ୍ ଡ୍ୟାମ୍ କରିବା ପାଇଁ ଆଇଟିଡିଏକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷ ପରେ ଚାଷୀ କିଭଳି ଅଧିକ ସ୍ୱାବଲମ୍ବୀ ହେବେ ସେଥି ନିମନ୍ତେ ଦକ୍ଷତା ବୃଦ୍ଧି ତାଲିମ ଦେବା ନିମନ୍ତେ ଆଇଟିଡିଏକୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀଙ୍କ ଉତ୍ପାଦ ଗୁଡ଼ିକୁ ସହଜରେ ବଜାରରେ ଉପଲବ୍ଧ କରାଇବା ପାଇଁ ପରିବହନ ସୁବିଧା କରିବା ପାଇଁ ମଧ୍ୟ ଆଇଟିଡିଏକୁ କୁହାଯାଇଛି। ଅଦିନରେ କିଭଳି ଅଧିକ କ୍ୟାପସିକମ୍ ଚାଷ କରାଯାଇପାରିବ ସେଥିପାଇଁ ଚାଷୀଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ କୁହାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଯଥା ଶୀଘ୍ର ରାସ୍ତା କାମ ସାରିବାକୁ କୁହାଯାଇଛି। ଶେଷରେ ଜିଲ୍ଲାପାଳ ମୁଦୁଲିପଡ଼ା ଠାରେ ସ୍ଥାନୀୟ ଯୁବକଙ୍କ ସହ ଭଲିବଲ ମ୍ୟାଚ୍ ଖେଳିଥିଲେ। କ୍ରୀଡାର ବିକାଶ ପାଇଁ ଖେଳ ପଡିଆର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ଅନ୍ୟ ମାନଙ୍କ ମଧ୍ୟରେ ପିଏ ଆଇଟିଡିଏ, ଡି ଡି ଉଦ୍ୟାନ କୃଷି, ବଣ୍ଡା ଉନ୍ନୟନ ସଂସ୍ଥା ପି ଏଲ୍, ପ୍ରାଣୀ ସମ୍ପଦ ଏଡିଭିଓ, ବିଡିଓ ଖଇରପୁଟ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କେନ୍ଦ୍ର ବଜେଟକୁ ନେଇ ଆଲୋଚନା



ଜୟପୁର, ୯।୨ (ସମିସ): ରାଜ୍ୟ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଗତକାଲି ଜୟପୁର ଠାରେ ଚଳିତ ବର୍ଷର କେନ୍ଦ୍ରୀୟ ବଜେଟକୁ ନେଇ ଏକ ଆଲୋଚନା ଚକ୍ର 'ବଜେଟ ପରିଚର୍ଚ୍ଚା' ଆୟୋଜିତ ହୋଇଥିଲା। ସ୍ୱଦେଶୀ ଜାଗରଣ ମଞ୍ଚର ଅଖିଳ ଭାରତୀୟ ସଂଘର୍ଷ ବାହିନୀ ପ୍ରମୁଖ ଅନ୍ନଦା ଶଙ୍କର ପାଣିଗ୍ରାହୀ ମୁଖ୍ୟ ଆଲୋଚକ ଭାବରେ ଯୋଗଦେଇ ନିଜ ବକ୍ତବ୍ୟ ମାଧ୍ୟମରେ ଚଳିତ କେନ୍ଦ୍ରୀୟ ବଜେଟ ସାଧାରଣ ବଜେଟ ଅପେକ୍ଷା ଅଧିକ ଦୂରଦୃଷ୍ଟି ସମ୍ପର୍ଣ୍ଣ ଏହା ଭାରତକୁ ବିକାଶ ପଥରେ ଦ୍ରୁତଗତିରେ ଆଗକୁ ବଢ଼ିବାରେ ସାହାଯ୍ୟ କରିବ। ଏକ ସରଳ ଏବଂ ଶକ୍ତିଶାଳୀ ଉପସ୍ଥାପନା ମାଧ୍ୟମରେ କେନ୍ଦ୍ର ବଜେଟର ଗଠନ, ଏହାର ଆଭିମୁଖ୍ୟ ବିଷୟରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଆଲୋଚକ ଭାବେ କୋରାପୁଟ ସ୍ଥିତ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ପ୍ରଫେସର ଡ. ସୀତାନାଥ ରାୟଗୁରୁ ବଜେଟ ଆକର୍ଷଣୀୟ ନୁହେଁ, କିନ୍ତୁ ସନ୍ତୋଷଜନକ ବୋଲି କହିଥିଲେ। ଅନ୍ୟତମ ଅତିଥି ଜୟପୁରର ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଏସ. ରବି ଶଙ୍କର ବଜେଟର ପ୍ରମୁଖ ବ୍ୟବସ୍ଥା ଏବଂ ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ ବିଷୟରେ ବ୍ୟାଖ୍ୟା କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ସହ ସଂଯୋଜକ ମନୋରଞ୍ଜନ ରାଉତରାୟ ପରିଚାଳନା କରିଥିବାବେଳେ ଏଥରର ବଜେଟ ବିକଶିତ ଭାରତ ପାଇଁ ସମର୍ପିତ ଏବଂ ବଜେଟରେ କୃଷିର ବ୍ୟବସ୍ଥା ଏକ ଇଞ୍ଜିନ ସଦୃଶ କାମ କରିବ ବୋଲି କହିଛନ୍ତି। ଅନ୍ୟତମ ଆଲୋଚକ ଭାବେ ସ୍ଥାନୀୟ ବ୍ୟବସାୟୀ ସଞ୍ଜୟ କୁମାର ଜୈନ, ଲଳିତ ଅଗ୍ରୱାଲ, ଆଇନଜୀବି ସୁଧାଂଶୁ ପାଢୀ ଅଧ୍ୟାପକ ଡ.ମନୋରଞ୍ଜନ ପ୍ରଧାନ, କୈବର୍ତ୍ତ କେଶବ ସାମନ୍ତରାୟ, ପଦ୍ମନାଭ ହୋତା, ନରସିଂହ ଚୌଧୁରୀ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ସହରର ପ୍ରାୟ ୭୦ ଜଣ ବୁଦ୍ଧିଜୀବୀ ତଥା ସଚେତନ ନାଗରିକ ଉପସ୍ଥିତ ରହିଥିଲେ।

# ଅଜଣା ଗାଡ଼ି ଧକ୍କାରେ ପଥଚାରୀଙ୍କ ମୃତ୍ୟୁ

ପାପଡାହାଣ୍ଡି, ୯।୨(ସମିସ): ପାପଡାହାଣ୍ଡି ବ୍ଲକ ଦୁଲପୁର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥରେ ଆଜି ସକାଳେ ଜଣେ ପଥଚାରୀଙ୍କ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ହୋଇଛି। ମୃତକ ଦଳେଇଗୁଡାର ଜୟସେନ ଭତରା ବୋଲି ଜଣାପଡିଛି । ସକାଳୁ ସେ ଦୁଲପୁର ବୁଲାଣିରେ ଯାଇଥିବା ସମୟରେ ଏକ ଅଜଣା ଗାଡି ଧକ୍କା ଦେଇ ଚାଲିଯାଇଥିଲା। ସେ ଗୁରୁତର ହୋଇ ରାସ୍ତାରେ ପଡ଼ିଥିଲେ। ପାପଡାହାଣ୍ଡିର ସୁବ୍ରତ ଜେନା ଓ ଗଣପତି ନାଇଡୁ ପ୍ରାତଃ ଭ୍ରମଣ ସମୟରେ ଦେଖି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାପଡାହାଣ୍ଡି ମେଡିକାଲ ପଠାଇଥିଲେ। ଅଧିକ ଚିକିତ୍ସା ପାଇଁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଏନେଇ ପାପଡାହାଣ୍ଡି ପୁଲିସଏ ନେଇ ଅଧିକ ତଦନ୍ତ କରୁଛି।

# ଏକ ରାଷ୍ଟ୍ର, ଏକ ନିର୍ବାଚନ ପାଇଁ ଦସ୍ତଖତ ଅଭିଯାନ



ଗୁଣୁପୁର, ୯।୨ (ସମିସ): ଗୁଣୁପୁର ଥାୟରମା ମହିଳା ମହାବିଦ୍ୟାଳୟରେ "ଏକ ରାଷ୍ଟ୍ର ଏକ ନିର୍ବାଚନ' ଦସ୍ତଖତ ଅଭିଯାନ ଭାଜପା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଶ୍ରୀ ୱାଇ.ଗଣପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଭାରତ ପୃଥିବୀର ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର। କିନ୍ତୁ ନିରନ୍ତର ନିର୍ବାଚନ ଯୋଗୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ସମସ୍ୟା ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏକ ରାଷ୍ଟ୍ର ଏକ ନିର୍ବାଚନ ବ୍ୟବସ୍ଥା ଲାଗୁ କରି ନିର୍ବାଚନ ସଂସ୍କାର ଆଣିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଦେଶରେ ବାରମ୍ବାର ନିର୍ବାଚନ ହେବା ଦ୍ୱାରା ୪-୭ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେଉଛି ଏବଂ କର୍ମଚାରୀଙ୍କ ଶକ୍ତି ଏବଂ ସମୟ ନଷ୍ଟ ହେଉଛି। କେବଳ ସେତିକି ନୁହେଁ, ନିରନ୍ତର ନିର୍ବାଚନ ପ୍ରକ୍ରିୟାରେ ଆଦର୍ଶ ଆଚରଣବିଧ ବାରମ୍ବାର ଲାଗୁ ହେବା ଦ୍ୱାରା ନୀତି ନିର୍ଦ୍ଧାରଣରେ ବାଧା ସୃଷ୍ଟି ସହ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରଭାବିତ ହୋଇଥାଏ। ଏକ ରାଷ୍ଟ୍ର ଏକ ନିର୍ବାଚନ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ସହ ଅପ୍ରତ୍ୟାଶିତ ପ୍ରଚାର ଖର୍ଚ୍ଚ ହ୍ରାସ କରିବ। ଏକକାଳୀନ ନିର୍ବାଚନ ଦ୍ୱାରା ଖର୍ଚ୍ଚ ହ୍ରାସ ହେବ। ବଳକା ରାଶି ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ବିକାଶମୂଳକ ଯୋଜନା ପାଇଁ ବ୍ୟବହାର କରାଯାଇପାରିବ। ପ୍ରଶାସନର ଦକ୍ଷତା ବୃଦ୍ଧି ପାଇବ ଏବଂ ସୁରକ୍ଷା ବାହିନୀ ଉପରେ ଚାପ ହ୍ରାସ ପାଇବ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ପୃଥ୍ୱୀରାଜ ପାଢୀ, ଯୁବନେତା ଅମର ସାହୁ, କିରଣ କୁମାର ପାଣିଗ୍ରାହୀ, ବି. ଭାର୍ଗବ, ରିତମ ପାତ୍ର ଉପସ୍ଥିତ ଥିଲେ।

## ବିକାଶକୁ ନେଇ ମଞ୍ଚ ଉପରେ ଭୁଲ ତଥ୍ୟକୁ ବିରୋଧ

# ବିଭ୍ରାନ୍ତିକର ତଥ୍ୟ ରଖିଛି ନବ ନିର୍ମାଣ ସମିତି : ପୂର୍ବତନ ବିଧାୟକ



**ଗୁଣୁପୁର, ୯।୨(ସମିସ):** ଗୁଣୁପୁର ନଗର ବିଜୁ ଜନତା ଦଳ ପକ୍ଷରୁ ପ୍ରେସ ବିବୃତି ଦିଆଯାଇଛି। ଚଳିତ ବର୍ଷ ଜାନୁୟାରୀ ମାସ ୨୫ ତାରିଖରେ ନବ ନିର୍ମାଣ ସମିତି ପକ୍ଷରୁ ଆୟୋଜନ ହୋଇଥିଲା ବଂଶଧାରା ବସନ୍ତ ମହୋତ୍ସବ। ସେହିଦିନର ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟାରେ ମଞ୍ଚ ଉପରେ ନବନିର୍ମାଣ ସମିତିର କର୍ମକର୍ତ୍ତା ଗୁଣୁପୁର ଅଞ୍ଚଳର ବିକାଶର ବାର୍ତ୍ତା ନେଇ ଜନସାଧାରଣଙ୍କୁ ଭୁଲ୍ ତଥ୍ୟ ଉପସ୍ଥାପନ କରୁଥିଲେ। ସେତେବେଳେ ରାମେଶ୍ୱର ମନ୍ଦିର ବିକାଶ ହେଉକି ମେଡିକାଲର ଉନ୍ନତି, ସବୁ ନବନିର୍ମାଣ ସମିତିର ହସ୍ତକ୍ଷେପରେ ହୋଇଥିବା ନେଇ ମନ୍ତବ୍ୟ ଦେଉଥିବା ଦେଖିବାକୁ ମିଳିଥିଲା। ଭୁଲ୍ ତଥ୍ୟ ରଖୁଥିବାରୁ ବିଜେଡି ଏହାକୁ ନିନ୍ଦା କରିବା ସହ ଖଣ୍ଡନ କରିଛି। ଗୁଣୁପୁର ଅଞ୍ଚଳରେ ଗତ ୨୪ ବର୍ଷ ମଧ୍ୟରେ କଣ ବିକାଶ କରାହୋଇଛି ତାର ତଥ୍ୟ ସାମ୍ବାଦିକ ସମ୍ମିଳନୀ ରେ ଗୁଣୁପୁର ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ ଉପସ୍ଥାପନ କରିଥିଲେ। ସେ କହିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିଜେଡି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗତ ୨୫ ବର୍ଷ ମଧ୍ୟରେ ରାଜ୍ୟର ବିଶେଷ କରି ଗୁଣପୁର ନିର୍ବାଚନ ମଣ୍ଡଳୀର ଯାହା ଆଖିଦୃଶିଆ ବିକାଶ ହୋଇଛି। ଏହା ପୂର୍ବରୁ କେବେ ସମ୍ଭବ ହୋଇନଥିଲା କି କେହି ଉଦ୍ୟମ ମଧ୍ୟ କରିନଥିଲେ। ବିଶେଷ କରି ଆଜି ଗୁଣପୁର ପୌରାଞ୍ଚଳର ଉନ୍ନୟନ ପ୍ରକଳ୍ପ ଉପରେ ଆପଣ ମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଉଚିତ ମନେ କରୁଛୁ। ଏଭଳି ମିଥ୍ୟା ପ୍ରଚାରରୁ ନିବୃତ୍ତ ରହିବାକୁ ସଂଗଠନ ସମ୍ପାଦକଙ୍କୁ ପରାମର୍ଶ ଦେଇଛନ୍ତି। ଅ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଶାସନ କାଳରେ ଗତ ୨୦୨୨-୨୩ ବର୍ଷରେ ୭ କୋଟି ଟଙ୍କା ବ୍ୟୟରେ ତହସିଲ ଅଫିସ ନିକଟରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରାଯାଇଛି। ଯାହା କି ଆଜି କ୍ରୀଡ଼ାବିତ ଏବଂ କ୍ରୀଡା ପ୍ରେମୀ ମାନଙ୍କ ପାଇଁ ଏକ୍ଟଡିଶାଳ ପାଲଟିଛି। ଗୁଣପୁର ମିନି ଷ୍ଟାଡିୟମର ଉନ୍ନତି କରଣ କରାଯିବା ସହ ଗତ ୨୦୨୩ ଜୁନ ମାସରେ ୫ଟି ଅଧ୍ୟକ୍ଷଙ୍କ ଗୁଣପୁର ପରିଦର୍ଶନ ସମୟରେ ସୋସିଆଲ ସର୍ଭିସ ଏଣ୍ଡ ସ୍ପୋର୍ଟିଂ କ୍ଲବର ଅନୁରୋଧ କ୍ରମେ ୨୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇଛି। ଯାହା ବର୍ତ୍ତମାନ ସୁଦ୍ଧା ଖର୍ଚ୍ଚ ନହୋଇ ପଡିରହିଛି। ସେଫାଳି ପାହାଡର ରାମେଶ୍ୱର ମନ୍ଦିର କମିଟିର ଅନୁରୋଧ କ୍ରମେ ୨୦୨୩ ଜୁନ ମାସରେ ବିଜୁ ଜନତା ଦଳର ତୁଙ୍ଗ ନେତା ଏବଂ ୫ଟି ଅଧ୍ୟକ୍ଷ ପରିଦର୍ଶନ କରି ଅନୁଧ୍ୟାନ କରିବା ପରେ ସେଫାଳି ପାହାଡ଼ ଓ ମନ୍ଦିରର ଉନ୍ନତି କରଣ ନିମନ୍ତେ ୪ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା। ଯାହାକି ଆଜି ସେଫାଳି ପାହାଡ଼ ଅଞ୍ଚଳର ସୌନ୍ଦର୍ଯ୍ୟ କରଣ ସହ ରୂପରେଖ ପରିବର୍ତ୍ତନ ଘଟିଛି। ସେହି ସମୟରେ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା ମନ୍ଦିର ଉନ୍ନତି ନିମନ୍ତେ ପାଇଁ ମଧ୍ୟ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ମୋ ବସଷ୍ଟାଣ୍ଡ ଯୋଜନାରେ ୨୦୨୨ ମସିହାରେ ଗୁଣପୁର ନୂତନ ବସଷ୍ଟାଣ୍ଡର ଟର୍ମିନାଲ କୋଠା ,ଦୋକାନ ଗୃହ ଓ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ ନିମନ୍ତେ ୨୧ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ଯାହା କି ବର୍ତ୍ତମାନ ପୁଲିସ ହାଉସିଂ ବୋର୍ଡ ସଂସ୍ଥା ଦ୍ୱାରା କାମ ଚାଲିଛି। ସେହିପରି ଗୁଣପୁର ବାଇପାସ୍ ଛକ ଠାରୁ ବିକ୍ରମପୁର ପର୍ଯ୍ୟନ୍ତ ଚାରି ଥାକିଆ ରାସ୍ତା ଏବଂ ଶ୍ରୀ ଜଗନ୍ନାଥ ମନ୍ଦିର ଓ ବାଇପାସ ଛକର ଉନ୍ନତି କରଣ ନିମନ୍ତେ ୧୯ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ଗତ ଅକ୍ଟୋବର ୩ ତାରିଖ ୨୦୨୩ରୁ କାମ ଆରମ୍ଭ ହୋଇ ବର୍ତ୍ତମାନ ରାସ୍ତା ପ୍ରକଳ୍ପ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୁଣପୁର ଉପଖଣ୍ଡ ଡାକ୍ତରଖାନାର ଭିତ୍ତିଭୂମିର ବିକାଶ ପାଇଁ ୫ ମହଲା କୋଠା ନିର୍ମାଣ ନିମନ୍ତେ ୨୦୨୨ ମସିହାରେ ୨୦ କୋଟି ଟଙ୍କା ଅନୁଦାନ ଦିଆଯାଇଥିଲା। ବର୍ତ୍ତମାନ ପୂର୍ତ୍ତ ବିଭାଗ ଅଧୀନରେ ଉକ୍ତ କାର୍ଯ୍ୟ ନିର୍ମାଣଧୀନ ରହିଛି। ଏହା ବ୍ୟତୀତ ୫ଟି ଯୋଜନାରେ ୧୦ କୋଟି ଟଙ୍କା ବ୍ୟୟରେ ଗୁଣପୁର ଶତାୟୁ ହାଇସ୍କୁଲ, ସହିଦ ଲକ୍ଷଣ ନାୟକ ହାଇସ୍କୁଲ, ଉଚ୍ଚ ବାଳିକା ବିଦ୍ୟାଳୟ, ଗୁଣପୁର ମହାବିଦ୍ୟାଳୟର ଉନ୍ନତି କରଣ କରାଯାଇଛି। ସେହିପରି ସହର ଉପକଣ୍ଠ ଗାଦିଆଖୋଳା ନିକଟରେ ବଂଶଧାରା ନଦୀ ଉପରେ ସେତୁ ନିର୍ମାଣ ଚାଲୁ ରହିଛି। ୫-ଟି ଅଧ୍ୟକ୍ଷ ୨୦୨୩ ଜୁନ ମାସରେ ପରିଦର୍ଶନ ପରେ ବଂଶଧାରା ନଦୀ ଉପରେ ଗାଦିଆଖୋଳା-ଜଗନ୍ନାଥପୁରକୁ ସଂଯୋଗ ପାଇଁ ୫୩ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଯାହାକି ଗତବର୍ଷ ଠାରୁ କାମ ଆରମ୍ଭ ହୋଇଛି।

### ୧୪ ବର୍ଷରେ ୨୦୦ କୋଟିରୁ ଅଧିକ ଅନୁଦାନ ମିଳିଛି

ସେହିପରି ୨୦୨୩ ବର୍ଷରେ ପୌରାଞ୍ଚଳ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୫କୋଟି ଟଙ୍କା ବ୍ୟୟରେ କର୍ଣ୍ଣଗୁଡା, ବିକ୍ରମପୁର(କରାବାଙ୍କ), ମୁତ୍ୟାଲୁ ମା' ନଗର, କତାଲୁଗୁଡା କାମ ଶେଷ ହୋଇଛି। ଏହି ସବୁର ଉଦ୍ୟମ ଓ ଅବଦାନ ବିଜେଡି ଶାସନ କାଳରେ ଆମ ଦ୍ୱାରା ସମ୍ଭବ ହୋଇପାରିଛି। ବିକ୍ରମପୁର ଛକଠାରେ ପଥପ୍ରାନ୍ତ କେନ୍ଦ୍ର ନିର୍ମାଣ କରାଯାଇ ବର୍ତ୍ତମାନ ମିଶନ ଶକ୍ତି ମହିଳା ମାନେ ପରିଚାଳନା କରୁଛନ୍ତି। ବିକ୍ରମପୁର ଠାରେ ଆମ ସରକାର ସମୟରେ ଆଦର୍ଶ ବିଦ୍ୟାଳୟ ଓ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ସେହିପରି ୧୯୯୪ ମସିହାରେ ଗୁଣପୁର ବଂଶଧାରା ନଦୀ ଉପରେ ସେତୁ ନିର୍ମାଣ ପ୍ରବାଦ ପୁରୁଷ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଉଦ୍ୟମରେ ସମ୍ପନ୍ନ ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଉଲେଖନୀୟ ବିଷୟ ହେଉଛି, ବିଜୁ ଜନତା ଦଳର ଶାସନ କାଳରେ ଗତ ୨୦୧୦ ମସିହାରୁ ୨୦୨୪ ବର୍ଷ ମଧ୍ୟରେ ପୌରାଞ୍ଚଳର ସର୍ବାଙ୍ଗୀନ ବିକାଶ ନିମନ୍ତେ ବିଭିନ୍ନ ଯୋଜନାରେ ବିଜୁ ଜନତା ଦଳ ସରକାର ଗୁଣପୁର ପୌର ପାଳିକାକୁ ପ୍ରାୟ ଦୁଇ ଶହ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଥିଲେ। ସହରାଞ୍ଚଳର ଉନ୍ନତି କେବଳ ବିଜେଡି ସରକାର ଓ ଆମ ନେତୃତ୍ୱ ଯୋଗୁଁ ସମ୍ଭବ ହୋଇପାରିଛି। ପୌରପାଳିକାକୁ ମିଳିଥିବା ଅନୁଦାନରୁ ୫୦ ପ୍ରତିଶତ ବି ସମ୍ପୂର୍ଣ୍ଣ କାମ ନହୋଇ କୋଟି କୋଟି ଟଙ୍କା ହଡ଼ପ କରାଯାଇଛି। ଆମେ ଏହାର ଉଚ୍ଚସ୍ତରୀୟ ଓ ଭିଜିଲାନ୍ସ ବିଭାଗର ତଦନ୍ତ ଦାବି କରୁଛୁ। ଏମିତିକି ରଘୁନାଥ ଗାମାଙ୍ଗ ବିଧାୟକ ଥିବା ସମୟରେ ନବ ନିର୍ମାଣ ସମିତି ପକ୍ଷରୁ କୌଣସି ଦାବି କିମ୍ବା ପ୍ରସ୍ତାବ ଦିଆଯାଇନାହିଁ। କେବଳ ଗୁଣପୁର ବାସୀଙ୍କୁ ଭୁଆଁ ବୁଲେଇବାକୁ ସର୍ବଦା ହୀନ ପ୍ରୟାସ କରାଯାଉଛି। ଯେଉଁ ମାନେ ଗତ ଦିନରେ ମିନି ଷ୍ଟାଡିୟମ ଓ ନୂଆ ବସଷ୍ଟାଣ୍ଡ ନିର୍ମାଣକୁ ବିରୋଧ କରି କୋର୍ଟକୁ ଯାଇଥିଲେ, ସେମାନେ ଆଜି ବିକାଶ କଥା କହିବା ହାସ୍ୟାସ୍ପଦ ମନେ ହେଉଛି। ନବ ନିର୍ମାଣ ସମିତି କେବଳ ଉତ୍ସବ ଆୟୋଜନ କରିବା ଏବଂ ନିର୍ଦ୍ଦିଷ୍ଟ ରାଜନେତାଙ୍କୁ ପ୍ରମୋଶନ କରି ରାଜନୈତିକ ଭବିଷ୍ୟତ ଗଢ଼ିବା ପାଇଁ ଉଦ୍ଦିଷ୍ଟ। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ରଘୁନାଥ ଗାମାଙ୍ଗ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱନୀ କୁମାର ଗାମାଙ୍ଗ, ବରିଷ୍ଠ କାଉନସିଲର ଦେବୀ ପ୍ରସାଦ ଆଚାର୍ଯ୍ୟ, କାଉନ୍‌ସିଲର ଭାଗୀରଥି ବିଷୋୟୀ, ଶିବ ପ୍ରସାଦ ପାଢ଼ୀ, ରାଜ୍ୟ ଛାତ୍ର ଜନତା ଦଳର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା, ଗୁଣୁପୁର ନଗର ସଭାପତି ପୂର୍ଣ୍ଣ ଚନ୍ଦ୍ର ବାଉରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିପର୍ଯ୍ୟୟ ପରିଚାଳନା କ୍ଷମତା ନିର୍ମାଣ ପ୍ରଶିକ୍ଷଣ ଶିବିର




ମାଲକାନଗିରି, ୯।୨(ସମିସ): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଜିଲ୍ଲା ଜରୁରୀକାଳୀନ ବିଭାଗ ଦ୍ୱାରା ଚତୁର୍ଥ ବ୍ୟାଚ୍ ବିପର୍ଯ୍ୟୟ ପରିଚାଳନା କ୍ଷମତା ନିର୍ମାଣ ପ୍ରଶିକ୍ଷଣ ଶିବିର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଠାରେ ତୃଣମୂଳ ସ୍ତରରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ନେଇ ତାଲିମ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ପରିଚାଳନା ଓ ଏଥିପାଇଁ ଆବଶ୍ୟକ ଜ୍ଞାନ କୌଶଳ ବିଷୟରେ ଏଠାରେ ଆଲୋଚନା କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଜରୁରକାଳୀନ ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ଉପସ୍ଥିତ ଥିଲେ। ଜରୁୀକାଳୀନ ବିଭାଗ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ଶିବିର ଆୟୋଜନ କରିବାରେ ସହଯୋଗ କରିଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

ଖାଲି ପଦବୀ ସଂଖ୍ୟା: 2273
(ବ୍ୟାକଲଗ୍ ଖାଲି ପଦବୀ ସହିତ)

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ବିଜ୍ଞାପନ ନମ୍ବର **CRPD/CBO/2025-26/18** ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.01.2026 ରୁ 18.02.2026 ପର୍ଯ୍ୟନ୍ତ ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ **https://sbi.bank.in/web/careers/current-openings.**

**ସ୍ଥାନ:** ମୁମ୍ବାଇ
**ତାରିଖ:** 30.01.2026
**ମହା ପ୍ରବନ୍ଧକ (ଆରପି ଏବଂ ପିଏମ୍)**

## ପାନୀୟ ଜଳ ସଙ୍କଟ ଦୂର ପାଇଁ ବିଭାଗୀୟ ତତ୍ପରତା

# ୨୦ ସୁଦ୍ଧା ସମସ୍ତ ନଳକୂପ ମରାମତି ଶେଷ ପାଇଁ ନିର୍ଦ୍ଦେଶ

ବାରିପଦା, ୯ ।୨(ସମିସ)



ମୟୂରଭଞ୍ଜ ଜିଲ୍ଲାରେ ଦୀର୍ଘଦିନ ଧରି ବର୍ଷା ନ ହେବା ସହିତ ଦିନର ସର୍ବୋଚ୍ଚ ତାପମାତ୍ରା ବୃଦ୍ଧି ପାଉଛି। ଫଳରେ ଗ୍ରୀଷ୍ମ ପୂର୍ବରୁ ଜିଲ୍ଲାର ଭୂତଳ ଜଳସ୍ତର ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ଯଦ୍ୱାରା ବିଶୁଦ୍ଧ ପାନୀୟଜଳ ସମସ୍ୟା ବଢ଼ିବାରେ ଲାଗିଛି। ତେବେ ପାନୀୟଜଳ ସଙ୍କଟର ସମାଧାନ ଦିଗରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ତ୍ୱରିତ କାର୍ଯ୍ୟ ଜାରି ରଖିଛନ୍ତି।

ଜିଲ୍ଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ବାରିପଦା ଡିଭିଜନ ଅଧୀନରେ ଥିବା ୧୪ଟି ବ୍ଲକର ୨୪୯ଟି ପଞ୍ଚାୟତରେ ୨୨୫୦ଟି ଗ୍ରାମ ରହିଛି। ସେଥିରେ ୨୦ ହଜାର ୭୭୪ଟି ନଳକୂପ ରହିଥିବାବେଳେ ସେଥିରୁ ୧୩ ହଜାର ୭୨୬ଟି ନଳକୂପ ମରାମତି କରାଯାଇ ପାନୀୟଜଳ ବ୍ୟବହାର ଉପଯୋଗୀ ହୋଇଛି। ସେହିପରି ଜଳଜୀବ ମିଶନ ଅଧୀନରେ ୧୮୫୪ଟି ସୋଲାର ଚାଳିତ ପମ୍ପରୁ ୧୧୯୯ଟି ମରାମତି କରାଯାଇଥିବାବେଳେ ବସୁଧା ଯୋଜନାରେ ୭୧୪ଟି ଓଭରହେଡ ଟାଙ୍କି ମଧ୍ୟରୁ ୪୧୩ଟି କାର୍ଯ୍ୟକ୍ଷମ ରହିଛି। ଅପରପକ୍ଷରେ ୧୪ଟି ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ବାରିପଦା ଡିଭିଜନ ଅଧୀନରେ ୯ଟି ରହିଥିବାବେଳେ ରାଇରଙ୍ଗପୁର ଡିଭିଜନରେ ୫ଟି ରହିଛି। ଏହି ୯ଟି ପ୍ରକଳ୍ପ ମଧ୍ୟରେ ସାରସକଣା ଓ ଶାମାଖୁଣ୍ଟାରେ ୨ଟି ଲେଖାଏଁ, ଜିବିନଗର, କୁଳିଅଣା, ବାଙ୍ଗିରିପୋଷି, କପ୍ତିପଦା ଓ ଖୁଣ୍ଟା ବ୍ଲକରେ କାର୍ଯ୍ୟ ଜାରି ରହିଛି। ଏଗୁଡିକ ଶେଷ ହେଲେ ୨୬ଟି ପଞ୍ଚାୟତର ୨୧୬ ଗ୍ରାମର ଲୋକେ ଉପକୃତ ହୋଇପାରିବେ। ତେବେ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ପ୍ରକଳ୍ପ କାର୍ଯ୍ୟ ଖୁବଶୀଘ୍ର ଶେଷ କରିବାକୁ ତାଗିଦ କରାଯାଇଛି। ଡିସେମ୍ବର ମାସ ସୁଦ୍ଧା ମେଗା ଜଳ ଯୋଗାଣ ପ୍ରକଳ୍ପକୁ ଶେଷ କରିବାକୁ ପରାମର୍ଶ ଦିଆଯାଇଛି। ଠିକାଦାରଙ୍କ ମନମୁଖି କାର୍ଯ୍ୟକୁ ନେଇ ବିଭାଗ ପକ୍ଷରୁ ତାଗିଦ କରାଯିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ଶେଷ ନ ହେଲେ କଳା ତାଲିକାଭୁକ୍ତ କରାଯିବ ବୋଲି କଡ଼ା ଚେତାବନୀ ଦିଆଯାଇଛି। ବାରିପଦା ଡିଭିଜନରେ ଏସବୁ ଜଳଯୋଗାଣ ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ୨୨ଟି ଓ ରାଇରଙ୍ଗପୁର ଡିଭିଜନରେ ୧୫ଟି ମୋବାଇଲ ୟୁନିଟ ଗଠନ କରାଯାଇଛି। ପ୍ରତି ୟୁନିଟରେ ୪ଜଣ କର୍ମଚାରୀ ସାମିଲ ହୋଇ ତ୍ୱରିତ ଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଦିନକୁ ଦିନ ଜିଲାରେ ଜଳସ୍ତର ହ୍ରାସ ପାଉଥିବାରୁ ଜଳସଙ୍କଟ ବୃଦ୍ଧି ପାଇବାରେ ଲାଗିଛି।

### ମେଗା ପାନୀୟଜଳ ପ୍ରକଳ୍ପ କାମ ବିଳମ୍ବ ହେଲେ କଳା ତାଲିକାଭୁକ୍ତ ହେବ ଠିକା ସଂସ୍ଥା

ଅତ୍ୟଧିକ ଜଳ ଅପଚୟ ଓ ବୋରୱେଲ୍ ଯୋଗୁଁ ଜଳସ୍ତର ନିମ୍ନଗାମୀ ହେଉଥିବା ନେଇ ସର୍ଭେରୁ ଜଣାପଡ଼ିଛି। ବୃଦ୍ଧି ପାଉଥିବା ତାପମାତ୍ରା ଓ ଅନିୟମିତ ବର୍ଷା ଯୋଗୁଁ ଭୂଗର୍ଭ ଜଳସ୍ତରକୁ ପ୍ରଭାବିତ କରିବାରେ ଲାଗିଛି। ଜଳ ଓ ଜଙ୍ଗଲ ସଂରକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆ ନ ଗଲେ ବିଗତ ବର୍ଷ ଭଳି ବିଶ୍ୱର ତୃତୀୟ ଓ ଦେଶର ଦ୍ୱିତୀୟ ଉତ୍ତପ୍ତ ସହର ଭାବେ ରେକର୍ଡଭୁକ୍ତ ବାରିପଦା ସହର ଆଗ୍ନେୟସହର ଭାବେ ପରିଚିତ ହେବ ବୋଲି ଆଶଙ୍କା ପ୍ରକଟ ହୋଇଛି। ବିଗତ ବର୍ଷ ବାରିପଦାରେ ସର୍ବୋଚ୍ଚ ତାପମାତ୍ରା ୪୪.୬ ଡିଗ୍ରୀ ସେଲସିୟସ ହୋଇଥିବାବେଳେ ଅଗ୍ନିବର୍ଷାକୁ ନେଇ ଜିଲ୍ଲାବାସୀ ଭୟଭୀତ ହୋଇଥିଲେ। ତେବେ ଗ୍ରୀଷ୍ମଋତୁର ମୁକାବିଲା କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଉଥିବାବେଳେ ପାନୀୟଜଳ ଯୋଗାଣକୁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଜ୍ଞାନେନ୍ଦ କୁମାର ନାୟକ ପ୍ରକାଶ କରିଛନ୍ତି। ଏପରିକି ଫେବୃଆରୀ ୨୦ ସୁଦ୍ଧା ସମସ୍ତ ନଳକୂପ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାନୀୟଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ ବୋଲି କହିଛନ୍ତି। ଜଳଶକ୍ତି ଅଭିଯାନ ମାଧ୍ୟମରେ ସରକାରୀ ବାସଭବନ, ସରକାରୀ ଓ ବେସରକାରୀ ଅନୁଷ୍ଠାନ, ସ୍କିଲ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ଜଳ ସଂରକ୍ଷଣ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବା ନେଇ ଯୋଜନା କରାଯାଉଛି। ସେହିପରି ଜଳସେଚନ ବିଭାଗ ପକ୍ଷରୁ ଆବଶ୍ୟକତା ଅନୁଯାୟୀ ଜଳର ବ୍ୟବହାର କରିବାକୁ ଜନସଚେତନତା କରାଯାଉଛି। ତେବେ ଶିମିଳିପାଳ ଅଭୟାରଣ୍ୟ ଭଳି ପ୍ରାକୃତିକ ପରିବେଶ ଥିବା ସତ୍ତ୍ୱେ ତାପମାତ୍ରା ବୃଦ୍ଧି ଓ ସେଥିରୁ ଉଦ୍‌ଭୂତ ନଦୀନାଳରେ ଜଳସ୍ତର କମିବା ଦ୍ୱାରା ଆଖପାଖ ଅଞ୍ଚଳର ଲୋକେ ଦୁର୍ଦ୍ଦଶା ଭୋଗୁଥିବାବେଳେ ଅନ୍ୟ ଅଞ୍ଚଳବାସୀ ଏହି କଷ୍ଟରୁ କିପରି ମୁକ୍ତି ପାଇବେ, ତାହାକୁ ନେଇ ପଦକ୍ଷେପ ଜରୁରୀ ବୋଲି ମତ ପ୍ରକାଶ ପାଇଛି।

## ବୃଦ୍ଧାଙ୍କୁ ପଥରରେ ଛେଚି ହତ୍ୟା

**ରାଇରଙ୍ଗପୁର, ୯।୨(ସମିସ):** ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ବୃଦ୍ଧାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ମୃତକ ଜଣକ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଣକାଟି ଗ୍ରାମର ପୂର୍ଣ୍ଣିମା ସିଂ(୬୨)। ବୃଦ୍ଧାଙ୍କୁ ରବିବାର ବିଳମ୍ବିତ ରାତିରେ କେହି ଜଣେ ଦୁର୍ବୃତ୍ତ ପଥରରେ ତାଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ମଧ୍ୟରେ ପଡ଼ିରହିଥିଲେ। ସକାଳୁ ତାଙ୍କ ପରିବାର ଲୋକେ ମୃତଦେହ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ପଠାଯାଇଛି।

## ପୃଥକ ଦୁର୍ଘଟଣା, ଚାଳକ ଆହତ

ମହୁଲଡିହା, ୯।୨(ସମିସ): ଠାକୁରମୁଣ୍ଡା-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର ଗୋଡ଼ଭଙ୍ଗା ଘାଟି ବାଙ୍କରେ ଏକ ଲୁହା ପାଇପ ବୋଝେଇ ଟ୍ରକ ଓ ପଥୁରିଆ ସାହି ନିକଟରେ ଏକ କଞ୍ଚା ଲଙ୍କା ବୋଝେଇ ଆଇଚର ଦୁର୍ଘଟଣାଗ୍ରସ୍ତ ହୋଇଛି। ରାଞ୍ଚିରୁ କେରଳ ଯାଉଥିବା ଏକ ଲୁହା ପାଇପ୍ ବୋଝେଇ ଟ୍ରକ୍ ଗୋଡ଼ଭଙ୍ଗା ଘାଟିବାଙ୍କରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଡ୍ରାଇଭର ଓ ହେଲପରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଡ୍ରାଇଭର ୱାସିମ ସେକ (୩୫) ଆହତ ହୋଇଥିବାବେଳେ ହେଲପର ସାମାନ୍ୟ ଆହତ ହୋଇଛନ୍ତି। ସେହିପରି ବ୍ରହ୍ମପୁରରୁ ଟାଟା ଯାଉଥିବା କଞ୍ଚା ଲଙ୍କା ବୋଝେଇ ଆଇଚରର ପଛ ଟାୟାର ଫାଟିଯିବାରୁ ଓଲଟି ପଡ଼ିଥିଲା। ଏଥିରେ ଡ୍ରାଇଭର ଆହତ ହୋଇଥିବା ଜଣାପଡ଼ିଛି।

## ମୁନି ସମାଜର ବାର୍ଷିକ ଅଧିବେଶନ

**ବିଶୋଇ, ୯ ।୨(ସମିସ):** ମଣଦାଠାରେ ସ୍ଥାନୀୟ ମୁନି ଆଶ୍ରମର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ମୁନି ସମାଜ ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ପ୍ରଫୁଲ୍ଲ ମୁନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିବେଶନରେ ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର କେନ୍ଦ୍ରୀୟ ସୁରକ୍ଷା କମିଟି ସଦସ୍ୟ ମୁନି ସନ୍ତୋଷ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଗ ଦ୍ୱାରା ରୋଗ ରୁହେ ନାହିଁ ବୋଲି



କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗୀ ଅଚ୍ୟୁତାନନ୍ଦ ମୁନି, ବକ୍ତା ଭାବେ ଭରତ ମୁନି ଯୋଗଦେଇ ସୁଖ, ଶାନ୍ତି ଓ ଆନନ୍ଦ ପାଇଁ ପ୍ରତ୍ୟେକଙ୍କୁ ଯୋଗର ଆବଶ୍ୟକତା ରହିଛି ବୋଲି ମତ ରଖିଥିଲେ। ଯୋଗେଶ୍ୱର ଶିବମୁନି ମହାରାଜଙ୍କ ଯୋଗ ସମ୍ବନ୍ଧୀୟ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମଳ ମୁନି ସତସଙ୍ଗ ସାଙ୍ଗକୁ ମୁନି ଭଜନ ପରିବେଷଣ କରିଥିଲେ। ମଣ୍ଡଳ ମୁନି ଗୁରୁ ବନ୍ଦନା କରିଥିଲେ।

## କରଞ୍ଜିଆରେ ସ୍ୱାମୀ ମୁକୁନ୍ଦାନନ୍ଦଙ୍କୁ ଭବ୍ୟ ସ୍ୱାଗତ

**କରଞ୍ଜିଆ, ୯ ।୨(ସମିସ):** କରଞ୍ଜିଆରେ ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ଆଗମନ ଅବସରରେ ଭବ୍ୟ ସ୍ୱାଗତ କରାଯାଇଛି। ସ୍ଥାନୀୟ ଶ୍ରଦ୍ଧାଳୁ, ସାମାଜିକ କର୍ମୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ପୁଷ୍ପମାଳା ଓ ହରିନାମ ସଂକୀର୍ତ୍ତନ ମାଧ୍ୟମରେ ସ୍ୱାମୀ ମୁକୁନ୍ଦାନନ୍ଦଙ୍କୁ ସ୍ୱାଗତ ଜଣାଯାଇଥିଲା। ତାଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟକ ଭକ୍ତଙ୍କ ଭିଡ଼ ଲାଗିଥିବା ଦେଖାଯାଇଥିଲା। ଏ ଅବସରରେ ସ୍ୱାମୀ ମୁକୁନ୍ଦାନନ୍ଦ ଆଧ୍ୟାତ୍ମିକତା, ନୈତିକ ମୂଲ୍ୟବୋଧ ଓ ସମାଜସେବା ସମ୍ପର୍କରେ ଶ୍ରଦ୍ଧାଳୁଙ୍କୁ ପ୍ରେରଣା ଦେଇଥିଲେ। ଶେଷରେ ତାଙ୍କୁ କରଞ୍ଜିଆସ୍ଥ ରାଧାଗୋବିନ୍ଦ ଧାମକୁ ନିଆଯାଇଥିଲା। ସେଠାରେ ସେ ଭକ୍ତିପୂର୍ଣ୍ଣ ପ୍ରବଚନରେ ଲକ୍ଷାଧିକ ଭକ୍ତଙ୍କୁ ବିମୋହିତ କରିଥିଲେ।

## ନ୍ୟୁ ଶିବଶକ୍ତି କ୍ଲବ୍ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ବଡ଼ସାହି, ୯ ।୨(ସମିସ):** ବଡ଼ସାହି ବ୍ଲକ ଖୁଣ୍ଟାପାଳ ଗ୍ରାମର ନ୍ୟୁ ଶିବଶକ୍ତି କ୍ଲବ୍ ଆନୁକୂଲ୍ୟରେ ୧୨ତମ ବାର୍ଷିକ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ଦଳ ଅଂଶଗ୍ରଣ କରିଥିଲେ। ଫାଇନାଲରେ ପୁରୁଡ଼ିହି ଚାମ୍ପିଅନ ଓ ଦୁର୍ଗାପୁର ଦଳ ରନର୍ସଅପ୍ ହୋଇଥିଲେ। ବଡ଼ସାହି ପଞ୍ଚାୟତ ସମିତି ସଭ୍ୟା ମାମିନା ମୁର୍ମୁ ଖେଳକୁ ଉଦ୍‌ଘାଟନ କରିବା ସହ କ୍ରୀଡ଼ା ହିଁ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିପାରେ ବୋଲି କହିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଶିକ୍ଷକ ଦୀପକ ପାତ୍ର ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ନଳିନୀ ସେନାପତି ଓ ତପନ ଦ୍ୱିବେଦୀ ଖେଳ ପରିଚାଳନା କରିଥିବାବେଳେ ନିଶିକାନ୍ତ ମହାନ୍ତ, ମାନସ ନାଏକ, ଶଙ୍କର ବେହେରା, ପାର୍ଥସାରଥି, ଜଗଦୀଶ ବେହେରା, ହିମାଂଶୁ ଶେଖର ମହାନ୍ତ, ମନୋଜ ମହାନ୍ତ, ବିଜୟ ଦାସ, କମଳଲୋଚନ ଦାସ, ଦୀପକ ନାଏକ, ମନ ସିଂ, ଶମ୍ଭୁନାଥ ନାଏକ ପ୍ରମୁଖ ସହଯୋଗ କରିଥିଲେ। ସଭାପତି ଦୈତାରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ସଚେତନତା

**ଉଦଳା, ୯।୨(ସମିସ):** ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଆଜି ଉଦଳା ସନ୍ଧାନ ଗୃହ ପରିସରରେ ସ୍ଥାୟୀ ଲୋକ ଅଦାଲତ ବିକଳ୍ପ ଆଇନଗତ ପଦକ୍ଷେପ ନେବା ଦିଗରେ ବିଭିନ୍ନ ଆଇନଗତ ବ୍ୟବସ୍ଥା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଉଦଳା ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ ସହାୟତା କମିଟି ଅଧ୍ୟକ୍ଷ ପ୍ରଦୀପ ବେହେରାଙ୍କ ସଭାପତିତ୍ୱରେ ବିଚାର ବିଭାଗୀୟ ବ୍ୟବସ୍ଥାରେ ଆଇନ ସହାୟତା କମିଟିର ବିଭିନ୍ନ ନିୟମ ଓ ଏହାର କାର୍ଯ୍ୟକାରିତା, ସ୍ଥାୟୀ ଲୋକ ଅଦାଲତ ବ୍ୟବସ୍ଥାରେ ଜନସାଧାରଣଙ୍କ ଆଇନଗତ ଅଧିକାର, ବିଦ୍ୟୁତ ଟେଲିଫୋନ ବ୍ୟାଙ୍କ ଇତ୍ୟାଦିରେ ନ୍ୟାୟ ପାଇବା ପାଇଁ ଯେଉଁ ବ୍ୟବସ୍ଥା ରହିଛି ସେ ସମ୍ପର୍କରେ ଉପସ୍ଥିତ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଅବଗତ କରାଇ ଅନ୍ୟମାନଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦଳା ଓକିଲ ସଂଘ ସମ୍ପାଦକ ବସନ୍ତ ପରିଡ଼ା, ଉପଖଣ୍ଡ ଓକିଲ ସଂଘ ସମ୍ପାଦକ ରଜତ ମହାପାତ୍ର, ସିଡିପିଓ, ଆଇନଜୀବୀ ମକରନ୍ଦ ପଲେଇ, ବିରଞ୍ଚି ନାରାୟଣ କର, ଲିଗାଲ ରିଟେନର ନିରାକାର ମହାପାତ୍ର ଯୋଗ ଦେଇଥିଲେ। ତାଲୁକ ଆଇନ ସହାୟତା କମିଟିର ସନତ କୁମାର ସେଠୀ ସହାୟତା କରିଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ରାସଗୋବିନ୍ଦପୁର, ୯।୨(ସମିସ):** ନଳଗଜାସ୍ଥ ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷ ବ୍ରଜେନ୍ଦ୍ର ସେନାପତିଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ପ୍ରାଣୀ ବିଜ୍ଞାନ ବିଭାଗ ରିଡର ଡ. ସାଧନା ରାଉତ, ପଦାର୍ଥ ବିଜ୍ଞାନ ରିଡର ରବୀନ୍ଦ୍ର ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଅଧ୍ୟାପକ ଡ. ଅବନୀ କାନ୍ତ ଗିରି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥେଲ। ଶିବିରକୁ ଦର୍ଶନ ଶାସ୍ତ୍ର ବିଭାଗ ଅଧ୍ୟାପିକା ଶ୍ରୀମତୀ ସଂଯୁକ୍ତା ନାୟକ ପରିଚାଳନା କରିଥିବାବେଳେ ପ୍ରଶିକ୍ଷିକା କରିସ୍ମା ଖାତୁନ ଛାତ୍ରୀଙ୍କୁ ଶୃଙ୍ଖଳିତ ଓ ଗତିଶୀଳ ଜୀବନରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଅସାମାଜିକଙ୍କୁ ମୁକାବିଲା ପାଇଁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣର ଆବଶ୍ୟକତା ଅଛି ବୋଲି ମତ ଦେଇଥିଲେ। ରସାୟନ ବିଜ୍ଞାନ ପରୀକ୍ଷାଗାରର ସହାୟକ ଶ୍ରୀମତୀ ଅଳକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ବାନ୍ଦନା ପରବ ପ୍ରସ୍ତୁତି ବୈଠକ



**ବଡ଼ସାହି, ୯ ।୨(ସମିସ):** ଆଗୁଆଡ଼ ପଡ଼ିଆରେ ଆୟୋଜିତ ହେବାକୁ ଥିବା ଜାତୀୟ ବାନ୍ଦନା ପରବ -୨୦୨୬ ପାଇଁ ବଡ଼ସାହି ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ ବିବେକାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ନଭେମ୍ବର ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଆଗୁଆଡଠାରେ ଏହା ଅନୁଷ୍ଠିତ ହେବ। ପ୍ରଥମେ ଅ-ଆ ଯୁବକ ସଂଘ ସମ୍ପାଦକ ଗୌରହରି ମହାନ୍ତି ଓ କାର୍ଯ୍ୟକାରୀ ସଭାପତି ଶରତ ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାରା ଦେଶର କୁଡୁମିମାନେ ଉପସ୍ଥିତ ରହି ବାନ୍ଦନାର ସମସ୍ତ ରୀତିନୀତି ଉପରେ ଗବେଷଣାତ୍ମକ ଆଲୋଚନା କରିବେ। ସମସ୍ତ ରୀତିନୀତିର ପ୍ରଦର୍ଶନୀ ହେବ। କୁଡୁମି ଘରର ଖାଦ୍ୟ ଷ୍ଟଲ୍ ଲାଗିବ, ସାମୂହିକ ଗୋ-ବନ୍ଦାଣ (ଗାଇ ଚୁମା ) ହେବ, କୁଡୁମିଙ୍କ ବହି ଷ୍ଟଲ ଲାଗିବ। ବିଭିନ୍ନ ରାଜ୍ୟରୁ ଆସିବାକୁ ଥିବା ଝୁମର ଦଳଙ୍କ ନୃତ୍ୟ ପରିବେଷଣ ହେବ। ଅବସରପ୍ରାପ୍ତ ଶିକ୍ଷକ କୃପାସିନ୍ଧୁ ମହାନ୍ତି ଓ ମାନରଞ୍ଜନ ମହାନ୍ତି ଏହା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିପାଇଁ ଏକ ଜିଲ୍ଲା ଓ ରାଜ୍ୟସ୍ତରୀୟ ପରିଚାଳନା କମିଟି ଗଠନ ହେବ। ଶେଷରେ ସଞ୍ଜୀବ ମହାନ୍ତ ଧନ୍ୟବାଦ ଦେଇଥିଲେ।

## ମୟୂରଭଞ୍ଜ ଆଇନ୍ କଲେଜରେ ବାର୍ଷିକ କ୍ରୀଡ଼ା

**ବାରିପଦା, ୯ ।୨(ସମିସ):** ସ୍ଥାନୀୟ ତକତପୁରସ୍ଥ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟରେ ଦୁଇଦିନ ଧରି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡଃ ରଞ୍ଜନ୍ କୁମାର ତରେଇ ମଶାଲ୍ ଜଳାଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଉକ୍ତ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହାକୁ ବରିଷ୍ଠ ଅଧ୍ୟାପକ ଭକ୍ତ ଚରଣ ସୋରେନ୍ ପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପକ ଡଃ ବନମାଳୀ ବାରିକ୍, ଆସିଷ୍ଟାଣ୍ଟ ପ୍ରଫେସର ଧୀରେନ୍ଦ୍ର ବେହେରା, ସୁନୀଲ ଜେନା, ଜୟଶ୍ରୀ ମିଶ୍ର, ସୁଶ୍ରୀ ଏସ୍ ନାୟକ ଓ ଶ୍ରାଦ୍ଧା ସୋରେନ ପ୍ରମୁଖ ସହଯୋଗ କରିଥିଲେ। ବାଳକ ବିଭାଗରେ ରାମଚନ୍ଦ୍ର ସୋରେନ୍ ଓ ବାଳିକା ବିଭାଗରେ ଜ୍ୟୋତିର୍ମୟୀ ପଲେଇ ଚାମ୍ପିଅନ୍ ହୋଇଥିଲେ। ଆଶିଷ ବେହେରା, ଲିଲି ନାୟକ, ମିରାୟିକା ନାୟକ ଓ ଶୁଭଶ୍ରୀ ବେହେରା, ଅନ୍ୟ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ତରେଇ ପ୍ରତିଯୋଗିତାର ବିଜେତାଙ୍କୁ ପଦକ ସହ ମାନପତ୍ର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଶିଷ୍ଟାଚାର, ଦଳଗତ ମନୋଭାବ ଓ ନେତୃତ୍ୱ ଗୁଣର ବିକାଶ ନିମନ୍ତେ ଆହ୍ୱାନ ଦେଇଥିଲେ।

## ସନତ ବାଗାନ କ୍ଲବ୍ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ




**ରାଇରଙ୍ଗପୁର, ୯।୨(ସମିସ):** ତିରିଂ ବ୍ଲକ ଅନ୍ତର୍ଗତ ଲୁପୁଙ୍ଗ ପଞ୍ଚାୟତର ଲୁପୁଙ୍ଗଠାରେ ସନତ ବାଗାନ ସିରିଜ କ୍ଲବ ପକ୍ଷରୁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଥମ ଦିବସରେ ବାଳକ/ବାଳିକାଙ୍କ ୨ ଶହ ମିଟର ଦୌଡ଼, ଅଙ୍କକଷା, ବୟସ୍କଙ୍କ ୧ ହଜାର ମିଟର ଦୌଡ଼, ମହିଳାଙ୍କ ଖଲିପତ୍ର ଟିପା ଓ ସ୍ୱାମୀଙ୍କୁ କାଖେଇ ଦୌଡିବା ଆଦି ପ୍ରତିଯୋଗିତା ଆୟୋଜିତ ହେବା ସହିତ ଆକର୍ଷଣୀୟ ବୁଢିଗାଳୀ ପଲ୍ଲୀନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ପିଠାକଟଣେ ଦଳକୁ ପ୍ରଥମ ପୁରସ୍କାର ୧୦, ୦୦୦ ଓ ହୁଡିଂସାଦମ ଦଳକୁ ଦ୍ୱିତୀୟ ପୁରସ୍କାର ୮, ୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏଥିସହ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ଖେଳକୁଦ ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଉଥିଲା। ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡଙ୍କ ପ୍ରସ୍ତାହନ ଅନୁସାରେ ପଣ୍ଡିତ ରଘୁନାଥ ମୁର୍ମୁ କୁଇଜ୍ ପ୍ରତିଯୋଗିତାରେ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ କୃତୀ ପ୍ରତିଯୋଗିଙ୍କ ପାଇଁ ୧୦, ୦୦୦ ଓ ୫, ୦୦୦ ପୁରସ୍କାର ରାଶି ସହିତ ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଶିକ୍ଷାକ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ପ୍ରତିସ୍ପର୍ଦ୍ଧା ବୃଦ୍ଧି କରାଯିବା ଲକ୍ଷ୍ୟରେ ବ୍ଲକ ଅଧ୍ୟକ୍ଷ ଶ୍ରୀ ସାମାଡଙ୍କ ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଥିବାବେଳେ ପଣ୍ଡିତ ରଘୁନାଥ ମୁର୍ମୁ କୁଇଜ୍ ପ୍ରତିଯୋଗିତାରେ କେନ୍ଦୁୟୁଆଣୀ ଉଚ୍ଚବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର କୁଆଁର ଚନ୍ଦ୍ର ସୋରେନ୍ ପ୍ରଥମ ପୁରସ୍କାର ୧୦, ୦୦୦ ଓ ରାଇରଙ୍ଗପୁର ଉଚ୍ଚବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ସମୀର ମଣ୍ଡଳ ଦ୍ୱିତୀୟ ପୁରସ୍କାର ୫, ୦୦୦ ଟଙ୍କାର ରାଶି ଲାଭ କରିଥିଲେ।

ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ ଓ ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟ ପରେଶ ମୁଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ତ୍ରିନାଥ ପାତ୍ର, ଲୁପୁଙ୍ଗ ସରପଞ୍ଚ ଦେଓଗୀ ହେମ୍ବ୍ରମ, ବଡନାରାଣୀ ସରପଞ୍ଚ କଳ୍ପନା ମାର୍ଣ୍ଡି, ନାଏବ ସରପଞ୍ଚ ଗୋପାଲ ଟୁଡୁର, ସମିତି ସଭ୍ୟ ଦୁର୍ଗୀ ଟୁଡୁ, ପ୍ରାକ୍ତନ ନୌସେନା ଅଧିକାରୀ ରାଉତୁ ଟୁଡୁ, ମାଝୀବାବା କୁନାରାମ ଟୁଡୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏସବିଏସ କ୍ଲବ ସଭାପତି ସୁନ୍ଦର ଟୁଡୁ, ଉପସଭାପତି ଲେମ୍ବ ମାର୍ଣ୍ଡି, ସମ୍ପାଦକ ନୁନାରାମ ମାର୍ଣ୍ଡି, ସହସମ୍ପାଦକ ବୁଧରାୟ ମାର୍ଣ୍ଡିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ୧୮ରୁ +୨ ପରୀକ୍ଷା

# ୬ କେନ୍ଦ୍ରରେ ପରୀକ୍ଷା ଦେବେ ୧୩୬୫ ଛାତ୍ରଛାତ୍ରୀ

**କୁଆମରା, ୯ ।୨(ସମିସ):** ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତ ବର୍ଷ ଫେବୃଆରୀ ୧୮ ତାରିଖରୁ +୨ ଉଚ୍ଚମାଧ୍ୟମିକ ପରୀକ୍ଷା ଆରମ୍ଭ ହେବ।୧୮ରେ ବିଜ୍ଞାନ, ୧୯ରେ ଭୋକେସନାଲ ଓ ୨୦ରୁ କଳା ବିଷୟରେ ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ଏଥିନିମନ୍ତେ ଗୋପବନ୍ଧୁନଗର ଓ ଖୁଣ୍ଟା ବ୍ଲକର ୧୩୬୫ ପରୀକ୍ଷାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଗୋପବନ୍ଧୁନଗର ବ୍ଲକର ତିନୋଟି କେନ୍ଦ୍ରରେ ରେଗୁଲାର ଓ ଏକ୍ସ ରେଗୁଲାର ମୋଟ ୫୧୨ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ଖୁଣ୍ଟା ବ୍ଲକରେ ତିନୋଟି କେନ୍ଦ୍ରରେ ୮୫୩ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ସୂଚନା ରହିଛି। ଗୋପବନ୍ଧୁନଗର ବ୍ଲକର ସାଇଁକୁଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର କଳାରେ ୮୨, ପୁରୁଣା ବାରିପଦା ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୬୭, ବିଜ୍ଞାନରେ ୧୮ ଓ ଭୋକେସନାଲରେ ୩୮ ଜଣ ପରୀକ୍ଷା ଦେଉଥିବାବେଳେ କୁଆମରା ସାରସ୍ୱତ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୬୪ ଓ ବିଜ୍ଞାନରେ ୪୩ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେହିପରି ଖୁଣ୍ଟା ବ୍ଲକରେ ଖୁଣ୍ଟା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କଳାରେ ୨୧୭ ଓ ବିଜ୍ଞାନରେ ୫୩, ଡୁକୁରା ଭଞ୍ଜଭୂମି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କଳାରେ ୨୦୨, ବିଜ୍ଞାନରେ ୧୭୯ ଓ କମର୍ସରେ ୬୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବାବେଳେ ଧାନଘେରା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୩୩ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ମାର୍ଚ୍ଚ ୨୫ରେ ସମସ୍ତ ବିଷୟରେ ପରୀକ୍ଷା ସରିବ ବୋଲି ଜଣାପଡ଼ିଛି।

## ଆଜି ବାରିପଦା ସହରରେ ୯ ଘଣ୍ଟା ବିଦ୍ୟୁତ୍ କାଟ୍

**ବାରିପଦା, ୯ ।୨(ସମିସ):** ଗ୍ରୀଷ୍ମଋତୁ ପୂର୍ବରୁ ଗ୍ରୀଡ଼ ମରାମତି କାର୍ଯ୍ୟ ପାଇଁ ବାରିପଦା ସହରରେ ମଙ୍ଗଳବାର ୯ ଘଣ୍ଟା ପାଇଁ ବିଦ୍ୟୁତ ସରବରାହ ବନ୍ଦ ରହିବ। ବିଦ୍ୟୁତ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିମନ୍ତେ ବାରିପଦା ସହରର କେତେକ ଅଞ୍ଚଳରେ ପୂର୍ବାହ୍ନ ୮ରୁ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ବାରିପଦା ସହର ସାରା ସବୁ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିବ। ଏ ନେଇ ଟାଟା ପାୱାର ନର୍ଦନ ଓଡ଼ିଶା ବିଦ୍ୟୁତ ବିତରଣ ସଂସ୍ଥା ପକ୍ଷରୁ ଉପଭୋକ୍ତାଙ୍କ ଅବଗତି ନିମନ୍ତେ ଜଣାଇବା ସହ ସହଯୋଗ କାମନା କରିଛନ୍ତି।

# ଜବରଦଖଲ ଉଚ୍ଛେଦକୁ ପଟ୍ଟାବିହୀନ ବାସିନ୍ଦା ସଂଘର ବିରୋଧ

ବାରିପଦା, ୯ ।୨(ସମିସ)

ବାରିପଦା ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ସଂଘର କାର୍ଯ୍ୟକାରିଣୀ କମିଟି ବୈଠକରେ ସହରରେ ପଟ୍ଟାବିହୀନ ବାସିନ୍ଦାଙ୍କ ଘର ଭଙ୍ଗା ଅଭିଯାନକୁ ବିରୋଧ କରାଯାଇଛି। ସଭାପତି ନନ୍ଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାମ୍ପ୍ରତିକ ଅବସ୍ଥାରେ ବିକାଶ ନାମରେ ଯେଉଁ ଉଚ୍ଛେଦ ପ୍ରକ୍ରିୟା ଚାଲିଛି, ତାହା ମାନବତା ବିରୋଧି ବୋଲି କୁହାଯାଇଛି। ସଂଘ ବିକାଶର ବିରୋଧୀ ନୁହେଁ, କିନ୍ତୁ ଏହି ନାମରେ ବସ୍ତିଗୁଡ଼ିକୁ ଉଜାଡ଼ିବା ଆଦୌ ଗ୍ରହଣୀୟ ନୁହେଁ। ପୂର୍ବରୁ ଜବରଦଖଲ ସମସ୍ୟାର ସମାଧାନ ପାଇଁ ଶୀର୍ଷ କମିଟି ଗଠନ କରାଯାଇଥିଲା। ଯେଉଁଥିରେ ଜିଲ୍ଲାପାଳ, ବାରିପଦା ତହସିଲଦାର, ନଗରପାଳ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପଟ୍ଟାବିହୀନ ବାସିନ୍ଦା ସଂଘ ସଭାପତି ସଦସ୍ୟ ଅଛନ୍ତି। ଏହି କମିଟିକୁ ଅଣଦେଖା କରି ଉଚ୍ଛେଦ କାର୍ଯ୍ୟ ଚାଲିଛି। ଏହାକୁ ବନ୍ଦ କରିବାକୁ ଦାବି କରାଯାଇଛି।

୨୦୧୭ରେ ବସ୍ତିବାସିନ୍ଦା ଥଇଥାନ ନିୟମ ଅନୁଯାୟୀ ସର୍ଭେ ପରେ କେତେକଙ୍କୁ ଜମି ଅଧିକାର ପ୍ରମାଣ ପତ୍ର (ଏଲଆରସି) ଦିଆଯାଇଛି। ଯେଉଁମାନେ ସୂଚୀତ ଜଙ୍ଗଲ ଜମି କିସମରେ ବସବାସ କରୁଛନ୍ତି। ତାଙ୍କୁ ଜମି




ଯୋଗ୍ୟତା ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ସରକାର ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରି ସମସ୍ତଙ୍କୁ ପଟ୍ଟା ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ସହର ଭିତରେ ଆଉ ଜଙ୍ଗଲ ନାହିଁ। ସମୟ ଅନୁସାରେ ଏହା ବଦଳିବା କଥା, ଏହା ନ କରି ଦୀର୍ଘବର୍ଷ ଧରି ବସବାସ କରୁଥିବା ଲୋକଙ୍କ ଘର ଭାଙ୍ଗିବା ଆଦୌ ସଠିକ ପଦକ୍ଷେପ ନୁହେଁ। କେତେକ ପରିବାର ଅଛନ୍ତି ଯେଉଁମାନେ ୫୦ ବର୍ଷରୁ ଅଧିକ କାଳ ଘର କରି ରହିଛନ୍ତି। ତେଣୁ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ସହିତ ଅସମ୍ପୂର୍ଣ୍ଣ ସର୍ଭେକୁ ସମାପ୍ତ କରି ସମସ୍ତଙ୍କୁ ପଟ୍ଟା ପ୍ରଦାନ ପାଇଁ ସଂଘ ଦାବି କରିଛି। ବୈଠକରେ ସଂଘର ସାଧାରଣ ସମ୍ପାଦକ କାହ୍ନୁଚରଣ ବେହେରା, କାର୍ଯ୍ୟକାରୀ ସଭାପତି ଆଡଭୋକେଟ ରବି ଗୋସ୍ୱାମୀ, ଉପଦେଷ୍ଟା ଗୋପବନ୍ଧୁ, ସହସମ୍ପାଦକ କାଶୀନାଥ ମାହାନା, କୋଷାଧ୍ୟକ୍ଷ ଭାରତୀ ପାତ୍ର, ପ୍ରିୟଜିତ୍ ମଦିନା, ପ୍ରଫୁଲ୍ଲ ମହାନ୍ତି, ନିରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

ଖାଲି ପଦବୀ ସଂଖ୍ୟା: 2273
(ବ୍ୟାକଲଗ୍ ଖାଲି ପଦବୀ ସହିତ)

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://sbi.bank.in/web/careers/current-openings ରେ ବିଜ୍ଞାପନ ନମ୍ବର CRPD/CBO/2025-26/18 ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.01.2026 ରୁ 18.02.2026 ପର୍ଯ୍ୟନ୍ତ ।

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ https://sbi.bank.in/web/careers/current-openings.

ସ୍ଥାନ: ମୁମ୍ବାଇ
ତାରିଖ: 30.01.2026
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

## ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ ପରିବହନ ଶ୍ରମିକଙ୍କ ସଭା




**ରାଉରକେଲା, ୯।୨(ସମିସ):** କେନ୍ଦ୍ର ସରକାରଙ୍କ ଶ୍ରମ ବିରୋଧୀ ଶ୍ରମ କୋଡ୍ ପ୍ରତ୍ୟାହାର ଦାବି ସହ ପରିବହନ ଶ୍ରମିକ ବିରୋଧୀ ନୂତନ ପରିବହନ ସଂଶୋଧନ ଆଇନ ପ୍ରତ୍ୟାହାର, ମନେରଗା ଆଇନର ପରିବର୍ତ୍ତନ ବିରୁଦ୍ଧରେ ଆଗାମୀ ୧୨ ତାରିଖରେ ଦେଶବ୍ୟାପୀ ୨୪ ଘଣ୍ଟିଆ ଧର୍ମଘଟ ଓ ହରତାଳକୁ ସୁନ୍ଦରଗଡ଼ ଜିଲ୍ଲା ଓ ରାଉରକେଲାରେ ସଫଳ କରିବା ପାଇଁ ସୋମବାର ସୁନ୍ଦରଗଡ଼ ମଟର କର୍ମଚାରୀ ସଂଘ ଓ ରାଉରକେଲା ମିନିବସ ଆସୋସିଏସନ୍ ପକ୍ଷରୁ ପରିବହନ ଶ୍ରମିକମାନଙ୍କ ସଭା ରାଉରକେଲା ନୂଆ ବସଷ୍ଟାଣ୍ଡଠାରେ ଅନୁଷ୍ଠିତ ହୋଇଛି। ୟୁନିୟନର ଉପସଭାପତି ତଥା ଆଇନଜୀବୀ ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଉଭୟ ୟୁନିୟନର ସାଧାରଣ ସମ୍ପାଦକ ତଥା ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି ଯୋଗଦେଇ ସରକାରଙ୍କ ଜନ ବିରୋଧି ନୀତି ବିରୁଦ୍ଧରେ ଜନସାଧାରଣ ଏହି ଧର୍ମଘଟରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହି ସଭାକୁ ପରିବହନ ଶ୍ରମିକ ନେତା ଅକ୍ଷୟ ମହାନ୍ତ, ଅରୁଣ ମହାରଣା, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ଜବରଦଖଲ ଉଚ୍ଛେଦକୁ ବିଧାୟକଙ୍କ ବିରୋଧ

ରାଉରକେଲା, ୯।୨(ସମିସ)





ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରାଉରକେଲା ରେଳ ଷ୍ଟେସନ ନିକଟସ୍ଥ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ବେଳେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ବିରୋଧ ପ୍ରଦର୍ଶନ କରିବାରୁ ପ୍ରଶାସନିକ ଅଧିକାରୀଙ୍କୁ ନିରାଶରେ ଫେରିବାକୁ ପଡ଼ିଛି। ଯାହା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାନୁଯାୟୀ, ରାଉରକେଲା ରେଳଷ୍ଟେସନ ସ୍ଥିତ ଗୁରୁଦ୍ୱାର ରୋଡ ନିକଟରେ ଦୀର୍ଘ ବର୍ଷ ଧରି ସରକାରୀ ଜମିରେ ଶିଳ୍ପପତି ପ୍ରବୀଣ ଗର୍ଗ ଏକ ହୋଟେଲ ନିର୍ମାଣ କରି ବ୍ୟବସାୟ କରି ଆସୁଥିଲେ। ପ୍ରାକ୍ତନ ଅତିରିକ୍ତ ଜିଲ୍ଲାପାଳ ମୋନିଷା ବାନାର୍ଜୀଙ୍କ ନିକଟରେ ଏନେଇ ଅଭିଯୋଗ ପରେ ସେ ଏହି ଜବରଦଖଲ ହୋଟେଲକୁ ଉଚ୍ଛେଦ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ତେବେ ପ୍ରବୀଣ ଗର୍ଗ ଏନେଇ ଅଦାଲତର ଦ୍ୱାରସ୍ଥ ହୋଇ ରହିତାଦେଶ ଆଣିଥିଲେ। ପରେ ହାଇକୋର୍ଟ ଏହାକୁ ଖାରଜ କରିବା ପରେ ହାଇକୋର୍ଟ ନିର୍ଦ୍ଦେଶ ବଳରେ ଆଜି ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ତହସିଲଦାର ସଲମା ମାଝୀ ପ୍ରମୁଖଙ୍କ ସହ ଆରଏମସିର ଉଚ୍ଛେଦ ଟିମ୍, ପ୍ଲାଣ୍ଟସାଇଟ୍ ଥାନା ପୁଲିସ ସଦଳବଳେ ଉଚ୍ଛେଦ କରିବାକୁ ଯାଇଥିଲେ। ହେଲେ ସମସ୍ତ ଜବରଦଖଲ ଘରକୁ ନ ଭାଙ୍ଗି କେବଳ ଗୋଟିଏ ଘରକୁ ଟାର୍ଗେଟ କରାଗଲା ବୋଲି କହି ସ୍ଥାନୀୟ ଲୋକେ ବିରୋଧ ଓ ପ୍ରତିବାଦ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଘଟଣା ସ୍ଥଳରେ ପହଞ୍ଚି ପ୍ରଶାସନର ଏହି ଏକ ତରଫା କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି କେବଳ ବିଜେଡି ନେତାଙ୍କୁ କାହିଁକି ଟାର୍ଗେଟ କରାଯାଉଛି ବୋଲି କହିଥିଲେ। ସହରରେ ଅନେକ ବିଜେପି ନେତା ସରକାରୀ ଜମି ଜବରଦଖଲ କରିଥିଲେ ମଧ ପ୍ରଶାସନ ଆଖି

### ଉଚ୍ଛେଦ କରି ନ ପାରି ଫେରିଲେ ପ୍ରଶାସନିକ ଅଧିକାରୀ

ବୁଜି ଦେଉଥିବା ବେଳେ ବିଜେଡି ନେତାମାନଙ୍କୁ ଆକ୍ରୋଶମୂଳକ ଭାବେ ଟାର୍ଗେଟ କରାଯାଉଛି ବୋଲି ବିଧାୟକ ଅଭିଯୋଗ କରି ପ୍ରଶାସନ ପକ୍ଷରୁ ହେଉଥିବା ଉଚ୍ଛେଦକୁ ତୀବ୍ର ବିରୋଧ କରିଥିଲେ। ଏପରିକି ବିଧାୟକ ଜେସିବି ଉପରେ ଚଢ଼ି ତାକୁ ଅଟକାଇ ଉଚ୍ଛେଦ ପ୍ରକ୍ରିୟାକୁ ପ୍ରବଳ ବିରୋଧ କରିଥିଲେ। ପରେ ହୋଟେଲ ସମ୍ମୁଖରେ ବସି ଉଚ୍ଛେଦ ନ କରିବାକୁ ଜିଦ ଧରିଥିଲେ। ପରେ ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ ବିଧାୟକଙ୍କ ସହ ଆଲୋଚନା କରିଥିଲେ। ବିଧାୟକ ସାରଦା ପ୍ରସାଦ ନାୟକଙ୍କ ବିରୋଧ ଯୋଗୁଁ ଆଜି ଏହି ଉଚ୍ଛେଦ ପ୍ରକ୍ରିୟା ହୋଇପାରି ନଥିଲା। ଫଳରେ ଜବରଦଖଲ ଉଚ୍ଛେଦ ପାଇଁ ଆସିଥିବା ସମସ୍ତ ପ୍ରଶାସନିକ ଅଧିକାରୀମାନେ ଉଚ୍ଛେଦ କରି ନ ପାରି ଶେଷରେ ନିରାଶ ହୋଇ ଫେରିଥିବା ସୂଚନା ମିଳିଛି।

# ସିଣ୍ଟର ପ୍ଲାଣ୍ଟ-୩ରେ ସୁରକ୍ଷା ଓ କାର୍ଯ୍ୟକ୍ଷମ ଉତ୍କର୍ଷରେ ଉନ୍ନତି



**ରାଉରକେଲା, ୯।୨(ସମିସ):** ରାଉରକେଲା ଇସ୍ପାତ କାରଖାନାର ସିଣ୍ଟର ପ୍ଲାଣ୍ଟ-୩ (ଏସପି-୩) ବିଭାଗରେ ବୁଷ୍ଟର ପମ୍ପ ଟ୍ୟାଙ୍କ ଜଳସ୍ତରର ବାସ୍ତବ-ସମୟ ନିରୀକ୍ଷଣ ପାଇଁ ନିଜସ୍ୱ ସମ୍ବଳରେ ବିକଶିତ ଏକ ଅଭିନବ ସମାଧାନ ସଫଳତାର ସହିତ କାର୍ଯ୍ୟକାରୀ କରାଯାଇଛି। ଯାହା କାର୍ଯ୍ୟକ୍ଷମ ସୁରକ୍ଷା ଏବଂ ନିର୍ଭରଯୋଗ୍ୟତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ଉଲ୍ଲେଖଯୋଗ୍ୟ ଯେ, ବୁଷ୍ଟର ପମ୍ପ ଜଳ ସିଣ୍ଟରିଂ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କାରଖାନାର ସ୍ଥାପନ ହେବା ପରଠାରୁ, ପ୍ରତ୍ୟେକ ସିଫ୍ଟ ସମୟରେ ବୁଷ୍ଟର ପମ୍ପ ଟ୍ୟାଙ୍କ ଜଳସ୍ତରର ମାନବୀୟ ପର୍ଯ୍ୟବେକ୍ଷଣ କରାଯିବା ସହ ଲଗ୍ ବୁକରେ ରେକର୍ଡ କରାଯାଉଥିଲା। ତଥାପି, ଅନିବାର୍ଯ୍ୟ ମାନବୀୟ କାର୍ଯ୍ୟ ଯୋଗୁଁ ଟ୍ୟାଙ୍କ ସ୍ତରରେ ତଦାରଖର ଆବଶ୍ୟକତା ଦେଖାଦେଇଥିଲା। ଯାହା ସମ୍ଭାବ୍ୟ କାର୍ଯ୍ୟକ୍ଷମ ବିପଦ ସୃଷ୍ଟି କରୁଥିଲା। ଏଥିପାଇଁ ଅପରେସନ୍, ମେକାନିକାଲ୍, ଇଲେକ୍ଟ୍ରିକାଲ୍ ବିଭାଗରୁ ଏକ ମିଳିତ ଦଳ ଏକ ଫ୍ଲୋଟ୍, ପ୍ରୋକ୍ସିମିଟି ସେନ୍ସର ଏବଂ ଘରୋଇ ସଫ୍ଟୱେର୍ ବ୍ୟବହାର କରି କମ ଖର୍ଚ୍ଚରେ ନିଜସ୍ୱ ସମ୍ବଳ ବିନିଯୋଗରେ ଏକ ଅଭିନବ ସମାଧାନ ବିକଶିତ କରିଥିଲେ, ଯାହାକୁ ଡିଷ୍ଟ୍ରିବ୍ୟୁଟେଡ୍ କଣ୍ଟ୍ରୋଲ୍ ସିଷ୍ଟମ୍ (ଡିସିଏସ) ସହିତ ସଂଯୁକ୍ତ କରାଯାଇଥିଲା। ଏହା ମୁଖ୍ୟ ନିୟନ୍ତ୍ରଣ କକ୍ଷରେ ବାସ୍ତବ-ସମୟସ୍ତର ମନିଟରିଂ ସକ୍ଷମ କରିବା ସହ ମାନବୀୟ ପର୍ଯ୍ୟବେକ୍ଷଣର ଅସୁବିଧା ଦୂର କରିଥିଲା। ସମ୍ପୂର୍ଣ୍ଣ ବ୍ୟବସ୍ଥାଟି ସର୍ବାଧିକ ଆଭ୍ୟନ୍ତରୀଣ ସମ୍ବଳ ବ୍ୟବହାର କରି ଏହାର ମଡେଲ, ତିଆରି ଏବଂ ସ୍ଥାପିତ ହୋଇଥିଲା। ଯାହା ଆଭ୍ୟନ୍ତରୀଣ ବିଶେଷଜ୍ଞତା ଏବଂ ସାମଗ୍ରୀର ପ୍ରଭାବଶାଳୀ ବ୍ୟବହାର ପ୍ରଦର୍ଶନ କରିଥିଲା। ଉଚ୍ଚ ଏବଂ ନିମ୍ନ ସ୍ତରର ଜଳ ସୂଚକଗୁଡ଼ିକୁ ଡିସିଏସରେ ସଫଳତାର ସହିତ ସଂଯୁକ୍ତ କରାଯାଇଥିଲା। ଯାହା ଅପରେଟରମାନଙ୍କୁ ଟ୍ୟାଙ୍କସ୍ତର ନିରନ୍ତର ତଦାରଖ କରିବା ସହିତ ସମୟୋଚିତ ସଂଶୋଧନମୂଳକ ପଦକ୍ଷେପ ନେବାକୁ ସହଜ କରିଥିଲା। ଏହି ପଦକ୍ଷେପର ଫଳସ୍ୱରୂପ କାର୍ଯ୍ୟକ୍ଷମ ସୁରକ୍ଷା ବୃଦ୍ଧି ପାଇଥିବାବେଳେ ମାନବୀୟ ପର୍ଯ୍ୟବେକ୍ଷଣ କାର୍ଯ୍ୟ ଉପରେ ନିର୍ଭରଶୀଳତା ହ୍ରାସ ପାଇବା ସହ ସାମଗ୍ରିକ ବ୍ୟବସ୍ଥା ନିର୍ଭରଯୋଗ୍ୟତା ଉନ୍ନତ ହୋଇଛି। ଏହି ପ୍ରକଳ୍ପକୁ ସିଣ୍ଟର ବିଭାଗର ସିଜିଏମ୍ ଶେଖର ନାରାୟଣ, ସିଣ୍ଟର ପ୍ଲାଣ୍ଟ -୩ର ଜିଏମ ଇନ୍‌ଚାର୍ଜ କଲ୍ୟାଣ ସମଜଦାର, ମେକାନିକାଲ ବିଭାଗର ଏଚଓଏସ ଅନୁଗ୍ରହ ଏକ୍କା, ଇଲେକ୍ଟ୍ରିକାଲ ବିଭାଗର ଏଚଓଏସ କାମେଶ୍ୱର ସିଂହ ଏବଂ ଅପରେସନ୍ସ ବିଭାଗର ଏଚଓଏସ ସୌଭାଗ୍ୟ କୁମାର ମହାନ୍ତିଙ୍କ ଅନୁମୋଦନ ଏବଂ ମାର୍ଗଦର୍ଶନରେ କାର୍ଯ୍ୟକାରୀ କରାଯାଇଥିଲା। ବିଭାଗର କର୍ମଚାରୀ ବସନ୍ତ କୁମାର ଦାସ, ଦାସ ଅଧିକାରୀ, ବିକ୍ରମ କିସ୍ପୋଟା, ସଞ୍ଜୟ ପରିଡ଼ା, ଡି. ଟପ୍ପୋ, ତ୍ରୈଲୋକ୍ୟ ବେହେରା, ଅଶ୍ୱିନ କୁଲୁ, ଚାମ୍ପୁ କିଷାନ ଏବଂ ରାମ ନାରାୟଣ ସାହୁଙ୍କ ଉତ୍ସର୍ଗୀକୃତ ପ୍ରୟାସ ଦ୍ୱାରା ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମ୍ପାଦିତ ହୋଇଥିଲା।

# ବାଇକ୍ ଚୋରି ସନ୍ଦେହରେ ଯୁବକଙ୍କୁ ହତ୍ୟା; ୪ ଗିରଫ



**ରାଉରକେଲା, ୯।୨(ସମିସ):** ହେମଗିରି ଥାନା ସୁମୁରା ଗାଁରେ ବାଇକ ଚୋରି ସନ୍ଦେହରେ ଜଣେ ଯୁବକଙ୍କୁ ପିଟିପିଟି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ଯୁବକ ଜଣକ ହେଉଛନ୍ତି ସତ୍ୟକାମ କୁଆ(୪୯)। ଏହି ହତ୍ୟାକାଣ୍ଡ ଅଭିଯୋଗରେ ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଲେଫ୍ରିପଡ଼ା ଥାନା ଅଞ୍ଚଳର ବିବେକ ଲୁହୁରା(୨୦), ହେମଗିର ଥାନା ବରପାଲି ଗାଁର ସୁନୀଲ କାଲୋ(୨୫), ବରପାଲି ଗାଁର ସରୋଜ ରାଉତ(୨୭) ଏବଂ ହେମଗିର ଥାନା ଟିକିଲିପଡ଼ା ଗାଁର ଝଶକେକନ ଲୁହୁରା(୨୦)। ସେମାନଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଗଛ ଡାଳକୁ ଜବତ କରାଯାଇଛି। ସୂଚନା ମୁତାବକ, ଅଭିଯୁକ୍ତ ସୁନୀଲ କାଲୋର ବାଇକ ଚୋରି ହୋଇଥିଲା। ସେ ସୁମୁରା ଗାଁର ସତ୍ୟକାମ କୁଆକୁ ଏନେଇ ସନ୍ଦେହ କରିଥିଲା। ଗତ ୩ ତାରିଖ ଦିନ ସୁନୀଲ କାଲୋ ଏବଂ ଉପରୋକ୍ତ ୩ ଜଣ ସହଯୋଗୀ ସତ୍ୟକାମ କୁଆକୁ ହେମଗିର ବଜାରରେ ଭେଟି ବାଇକ ଚୋରି କରିଥିବା ନେଇ ପଚାରିଥିଲେ। ସେ ଏ ବିଷୟରେ କିଛି ଜାଣିନଥିବା କହିବାରୁ ସେମାନେ ତାକୁ ବାଇକ୍‌ରେ ବସାଇ ଏକ ନିର୍ଜନ ସ୍ଥାନକୁ ନେଇ ଯାଇଥିଲେ। ସେଠାରେ ତାକୁ ଏକ ଗଛ ଡାଳରେ ପିଟି ପିଟି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରି ଫେରାର ହୋଇଯାଇଥିଲେ। ମୃତ ସତ୍ୟକାମ କୁଆର ବଡ ଭାଇ ଦୁର୍ଜନ କୁଆଙ୍କ ଏତଲା କ୍ରମେ ହେମଗିର ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲେ। ଆଜି ଉପରୋକ୍ତ ୪ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକୋତ୍ସବ



**ରାଉରକେଲା, ୯।୨(ସମିସ):** ସ୍ଥାନୀୟ ଆଇଡିଏଲ୍ ସ୍ଥିତ ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମର ୩୭ତମ ବାର୍ଷିକ ଉତ୍ସବ ଗୁରୁଲତା ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶ୍ରା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟଭାମା ବେହେରା, ମୁଖ୍ୟବକ୍ତା ଆଇଡିଏଲ୍ ଶିଳ୍ପ ସମ୍ପର୍କ ବିଭାଗର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ମହାନ୍ତି, ସମ୍ମାନିତ ଅତିଥି ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ ଜିଏମ ଅଜିତ ମୋହନ ପୂଜାରୀ, ଅବସରପ୍ରାପ୍ତ ପ୍ରଫେସର ଡ. ମିନତୀ ପଣ୍ଡା ଓ ସୋନା ପର୍ବତ କ୍ଲଷ୍ଟରର ସିଆରସିସି ସତ୍ୟାନନ୍ଦ ପରିଡ଼ା ଯୋଗ ଦେଇଥିଲେ। ଶିଶୁ ବାଟିକା ଛାତ୍ରୀ ସୌମ୍ୟଶ୍ରୀ, ଇଂରାଜୀରେ ତୃତୀୟ ଶ୍ରେଣୀ ଛାତ୍ରୀ ଅନୁଷ୍କା, ହିନ୍ଦୀରେ ଦ୍ୱିତୀୟ ଶ୍ରେଣୀ ଛାତ୍ର ବେଦ ପ୍ରକାଶ ସ୍ୱାଗତ ସଙ୍ଗୀତ ଓ ଭାଷଣ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା କୁମାର ଭାଇ ଓ ପ୍ରଥମ ସମ୍ପାଦକ ନିରଞ୍ଜନ ଭାଇଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅନେକ ଚେତନଦାୟୀ କାର୍ଯ୍ୟକ୍ରମ, ଯୋଗାସନ ଓ ପିରାମିଡ ପିଲାମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଡ. କଳ୍ପଲତା ଦେବୀ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆଦର୍ଶ ଛାତ୍ର ଭାବେ ଆୟୁଷ୍ମାନ ଓ ଛାତ୍ରୀ ଯଶୋଦାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ କାନ୍ତିଲତା ଦେବୀ, ଜୟନ୍ତୀ, ସରସ୍ୱତୀ, ଦମୟନ୍ତୀ, କବିତା, ବନିତା, ରଶ୍ମିତା, ବୈଜୟନ୍ତି ଓ ସତ୍ୟଶ୍ରୀ ସହଯୋଗ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଦେଇଥିଲେ।

## କାଦେପୁର ନାଳରେ ବୁଡ଼ି ବୃଦ୍ଧା ମୃତ

**ରାଉରକେଲା, ୯।୨(ସମିସ):** ନୂଆଗାଁ ବ୍ଲକ ବିଶ୍ରା ଥାନା ସୋରଡ଼ା ପଞ୍ଚାୟତ କାଦେପୁର ଝରିଆଟୋଲୀ ନିକଟ ନାଳରେ ବୁଡ଼ି ମିନି ମୁଣ୍ଡା(୬୫) ନାମକ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ବିଶ୍ରା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର ଓ ସବ୍ ଇନ୍ସପେକ୍ଟର ପ୍ରଦୀପ କୁମାର ସାହୁ ଘଟଣା ସ୍ଥଳରେ ପହଞ୍ଚି ସୋରଡ଼ା ସରପଞ୍ଚ ଅନୁଗ୍ରହ ଯୋଜ ଓ ଗାଁ ଲୋକଙ୍କ ସହାୟତାରେ ଶବକୁ ଉଦ୍ଧାର କରିଥିଲେ। ବ୍ୟବଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ସୂଚନା ମୁତାବକ, ସାନଯୋଜଦା ଗ୍ରାମର ମିନିମୁଣ୍ଡା ବାପା ଘର ଝାଡଖଣ୍ଡର କହିପାଟ ଅଞ୍ଚଳକୁ ଆସିଥିଲେ। ରବିବାର ଭଣଜାମାନଙ୍କ ସହ ସେ ନିଜ ଗାଁକୁ ଯିବାକୁ ବାହାରି କାଦେପୁର ଛକରେ ପହଞ୍ଚିଥିଲେ। ସେଠାରୁ ମିନି ବାଟବଣା ହୋଇ ଝରିଆଟୋଲୀ ନାଳ ରାସ୍ତାରେ ଚାଲି ଯାଉଥିବା ସମୟରେ ଅସାବଧାନତାବଶତଃ ନାଳରେ ପଡ଼ିଯାଇ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି।

# ଦୀପିକା ମହିଳା ସଂଘତିର ବାର୍ଷିକ ଉତ୍ସବ



**ରାଉରକେଲା, ୯।୨(ସମିସ):** ଇସ୍ପାତ ସହରର ଅଗ୍ରଣୀ ଜନହିତୈଷୀ ସଂଗଠନ ଦୀପିକା ମହିଳା ସଂଘତିର ୬୬ତମ ବାର୍ଷିକ ଉତ୍ସବ ଫେବୃଆରୀ ୯ ତାରିଖରେ ସିଭିକ୍ ସେଣ୍ଟରଠାରେ ପାଳିତ ହୋଇଯାଇଛି। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଅବହେଳିତ ବର୍ଗର ଲୋକଙ୍କ ଉତ୍ଥାନ ଦିଗରେ ଦୀପିକା ମହିଳା ସଂଘତିର ପ୍ରତ୍ୟେକ ପ୍ରୟାସ ବହୁମୂଲ୍ୟ ଏବଂ ଏହାର ପ୍ରଭାବ ଦୀର୍ଘସ୍ଥାୟୀ। ଏକ ପ୍ରଗତିଶୀଳ ଓ ସମାନ ଅଧିକାର ପୂର୍ଣ୍ଣ ସମାଜ ଗଠନ ଦିଗରେ ମହିଳାଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ବୋଲି ମୁଖ୍ୟ ଅତିଥି ଡିଆଇସି ଶ୍ରୀ ବର୍ମା କହିଥିଲେ। ଏହି ଅବସରରେ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା ସଂଘତିର ବିଗତ କିଛିବର୍ଷର କାର୍ଯ୍ୟଧାରା ଏବଂ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସାରିକା କୁମାର ପୂର୍ବବର୍ଷର ସଂଗଠନର ବିଭିନ୍ନ ପ୍ରୟାସ ଉପରେ ଏକ ଅଡିଓ ଭିଜୁଆଲ୍ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଡ. ମେଘନା ଚାଟାର୍ଜୀ ସଭାକୁ ସଂଯୋଜନା କରିଥିଲେ। ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ଉନ୍ନୟନ ସିଏମ୍ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ଓଜିଓଏମ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ରାଜେଶ ଦାସଗୁପ୍ତା, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନଚାର୍ଜ ଡା. ଜୟନ୍ତ କୁମାର ଆଚାର୍ଯ୍ୟ, ଦୀପିକା ମହିଳା ସଂଘତିର ଉପାଧକ୍ଷା ପ୍ରଭାତୀ ମିଶ୍ର, ସ୍ମିତା ଗିରି, ଡ. ପ୍ରତିଜ୍ଞା ପଲାଇ, ଗୀତା ରାଣୀ, ନବନୀତା ପାଲଚୌଧୁରୀ, ସଂଘତିର ସମ୍ପାଦିକା ସାରିକା କୁମାର, ଆରଏସପିର ବହୁ ଅନ୍ୟ ବରିଷ୍ଠ ଅଧିକାରୀ, ଦୀପିକା ମହିଳା ସଂଘତିର ସଦସ୍ୟାମାନେ ସପରିବାର ଉପସ୍ଥିତ ଥିଲେ। ସାଉଲିନା ଓ ରୂପାଲୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଗଠନର ଯୁଗ୍ମ ସଚିବ ପୁନମ ରାଣା ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁରୁଣ୍ଡିଆରେ ଅଭିଯୋଗ ଶୁଣାଣି

**ବଣାଇ, ୯।୨(ସମିସ):** ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୭୨ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଭାବେ ୨୯ ଗୋଟି ଅଭିଯୋଗ ଆସିଥିବା ବେଳେ ଦଳଗତ ଭାବେ ମୋଟ ୪୩ ଗୋଟି ଅଭିଯୋଗ ଆସିଥିଲା। ରାସ୍ତା, ପାନୀୟ ଜଳ, ସ୍କୁଲ ଘର, ଏବଂ ନେଟୱାର୍କ ସମସ୍ୟାକୁ ନେଇ ଅଭିଯୋଗ ମାନ ଆସିଥିଲା। ଏହି କାର୍ଯ୍ୟକ୍ରମରେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରମାକାନ୍ତ ସାହୁ, ବଣାଇଁ ସହକାରୀ ବନ ସଂରକ୍ଷକ ରବିକାନ୍ତ ମୀନା, ଗୁରୁଣ୍ଡିଆ ବିଡିଓ ହାବିଲ୍ ଖାଖାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରୀୟ ଦୋଳ ମେଳଣ ସମିତିର ସାଧାରଣ ବୈଠକ

**ରାଉରକେଲା, ୯।୨(ସମିସ):** କେନ୍ଦ୍ରୀୟ ଦୋଳ ମେଳଣ ସମିତି ରାଉରକେଲାର ବାର୍ଷିକ ସାଧାରଣ ବୈଠକ ସେକ୍ଟର-୧୫ ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସମିତିର ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ସଭ୍ୟ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ହରିହର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରତିଷ୍ଠାତା ସଦସ୍ୟ ବିଷ୍ଣୁ ଚରଣ ବିଶ୍ୱାଳ, ଈଶ୍ୱର ଭଞ୍ଜ, ପର୍ଶୁରାମ ପୋଥାଳ ଓ ସୁଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗତ ବର୍ଷର ସଭାପତି ଚୌଧୁରୀ ବିଜୟ ପଟ୍ଟନାୟକ ମେଳଣ ସମ୍ବନ୍ଧୀୟ ବିବରଣୀ ଉପସ୍ଥାପନ କରିଥିଲେ। କୋଷାଧ୍ୟକ୍ଷ ଦିଲୀପ କୁମାର ସାହୁ ଗତବର୍ଷର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। କିଛି ସଦସ୍ୟ ଦେୟରସିଦ ବହି ଫେରାଇ ନଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇବା ସହ ଆଗାମୀ ଦିନରେ ଏନେଇ କଡା ଆଭିମୁଖ୍ୟ ଗ୍ରହଣ କରିବା ନେଇ ନିଷ୍ପତ୍ତି ହୋଇଥିଲା। ସାଧାରଣ ସମ୍ପାଦକ ପ୍ରଶାନ୍ତ ସାମଲ ଦୋଳ ମେଳଣ ସମିତି ପଶ୍ଚିମ ଓଡ଼ିଶାରେ ନିଜର ସଂସ୍କୃତି ଓ ପରମ୍ପରା ବଜାୟ ରଖି ବେଶ ପ୍ରତିଷ୍ଠା ଲାଭ କରିଛି। ଦୀର୍ଘ ୧୨ ବର୍ଷ ଧରି ଏହି କାର୍ଯ୍ୟକ୍ରମ ସୂଚାରୁରୂପେ ଆୟୋଜିତ ହୋଇଆସୁଛି। ଚଳିତ ବର୍ଷ ଦୋଳ ମେଳଣ ପାଇଁ ସମୟ ଅବଧି କମ୍ ରହିଯିବା ବେଳେ କମିଟି ଗଠନ ନେଇ ସହମତି ନ ହେବାରୁ ପ୍ରତିଷ୍ଠାତା ସଦସ୍ୟ ଓ ଅଧ୍ୟକ୍ଷଙ୍କ ଦ୍ୱାରା ଚଳିତବର୍ଷ ଦୋଳ ମେଳଣ ସମ୍ପନ୍ନ ହେବା ନେଇ ସ୍ଥିରିକୃତ ହୋଇଥିଲା। ପ୍ରତିଷ୍ଠାତା ସଦସ୍ୟ ଈଶ୍ୱର ଭଞ୍ଜ ଧନ୍ୟବାଦ ଦେଇଥିଲେ।

## ଟ୍ରେନ୍ ଧକ୍କାରେ ଷଣ୍ଢ ଗୁରୁତର

**ରାଉରକେଲା, ୯।୨(ସମିସ):** ମାଲଗୋଦାମ ରେଳ ଫାଟକ ନିକଟରେ ଟ୍ରେନ୍ ଧକ୍କାରେ ଏକ ଷଣ୍ଢ ଗୁରୁତର ହୋଇଛି। ଘଟଣା ବିଷୟରେ ଜାଣିବା ପରେ ବଜରଙ୍ଗ ଦଳ ସହିତ ଜଡ଼ିତ ଗୋ ରକ୍ଷକମାନେ ସେଠାରେ ଷଣ୍ଢକୁ ଉଦ୍ଧାର କରି ଜୀବନ ବଞ୍ଚାଇଥିଲେ। ଷଣ୍ଢଟି ରେଳ ଲାଇନ ନିକଟରେ ଆହତ ଅବସ୍ଥାରେ ପଡ଼ିଥିବା ବେଳେ ଘଟଣା ସ୍ଥଳରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ସେକ୍ଟର-୧୮ ସ୍ଥିତ ଗୋଶାଳା ପଠାଇ ଦିଆଯାଇଥିବା ଜଣାପଡ଼ିଛି। ସେହିପରି ଛେଣ୍ଡ କଲୋନୀର ଫେଜ୍-୧ ଏଲସିଆର/୨୫୧ ଘର ନିକଟରେ ଆହତ ଷଣ୍ଢର ଚିକିତ୍ସା କରାଯାଇଛି। ସ୍ଥାନୀୟ ନାଗରିକ ଏବଂ ପଶୁ ପ୍ରେମୀମାନେ

### ଉଦ୍ଧାର କଲା ବଜରଙ୍ଗ ଦଳ

ବଜରଙ୍ଗ ଦଳର ତୁରନ୍ତ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଛନ୍ତି। ଏଭଳି ଘଟଣା ଯେପରି ପୁଣି ରେଳ ଲାଇନ ନିକଟରେ ନହୁଏ ଓ ବୁଲା ପଶୁମାନଙ୍କ ସୁରକ୍ଷା ନେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହୋଇଛି।

# ଏନ୍‌ଆଇଟିରେ ବାର୍ଷିକ ସାଂସ୍କୃତିକ ମହୋତ୍ସବ 'ନିତ୍ରୋତ୍ସବ' ଉଦ୍‌ଘାଟିତ

ରାଉରକେଲା, ୯।୨(ସମିସ)




ଏନ୍‌ଆଇଟି ରାଉରକେଲାର ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର (ଏସଏସି) ପକ୍ଷରୁ ଏନଆଇଟି ରାଉରକେଲାର ବାର୍ଷିକ ସାଂସ୍କୃତିକ ମହୋତ୍ସବ 'ନିତ୍ରୋତ୍ସବ - ୨୦୨୬' ଉଦ୍‌ଘାଟିତ ହୋଇଯାଇଛି। ଏହି ତିନି ଦିନିଆ ଉତ୍ସବରେ ଏହି ବର୍ଷର ମହୋତ୍ସବ ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର ଅଧୀନରେ ୪୨ଟି କ୍ଲବର ସଦସ୍ୟ ଯୋଗ ଦେଇଥିଲେ। ପଡ଼ୋଶୀ ରାଜ୍ୟର କଲେଜରୁ ପ୍ରାୟ ୨୫୦ ଜଣ ଛାତ୍ରଙ୍କ ସମେତ ୨୦୦୦ରୁ ଅଧିକ ଅଂଶଗ୍ରହଣକାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ମହୋତ୍ସବରେ ୫୦ଟି କାର୍ଯ୍ୟକ୍ରମ, କଳା ଏବଂ ସଂସ୍କୃତିର ବିଭିନ୍ନ କ୍ଷେତ୍ରରୁ ୩୫ ଜଣ ନିମନ୍ତ୍ରିତ କଳାକାର ଓ ଅତିଥିମାନେ ଅଂଶଗ୍ରହଣ କରିଥିଲେ। ରାଉରକେଲା ଏନ୍‌ଆଇଟିର ନିର୍ଦ୍ଦେଶକ କେ. ଉମା ମହେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏନଆଇଟି କୁଳସଚିବ ପ୍ରଫେସର ରୋହନ ଧ୍ୱମାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହା ବିଭିନ୍ନ ଶିକ୍ଷାଗତ ପୃଷ୍ଠଭୂମି ଏବଂ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ନେତୃତ୍ୱ ଦକ୍ଷତା ବିକାଶ କରିବା, ସହଯୋଗପୂର୍ଣ୍ଣ ଭାବରେ କାମ କରିବା, ସୃଜନଶୀଳତା ପ୍ରକାଶ କରିବା ଏବଂ ସଂସ୍କୃତି ସହିତ ଜଡିତ ହେବାର ସୁଯୋଗ ପ୍ରଦାନ କରିବାରେ ସହାୟକ ହେବ ବୋଲି କହିଥିଲେ। ଏସଏସି ସଭାପତି ପ୍ରଫେସର ରାଜୀବ କୁମାର ପଣ୍ଡା, ଏଲସିଏସର ଉପାଧକ୍ଷ ପ୍ରଫେସର ପ୍ରତୀକ ଖତ୍ରୀ ଏବଂ ପ୍ରଫେସର ଆଦ୍ୟାଶା ସ୍ୱୟଂସିଦ୍ଧ ଅମାନ୍ତ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଦିବସରେ ଫୁଟଲୁଜ୍ ପ୍ରମୁଖ ନୃତ୍ୟ ପ୍ରତିଯୋଗିତା ଏବଂ ବ୍ରେକବିଟ୍ସ, ଏକ ଷ୍ଟ୍ରିଟ୍-ଶୈଳୀ ନୃତ୍ୟ ଯୁଦ୍ଧ, ବିଶ୍ୱ ନୃତ୍ୟ ରୂପ ପ୍ରଦର୍ଶନ କରି ଉଚ୍ଚ ଉର୍ଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ ବୁଦ୍ଧି ଏବଂ ସୃଜନଶୀଳତାକୁ ମିଶ୍ରଣ କରି ପ୍ରତିଷ୍ଠାନର ପ୍ରମୁଖ ମଡେଲ ୟୁନାଇଟେଡ ନେସନ୍ସ ସମ୍ମିଳନୀ ନିଟ୍ରିମୁନ, ଥିଏଟର ଏବଂ ମୋନୋ-ଆକ୍ଟ ପ୍ରଦର୍ଶନ, କୁଇଜ୍, ଫଟୋଗ୍ରାଫି ପ୍ରଦର୍ଶନୀ, ଐତିହ୍ୟ-ଭିତ୍ତିକ ରତ୍ନ ଖୋଜା ଆଦି କାର୍ଯ୍ୟକ୍ରମ ହୋଇଥିଲା। କାହାଣୀ କହିବା ଏବଂ ପାରମ୍ପରିକ ଓଡ଼ିଆ କଳାକୁ ପାଳନ କରୁଥିବା ଭିଜୁଆଲ୍ ଆର୍ଟ ପ୍ରଦର୍ଶନୀଗୁଡ଼ିକ ଆକର୍ଷଣୀୟ ଥିଲା। ତୃତୀୟ ଦିନ ସାହିତ୍ୟିକ ପ୍ରଦର୍ଶନୀ, କାର୍ଭାନ୍ ୫.୦ ଭଳି କବିତା ପ୍ରଦର୍ଶନ, ଖୋଲା-ମାଇକ୍ ସେସନ୍, ଫ୍ୟାଶନିଷ୍ଟା ଏବଂ ଷ୍ଟ୍ରିଟ୍ ଭୋଗ ସମେତ ଫ୍ୟାଶନ୍ ଇଭେଣ୍ଟ, ରାପ୍ ଯୁଦ୍ଧ, ସଙ୍ଗୀତ ପ୍ରଦର୍ଶନୀ ଏବଂ ଇଣ୍ଟରାକ୍ଟିଭ୍ ମଜାଦାର କାର୍ଯ୍ୟକଳାପ ଅନୁଷ୍ଠିତ ହୋଇଥିଲା।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

**ଖାଲି ପଦବୀ ସଂଖ୍ୟା: 2273**
**(ବ୍ୟାକଲଗ୍ ଖାଲି ପଦବୀ ସହିତ)**

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ବିଜ୍ଞାପନ ନମ୍ବର **CRPD/CBO/2025-26/18** ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.01.2026 ରୁ 18.02.2026 ପର୍ଯ୍ୟନ୍ତ ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ **https://sbi.bank.in/web/careers/current-openings.**

**ସ୍ଥାନ:** ମୁମ୍ବାଇ
**ତାରିଖ:** 30.01.2026
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)



## ସରକାରୀ ଅବହେଳା ନେଲା ଯୁବକଙ୍କ ଜୀବନ

# ଚାକିରି ପାଇଁ ସଂଗ୍ରାମ କରି ହାରିଗଲେ ଅମୀୟ

- ଏସସିବିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ
- ନିଜ ଉପରୁ ଦୋଷ ଛଡ଼ାଇବା ପାଇଁ ଜିଲ୍ଲା ପ୍ରଶାସନର ଉଦ୍ୟମ !

କଟକ, ୯।୨(ସମିସ): ଦୀର୍ଘବର୍ଷ ଧରି ବାପାଙ୍କ ଚାକିରି ଖଣ୍ଡିକ ପାଇଁ ସରକାରୀ ଦପ୍ତରରୁ ଦପ୍ତର ଦୌଡ଼ି ଶେଷରେ ଜୀବନ ହାରିଛନ୍ତି ଜଣେ ନିରୀହ ଯୁବକ। କଟକ ବାଙ୍କୀ ଅଞ୍ଚଳର ଓସ୍ତିଆପଦା ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ଅମୀୟ ସିଂ (୩୨), ଯିଏ କି ଚାକିରୀ ନ ମିଳିବାରୁ ମାନସିକ ଚାପ ସହି ନ ପାରି ଗତକାଲି ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହୂତି ଉଦ୍ୟମ କରିଥିଲେ, ଆଜି କଟକ ଏସସିବି ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଛି। ୯୧ ପ୍ରତିଶତ ପୋଡ଼ି ଯାଇଥିବା ଅମୀୟଙ୍କୁ ବଞ୍ଚାଇବା ପାଇଁ ଡାକ୍ତରମାନେ ସମସ୍ତ ଚେଷ୍ଟା କରିଥିଲେ ହେଁ ତାହା ବିଫଳ ହୋଇଛି।

ଅମୀୟଙ୍କ ଭାଇଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ବାପା ଭୂତଳ ଜଳ ବିଭାଗରେ କାର୍ଯ୍ୟ କରୁଥିବା ସମୟରେ ତାଙ୍କର ପରଲୋକ ଘଟିଥିଲା। ସରକାରୀ ନିୟମ ଅନୁସାରେ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଯୁକ୍ତ ତିନି ପଢ଼ିଥିବା ଅମୀୟ ଆବେଦନ କରିଥିଲେ। ମାତ୍ର ବିଗତ ୬ ବର୍ଷ ଧରି ତାଙ୍କ ନିଯୁକ୍ତି ଫାଇଲ୍ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧୂଳି ଜମୁଥିଲା। ଅମୀୟ ବାରମ୍ବାର ପୂର୍ବତନ ଓ ବର୍ତ୍ତମାନର ଜିଲ୍ଲାପାଳଙ୍କୁ ଭେଟି ନିଜର ଦୁଃଖ ଜଣାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ମିଳିଥିଲା। ଶେଷରେ ପ୍ରଶାସନିକ ଅବହେଳା ଓ ବ୍ୟବସ୍ଥାର ବିଫଳତା ଆଗରେ



ହାର୍ ମାନି ଅମୀୟ ଗତକାଲି ଗାଁ ଖେଳପଡ଼ିଆରେ ନିଜକୁ ନିଆଁ ଲଗାଇ ଦେଇଥିଲେ। ଅମୀୟଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ତେବେ ଏହି ସମ୍ବେଦନଶୀଳ ଘଟଣାରେ ନିଜର ଭୁଲ୍ ସ୍ୱୀକାର କରିବା ପରିବର୍ତ୍ତେ ଜିଲ୍ଲା ପ୍ରଶାସନ ସମ୍ପୃକ୍ତ ବିଭାଗ ଉପରେ ଦୋଷ ଲଦି ଦେଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ନିଷ୍ପତ୍ତି ବିଭାଗ ପାଖରେ ଅଟକି ରହିଥିଲା। ଜଣେ ମେଧାବୀ ଯୁବକଙ୍କ ମୃତ୍ୟୁ ପରେ ପ୍ରଶାସନର ଏଭଳି ଆଭିମୁଖ୍ୟକୁ ସାଧାରଣରେ କଠୋର ସମାଲୋଚନା କରାଯାଇଛି।

ସରକାରୀ ବ୍ୟବସ୍ଥାରେ ଏଭଳି ଅବହେଳା ପାଇଁ କାହାକୁ ଦାୟୀ କରାଯିବ ଏବଂ କେଉଁ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ସେ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅମୀୟଙ୍କ ପରିବାର ଲୋକେ ପ୍ରଶ୍ନ ଉଠାଇଛନ୍ତି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କଟକ, ୯।୨(ସମିସ): ନାବାଳିକା ଦୁଷ୍କର୍ମ ଅଭିଯୋଗ ମାମଲାର ଶୁଣାଣି କରି ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ସୋମନାଥ ସାହୁଆ (୨୪)କୁ ୨୦ ବର୍ଷ ଜେଲ ଓ ୫୦ ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକସୋ ଅଦାଲତ। ଜରିମାନା ରାଶି ଅନାଦେୟ କ୍ଷେତ୍ରରେ ଆସାମୀକୁ ଅଧିକ ୨ ବର୍ଷ ଜଲେ ଦଣ୍ଡ ଭୋଗ କରିବାକୁ ପଡ଼ିବ। ଅଦାଲତ ପୋକସୋ ଆଇନର ଧାରା ୬ ଓ ବିଏନଏସର ଧାରା ୬୫(୨)ରେ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହିତ ପୀଡିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ୮ ବର୍ଷିୟା ପୀଡିତାଙ୍କୁ ଘରକୁ ଡାକି ସୋମନାଥ ଦୁଷ୍କର୍ମ କରିଥିବା ନେଇ ନିଶ୍ଚିନ୍ତକୋଇଲି ଥାନାରେ ୨୦୨୫, ଅଗଷ୍ଟ ୨୫ରେ ପୀଡିତାଙ୍କ ପରିବାର ତରଫରୁ ଏତଲା ରୁଜୁ ହୋଇଥିଲା। ପୁଲିସ ସୋମନାଥକୁ ଗିରଫ କରିବା ସହିତ ତା ବିରୋଧରେ ଗତ ସେପ୍ଟେମ୍ବର ୨୬ରେ ଚାର୍ଜସିଟ ଦାଖଲ କରିଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର କୃଷ୍ଣଚନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରୁଥିଲେ।

# ଓଲିଉଡ୍ ଅଭିନେତାଙ୍କୁ ହତ୍ୟା ଧମକ

- ଡିସିପିଙ୍କ ଦ୍ୱାରସ୍ଥ ହେଲେ ସାତ୍ୟକୀ

କଟକ, ୯।୨(ସମିସ): ଘରେ ପଶି ଦୁର୍ବ୍ୟବହାର ଓ ଧମକ ଦେବା ଘଟଣାକୁ ନେଇ ଅଭିନେତା ସାତ୍ୟକୀ ମିଶ୍ର ସୋମବାର ଡିସିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାରେ ପୁରୀଘାଟ ଥାନା ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ଡିସିପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି ଶ୍ରୀ ମିଶ୍ର।

ଅଭିଯୋଗ ସୂଚନା ଅନୁସାରେ, ଗଣେଶଘାଟ ବିଶ୍ୱନାଥ ଲେନରେ ରହୁଥିବା ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତିଯେ, ଗତ ୬ ତାରିଖରେ ତାଙ୍କ ବଡ ବାପାଙ୍କ ଦୁଇ ପୁଅ ସବ୍ୟସାଚୀ ମିଶ୍ର ଏବଂ ସୌମିତ୍ରୀ ମିଶ୍ର ତାଙ୍କ ଘରକୁ ଆସି ୮୪ ବର୍ଷିୟ ବାପା ନୃସିଂହ ପ୍ରସାଦ ମିଶ୍ରଙ୍କୁ ଦୁର୍ବ୍ୟବହାର କରିଥିଲେ। ଗାଳିଗୁଲଜ ଦେବା ସହିତ ପରିବାର ସଦସ୍ୟଙ୍କୁ ହତ୍ୟା ଧମକ ଦେଇଥିଲେ। ଏନେଇ ସାତ୍ୟକୀ ପୁରୀଘାଟ ଥାନାରେ ଏତଲା ଦାୟର କରିଥିଲେ। ମାତ୍ର ପୁଲିସ ଏଯାବତ କାର୍ଯ୍ୟାନୁଷ୍ଠାନ ନନେବାରୁ ୨ ଭାଇ ସାତ୍ୟକୀ ଓ ତାଙ୍କ ପରିବାରକୁ ହଇରାଣ ହରକତ କରୁଛନ୍ତି। ସେ ଜଣେ କର୍କଟ ରୋଗୀ। ତାଙ୍କ ପତ୍ନୀ ଓ ଝିଅ କାମ ପାଇଁ ଘର ବାହାରକୁ ଯାଉଛନ୍ତି। ସେମାନେ ସମସ୍ତେ ଭୟଭୀତ ଅବସ୍ଥାରେ ଅଛନ୍ତି। ତେଣୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ମିଶ୍ର ଡିସିପି ଖିଲାରି ରିଷିକେଶ ଦ୍ୟାନଦେଓଙ୍କୁ ଅନୁରୋଧ କରିଛନ୍ତି। ଏନେଇ ପୁରୀଘାଟ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତିଯେ, ଶ୍ରୀ ମିଶ୍ରଙ୍କ ଅଭିଯୋଗରେ ମାମଲା ରୁଜୁ କରାଯାଇଛି। ଏହାର ତଦନ୍ତ ଜାରି ରହିଛି। ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଖୁବଶୀଘ୍ର ନିଆଯିବ ବୋଲି ଇନ୍ସପେକ୍ଟର ଶ୍ରୀ ନାୟକ ସୂଚନା ଦେଇଛନ୍ତି। ଅନ୍ୟପଟେ, ସାତ୍ୟକୀଙ୍କ ଅଭିଯୋଗକୁ ତାଙ୍କ ବଡ ବାପା ପୁଅ ସୌମିତ୍ରୀ ଖଣ୍ଡନ କରିଛନ୍ତି। ସେ ଗଣମାଧ୍ୟମରେ କହିଛନ୍ତିଯେ, ଦାଦା ତଥା ସାତ୍ୟକୀଙ୍କ ବାପାଙ୍କୁ କୌଣସି ପ୍ରକାର ଦୁର୍ବ୍ୟବହାର କିମ୍ବା ଧମକଚମକ ଦିଆଯାଇନାହିଁ।

# ରାଜ୍ୟରେ ଚାଲିଛି ୟୁ-ଟର୍ଣ୍ଣ ସରକାର: କଂଗ୍ରେସ

ଭୁବନେଶ୍ୱର, ୯।୨(ସମିସ): ରାଜ୍ୟ ସରକାର ବିଭିନ୍ନ ଯୋଜନା ଏବଂ ନିୟମ ଘୋଷଣା କରି ବାରମ୍ବାର ପଛଘୁଞ୍ଚା ଦେଉଛନ୍ତି। ରତ୍ନଭଣ୍ଡାର ତଥ୍ୟ ସାର୍ବଜନୀନ କରିବା, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲା, ଗୁଟ୍‌ଖା ବ୍ୟାନ୍, ଠିକା ବ୍ୟବସ୍ଥାର ସମାପ୍ତି, ବେଳାଭୂମିରେ ମଦବିକ୍ରି ଅନୁମତି, ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ପେଟ୍ରୋଲ ମନା, ବିଧାୟକଙ୍କ ଦରମା ବୃଦ୍ଧି, ଛାତ୍ର ସଂସଦ ନିର୍ବାଚନ ଭଳି ପ୍ରସଙ୍ଗରେ ସରକାର ୟୁ-ଟର୍ଣ୍ଣ ମାରିଛନ୍ତି। ତେଣୁ ରାଜ୍ୟରେ ବର୍ତ୍ତମାନ ମୋହନ ସରକାର ନୁହେଁ, ୟୁ-ଟର୍ଣ୍ଣ ସରକାର ଚାଲିଛି ବୋଲି ରାଜ୍ୟ କଂଗ୍ରେସ କହିଛି।

ସୋମବାର ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ୧୯ ମାସରେ ୧୯ ପରୀକ୍ଷା ବାତିଲ କରି ରାଜ୍ୟ ସରକାର ରେକର୍ଡ ସୃଷ୍ଟି କରିଛନ୍ତି। ମାଗଣା ୩୦୦ ୟୁନିଟ୍ ବିଜୁଳି ଦେବାକୁ କହି ଓଲଟା ସ୍ମାର୍ଟ ମିଟର ନାମରେ ଟାଟା କମ୍ପାନୀ ପାଇଁ ୭୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଆଗୁଆ ପଞ୍ଚାୟତ ନିର୍ବାଚନକୁ ନିର୍ବାଚନ କମିସନ ମନା କରିଥିବା ବେଳେ ସୁଭଦ୍ରା ଟଙ୍କା, ପ୍ରତି ପଞ୍ଚାୟତରୁ ୧୦୦ଜଣଙ୍କୁ ନିଯୁକ୍ତି, ୨୪ଘଣ୍ଟାରେ ଅର୍ଡିନାନ୍ସ ଆଣି ଚିଟ୍‌ଫଣ୍ଡ ପଇସା ଫେରସ୍ତ କରିବାକୁ ବିଜେପି ଦେଇଥିବା ପ୍ରତିଶ୍ରୁତି କେବେ ପୂରଣ ହେବ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ସେହିପରି ଏସସି/ଏସଟି ଜମି ବିକ୍ରି ଆଇନ, ଚାଲାଣ ଥିଲେ ପ୍ରଦୂଷଣ




ସାର୍ଟିଫିକେଟ୍ ମନା, ଜାନୁୟାରୀ ୧ରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ, ମୁଖ୍ୟମନ୍ତ୍ରୀଙ୍କ ମାଗଣା ଅଭଡ଼ା ବଣ୍ଟନ ଯୋଜନା ସବୁ କୁଆଡ଼େ ଗଲା ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି।

କ୍ରୀଡ଼ାମନ୍ତ୍ରୀ ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ ନାମ ଓଡ଼ିଶା କ୍ରୀଡ଼ା ସମ୍ମାନ ରଖାଯିବ ବୋଲି ଘୋଷଣା କଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ସେମିତି କିଛି ଯୋଜନା ନାହିଁ ବୋଲି କହିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହ ସରକାରୀ ନେଣଦେଣ ସମାପ୍ତି ଘୋଷଣା କରିବାର ୧୨ ଘଣ୍ଟା ନ ହେଉଣୁ ଆଦେଶ ପ୍ରତ୍ୟାହୃତ ହେଲା। ଶିକ୍ଷାବର୍ଷ ଆରମ୍ଭରୁ ସ୍କୁଲ ୟୁନିଫର୍ମ ବଣ୍ଟାଯିବ ବୋଲି କହିଥିଲେ। କିନ୍ତୁ, ଏପର୍ଯ୍ୟନ୍ତ ବଣ୍ଟା ନ ହେବାକୁ ନେଇ ସୋନାଲି ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଇଛନ୍ତି।

### ୧୯ ମାସରେ ୧୯ ପ୍ରତିଶ୍ରୁତି ପାଳନ ହେଲାନି

ଅନ୍ୟତମ ମୁଖପାତ୍ର ଡଃ ମନୀଷା ଦାସ ପଟ୍ଟନାୟକ ବର୍ତ୍ତମାନ ରାଜ୍ୟରେ 'ରିଲ୍ସ ସରକାର' ଚାଲିଛି ବୋଲି କହିଥିଲେ। ଚାଷୀ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ରେଳ ବ୍ୟବସ୍ଥା କିମ୍ବା ମହିଳାଙ୍କ ସୁରକ୍ଷା ଆଦିରେ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ସେ କହିଛନ୍ତି। ଗୋଟିଏ ବିଭାଗର ମନ୍ତ୍ରୀ ଅନ୍ୟ ବିଭାଗର କାମ ଉପରେ କଥା କହୁଛନ୍ତି, ଯାହା ସରକାରୀ ଅବ୍ୟବସ୍ଥାକୁ ସ୍ପଷ୍ଟ କରୁଛି। ଲୋକଙ୍କ ସମ୍ମୁଖରେ ବଡ଼ବଡ଼ ପ୍ରତିଶ୍ରୁତି ଦେଇ କିଛି ଦିନ ପରେ ସରକାର ସେଗୁଡ଼ିକୁ ଭୁଲିଯାଉଛନ୍ତି। ପ୍ରତ୍ୟେକ ଚାଷୀଙ୍କୁ ଏମ୍‌ଏସ୍‌ପି ଦିଆଯିବ ବୋଲି ଘୋଷଣା କରାଗଲା। କିନ୍ତୁ, ଏବେ ହଠାତ୍ ଏକ ସୀମା ଧାର୍ଯ୍ୟ କରାଯାଇଛି। ଏହା ଚାଷୀଙ୍କ ସହିତ ସିଧାସଳଖ ଧୋକା ବୋଲି ସେ କହିଛନ୍ତି। 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ରେ କନ୍ୟାପିତାଙ୍କୁ ଆର୍ଥିକ ସହାୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଗଲା। କିନ୍ତୁ, ଅନେକ ମାମଲାରେ ସେହି ସହାୟତା ମିଳିନାହିଁ। ପରିସ୍ଥିତି ଏତେ ଦୟନୀୟ ଯେ, ବିବାହ ପରେ ମଧ୍ୟ କେତେକ କନ୍ୟା ଶ୍ୱଶୁରଘରକୁ ଯାଇ ପାରିନାହାନ୍ତି। ୧୯ ମାସରେ ଏହି ସରକାର ୧୯ଟି ପ୍ରତିଶ୍ରୁତି ମଧ୍ୟ ପୂରଣ କରିପାରିନାହିଁ। ଶାସନ ପରିବର୍ତ୍ତେ ପ୍ରତ୍ୟେକ କ୍ଷେତ୍ରରେ ୟୁ-ଟର୍ଣ୍ଣ ପରେ ୟୁ-ଟର୍ଣ୍ଣ ଦେଖିବାକୁ ମିଳୁଛି ବୋଲି ଦଳ ପକ୍ଷରୁ କୁହାଯାଇଛି।

## ୨ରୁ କଟକରେ ପୁଲିସ ଅଧିନିୟମ ଧାରା ୩୦

କଟକ, ୯।୨(ସମିସ): ପୁଲିସ ଅଧିନିୟମ ୩୦ ଧାରା କଟକ ଜିଲ୍ଲାରେ ଆସନ୍ତା ୨ ତାରିଖଠାରୁ ମେ' ୨ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ପୁଲିସ ସୂଚନା ଅନୁଯାୟୀ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ଶ୍ରମିକ ସାମୁଖ୍ୟ / ଛାତ୍ରସଂଘ ଇତ୍ୟାଦି ଏବଂ ଅନ୍ୟାନ୍ୟ ଶ୍ରେଣୀ /ଗୋଷ୍ଠୀର ଲୋକମାନଙ୍କ ଦ୍ୱାରା ଶୋଭାଯାତ୍ରା ଓ ସାଧାରଣ ସଭା ଆଦି ସର୍ବସାଧାରଣ ସ୍ଥାନ/ ସାହି ଏବଂ କଟକ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନମାନଙ୍କରେ ସଂଗଠିତ ହୋଇଥାଏ। ଏହି ଶୋଭାଯାତ୍ରା ଓ ସାଧାରଣସଭାଗୁଡିକୁ ସର୍ବସାଧାରଣ ସ୍ଥାନରେ ନିୟନ୍ତ୍ରଣ କରିବା ନିମନ୍ତେ ପୁଲିସ ଅଧିନିୟମ ୩୦ ଅନୁଯାୟୀ ଜିଲ୍ଲାର ସମସ୍ତ ୨୧ଟି ପୁଲିସ ଥାନା ସାଲେପୁର, ନିଶ୍ଚିନ୍ତକୋଇଲି, ନେମାଳ, ମାହାଙ୍ଗା, ଭଦ୍ରେଶ୍ୱର, କିଶନନଗର, ନିଆଳି, ଗୋବିନ୍ଦପୁର, ଓଲଟପୁର, ଟାଙ୍ଗୀ, ଗୁରୁଡ଼ିଝାଟିଆ, ଖୁଣ୍ଟୁଣୀ, ଆଠଗଡ଼, ତିଗିରିଆ, ବଡମ୍ବା, ମାଣିଆବନ୍ଧ, ନରସିଂହପୁର, ଯୋଡୁମ, କାନପୁର, ବାଙ୍କୀ ଓ ବୈଦେଶ୍ୱର ପୁଲିସ ସୀମା ମଧ୍ୟରେ ଆଦେଶନାମା ଜାରି କରାଯାଇଛି। ଯଦି କୌଣସି ରାଜନୈତିକ ସଂଗଠନ /ବ୍ୟକ୍ତିବିଶେଷ, ସାମୁହିକଭାବେ ଶୋଭାଯାତ୍ରା/ ଧାରଣା/ଅନିୟନ୍ତ୍ରିତ ଗହଳି ସଂଗଠିତ ହେଉଥିବା ଓ ଏଥିଜନିତ ଶାନ୍ତିଭଙ୍ଗ ହେବାର ଆଶଙ୍କା ଥିଲେ ସେଥି ନିମନ୍ତେ ସମ୍ପୃକ୍ତ ଅଞ୍ଚଳ ଉପଖଣ୍ଡ ପୁଲିସ ଅଧିକାରୀ/ ପୁଲିସ ନିରୀକ୍ଷକ / ଭାରପ୍ରାପ୍ତ ଅଧିକାରୀଙ୍କ ଠାରୁ ୩୦ ଧାରା ଅନୁଯାୟୀ ଅନୁମତି ପ୍ରାପ୍ତ କରିବାକୁ ହେବ। ବିଶେଷ ଭାବରେ ସାଧାରଣସଭା ସଂଗଠିତ କରିବା ନିମନ୍ତେ ଆବେଦନକାରୀ ସମୟ, ସ୍ଥାନ ଓ ଉଦ୍ଦେଶ୍ୟ ଏବଂ ସ୍ଥିରୀକୃତ ବକ୍ତାମାନଙ୍କ ନାମ ସୂଚୀତ କରିବାକୁ ଆଦେଶନାମାରେ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଶୋଭାଯାତ୍ରା କ୍ଷେତ୍ରରେ ଦରଖାସ୍ତ ଗୁଡିକ ଏହାର ଗନ୍ତବ୍ୟସ୍ଥଳ, ରହଣୀସ୍ଥାନ, ସମୟ, ଅଂଶଗ୍ରହଣକାରୀଙ୍କ ଆନୁମାନିକ ସଂଖ୍ୟା, ଯଦି ଡାକବାଜି ଯନ୍ତ୍ର ଓ ବାଦ୍ୟ ଯନ୍ତ୍ରାଂଶର ଆବଶ୍ୟକ ଥାଏ, ତେବେ ଏହାର ସଂଖ୍ୟା ନିରୂପଣ ପୂର୍ବକ ଉଲ୍ଲେଖ କରିବା ଆବଶ୍ୟକ।

## 'ପଲିଫେଷ୍ଟ'ରେ ଚମକିଲେ ଡ୍ରିମ୍‌ସ ଛାତ୍ରଛାତ୍ରୀ



କଟକ, ୯।୨(ସମିସ): ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଭୁବନାନନ୍ଦ ସ୍କୁଲ ଅଫ ଇଂଜିନିୟରି ଠାରେ ଆୟୋଜିତ୍ 'ପଲିଫେଷ୍ଟ-୨୦୨୫-୨୬' ଜୋନ୍‌ସ୍ତରୀୟ ପ୍ରତିଯୋଗିତାରେ ଡ୍ରିମ୍‌ସ ପଲିଟେକ୍‌ନିକର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ୧୭ଟି ବିଭାଗରେ ଡ୍ରିମ୍‌ସ ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରିବା ସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଭିନ୍ନ ଖେଳକୁଦ ସହ ଓଡିଆ ଓ ଇଂରାଜୀ ବକ୍ତୃତା, ନାଟକ, ଏକକ ଅଭିନୟ ଇତ୍ୟାଦି ବିଭାଗରେ ସେମାନଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିଛି। ଏହି ଅବସରରେ ସୋମବାର ଶିକ୍ଷାନୁଷ୍ଠାନ ପରିସରରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ରାଜ୍ୟସ୍ତରରେ ସେମାନେ ଶ୍ରେଷ୍ଠତା ବଜାୟ ରଖିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## 'ଉପନିଷଦ୍ ଜ୍ଞାନାମୃତ' ଉଦ୍‌ଯାପିତ

### ଉପନିଷଦ୍ ଆତ୍ମାର ସ୍ତରରେ ଉତ୍ତର ଖୋଜିବାକୁ ଅନ୍ତର୍ମୁଖୀ ହେବାକୁ ଆହ୍ୱାନ କରେ: ରାସେଶ୍ୱରୀ ଦେବୀ



ଭୁବନେଶ୍ୱର, ୯।୨(ସମିସ): ଉପନିଷଦ ମଣିଷକୁ ଆତ୍ମାର ସ୍ତରରେ ଉତ୍ତର ଖୋଜିବା ପାଇଁ ଅନ୍ତର୍ମୁଖୀ ହେବାକୁ ଆହ୍ୱାନ କରେ ବୋଲି ଜଗଦ୍‌ଗୁରୁ ଶ୍ରୀକୃପାଳୁଜୀ ମହାରାଜଙ୍କର ପ୍ରମୁଖ ପ୍ରଚାରିକା ପୂଜନୀୟା ରାସେଶ୍ୱରୀ ଦେବୀଜୀ ମତବକ୍ତ କରିଛନ୍ତି। ବ୍ରଜ ଗୋପିକା ସେବା ମିଶନ ପକ୍ଷରୁ ଜାନୁଆରୀ ୩୧ ତାରିଖରୁ ଲକ୍ଷ୍ମୀସାଗର ମେଳଣ ପଡ଼ିଆରେ ଅନୁଷ୍ଠିତ ହେଉଥିବା 'ଉପନିଷଦ୍ ଜ୍ଞାନାମୃତ' ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦଯାପନୀ ସନ୍ଧ୍ୟାରେ ପୂଜନୀୟା ରାସେଶ୍ୱରୀ ଦେବୀଜୀ 'ଉପନିଷଦ୍ ଜ୍ଞାନାମୃତ' ପ୍ରଦାନ କରିଥିଲେ। ଭଗବାନଙ୍କ ପ୍ରତି ସମ୍ପୂର୍ଣ୍ଣ ଶରଣାଗତିର ଅତ୍ୟାବଶ୍ୟକତାକୁ ବ୍ୟାଖ୍ୟା କରି ଅହଂକାର, ଆସକ୍ତି ଓ ଅଜ୍ଞାନ ଭଳି ପ୍ରକୃତ ଆତ୍ମସମର୍ପଣରେ ବାଧା ଦେଉଥିବା ଆଭ୍ୟନ୍ତରୀଣ ଏବଂ ବାହ୍ୟ ପ୍ରତିବନ୍ଧକଗୁଡ଼ିକୁ ମଧ୍ୟ ସେ ବର୍ଣ୍ଣନା କରିଥିଲେ। ଯେଉଁଠାରେ ହୃଦୟ ସମ୍ପୂର୍ଣ୍ଣ ଭାବେ ଭଗବାନଙ୍କ ପ୍ରତି ନିର୍ଭରଶୀଳ ହୁଏ। ଏମିତି ନିଷ୍କାମ ଓ ଅନନ୍ୟ ଭକ୍ତି ହିଁ ଭଗବାନଙ୍କ କୃପାକୁ ଆକର୍ଷିତ କରିପାରେ ଓ ପ୍ରେମରେ ସର୍ବଶକ୍ତିମାନଙ୍କୁ ବାନ୍ଧି ରଖିପାରେ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉଭୟ ଅନଲାଇନ୍ ଓ ଅଫଲାଇନ୍ ମାଧ୍ୟମରେ ପ୍ରତିଦିନ ହଜାର ହଜାର ଭକ୍ତ ସାମିଲ ହୋଇଥିଲେ।

- ସର୍ବଭାରତୀୟ ରେଳ ହିନ୍ଦୀ କୁଇଜ୍ ପ୍ରତିଯୋଗିତା

## ତୃତୀୟ ସ୍ଥାନ ହାସଲ କଲା ପୂର୍ବତଟ ରେଳପଥ



ଭୁବନେଶ୍ୱର, ୯।୨(ସମିସ): ରେଳ ବୋର୍ଡ ତତ୍ତ୍ୱାବଧାନରେ ଇଣ୍ଡିଆନ୍ ରେଲୱେ ଇନଷ୍ଟିଚ୍ୟୁଟ୍ ଅଫ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ ସିକନ୍ଦରାବାଦଠାରେ ଅନୁଷ୍ଠିତ ଆୟୋଜିତ ସର୍ବଭାରତୀୟ ରେଳ ହିନ୍ଦୀ କୁଇଜ୍ ପ୍ରତିଯୋଗିତା-୨୦୨୫ରେ ପୂର୍ବତଟ ରେଳପଥ ତୃତୀୟ ସ୍ଥାନ ହାସଲ କରିଛି। ପ୍ରତିଯୋଗିତାରେ ଭାରତୀୟ ରେଳବାଇର ବିଭିନ୍ନ ଜୋନାଲ ରେଳବାଇ ଏବଂ ଉତ୍ପାଦନ ୟୁନିଟଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ୨୮ ଟି ଦଳ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ୧୨୦ ରୁ ଅଧିକ ଅଧିକାରୀ ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ରେଳବାଇ ଅଧିକାରୀ ଏବଂ କର୍ମଚାରୀଙ୍କ ମଧ୍ୟରେ ସରକାରୀ ଭାଷା (ହିନ୍ଦୀ) ପ୍ରତି ଆଗ୍ରହକୁ ପ୍ରୋତ୍ସାହିତ କରିବା ଏବଂ ସରକାରୀ କାର୍ଯ୍ୟରେ ରାଜଭାଷାର ପ୍ରଗତିଶୀଳ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେଳ ବୋର୍ଡର ଅତିରିକ୍ତ ସଦସ୍ୟ (ମାନବ ସମ୍ବଳ) ଡା. ଭି. ଜି. ଭୂମା ମୁଖ୍ୟ ଅତିଥି ଭାବରେ ଏବଂ ନିର୍ଦ୍ଦେଶକ (ରାଜ ଭାଷା) ଡକ୍ଟର ଭି. ସୁଗୁଣା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ସଫଳତା ପାଇଁ ପୂର୍ବତଟ ରେଳପଥର ଟିମ୍‌କୁ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଫେବୃଆରୀ ୯ ରେ ସମ୍ମାନିତ କରିଥିଲେ।

**ଆମ ରାଜଧାନୀ ଆମ ଐତିହ୍ୟ**

# ରେଖା ବିମାନ ଶୈଳୀରେ ଭରତେଶ୍ୱର ମନ୍ଦିର



ଭୁବନେଶ୍ୱର, ୯।୨(ସମିସ): ଇତିହାସ ଆଉ କିମ୍ବଦନ୍ତୀରେ ଭରା ମନ୍ଦିରମାଳିନୀ ସହର ଭୁବନେଶ୍ୱର। ସହର ନୁହେଁ ତ ମନ୍ଦିରମାନଙ୍କର ପେଣ୍ଠସ୍ଥଳ। ଆଧ୍ୟାତ୍ମିକ ଚେତନାରେ ଭରପୁର ଏଇ ସହରର ପ୍ରତିଟି ଗଳିକନ୍ଦି। ସବୁଠି ଇତିହାସର ଛାପ। ପୁରାଣଠାରୁ ନେଇ ପ୍ରସ୍ତର ଯୁଗ ଯାଏଁର ଅକୁହା ଅଲିଭା ଦାଗ। ସେଥିମଧ୍ୟରୁ ଅନ୍ୟତମ ହେଉଛି ଷଷ୍ଠ ଶତାବ୍ଦୀର ଭରତେଶ୍ୱର ମନ୍ଦିର। ଏହି ମନ୍ଦିରଟି ଭଗବାନ ଶିବଙ୍କୁ ସମର୍ପିତ ଅଟେ।

ଓଡ଼ିଶାର ବହୁ ପୁରାତନ ମନ୍ଦିର ମଧ୍ୟରୁ ଭରତେଶ୍ୱର ମନ୍ଦିର ଅନ୍ୟତମ ବୋଲି ଇତିହାସ କହେ। ରେଖା ବିମାନ ଶୈଳୀରେ ପ୍ରାଥମିକ କଳିଙ୍ଗ ରାଜାଙ୍କ ଶାସନ ସମୟରେ ନିର୍ମିତ ହୋଇଥିଲା ଏହି ମନ୍ଦିର। ଶିବଙ୍କ ପ୍ରମୁଖ ପର୍ବପର୍ବଣୀ ମଧ୍ୟରୁ ଶିବରାତ୍ରିକୁ ଉତ୍ସବ ଭାବେ ପାଳନ କରାଯାଇଥାଏ। କେତେକ ଐତିହାସିକଙ୍କ ମତରେ ଷଷ୍ଠ ଶତାବ୍ଦୀ ଅର୍ଦ୍ଧ ଭାଗରେ ଶୈଳୋଦ୍ଭବ ରାଜବଂଶ ଶାସନ କାଳରେ ହିଁ ଏହି ମନ୍ଦିର ନିର୍ମିତ ହୋଇଥିଲା। ବାଲୁକା ପଥର ବ୍ୟବହାରକରି ମନ୍ଦିରଟି ନିର୍ମାଣ କରାଯାଇଛି। ମନ୍ଦିରର କାରୁକାର୍ଯ୍ୟ କାରିଗରମାନଙ୍କ ଦ୍ୱାରା ପ୍ରାଚୀନ ଶୈଳୀରେ ତିଆରି ହୋଇଥିବା ଦେଖିବାକୁ ମିଳେ। କିମ୍ବଦନ୍ତୀ ଅନୁଯାୟୀ ରାମଙ୍କ ସାନଭାଇ ଭରତ ଏଠାରେ ଶିବଲିଙ୍ଗଙ୍କୁ ପୂଜା କରିଥିଲେ। ସେଥିପାଇଁ ଏହାର ନାମ ଭରତେଶ୍ୱର ମନ୍ଦିର ରଖାଯାଇଛି। ମନ୍ଦିରର ପ୍ରବେଶ ଦ୍ୱାର ଏତେ ଛୋଟ ଯେ ଦର୍ଶନ ପାଇଁ ଶ୍ରଦ୍ଧାଳୁ ସିଧାସଳଖ ପ୍ରବେଶ କରିପାରିବେ ନାହିଁ। ଭରତେଶ୍ୱର ମନ୍ଦିର ପରିସର ମଧ୍ୟରେ ଶିବଙ୍କୁ ପୂଜା କରାଯାଉଥିବା ଆଉ ଦୁଇ ମନ୍ଦିର ମଧ୍ୟ ରହିଛି। ଯାହାକି ଲକ୍ଷ୍ମଣେଶ୍ୱର ଏବଂ ଶତ୍ରୁଘ୍ନେଶ୍ୱର ମନ୍ଦିର ଭାବେ ପରିଚିତ। ଏହି ତିନି ମନ୍ଦିର ତିନି ରଥ ଭଳି ଏକ ରେଖା ଶୈଳୀରେ ରହିଛନ୍ତି।

### ଏବେ କେମିତି ରହିଛି




ଏହି ମନ୍ଦିରଟି ବର୍ତ୍ତମାନ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି। ପର୍ଯ୍ୟାୟକ୍ରମେ ମନ୍ଦିରର କିଛି ଅଂଶକୁ ଆବଶ୍ୟକତା ଅନୁଯାୟୀ ନବୀକରଣ କରାଯାଇଛି। ଭରତେଶ୍ୱର ମନ୍ଦିରଟି ରାମେଶ୍ୱର ମନ୍ଦିରର ସମ୍ମୁଖରେ ଥିବାରୁ ଏଠାରେ ମଧ୍ୟ ସବୁ ସମୟରେ ଏଠାକୁ ପର୍ଯ୍ୟଟକଙ୍କ ଆସିଥାନ୍ତି। ଶିବରାତ୍ରି ଏହାର ପ୍ରମୁଖ ପର୍ବ ହୋଇଥିବାରୁ ସେହି ସମୟରେ ଭକ୍ତଙ୍କ ଗହଳି ଅଧିକ ଲାଗି ରହିଥାଏ। ମନ୍ଦିର ପରିସରର ଶୋଭାବୃଦ୍ଧି ପାଇଁ ଥିବା ବଗିଚାର ରକ୍ଷଣାବେକ୍ଷଣ ପାଇଁ ସ୍ଥାୟୀ କର୍ମଚାରୀ ନ ଥିବାରୁ ଅନାବନା ଗଛ ଉଠିଗଲାଣି। ଏହା ସହିତ ମନ୍ଦିରକୁ ଜଗି ରହିବାକୁ କୌଣସି କର୍ମଚାରୀ ମଧ୍ୟ ନାହାନ୍ତି। ଫଳରେ ସନ୍ଧ୍ୟା ସମୟରେ ପରିସର ମଧ୍ୟରେ କିଛି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଥିବାର ପରିଲକ୍ଷିତ ହୁଏ ବୋଲି ମନ୍ଦିରର ଜଣେ ପୂଜକ କହଥିଲେ।



## ପ୍ରେମ ସପ୍ତାହରେ ଗଡ଼ିଲା ପ୍ରେମିକର ମୁଣ୍ଡ

# ସନ୍ଦେହ ଘେରରେ ଡେଭିଲ୍ କୁଇନ୍

ଭୁବନେଶ୍ୱର, ୯।୨(ସମିସ): ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟର ନାମ ଡେଭିଲ୍ କୁଇନ୍-୭୩୪। ପ୍ରେମ ସଙ୍ଗୀତ ଓ ଅଭିନୟରେ ଆକାଉଣ୍ଟଟି ଭରିଯାଇଛି। ହେଲେ ଏହି ଡେଭିଲ୍ କୁଇନ୍ ଏବେ ସତରେ ଡେଭିଲ୍ ବେଶରେ। ତାଙ୍କ ପାଇଁ ଏକ ହତ୍ୟାକାଣ୍ଡ ଘଟିଯାଇଛି। ପ୍ରେମ ସପ୍ତାହରେ ସତ୍ୟବ୍ରତ ନାମକ ଜଣେ ଟ୍ୟାକ୍ସି ଡ୍ରାଇଭାଙ୍କ ହତ୍ୟା ହୋଇଛି। ପୁରୁଣା ପ୍ରେମିକ ନୂଆ ପ୍ରେମିକକୁ ହତ୍ୟା କରିଛି। ଏହି ହତ୍ୟା କାଣ୍ଡରେ ଯଦିଓ ଡେଭିଲ୍ କୁଇନ୍ ଓରଫ ଲିଜା କାଣ୍ଡୀଙ୍କ ସମ୍ପୃକ୍ତ ସ୍ପଷ୍ଟ ହୋଇନାହିଁ। ସତ୍ୟବ୍ରତଙ୍କ ପରିବାର ଲୋକେ ହତ୍ୟାକାଣ୍ଡର ମୁଖ୍ୟ ଖଳନାୟକ ଡେଭିଲ୍ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ପୁଲିସ ମଧ୍ୟ ତାଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା ଚଳାଇଛି।



ଅଟକ ଲିଜା

ମୃତ ସତ୍ୟବ୍ରତଙ୍କ ମାମୁଁ ରାଜେନ୍ଦ୍ର ପ୍ରସାଦ ସିଂ କହିଛନ୍ତି ଯଦି ଲିଜାଙ୍କ ଗୋଟିଏ ପ୍ରେମିକ ଥିଲା ତେବେ ସେ ଆଉ ଜଣେ ପ୍ରେମିକ କଣ ପାଇଁ ରଖୁଥିଲେ। ହତ୍ୟା ଷଡ଼ଯନ୍ତ୍ରରେ ସେ ହିଁ ସାମିଲ ରହିଛନ୍ତି। ମିଳିଥିବା ସୂଚନା ମୁତାବକ, ପୁରୁଣା ପ୍ରେମିକଙ୍କ ଘରେ ଡେଭିଲ କୁଇନ୍ ଓରଫ୍ ଲିଜା ଥିଲେ। ଏଠାକୁ ନୂଆ ପ୍ରେମିକ ସତ୍ୟବ୍ରତ କିପରି ଆସିଲେ। ଲିଜା ତାଙ୍କୁ ଡକାଇଥିଲେ। ନାଁ ସତ୍ୟବ୍ରତ ନିଜ ମନକୁ ଆସିଥିଲେ। କଣ ଲିଜା ଜାଣି ଜାଣି ତାଙ୍କୁ ସେଠାକୁ ଡକାଇଥିଲେ। ହତ୍ୟାକାଣ୍ଡରେ ଆଉ କେଉଁମାନେ ସାମିଲ ରହିଛନ୍ତି। ଏହାକୁ ନେଇ ଏବେ ସନ୍ଦେହ ଘନେଇବାରେ ଲାଗିଛି।

### ସଂଘବଦ୍ଧ ଆକ୍ରମଣ କରାଯାଇଛି

ସତ୍ୟବ୍ରତଙ୍କ ଦାଦା ଗଣମାଧ୍ୟମକୁ କହିଛନ୍ତି ସେ ଜଣେ ବଳବାନ ଯୁବକ। ତାଙ୍କୁ ଏକୁଟିଆ ହତ୍ୟା କରିବା ଅସମ୍ଭବ। ଅନ୍ତତ ୩ରୁ ୪ଜଣ ଲୋକେ ସାମିଲ ନ ହେଲେ ତାଙ୍କୁ ହତ୍ୟା କରାଯିବା ଅସମ୍ଭବ। ସପ୍ତାହ ତଳେ ମୁଦି ଓ ଚେନ୍ ଦେଇଥିଲେ ମାତ୍ର ଗୋଟିଏ ସପ୍ତାହ ତଳେ ଯୁବତୀ ଜଣଙ୍କ ଏକ ପାର୍ଟି ଆୟୋଜନ କରିଥିଲେ। ଏଥିପାଇଁ ବହୁ ଟଙ୍କା ଖର୍ଚ୍ଚ କରିଛନ୍ତି। ଏକ ଚେନ୍ ମଧ୍ୟ ଗିଫ୍ଟ କରିଛନ୍ତି। ଦୁଇଦିନ ତଳେ ସତ୍ୟବ୍ରତଙ୍କ ସହ ଝଗଡ଼ା ହୋଇଥିଲା। ଏକକଥା କୁଆଡେ ଲିଜା ତାଙ୍କ ଭଉଣୀଙ୍କୁ ଫୋନ୍ କରି କହିଥିଲେ। ଝଗଡ଼ା ଏବେ ହତ୍ୟାକାଣ୍ଡ ଲିଜାଙ୍କୁ ସନ୍ଦେହ ଘେରକୁ ଠେଲି ଦେଇଛି।

### ଦୌଡୁଥିଲେ ରକ୍ତାକ୍ତ ଅବସ୍ଥାରେ ସତ୍ୟବ୍ରତ

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଗୁରୁତର ହୋଇଥିବା ସତ୍ୟବ୍ରତ ଜୀବନ ବଞ୍ଚାଇବାକୁ ଚାହିଁଥିଲେ। ଏପରିକି ଭଡାଘରୁ ସେ ରକ୍ତାକ୍ତ ଅବସ୍ଥାରେ କିଛିବାଟ ଦୌଡି ଆସିଥିଲେ। ଦିନେଶ ଫେରାର ହୋଇଯାଇଥିବା ବେଳେ ଲିଜା କିନ୍ତୁ ସତ୍ୟବ୍ରତଙ୍କ ସହ ରହିଥିଲେ। ସେ ଆମ୍ବୁଲାନ୍ସ ଡକାଇ ସତ୍ୟବ୍ରତଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ତେବେ ହସ୍ପିଟାଲରେ ପହଞ୍ଚିବା ପରେ ସତ୍ୟବ୍ରତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।



ମୃତ ସତ୍ୟବ୍ରତ

### ଯୋଜନା କରି ହତ୍ୟା ଅଭିଯୋଗ

ସତ୍ୟବ୍ରତଙ୍କ ବଡ଼ ଭଉଣୀ ରୋଜାଲିନ ପ୍ରଧାନ କହିଛନ୍ତି, ଆମ ଭାଇକୁ କେହି ହତ୍ୟା କରିଥିବା ଖବର ମିଳିଥିଲା। ପ୍ରେମିକା ଲିଜା ଯୋଜନା କରି ସତ୍ୟବ୍ରତକୁ ହତ୍ୟା କରିଥିବା ଆମେ ଜାଣିବାକୁ ପାଉଛୁ। ଲିଜାଙ୍କ ପ୍ରେମିକ ଓ ଅନ୍ୟ କିଛିଜଣ ମୋ ଭାଇକୁ ହତ୍ୟା କରିଛନ୍ତି। ଲିଜା, ତାର ପ୍ରେମିକା ଏବଂ ତା ସହ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଧରାଯାଉ ବୋଲି ଭଉଣୀ ରୋଜାଲିନ କହିଛନ୍ତି।

### 'ମଦ ପିଆଇ ମାରିଛନ୍ତି'

ସତ୍ୟବ୍ରତଙ୍କ ବଡ଼ଭାଇ ରାଜେଶ କହିଛନ୍ତି, ଥାନାରେ ଅଟକ ଥିବା ସେ ଝିଅ ଏଥିରେ ସବୁକିଛି ଜାଣିଛି। ସେ ଝିଅର ପ୍ରେମିକା ମୋ ଭାଇକୁ ମାରିଛି ବୋଲି ଆମେ ଏବେ ଜାଣିବାକୁ ପାଉଛୁ। ରାତି ପ୍ରାୟ ୩ଟା ୪୦ ବେଳେ ମୋ ଭଉଣୀ ଏ ବିଷୟରେ ମତେ ଫୋନ କରି କହିଥିଲା। ହସ୍ପିଟାଲରେ ପହଞ୍ଚିବା ପରେ ମୃତଦେହକୁ ବ୍ୟବଚ୍ଛେଦ ଗୃହକୁ ନେଇଯାଇଥିଲେ। ଏଥିରେ ସମ୍ପୃକ୍ତ ଝିଅ ମୋ ଭାଇକୁ ମେଡିକାଲ ନେଇକି ଯାଇଥିଲା। ମୋ ଭାଇକୁ ରାତିସାରା ମଦ ପିଆଇଛନ୍ତି। ଯୋଜନାବଦ୍ଧ ଭାବେ ହତ୍ୟା କରିଛନ୍ତି। ଏହି କାଣ୍ଡ ଭିଆଇଥିବା ଅଭିଯୁକ୍ତଙ୍କୁ ଶାନ୍ତି ଦରକାର ବୋଲି ରାଜେଶ କହିଛନ୍ତି।

# ୨୦ ଫୁଟ୍ ତଳକୁ ଖସିଲା କାର୍

## ହତ୍ୟାକାଣ୍ଡ ସହ ରହିଛି ଲିଙ୍କ୍



ଭୁବନେଶ୍ୱର, ୯।୨(ସମିସ): ଶିଶୁ ଭବନ ଛକରୁ ଗଳି ପଡ଼ିଲା ଏକ କାର୍। କ୍ୟାପିଟାଲ ହସ୍ପିଟାଲରୁ ଆସୁଥିବା ଉକ୍ତ କାର୍‌ଟି ବ୍ରିଜ୍ ବାଡ ଡେଇଁ କ୍ୟାପିଟାଲ ଥାନା ଅନ୍ତର୍ଗତ ଏକ ବସ୍ତି ଘର ଉପରେ ଗଳି ପଡ଼ିଲା। ଗାଡି ମାଲିକ ଗାଡିରୁ ଡେଇଁ ପଡ଼ିଥିଲା ବେଳେ ଡ୍ରାଇଭର ଆହତ ହୋଇଥିଲେ। ଏହା ସହ ବସ୍ତିରେ ରହୁଥିବା କିଛି ଲୋକେ ମଧ୍ୟ ଆହତ ହୋଇଥିଲେ। କାର ଉଠାଇବାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ତେବେ ଶିଶୁଭବନ ଛକ ନିକଟ ମାଉସୀମା ଫ୍ଲାଇଓଭର ବ୍ରିଜରେ ହୋଇଥିବା ଛାତିଥରା କାର୍ ଦୁର୍ଘଟଣା ସହ ଏହି ହତ୍ୟାକାଣ୍ଡର ଲିଙ୍କ୍ ରହିଛି। ଦୁର୍ଘଟଣାଗ୍ରସ୍ତ କାରକୁ ମୃତ ସତ୍ୟବ୍ରତ ଚଲାଉଥିଲେ ବୋଲି ଜଣାପଡ଼ିଛି। ତେବେ ଟ୍ରେଭେଲ ଏଜେନ୍ସି ମାଲିକ ହତ୍ୟାକାଣ୍ଡ ବିଷୟରେ ସୂଚନା ପାଇ ଭୟରେ କର୍ମଚାରୀ ପଠାଇ ଉକ୍ତ କାରକୁ ନେଇଯାଉଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଦୁର୍ଘଟଣା ଘଟାଇ କ୍ୟାପିଟାଲ ଥାନାରେ ଅଟକ ଥିବା ଚାଳକଙ୍କୁ ଚନ୍ଦ୍ରଶେଖରପୁର ଥାନା ତଦନ୍ତ ପରିସରଭୁକ୍ତ କରିଛି। ସତ୍ୟବ୍ରତଙ୍କ ବଡ଼ଭାଇ ରାଜେଶ କୁମାର ପ୍ରଧାନ ଏସଂକ୍ରାନ୍ତରେ ଏତଲା ଦେଇଛନ୍ତି। ଲିଜା କାଣ୍ଡି ଏବଂ ତାଙ୍କ ପ୍ରେମିକ ଦିନବନ୍ଧୁ ନାୟକ ଓରଫ ଦିନେଶଙ୍କୁ ସେମାନେ ଏତଲାରେ ଅଭିଯୁକ୍ତ ଦର୍ଶାଇଛନ୍ତି। ଚନ୍ଦ୍ରଶେଖରପୁର ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଲିଜାଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ଏହି ଗାଡିଟିକୁ କ୍ୟାପିଟାଲ ହସ୍ପିଟାଲରୁ ମାଲିକ ନେଇ ଆସିଥିଲେ। ଗାଡିଟି ଯଦି ନିଳାଦ୍ରୀବିହାରରେ ଥିଲା ତେବେ କ୍ୟାପିଟାଲ ହସ୍ପିଟାଲ ପର୍ଯ୍ୟନ୍ତ ଆସିଲା କେମିତି। ସେଠାରୁ କ'ଣ ପାଇଁ ତରବରିଆ ଭାବେ ନିଆଯାଇଥିଲା। ଗାଡି ସହ ଜଡିତ କେଉଁ ଲୋକ ହତ୍ୟାକାଣ୍ଡ ସହ ସମ୍ପୃକ୍ତ ରହିଛି କି ନାହିଁ ସେନେଇ ତଦନ୍ତ କରାଯାଉଛି।

## ସ୍କୁଲରୁ ନିଖୋଜ ଛାତ୍ରୀ ଡାକ୍ତରଖାନାରେ ଠାବ

ଭୁବନେଶ୍ୱର, ୯।୨ (ସମିସ): ସ୍କୁଲରୁ ନିଖୋଜ ହୋଇଥିବା ଛାତ୍ରୀ ହସ୍ପିଟାଲରେ ଠାବ ହୋଇଛନ୍ତି। ଭରତପୁର ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଛାତ୍ରୀ ଜଣକ ହେଉଛନ୍ତି ଅଙ୍କିତା ବାରିକ (୧୩)। ଅଭିଯୋଗ ଅନୁଯାୟୀ, ଭୁବନେଶ୍ୱର ଡିସିପି ଅଫିସରେ କାର୍ଯ୍ୟରତ କନେଷ୍ଟବଳ କାଳନ୍ଦୀ ବାରିକ ଭିମଟାଙ୍ଗୀ ଅଞ୍ଚଳରେ ରହୁଛନ୍ତି। ତାଙ୍କ ଝିଅ କଳିଙ୍ଗନଗର ଅଞ୍ଚଳରେ ଥିବା ଏକ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି। ଅଙ୍କିତା ସବୁଦିନ ଭଳି ସୋମବାର ମଧ୍ୟ ସ୍କୁଲ ଯାଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ଘରକୁ ଫେରିନଥିଲେ। ପରିବାର ଲୋକ ସ୍କୁଲକୁ ଯାଇ ବୁଝାସୁଝା କରିବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା। ଝିଅକୁ ନପାଇ କାଳନ୍ଦୀ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ମିଳି ନ ଥିଲା। ରାତି ପ୍ରାୟ ୧୦ଟା ବେଳକୁ ଅଙ୍କିତା କ୍ୟାପିଟାଲ ହସ୍ପିଟାଲରେ ଥିବା ପୁଲିସକୁ ଖବର ମିଳିଥିଲା। ଖବରପାଇ ପୁଲିସ ଓ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିଥିଲେ। ତେବେ ସେ ଆହତ ହୋଇଥିବାରୁ ତାଙ୍କର ଚିକିତ୍ସା ଜାରି ରହିଛି। ତେବେ ସେ କ'ଣ ପାଇଁ ଓ କିପରି ସ୍କୁଲରୁ ଆସିଲେ, ତାହା ଜଣାପଡ଼ିନାହିଁ।



ଆଚାର୍ଯ୍ୟ ବିହାର ଆର୍‌ଟିଓ ଅଫିସ ସମ୍ମୁଖରେ ଅନଲାଇନ୍ ଅଟୋ ଚାଳକ ସଂଘ ପକ୍ଷରୁ ବିକ୍ଷୋଭ

### ଶ୍ରୀଲିଙ୍ଗରାଜଙ୍କ ଜାଗର ପାଇଁ ସମୀକ୍ଷା

## ନକଲି ପାସ୍‌ଧାରୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୯ ।୨(ସମିସ): ଲିଙ୍ଗରାଜ ମହାପ୍ରଭୁ ଜାଗର ଯାତ୍ରାକୁ କେବଳ ରାଜ୍ୟ କିମ୍ବା ଦେଶ ନୁହେଁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ରହୁଥିବା ଶିବଭକ୍ତମାନେ ଚାହିଁ ରହିଥାନ୍ତି। ଜାଗର ଯାତ୍ରା ଭଳି ମହୋତ୍ସବ କେବଳ ଜଣଙ୍କ ଉଦ୍ୟମରେ କେବେ ବି ସମ୍ଭବ ନୁହେଁ, ଏଥିପାଇଁ ସେବାୟତ ସମୂହ, ନିଯୋଗ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, ମହାନଗର ନିଗମ, ଅଗ୍ନିଶମ ସେବା, ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜାଗର ଅବସରରେ ନକଲି ପାସ୍‌ଧାରୀ ସେବାୟତ ଏବଂ ଅନ୍ୟ ଲୋକମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆଇନ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଲିଙ୍ଗରାଜ ମହାପ୍ରଭୁଙ୍କ ଶୃଙ୍ଖଳିତ ରୀତିନୀତିସମ୍ପନ୍ନ ସହ ଜାଗର ଯାତ୍ରାକୁ ସଫଳ କରିବା ନେଇ ବିଭିନ୍ନ ବିଭାଗ, ନିଯୋଗ ଏବଂ ସେବାୟତ ପ୍ରତିନିଧିଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମନ୍ଦିର ପରିସର ସଫେଇ ବ୍ୟବସ୍ଥା, ଆଲୋକୀକରଣ, ବାରିକେଟିଂ, ପାର୍କିଂ, ପରିମଳ, ପାନୀୟ ଜଳ ବ୍ୟବସ୍ଥା, ଭକ୍ତଙ୍କ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ଛାୟାକରଣ ଓ ପବନ ଚଳାଚଳ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ଭିଡ ଓ ଟ୍ରାଫିକ୍ ପରିଚାଳନା, ମନ୍ଦିର ତଥା ଆଖପାଖ ଅଞ୍ଚଳର ସାଜସଜ୍ଜା, କଣ୍ଟ୍ରୋଲ ରୁମ୍, ସିସିଟିଭି ବ୍ୟବସ୍ଥା ଏବଂ ଗଣମାଧ୍ୟମ ଜରିଆରେ ସୁଚାରୁ ରୂପେ ଏହାର ପ୍ରସାରଣ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଦେବୋତ୍ତର କମିଶନର ଲଳାଟେନ୍ଦୁ ଜେନା, ଦ୍ୱୈତ ନଗରୀ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ରମେଶ କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଲୁଟ୍ ଅଭିଯୋଗରେ ୩ ଗିରଫ



ଭୁବନେଶ୍ୱର, ୯।୨ (ସମିସ): ଲୁଟ୍ କରିଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ପଥରବନ୍ଧ ବସ୍ତିର ରାଜଦୀପ ସିଂ ଓରଫ୍ ଦିପୁ (୩୨), ମାନସ ସିଂ (୨୩) ଓ ସୁନିଲ ସିଂ (୨୦)। ପୁଲିସ ସୂଚନାନୁସାରେ, ଝାରପଡ଼ାର ଏସକେ ସୁଲତାନ ଅଲ୍ଲୀ ଗତ ୫ ତାରିଖ ସନ୍ଧ୍ୟାରେ ସତସଙ୍ଗ ବିହାର ନିକଟରେ ମୋବାଇଲ ଫୋନରେ କଥାବାର୍ତ୍ତା ହେଉଥିଲେ। ସେହି ସମୟରେ ରାଜଦୀପ, ମାନସ ଓ ସୁନିଲ ଆସି ତାଙ୍କ ମୋବାଇଲ୍ ଫୋନ୍? ଛଡ଼ାଇ ନେଇ ଟଙ୍କା ଦେବାକୁ କହିଥିଲେ। ସୁଲତାନ ରାଜି ନ ହେବାରୁ ଅଭିଯୁକ୍ତମାନେ ତାଙ୍କ ପକେଟରୁ ୫ ହଜାର ଟଙ୍କା ଛଡ଼ାଇ ନେଇ ଫେରାର ହୋଇ ଯାଇଥିଲେ। ସୁଲତାନ ଏନେଇ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ରାଜଦୀପ, ମାନସ ଓ ସୁନିଲକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## ପିସିଆର୍ ଡ୍ରାଇଭର ଚାକିରି ନାଁରେ ଠକେଇ; ଧୂର୍ତ୍ତ ଗିରଫ

ଭୁବନେଶ୍ୱର, ୯।୨ (ସମିସ): ପିସିଆରରେ ଡ୍ରାଇଭର ଚାକିରି ଆଳରେ ଟଙ୍କା ଠକି ନେଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହି ତାରିଣୀ ନଗରରେ ରହୁଥିବା ସୁନିଲ କୁମାର ନାୟକ (୨୬)। ପୁଲିସ ସୂଚନା ଅନୁଯାୟୀ, ସୁନିଲ ପିସିଆର ଭ୍ୟାନରେ ଡ୍ରାଇଭର ଚାକିରି କରାଇଦେବ ବୋଲି କହି ତାପସ ସାହୁଙ୍କ ଠାରୁ ୧୦ ହଜାର ଟଙ୍କା ନେଇଥିଲା। ଟଙ୍କା ନେବାର ୩ ମାସ ପରେ ମଧ୍ୟ ନିଯୁକ୍ତି ଦେଇନଥିଲା କି ଟଙ୍କା ମଧ୍ୟ ଫେରାଇ ନଥିଲା। ସୁନିଲ୍ ଟଙ୍କା ଫେରସ୍ତ କରିବା ଲାଗି ତାପସଙ୍କୁ ଜୟଦେବ ବିହାରର ଟିଟିଡି କଲ୍ୟାଣ ମଣ୍ଡପ ନିକଟକୁ ଡାକିଥିଲା। ତାପସ ଓ ତାଙ୍କ ବଡ଼ ଭାଇ ଦୀପୁ ଆସି ସେଠାରେ ପହଞ୍ଚିଥିଲେ। ଟଙ୍କା ଫେରାଇବା ଲାଗି କହିବାରୁ ସୁନିଲ ଓ ତାର ସହଯୋଗୀମାନେ ଦୁଇ ଭାଇଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଭୟଭୀତ କରି ସେମାନଙ୍କ ଠାରୁ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ। ତାପସଙ୍କ ଅଭିଯୋଗ ଆଧାରରେ ସହିଦନଗର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ସୁନିଲକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ମୋବାଇଲ ଫୋନଟିକୁ କମ ଦାମରେ ବିକ୍ରି

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

ଖାଲି ପଦବୀ ସଂଖ୍ୟା: 2273
(ବ୍ୟାକଲଗ୍ ଖାଲି ପଦବୀ ସହିତ)

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://sbi.bank.in/web/careers/current-openings ରେ ବିଜ୍ଞାପନ ନମ୍ବର CRPD/CBO/2025-26/18 ଅଧୀନରେ ଉପଲବ୍ଧ। ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.01.2026 ରୁ 18.02.2026 ପର୍ଯ୍ୟନ୍ତ।

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ https://sbi.bank.in/web/careers/current-openings.

ସ୍ଥାନ: ମୁମ୍ବାଇ
ତାରିଖ: 30.01.2026
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

## ତରିକା ବଦଳାଉଛନ୍ତି ଲୁଟେରା

# ପର୍ଯ୍ୟଟକଙ୍କୁ ସାଇବର୍ ଠକଙ୍କ ଟାର୍ଗେଟ

ଭୁବନେଶ୍ୱର, ୯।୨ (ସମିସ): ରାଜ୍ୟରେ ସାଇବର ଠକେଇ ଜନିତ ଅପରାଧ ବଢ଼ିବାରେ ଲାଗିଛି। ଋତୁ ବଦଳିବା ସହ ତରିକା ବଦଳାଉଛନ୍ତି ଠକ। ବର୍ଷ ତମାମ ନିଯୁକ୍ତି, ନିବେଶ, ଡିଜିଟାଲ ଆରେଷ୍ଟ ଓ ଅନ୍ୟାନ୍ୟ ଆଳରେ କୋଟି କୋଟି ଟଙ୍କା ଠକି ନେଇଥିବା ବେଳେ ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କୁ ଟାର୍ଗେଟ କରୁଛନ୍ତି ଅଦୃଶ୍ୟ ଠକ। ହୋଟେଲ୍ ବୁକିଂ ଆଳରେ ଲକ୍ଷ ଲକ୍ଷ ଟଙ୍କା ଉଡ଼ାଇ ନେଉଛନ୍ତି।

ଅକ୍ଟୋବରରୁ ଫେବୃଆରୀ ଯାଏଁ ପର୍ଯ୍ୟଟନ ଋତୁ ହୋଇଥିବାରୁ ଲୋକମାନେ ବୁଲାବୁଲି କରିବାକୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଯାଉଛନ୍ତି। ସେଠାରେ ପହଞ୍ଚିବା ପୂର୍ବରୁ ରହିବାର ବନ୍ଦୋବସ୍ତ କରୁଛନ୍ତି। ସେଥିପାଇଁ ବିଭିନ୍ନ ୱେବସାଇଟକୁ ଯାଇ ହୋଟେଲ ବୁକିଂ କରୁଛନ୍ତି। ଆଉ ସାଇବର ଠକ ମାନେ ଏହାର ଭରପୁର ଫାଇଦା ଉଠାଉଛନ୍ତି। ବିଶେଷକରି ପୁରୀରେ ହୋଟେଲ୍ ବୁକିଂ କରୁଥିବା ଲୋକମାନେ ସାଇବର ଠକେଇର ଶିକାର ହେଉଛନ୍ତି। ନକଲି ୱେବସାଇଟ୍ ଖୋଲି ପର୍ଯ୍ୟଟକଙ୍କୁ କମ୍ ଦାମରେ ସମୁଦ୍ର ମୁହାଁ ହୋଟେଲ୍ ରୁମ୍ ସହିତ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ବୁଲେଇ ନେବା ପାଇଁ ବିଜ୍ଞାପନ ଦେଉଛନ୍ତି। କମ୍ ଖର୍ଚ୍ଚରେ ହୋଟେଲ ରୁମ୍ ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାର ସୁଯୋଗ ଥିବା ଭାବି ପର୍ଯ୍ୟଟକମାନେ ହୋଟେଲ ରୁମ୍ ବୁକିଂ କରୁଛନ୍ତି। କେବଳ ଏତିକି ନୁହେଁ, ଅଦୃଶ୍ୟ ଠକ ମାନେ କେତେକ ପ୍ରମୁଖ ହୋଟେଲ ଫଟୋକୁ ନେଇ ନକଲି ୱେବ୍ ସାଇଟ୍ ତିଆରି କରୁଛନ୍ତି। ପର୍ଯ୍ୟଟକମାନେ ରୁମ୍ ବୁକିଂ କରିବା ବେଳେ ଅସଲି କି ନକଲି ୱେବସାଇଟ୍ ଜାଣି ନ ପାରି ଟଙ୍କା ପୈଠ କରୁଛନ୍ତି। ଏହି ଟଙ୍କା ସିଧାସଳଖ ସାଇବର ଠକଙ୍କ ଆକାଉଣ୍ଟକୁ ଯାଉଛି।

ସେପଟେ ଗତବର୍ଷ କ୍ରାଇମବ୍ରାଞ୍ଚର ସୋସିଆଲ ମିଡିଆ ସେକ୍ସନକୁ ୪୭୦ରୁ ଅଧିକ ନକଲି ହୋଟେଲ ୱେବସାଇଟ୍ ନାମରେ ଠକେଇ ଅଭିଯୋଗ ଆସିଥିଲା। ବର୍ଷ ଶେଷ ସୁଦ୍ଧା ସେଥିରୁ ୩୩୬ଟି ନକଲି ୱେବସାଇଟକୁ ବ୍ୟାନ କରାଯାଇଛି।



- ହୋଟେଲ୍ ବୁକିଂ କରିବାକୁ ଯାଇ ଫସୁଛନ୍ତି
- ବର୍ଷକରେ ବ୍ୟାନ୍ ହୋଇଛି ୩୩୬ ନକଲି ୱେବସାଇଟ୍

### ଠକେଇ କରୁଛନ୍ତି କେମିତି

ସାଇବର ଠକମାନେ ପୁରୀର ନୀଳାଦ୍ରି ଓ ପୁରୁଷୋତ୍ତମ ଭକ୍ତ ନିବାସ ନାମରେ ନକଲି ୱେବସାଇଟ୍ ତିଆରି କରୁଛନ୍ତି। ସେହି ୱେବସାଇଟ ମାଧ୍ୟମରେ ଭକ୍ତମାନଙ୍କୁ ମୋବାଇଲ୍ ନମ୍ବର ଓ ୱାଟସଆପ୍ ଜରିଆରେ ଯୋଗାଯୋଗ କରୁଛନ୍ତି। ନୀଳାଦ୍ରି ଓ ପୁରୁଷୋତ୍ତମ ଭକ୍ତ ନିବାସରେ ରହଣୀ ସୁନିଶ୍ଚିତ କରିବା ନାମରେ ଅନଲାଇନ୍ ମାଧ୍ୟମରେ ଟଙ୍କା ଜମା କରିବାକୁ କହୁଛନ୍ତି। ପର୍ଯ୍ୟଟକମାନେ ସହଜରେ ସେହି ୱେବସାଇଟକୁ ବିଶ୍ୱାସ କରି ନେଉଛନ୍ତି। ସାଇବର ଠକମାନେ ବୁକିଂ ଆଳରେ ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି।





# ଆବର୍ଜନା କୁଣ୍ଡ ପାଲଟିଛି 'ମାଣିବନ୍ଧ ପୁଷ୍କରିଣୀ'

## ଭର୍ତ୍ତି ହୋଇଛି ପ୍ଲାଷ୍ଟିକ ବୋତଲ ଓ ପଲିଥିନ୍

ଭୁବନେଶ୍ୱର, ୯।୨(ସମିସ): ଜଳାଶୟରେ ଭର୍ତ୍ତି ହୋଇଛି କୁଢ଼ କୁଢ଼ ଆବର୍ଜନା। ପ୍ଲାଷ୍ଟିକ୍ ବୋତଲ ଓ ଗଦା ଗଦା ପଲିଥିନ୍ ଭିତରେ ହଜି ଯାଇଛି ପାଣିର ସତ୍ତା। କେବଳ ସେତିକି ନୁହେଁ ଯିଏ ଯାହା ପାରିଲା ଏଠାରେ ପକାଇଲା। ମଲା ଜୀବଜନ୍ତୁଙ୍କ ମୃତଦେହ ଠାରୁ ଆରମ୍ଭ କରି ଠାରୁ ଆବର୍ଜନା ପକାଇବା ଦ୍ୱାରା ପାଣିର ରଙ୍ଗ ବଦଳି କଳା ହୋଇଛି। ଏହାସହ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଚାରିପାଖରେ ଅନାବନା ଗଛ ସାଙ୍ଗକୁ ବଣବୁଦା ରହିଥିବାରୁ ପୋଖରୀ ଭିତରେ ବାସ କରୁଛନ୍ତି ବିଷାକ୍ତ ଜୀବଜନ୍ତୁ। ଆବର୍ଜନା ଗୁଡ଼ିକ ଜମା ହୋଇ ପଚି ଯିବାରୁ ପାଣି ବି ନଷ୍ଟ ହେବା ସାଙ୍ଗକୁ ଚାରିପାଖ ପଙ୍କ କାଦୁଅରେ ଭର୍ତ୍ତି ହୋଇଛି। ଏଭଳି ପରିତ୍ୟକ୍ତ ଅବସ୍ଥାରେ ରହିଛି ପାତ୍ରପଡ଼ାସ୍ଥିତ ୧୦୦ ବର୍ଷ ପୁରୁଣା ମାଣିବନ୍ଧ ପୋଖରୀ।

ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର ୬୫ର ପାତ୍ରପଡ଼ାରେ ରହିଛି ଏହି ପୁରାତନ ଜଳାଶୟ। ପ୍ରାୟ ୨ଏକର ପରିମିତ ଜାଗାରେ ରହିଥିବା ଏହି ଜଳାଶୟ ସ୍ଥାନୀୟ ଅଞ୍ଚଳର ଏକ ପରିଚୟ ପାଲଟିଥିଲା। ଗାଁ ଲୋକଙ୍କ ଗାଧୁଆ ଠାରୁ ଆରମ୍ଭ କରି ରୋଷେଇ ଆଦି କାର୍ଯ୍ୟରେ ବ୍ୟବହୃତ ହେଉଥିଲା ଏହି ପୁଷ୍କରିଣୀର ପାଣି। କେବଳ ସେତିକି ନୁହେଁ ଜନ୍ମ ଏବଂ ମୃତ୍ୟୁ ସମୟରେ ସମସ୍ତ କର୍ମ କରିବାକୁ ଗ୍ରାମବାସୀ ଏହି ପୋଖରୀକୁ ନିର୍ଭର କରିଥାନ୍ତି। ଧିରେ ଧିରେ ପୋଖରୀ ପାଣି ନିଷ୍କାସନ ନହେବାରୁ ପାଣି ପଚି ନଷ୍ଟ



ହୋଇଯିବା ସହିତ ତାହା ପାଲଟିଗଲା ଆବର୍ଜନା କୁଣ୍ଡ। କିନ୍ତୁ ଏହି ପୋଖରୀଟି ଏମସ୍ ହସ୍ପିଟାଲ ନିକଟରେ ରହିଥିବାରୁ ଦୂରଦୁରାନ୍ତରୁ ଚିକିତ୍ସା ପାଇଁ ଆସି ମାସ ମାସ ଧରି ହସ୍ପିଟାଲ ବାରଣ୍ଡାରେ ରହୁଥିବା ରୋଗୀଙ୍କ ସମ୍ପର୍କୀୟମାନେ ଶୌଚ କରିବାକୁ ଆସିଥାନ୍ତି। ରାଜ୍ୟ ତଥା ବିଭିନ୍ନ ଜିଲ୍ଲାରୁ ଗରିବ ଲୋକମାନେ ଆସୁଥିବାରୁ ହସ୍ପିଟାଲ ବାହାରେ ରାତି କଟାଇଥାନ୍ତି। ଏମିତିକି ସ୍ଥାନୀୟ ଶୌଚାଳୟରେ ପ୍ରବଳ ଭିଡ଼ ହେଉଥିବାରୁ ଲାଇନ୍‌ରେ ଛିଡ଼ା ନହୋଇ ଏହି ପୋଖରୀ ଶୌଚ ପାଇଁ ଆସିଥାନ୍ତି। ହେଲେ ପୋଖରୀ ପାଣି ନଷ୍ଟ ହୋଇଥିବା ବେଳେ ପାଣିରୁ ଦୁର୍ଗନ୍ଧ ମଧ୍ୟ ବାହାରୁଥିବା ଦେଖିବାକୁ ମିଳିଛି। ବହୁ ବର୍ଷ ଧରି ପୋଖରୀ ପାଣି ସଫା କରାଯାଇନଥିବାରୁ ତାହା ବ୍ୟବହାରଯୋଗ୍ୟ ହୋଇ ନାହିଁ। ତା ସାଙ୍ଗକୁ ନିୟମିତ ଭାବେ ଏଠାରେ କୁଢ଼ କୁଢ଼ ଆବର୍ଜନା ପକାଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ପୋଖରୀଟି ରାସ୍ତା କଡ଼ରେ ରହିଥିବାରୁ ଅନେକ ସମୟରେ ରାସ୍ତାରେ ଯାଉଥିବା ଲୋକେ ଗାଡ଼ି ଅଟକାଇ ଏଠାରେ ଅଳିଆ ପକାଉଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ଫଳରେ ଏହି ପାଣି ସମ୍ପୂର୍ଣ୍ଣ ନଷ୍ଟ ହେଉଥିବା କୁହାଯାଉଛି। ପୋଖରୀ ଚାରିପାଖରେ ପାଚେରି ନଥିବାରୁ ଆବର୍ଜନା ପକାଇବାକୁ ସହଜ ହେଉଛି। ସେହିପରି ଏଠାରେ ଏକମାତ୍ର ତୁଠ ରହିଛି, ତାହା ବି ଭାଙ୍ଗିରୁଜି ଯାଇଥିବାରୁ ସୁରକ୍ଷିତ ନୁହେଁ। ଏଥିପ୍ରତି କଟକଣା କରାଯାଉନଥିବାରୁ ପୋଖରୀ ପାଣି ବ୍ୟବହାର କରି ଚର୍ମରୋଗର ଶିକାର ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ପୋଖରୀର ପୁନରୁଦ୍ଧାର କରିବାକୁ ସ୍ଥାନୀୟ ବ୍ୟବସାୟୀଙ୍କ ସମେତ ଅଞ୍ଚଳବାସୀ ନିବେଦନ କରିଛନ୍ତି। ଏନେଇ ୱାର୍ଡର କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ କହିଛନ୍ତି ଯେ, ପୂର୍ବ ସରକାରଙ୍କ ସମୟରେ ଅଞ୍ଚଳର ୨ଟି ପୁଷ୍କରିଣୀ ପୁନରୁଦ୍ଧାର ହୋଇଥିବା ବେଳେ ଉକ୍ତ ପୁଷ୍କରିଣୀ ଓ ରାସ୍ତା ଚଉଡ଼ା ପାଇଁ ଲିଖିତ ଭାବେ ଦିଆଯାଇଥିଲା। ହେଲେ ସରକାର ବଦଳିଲା ପରେ ଏଯାଏ କୌଣସି ଯୋଜନା ହୋଇନାହିଁ। ପୁନର୍ବାର ଲିଖିତ ଭାବେ ଦିଆଯିବ। ମୋର କାର୍ଯ୍ୟକାଳ ମଧ୍ୟରେ ଅଞ୍ଚଳର ସମସ୍ତ ପୁଷ୍କରିଣୀ ପୂର୍ବଭଳି ଲୋକମାନଙ୍କ ବ୍ୟବହାରଯୋଗ୍ୟ କରାଇବା ମୋର ଲକ୍ଷ୍ୟ ରହିଛି।

## ବିବେକାନନ୍ଦ ପବ୍ଲିକ ସ୍କୁଲ୍‌ର ବାର୍ଷିକ ଉତ୍ସବ




ଧଉଳି, ୯।୨(ସମିସ): ବାଳକାଟି ଜାମୁତୋଟାସ୍ଥିତ ବିବେକାନନ୍ଦ ପବ୍ଲିକ ସ୍କୁଲର ୧୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ସମ୍ପାଦକ ଅଭିରାମ ସାହୁଙ୍କ ଅଧ୍ୟକ୍ଷତାରେ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଭକ୍ତବତ୍ସଳ ମହାପାତ୍ର, ମୁଖ୍ୟବକ୍ତା ଭାବେ ଚଳଚ୍ଚିତ୍ର ସଂଳାପ ଲେଖକ ଡଃ ରଜନୀ ରଞ୍ଜନ ଦାଶ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ଅଜୟ କୁମାର ଦାଶ, ଶିକ୍ଷାବିତ ଜୟନ୍ତ କୁମାର ମହାନ୍ତି, ହାସ୍ୟ ଅଭିନେତା ପ୍ରଜ୍ଞା ଖଟୁଆ, ଓଡ଼ିଆ କଣ୍ଠଶିଳ୍ପୀ ଭାଗ୍ୟଶ୍ରୀ ମହାନ୍ତି, ସ୍ଥାନୀୟସମିତି ସଭ୍ୟ ଗଙ୍ଗାଧର ମାହାରୀ, ନାଏବ ସରପଞ୍ଚ ଅରୁଣ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲର ସମସ୍ତ ପିଲାମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସଭାପତି କୃଷ୍ଣ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟ କମିଟିର ସଭ୍ୟ ସନ୍ତୋଷ କୁମାର ସାହୁ, ବସନ୍ତ କୁମାର ସ୍ୱାଇଁ, ପ୍ରଦୀପ୍ତ କୁମାର ଦାଶ, ବର୍ଷାରାଣୀ ସହଯୋଗ କରିଥିଲେ।

## 'ସିନ୍ଧୁଜା'ର ବାର୍ଷିକୋତ୍ସବ



ଭୁବନେଶ୍ୱର, ୯।୨(ସମିସ): ମାସିକ ଫିଚରଧର୍ମୀ ମହିଳା ପତ୍ରିକା 'ସିନ୍ଧୁଜା'ର ୧୪ ତମ ବାର୍ଷିକ ଉତ୍ସବ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ଅତିଥିଭାବେ ଅବସରପ୍ରାପ୍ତ ଆଇଏଏସ୍ ତଥା ରାଜ୍ୟ ଅର୍ଥ କମିସନର ଅଧ୍ୟକ୍ଷ ଡ. ଅରୁଣ ପଣ୍ଡା, ବରିଷ୍ଠ ଆଇପିଏସ୍ ଅମିତାଭ ଠାକୁର ଓ ଅଭିନେତ୍ରୀ ପିଙ୍କି ପ୍ରଧାନ ପ୍ରମୁଖ ଯୋଗଦେଇ ମହିଳା ସଶକ୍ତୀକରଣ ଉପରେ ଆଲୋଚନା କରିଥିଲେ। ସାହିତ୍ୟିକା ଡ. ଅର୍ଚ୍ଚନା ନାୟକଙ୍କ ସଭାପତିତ୍ୱରେ କରିଥିଲେ। ନାରୀଶିକ୍ଷା ଓ ସଚେତନତା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫ ଜଣଙ୍କୁ ସିନ୍ଧୁଜା ସମ୍ମାନ-୨୦୨୬ରେ ସମ୍ମାନିତ କରାଯାଇଛି। ସିନ୍ଧୁଜା ଗଳ୍ପ ସମ୍ମାନ ଡ. ଗଣେଶ୍ୱର ଜେନା, ସନ୍ଧୁଜା କବିତା ସମ୍ମାନ ଅଖିଳ କୁମାର ମିଶ୍ର, ପ୍ରବନ୍ଧ ସମ୍ମାନରେ ରୂପାଲି ମହାରଣା, କର୍ପୋରେଟ ସମ୍ମାନରେ ସୁଧୀ ରଞ୍ଜନ ମିଶ୍ର ଓ ସିନ୍ଧୁଜା ସେବା ସମ୍ମାନ ଦେବଯାନୀ ଦାସଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଜାତୀୟସ୍ତରୀୟ ଆଲୋଚନାଚକ୍ର 'ଗ୍ରାମାଞ୍ଚଳର ବିକାଶରେ ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା' ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଡ. ମନୋରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅଲୋଚକ ଭାବେ ଦେବଯାନୀ ଦାସ ଏବଂ ସେବିକା ସଂଯୁକ୍ତା ଭୂତିଆ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଶେଷରେ ସୁରେଶ ଦାସ, ପ୍ରେମଚାନ୍ଦ ନାୟକ ଓ ଇତିଶ୍ରୀ ପ୍ରମୁଖ ଗୀତ ଗାଇଥିଲା ବେଳେ ବିମଳ ଦାସ ମ୍ୟାଜିକ ପ୍ରଦର୍ଶନ କରିଥିଲେ। ସିନ୍ଧୁଜାର ସମ୍ପାଦିକା ଶର୍ମିଳା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଓଡ଼ିଶା ପରିବେଶ ସମିତି ପକ୍ଷରୁ ଆଲୋଚନାଚକ୍ର

ଭୁବନେଶ୍ୱର, ୯।୨(ସମିସ): ଓଡ଼ିଶା ପରିବେଶ ସମିତି ପକ୍ଷରୁ 'ଆଜି ଆମେ ନିଶ୍ୱାସ ନେଉଥିବା ବାୟୁ କେତେ ସୁରକ୍ଷିତ? ଏକ ନୀରବ ଘାତକ ଭାବରେ ବାୟୁ ପ୍ରଦୂଷଣର ଏକ ସମୀକ୍ଷା' ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏହି ଅବସରରେ ସିଏସଆଇଆର-ଆଇଆଇଏମଟିର ମୁଖ୍ୟ ବୈଜ୍ଞାନିକ ଡ. ତୃପ୍ତି ଦାସ ଯୋଗଦେଇ କହିଛନ୍ତି, ବାୟୁ ପ୍ରଦୂଷଣର ପ୍ରମୁଖ ଉତ୍ସ ହେଉଛି ଶିଳ୍ପ ନିର୍ଗମନ, ଯାନବାହନ ନିର୍ଗମନ, ନିର୍ମାଣ କାର୍ଯ୍ୟ ଏବଂ କଠିନ ଆବର୍ଜନା ଏବଂ ନଡ଼ା ପୋଡ଼ିବା।

ସାରା ବିଶ୍ୱରେ ବାୟୁ ଗୁଣବତ୍ତାର ଅବନତି ସହିତ ବହୁ ସଂଖ୍ୟକ ଭୟଙ୍କର ରୋଗ ଜଡିତ ଥିବା ଜଣାପଡ଼ିଛି। ସେ ଶୀତ ଋତୁରେ ଦେଶର ବିଭିନ୍ନ ଅଂଶ ଏବଂ ଆମ ରାଜ୍ୟରେ ବାୟୁ ଗୁଣବତ୍ତା ସୂଚକାଙ୍କ ଅତ୍ୟନ୍ତ ଖରାପ ହେବାର କାରଣ ବିଷୟରେ ମଧ୍ୟ ବ୍ୟାଖ୍ୟା କରିଥିଲେ। ସମିତିର ସଚିବ ଇଞ୍ଜିନିୟର ମନୋରଞ୍ଜନ ମିଶ୍ର ତାଙ୍କ ସ୍ୱାଗତ ଭାଷଣ ଦେଇଥିଲେ। ସମିତିର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ମଧ୍ୟ ଏଥିରେ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଆଇଆଇଏମଟିର ନଗର ନିଗମ ସହିତ ରାଜଧାନୀ ଭୁବନେଶ୍ୱର ଏବଂ ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକର ବାୟୁ ଗୁଣବତ୍ତା ମୂଲ୍ୟାଙ୍କନ ଏବଂ ଏହାର ଉନ୍ନତି ପାଇଁ ଏକ ପାଇଲଟ୍ ପ୍ରକଳ୍ପ ହାତକୁ ନେଇପାରେ ବୋଲି ପ୍ରସ୍ତାବ ଦେଇଥିଲେ। ସେମିନାରରେ ସମିତିର ଉପାଧ୍ୟକ୍ଷ ଡ. ଲାଲା ଏ.କେ. ସିଂହ ଅଧ୍ୟକ୍ଷତା କରିଥିଲେ। ଡ. ସେବା ମହାପାତ୍ର, ପ୍ରଫେସର ବି.ଏସ୍ ପାତ୍ର, ଇଞ୍ଜିନିୟର ସୁରେଶ ମହାରଣା, ଡା. ଶରତ ଚନ୍ଦ୍ର ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିଦ୍ୟାର୍ଥୀମାନେ ଦେଶ ଗଠନରେ ପ୍ରମୁଖ ଭୂମିକା ନିଅନ୍ତୁ: ଡ. ତିରୁପତି ପାଣିଗ୍ରାହୀ



ଭୁବନେଶ୍ୱର, ୯।୨(ସମିସ): ରାଜଧାନୀ ସରକାରୀ ମହାବିଦ୍ୟାଳୟର ରାଜଧାନୀ ଷ୍ଟୁଡେଣ୍ଟ ୟୁନିଟି ପକ୍ଷରୁ 'ରାଜଧାନୀ ଫେଷ୍ଟ ୨୦୨୬' ଉତ୍ସବ ମହାସମାରୋହରେ ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଛନ୍ତି, ବିଦ୍ୟାର୍ଥୀମାନେ ଦେଶକୁ ସଂସ୍କୃତି ସମ୍ପର୍ଣ୍ଣ, ଗୁଣିବାନ ଓ ବିକଶିତ କରିବା ଦିଗରେ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରନ୍ତୁ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସ ନାୟକଙ୍କ ସମେତ ବହୁ ଅତିଥି ଯୋଗ ଦେଇଥିଲେ। ବିଦ୍ୟାର୍ଥୀମାନେ ଓଡ଼ିଶାର ପାରମ୍ପରିକ ନୃତ୍ୟ, ସଙ୍ଗୀତ ପରିବେଷଣ କରି ଦର୍ଶକମାନଙ୍କ ମନ ମୋହିଥିଲେ।

## 'ରମାଦେବୀ'ରେ ଦୁଇଦିନିଆ ନେତୃତ୍ୱ ପ୍ରଶିକ୍ଷଣ



ଭୁବନେଶ୍ୱର, ୯।୨(ସମିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ (ଏସଏସଇପିଡି), ବ୍ଲାଇଣ୍ଡ ପିପଲ୍ସ ଆସୋସିଏସନ୍, ରେଭେନ୍ସା ଭିନ୍ନକ୍ଷମ ଛାତ୍ର ସଂଘ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ 'ଦୃଷ୍ଟିହୀନ ଓ ଅଳ୍ପଦୃଷ୍ଟି ସମ୍ପନ୍ନ ବ୍ୟକ୍ତିମାନଙ୍କ ପାଇଁ କ୍ଷମତା ନିର୍ମାଣ ଓ ନେତୃତ୍ୱ' ବିଷୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ଏହି ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଡ.ଭୂଷଣ ପୁନାନୀ ଦିବ୍ୟାଙ୍ଗଙ୍କ ଅଧିକାର ଆଇନ-୨୦୧୬ ଉପରେ ଆଲୋଚନା କରିଥିବା ବେଳେ ଡ. ଭାରତକୁମାର ଯୋଶୀ ସମୟ ପରିଚାଳନା ଓ କ୍ୟାମ୍ପସ୍ ଠାରୁ କର୍ପୋରେଟ୍ ପର୍ଯ୍ୟନ୍ତ ଆବଶ୍ୟକୀୟ ଦକ୍ଷତା ବିଷୟରେ ଆଲୋକପାତ କରିଥିଲେ। ସେହିପରି ଡ. ଧର୍ମେନ୍ଦ୍ର ଜେନା ଯୋଗାଯୋଗ କୌଶଳ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ଚାଇଲ୍ଡ ଆଣ୍ଡ ୱିମେନ୍ ଡେଭେଲପମେଣ୍ଟ ସୋସାଇଟି (ସିଡବ୍ଲ୍ୟୁଡିଏସ୍) ସହଯୋଗରେ ଭାରତୀୟ ରେଡ୍‌କ୍ରସ୍ ସୋସାଇଟିର ମାଷ୍ଟର୍ ଟ୍ରେନର୍ ଡ. ବିକାଶ ପ୍ରସାଦଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ରାମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଡ. ଚଣ୍ଡୀ ଚରଣ ରଥ, ବିଭାଗୀୟ ଉପସଚିବ ସନ୍ୟାସୀ ବେହେରା, ସିଡବ୍ଲ୍ୟୁଡିଏସ୍ ଅଧ୍ୟକ୍ଷ ମେଜର୍ ଡ. କଳ୍ପନା ଦାସ ପ୍ରମୁଖ ଉପସ୍ଥିତ ରହି ଦୃଷ୍ଟିହୀନ ଓ ଅଳ୍ପଦୃଷ୍ଟି ସମ୍ପନ୍ନ ବ୍ୟକ୍ତିମାନଙ୍କ ମଧ୍ୟରେ ନେତୃତ୍ୱ କ୍ଷମତା, ଆତ୍ମବିଶ୍ୱାସ ଓ ରୋଜଗାରମୁଖୀ ଦକ୍ଷତା ବିକାଶ ପାଇଁ ଏକ ପ୍ରକୃଷ୍ଟ ପଦକ୍ଷେପ ବୋଲି କହିଥିଲେ।

## 'ବୈଷୟିକ ବିକାଶ ହୋଇଛି; ବୌଦ୍ଧିକ ବିକାଶ ହେଉନାହିଁ'

ଭୁବନେଶ୍ୱର, ୮।୨(ସମିସ): 'ପରାଗ' ସାହିତ୍ୟ ସଂସଦର ୪୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଅଧ୍ୟାପକ ରମେଶଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ କବି ଓ ସ୍ତମ୍ଭକାର ନିରାକାର ଦାସ ଯୋଗ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ କବି ଓ ପ୍ରାବନ୍ଧିକ ରାଜୀବ ପାଣି ଓ ସଂସଦର ଉପସଭାପତି ଇଂ ନୀଳାଦ୍ରିଭୂଷଣ ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଯେନାଙ୍କୁ ପରାଗ ସ୍ୱତନ୍ତ୍ର ସମ୍ମାନ, ରାଜୀବ ପାଣିଙ୍କୁ ପ୍ରଥମ ଶୋଭମଣି ସ୍ୱାଇଁ କବିତା ସମ୍ମାନ, ପ୍ରେମାନନ୍ଦ ଖଣ୍ଡୁଆଳଙ୍କୁ ରତ୍ନାକର ମିଶ୍ର ଶିକ୍ଷା ଓ ସାହିତ୍ୟ ସମ୍ମାନ, ସୀମାଞ୍ଚଳ ଦାସଙ୍କୁ ପରାଗ ଗଳ୍ପ ସମ୍ମାନ, ଡ଼. ସ୍ୱର୍ଣ୍ଣପ୍ରଭା ଖଟୁଆଙ୍କୁ ପରାଗ ଯୁବ କବି ସମ୍ମାନ, ପ୍ରଦୀପ୍ତ ମହାନ୍ତି ଙ୍କୁ ପରାଗ ସର୍ଜନ ସମ୍ମାନ, ଖଗେଶ୍ୱର ମହାନ୍ତିଙ୍କୁ ପରାଗ କବିତା ସମ୍ମାନ ୨୦୨୬, ଶୋଭନା ଜେନା ଙ୍କୁ ପରାଗ ସଫଳ ସାହିତ୍ୟିକ ସମ୍ମାନ, ନିହାରିକା ରଥଙ୍କୁ କବିତା ସମ୍ମାନ, ସନ୍ତୋଷିନୀ ଦାଶ ଗିରିଙ୍କୁ ସଫଳ କବି ସମ୍ମାନରେ ସମ୍ମାନିତ କରାଯାଇ ଥିଲା। ଏହି ଅବସରରେ ନୀଳାମ୍ବର ପଣ୍ଡାଙ୍କ କବିତା ସଂକଳନ ନୀଳତରଙ୍ଗ ଓ ସନ୍ତୋଷିନୀ ଦାଶ ଗିରିଙ୍କ କବିତା ଗୋଧୂଳି ସଞ୍ଚର ଗୀତ କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ବରିଷ୍ଠ କବି ଅଶୋକ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ।

## ସମ୍ମାନିତ ହେବେ ୭ସାରସ୍ୱତ ସ୍ରଷ୍ଟା

ଭୁବନେଶ୍ୱର, ୯।୨(ସମିସ): ସରଗଶଶୀ ଶିଶୁ କିଶୋର ସାହିତ୍ୟ ପତ୍ରିକା ତରଫରୁ ଶିଶୁ ସାହିତ୍ୟ ତଥା ଅନ୍ୟ ବିଦଗ୍ଧ ସାହିତ୍ୟ କ୍ଷେତ୍ରରେ ଲେଖନୀ ଚାଳନା କରି ଉଲ୍ଲେଖନୀୟ କୃତି ହାସଲ କରିଥିବା ରାଜ୍ୟସ୍ତରୀୟ ସାତଜଣ ସ୍ରଷ୍ଟାଙ୍କୁ ସମ୍ମାନିତ କରାଯିବ। ସେମାନଙ୍କ ମଧ୍ୟରେ 'ସ୍ନେହସୁଧା ଶିଶୁ - ସାହିତ୍ୟ ସମ୍ମାନ'ରେ ଶଜୟକୃଷ୍ଣ ସାହୁ, ଅଧ୍ୟାପକ ଶରତ କୁମାର ଦାସଙ୍କୁ ସରଗଶଶୀ ଶିଶୁ ସାହିତ୍ୟ ସମ୍ମାନ, ନୀଳମଣି ଚାନ୍ଦଙ୍କୁ ଚିତ୍ତରଞ୍ଜନ ପଟ୍ଟନାୟକ ସ୍ମୃତି ଶିଶୁ ସାହିତ୍ୟ ସମ୍ମାନ, ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କୁ ରବୀନ୍ଦ୍ର ବିଶ୍ୱାଳ ସ୍ମୃତି ଶିଶୁ ସାହିତ୍ୟ ସମ୍ମାନ, ନିରଞ୍ଜନ ସାହୁଙ୍କୁ ପଣ୍ଡିତ ଆର୍ତ୍ତତ୍ରାଣ ଦାଶ କବିତା ସମ୍ମାନ, କମଳିନୀ ମଲ୍ଲିକଙ୍କୁ ବିଜୟା ଶିଶୁ ସାହିତ୍ୟ ସମ୍ମାନ ଓ ସାରସ୍ୱତ ସାଧିକା, ବେବିଲତା ଶତପଥୀଙ୍କୁ ଉତ୍କଳ ଭାରତୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ। ଏହି ସମ୍ମାନ ଆସନ୍ତା ୨୨ତାରିଖରେ ଗୀତଗୋବିନ୍ଦ ସଦନଠାରେ ଦିଆଯିବ। ଏହି ଉତ୍ସବରେ ସାହିତ୍ୟିକ ପ୍ରଫେସର ମହେଶ୍ୱର ମହାନ୍ତି, ପ୍ରଫେସର ଦାଶ ବେନହୁର ଡ. ନରେନ୍ଦ୍ର ପ୍ରସାଦ ଦାସ, ଡ. ସୁନମଣି ରାଉତ, ଡ. ବିଜୟା ପାତ୍ର ପମୁଖ ଯୋଗଦେବାର କାର୍ଯ୍ୟକ୍ରମ ଥିବାବେଳେ ଉତ୍ସବରେ ରାଜ୍ୟର ଶତାଧିକ ଲେଖକ ଯୋଗଦେଇ କବିତା ପଠନ କରିବେ ବୋଲି ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ସୂଚନା ଦେଇଛନ୍ତି।

## ଡିଜି ଭିଜିଟ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୯।୨(ସମିସ): ଲାୟନ୍ସ କ୍ଲବ୍ ଅଫ୍ ଭୁବନେଶ୍ୱର ନେତାଜୀ ଅଫିସିଆଲ ଡିଜି ଭିଜିଟ୍ କାର୍ଯ୍ୟକ୍ରମ ହୋଟେଲ ସୁତ୍ରପ୍ତିଠାରେ ଅନୁଷ୍ଠିତ ହୋଇଛି। ଏହି ନେତାଜୀ କ୍ଲବ୍‌ର ପ୍ରେସିଡ଼େଣ୍ଟ ଲାୟନ ଡା. ଗୌରୀ ଶଙ୍କର ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ଼ିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ ଡ. ହେମନ୍ତ କୁମାର ଖୁଣ୍ଟିଆ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ୍ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲ୍ଲାର ପ୍ରଥମ ଏବଂ ଦ୍ୱିତୀୟ ଭାଇସ୍ ଡ଼ିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ ଇଂ ଅଶ୍ୱିନୀ କୁମାର ଦାଶ ଓ ଲାୟନ ଇଂ ଲଳିଟେନ୍ଦୁ ଶତପଥୀ, ପୂର୍ବତନ ଡିଜି ଲାୟନ ଇଂ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଯୋଗଦେଇ ନୂଆ ସଦସ୍ୟମାନଙ୍କୁ ଶପଥପାଠ କରାଇଥିଲେ। ଏଥିସହିତ ଜୋନ୍ ଚେୟାରପରସନ୍ ଲାୟନ ସୁସିମ ପାତ୍ର ଏବଂ ଗାଇଡିଂ ଲାୟନ ସ୍ୱର୍ଣପ୍ରଭା ପାତ୍ର, କ୍ଲବ୍‌ର ସମ୍ପାଦିକା ଲାୟନ ସ୍ମିତାଞ୍ଜଳୀ ନାଥ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଲାୟନ ପ୍ରଭଞ୍ଜନ ନାଥ ଓ କୋଷାଧ୍ୟକ୍ଷ ଲାୟନ ସନ୍ଧ୍ୟା ସାହୁ ପରିଚାଳନା କରିଥିଲେ।

## ପାକ୍ଷିକ ଖବରକାଗଜର ବିଂଶ ସ୍ୱନକ୍ଷତ୍ର ଦିବସ

ଭୁବନେଶ୍ୱର, ୯।୨(ସମିସ): ଓଡ଼ିଆ ପାକ୍ଷିକ ଖବରକାଗଜ ଅରଭାନୀ ସମୟର ବିଂଶ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ଗବେଷକ ଡ. ଦେବାଶିଷ ମହାପାତ୍ର ଯୋଗ ଦେଇଥିବା ବେଳେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସୁଶ୍ରୀ ମଞ୍ଜୁଳା ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଶିଳାଶ୍ରୀ ସମ୍ପାଦିକା ବାସନ୍ତୀ ଦାସ, ସାହିତ୍ୟିକା ଡ. ବସୁମତୀ ଶତପଥୀ ଯୋଗ ଦେଇଥିବା ବେଳେ ଶୁଭଶ୍ରୀ ପଟ୍ଟନାୟକ, ସୌଦାମିନୀ ତ୍ରିପାଠୀ ଓ ନିରୁପମା ରାୟଙ୍କ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହାସହ ଓଡ଼ିଆ ଭାଷା କ୍ଷେତ୍ରରେ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରମେଶ କୁମାର ମହାପାତ୍ର, ଅରବିନ୍ଦ ତ୍ରିପାଠୀ, ନାରାୟଣ ଖୁଣ୍ଟିଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## 'କଳା ଦିଅଁ' ଭଜନ ଲୋକାର୍ପିତ



ଭୁବନେଶ୍ୱର, ୯।୨(ସମିସ): ଉର୍ମି ମୋସନ୍ସ ପ୍ରସ୍ତୁତ ନୂଆ ଭଜନ 'କଳା ଦିଅଁ' ରାଜଧାନୀର ଏକ ତାରକା ହୋଟେଲରେ ଲୋକାର୍ପିତ ହୋଇଯାଇଛି। ଏଥିରେ ରାଜନେତା ସୁରେଶ କୁମାର ରାଉତରାୟ, ଅଭିନେତା ଅଶ୍ରୁମୋଚନ ମହାନ୍ତି, କଣ୍ଠଶିଳ୍ପୀ ସୁସ୍ମିତା ଦାସ, ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ମୀରା ପରିଡ଼ା, ଦୂତୀ ଚାନ୍ଦ, ଅଭିନେତା ପାର୍ଥ ସାରଥୀ ରାୟ, ପ୍ରୀତିରାଜ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ସଂଗ୍ରାମ ରାଉତରାୟ, ପାର୍ଥସାରଥୀ ଜେନା ଏବଂ ଦୀପକ କୁମାର ନାୟକଙ୍କ ପରିକଳ୍ପନାରେ ଏହି ପ୍ରଡକସନ୍ସ ହାଉସର ଶୁଭାରମ୍ଭ ହୋଇଛି। ଭଜନରେ କଣ୍ଠଦାନ କରିଛନ୍ତି ସୌରଭ ଭରଦ୍ୱାଜ, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ମହାଦେବ ରାଉତ ଏବଂ ଗୀତ ରଚନା କରିଛନ୍ତି ଦେବଜ୍ୟୋତି ନାୟକ। ନିର୍ଦ୍ଦେଶନା ଦେଇଛନ୍ତି ପତ୍ମୀନ ଦିବ୍ୟ ଏବଂ ସତ୍ୟ ବେହେରା। ଅଭିନୟ କରିଛନ୍ତି ମନ୍ମୟ ଦେ, ପାୟଲ ରାଉତରାୟ, ସୁଚରିତା ସ୍ୱାଇଁ ଏବଂ ଆକାଶ ହୋତା। ଗୀତ ସହିତ ଭିଡିଓ ଖୁବ ଉଚ୍ଚ କୋଟୀର ହୋଇଥିବା ବେଳେ ଚିରାଚରିତ ପରିକଳ୍ପନାଠାରୁ ବହୁ ଉନ୍ନତମାନର ହୋଇଛି କଳା ଦିଅଁ।

# ମହିଳାଙ୍କୁ ରୋଜଗାର ଦେଇଛି ଝୋଟ କାରିଗରୀ

ଭୁବନେଶ୍ୱର, ୯।୨(ସମିସ): ଦିନଥିଲା ଯେଉଁ ମହିଳାମାନେ ଘରର ଚାରିକାନ୍ଥ ଭିତରେ ଜୀବନ ବିତାଉଥିଲେ, ସେମାନେ ଆଜି ପରିବାର ବୋଝକୁ ନିଜ ମୁଣ୍ଡରେ ମୁଣ୍ଡାଇଛନ୍ତି। ରୋଷେଇ ଘର ଭିତରେ ସୀମିତ ରହିଥିବା ଏହି ମହିଳାମାନଙ୍କୁ ରୋଜଗାରର ବାଟ ଦେଖାଇଛି ଝୋଟ କାରିଗରୀ। ଏହା ମାଧ୍ୟମରେ ଘରୋଇ

**■ ରାଜ୍ୟ ବାହାରକୁ ଯାଉଛି ଝୋଟରୁ ପ୍ରସ୍ତୁତ ସାମଗ୍ରୀ**
**■ ଅନ୍ୟ ମହିଳାଙ୍କୁ ଦେଉଛନ୍ତି ଟ୍ରେନିଂ**

ମହିଳାମାନେ କେବଳ ସ୍ୱାବଲମ୍ବୀ ହୋଇପାରିନାହାଁନ୍ତି, ବରଂ ପରିବାରର ପୁରୁଷମାନଙ୍କ କାନ୍ଧରେ କାନ୍ଧ ମିଶାଇ ଆର୍ଥିକ ଦାୟିତ୍ୱ ବୋଝକୁ ହାଲୁକା କରିବାରେ ସହଯୋଗ କରିପାରୁଛନ୍ତି ଖୋର୍ଦ୍ଧା ଜିଲ୍ଲାର ରୋଶନି କମନ୍ ନିଡସ୍ ଗ୍ରୁପର ୨୦ଜଣ ମହିଳା। ଟାଟା ପାୱାର ସିଏସଆର ଅଧିନରେ ଟ୍ରେନିଂ ନେଇ ବର୍ତ୍ତମାନ ଅନ୍ୟମାନଙ୍କୁ ଏହି ଝୋଟ ଗାରୀଗରୀ ନିମନ୍ତେ ଟ୍ରେନିଂ ଦେବାସହ ରୋଜଗାକ୍ଷମ ହୋଇପାରିଛନ୍ତି।

ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳର ପ୍ରାୟ ୨୦ ଜଣ ମହିଳାମାନଙ୍କ ଦ୍ୱାରା ଗଠିତ ହୋଇଛି ରୋଶନି କମନ୍ ନିଡସ୍ ମିଶନ ଶକ୍ତି ଗ୍ରୁପ୍। ୨୦୨୪ ମସିହାରେ ଏହି ଗ୍ରୁପର ମହିଳାମାନେ ଝୋଟ କାରିଗରୀ ଉପରେ ଟ୍ରେନିଂ ଦେଇଥିଲେ। କୋଲକାତାରୁ ଝୋଟ କପଡ଼ା ଆଣି ସେଥିରେ ଭଳି କି ଭଳି ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରି



ଏହାର ବଜାରୀକରଣ କରିଥିଲେ। ପରବର୍ତ୍ତୀ ସମୟରେ ଏହି ସାମଗ୍ରୀ ଗୁଡ଼ିକର ବେଶ୍ ଚାହିଦା ବଢ଼ିଥିଲା। ଫଳରେ ମହିଳାମାନେ ଏହି କାମ କରିବାକୁ ଅଧିକ ଆଗ୍ରହ ପ୍ରକାଶ କରିଥିଲେ। ଗ୍ରାମାଞ୍ଚଳର ମହିଳାମାନଙ୍କ ହାତ ତିଆରି ସାମଗ୍ରୀ ଏବେ କେବଳ ରାଜ୍ୟ ନୁହେଁ ରାଜ୍ୟ ବାହାରେ ମଧ୍ୟ ସେମାନଙ୍କ ହସ୍ତକଳାର ବେଶ୍ ଚାହିଦା ରହିଛି। ଝୋଟରରେ ତିଆରି ହୋଇଛି ବିଭିନ୍ନ ଡିଜାଇନ୍‌ର ସାମଗ୍ରୀ ଯଥା: ବ୍ୟାଗ୍, ୱାଟର ବଟଲ କଭର, ଫାଇଲ୍, ଲାପ୍‌ଟପ୍ ବ୍ୟାଗ୍, ଟିଫିନ୍ ବ୍ୟାଗ୍ ସାଙ୍ଗକୁ ବିଭିନ୍ନ ଆକୃତିର ଫୁଲ ଆଦି ରହିଛି। ଝୋଟରୁ ଏଭଳି ସୁନ୍ଦର ସୁନ୍ଦର ଘରସଜ୍ଜା ସାମଗ୍ରୀ ଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଦେଖି ଗ୍ରାହକମାନେ ମଧ୍ୟ ବେଶ୍ ଖୁସି ଅନୁଭବ କରୁଥିବା ଦେଖିବାକୁ ମିଳିଛି। ନିକଟରେ ଭୁବନେଶ୍ୱରର ଏକ ହୋଟଲରେ ଆୟୋଜିତ ଝୋଟ କାରିଗରୀ ଉପରେ ମହିଳାମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ସାମଗ୍ରୀ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହିସବୁ ସାମଗ୍ରୀ ତିଆରି ପାଇଁ ମହିଳାମାନେ ପ୍ରଥମେ ଟ୍ରେନିଂ ନେଇଥିଲେ। ବର୍ତ୍ତମାନ ଅନ୍ୟମାନଙ୍କୁ ଟ୍ରେନିଂ ଦେଉଛନ୍ତି। ଏହିସବୁ ସାମଗ୍ରୀର ଦାମ୍ ୫୦ଟଙ୍କାରୁ ଆରମ୍ଭ ହୋଇ ୭ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହାବ୍ୟତୀତ ମହିଳାମାନଙ୍କୁ ସିଲାଇ ଟ୍ରେନିଂ ମଧ୍ୟ ଦିଆଯାଉଛି। ଫଳରେ ମହିଳାମାନେ ଏବେ ମେସିନ୍ ଓ ହାତରେ ବିଭିନ୍ନ ସାମଗ୍ରୀ ତିଆରି କରି ରୋଜଗାର କ୍ଷମ ହୋଇପାରିଛନ୍ତି ବୋଲି ଗ୍ରୁପର ସଦସ୍ୟା ନିହାରିକା ଦାସ କହିଛନ୍ତି। ସେହିପରି ଯେଉଁମହିଳା ବା ଯୁବତୀମାନେ ନୂତନ ଭାବେ ଆସୁଛନ୍ତି ସେମାନଙ୍କୁ ମଧ୍ୟ ଉଭୟ ସିଲାଇ ଏବଂ ଝୋଟ କାରୀଗରୀ ଉପରେ ଟ୍ରେନିଂ ଦିଆଯାଉଥିବା ବେଳେ ଶିଶିର ସରସ ମେଳା, ସୁଭଦ୍ରାଶକ୍ତି ମେଳା, ତୋଷାଳୀ କ୍ରାଫ୍ଟ ମେଳା ଆଦି ବିଭିନ୍ନ ମେଳା ମହୋତ୍ସବରେ ମହିଳାମାନଙ୍କୁ ଅଂଶଗ୍ରହଣର ସୁଯୋଗ ସହ ଓରମାସ୍ ମାଧ୍ୟମରେ ମଧ୍ୟ ନିଜ ପ୍ରସ୍ତୁତ ସାମଗ୍ରୀ ବିକ୍ରୟ କରିବାର ସୁଯୋଗ ପ୍ରଦାନ କରାଯାଉଥିବା ପେୟାଜେକ୍ଟ କୋର୍ଡିନେଟର ଦୁର୍ଯ୍ୟୋଧନ ବାରିକ୍ କହିଛନ୍ତି।

# ଟାଉନ୍ ଥାନା ପାଖରୁ ଫ୍ଲାଗ୍ ମାର୍ଚ୍ଚ



ବରଗଡ଼, ୯।୨(ସମିସ): ଦୁଇ ଦିନ ପୂର୍ବରୁ ବରଗଡ଼ ହାଟପଦା ଅଞ୍ଚଳରେ ଘଟିଥିବା ଗୋଷ୍ଠୀ ସଂଘର୍ଷରେ ଦୁଇ ଜଣଙ୍କ ଜୀବନ ଚାଲି ଯାଇଥିଲା। ଘଟଣା ପରେ ଟାଉନ୍ ଥାନା ଅଧିକାରୀ ଚିତ୍ତରଞ୍ଜନ ମେହେର ଓ ଷ୍ଟାଫ ମିଶି ୬ ଜଣଙ୍କୁ ଗିରଫ କରିଥିଲେ। ତା ଭିତରେ ଦୁଇ ନାବାଳକ ମଧ୍ୟ ରହିଥିଲେ। ଅଞ୍ଚଳରେ ଚାପା ଉତ୍ତେଜନା ଅନୁଭବ କରି ସୋମବାର ସନ୍ଧ୍ୟାରେ ଟାଉନ ପୁଲିସ ଦ୍ୱାରା ଏସ୍ଆଇ ସ୍ୱାଗତିକା ମହାନ୍ତିଙ୍କ ନେତୃତ୍ୱରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଗତ କିଛି ଦିନ ହେବ ବରଗଡ଼ରେ ଗୋଷ୍ଠୀ ସଂଘର୍ଷକୁ ନେଇ ସହର ଅଶାନ୍ତ ହୋଇପଡିଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖିଆଗରେ ରଖି ସହରର ବିଭିନ୍ନ ସ୍ଥାନରେ ପୁଲିସ ପଇଁତରା ମାରୁଥିବା ବେଳେ ଏବେ ଫ୍ଲାଗମାର୍ଚ୍ଚ ଜାରି ରହିଛି। କୌଣସି ଜାଗାରେ ଅପ୍ରୀତିକର ପରିସ୍ଥିତି ଦେଖିଲେ ତୁରନ୍ତ ପୁଲିସକୁ ଖବର ଦେବା ପାଇଁ ଏସପି ପ୍ରହଲ୍ଲାଦ ସହାୟ ମୀନା ସହରବାସୀଙ୍କୁ ଅନୁରୋଧ କରିଛନ୍ତି। ଆଗକୁ ଆଉ ଯେମିତି କୌଣସି ପ୍ରକାରର ଅଘଟଣ ନ ଘଟିବ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

# ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣି ଶିବିର

ଭଟଲି, ୯।୨(ସମିସ): ବରଗଡ଼ ଜିଲ୍ଲା ଦଭଟଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ ଲୁହା, ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ଚନ୍ଦ୍ର ମହନ୍ତ ଏବଂ ବ୍ଲକ୍ ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନ ପ୍ରମୁଖ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୪୮ ଟି ଅଭିଯୋଗ ମଧ୍ୟରୁ ୩୦ଟି ବ୍ୟକ୍ତିଗତ, ୧୮ ଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଫାଇଲେରିଆ ବାତଜ୍ୱର ସମ୍ପର୍କିତ ସାମ୍ବାଦିକ ସମ୍ମିଳନୀ




ବରପାଲି, ୯।୨(ସମିସ): ବରଗଡ଼ ଜିଲ୍ଲା ବରପାଲି ବ୍ଲକ୍ ଫାଇଲେରିଆ ପ୍ରବଣ ଅଞ୍ଚଳ ହୋଇଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏହାର ନିରାକରଣ ପାଇଁ ସାମ୍ବାଦିକ ସମ୍ମିଳନୀର ଆୟୋଜନ ସ୍ଥାନୀୟ ଡାକ୍ତରଖାନା ସଭାଗୃହରେ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ସମ୍ମିଳନୀରେ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଆସନ୍ତା ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ ଜାରି ରହିବ। ବରପାଲି ବ୍ଲକ୍‌ର ସମସ୍ତ ପଞ୍ଚାୟତରେ ମୋଟ ୯୨,୬୧୧ ବ୍ୟକ୍ତିଙ୍କୁ ଏହି ଔଷଧ ବଣ୍ଟନ ପାଇଁ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମରେ ୪୬ ଜଣ ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀଙ୍କ ସମେତ ୩୨୪ ଜଣ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ମହିଳା, ତଥା ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ଏହା ସହିତ ୫ଟି ଭ୍ରାମ୍ୟମାଣ ଦଳ ମଧ୍ୟ କାର୍ଯ୍ୟ କରିବେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଚାଲିବ। ବ୍ଲକ୍‌ର ଫାଇଲେରିଆ ନିରାକରଣ ପାଇଁ, ଡିଇସି, ଆଲବେଣ୍ଡାଜଲ୍ ଓ ଆଇଭର୍ ମେକଟିନ ଔଷଧକୁ ଗର୍ଭବତୀ ମହିଳା ଓ ଶଯ୍ୟାଶାୟୀ ବ୍ୟକ୍ତିଙ୍କ ବ୍ୟତୀତ ୨ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତିଙ୍କୁ ସେବନ ପାଇଁ ଦିଆଯିବ। ଏହା ସମ୍ପୂର୍ଣ୍ଣ ନିରାପଦ, ପାଶ୍ୱର୍ ପ୍ରତିକ୍ରିୟା ବିହୀନ ହୋଇ ଥିବାରୁ ନିର୍ଭୟରେ ଔଷଧ ସେବନ କରି ନିଜେ ସୁସ୍ଥ ହୋଇ ରହିବାକୁ ସାମ୍ବାଦିକ ସମ୍ମିଳନୀରେ ବହୁ ବିଶେଷଜ୍ଞ ଡାକ୍ତର ପରାମର୍ଶ ଦେଇଥିଲେ। ମଙ୍ଗଳବାର ଏହି କାର୍ଯ୍ୟକ୍ରମ ବରପାଲି ନିକଟସ୍ଥ ସତଲମା କଲେଜରେ ଉଦ୍‌ଘାଟିତ ହେବ। ଏଥିରେ ବରଗଡ଼ ଜିଲ୍ଲାପାଳ ଉପସ୍ଥିତ ରହିବେ ବୋଲି ସୂଚନା ଦେଇଛନ୍ତି। ଏହାସହ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ମଧ୍ୟ ସାମିଲ ହୋଇ କୃମିନାଶକ ଔଷଧ ୨ ବର୍ଷରୁ କମ ଶିଶୁଙ୍କୁ ପ୍ରଦାନ କରାଯିବ। ଆଜିର ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଶ୍ରୀକୃଷ୍ଣ ବଲ୍ଲଭ ମହାନ୍ତି, ଡାରାଜେଶ ବେହେରା, ଡ.ଶଶୀକାନ୍ତ ତ୍ରିପାଠୀ, ଜବ କିଶୋର ବେହେରା, ଆଲୋକ ପଟେଲ, କୃଷ୍ଣଚନ୍ଦ୍ର ଲୁହା, ସୁଦାମ ଚରଣ ପାଣିଗ୍ରାହୀ, ସୁବାସଚନ୍ଦ୍ର ନନ୍ଦ, ଡୋଲମଣି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୧୯ ଖଣ୍ଡ ମୌଜା ଲୋକ ମହୋତ୍ସବ ଉଦ୍‌ଯାପିତ

ଅମ୍ବାଭୋନା, ୯।୨(ସମିସ):



ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ୧୯ ଖଣ୍ଡ ମୌଜା ଅଧୀନ ମୁରଲିପାଲି ଗାଁର ହାଇସ୍କୁଲ ପଡିଆରେ ଆୟୋଜିତ ୧୯ ଖଣ୍ଡ ମୌଜା ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ। ଲୋକକଳା, ଲୋକସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରଜରାଜନଗର ପୌରାଧ୍ୟକ୍ଷ ଗୋପାଳ ସତାନୀ, ପୂର୍ବତନ ପୌରାଧ୍ୟକ୍ଷ ଜୟନ୍ତ ଦୀକ୍ଷିତ, ଝାରସୁଗୁଡ଼ା ଜିଲ୍ଲା ବିଜେପି ସଭାପତି ରଘୁନନ୍ଦନ ପଣ୍ଡା, ଚାରପାଲି ସରପଞ୍ଚ ଅରୁଣା ସୁନା, ସମିତି ସଭ୍ୟା ବୈଦେହୀ ସେଟ, ସମିତି ସଭ୍ୟ ଅନୀଳ ବାରିକ, ମୋହିତ ପୁଟା, ରେମତା ସରପଞ୍ଚ ପ୍ରଫୁଲ୍ଲ ସିଂ, ପିଥିଣ୍ଡା ସରପଞ୍ଚ ମହେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅମ୍ବାଭୋନା ବ୍ଲକ୍ ସାମ୍ବାଦିକ ସଂଘ, ଶରଧା ଉଙ୍ଗାଘାଟ ନୌକା ଦୁର୍ଘଟଣାର ଉଦ୍ଧାରକାରୀ ଚମାର ସିଂହ ସିଦାର ଓ ପ୍ରଦର୍ଶିତ କଳାକାର ମାନଙ୍କୁ ସମ୍ମାନିତ କରାଯାଇଥିଲା। ମହୋତ୍ସବର ବିଶେଷ ଆକର୍ଷଣ ରୂପେ ପୁରୀର 'ଗୋଟିଏ ପୁଅ', ବଲାଙ୍ଗିର, ବରଗଡ଼ ଓ ଭବାନିପାଟଣାର ସାଂସ୍କୃତିକ ଦଳ ଘୁମୁରା ନାଚ ପରିବେଷଣ କରିଥିଲେ। ଏହାସହ ଘଣ୍ଟ ବାଦ୍ୟ, ଗାହକିବାହକି, ବସ୍ତ୍ରହରଣ ଯାତ୍ରା, ଡଁଣ୍ଡା ନାଚ, କରମା ନାଚ, ଗଉରା ନାଚ, ଭୋଜଲୀ ଗୀତ ସହ ବିଭିନ୍ନ ଲୋକନୃତ୍ୟ ଦର୍ଶକଙ୍କ ମନୋରଞ୍ଜନ କରିଥିଲା। ମଞ୍ଚ ପରିଚାଳନା ଦାୟିତ୍ୱ ରମେଶ ପଶାୟତ, ସ୍ୱେଜଲ ପଧାନ ଓ ପ୍ରଶାନ୍ତ ସାହୁ ନିର୍ବାହ କରିଥିଲେ। ମହୋତ୍ସବକୁ ସଫଳ କରିବାରେ ପରିଚାଳନା କମିଟିର ରୂପାନନ୍ଦ ବିଶ୍ୱାଳ, ବ୍ରଜକିଶୋର ପଧାନ, ଜୟ ପଧାନ, ଅନୀଳ ବାରିକ, କିଶୋର ପଧାନ, ଶ୍ରୀକର ଭୋଇ, ପ୍ରତାପ ହୋତା, ପ୍ରମୋଦ ସା, ଦୀନବନ୍ଧୁ ସେଠ, ମୋହିତ ପୋଢ଼, ଚତୁର୍ଭୁଜ ବିଶ୍ୱାଳ, ମହେଶ୍ୱର ପଧାନ, ମହେନ୍ଦ୍ର ନାଏକ, ରାମଚନ୍ଦ୍ର ସା, ନିମାଇଁ ସାହୁ, ବିନୋଦ ସା, ଗଜାନନ ପଧାନ, ସୁରେନ ପଧା ନ, ଲାଲ ବାହାଦୁର ସା, ରଜତ ମହାପାତ୍ର ଓ ଜୟନ୍ତ ପଧାନ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ଜୁଆ ଆଡ୍ଡାରେ ପୁଲିସ ଚଢ଼ଉ, ୩ ଗିରଫ

## ନଗଦ ଟଙ୍କା ସହ କାର ଓ ମୋବାଇଲ ଜବତ

ଅମ୍ବାଭୋନା, ୯।୨(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍‌ର ପିକିରିଝରଣ ଗାଁ ନିକଟସ୍ଥ ମୁଣ୍ଡାବହାଲ ଜଙ୍ଗଲ ଅଞ୍ଚଳର ଟିକୋଡୋରା ପାହାଡ ଉପରେ ଚାଲୁଥିବା ଏକ ଜୁଆ ଆଡ୍ଡାରେ ଅମ୍ବାଭୋନା ପୁଲିସ ଅତର୍କିତ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିଛି। ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶ କ୍ରମେ ଅମ୍ବାଭୋନା ଥାନା ଅଧିକାରୀ ସୌରଭ ଭୋଇଙ୍କ ନେତୃତ୍ୱରେ ଗଠିତ ଟିମ ଉକ୍ତ ସ୍ଥାନରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ୧୦ରୁ ୧୫ ଜଣ ଜୁଆ ଖେଳୁଥିବା ସୂଚନା ମିଳିଥିଲେ ମଧ୍ୟ ଅଧିକାଂଶ ଲୋକ ଫେରାର ହୋଇଯାଇଥିଲେ। ପୁଲିସ ତରଫରୁ ୩୦,୭୪୦ ଟଙ୍କା ନଗଦ, ୧୦୪ ତାସ, ପ୍ଲାଷ୍ଟିକ ମସିଣା, ଏକ ଧଳା ରଙ୍ଗର ଆର୍ଟିକା କାର ଓ ୫ଟି ମୋବାଇଲ ଫୋନ ଜବତ କରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଛତିଶଗଡ ରାୟଗଡ ନିବାସୀ ରଣବୀର ସିଂ (୨୮), ରାୟଗଡ ଜିଲ୍ଲା କେଉଡାବାଡି ନିବାସୀ ଜୟସିଂ ଠାକୁର (୫୭), ଶକ୍ତି ଜିଲ୍ଲା ଡଭରା ଥାନା ନିବାସୀ ଘନଶ୍ୟାମ ବଞ୍ଜାରା (୬୦)। ଏ ନେଇ ଅମ୍ବାଭୋନା ଥାନାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଜାତୀୟ ଆଥଲେଟିକ୍ସ ଚାମ୍ପିଅନସିପ୍; ସରସ୍ୱତୀ ସଂଘର ସଫଳତା



ବରପାଲି, ୯।୨(ସମିସ): ହରିୟାଣା ରୋହତକ ସ୍ଥିତ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ପରିସରରେ ୨ରୁ ୬ ଫେବୃଆରୀ ପର୍ଯ୍ୟନ୍ତ ପଞ୍ଚଦିବସୀୟ ସ୍ୱତନ୍ତ୍ର ଅଲିମ୍ପିକ୍ସ ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ପକ୍ଷରୁ ମୋଟ ୩୪ଟି ପଦକ ହାସଲ ହୋଇଥିଲା। ଏଥିରେ ବରପାଲି ସରସ୍ୱତୀ ଥେରାପି ଏବଂ ପୁନର୍ବାସ କେନ୍ଦ୍ରର ଖେଳାଳି ମାନଙ୍କ ମଧ୍ୟରୁ ଦୀପିକା କୁମ୍ଭାର ୫୦ ମିଟର ଦୌଡରେ ରୌପ୍ୟ ପଦକ, ସୀମା ପଟେଲ ରିଲେ ଦୌଡରେ ସ୍ୱର୍ଣ୍ଣ ପଦକ ଓ ୪୦୦ ମିଟର ଦୌଡରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ସେହିପରି ଅମନ ପଟେଲ ଦୌଡ ଲମ୍ଫଡିଆଁରେ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ ସ୍ୱତନ୍ତ୍ର ଅଲିମ୍ପିକ୍ସ ଓଡ଼ିଶାର ଅଧ୍ୟକ୍ଷା ସୁନୀତା ମୁଣ୍ଡ, କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ରଥ, ଉପାଧ୍ୟକ୍ଷ ଉମାକାନ୍ତ ଷଡଙ୍ଗୀ, ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର, କୋଷାଧ୍ୟକ୍ଷ ସୁରେଶ ଖୁଣ୍ଟିଆ ଓ ମନୋବିଜ୍ଞାନୀ ମନତୋଷ ବେହେରା ପ୍ରମୁଖ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ସରସ୍ୱତୀ ସଂଘ ସଭାପତି ଲିଳାବତୀ ତ୍ରିପାଠୀ ଓ ଉପସଭାପତି ଘରଯୁଗୀ ଗଡତିଆ ତଥା ସମସ୍ତ ସଭ୍ୟା, ୟୁନିଫାଇଡ୍ ଚାମ୍ପିଅନ 'ଲିଟିଲ୍ ଆଞ୍ଜେଲ୍ସ' ପବ୍ଲିକ୍ ସ୍କୁଲର କର୍ମକର୍ତ୍ତାଗଣ ଓ ଅଞ୍ଚଳବାସୀ ମାନେ ମଧ୍ୟ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟରେ 'ଦ ନେକ୍ସଟ ଜେନ୍ ଇନଭେଣ୍ଟର୍ସ ଏକ୍ସପୋ-୨୦୨୬' ବିଜ୍ଞାନମେଳା



ବରଗଡ଼, ୯।୨(ସମିସ): ବରଗଡ଼ ସ୍ଥିତ କ୍ରିଷ୍ଣା ବିକାଶ ବିଦ୍ୟାଳୟରେ ବିଜ୍ଞାନ ମେଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିକାଶ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ଡି.ମୂରଲୀ କ୍ରିଷ୍ଣାଙ୍କ ସମେତ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଶାସ୍ୱତୀ ଦାଶ (ବାଳିକା ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷା) ନିଜ ବକ୍ତବ୍ୟରେ ବିଜ୍ଞାନମେଳା ବିକାଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନୂଆ ନୂଆ ଆବିଷ୍କାର କରିବାରେ ସହାୟକ ହେବ ବୋଲି କହିଥିଲେ। ବରଗଡ଼ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ବିଜ୍ଞାନ ମେଳା ବିଭାଗର ମୁଖ୍ୟ ଶିକ୍ଷକ ବିନିତ ଦୋରା ବିଜ୍ଞାନ ମେଳାର ବିବରଣୀ ପାଠ କରିବା ସହିତ ଏଥିରେ ୭୮ ଟି ପ୍ରକଳ୍ପ ଓ ୧୭୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି ବୋଲି ମତ ପ୍ରଦାନ କରିଥିଲେ। ଅତିଥି ଓ ବିଚାରକ ମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି, ଉପାଧ୍ୟକ୍ଷ ଡ.ମନୋଜ ତ୍ରିପାଠୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନାରାୟଣ ରଥ, କ୍ରିଷ୍ଣା ବିକାଶ ଫାଷ୍ଟ୍ ଷ୍ଟେପ୍‌ର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଗଣ ଉପସ୍ଥିତ ଥିଲେ।

# ନବୋଦୟ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ପ୍ରେରଣା କାର୍ଯ୍ୟକ୍ରମ

ପାଇକମାଳ, ୯।୨(ସମିସ): ପାଇକମାଳ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ପ୍ରେରଣା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଜିଲ୍ଲାର ଉପ ଶିକ୍ଷାଧିକାରୀ ଅମୃତା ସାହୁ ଓ ବିନୟ ପ୍ରସାଦ ସାହୁ ଯୋଗଦେଇ ପ୍ରେରଣା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ବକ୍ତା ଭାବେ ନବୋଦୟ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଅରବିନ୍ଦ ପାତ୍ର ପ୍ରେରଣା କାର୍ଯ୍ୟକ୍ରମ ଦ୍ୱାରା ପିଲାମାନଙ୍କର ଅନ୍ତଃର୍ନିହିତ ଗୁଣାବଳୀ ପ୍ରକାଶ ପାଉଥିବା କହିଥିଲେ। ଏଥିରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ସ୍ତରରୁ ମନୋନୀତ ହୋଇଥିବା ଛାତ୍ରଛାତ୍ରୀ, ବିଭିନ୍ନ ବ୍ଲକ୍‌ର ଶିକ୍ଷାଧିକାରୀ ତତ୍‌ସହିତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବିଭିନ୍ନ ବ୍ଲକ୍‌ରୁ ମନୋନୀତ ପିଲା ମାନଙ୍କ ମଧ୍ୟରେ ପ୍ରବନ୍ଧ, କବିତା ଓ ଗଳ୍ପ ଲିଖନ, ଚିତ୍ରାଙ୍କନ, ସଂଗୀତ ଆଦିରେ ପ୍ରତିଯୋଗିତା କରାଯାଇଥିଲା। ତନ୍ମଧ୍ୟରୁ ପ୍ରତ୍ୟେକ ବିଭାଗରୁ ୫ ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ନବୋଦୟ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ ସୁର ଓ ଶିକ୍ଷୟାତ୍ରୀ ବିନିତା ପ୍ରସାଦ ପରିଚାଳନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବଡଦେବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମକୁ ସଫଳତାର ସହିତ ସମ୍ପାଦନ କରିଥିବାରୁ ଜିଲ୍ଲା ଉପଶିକ୍ଷାଧିକାରୀ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ସହିତ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

■ କଟାପାଲି ବୁଢ଼ାରଜା କପ୍ କ୍ରିକେଟ

# ଘନାମାଲକୁ ହରାଇ କଟାପାଲି ଚାମ୍ପିଅନ




ମେଲଛାମୁଣ୍ଡା, ୯।୨(ସମିସ): ଘେଁସ ନିକଟସ୍ଥ କଟାପାଲି ଗୁଠାନି ଡୁଙ୍ଗୁରି ଖେଳପଡିଆ ଠାରେ ବୁଢ଼ାରଜା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୫ ଦିନ ଧରି ଚାଲିଥିବା ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ରବିବାର ଉଦ୍‌ଯାପନୀ ତଥା ଫାଇନାଲରେ ୨ଟି ସେମି ଫାଇନାଲ ଓ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ଟି ଘନାମାଲ ସହ ବାଟଟେର୍ମା ଦଳ ମଧ୍ୟରେ ଖେଳାଯାଇ ଘନାମାଲ ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ଟି କଟାପାଲି ଓ ଗ୍ରୀଞ୍ଜେଲ ମଧ୍ୟରେ ମ୍ୟାଚ୍ ଖେଳାଯାଇ କଟାପାଲି ଦଳ ଫାଇନାଲକୁ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ୍‌ରେ କଟାପାଲି ସହ ଘନାମାଲ ମଧ୍ୟରେ କଡା ଟକ୍କର ହୋଇଥିଲା। ଏଥିରେ ଘନାମାଲକୁ ହରାଇ କଟାପାଲି ଦଳ ଦଶମ ବୁଢ଼ାରଜା କପ୍ ହାତେଇଥିଲା। କ୍ରିକେଟ୍ ପରିବାରର ବରିଷ୍ଠ ଅମ୍ପାୟାର ନରୋତ୍ତମ ପଧାନ, ଅନ୍ତର୍ଯ୍ୟାମୀ ପଧାନ, ଉମେଶ ପଧାନ ଓ ଚନ୍ଦ୍ରମଣି ବରିହା ମ୍ୟାଚ୍‌ଗୁଡିକ ଖେଳାଇ ଥିବାବେଳେ ସୁନୀଲ ରାଉତ, ରିଙ୍କୁ ସାହୁ ଓ ଟିକେଶ୍ୱର ଧାରାବିବରଣୀ ଦେଇଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ସୋହେଲା ବ୍ଲକ୍ ଅଧ୍ୟକ୍ଷା ବବି ପ୍ରଧାନ, ବିଜେଡି ନେତା ସୁବ୍ରତ ସିଂ ଓ ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଯୋଗଦେଇ ଚାମ୍ପିଅନ କଟାପାଲି ଦଳ ଓ ରନର୍ସଅପ୍ ଘନାମାଲ ଦଳକୁ ଟ୍ରଫି ସହ ନଗଦରାଶି ପ୍ରଦାନ କରିଥିଲେ। ଶେଷରେ ଟିକେଶ୍ୱର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମେଲଛାମୁଣ୍ଡା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ଛାୟା ବିଧାନସଭା




ବରଗଡ଼, ୯।୨(ସମିସ): ମେଲଛାମୁଣ୍ଡା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନେଇ ଛାୟା ବିଧାନସଭା ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଏହି କାର୍ଯ୍ୟକ୍ରମ ପ୍ରକୃତ ବିଧାନସଭାର ଭ୍ରମ ସୃଷ୍ଟି କରିଥିଲା। ଛାୟା ବିଧାନସଭାର ଶୀତକାଳୀନ ଅଧିବେଶନରେ ବାଚସ୍ପତି ଭାବେ ଛାତ୍ରୀ ତୃଷ୍ଣାରାଣୀ ବିଶି ଅଧ୍ୟକ୍ଷତା କରିଥିଲେ। ଓଡ଼ିଶାର ସାମ୍ପ୍ରତିକ ସମସ୍ୟା ଶିକ୍ଷା, ସ୍ୱାସ୍ଥ୍ୟ, ନାରୀ ସୁରକ୍ଷା ଆଦି ପ୍ରସଙ୍ଗରେ ଶାସକ ଦଳ ଓ ବିରୋଧୀ ଦଳ ମଧ୍ୟରେ ବିତର୍କ ହୋଇଥିଲା। ଆଗାମୀ ପିଢ଼ିରେ ନେତୃତ୍ୱ ସୃଷ୍ଟି ତଥା ଛାତ୍ରଛାତ୍ରୀଙ୍କୁ ନେତା ମାନଙ୍କ ଦାୟିତ୍ୱ ସହ ଅବଗତ କରି ଦେଶ ପାଇଁ କାର୍ଯ୍ୟ କରିବାକୁ ଶିକ୍ଷା ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଶେଷରେ ୮ ଜଣ ଛାତ୍ରଛାତ୍ରୀ ନେତୃତ୍ୱ ଦଳ ଭାବେ ଜିଲ୍ଲା ସ୍ତରୀୟକୁ ଉତ୍ତୀର୍ଣ୍ଣ ହୋଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଅପର୍ଣ୍ଣା ସେଠ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରି ପ୍ରମାଣ ପତ୍ର ଦେଇଥିଲେ।

# ସିକେ ନାଇଡୁ ଟ୍ରଫି ବେଙ୍ଗଲ ୧୦୨ ରନ୍‌ରେ ବିଜୟୀ

ବରଗଡ଼, ୯।୨(ସମିସ):





ବରଗଡ଼ କ୍ରିଷ୍ଣା ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଓଡ଼ିଶା ଓ ବେଙ୍ଗଲ ଦଳ ମଧ୍ୟରେ ଚାଲିଥିବା ସିକେ ନାଇଡୁ ଟ୍ରଫିର ଇଲାଇଟ ଗ୍ରୁପ ବିର ମ୍ୟାଚ୍‌ରେ ଆଜି ଚତୁର୍ଥ ତଥା ଅନ୍ତିମ ଦିବସରେ ବେଙ୍ଗଲ ଦଳ ଓଡ଼ିଶା ଦଳକୁ ୧୦୨ରନରେ ପରାସ୍ତ କରିଛି। ମ୍ୟାଚରୁ ବେଙ୍ଗଲ ୧୨ ପଏଣ୍ଟ ଲାଭ କରିଥିବା ବେଳେ ଓଡ଼ିଶା ଦଳକୁ ମିଳିଛି ୬ ପଏଣ୍ଟ। ଦ୍ୱିତୀୟ ଇନିଂସରେ ବେଙ୍ଗଲ ଦଳ ୫୧ ଓଭରରେ ୨୭୧/୯ରେ ପାଳି ସମାପ୍ତ ଘୋଷଣା କରି ଓଡ଼ିଶାକୁ ବ୍ୟାଟିଂ ପାଇଁ ଆହ୍ୱାନ କରିଥିଲା। ବେଙ୍ଗଲ ପକ୍ଷରୁ

## ● ଓଡ଼ିଶାର ଓମ ଟି ମୁଣ୍ଡେଙ୍କ ୫ ୱିକେଟ ବ୍ୟର୍ଥ
## ● ବେଙ୍ଗଲର ଇର୍ଷାଦ ଆଲାମ ଓ ରୋହିତଙ୍କୁ ୫ ୱିକେଟ

ଗତକାଲି ଆୟୁଷ ସିଂ ୧୨୯ରନ, ପ୍ରଭାତ ମୌର୍ଯ୍ୟଙ୍କ ୩୮ରନ, ସୁମିତ ନାଗଙ୍କ ୨୭ରନ କରିଥିଲେ। ଆଜି ଅଧିନାୟକ ଶଶାଙ୍କ ସିଂ ୨୭ରନ, ସୁଖମିତ ସିଂ ୧୭ ରନ୍ କରିଥିଲେ। ଦଳ ୯ ୱିକେଟ ବିନିମୟରେ ୨୭୧ରନ କରି ପାଳି ସମାପ୍ତ ଘୋଷଣା କରିଥିଲା। ଓଡ଼ିଶା ପକ୍ଷରୁ ଓମ ଟି ମୁଣ୍ଡେ ୨୫/୫ ୱିକେଟ ନେଇଥିବା ବେଳେ ସମ୍ବିତ ବରାଳ ୫୩/୩ ୱିକେଟ, ବାଦଲ ବିଶ୍ୱାଳ ୯୧/୧ୱିକେଟ ନେଇଥିଲେ।

ଓଡ଼ିଶା ଦଳ ୨୯୪ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇ ଥିଲା। ପାଖା ପାଖି ସମସ୍ତ ବ୍ୟାଟ୍ସମ୍ୟାନ୍ ବେପରୱା ମନୋଭାବରେ ଖେଳି ନିୟମିତ ବ୍ୟବଧାନରେ ୱିକେଟ ହରାଇଥିଲେ। ବିଜୟର ସମସ୍ତ ସମ୍ଭାବନା ଥିବା ଏହି ମ୍ୟାଚ୍‌ରେ ଶେଷରେ ଓଡ଼ିଶା ଦଳ ୧୯୧ରନ କରି ଅଲ୍ ଆଉଟ୍ ହୋଇଥିଲା ଏବଂ ୧୦୨ରନର ପରାଜୟ ବରଣ କରିଥିଲା। ଓଡ଼ିଶା ଦଳର ଶ୍ରେୟନ୍ସ ଭରଦ୍ୱାଜ ସର୍ବାଧିକ ୪୦ରନ କରିଥିବା ବେଳେ ସମ୍ବିତ ଜେନା ୩୧ରନ କରିଥିଲେ। ପ୍ରତିପକ୍ଷ ବେଙ୍ଗଲ ଦଳ ପକ୍ଷରୁ ଇର୍ଷାଦ ଆଲମ ୭୧/୫ୱିକେଟ, ରୋହିତ ୬୧/୫ ୱିକେଟ ନେଇଥିଲେ। ମ୍ୟାଚ୍‌ରେ ବେଙ୍ଗଲର ଆୟୁଷ ସିଂ ଉଭୟ ଇନିଙ୍ଗସରେ ଶତକ ଯଥାକ୍ରମେ ୧୦୭ରନ ଓ ୧୨୯ରନ, ଇର୍ଷାଦ ଆଲମ ମ୍ୟାଚ୍‌ରେ ୧୦ ୱିକେଟ ଯଥାକ୍ରମେ ୯୭/୫ ୱିକେଟ ଓ ୭୧/୫ୱିକେଟ ନେଇଥିଲେ। ଦଳର ରୋହିତ ମ୍ୟାଚ୍‌ରେ ୬ ୱିକେଟ ନେଇଥିଲେ। ପ୍ରଥମ ଇନିଂସରେ ୫୭/୧ ୱିକେଟ, ଦ୍ୱିତୀୟ ଇନିଂଶରେ ୬୧/୫ ୱିକେଟ ନେଇଥିଲେ। ସେହିପରି ଓଡ଼ିଶା ଦଳର ବାଦଲ ବିଶ୍ୱାଳ ମ୍ୟାଚ୍‌ରେ ୭ ୱିକେଟ ଯଥା ପ୍ରଥମ ଇନିଂସରେ ୯୩/୬ ୱିକେଟ, ଦ୍ୱିତୀୟ ଇନିଂସରେ ୯୧/୧ ୱିକେଟ ନେଇଥିଲେ। ସେହିପରି ଓମ ଟି ମୁଣ୍ଡେ ଦ୍ୱିତୀୟ ଇନିଂସରେ ୨୫/୫ ୱିକେଟ ନେଇଥିଲେ। ଆଜିର ମ୍ୟାଚ୍ ପରେ ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷରୁ ପୂର୍ବତନ ଭାରତୀୟ ଖେଳାଳି ତଥା ବେଙ୍ଗଲ ଦଳର ଅନ୍ୟତମ କୋଚ ଉତ୍ପଳ ଚାଟାର୍ଜୀଙ୍କୁ ସ୍ମାରକୀ, ସାଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମ୍ୟାଚ୍ ରେଫରୀ ଓ ଆମ୍ପାୟର ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା କ୍ରିକେଟ ଆସୋସିଏସନର ପ୍ରାକ୍ତନ ସଭାପତି ଅରୁଣ ମହାନ୍ତି, ପ୍ରାକ୍ତନ ଉପସଭାପତି ପ୍ରଭାତାଦିତ୍ୟ ମିଶ୍ର, ପ୍ରାକ୍ତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ, ସମ୍ପାଦକରବି ପଣ୍ଡା, କୋଷାଧ୍ୟକ୍ଷ ଅମିୟ ଭୂଷଣ ସାହୁ, ପ୍ରଦୀପ ନନ୍ଦ, ଗୁରୁଦତ୍ତ ଦାସ, ରଜତ ଦାଶଙ୍କ ସହ କ୍ରିଷ୍ଣା ବିକାଶ ସ୍କୁଲର କ୍ରୀଡା ଅଧିକାରୀ ପିତାମ୍ବର ପ୍ରଧାନ, କୋଚ୍ ଅଶୋକ ସିଂ, ଆସିଷ୍ଟାଣ୍ଟ କୋଚ୍‌ରୂପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଖେଳକୁ ବିସିସିଆଇର ଅମ୍ପାୟାର ରଞ୍ଜୀବ ଶର୍ମା ଓ ଗଣେଶ ଚରହଟେ ପରିଚାଳନା କରିଥିବା ବେଳେ ମ୍ୟାଚ୍ ରେଫରି ଥିଲେ ଗୌରବ ବସିଷ୍ଠ।

## ସମସ୍ତଙ୍କ ଆଖିରେ ଲୁହ ଭରିଦେଲା 'ଆଶ୍ରୟ'



ଓଡ଼ାପଡ଼ା, ୯ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ହିନ୍ଦୋଳରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି (ଓପିଏସ) ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଆଶ୍ରୟ' ବେଶ୍ ପ୍ରଶଂସିତ ହୋଇଛି । ବଳଦ ହଡ଼ା ହେଇଗଲେ ମାଲିକ କଂସେଇକୁ ବିକିଦିଏ । କଂସେଇଟି ପର ହେଲେବି ହଡ଼ା ବଳଦଟିକୁ ମାରିବା ପର୍ଯ୍ୟନ୍ତ କୁଣ୍ଡା ତୋରାଣି ଦେଇ ବଞ୍ଚାଇ ରଖିଥାଏ । ହେଲେ ହତଭାଗ୍ୟ ପିତାମାତାଙ୍କ ଭାଗ୍ୟରେ ସେତିକି ବି ମିଳେନି । ବୃଦ୍ଧାବସ୍ଥାରେ ବଞ୍ଚିବା ପାଇଁ ନିଜ ପିଲାଙ୍କଠୁ ଠୋକର ଖାଇ ଆଶ୍ରୟ ଖୋଜନ୍ତି । ଏଭଳି ଏକ କାହାଣୀକୁ ନେଇ ଓପିଏସ୍ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ନାଟ୍ୟ ସଂସଦ ଦ୍ୱାରା ମଞ୍ଚସ୍ଥ ହେଇଛି ନାଟକ ଆଶ୍ରୟ । ଡ. ଦେବାନନ୍ଦ ଦାସଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ଏହି ନାଟକ ପ୍ରାୟ ଏକଘଣ୍ଟା ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିବା ସହ ସମସ୍ତଙ୍କ ଆଖିରେ ଲୁହ ଭରି ଦେଇଥିଲା । ଗୁରୁଚରଣ ରାଉତରାୟ, ରାଧେଶ୍ୟାମ ଦାସ ନାୟକ, ଶୁଭେନ୍ଦୁ ମହାପାତ୍ର ଓ ମଙ୍ଗରାଜ ମହାପାତ୍ରଙ୍କ ଅଭିନୟ ବେଶ୍ ଉଚ୍ଚକୋଟୀର ହୋଇଥିଲା । ନିର୍ଦ୍ଦେଶକ ତଥା ନାଟ୍ୟକାର ଡ. ଦେବାନନ୍ଦ ଦାସ ଓ ଧରିତ୍ରୀ ନାୟକଙ୍କ ହାସ୍ୟଧର୍ମୀ ଖଳ ଅଭିନୟ ଦର୍ଶକଙ୍କୁ ହସେଇବା ସହ ସେମାନଙ୍କ ପ୍ରତି ଦର୍ଶକଙ୍କ ମନରେ କ୍ଷୋଭ ଭରିଦେଇଥିଲା । ଏପରିକି ଦର୍ଶକମାନେ ଉଭୟଙ୍କୁ ଗାଳିଦେବାକୁ ମଧ୍ୟ ପଛାଇ ନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୁତିମୟୀ, ପ୍ରୀତିରଞ୍ଜନ, ଇତିଶ୍ରୀ ଓ ରବିନାରାୟଣ ମଧ୍ୟ ବଳିଷ୍ଠ ଅଭିନୟ କରିଥିଲେ । ଦେବୀଦତ୍ତ ଦାସ ବେହେରା ନୃତ୍ୟ ନିର୍ଦ୍ଦେଶନା ଦେଇଥିବା ଆବାହନୀ ସଙ୍ଗୀତ ଦେଇଥିଲେ ଗୋପାଳ । ମନୋଜ ରାଉତ ଓ ନୟନା ବରାଳ ମଞ୍ଚ ପରିଚାଳନା କରିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ନାଟକ ସହିତ ଜଡ଼ିତ କଳାକାରଙ୍କୁ ପ୍ରଶଂସା କରିବା ସହ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

## ଜମିରେ ଥିବା ଖାଲରେ ବୁଡ଼ି ଶିଶୁ ମୃତ

ଖଜୁରିଆକଟା, ୯ ।୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଏକ ଅଭାବନୀୟ ଘଟଣାକ୍ରମେ ବିଲ ମଝିରେ ଥିବା ଖାଲରେ ବୁଡ଼ି ଜଣେ ଶିଶୁର ଜୀବନଦୀପ ଲିଭିଯାଇଛି । ସୋମବାର ଅପରାହ୍ନରେ ରସୋଳ ଥାନା କାରନ୍ଦା ପଞ୍ଚାୟତ ଖଣ୍ଡିତିରି ଗ୍ରାମର ହୃଦାନନ୍ଦ ନାଏକଙ୍କ ଦ୍ୱିତୀୟ ଶ୍ରେଣୀ ପଢୁଥିବା ୯ ବର୍ଷୀୟ ପୁଅ ସାଇପ୍ରସାଦ ନାଏକ ଘର ପଛପାଖରେ ଥିବା ଜଣେ ବ୍ୟକ୍ତିଙ୍କ ବିଲ ନିକଟରେ ଖେଳୁଥିବା ବେଳେ ଉକ୍ତ ଜମିରେ ଥିବା ଏକ ପାଣି ଭର୍ତ୍ତି ତୁଆରେ ପଡ଼ିଯାଇଥିଲା । ପୁଅ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ପାଣିରୁ ଉଦ୍ଧାର କରି ଖଜୁରିଆକଟା ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି । ମଙ୍ଗଳବାର ବ୍ୟବଚ୍ଛେଦ ହେବ ବୋଲି ପୁଲିସ ସୂଚନା ଦେଇଛି । ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ୧୩ରେ ବିଜେଡିର ବିଶାଳ ଚାଷୀ ସମାବେଶ

ଢେଙ୍କାନାଳ, ୯ ।୨(ସମିସ):



ବିଜେଡି ଜିଲ୍ଲା କାର୍ଯ୍ୟାଳୟରେ ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ଡ. ନୃସିଂହ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ବୈଠକରେ ଜିଲ୍ଲା କମିଟିର ନୂତନ ପଦାଧିକାରୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ଆଗାମୀ ଦିନରେ ସଂଗଠନକୁ କିପରି ମଜବୁତ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ନିର୍ବାଚନ ସମୟରେ ବିଜେପି ଓଡ଼ିଶାବାସୀଙ୍କୁ ଯେଉଁ ସବୁ ପ୍ରତିଶ୍ରୁତି ଦେଇଥିଲା ତାହା ଏବେ ମିଥ୍ୟା ବୋଲି ଲୋକମାନେ ବୁଝିସାରିଲେଣି । ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ଭୁଶୁଡ଼ିପଡ଼ିଛି । ମହିଳା ନିଜକୁ ସମ୍ପୂର୍ଣ୍ଣ ଅସୁରକ୍ଷିତ ମନେ କରୁଛନ୍ତି । ମଣ୍ଡିରୁ ଧାନ ଉଠୁନାହିଁ । କୁଇଣ୍ଟାଲ ପ୍ରତି ୧୦ କିଲୋ କଟନୀଛଟନୀ ହେଉଛି । ଚାଷୀଙ୍କଠାରୁ ସରକାର ପର୍ଯ୍ୟାପ୍ତ ଧାନ ଗ୍ରହଣ ନ କରି ଉତ୍ପାଦନର ମାତ୍ର ୧୦ରୁ ୨୧ଭାଗ କିଣୁଥିବାରୁ ଚାଷୀମାନେ ୧୮୦୦ ଟଙ୍କାରେ ଧାନ ବିକିବାକୁ ବାଧ୍ୟ ହେଉଛନ୍ତି । ଫଳରେ ଚାଷୀକୁଳ ହତାଶ ହୋଇପଡ଼ିଛନ୍ତି । ପଲ୍ୟୁସନ ସାର୍ଟିଫିକେଟ ଏବେ ପ୍ରହସନରେ ପରିଣତ ହୋଇଛି । ଦରଦାମ ବୃଦ୍ଧିରେ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି । ବିଜେଡି ସମୟରେ ଯେଉଁସବୁ କାମ ଆରମ୍ଭ ହୋଇଥିଲା ସେହି କାମକୁ ରଙ୍ଗ ବଦଳାଇ ଓ ଫଳକ ବଦଳାଇ ବିଜେପି ସରକାର କେବଳ ବାହାବା ନେବାକୁ ଉଦ୍ୟମ କରୁଛି ବୋଲି ସଭାପତି ଡ. ସାହୁ ମତବ୍ୟକ୍ତ କରିଥିଲେ । ଏହାର ପ୍ରତିବାଦରେ ଆସନ୍ତା ୧୩ ତାରିଖ ବିଜେଡି ପକ୍ଷରୁ ବିଶାଳ ଚାଷୀ ସମାବେଶ ଓ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୧୩ ତାରିଖ ପୂର୍ବାହ୍ନ ସାଢ଼େ ୯ଟାରେ ବାଜିଚୌକ ନିକଟରୁ ଚାଷୀମାନଙ୍କୁ ନେଇ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିବ । ସେଠାରେ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଭାପତି ସୂଚନା ଦେଇଥିଲେ ।

ବୈଠକରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ କହିଲେ, ବିଜେପି ସରକାରଙ୍କ ଜନବିରୋଧୀ କାର୍ଯ୍ୟରେ ଓଡ଼ିଶାବାସୀ ଅତିଷ୍ଠ ହୋଇାପଡ଼ିଲେଣି । ଆଗାମୀ ପଞ୍ଚାୟତ ନିର୍ବାଚନରେ ରାଜ୍ୟବାସୀ ସେମାନଙ୍କୁ ଉଚିତ ଜବାବ ଦେବେ ବୋଲି ସେ କହିଥିଲେ । ୧୩ ତାରିଖ ବିକ୍ଷୋଭ ସମାବେଶକୁ ସଫଳ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ଗଁଦିଆ ବିଜେଡି ସଭାପତି ସ୍ୱର୍ଗତ ବିଶ୍ୱନାଥ ଜେନାଙ୍କ ବିୟୋଗରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇ ଶୋକସଭା ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ନରୋତ୍ତମ ସାହୁ, ନରୋତ୍ତମ ରାଉତ, ନିରାକାର ରାଉତ, ଜିଲ୍ଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୂରଜ ମହାପାତ୍ର, ଜିଲ୍ଲା ବିଜେଡି ଉପସଭାପତି ଦେବାଶିଷ ମିଶ୍ର, ଅଜୟ କୁମାର ଭଞ୍ଜ, ତିଲୋତ୍ତମା ଚୌଧୁରୀ, ସସ୍ମିତା ମହାନ୍ତି, ଜିଲ୍ଲା ଆଇନ ସେଲ ସଭାପତି ତଥା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ବରିଷ୍ଠ ନେତା ସୁକାନ୍ତ ମିଶ୍ର, ବିଶ୍ୱନାଥ ବେହେରା, ପ୍ରେମାନନ୍ଦ ସାହୁ, ଧର୍ମାନନ୍ଦ ବରାଳ, ଶୁଭେନ୍ଦୁ ସାହୁ, ଅଜୟ କୁମାର ସେଠୀ, ସୁଧାକର ସାହୁ, ଦିଲୀପ ସେଣ୍ଠ, ଶୁଭଲକ୍ଷ୍ମୀ ସାହୁ, ଶ୍ରଦ୍ଧାଞ୍ଜଳି ସାହୁ, ଜିଲ୍ଲାପରିଷଦ ସଭ୍ୟା ପୂର୍ଣ୍ଣିମା ଦେହୁରୀ, ଅଶୋକ ସାହୁ, ଅଶୋକ କୁମାର ପରିଡ଼ା, ନିରାକାର ପ୍ରଧାନ, ମମତାଞ୍ଜଳି ବେହେରା, ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ଗଙ୍ଗାଧାର ରାଉତ, ଯୁବ ବିଜେଡି ନଗର ସଭାପତି ବ୍ରହ୍ମାନନ୍ଦ ସାହୁ, ଛାତ୍ରନେତା ଓମ୍‌ପ୍ରକାଶ ନାୟକ, କାଉନସିଲର ଲିପିକା ଦାସ, ମହମ୍ମଦ ସାଗିର, ବଂଶୀଧର ଦଳେଇ, ରୋଜାଲିନ ସାହୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ । ନଗର ସଭାପତି ବିନୋଦ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର



କଙ୍କଡ଼ାହାଡ଼, ୯ ।୨(ସମିସ): କଙ୍କଡ଼ାହାଡ଼ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଏସ୍‌ପି ଅଭିନବ ସୋନକର ଉପସ୍ଥିତ ରହି ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଗ୍ରାମ ସମସ୍ୟା, ଆବାସ ଯୋଜନା, ସ୍ୱାସ୍ଥ୍ୟ ସମସ୍ୟା, ୩୮ କୋଟି ବ୍ୟୟରେ ପୂର୍ତ୍ତ ବିଭାଗ ବାଇସିଙ୍ଗା-ସସାପସି ରାସ୍ତା କାର୍ଯ୍ୟ ନିମ୍ନମାନର, ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସମନ୍ୱିତ ପରୀକ୍ଷାଗାର ଗୃହ ନିର୍ମାଣ ନିମ୍ନମାନର ସମେତ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଅଭିଯୋଗ ଆସିଥିଲା । ଜିଲ୍ଲାପାଳ ପାଟିଲ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମୁଦାୟ ୫୨ଟି ଅଭିଯୋଗ ହୋଇଥିଲା । ୭ ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଓ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ ମହାପାତ୍ର, ଉପଜିଲ୍ଲାପାଳ ଦୀନମଣି ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ରୁଦ୍ରପ୍ରସନ୍ନ ପରିଜା, ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଉପାଧ୍ୟକ୍ଷ ଦୀପା ସାହୁ, ତହସିଲଦାର ସୌଦାମିନୀ ନାୟକ, ବିଡିଓ ଯଶୋବନ୍ତ ଦେହୁରୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ବିଇଓ ସାଗର ଟୁଡୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ପର୍ଶୁରାମ ପଟ୍ଟନାୟକ, ଯୋଗାଣ ଅଧିକାରୀ ମୋନାଲିସା ଜେନା, କୃଷି ଅଧିକାରୀ ମଧୁସ୍ମିତା ଶତପଥୀଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ହିନ୍ଦୋଳ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ସମ୍ମାନ

ଖଜୁରିଆକଟା, ୯ ।୨(ସମିସ): ସ୍ଥାନୀୟ ହିନ୍ଦୋଳ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ବାର୍ଷିକ ସମ୍ମାନ ବିଭାଗୀୟ ମୁଖ୍ୟ ଶିଖା ଶିଅଳଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ସୋମବାର ଅନୁଷ୍ଠିତ ହୋଇଛି । ବିଭାଗୀୟ ଅଧ୍ୟାପକ ହରମୋହନ ସାହୁ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟଅତିଥି ରୂପେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଭାରତ ଏକ ଅର୍ଥନୈତିକ ଶକ୍ତି ଭାବେ ଉଭା ହେଉଥିବା ବେଳେ ଡିଜିଟାଲ ପେମେଣ୍ଟ ଏକ ଅତ୍ୟାବଶ୍ୟକ ସେବାରେ ପରିଣତ ହୋଇଛି ବୋଲି ସେ କହିଥିଲେ । ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ମୁଖ୍ୟ ତ୍ରିଲୋଚନ ସାହୁ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଡିଜିଟାଲ ପେମେଣ୍ଟର ଉପକାରିତା ଓ ଅପକାରିତା ସମ୍ପର୍କରେ ଉଲ୍ଲେଖ କରିଥିଲେ । ଶିକ୍ଷା ବିଭାଗ ମୁଖ୍ୟ ସୁରେଶ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଛାତ୍ରଛାତ୍ରୀମାନେ ନିଜ ମୂଲ୍ୟବାନ ସନ୍ଦର୍ଭ ପାଠ କରିବା ସହ ପ୍ରଶ୍ନୋତ୍ତରରେ ଭାଗ ନେଇ ସନ୍ଦେହ ଦୂରୀଭୂତ କରିଥିଲେ । କର୍ମଚାରୀ ମଙ୍ଗରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୁଖ୍ୟମନ୍ତ୍ରୀ ବସ୍‌ସେବା ଭଡ଼ା ବଢ଼ିଲା

ଗଁଦିଆ, ୯ ।୨(ସମିସ): ରାଜ୍ୟ ସରକାର ଲକ୍ଷ୍ମୀବସକୁ ମୁଖ୍ୟମନ୍ତ୍ରୀ ବସ୍‌ସେବା ନାମରେ ନାମିତ କରିବା ପରେ ସବୁ ପୁରୁଣା ନିୟମ ଅନୁସାରେ ଚାଲିଥିଲା । ମାତ୍ର ଘରୋଇ ବସ ମାଲିକ ସଂଘର ମୁଖ୍ୟମନ୍ତ୍ରୀ ବସ ସେବାକୁ ବନ୍ଦ କରିବା ନେଇ ବାରମ୍ବାର ଧମକ ପରେ ସରକାର ଏହି ସେବାରେ ପରିବର୍ତ୍ତନ ଆଣିଛନ୍ତି । ବର୍ତ୍ତମାନ ଜିଲ୍ଲାରେ ଚାଲିଥିବା ମୁଖ୍ୟମନ୍ତ୍ରୀ ବସରେ ଯାତ୍ରୀମାନଙ୍କୁ କିଲୋମିଟର ପିଛା ୮୮ ପାଇସା ଭଡ଼ା ଦେବାକୁ ପଡୁଛି । ଏହି ବସରେ ଦ୍ୱାଦଶ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଯିବାଆସିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ମହିଳା, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ,



ତୃତୀୟଲିଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ୫୦ ପ୍ରତିଶତ ରିଆତି ପ୍ରଦାନ କରାଯାଇଛି । ସମୁଦାୟ ହିନ୍ଦୋଳ ବ୍ଲକରେ ୮, ସଦର ବ୍ଲକରେ ୯, ଓଡ଼ାପଡ଼ା ବ୍ଲକରେ ୭, ଭୁବନ ବ୍ଲକ ୭, କଙ୍କଡ଼ାହାଡ଼ ବ୍ଲକରେ ୬, ଗଁଦିଆ ବ୍ଲକରେ ୫, କାମାକ୍ଷାନଗର ବ୍ଲକରେ ୫, ପରଜଙ୍ଗ ବ୍ଲକରେ ୫ଟି ମୁଖ୍ୟମନ୍ତ୍ରୀ ବସ ୫୨ଟି ରୁଟ୍‌ରେ ଚାଲିଛି । ଏନେଇ ରାଜ୍ୟ ପରିବହନ ବିଭାଗର ଜିଲ୍ଲା ଏମଡି ରଶ୍ମିତା ପ୍ରିୟଦର୍ଶିନୀଙ୍କୁ ପଚାରିବାରୁ ଏହାକୁ ସେ ସ୍ୱୀକାର କରିବା ସହ ଜିଲ୍ଲାରେ ଏହି ନିୟମ ଲାଗୁ ହୋଇସାରିଥିବା କହିଛନ୍ତି । ଟିକଟରେ ମଧ୍ୟ ସେତିକି ଟଙ୍କା ପୈଠ ନେଇ ରିପୋର୍ଟ ବାହାରୁଥିବାରୁ କୌଣସି ହେରଫେର ହେବାର ସମ୍ଭାବନା ନ ଥିବା କହିଛନ୍ତି । ବସରେ ଯାତାୟାତ କରୁଥିବା ସମସ୍ତ ରିଆତିଧାରୀ ପରିଚୟପତ୍ର ଦେଖାଇଲେ ରିଆତି ପାଇପାରିବେ । ବିଦ୍ୟାର୍ଥୀମାନେ ପରିଚୟପତ୍ର, ଡ୍ରେସ କୋଡ୍ ପରିଧାନ କରିବା ଜରୁରୀ ବୋଲି କହିଛନ୍ତି ଗଁଦିଆ ଦାୟିତ୍ୱରେ ଥିବା ଅଧିକାରୀ ପ୍ରିୟଙ୍କା ପୋଥାଲ । ବିଦ୍ୟାର୍ଥୀମାନଙ୍କୁ ସବୁ ସ୍କୁଲରେ ଅଦ୍ୟାବଧି ଡ୍ରେସ ବଣ୍ଟନ ଓ ପରିଚୟପତ୍ର ପ୍ରଦାନରେ ସଫଳ ହୋଇନାହାନ୍ତି । ଯାହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି । ଗଁଦିଆ ବ୍ଲକର ୨୯ ପଞ୍ଚାୟତ ମଧ୍ୟରୁ ଦଶମାଣ ପାଟଣା ପଞ୍ଚାୟତକୁ ବସ ଯାଉନାହିଁ । ଅନ୍ୟ ୨୮ ପଞ୍ଚାୟତକୁ ୫ଟି ବସ ଯାତାୟାତ କରୁଛି । ଗଁଦିଆରୁ ଖଁକିରା, ଗଁଦିଆରୁ ନିହାଲପ୍ରସାଦ, ଗଁଦିଆରୁ କାଲୁରିଆ, ଗଁଦିଆରୁ କରମୂଳ, ଗଁଦିଆରୁ ସୋରିସିଆପଦା ବସ ସେବା ରହିଛି । କିନ୍ତୁ ଅନେକ ସ୍ଥାନରେ ବସ ଷ୍ଟପ ଅଦ୍ୟାବଧି ଶେଷ ହୋଇନାହିଁ । ଗଁଦିଆଠାରେ ବସ ରହଣି ସ୍ଥଳରେ ପାଣି ସୁବିଧା ନ ଥିବା ଜଣାଯାଇଛି ।

## ଗଁଦିଆରେ ଏନଏସି କାର୍ଯ୍ୟାଳୟ ପ୍ରତିଷ୍ଠା ଦାବି

ଗଁଦିଆ, ୯ ।୨(ସମିସ): ଗଁଦିଆଠାରେ ନୂତନ ଏନଏସିର ସ୍ଥାୟୀ କାର୍ଯ୍ୟାଳୟ ପାଇଁ ଏକ ପ୍ରଶାସନିକ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ନୂତନ ଭାବେ ଗଠନ ହୋଇଥିବା ଗଁଦିଆ ଏନଏସିରେ ଗଁଦିଆ ଓ ପୋରହଖୋଜ ପଞ୍ଚାୟତ ସହ ବିଧାରପୁର ପଞ୍ଚାୟତ ସାପୁଆଝର ଗ୍ରାମ ଓ ମଠତେନ୍ତୁଳିଆ ପଞ୍ଚାୟତ ଇଲେଇଜଙ୍ଗ ରାଜସ୍ୱ ଗ୍ରାମ ଓ ମୁଗପଦା ପଡ଼ା ଗ୍ରାମକୁ ନେଇ ସୀମା ନିର୍ଦ୍ଧାରଣ ହୋଇଛି । ତେବେ ଏନଏସି କାର୍ଯ୍ୟାଳୟକୁ ନେଇ ବର୍ତ୍ତମାନ ବିବାଦ ମୁଣ୍ଡ ଟେକିଛି । ଗଁଦିଆରେ ଉକ୍ତ କାର୍ଯ୍ୟାଳୟ ସ୍ଥାପନ ପାଇଁ ଦାବି ଜୋର ଧରିଛି । ଦୀର୍ଘଦିନ ଧରି ଆଙ୍କୁଦା, ବାଙ୍ଗଲ, ଶ୍ରୀରାମଚନ୍ଦ୍ରପୁର, ଇଲେଇଜଙ୍ଗ, ଛତାଖୁମ୍ବ ଓ ମୁଗପଦା ଗ୍ରାମଗୁଡ଼ିକ ବିକାଶଠାରୁ ବହୁତ ଦୂରରେ ଅଛି । ଯଦି କାର୍ଯ୍ୟାଳୟ ଗଁଦିଆରେ କରାଯାଏ ତେବେ ଆଗାମୀ ଦିନରେ ଏହି ସବୁ ଗ୍ରାମଗୁଡ଼ିକର ବିକାଶ ହେବା ସହ ଆର୍ଥିକ ଦୃଷ୍ଟି କୋଣରୁ ସ୍ୱଚ୍ଛତା ଆସିପାରିବ । ଏହିସବୁ ଦୃଷ୍ଟିକୋଣରୁ ଗଁଦିଆଠାରେ ଏନଏସି କାର୍ଯ୍ୟାଳୟ ନିର୍ମାଣ ପାଇଁ ଗଁଦିଆ ସ୍ୱାଭିମାନ ମଞ୍ଚ ପକ୍ଷରୁ ଦାବି କରାଯାଇଛି । ସଭାପତି ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ବିରାଟ ଶୋଭାଯାତ୍ରା ମା' ତାରିଣୀ ମନ୍ଦିର ଛକରୁ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା । ସେଠାରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରାଙ୍କୁ ମଞ୍ଚ ସଭାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଦାବିପତ୍ର ପ୍ରଦାନ କରିଥିଲେ । ଏଥିସହ ତହସିଲଦାର ସତ୍ୟଜିତ ମହାପାତ୍ରଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲା । ଶୋଭାଯାତ୍ରାରେ ଗଁଦିଆ ଗ୍ରାମ ସଭାପତି ମଙ୍ଗରାଜ ବାରିକି, ପୂର୍ବତନ ଗଁଦିଆ ଗ୍ରାମ ସଭାପତି ସଚ୍ଚିଦାନନ୍ଦ ବେହେରା, ରାମଚନ୍ଦ୍ର ସାହୁ, ହଟନାଥ ରାଉତ, ପ୍ରତାପ ଦାସ, ଡମ୍ବରୁଧର ସେଠୀ, କମଳ ଲୋଚନ ସେଠୀ, ରବିନାରାୟଣ ସେଠୀ, ମଳୟ କୁମାର ଜେନା, ପ୍ରଭାକର ବେହେରା, ନୀଳାମ୍ବର ବେହେରା, ପ୍ରଶାନ୍ତ କୁମାର ଭୂତିଆ, କୃଷ୍ଣଚନ୍ଦ୍ର ଭୂତିଆ, ଈଶ୍ୱର ଦେହୁରୀ, ଆମ୍ବୁଜ ମହାରଣା, ବନମାଳୀ ବାରିକଙ୍କ ସମେତ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ ।



**ଉଠୁନି ଧାନ, ଚିନ୍ତାରେ ୧୭୬ ଟୋକନଧାରୀ ଚାଷୀ**

## ରଣିଆକଟା ମଣ୍ଡିରେ ଧାନକିଣାରେ ଅଚଳାବସ୍ଥା

କିଶୋରନଗର, ୯ ।୨(ସମିସ): ମିଲର୍ସ ଅଥରିଟି ସ୍ଲିପ୍ (ଏମ୍ଏଏସ୍) ନ ଥିବାରୁ କିଶୋରନଗର ବ୍ଲକ ରଣିଆକଟା ସେବା ସମବାୟ ସମିତି ପକ୍ଷରୁ ଚାଲିଥିବା ଧାନକିଣା ଏବେ ବନ୍ଦ ରହିଛି । ଫଳରେ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଚଳିତ ବର୍ଷ ଖରିଫ ଋତୁରେ ଏହି ସମବାୟ ସମିତି ଅଧୀନରେ ୪୦୫ ଚାଷୀ ନିଜ ନାମ ପଞ୍ଜୀକରଣ କରିଥିଲେ । ସମିତି ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୨୩୮ ଚାଷୀଙ୍କଠାରୁ ପ୍ରାୟ ୮୩୬୧ କ୍ୱିଣ୍ଟାଲ ଧାନ କିଣାଯାଇଛି । ଅବଶିଷ୍ଟ ୧୭୬ ଟୋକନଧାରୀ ଚାଷୀଙ୍କ ପ୍ରାୟ ୮୦୦୦ କ୍ୱିଣ୍ଟାଲ ଧାନ କିଣାଯିବା କଥା । ହେଲେ ଏମ୍ଏଏସ୍ ନ ଥିବାରୁ ଆଉ ମିଲର ମଣ୍ଡିକୁ ଧାନ କିଣିବାକୁ ଆସୁନାହିଁ । ଏ ସମ୍ପର୍କରେ ଉପଖଣ୍ଡ ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ କହିଲେ, ଏମ୍ଏଏସ୍ ପାଇଁ ଜିଲ୍ଲାପାଳଙ୍କ ଅନୁମତି ମଗାଯାଇଛି । ଅନୁମତି ଆସିଲେ ଖୁବଶୀଘ୍ର ଅବଶିଷ୍ଟ ଚାଷୀଙ୍କ ଧାନ କିଣାଯିବ ବୋଲି ସେ କହିଛନ୍ତି । ତୁରନ୍ତ ଟୋକନ ଧରି ବସିଥିବା ଚାଷୀଙ୍କ ଧାନ କିଣିବାକୁ ଚାଷୀ ମହଲରେ ଦାବି ହେଉଛି ।

## ଗାଁର ସର୍ବାଙ୍ଗୀନ ଉନ୍ନତି ପାଇଁ ଶପଥ



ଭୁବନ, ୯ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମାର୍ଥାପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ରାଜନାରାୟଣ ତ୍ରିପାଠୀଙ୍କ ଆବାହକତ୍ୱରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଆମେରିକାରେ ୪୨ ବର୍ଷ ଧରି ରହୁଥିବା କ୍ରେଟନ ୟୁନିଭର୍ସିଟିର ଫାର୍ମାସି ବିଭାଗ ମୁଖ୍ୟ ଅଲେଖ ଚନ୍ଦ୍ର ଦାଶ, ଜାଇକା ପ୍ରକଳ୍ପର ବରିଷ୍ଠ ଉପଦେଷ୍ଟା ଇଂ ଯୁଗଳ କିଶୋର ତ୍ରିପାଠୀ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପ୍ରିୟରଞ୍ଜନ ଦାଶ, ଅବସରପ୍ରାପ୍ତ ପ୍ରିନ୍ସିପାଲ ପ୍ରଭାତ କୁମାର ଦାଶ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୂର୍ଯ୍ୟନାରାୟଣ ତ୍ରିପାଠୀ, ଅଧିବକ୍ତା ସାଇପ୍ରସାଦ ଦାସ, ଅବସରପ୍ରାପ୍ତ ଉଦ୍ୟାନବିତ୍ ସୁଶାନ୍ତ କୁମାର ଦାଶ, ପାଲା ଗାୟକ ଶ୍ରୀଧର ଦାସ, ବଟକୃଷ୍ଣ ଦାଶ, ସିଦ୍ଧାର୍ଥ ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ । ଗାଁର ୩୫ ଫୁଟିଆ ରାସ୍ତା, ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା ଓ ଏହାର ସମାଧାନ, ଆଲୋକୀକରଣ, ଗ୍ରାମ୍ୟ ସୁରକ୍ଷା, ରାମେଶ୍ୱର ମନ୍ଦିର କାର୍ଯ୍ୟ, ନଦୀକୂଳିଆ ଗ୍ରାମ ହୋଇଥିବାରୁ ନଦୀବନ୍ଧ ସୁରକ୍ଷା, ନଦୀବନ୍ଧ ସୁରକ୍ଷାରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ, ବନୀକରଣ, ସୁନେଇ ରୁପେଇ ପାହାଡ଼ ଶିଖରକୁ ରାସ୍ତା ପୂର୍ଣ୍ଣାଙ୍ଗୀକାରଣ, ପାହାଡ଼ ଶିଖରରେ ହନୁମାନ ମୂର୍ତ୍ତିର ପୂର୍ଣ୍ଣାଙ୍ଗୀକାରଣ, ଜଳସମ୍ପଦ ବିଭାଗ ଦ୍ୱାରା ଚାଷଜମିକୁ ଜଳ ଯୋଗାଣ, ଦୋଳ ପର୍ବରେ ସାମାଜିକ ସମରସତ୍ତା, ସୁନେଇ ରୁପେଇରେ ନିର୍ଦ୍ଦିଷ୍ଟ ଦିନରେ ଉତ୍ସବ ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଭାଗ ନେଇଥିଲେ । ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୧୦ ଜଣ ପ୍ରବାସୀ ଯୋଗଦେଇଥିଲେ । ପ୍ୟାରୀମୋହନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀକ୍ଷେତ୍ର ଦର୍ଶନରେ ବାହାରିଲେ ବୃଦ୍ଧବୃଦ୍ଧା




ଗଁଦିଆ, ୯ ।୨(ସମିସ): ଗଁଦିଆ ବ୍ଲକରେ କାର୍ଯ୍ୟରତ ଆଞ୍ଚଳିକ ସେବା ସଂଗଠନ ପକ୍ଷରୁ ଅଞ୍ଚଳର ଗରିବ ପରିବାରର ବୃଦ୍ଧବୃଦ୍ଧାମାନଙ୍କୁ ଶ୍ରୀକ୍ଷେତ୍ର ଦର୍ଶନ କରାଇବା ପାଇଁ ପ୍ରତିବର୍ଷ ବ୍ୟବସ୍ଥା କରାଯାଉଛି । ଅନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଚଳିତବର୍ଷ ୧୩ ବର୍ଷରେ ପହଞ୍ଚିଛି । ଏହି ଉପଲକ୍ଷେ ରବିବାର ସନ୍ଧ୍ୟାରେ ଧର୍ମଯାତ୍ରାରେ ଯାଉଥିବା ଭକ୍ତମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ମୁଖ୍ୟବକ୍ତା ଭାବେ ସମାଜସେବୀ ତାପସ ରାଉତ, ସମ୍ମାନିତ ଅତିଥି ଭାବେ ଗଁଦିଆ ବ୍ଲକ କଂଗ୍ରେସ ସଭାପତି ବନମାଳୀ ଦାସ, ସୁନୀଲ ମିଶ୍ର ଓ ସଚ୍ଚିଦାନନ୍ଦ ବେହେରା ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଏହି ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ରମାକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଅଭିମନ୍ୟୁ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ପ୍ରଭାସ କୁମାର ସାହୁ ଅନୁଷ୍ଠାନର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହ ବୃଦ୍ଧବୃଦ୍ଧାମାନଙ୍କ ନିମନ୍ତେ ଏକ ଜରାଶ୍ରମ ସ୍ଥାପନ ପାଇଁ ପ୍ରଚେଷ୍ଟା ଜାରି ରହିଥିବା ପ୍ରକାଶ କରିଥିଲେ । ଅନୁଷ୍ଠାନ ପକ୍ଷରୁ ବଣିପଡ଼ା ଜୟଦୁର୍ଗା ପାଇକ ସଂଘ, ଗଁଦିଆ ଜଗତ ଜନନୀ ଦଣ୍ଡନୃତ୍ୟ ଓ ସାଆନ୍ଦାପଶି ସଂକୀର୍ତ୍ତନ ମଣ୍ଡଳୀକୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭ୍ୟ ରମାକାନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ । ସନ୍ଧ୍ୟାରେ ଭିନ୍ନକ୍ଷମ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ପରେ ୧୦୦ଜଣ ବୃଦ୍ଧବୃଦ୍ଧାଙ୍କୁ ନେଇ ଅନୁଷ୍ଠାନ କର୍ମକର୍ତ୍ତାମାନେ ପୁରୀ ଗସ୍ତ କରିଛନ୍ତି ।

# କପିଳାସ ଜାଗରମେଳାରୁ ମୁହଁ ଫେରାଉଛନ୍ତି ଭକ୍ତ

ଢେଙ୍କାନାଳ, ୯ ।୨(ସମିସ):

ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସ ଜାଗର ଯାତ୍ରାରେ ବର୍ଷକୁ ବର୍ଷ ଶ୍ରଦ୍ଧାଳୁ ଭକ୍ତଙ୍କ ସଂଖ୍ୟା ହ୍ରାସ ପାଉଥିବା ଜଣାପଡ଼ିଛି । କ୍ରମାଗତ ଅବ୍ୟବ୍ୟସ୍ଥା ଏବଂ ପ୍ରଶାସନିକ ଅପାରଗତା ଯୋଗୁଁ ଭକ୍ତମାନେ ଜାଗରଯାତ୍ରାରେ କପିଳାସ ପୀଠକୁ ଆସୁନାହାନ୍ତି । ଚଳିତ ବର୍ଷ ଜାଗର ପ୍ରସ୍ତୁତି ବୈଠକରେ ପ୍ରତିବର୍ଷ କେଉଁ କାରଣରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା କମି କମି ଯାଉଛି ତାହାର ସମୀକ୍ଷା କରାଯାଇନାହିଁ । ଯାତ୍ରୀମାନେ ଅଧିକ ସଂଖ୍ୟାରେ ପୀଠ ଉପରକୁ କିପରି ଯାଇପାରିବେ ସେଥିପାଇଁ କୌଣସି ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇନାହିଁ । ସକାଳ ୬ଟାରୁ ଯାନବାହାନଗୁଡ଼ିକ ପୀଠ ଉପରକୁ ଯିବାକୁ ବାରଣ କରାଯାଇଛି । କେବଳ ହାତଗଣତି ସେବାୟତ ଓ ସାମ୍ବାଦିକଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କ ଉପରେ କଟକଣା ରହିଛି । ସରକାରୀ ଗାଡ଼ିଗୁଡ଼ିକ କ୍ଷେତ୍ରରେ ଏହି ନିୟମ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ଜାଗର ଯାତ୍ରା ସମୟରେ ପାଣି, ବିଜୁଳି, ସ୍ୱାସ୍ଥ୍ୟ, ପୁଲିସ, ଦେବୋତ୍ତର ଓ ଅଗ୍ନିଶମ ବିଭାଗକୁ ଛାଡ଼ିଦେଲେ ଅନ୍ୟ ବିଭାଗର କାର୍ଯ୍ୟ ପୀଠରେ କିଛି ନ ଥିବାବେଳେ ଅନ୍ୟ ବିଭାଗର ଗାଡ଼ିଗୁଡ଼ିକ ପୀଠ ଉପରକୁ ଯାଇ ରାସ୍ତା ଜାମ୍ କରୁଥିବାରୁ ହିଲ୍ ଟପ୍ ଗାଡ଼ିଗୁଡ଼ିକ ଯାତାୟାତରେ ବାଧାପ୍ରାପ୍ତ ହେଉଛି । ଭକ୍ତଙ୍କ ଯାତାୟାତ ପାଇଁ ପର୍ଯ୍ୟାପ୍ତ ହିଲ ଟପ ଗାଡ଼ି ବ୍ୟବସ୍ଥା ନ ଥିବାରୁ ଚଢ଼ା ଦରରେ ଅସୁରକ୍ଷିତ ଭାବେ ଯାତ୍ରୀମାନଙ୍କୁ ପୀଠ ଉପରକୁ ଯିବାକୁ ପଡୁଛି । ଏ କ୍ଷେତ୍ରରେ ପ୍ରଶାସନର ଧ୍ୟାନ ରହୁନାହିଁ । ପୀଠ ଉପରେ ଓ ତଳେ ଯାତ୍ରୀମାନଙ୍କ ପାଇଁ ପର୍ଯ୍ୟାପ୍ତ ଆଲୋକ, ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା ନ ଥିବା ବେଳେ ଏ ଦିଗରେ ମଧ୍ୟ ବର୍ଷବର୍ଷ ଧରି ଦୃଷ୍ଟି ଦିଆଯାଉନାହିଁ । ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନାରେ ପ୍ରତିବର୍ଷ ଭକ୍ତମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି । ଏପରି ଅବ୍ୟବସ୍ଥା ପ୍ରତିବର୍ଷ ପରିଲକ୍ଷିତ ହେଉଥିଲେ ମଧ୍ୟ ଏହାର ନିରାକରଣ ପାଇଁ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ କପିଳାସ ପୀଠକୁ ଶ୍ରଦ୍ଧାଳୁମାନେ ଜାଗର ଜାଳିବା ଯିବାକୁ ଅନାଗ୍ରହ ପ୍ରକାଶ କରୁଛନ୍ତି । ବର୍ଷକୁ ବର୍ଷ ଶ୍ରଦ୍ଧାଳୁଙ୍କ ସଂଖ୍ୟା କମିବାରେ ଲାଗିଥିବାରୁ କପିଳାସ ଯାତ୍ରୀପରିଷଦ ସଭାପତି ସୁକାନ୍ତ ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି । ଜାଗର ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟିଦେଇ କାର୍ଯ୍ୟ କରିବା ପାଇଁ ସେ ଦାବି କରିଛନ୍ତି ।

୪ ଲେବର୍ କୋଡ୍‌କୁ ତୀବ୍ର ବିରୋଧ

# 'ବନ୍ଦ'କୁ ସମର୍ଥନ ପାଇଁ ଟ୍ରେଡ୍ ୟୁନିଅନ୍ ମିଳିତ ସଂଘର ଆହ୍ୱାନ

ସମ୍ବଲପୁର, ୯।୨ (ସମିସ)

ଶ୍ରମିକ ବିରୋଧୀ ଶ୍ରମକୋର୍ଡ ବାତିଲ ଦାବି, ଜି.ରାମ୍.ଜି ଆଇନ ପ୍ରତ୍ୟାହାର କରି ମନରେଗା ଲାଗୁ କରିବା, ଜନବିରୋଧୀ ବିଦ୍ୟୁତ୍ ବିଲ ସଂଶୋଧନ ପ୍ରତ୍ୟାହାର, କୃଷକ ବିରୋଧୀ ବିଲ୍ ବାତିଲ ଆଦି ଦାବି ନେଇ ଆସନ୍ତା ୧୨ ତାରିଖ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ସମର୍ଥନ କରିବାକୁ ଟ୍ରେଡ୍ ୟୁନିଅନ ମିଳିତ ସଂଘ ଆହ୍ୱାନ ଦେଇଛି। ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚଏମଏସ, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲ୍‌ପିଏଫ୍, ସେୱା ଏବଂ ବ୍ୟାଙ୍କ, ବୀମା, ରାଜ୍ୟ ଓ କେନ୍ଦ୍ର ସରକାରୀ କର୍ମଚାରୀ ତଥା ଶିଳ୍ପ ସମୂହର ସ୍ୱାଧୀନ ଫେଡେରେସନ ପକ୍ଷରୁ ଆଜି ପୂର୍ବାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଆସନ୍ତା ୧୧ ତାରିଖ ଏକ ବାଇକ୍ ରାଲି କରି ଜନସାଧାରଣଙ୍କୁ ସମର୍ଥନ କରିବାକୁ ଅନୁରୋଧ କରାଯିବ। ଏହାସହ ୧୨ ତାରିଖରେ ହେବାକୁ ଥିବା ବନ୍ଦରେ ସାମିଲ ହେବାକୁ ସମସ୍ତ ଅନୁଷ୍ଠାନ ମାନଙ୍କୁ ଅନୁରୋଧ କରାଯାଇଥିବାବେଳେ ରେଳ ଚଳାଚଳ ଏବଂ ଡାକ୍ତରଖାନା, ଅଗ୍ନିଶମ, ଔଷଧ ଦୋକାନ ଆଦି ଜରୁରୀ ସେବାକୁ ବାଦ୍ ଦିଆଯିବ ବୋଲି ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଟ୍ରେଡ ୟୁନିଅନ୍‌ର ନେତୃବୃନ୍ଦ ଅଲ୍ ଓଡ଼ିଶା ରିଟାୟାର୍ଡ ଏମ୍ପ୍ଲୟିଜ ଆସୋସିଏସନ୍‌ର ଗଦାଧର କୁଅଁର, ଏଚ୍‌ଏମ୍‌ଏସ୍‌ର ଗୋକୁଳ ମେହେର, ସିଆଇଟିୟୁର ମହେଶ୍ୱର ଷଣ୍ଢ,



ଏଆଇଟିୟୁସିର ଏନ୍. ଗୋପାଳ, ଏଲ୍‌ଆଇସିର ତ୍ରିନାଥ ଦୋରା, ଏସ୍‌ଡବ୍ଲୁଇସିସିର ଲଳିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସାମ୍ବାଦିକ ସମ୍ମିଳନୀରେ ଟ୍ରେଡ୍ ୟୁନିଅନ ନେତୃବୃନ୍ଦ କହିଥିଲେ ଯେ, କେନ୍ଦ୍ର ସରକାର ବର୍ତ୍ତମାନର ୨୯ଟି ଶ୍ରମ କଲ୍ୟାଣ ଆଇନକୁ ୪ଟି ଶ୍ରମ ସଂହିତା (ଲେବର୍ କୋଡ୍) ଦ୍ୱାରା ପ୍ରଣୟନ କରିଛନ୍ତି। ଏହି ସଂହିତାଗୁଡ଼ିକୁ ସଂସଦରେ ଉପଯୁକ୍ତ ଆଲୋଚନା କିମ୍ବା ଟ୍ରେଡ୍ ୟୁନିୟନଗୁଡ଼ିକର ପରାମର୍ଶ ନ ନେଇ ଆଗତ କରାଯାଇଛି। ଏପ୍ରିଲ ୧ ତାରିଖରୁ ଏଗୁଡ଼ିକ କାର୍ଯ୍ୟକାରୀ କରାଯିବାର ପ୍ରସ୍ତାବ ରହିଛି। ଲେବର୍ କୋଡ୍ ହେଲେ - ନିର୍ଦ୍ଦିଷ୍ଟ ଅବଧିର ନିଯୁକ୍ତିକୁ ଆଇନଗତ ମାନ୍ୟତା ଦେଇ ସ୍ଥାୟୀ ନିଯୁକ୍ତିକୁ ଦୁର୍ବଳ କରିବ (ସ୍ଥାୟୀ ବଦଳରେ ୧ରୁ ୪ ବର୍ଷ ପର୍ଯ୍ୟନ୍ତ ଫିକ୍ସଡ୍ ଟର୍ମ ଚାକିରୀ କଥା କୁହାଯାଉଛି); ସର୍ବନିମ୍ନ ମଜୁରୀ, ଚାକିରି ସୁରକ୍ଷା, ଏବଂ ସାମାଜିକ ସୁରକ୍ଷାର ସୁବିଧାଗୁଡିକ ଲେବର୍ କୋଡ୍‌ରେ ପ୍ରତିହତ ହୋଇଯିବ (ବିଭିନ୍ନ ସ୍କିମ୍‌ରେ ଶ୍ରମିକ ମାନଙ୍କ ସର୍ବନିମ୍ନ ଦୈନିକ ମଜୁରୀକୁ ୧୭୮ ଟଙ୍କାକୁ କମାଇ ଆଣିବା ପାଇଁ ମସୁଧା କରାଯାଉଛି, ଆଉ କେତେକ ଶ୍ରମିକଙ୍କ ତା'ଠାରୁ କମ୍); ଶ୍ରମିକମାନେ ପାଞ୍ଚଦିନିଆ କାର୍ଯ୍ୟସପ୍ତାହ ଦାବି କରୁଥିବାବେଳେ, ଲେବର୍ କୋଡ୍ ନିଯୋଜକମାନଙ୍କୁ ଯଥେଷ୍ଟ ନିୟମନ ବିନା କାର୍ଯ୍ୟ ସମୟ ବୃଦ୍ଧି କରିବାର ଅନୁମତି ଦେବ (ଦୈନିକ କାର୍ଯ୍ୟସମୟ ୮ରୁ ୧୨ ଘଣ୍ଟାକୁ ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି); ନୂତନ ଆଇନଗତ ବ୍ୟବସ୍ଥା ତଳେ ୟୁନିୟନ ସଂଗଠନ ଏବଂ ଦରକାରୀ ସାମୁହିକ ଆନ୍ଦୋଳନ କରିବା ଅଧିକ କଷ୍ଟକର ହୋଇଯିବ (ଶ୍ରମିକଙ୍କ ବିରୋଧ ଏବଂ ସଂଗ୍ରାମକୁ ଅପରାଧୀକୃତ କରାଯାଇପାରେ) ଏବଂ ଧର୍ମଘଟ କରିବାର ଅଧିକାର ଲେବର୍ କୋଡ୍ ତଳେ ସୀମିତ ହୋଇ ରହିଯିବ ବୋଲି କହିଛନ୍ତି। କେନ୍ଦ୍ର ସରକାର 'ମନରେଗା' ଆଇନ୍‌କୁ ବାତିଲ କରି ଭି.ବି.ଜି-ରାମ୍ ଜୀ ଆଇନ କରିଛନ୍ତି। ଏହାଫଳରେ ଗ୍ରାମ୍ୟ ଶ୍ରମିକମାନଙ୍କ 'ମନରେଗା'ରେ ଯେଉଁ କାମ ପାଇବାର ଅଧିକାର ରହିଥିଲା ତାହା ହରାଇ ସରକାରଙ୍କ ଦୟା ଉପରେ ନିର୍ଭର କରିବେ। ପ୍ରସ୍ତାବିତ ବିଦ୍ୟୁତ୍ ବିଲ୍ - ୨୦୨୫ କୃଷି କ୍ଷେତ୍ରରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ। ପ୍ରସ୍ତାବିତ ବିଦ୍ୟୁତ ବିଲ୍ ଯୋଗୁଁ କୃଷି ଓ ଘରୋଇ କ୍ଷେତ୍ରରେ ଥିବା ଅତିକ୍ଷୁଦ୍ର, କ୍ଷୁଦ୍ର ସଂସ୍ଥା ତିଷ୍ଠି ରହିବା ପ୍ରତି ବିପଦସୃଷ୍ଟି ହେବ। ଏହିସବୁକୁ ଦୃଷ୍ଟିରେ ରଖି ଫେବୃଆରୀ ୧୨ ତାରିଖ ଦେଶବ୍ୟାପୀ ଧର୍ମଘଟକୁ ସମର୍ଥନ କରିବାକୁ ସମସ୍ତ ଶ୍ରମିକ, କର୍ମଚାରୀ, କୃଷକ, କ୍ଷେତମଜଦୂର, ମହିଳା, ଛାତ୍ର, ଯୁବକ ମାନଙ୍କୁ ଟ୍ରେଡ୍‌ୟୁନିଅନ ନେତୃବୃନ୍ଦ ସାମ୍ବାଦିକ ସମ୍ମିଳନୀରେ ଅନୁରୋଧ କରିଛନ୍ତି।

ଦୁତିକା ସାହୁ ମହାବିଦ୍ୟାଳୟରେ ଅନିୟମିତତା ଅଭିଯୋଗ

# ଭିଜିଲାନ୍ସ ତଦନ୍ତ ଦାବି କଲେ ଜିଲ୍ଲା ପରିଷଦ ସଭ୍ୟ

**ସମ୍ବଲପୁର, ୯।୨(ସମିସ):** ସମ୍ବଲପୁର ଜିଲ୍ଲା ଲଇଡ଼ା ସ୍ଥିତ ଦୁତିକା ସାହୁ ମହାବିଦ୍ୟାଳୟରେ ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ବସନ୍ତ କୁମାର ନାଏକ କାର୍ଯ୍ୟରତ ଥିବା ସମୟରେ ବହୁ ଅନିୟମିତତା ହୋଇଛି। ତେଣୁ ଏହାକୁ ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ କରିବାକୁ ରେଙ୍ଗାଲି ଜୋନର ଜିଲ୍ଲାପରିଷଦ ସଭ୍ୟ ଦେନାରାୟଣ ତିୱାରୀ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳଙ୍କ ଜରିଆରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଏକ ଅଭିଯୋଗ ପତ୍ର ପଠାଇଛନ୍ତି।

**ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି**

ଅଭିଯୋଗ ପତ୍ର ଅନୁସାରେ ୟୁଜିସି ମହିଳା ହଷ୍ଟେଲ ଅର୍ଦ୍ଧ ନିର୍ମାଣ କରି ପ୍ରାୟ ୨୨ ଲକ୍ଷରୁ ଅଧିକ ଟଙ୍କା ହଡ଼ପ ହୋଇଛି। ୨ ଲକ୍ଷ ୭୦ ହଜାରରେ ୟୁଜିସି ମହିଳାଙ୍କ ପାଇଁ ଶୌଚାଳୟ ନିର୍ମାଣ କରାଗଲା। ୟୁଜିସି ଲାଇବ୍ରେରୀ ବହି କିଣା, କାଗଜ କଲମରେ ୟୁଜିସି ଟଙ୍କାରେ କନ୍‌ଫରେନସ ହଲ ତିଆରି କରାଗଲା, ଯୁକ୍ତ ତିନି ବିଜ୍ଞାନଗାର ପାଇଁ ସମାଗ୍ରୀ କିଣା, ଯୁକ୍ତ ତିନି ପାଇଁ ୫ଟି ବିଲଡିଂ ନିର୍ମାଣରେ ନିମ୍ନମାନର, ନାକ୍ ଆକ୍ରିଡିଏସନ୍ ନାମରେ ୧୦ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ। ମିଛ ରାତ୍ରି ଜଗୁଆଳି ପିଅନ ନିଯୁକ୍ତି ଦେବା, ବିଭିନ୍ନ କ୍ଷେତ୍ରରେ କୌଣସି କାମ ନକରି ମିଛ ବିଲ କରିବା, ସିସିଟିଭି ଲଗାଇବାରେ ୧୦ ଲକ୍ଷ ଖର୍ଚ୍ଚ କରିବା, ସମସ୍ତ ଚୁକ୍ତି ଭିତିକ ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀଙ୍କୁ ନିୟମର ଆଳ ଦେଖାଇ ଛୁଟି ସମୟରେ ଛଟେଇ କରିବା ଆଦି ବିଷୟରେ ତଦନ୍ତ କରିବା ଆବଶ୍ୟକ ରହିଛି ବୋଲି ଦାବି କରିଛନ୍ତି। ସେହିପରି ମହାବିଦ୍ୟାଳୟର କୋଠା ନିର୍ମାଣ କରୁଥିବା ଠିକାଦାର, ଇଞ୍ଜିନିୟରଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଉ। କୋଠା ନିର୍ମାଣ ପୂର୍ବରୁ ଟେଣ୍ଡର ପ୍ରକ୍ରିୟା, ପରିଚାଳନା କମିଟି ସଦସ୍ୟଙ୍କ ମଞ୍ଜୁରୀ ନିଆଯାଇଛି ନା ନାହିଁ, କେଉଁ ବର୍ଷରେ କେତେ ଟଙ୍କା ଖର୍ଚ୍ଚ ହେବା, ଅଧ୍ୟାପକ ଶ୍ରୀକାନ୍ତ କୁମାର ପଟେଲଙ୍କ ଦରମା ବନ୍ଦ କାରଣରୁ ହୃଦ୍‌ଘାତ ଜନିତ ମୃତ୍ୟୁ ଘଟିଥିଲା ସେଥିପାଇଁ ଦାୟୀ କିଏ, ପ୍ରବୀଣ କୁମାର ପାଣ୍ଡେ ବର୍ଷବର୍ଷ ଧରି ଛୁଟିରେ ରହି ସମ୍ପୂର୍ଣ୍ଣ ଦରମା କିପରି ପାଇଥିଲେ ଏପରି ଅନେକ ଅଭିଯୋଗ କରିଥିଲେ। ଭିଜିଲାନ୍ସ ସମସ୍ତ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ କରିବାକୁ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ତିୱାରୀ ଦାବି କରିଛନ୍ତି।

# ଡିଏଭି ବୁର୍ଲାରେ ଆଶୀର୍ବାଦ ଉତ୍ସବ

**ସମ୍ବଲପୁର, ୯।୨(ସମିସ):** ବୁର୍ଲା ସ୍ଥିତ ଏମ୍‌ସିଏଲ ଡିଏଭି ବିଦ୍ୟାଳୟରେ ଆସନ୍ତା ସିବିଏସ୍‌ଇ ଦଶମଶ୍ରେଣୀ ବୋର୍ଡ ପରୀକ୍ଷାର୍ଥୀ ମାନଙ୍କ ନିମନ୍ତେ ଆଶୀର୍ବାଦ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ନିୟମିତ ପ୍ରାର୍ଥନା ସଭାପରେ ବିଦ୍ୟାଳୟର ପରିସରରେ ଏହି ଆଶୀର୍ବାଦ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର



ବେଦବାକ କର୍ତ୍ତା ରୂପେ ଦାୟିତ୍ୱ ତୁଲାଇ ଥିଲେ। ସନାତନ ଆର୍ଯ୍ୟ ସମାଜର ବୈଦିକ ରୀତିରେ ଯଜ୍ଞକାର୍ଯ୍ୟକୁ ଆଚାର୍ଯ୍ୟ ରୂପେ ଶାନ୍ତନୁ କୁମାର ତ୍ରିପାଠୀ ଓ ସୁଶାନ୍ତ କୁମାର ସାହୁ ତୁଲାଇଥିଲେ। ଏଥିରେ ଶ୍ରେଣୀ ଶିକ୍ଷକଙ୍କ ସହିତ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଗଣ ଉପସ୍ଥିତ ରହିଥିଲେ।ପବିତ୍ର ହୋମକର୍ମ ପରେ ଅଧ୍ୟକ୍ଷ ବିଦ୍ୟାର୍ଥୀ ମାନଙ୍କୁ ଉଦବୋଧନରେ ଜଗତର କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବା ସହିତ ପରୀକ୍ଷା ସମନ୍ଧିତ କେତେକ କୌଶଳ ଶିକ୍ଷା ଦେଇଥିଲେ। ଏହା ପରେ ସମସ୍ତ ବିଦ୍ୟାର୍ଥୀଙ୍କୁ ପ୍ରବେଶ ପତ୍ର ପ୍ରଦାନ କରାଯାଇଥିଲା। ଏହା ପୂର୍ବରୁ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀ ବିଦ୍ୟାର୍ଥୀମାନଙ୍କ ମଧ୍ୟ ସ୍ୱତନ୍ତ୍ର ଉତ୍ସବ କରାଯାଇ ପରୀକ୍ଷା ନିମନ୍ତେ ପ୍ରବେଶ ପତ୍ର ଦିଆଯାଇଥିଲା।

# ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**ସମ୍ବଲପୁର, ୯।୨ (ସମିସ) :** ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ କୁଲୁଣ୍ଡି ପଞ୍ଚାୟତର ବଡ଼କୁଣ୍ଡେଇସରା ହରେନ୍ଦ୍ର ଢାବା ସମ୍ମୁଖରେ ଆଜି ଅପରାହ୍ନରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। କୁଲୁଣ୍ଡି ନିବାସୀ ସୁବ୍ରତ କୁମାର ନାଏକ (୩୦) ବଡ଼କୁଣ୍ଡେଇସରା ପଟୁ କୁଲୁଣ୍ଡି ପଟକୁ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଘଟଣାସ୍ଥଳରେ ସେ ଗୁରୁତର ଆହତ ହୋଇ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି।



# ଗଞ୍ଜେଇ ଜବତ, ଦମ୍ପତି ଗିରଫ

**ସମ୍ବଲପୁର, ୯।୨ (ସମିସ) :** ଟାଉନ ଥାନା ଅଧୀନ ସାହୁ କଲୋନୀରୁ ଗଞ୍ଜେଇ କାରବାର ଅଭିଯୋଗରେ ଏକ ଦମ୍ପତିଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଟାଉନ ଥାନା ଆମ୍ବେଦକର ନଗର ଗୁରୁଦ୍ୱାରପଡ଼ାର ଅର୍ଜୁନ ଆଚାରୀ (୨୫) ଓ ତାଙ୍କ ପତ୍ନୀ ରୁଚିତା ଦୀପ। ଘଟଣାସ୍ଥଳରୁ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ରହିଛି। ପୁଲିସ ସେମାନଙ୍କ ନିକଟରୁ ୨୪.୮୩୫ କିଲୋ ଗଞ୍ଜେଇ ଜବତ କରିଛି। ଏହାସହ ବ୍ୟାଙ୍କ ଏଟିଏମ କାର୍ଡ ଓ ୭୧୦ ନଗଦ ଟଙ୍କା ଜବତ କରିଛି। ଅପରାହ୍ନରେ ପୁଲିସ ସାହୁ କଲୋନୀରେ ଚଢ଼ଉ କରିଥିଲା। ଗଞ୍ଜେଇ ଓ ଅନ୍ୟ ସାମଗ୍ରୀ ଜବତ କରିବାସହ ଦୁଇ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟଚାଲାଣ କରିଛି।

# କିଡ୍‌ଜୀ ମାନିଆ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ସମ୍ବଲପୁର, ୯।୨ (ସମିସ) :** ହୀରାକୁଦ ଅନ୍ଧାରିପାଟ ଖେଳପଡ଼ିଆରେ କିଡ୍‌ଜୀ ମାନିଆ ପବ୍ଲିକ ସ୍କୁଲର ଷଷ୍ଠବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ଏଥିରେ ଅତିଥି ଭାବେ ହିଣ୍ଡାଲକୋ ଅଧିକାରୀ ବିଗ୍ନେଶ୍ୱର ପଣ୍ଡା, ଅନ୍ଧାରିପାଟ ଆଥଲେଟିକ ସଙ୍ଘର କାର୍ଯ୍ୟକାରୀ ସଭାପତି ଉମା ଶଙ୍କର ଗୌଡ଼, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ଶୁଭଶ୍ରୀ ମିଶ୍ର ଓ ବିଜେପି ନେତା ଅନୁପ ମିଶ୍ର, ନାରୀନେତ୍ରୀ ଶେଫାଳି ସେଠି ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲର ପରିଚାଳନା କମିଟି ଅଧ୍ୟକ୍ଷ ସାନ ଜେନା ଓ ସ୍କୁଲର ଅଧ୍ୟକ୍ଷା ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭାପରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବିଭିନ୍ନ ବିଦ୍ୟାଳୟରେ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୯।୨ (ସମିସ) :** ବଳାରଙ୍ଗା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରଶମନ ବିଭାଗ ପକ୍ଷରୁ ସାପ କାମୁଡ଼ା ଓ ବଜ୍ରପାତ ସମ୍ବନ୍ଧୀୟ ଏକ ସଚେତନତା




କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦିପାଳୀ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ବିଭାଗ ପକ୍ଷରୁ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ସା ଓ ସାଧନ କର୍ମୀ ପ୍ରଦୀପ ମହାକୁଡ଼ ଯୋଗ ଦେଇଥିଲେ। ପ୍ରଥମେ ଶ୍ରୀ ମହାକୁଡ଼ ସାପର ପ୍ରକାର ବିଷୟରେ ପିଲାମାନଙ୍କୁ ଧାରଣା ଦେବାସହ ସାପ କାମୁଡ଼ିଲେ କଣ କଣ ପଦକ୍ଷେପ ନେବା ଉଚିତ୍ ତାହା କହିଥିଲେ। ଶ୍ରୀମତୀ ସା ବଜ୍ରପାତ ବେଳେ ପିଲାମାନେ କେମିତି ନିଜକୁ ରକ୍ଷା କରିବେ ଏବଂ ବାତ୍ୟା ବେଳେ କେମିତି ସାବଧାନତା ଅବଲମ୍ବନ କରାଯାଏ ପିଲାମାନଙ୍କୁ ସେନେଇ ଅବଗତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ମିଲି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ମାନେଶ୍ୱର ବ୍ଲକ ଅଧୀନ ପାଞ୍ଚଫୁଟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ବଜ୍ରପାତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ସା ଓ ସାଧନ କର୍ମୀ ଭାବରେ ପ୍ରମିଳା ବେହେରା ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ମଧୁସୂଦନ ମିଶ୍ର ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ସାଧନ କର୍ମୀ ପ୍ରମିଳା ବେହେରା ଛାତ୍ରଛାତ୍ରୀମାନଙ୍କୁ ବଜ୍ରପାତ ସମୟରେ ସୁରକ୍ଷିତ ରହିବାର ଉପାୟ ଓ ସତର୍କତା ବିଷୟରେ ଆଲୋଚନା କରିଥିବାବେଳେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ସା ପ୍ରାକୃତିକ ବିପର୍ଯ୍ୟୟ ଏବଂ ସରକାରଙ୍କ ସହାୟତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ପ୍ରଧାନ ଶିକ୍ଷକ ସୁଶୀଲ କୁମାର ପାଣିଗ୍ରାହୀ ଆଲୋଚିତ ବିଷୟ ଛାତ୍ରଛାତ୍ରୀଙ୍କ ସଚେତନତା ସୃଷ୍ଟି ଦିଗରେ ଏକ ଭଲ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ।

# ଖାଉଟି ଅଦାଲତରେ ଆମାଜନ ଦଣ୍ଡିତ

**ସମ୍ବଲପୁର, ୯।୨(ସମିସ):** ଅନଲାଇନ ସପିଂ କମ୍ପାନୀ ଆମାଜନକୁ ସମ୍ବଲପୁର ଖାଉଟି ଅଦାଲତ ଦଣ୍ଡିତ କରିଛି। ଲାପଟପ ମଗାଇବା ପରେ ବକ୍ସରେ ନଥିବା ଅଭିଯୋଗରେ ଅଦାଲତ ଦଣ୍ଡାଦେଶ ଶୁଣାଇଛନ୍ତି। ସମ୍ବଲପୁରର ଜଣେ ଗ୍ରାହକ ଡାକ୍ତର ଚୌବର୍ଗ ନାୟକ ଆମାଜନରୁ ପ୍ରିପେଡ କରି ଗତ ବର୍ଷ ଫେବୃଆରୀ ୦୪ ତାରିଖରେ ଏକ ଲାପଟପ ଅର୍ଡର କରିଥିଲେ। ଲାପଟପଟି ୧୨ ଫେବୃଆରୀରେ ପହଞ୍ଚିଥିଲା। କିନ୍ତୁ ପ୍ୟାକେଟରେ ଲାପଟପ ବଦଳରେ ମାର୍ବଲ ରହିଥିଲା। ଏହା ପରେ ସେ ଆମଜନ ହେଲ୍ପଲାଇନରେ ଅଭିଯୋଗ କରିଥିଲେ। କିନ୍ତୁ ଆମାଜନ ସଠିକ ପାର୍ସଲ ଦେଇଥିବା ସୂଚନା ଦେଇଥିଲା। ଲାପଟପ ନ ପାଇ ଶେଷରେ ଡାକ୍ତର ନାୟକ ସମ୍ବଲପୁର ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଅଦଲାତ ମାମଲାକୁ ତଦନ୍ତ କରି ଆଜି ରାୟ ଶୁଣାଇଛନ୍ତି। ଲାପଟପ ବାବଦକୁ ୬୦ ହଜାର ୭୯୯, କ୍ଷତିପୂରଣ ବାବାଦକୁ ୨୫ ଓ ମାମଲା ଖର୍ଚ୍ଚାନ୍ତ ବାବଦକୁ ୫ ହଜାର ଜରିମାନ ଆଦେଶ କରିଛନ୍ତି। କମ୍ପାନୀ ସମସ୍ତ ଜରିମାନା ୩୦ ଦିନ ଭିତରେ ଅଭିଯୋଗକାରୀଙ୍କୁ ଦେବାକୁ କୁହାଯାଇଛି। ଅଭିଯୋଗକାରୀଙ୍କ ପକ୍ଷରୁ ପ୍ରିତିଶ ଦେବତା ମାମଲା ପରିଚାଳନା କରିଥିଲେ।

# ଏନ୍‌ଏସ୍‌ସିବି କଲେଜରେ ସାଇକ୍ଲୋଥନ୍

**ସମ୍ବଲପୁର, ୯।୨ (ସମିସ) :** ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜର ଏନ୍‌ଏସ୍‌ଏସ୍ ୟୁନିଟ୍ ଦ୍ୱାରା ଇଣ୍ଡିଆନ୍ ଓଏଲ୍ କର୍ପୋରେସନ୍ ଲିମିଟେଡ୍ (ଆଇଓସିଏଲ୍) ସହଯୋଗରେ



ପରିବେଶ ସଚେତନତା, ଶାରୀରିକ ସୁସ୍ଥତା ଆଦିରପ୍ରଚାର ପାଇଁ ଏକ ସାଇକ୍ଲୋଥନ୍ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲ ଶୁଭାରମ୍ଭ କରିଥିଲେ। ଶାରୀରିକ ସୁସ୍ଥତା ରକ୍ଷା କରିବା ଓ ପରିବେଶ ସୁରକ୍ଷା ପାଇଁ ପରିବେଶ-ବନ୍ଧୁ ପଦକ୍ଷେପ ଗ୍ରହଣ ଉପରେ ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀଙ୍କୁ ସୁସ୍ଥ ଅଭ୍ୟାସ ଗଢ଼ି ତୋଳିବା ସହିତ ପରିବେଶ ସୁରକ୍ଷାରେ ସକ୍ରିୟ ଭୂମିକା ନେବାକୁ ସେ ପ୍ରେରିତ କରିଥିଲେ। ଏହି କାର୍ଯ୍ୟକ୍ରମ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ସୁରେଶ ଏକ୍କା ଏବଂ ଏନ୍‌ଏସ୍‌ଏସ୍ ସହ-କାର୍ଯ୍ୟକ୍ରମ ଅଧିକାରୀ ରୋଜାଲି ସେଠଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ପ୍ରାଧ୍ୟାପକ ସନ୍ତୋଷ ରଞ୍ଜନ ବେହେରା ଉପସ୍ଥିତ ରହି ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସାଇକ୍ଲୋଥନ୍‌ରେ ଏନଏସସିବି କଲେଜ ଏବଂ ଏନଏସସିବି ହାୟର ସେକେଣ୍ଡାରୀ ସ୍କୁଲ୍‌ର ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ, ହପ୍ରିଆବାହାଲ ବିଜୟୀ



**ସମ୍ବଲପୁର, ୯।୨(ସମିସ):** ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଝାଙ୍କରପାଲି ଗ୍ରାମ ଖେଳ ପଡ଼ିଆରେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ସଚିତ୍ ୧୧କୁ ହରାଇ ହପ୍ରିଆବାହଲ ବିଜୟୀ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ମଣ୍ଡଳ ସଭାପତି ମହାଦେବ ପ୍ରଧାନ, ଯୁଯୁମୁରା ସମିତିସଭ୍ୟ ଜୟନ୍ତ ପ୍ରଧାନ, ଯତୀନ ବାରିକ ଯୋଗ ଦେଇଥିଲେ। ବୁଥାପଡ଼ା, ସମଲେଶ୍ୱରୀ କ୍ଲବ୍ ଡୁମ୍ବରପଡ଼ା, ଭିମଖୋଜ, ଏଞ୍ଜେଲ ଏକାଡେମୀ ସମ୍ବଲପୁର, ଜାମ ବହାଲ ଏଫ୍ ସି ମୋଟ ୮ ଗୋଟି ଦଳ ଭାଗ ନେଇଥିଲେ। ଖେଳ ସମୟରେ ଉଭୟ ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ତେଣୁ ଟ୍ରାଇବ୍ରେକର ସାହାଯ୍ୟ ନେଇଥିଲା। ୩ - ୨ ରେ ହପ୍ରିଆବାହଲ ବିଜୟୀ ହୋଇଥିଲା। ବିଜୟ ଓରାମ, ପରେଶ୍ ପ୍ରଧାନ, ପରେଶ୍ ଭୋଇ, ଯୋଗେନ୍ଦ୍ର ଭୋଇ, ଅଜୟ ଫିଙ୍ଗ ରେଫରୀ ରହିଥିଲେ। ରାଜେଶ ପୁରୋହିତ ମ୍ୟାଚ୍ ଧାର ବିବରଣୀ ଦେଇଥିଲେ। ବିଜୟୀ ଟିମକୁ ଟ୍ରଫି ସହିତ ୨୦ ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହିତ ୧୫ ହଜାର ଟଙ୍କା ଦିଆଯାଇଥିଲା। ସିତିଲେନ୍ ପାଲି ଗ୍ରାମ କ୍ଲବର୍ ପ୍ରମୋଦ ଥପ୍ପା, କରମା ଓରାମ, ରଞ୍ଜିତ କୁଜୁର୍, ରାମ ଓରାମ, ତାର୍ମା ଓରାମ, ସଞ୍ଜୟ ଓରାମ ପ୍ରମୁଖ ସହଯୋଗ କରିଥିଲେ।

# ଅଭିଜିତ ମଜୁମଦାରଙ୍କୁ 'ସ୍ୱରାଞ୍ଜଳି'

**ସମ୍ବଲପୁର, ୯।୨ (ସମିସ) :** ସମ୍ବଲପୁର ମ୍ୟୁନିସିପାଲିଟି ଛକ ନିକଟସ୍ଥ ଗଙ୍ଗାଧର ମଣ୍ଡପରେ ଆଜି ସନ୍ଧ୍ୟାରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଅଭିଜିତ ମଜୁମଦାରଙ୍କ ସ୍ମୃତିରେ 'ସ୍ୱରାଞ୍ଜଳି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରରେ ଥିବା ସମୟରେ ସମ୍ବଲପୁରୀ କେସେଟ୍ 'ଧସକି ଗଲା' ମାଧ୍ୟମରେ ସେ ଲୋକଲୋଚନକୁ ଆସିଥିଲେ। ପରବର୍ତ୍ତୀ ସମୟରେ ସେ କଟକ ଯାଇ ସେଠାରେ ତାଙ୍କ ଉନ୍ନତ ପ୍ରଦର୍ଶନ ମାଧ୍ୟମରେ ଓଡ଼ିଆ



ଚଳଚ୍ଚିତ୍ର ତଥା ଗୀତ ଓ ସଙ୍ଗୀତ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିଲେ। ସମ୍ବଲପୁରୀ ଏବଂ ଓଡ଼ିଆ ସଙ୍ଗୀତ କ୍ଷେତ୍ରରେ ଅଭିଜିତଙ୍କ ଅବଦାନ ଅତୁଳନୀୟ ବୋଲି ସମ୍ବଲପୁରର କଳାକାର, କଳା ସଂଗଠକ ଓ କଳାପ୍ରେମୀମାନେ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଅଭିଜିତ ମଜୁମଦାର ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ 'ସ୍ୱରାଞ୍ଜଳି' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବର୍ଷିଆନ କଳାକାର ବିଭୂତି ପଟ୍ଟନାୟକ ସମଲେଇ ଭଜନରୁ। ଏହାପରେ ମୁନୁ ସିଂହଦେଓ, ଶ୍ରୀନୁ ଦାସ, ସ୍ୱୟଂସିଦ୍ଧା, ଶ୍ରୀକାନ୍ତ ସୁନ୍ଦର, ଶ୍ୱେତା ପଣ୍ଡା, ଦୁର୍ଗା ଦାସ, ଲିଲି ବେବର୍ତ୍ତା, ରାଜକୁମାର ଜାଲ, ବେବି ରାନୀ, ମାନସ, ଚେତନା, ସୁରଜ ପୁରୋହିତ, ଚିତ୍ରା, ଦିଲିପ ବାଗ, ଶ୍ରୀମନ୍ତ, ପୁଷ୍ପାଞ୍ଜଳି ପ୍ରମୁଖ ଅଭିଜିତଙ୍କ ଲୋକପ୍ରିୟ ଗୀତ 'ମାନନୀୟ ଜଗନ୍ନାଥ', 'ନଡ଼ିଆରେ ଲାଗିଥାଉ କତା', 'ବାଳିକା ବଧୂ', 'ନୀଳ ନୟନା', 'ଧସ୍‌କିଗଲା', 'ସକାଳର ପହିଲି ଗାଡ଼ିରେ', 'ରେ ମନ', 'ମାର୍‌ଡାଲା', 'ପାଣି ମାରିଦେଲା ଝାଇଁ', 'ସୁନ୍ ସୁନ୍ ସଜନୀ', 'ନୀଳ ନୟନା', 'ହାଏରେ ତୋର ଚେହେରା', 'କୁକରା କାଟ୍', 'କଞ୍ଚା ହଳଦୀ', 'ମହାନଦୀ ପାନି' ଆଦି ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ରଞ୍ଜନ ହୋତା, ସୁରଜ ବେସନ, ଦିବାକର ମହାନନ୍ଦ, ଭାଗୀରଥୀ ସିଂହଦେଓ, ଗୌରହରୀ ଗୁରୁ, ମଧୁ, ସୁବାସ ଭୋଇ, ଘନଶ୍ୟାମ ମନ୍ଦୋଦରୀ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ବୀର ତେଲେଙ୍ଗା ଖଡ଼ିଆଙ୍କ ଜୟନ୍ତୀ



**ସମ୍ବଲପୁର, ୯।୨ (ସମିସ) :** ସ୍ୱାଧୀନତା ସଂଗ୍ରାମୀ ବୀର ତେଲେଙ୍ଗା ଖଡ଼ିଆଙ୍କ ୨୨୦ ତମ ଜୟନ୍ତୀ ଖଡିଆ ସାଂସ୍କୃତିକ ସେବା ସମାଜ ସମ୍ବଲପୁର ପକ୍ଷରୁ ସମ୍ବଲପୁର ହୀରାକୁଦ ଫଟଫଟିଆ ପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଝାଡ଼ଖଣ୍ଡ ଗୁମଲା ଜିଲ୍ଲାର କଳାବତୀ ଖଡ଼ିଆ, ମାଙ୍ଗରା ଖଡ଼ିଆ ଯୋଗଦାନ କରିଥିଲେ। ପ୍ରଥମେ ଫଟଫଟିଆ ପଡ଼ାରେ ନବନିର୍ମିତ ବୀର ତେଲେଙ୍ଗା ଖଡିଆଙ୍କ ପ୍ରତିମୂର୍ତ୍ତିକୁ ବିଧାୟକ ସୁଦର୍ଶନ ହରିପାଲ ଉନ୍ମୋଚନ କରିଥିଲେ। ପରେ ବିଧାୟକ ଖଡିଆ ସମାଜ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସାମିଲହୋଇ ବୀର ତେଲେଙ୍ଗା ଖଡିଆ ସ୍ୱାଧୀନତା ପାଇଁ ଦେଇଥିବା ବଳିଦାନକୁ ସ୍ମରଣକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ଛତିଶଗଡ଼ ସହ ସୁନ୍ଦରଗଡ଼, ଦେବଗଡ଼, ବରଗଡ଼ ଓ ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଖଡିଆ ସମାଜର ବହୁ ସଦସ୍ୟ ଯୋଗଦାନ କରିଥିଲେ।

# ରେଙ୍ଗାଲି ବ୍ଲକ୍ ଜନଶୁଣାଣିରେ ୫୯ ଅଭିଯୋଗ

ସମ୍ବଲପୁର, ୯।୨ (ସମିସ)

ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ ଠାରେ ଆଜି ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୯ଟି ଆବେଦନ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରେ ୫୦ଟି ବ୍ୟକ୍ତିଗତ ଏବଂ ୮ଟି ଗୋଷ୍ଠୀଗତ ଗ୍ରାମୀୟ ସମସ୍ୟା ରହିଥିଲା। ଶୁଣାଣି ଶିବିରରେ ତ୍ୱରିତ୍ ୪ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅଭିଯୋଗ ଗୁଡ଼ିକ ମଧ୍ୟରେ ଧାନ ଉଠାଇବା, ରାସ୍ତାଘାଟ ମରାମତି ଓ ନୂତନ ନିର୍ମାଣ, ପାନୀୟ ଜଳଯୋଗାଣ, ଭତ୍ତା, ରାସନକାର୍ଡ ଆଦି ରହିଥିଲା। ମୁଖ୍ୟ ପ୍ରସଙ୍ଗ ମଧ୍ୟରେ - ରେଙ୍ଗାଲି ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜାର ଜମିମାନଙ୍କରେ ବେଆଇନ ଭାବେ ଫ୍ଲାଏଆସ୍ ଡମ୍ପିଂକୁ ନେଇ ପୂର୍ବତନ ସେନା ସଂଘ ଅଭିଯୋଗ କରିଥିବାବେଳେ ଦୂତିକା ସାହୁ ମହାବିଦ୍ୟାଳୟରେ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ଜିଲ୍ଲା ପରିଷଦ ସଦସ୍ୟ ଦେ'ନାରାୟଣ ତିୱାରୀ ଦାବି କରିଥିଲେ। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ସିଡିଏମଓ ଡା. ପ୍ରଦୀପ କୁମାର ହୋତା,



ଜିଲ୍ଲା ଅଧିକାରୀ (ଅଭିଯୋଗ ପ୍ରକୋଷ୍ଠ) ତଥା ସହକାରୀ ଜିଲ୍ଲାପାଳ ରୋଜଲୀନା ତିର୍କୀ, ରେଙ୍ଗାଲି ବିଡିଓ ପ୍ରୀତମ କୁମାର ତାଣ୍ଡି, ରେଙ୍ଗାଲି ତହସିଲଦାର ତକ୍ଷରାଜ ଭିତିରିଆ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରେଡ୍‌କ୍ରସ୍ ଅଧୀନରେ ଜଣେ ହିତାଧିକାରୀଙ୍କୁ ୧୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିବାବେଳେ ମା' ତାରିଣୀ ସ୍ୱୟଂସହାୟକ ଗୋଷ୍ଠୀ ଏବଂ କଲ୍ୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ଚେକ୍ ପ୍ରଦାନ କରାଯାଇଥିଲା।

## ୟୁଜିସି ବିଲ୍‌କୁ ବିରୋଧ

# ପଦ୍ମପୁର ବ୍ରାହ୍ମଣ ସମାଜ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର



**ପଦ୍ମପୁର, ୯।୨(ସମିସ):** ସାରା ଦେଶରେ ୟୁଜିସି ବିଲକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବିରେ ସୋମବାର ପଦ୍ମପୁର ବ୍ରାହ୍ମଣ ସମାଜ ତରଫରୁ ଉପଜିଲ୍ଲାପାଳ ସ୍ନେହା ଆରଗୁଲଙ୍କ ମାଧ୍ୟମରେ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରାହ୍ମଣ ସମାଜ ଅଭିଯୋଗ ଅନୁସାରେ ଏହି ବିଲ ଜାତିଗତ ବିଭେଦ ସହିତ ସମ୍ବିଧାନର ସମାନତା ଆଇନକୁ ଉଲଂଘନ କରୁଛି। ବିଲରେ କେବଳ ବ୍ରାହ୍ମଣ ମାନଙ୍କୁ ଦୋଷୀ ଭାବେ ପରିଗଣିତ କରିବା ବ୍ୟବସ୍ଥା କରାଯାଇଥିବା ଅଭିଯୋଗ ହୋଇଛି। ବର୍ଷ ବର୍ଷ ଧରି ଆଟ୍ରୋସିଟି ଆକ୍ଟର ଅପବ୍ୟବହାର ହେଉଥିବା ବେଳେ ଏହି ବିଲ ଆସିଲେ ବିଶ୍ୱବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆହୁରି ବିଭେଦ ସୃଷ୍ଟି ହେବ ବୋଲି ସମାଜ ପକ୍ଷରୁ କୁହାଯାଇଛି। ଉପଜିଲ୍ଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ପଦ୍ମପୁର ବ୍ରାହ୍ମଣ ସମାଜ, ପର୍ଶୁରାମ ବାହିନୀ, ଗାୟତ୍ରୀ ବାହିନୀର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଜୈନ ପଲିଫେବ୍ ବସ୍ତା ଫ୍ୟାକ୍ଟ୍ରିରେ ଭୟଙ୍କର ଅଗ୍ନିକାଣ୍ଡ





**ବରଗଡ଼, ୯।୨(ସମିସ)**

ବରଡୋଲ ଜୈନ ପଲିଫେବ ବସ୍ତା ଫ୍ୟାକ୍ଟ୍ରିରେ ସୋମବାର ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଅପରାହ୍ନ ୪ଟାରେ ବସ୍ତା ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ହୋଇଥିଲା। ଭିତରେ ବ୍ଲାଷ୍ଟିଂ ହେଉଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଥିଲେ। ଅଗ୍ନିଶମ ବିଭାଗକୁ ସଙ୍ଗେ ସଙ୍ଗେ ଯୋଗାଯୋଗ କରାଯାଇଥିଲା। ଅଗ୍ନିଶମ ବିଭାଗ ପହଞ୍ଚି ଦୀର୍ଘ ୬ ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରିବା ପରେ ନିଆଁ ଆୟତ୍ତ ହୋଇଥିଲା। ତେବେ କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି ତାହା ଅସ୍ପଷ୍ଟ ରହିଥିବା ବେଳେ ଭିତରେ ଥିବା ଗାଡିକୁ ଅନ୍ୟତ୍ର ସ୍ଥାନାନ୍ତରିତ କରାହୋଇଛି।

**୬ ଘଣ୍ଟାର ପରିଶ୍ରମ ପରେ ଅଗ୍ନିଶମ ବିଭାଗ ଦ୍ୱାରା ନିଆଁ ଆୟତ୍ତ**

**କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ**

ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଭୀଷଣ ରୂପ ଧାରଣ କରିଥିଲା। ନିଆଁ ଅଖିପିଛୁଳାକେ ଫ୍ୟାକ୍ଟ୍ରି ଭିତରେ ଚାରିଆଡ଼େ ବ୍ୟାପି ଯାଇଥିଲା। ଗୋଟିଏ ପ୍ଲାଣ୍ଟରେ ନିଆଁ ଲାଗି ଜଳି ସରିବା ପରେ ପୁଣି ଗୋଟେ ପ୍ଲାଣ୍ଟକୁ ଲାଗି ଯାଇଥିଲା। କେତେ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି ତାହା ଆକଳନ କରାଯାଇ ପାରିନାହିଁ। ତେବେ ନିଆଁ ଲାଗିବାର କାରଣ ସର୍ଟ ସର୍କିଟ ହୋଇଥିବା ଏବଂ ଫ୍ୟାକ୍ଟ୍ରି ମଧ୍ୟରେ ବ୍ୟାପକ ମାତ୍ରାରେ ରହିଥିବା କେମିକାଲ ଯୋଗୁଁ ନିଆଁ ବ୍ୟାପିଥିବା ଅନୁମାନ କରାଯାଇଛି। ଅଗ୍ନିକାଣ୍ଡର ପ୍ରକୋପ ଏତେ ଭୀଷଣ ଥିଲା ଯେ ଧୂଆଁରେ ସମଗ୍ର ଅଞ୍ଚଳବାସୀ ଅଣନିଶ୍ୱାସୀ ହୋଇ ପଡ଼ିଥିଲେ।

# ରାମସାର ସ୍ଥଳରେ ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା



**ବରଗଡ଼, ୯।୨(ସମିସ):** ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଏକମାତ୍ର ରାମସାର ସ୍ଥଳୀ ଭାବେ ମାନ୍ୟତା ପାଇଥିବା ହୀରାକୁଦ ଜଳଭଣ୍ଡାରକୁ ଅମ୍ବାଭୋନା ଓ ଭଟଲି ବ୍ଲକର ଶିକ୍ଷାର୍ଥୀ ଓ ମାର୍ଗଦର୍ଶକ ଶିକ୍ଷକ ଶିକ୍ଷୟିତ୍ରୀ ଶୈକ୍ଷିକ ପରିଭ୍ରମଣ କରିଛନ୍ତି। ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆର୍ଦ୍ରଭୂମି ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅଭିଯାନରେ ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ତଥା ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀଙ୍କ ସଂଯୋଜନା କ୍ରମେ ସ୍ୱତନ୍ତ୍ର ଅତିଥି ଭାବେ ଏଡିଇଓ ସରୋଜ ଭୁଏ, ଏଡିଇଓ ଅମୃତା ସାହୁ, ବରିଷ୍ଠ ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ, ପେଡ଼ାଗୋଜି ସଂଯୋଜିକା ପୁଷ୍ପାଞ୍ଜଳି ଦାସ ଓ ପିଏମ୍‌ଶ୍ରୀ ବାଳିକା ହାଇସ୍କୁଲ ବରଗଡ଼ର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନା ଯୋଗ ଦେଇଥିଲେ। ଅମ୍ବାଭୋନା ଓ ଭଟଲି ବ୍ଲକର ୪୦ ଜଣ ଶିକ୍ଷାର୍ଥୀ ସହ ସେମାନଙ୍କ ମାର୍ଗ ଦର୍ଶକ ଶିକ୍ଷକ ଚୌଧୁରୀ ପାତ୍ର, କୋଦଣ୍ଡ ନାଏକ, ଶିକ୍ଷୟିତ୍ରୀ ସୌଦାମିନୀ ବାରିକ ଓ ସ୍ୱାତୀ ସାଗରିକା ତ୍ରିପାଠୀ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଅଲ୍ ଓଡ଼ିଶା ହୀରାକୁଦ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



**ହୀରାକୁଦ, ୯ ।୨(ସମିସ):** ଅଲ୍ ଓଡ଼ିଶା ହୀରାକୁଦ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ମ୍ୟାଚ୍ ଅନୁଗୁଳ ପତାକା ଓ ବରଗଡ଼ ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ବରଗଡ଼ ୟୁନାଇଟେଡ ୧-୦ ଗୋଲରେ ବିଜୟ ଲାଭ କରିଥିଲା। ଏହି ମ୍ୟାଚର ସର୍ବଶ୍ରେଷ୍ଠ ଖେଳାଳି ଭାବେ ବରଗଡ଼ ୟୁନାଇଟେଡର ପଞ୍ଚୁ ବେରିହାଙ୍କୁ ମୁଖ୍ୟ ଅତିଥି ସୁନୀଲ କୁମାର ସମ୍ମାନିତ କରିଥିଲେ। ରେଫରି ଭାବେ 'ଫାଓ'ର ସଚିକାନ୍ତ ଦାସିଆ, ଜିତେନ୍ଦ୍ର ପାତ୍ର, ଲକ୍ଷ୍ମଣ ସେଠ୍, ଦିଲେଶ୍ୱର କିଷାନ୍ ପ୍ରମୁଖ ତଥା ମ୍ୟାଚ କମିଶନର ଭାବେ ଡକ୍ଟର ଅବିନାଶ କର ଦାୟିତ୍ୱ ତୁଲାଇଥିଲେ।

# ରାଜ୍ୟସ୍ତରୀୟ 'ଉତ୍ତାଲଗଡ଼ ନାଟ୍ ଉଚ୍ଛବ୍' ଉଦ୍‌ଯାପିତ

## ସାମାଜିକ ଓ ସାଂସ୍କୃତିକ ଆନ୍ଦୋଳନକୁ ସମୃଦ୍ଧ କରୁଛି ସମ୍ବଲପୁରୀ ନାଟକ





**ବିଜେପୁର, ୯।୨ (ସମିସ):** ନାଟକ ଯେତେବେଳେ ନିଜ ମାଟିର ଭାଷାରେ ପ୍ରଦର୍ଶିତ ହେଉଛି ମଣିଷ ମନରେ ଯଥେଷ୍ଟ ଆବେଗ ସୃଷ୍ଟି କରୁଛି। ସମ୍ବଲପୁରୀ ଭାଷା ସାହିତ୍ୟ ଆନ୍ଦୋଳନକୁ ନାଟକ ଆହୁରି ସମୃଦ୍ଧ କରୁଛି। ତେଣୁ ନାଟ୍ୟ ଚେତନା ସୃଷ୍ଟିର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ଉତ୍ତାଲଗଡ଼ ମହୋତ୍ସବ-୨୦୨୬ର ଉଦ୍‌ଯାପନୀ ଦିବସ ଅବସରରେ ଅତିଥିବୃନ୍ଦ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଂଯୋଜକ ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ପରିଚାଳନାରେ ଏବଂ ସଭାପତି ହୃଦମଣି ସାହୁଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ସୁଶାନ୍ତ ରଞ୍ଜନ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମାରୋହରେ ଭଟଲି ବିଧାୟକ ଇରାଶିସ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ବିଜେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟକୃଷ୍ଣ ଦଣ୍ଡସେନା, ଯୁବ ସଂଗଠକ ଅଭିଷେକ ଶେଠ, ସମାଜସେବୀ ଡ.ରାମକୃଷ୍ଣ ପୁରୋହିତ, ସାମାଜିକକର୍ମୀ ଯଶୋବନ୍ତ ମେହେର, ନାଟ୍ୟକାର କେଶରଞ୍ଜନ ପ୍ରଧାନ, ମୋହନ ସିଂ କହ୍ନେଇ, ଆଶୋକ ବହିଦାର, ଗବେଷକ ଉପ୍ନ୍ନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ମୁକ୍ତ ମଞ୍ଚ ନାଟକର କଳାକାର କଂସାରି ସାହୁଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ଖଗେଶ୍ୱର ସମ୍ମାନ ଓ କରମସାନୀ କଳାକାର ବାସୁଦେବ ଭୋଇଙ୍କୁ ଉତ୍ତାଲଗଡ଼ ସମ୍ମାନ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଡ.ପ୍ରଦୀପ ପ୍ରଧାନ, ଗଣେଶ କିଷାନ, ସାହିତ୍ୟିକ ତେଜରୁ ବାରିକ, ସରୋଜ ପାଣିଗ୍ରାହୀ, ଉମେଶ ପ୍ରଧାନ, ଲୋକବନ୍ଧୁ ପ୍ରଧାନ, ରାଜେଶ ସାହୁ, ରାଜେଶ କାରିଆ, ରାଜେଶ୍ୱର ବେହେରା, ପାଣ୍ଡବ ପଧାନ, ଉପେନ୍ଦ୍ର ସାହୁଙ୍କ ସମେତ ସାହିତ୍ୟିକ, କଳାକାର, ବୁଦ୍ଧିଜୀବୀ, ନାଟ୍ୟପ୍ରେମୀ ପ୍ରମୁଖ ବିଭିନ୍ନ ଅଞ୍ଚଳରୁ ନାଟକ ଦେଖିବା ପାଇଁ ଉପସ୍ଥିତ ଥିଲେ। ଆଜି ପ୍ରଥମ ନାଟକ ମୁନସି ପ୍ରେମଚାନ୍ଦଙ୍କ ମୂଳରଚନା ଓ ଜଗନ୍ନାଥ ସେଠଙ୍କ ନିର୍ଦ୍ଦେଶନାରେ ଲୁ ନାଟ୍ୟ ସଂସ୍ଥା ପଦ୍ମପୁର ମହୁଲପାଲିର କଳାକାର ମାନେ ବଳିଦାନ ନାଟକ ପରିବେଷଣ କରିଥିଲେ। ମାଟିର ମଣିଷ ଗିରିଧାରୀ। ସାମାଜିକ ବ୍ୟବସ୍ଥା ଓ କ୍ଷମତାର ଖେଳ ଉଜାଡି ଦିଏ ଜଳ, ଜୀବନ, ହଳ, ନଙ୍ଗଳ ଓ ଘର ପରିବାରକୁ। ପିଢ଼ିପିଢ଼ିର ସଂଘର୍ଷର କାହାଣୀକୁ ନିଖୁଣ ଭାବେ କଳାକାର ମାନେ ପରିବେଷଣ କରିଥିଲେ। ଦ୍ୱିତୀୟ ନାଟକ 'ଗୁଟେରାତିର କଥା'କୁ ପରିବେଷଣ କରିଥିଲେ ବୀଣାପାଣି ସାହିତ୍ୟ ସଂସଦ ବଡକର୍ଲେ ସୋନପୁରର କଳାକାର ମାନେ। ନାଟ୍ୟକାର ସୁମନ୍ତ ଭୋଇଙ୍କ ରଚିତ ଓ ନିର୍ଦ୍ଦେଶିତ ହାସ୍ୟରସ ଭରା ନାଟକକୁ ଦର୍ଶକ ବେଶ୍ ଉପଭୋଗ କରିଥିଲେ। ସକାଳକୁ ଅପେକ୍ଷା କରୁଥିବା ଏକରାତ୍ରିରେ ବିଭିନ୍ନ ଚରିତ୍ରର ଅନୁଭୂତିରେ ନାଟକ ଗତିଶୀଳ ହୋଇଥିଲା। ଶେଷ ନାଟକ ଡ.ଚନ୍ଦ୍ରକାନ୍ତ ମହାନନ୍ଦଙ୍କ ଅନୁସୃଜନରେ ପ୍ରସ୍ତୁତ କାଳିଦାସଙ୍କ ଶକୁନ୍ତଳା ନାଟକକୁ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପ୍ରଦର୍ଶନ ବିଭାଗର ଛାତ୍ରଛାତ୍ରୀ ପ୍ରସ୍ତୁତ କରିଥିଲେ। ପୌରାଣିକ ବେଶ ପରିପାଟୀ, ପରିବେଷଣ ଶୈଳୀ ଓ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

# ସନ୍ଥକବି ଭୀମଭୋଇଙ୍କ ଅଖଣ୍ଡ ମହାଯଜ୍ଞ ଓ ବାଲ୍ୟଲୀଳା ଉତ୍ସବ

**ରେଢ଼ାଖୋଲ, ୯ ।୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସନ୍ଥକବି ଭୀମଭୋଇଙ୍କ ପ୍ରାପ୍ତି ସ୍ଥାନ ରେଢ଼ାଖୋଲ ବ୍ଲକ ଅଧୀନ ମଧୁପୁର ସଡ଼କ ସାହି ପୁରୁଣା ବସ୍ତି ସ୍ଥିତ ନିମ୍ବବଣ ଚଉଷଠି ସିଦ୍ଧଙ୍କ ମହିମା ଆଶ୍ରମରେ ସୋମବାର ଦିନ ଅଲେଖ ମହାପ୍ରଭୁଙ୍କ ଅଖଣ୍ଡ ମହାଯଜ୍ଞ ଓ ବାଲ୍ୟଲିଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜୋରନ୍ଦା ଗାଦିର ବାବା ସଦାନନ୍ଦ ଦାସ, ଖଲିଆପାଲି ଆଶ୍ରମର ବାବା ସନ୍ୟାସୀ ତ୍ୟାଗୀ, ମଧୁପୁର ଆଶ୍ରମର ବାବା ଖୁସିରାମ ତ୍ୟାଗୀ ଓ କନ୍ଦର୍ପ ଦାସଙ୍କ ତତ୍ତ୍ୱାବଧାନରେ ନାମ ଭଜନ ସଙ୍କୀର୍ତ୍ତନ, ଅପରାହ୍ନରେ ଏକୋଇଶ ଶାଖା ଝାଡବତୀ ପ୍ରଜ୍ୱଳନ, ବାଲ୍ୟଲୀଳା ଅର୍ପଣ ଓ ସାମୂହିକ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାତିରେ ବଲାଙ୍ଗିର ଜିଲ୍ଲା ବରକାନୀ ଅଞ୍ଚଳରୁ ଆସିଥିବା କଳାକାର ମାନେ ଅଲେଖ ଲୀଳା ଗୀତିନାଟ୍ୟ ପରିବେଷଣ କରିଥିଲେ। ଶାନ୍ତି ମାତା, ନିନି ମାତା, ରଟୁ ମାତାଙ୍କ ଅନେକ ସାଧୁସନ୍ଥ ଉପସ୍ଥିତ ଥିଲେ।ଗ୍ରାମ୍ୟ ସଭାପତି ଗୋପିନାଥ ପ୍ରଧାନ, ସମ୍ପାଦକ କନ୍ଦର୍ପ ରାଉଳ, ଅଞ୍ଚଳ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶତ୍ରୁଘ୍ନ ସ୍ୱାଇଁ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ଏଥିରେ ମଧୁପୁର ସଡକ ସାହିବାସୀ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ଗୋଣ୍ଡୱାନା ଛାତ୍ର ସଂଗଠନର ବନ୍ଧୁମିଳନ

**ରେଢ଼ାଖୋଲ, ୯ ।୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଇକୋ-ପାର୍କ ପରିସରରେ ରବିବାର ରାଜ୍ୟସ୍ତରୀୟ ଗୋଣ୍ଡୱାନା ଛାତ୍ର ସଂଗଠନ ପକ୍ଷରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଜିଏସୟୁ ସଭାପତି ସୁବ୍ରତ କୁଅଁରଙ୍କ ନେତୃତ୍ୱରେ ଓଡ଼ିଶାର ୨୨ ଟି ଜିଲ୍ଲାର ଜିଏସୟୁ କର୍ମକର୍ତ୍ତା ଗୋଣ୍ଡ ଭାଇଭଉଣୀ ମାନେ ଯୋଗ ଦେଇଥିଲେ। ଏଥିରେ ପୂର୍ବତନ ସଭାପତି ଡ. ସୁରେଶ ଝାଙ୍କର ଗୋଣ୍ଡୱାନା ସପ୍ତରଙ୍ଗି ଝଣ୍ଡା ଉତ୍ତୋଳନ କରି ସମାଜରେ ଯୁବ ଛାତ୍ର ଙ୍କ ଭୂମିକା, ଶିକ୍ଷା, ସ୍ୱାସ୍ଥ୍ୟ, ନିଶା ନିବାରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସଂଗଠନର ବଜରଙ୍ଗ ମାଝୀ ଗୋଣ୍ଡି ଭାଷାର ପ୍ରଚାର ପ୍ରସାର ନିମନ୍ତେ ପ୍ରୟାସ ଜାରି ରହିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ହେମନ୍ତ ପାତ୍ର ସଂଗଠନର ସଂସ୍କୃତି ପରମ୍ପରା ରୂଢି ପ୍ରଥାକୁ ଉଜ୍ଜୀବିତ ରଖିବା ସହ ଓଡ଼ିଶା ସରକାରଙ୍କ ଦ୍ୱାରା ଗୋଣ୍ଡି ଭାଷା ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ନ ହେବା ଦୁଃଖ ର ବିଷୟ ବୋଲି କହିଥିଲେ। ପର୍ବତ ଆରୋହଣକାରୀ ଶଶିଭୂଷଣ ମାଝୀ, ଚିତ୍ରଶିଳ୍ପୀ ସବ୍ରନ ଧରୁଆ, ଯୁବ କବି ଶଚିକାନ୍ତ ଧରୁଆଙ୍କୁ ସମ୍ମାନିତ କରାଯାଇଥିଲା। ଅମରେଶ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




# ୧୯୮୧ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

**ରେଢ଼ାଖୋଲ, ୯ ।୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଗୌରଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୧୯୮୧ ମସିହାର ମ୍ୟାଟ୍ରିକ ବ୍ୟାଚର ଛାତ୍ରମାନଙ୍କୁ ନେଇ ଏକ ବନ୍ଧୁ ମିଳନ ଓ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବର୍ଷ ପରି ଏବର୍ଷ ମଧ୍ୟ ବହୁ ଦୂର ଦୂରାନ୍ତରୁ ପ୍ରାୟ ୫୦ ଜଣ ଯୋଗ ଦେଇଥିଲେ। ପ୍ରଥମେ ୧୧ ଜଣ ବନ୍ଧୁଙ୍କର ସ୍ୱର୍ଗବାସ ହୋଇଯାଇ ଥିବାରୁ ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ବନ୍ଧୁମିଳନ ଓ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଆଇନଜୀବୀ ଗଣେଶ୍ୱର ପ୍ରଧାନ, ରମଣୀ ରଞ୍ଜନ ଏବଂ ରମେଶ ଚନ୍ଦ୍ର ଦେହୁରୀ ସହଯୋଗ କରିଥିଲେ। ଏହି ବନ୍ଧୁମିଳନ ୨୦୦୬ ମସିହାରୁ ଆରମ୍ଭ ହେଲା ପ୍ରାୟ ୨୦ ବର୍ଷ ସୁରୁଖୁରୁରେ ଚାଲୁଅଛି। ଏଥିରେ ସନ୍ତୋଷ ପ୍ରଧାନ, ମହେଶ ପ୍ରଧାନ, ସୁନୀଲ ପ୍ରଧାନ, ସରୋଜ ପ୍ରଧାନ, ଗୋପାଳ ଅଗ୍ରୱାଲ, ଜଳଧର ପ୍ରଧାନ, ପ୍ରଦୀପ ସେଠୀ, କୃଷ୍ଣ ଚନ୍ଦ୍ର ତିୱାରୀ, ବିମ୍ବାଧର ପ୍ରଧାନ, ଅନ୍ତର୍ଯ୍ୟାମୀ ସ୍ୱାଇଁ, ଭାସ୍କର ପ୍ରଧାନ, ଭୂପେନ୍ଦ ସିଂ, ପ୍ରହଲ୍ଲାଦ ପୃଷ୍ଟି ପ୍ରମୁଖ ବନ୍ଧୁ ସମେତ ଅନ୍ୟ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

# ୧୧ରୁ ମାଣ୍ଡୋସିଲ କ୍ରିକେଟ କପ୍



**ପାଇକମାଲ, ୯।୨(ସମିସ):** ପାଇକମାଲ ବ୍ଲକ ମାଣ୍ଡୋସିଲ ବଡ ଖେଳ ପଡ଼ିଆରେ ଆରମ୍ଭ ହେବାକୁ ଥିବା ୨୬ତମ ମାଣ୍ଡୋସିଲ କ୍ରିକେଟ କପ୍ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଫେବୃଆରୀ ୧୧ରେ ଉଦ୍‌ଘାଟନୀ ମ୍ୟାଚ୍ ଆରମ୍ଭ ହୋଇ ଫେବୃଆରୀ ୧୫ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ସ୍ଥିର ହୋଇଛି। ପ୍ରତ୍ୟେକ ଲିଗ୍ ମ୍ୟାଚ୍ ୮ ଓଭର ଖେଳାଯିବ। ସେମିଫାଇନାଲ ୧୦ ଓ ଫାଇନାଲ ମ୍ୟାଚ୍ ୧୨ ଓଭର ବିଶିଷ୍ଟ ମ୍ୟାଚ୍ ଖେଳାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏଥିରେ ୨୪ଟି ଦଳ ଅଂଶଗ୍ରହଣ କରିବେ। କମିଟି ସୁପରିଚାଳନା ପାଇଁ ସଭାପତି ଭାବେ ଦେବ ସିଂ ଭରାସାଗର, ଉପସଭାପତି ମାନସ ନାୟକ, ସମ୍ପାଦକ ଲୋକନାଥ ନାୟକ, ସହ ସମ୍ପାଦକ ଭାବେ ଦୁଷ୍ମନ୍ତ ସାହୁ ଓ କମିଟି ସଦସ୍ୟ ଭାବେ ଅନିଲ ଦାଶ, ମନୋଜ କୁମ୍ଭାର, ଲଳିତ ଜଗତ, ସୁଧିର ବିଶ୍ୱାଳ, ମହେନ୍ଦ୍ର ଶବର, ବିକେଶ ବିଶ୍ୱାଳ, ସୁରେଶ ବିଶ୍ୱାଳ, ନିର୍ମଳ ନାୟକ, ମନୋରଞ୍ଜନ ମଲ୍ଲିକ, ହେମାନନ୍ଦ ବିଶ୍ୱାଳ, ପ୍ରଶାନ୍ତ ମହାନନ୍ଦ, ମହେନ୍ଦ୍ର ମଲ୍ଲିକ, ମହେନ୍ଦ୍ର ଭୋଇ, ଗିରି ଭୋଇ, ତାପସରଞ୍ଜନ ସାହୁ, ଗୋବର୍ଦ୍ଧନ ଭୋଇ, ବେଦବ୍ୟାସ ପୁଟା, ରାଜୁ ପୁଟା, ମହେଶ ନାୟକ, ସହଦେବ କାରେ, ଟିକେଶ ବିଶ୍ୱାଳ, ସୋନୁ ପଟେଲ, ଦୁଃଖିଶ୍ୟାମ ସରିଆ, ଆକାଶ ବିଶ୍ୱାଳ ଓ ଦିଲ୍ଲୀପ ବରିହା ପ୍ରମୁଖ ଉପସ୍ଥିତ ଥିବା ବେଳେ ଦେବ ସିଂ ଭରାସାଗର ଧନ୍ୟବାଦ ଦେଇଥିଲେ।

# ତାଳପଦର ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ




**ବିଜେପୁର, ୯।୨(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ତାଳପଦର ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଜେପୁର ବିଧାୟକ ସନତ ଗଡ଼ତିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସରସ୍ୱତୀ ଶିଶୁମନ୍ଦିର ଶିଶୁମାନଙ୍କ ମନରେ ସଂସ୍କାର, ଶିଷ୍ଟାଚାର, ଦେଶଭକ୍ତି ଓ ନୈତିକ ମୂଲ୍ୟବୋଧ ସୃଷ୍ଟି କରୁଛି। ଗୁରୁଜୀ, ଗୁରୁମା, ଅଭିଭାବକ ଓ ବ୍ୟବସ୍ଥା ଏକାଠି ହୋଇ ଯଦି ଶିଶୁମାନଙ୍କୁ ସଠିକ୍ ଦିଗରେ ନେତୃତ୍ୱ ଦେବେ, ତେବେ ସମାଜର ପ୍ରଗତି ହେବ ବୋଲି ମୁଖ୍ୟ ଅତିଥି ଶ୍ରୀ ଗଡ଼ତିଆ କହିଥିଲେ। ବିଦ୍ୟାଳୟର ସଭାପତି ବାସୁଦେବ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ ଏବଂ ମୁଖ୍ୟ ବକ୍ତା ଭାବେ ସତଲମା ମହାବିଦ୍ୟାଳୟର ଅଧ୍ୟାପକ ଲୋକବନ୍ଧୁ ପଧାନ ଯୋଗ ଦେଇ ଉତ୍ତମ ନାଗରିକ ଗଠନ ଆବଶ୍ୟକତା ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ସୁଶାନ୍ତ ରଞ୍ଜନ ପଧାନ ଉଦ୍ଦେଶ୍ୟ ଜ୍ଞାପନ ଓ ପ୍ରଧାନ ଆଚାର୍ଯ୍ୟ ସୁକାନ୍ତିରଣା ବାର୍ଷିକ ବିବରଣୀ ପଠନ କରିଥିଲେ। ଆଚାର୍ଯ୍ୟ ପୁରନ୍ଦର ସାହୁ ସଭାକୁ ସଂଯୋଜନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ଦେଶାତ୍ମବୋଧକ ଗୀତ, ନୃତ୍ୟ ଓ ନାଟକ 'ମହିଷା ମର୍ଦ୍ଦିନୀ' ସମସ୍ତଙ୍କୁ ଆକର୍ଷିତ କରିଥିଲା। ଶେଷରେ ଗଜାନନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ମାଲ ମହୋତ୍ସବ ଦହନା

# ନାଚ ଗୀତରେ ଦୁଲୁକିଲା ମଞ୍ଚ

**ରେଢ଼ାଖୋଲ, ୯ ।୨(ସମିସ)**

ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ ଅଧୀନ ବଡ଼ମାଲ ସ୍ଥିତ ହାଇସ୍କୁଲ ପଡ଼ିଆରେ ଟିକିରା ଗୋସାଇଁ ଯୁବକ ସଂଘ ଆନୁକୂଲ୍ୟରେ ବଡ଼ମାଲ ମହୋତ୍ସବ ଦହନା ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ଧର୍ମୁଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବରେ ବିରୋଧୀଦଳ ଉପନେତା ତଥା ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ, ଚାରମାଳ ଥାନା ଅଧିକାରୀ ବେଦପ୍ରକାଶ ନନ୍ଦ, ସ୍ଥାନୀୟ ଫାଣ୍ଡି ଅଧିକାରୀ ତପନ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ବୁର୍ଡା ସରପଞ୍ଚ ରାଜା ପାଲ୍, ଶିକ୍ଷକ ପଦ୍ମନାଭ ପ୍ରଧାନ, ଯୁବ ବିଜ୍ଞାନିକ ଡ. ଶେଷ କିଶନ, ରେଙ୍ଗାଲି ସରପଞ୍ଚ ଶୈରେନ୍ଦ୍ରୀ ଭୋଇ, ଯୁଜୁମୁରା ସମିତିସଭ୍ୟ ଜୟନ୍ତ ପ୍ରଧାନ, ପାରଳାଖେମୁଣ୍ଡି ଅଧୀକ୍ଷଣ ଯନ୍ତ୍ରୀ ବୀରେନ୍ଦ୍ର ଜଗତ, ଭାଜପା ବରିଷ୍ଠ ନେତା ଗୋବିନ୍ଦ ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ଓ ସଂଗଠନକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସୁବ୍ରତ ତ୍ରିପାଠୀ ସଭାକାର୍ଯ୍ୟକୁ ସଂଯୋଜନା କରିଥିବାବେଳେ ଷଡାନନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲା। ଏଥିରେ ପେଣ୍ଡବାହାଲର ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ, ବଡ଼ମାଳର ନଚନିଆଁ, ବାଉଁଶୁଣି ( ବୌଦ୍ଧ) କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ, ଡାଲଖାଇ, ଯାଜପୁର ବୀଣାପାଣି କଳା ପରିଷଦର ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ, ଜୟଜଗନ୍ନାଥ କଲେଜର ଛାତ୍ରୀମାନଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ ହୋଇଥିଲା। ମଞ୍ଚରେ ହାସ୍ୟ କବି ଦେବେନ୍ଦ୍ର ସାହୁ, ଆଲୋକ ବଢେଇ ଓ ଶିଶିର ପୁରୋହିତଙ୍କ ଦ୍ୱାରା ହାସ୍ୟରସ କବିତା ଦର୍ଶକଙ୍କୁ ବେଦମ୍ କରିଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଯୁବା ମହୋତ୍ସବରେ କଣ୍ଠଶିଳ୍ପୀ ଶୁଶ୍ରୀତା ପାଣିଗ୍ରାହୀ, ଆଶିଷ କୁମ୍ଭାର, ରାଜୁ ନନ୍ଦ, ଆଲିଶା ବାଗଙ୍କ ସମ୍ବଲପୁରୀ ଓ ଆଧୁନିକ ଗୀତ ମତୁଆଲା କରିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ କୁ ସୁବ୍ରତ ତ୍ରୀପାଠୀ ଓ ରୋସନି ବାବୁ ସଂଯୋଜନା କରିଥିଲେ। ଏହା ଦେଖିବାକୁ ଅଞ୍ଚଳର ଶତାଧିକ ଦର୍ଶକଙ୍କ ସମାଗମ ହୋଇଥିଲା।



SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

**ଖାଲି ପଦବୀ ସଂଖ୍ୟା: 2273**
**(ବ୍ୟାକଲଗ୍ ଖାଲି ପଦବୀ ସହିତ)**

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ବିଜ୍ଞାପନ ନମ୍ବର **CRPD/CBO/2025-26/18** ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.01.2026 ରୁ 18.02.2026 ପର୍ଯ୍ୟନ୍ତ ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ **https://sbi.bank.in/web/careers/current-openings.**

**ସ୍ଥାନ:** ମୁମ୍ବାଇ
**ତାରିଖ:** 30.01.2026
**ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)**

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ

# 'ସତ୍‌ସଙ୍ଗ ଦ୍ୱାରା ମଣିଷ ଆଦର୍ଶ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବ'

ଯୋଡ଼ା, ୯।୨(ସମିସ)



କେନ୍ଦୁଝର ଜିଲ୍ଲା ଯୋଡ଼ା ସତ୍‌ସଙ୍ଗ ବିହାର ପରିସରରେ ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ତମ ପୁଣ୍ୟ ଆବିର୍ଭାବ ମହା ମହୋତ୍ସବ ଓ ଯୋଡ଼ା ସତ୍‌ସଙ୍ଗ ବିହାରର ୧୯ତମ ବାର୍ଷିକ ଶୁଭ ଉଦ୍‌ବୋଧନୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରବିବାର ଦିବସ ବ୍ୟାପି ବିଭିନ୍ନ ମାଙ୍ଗଳିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ, ନହବତ, ଉଷାକୀର୍ତ୍ତନ, ଉଷା ବିନତି ନାମ ଜପ, ସଦ୍‌ଗ୍ରନ୍ଥ ପାଠ, ସ୍ୱସ୍ତି ମହାଯଜ୍ଞ, ପ୍ରଣାମ ନିବେଦନ ଆୟୋଜନ ହୋଇଥିଲା। ତତ୍‌ପରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ରଥାରୂଢ଼ ଶ୍ରୀଶ୍ରୀ ଠାକୁରଙ୍କ ବିଗ୍ରହ ସତ୍‌ସଙ୍ଗ ବିହାର ନିକଟରୁ ବାହାରି ଏପନ୍‌ଏସି ଗେଟ, ଯୋଡ଼ା ବସଷ୍ଟାଣ୍ଡ, ଯୋଡ଼ା ମାର୍କେଟ, ବନେଇକଳା ବସ୍ତି ସହ ସମଗ୍ର ଯୋଡ଼ା ନଗର ପରିକ୍ରମା କରିଥିଲେ। ନଗର କୀର୍ତ୍ତନ ସହ ନାମ ସଂକୀର୍ତ୍ତନରେ ଶହ ଶହ ଅନୁଗାମୀ ଓ ଶ୍ରଦ୍ଧାଳୁ ପୁରୁଷ ଏବଂ ମହିଳା ସାମିଲ ହୋଇ ଭଜନକୀର୍ତ୍ତନ କରିଥିଲେ। ସତ୍‌ସଙ୍ଗ ବିହାର ପରିସରରେ ପହଞ୍ଚିବା ପରେ ସତ୍‌ସଙ୍ଗ ବିହାର ପଡ଼ିଆଠାରେ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁଝର ସତସଙ୍ଗ ବିହାରର ଋତିକ୍ କାଶୀନାଥ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଠାକୁରଙ୍କ ଆଦର୍ଶ ଏବଂ ତାଙ୍କର ମହନୀୟ ବାଣୀ ଉପରେ ଆଲୋକପାତ କରିଥିଲେ। ଋତିକ୍ ପ୍ରଶାନ୍ତ ସିଂହ ଯୋଗ ଦେଇ ଠାକୁରଙ୍କୁ ନିଷ୍ଠା ଓ ଭକ୍ତିର ସହିତ ସାଧନା କଲେ ଜୀବନର ଉନ୍ନତି ଘଟିବ ଏବଂ ମଣିଷ ଆଦର୍ଶ ବ୍ୟକ୍ତିତ୍ୱର ଅଧିକାରୀ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଋତିକ୍ ମଦନ ମୋହନ ବାରିକ ଓ ଋତିକ ନାରାୟଣ ପ୍ରସାଦ ରଥ କହିଥିଲେ ଯେ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ତାଙ୍କର ବାଣୀ କିଭଳି ଆହୁରି ଅଧିକ ପ୍ରସାରିତ ହୋଇପାରିବ ସେ ସମ୍ପର୍କରେ ଅନୁଗାମୀଙ୍କୁ ପରାମର୍ଶ ଦିଆଯାଇଛି। ଏହି ଅବସରରେ ସତ୍‌ସଙ୍ଗ ବିହାର ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଡକ୍ଟର ଅନୁରାଧା ମହାପାତ୍ର ଓ ଷ୍ଟାଫ୍ ନର୍ସ ସୁଜାତା ଜେନା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୧୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ନିଃଶୁଳ୍କ ଔଷଧ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ତିନି ହଜାରରୁ ଊର୍ଦ୍ଧ୍ୱ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅନୁଗାମୀ ଯୋଗଦେଇ ପ୍ରସାଦ ସେବନ କରିଥିଲେ। କର୍ମୀ ଅନନ୍ତ ନାୟକ, ପ୍ରଫୁଲ୍ଲ ରାଉତ, ଗୁରୁଭାଇ କାର୍ତ୍ତିକ କରୁଆ, ଭଗବାନ ଗିରି, ସୁଧାନନ୍ଦ ଗିରି, ଈଶ୍ୱର ପ୍ରଧାନ, ମହାଦେବ ରାଉତ, ବିଦ୍ୟାଧର ପରିଡ଼ା, ମନୋଜ ଦାସ, ମଣ୍ଟୁ ମହାରଣା, ପ୍ରୀତିଶ ସୁନ୍ଦର ରଥ, ସୁମିତ ବେଉରା, କିଶୋର ନନ୍ଦ, ନିତିଶ ସୁନ୍ଦର ରଥ, ମନୀନ୍ଦ୍ର ସୁନ୍ଦର ବାରିକ, ଉମେଶ ଜେନା, ଧୀରେନ୍ଦ୍ରନାଥ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଚଣ୍ଡ ଶବ୍ଦରେ ଥରିଉଠିଲା ଅଞ୍ଚଳ

ତୁରୁମୁଙ୍ଗା, ୯।୨(ସମିସ): କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସୋମବାର ଦିନ ପ୍ରାୟସାଢ଼େ ଗୋଟାଏ ସମୟରେ ପ୍ରଚଣ୍ଡ ବିସ୍ଫୋରଣ ଭଳି ଶବ୍ଦ ଅନୁଭୂତ ହୋଇଥିଲା। ଜିଲ୍ଲାର ପାଟଣା, ସାହାରପଡ଼ା ସମେତ ତୁରୁମୁଙ୍ଗା, ଉଖୁଣ୍ଡା ସହ ବିଭିନ୍ନ ଅଞ୍ଚଳରେ ଏଭଳି ଶବ୍ଦ ହୋଇଥିଲା। ଏହାଦ୍ୱାରା ଘରଦ୍ୱାର ଦୋହଲି ପଡ଼ିବା ସହ କବାଟ ଝରକା ଆଦି ଥରି ଉଠିଥିଲା। ଶବ୍ଦ ଏତେ ଜୋର୍‌ରେ ହୋଇଥିଲା ଯେ ଭୂକମ୍ପ ଭଳି ଅନୁଭୂତ ହୋଇଥିଲା। ପ୍ରଚଣ୍ଡ ଶବ୍ଦ ସହ ଘର ଦ୍ୱାର ଦୋହଲି ଉଠିଥିବା କାରଣରୁ ଲୋକେ ଆତଙ୍କିତ ହୋଇ ପଡି ଘରୁ ବାହାରି ଆସିଥିଲେ। ଶବ୍ଦ ହେବାର କାରଣ ଅସ୍ପଷ୍ଟ ରହିଛି।

## ଭରସା ପରିବାର ପକ୍ଷରୁ ଶୁଦ୍ଧିକ୍ରିୟା ପାଇଁ ସହାୟତା



କେନ୍ଦୁଝର, ୯।୨(ସମିସ): କେନ୍ଦୁଝର ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ଭରସା ପରିବାର ଟ୍ରଷ୍ଟ ପକ୍ଷରୁ ଦୁଇ ମୃତକଙ୍କ ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ସହାୟତା ପ୍ରଦାନ କରାଯାଇଛି। ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମର ସରୋଜ କୁମାର ଲୋହର(୩୨) ଓ ହାତୀକୁଚା ପୁରୁଣା ସାହିର ଶ୍ରୀକାନ୍ତ ପ୍ରଧାନ(୫୫) ମୃତ୍ୟୁବରଣ କରିଥିଲେ। ଏହି ଦୁଇ ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ଶୁଦ୍ଧିକ୍ରିୟା କରିବା ପାଇଁ କଷ୍ଟକର ହୋଇଥିଲା। ଖବର ପାଇ ଭରସା ପରିବାର ଟ୍ରଷ୍ଟ ସଭାପତି ଲମ୍ବୋଧର ମହାନ୍ତ, ସଭାନେତ୍ରୀ ବୈଶାଖୀ ମହାନ୍ତ, ରତ୍ନମଣି ସେଠୀ, ଧରିତ୍ରୀ ଖଣ୍ଡା, ସୌମ୍ୟ ରଞ୍ଜନ ବେହେରା ଏହି ଦୁଇ ପରିବାରକୁ ସହାୟତା ଯୋଗାଇ ଦେଇଛନ୍ତି। ଏହି କାର୍ଯ୍ୟକୁ ବିଭିନ୍ନ ମୋହଲରେ ପ୍ରଶଂଶା କରାଯାଇଛି।

## ବ୍ଲସମ୍ ବଟରଫ୍ଲାଏ ସ୍କୁଲର ବାର୍ଷିକୋତ୍ସବ




ଆନନ୍ଦପୁର, ୯।୨(ସମିସ): ଆନନ୍ଦପୁର ବ୍ଲସମ୍ ବଟରଫ୍ଲାଏ ପ୍ରି ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୀଣାପାଣି କଳାନିକେତନ, ଶାଳପଡ଼ା ନୃତ୍ୟାନୁଷ୍ଠାନର ନୃତ୍ୟଗୁରୁ ଜିତୁ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, କାଉନସିଲର୍ କୃଷ୍ଣଚନ୍ଦ୍ର ରଣା, ବିଦ୍ୟାଳୟର ଚେୟାରମ୍ୟାନ ପ୍ରଶାନ୍ତ କୁମାର ମହାପାତ୍ର ଓ ଅଧ୍ୟକ୍ଷ ଗୁରୁ ଚରଣ ଜେନା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଧର୍ମପରାୟଣା ମହିଳାଙ୍କ ଦେହାନ୍ତ



ଆନନ୍ଦପୁର, ୯।୨(ସମିସ): ଘସିପୁରା ବ୍ଲକ୍ ନରସିଂହପୁର ଗ୍ରାମର ଗୌତମ ବେଜ୍‌ଙ୍କ ପତ୍ନୀ ରଙ୍ଗବତୀ ବେଜ୍(୬୨)ଙ୍କ ପରଲୋକ ଘଟିଛି। ଗତକାଲି ବିଳମ୍ବିତ ରାତିରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ସମୟରେ ପୁଅ ସୁଶାନ୍ତ, ଝିଅ ମମତା ଓ ସୀମାରାଣୀ, ବୋହୂ ସହିତ ନାତିନାତୁଣୀଙ୍କ ଉପସ୍ଥିତିରେ ଶବ ସଂସ୍କାର ହୋଇଥିଲା। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ବିକେ ହରିହର, ବିକେ ସୁମନ, ବିକେ ବିଜୟନୀ, ବିକେ ପଦ୍ମିନୀ, ବିକେ ଶ୍ରୀଧର ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ସ୍ୱର୍ଗତା ରଙ୍ଗବତୀ ଦୀର୍ଘ ୨୫ ବର୍ଷ ଧରି ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ନରସିଂହପୁର ଗୀତା ପାଠଶାଳାରେ ମାତା ଥିବା ସହ ଜଣେ ମିଷ୍ଟଭାଷୀ ମହିଳା ସହ ପରୋପକାରୀ ମହିଳା ଭାବେ ବେଶ ଜଣାଶୁଣା ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶବଦାହ କରାଯାଇଥିଲା। ତାଙ୍କ ପୁଅ ସୁଶାନ୍ତ ମୁଖାଗ୍ନି ଦେଇଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗ



ଆନନ୍ଦପୁର, ୯।୨(ସମିସ): ସାମ୍ବାଦିକ ଶ୍ରୀକୁମାର ମିଶ୍ରଙ୍କ ବାପା ସଂଜୀବ କୁମାର ମିଶ୍ର(୭୩)ଙ୍କ ପରଲୋକ ହୋଇଯାଇଛି। ଅସୁସ୍ଥତା ଯୋଗୁଁ ସେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବାବେଳେ ଭୋର ୪ଟାରେ ଦେହାନ୍ତ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ଶ୍ରୀକୁମାର ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଆନନ୍ଦପୁର ପ୍ରେସ୍ କ୍ଲବର ସଦସ୍ୟମାନେ ଶୋକପ୍ରକାଶ କରିଛନ୍ତି।

# ପୁଲୱାମା ସହିଦ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କେନ୍ଦୁଝର, ୯।୨(ସମିସ): କେନ୍ଦୁଝର ସଦର ବ୍ଲକ୍ ମହାଦେଇଯୋଡ଼ା ରିଡର୍ସ ବ୍ଲକ୍ ଆନୁକୂଲ୍ୟରେ ସ୍ଥାନୀୟ ଲକ୍ଷ୍ମୀପଡ଼ିଆଠାରେ ଷଷ୍ଠ ବାର୍ଷିକ ପୁଲୱାମା ସହିଦ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଘାଟିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେପି ପୂର୍ବତନ ଉପସଭାପତି ଗୋପୀନାଥ ରାମ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ସେନା ରଇଦାସ ମୁଣ୍ଡା, ସରପଞ୍ଚ ରମେଶ ମୁଣ୍ଡା, ସମିତି ସଭ୍ୟା ସରୋଜିନୀ ସାହୁ, ସମାଜସେବୀ ସଞ୍ଜୀବ କୁମାର ସାହୁ, ବୁବୁ ସାହୁ ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ କବିତ୍ରା ଏବଂ ଘୋଷଦା ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ କବିତ୍ରା ୧୦ ଓଭରରେ ୭ ୱିକେଟ ହରାଇ ୧୦୨ ରନ୍ କରିଥିଲା। ବିପକ୍ଷ ଦଳ ଘୋଷଦା ୫.୧ ଓଭରରେ ୧୦୪ ରନ୍ କରି ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ୍ ପଳାସପଙ୍ଗା ଏବଂ ମଝିଗାଁ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ମଝିଗାଁ ୧୦ ଓଭରରେ ୭ ୱିକେଟ ହରାଇ ୯୮ରନ୍ କରିଥିଲା। ବିପକ୍ଷଦଳ ପଳସପଙ୍ଗା ୯.୨ ବଲ୍‌ରେ ୫ୱିକେଟ ହରାଇ ୧୦୨ ରନ୍ କରି ବିଜୟ ହୋଇଛି। ତୃତୀୟ ମ୍ୟାଚ୍ ଘୋଷଦା ଏବଂ ପଳାସପଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଘୋଷଦା ୮ଓଭରରେ ୫ୱିକେଟ ହରାଇ ୧୧୧ରନ୍ ସଂଗ୍ରହ କରିଥିଲା। ବିପକ୍ଷ ଦଳ ପଳାସପଙ୍ଗା ୧୦ଓଭରରେ ୭ୱିକେଟ ହରାଇ ୮୪ ରନ୍ କରି ପରାଜିତ ହୋଇଛି। ଅମ୍ପାୟାର ଭାବେ ଚନ୍ଦନ ସେଠୀ, ଚିତ୍ରସେନ ସାହୁ, ତପନ ଖୁଣ୍ଟିଆ ଖେଳ ପରିଚାଳନା କରିଥିଲେ। ଦେବବ୍ରତ ମହାନ୍ତ ଓ ଶାନ୍ତନୁ ବାରିକ ଧାରାବିବରଣୀ ପ୍ରଦାନ ଦେଇଥିଲେ। ବାଦଲ ମହାନ୍ତ, ରୋହିତ କୁମାର ମହାନ୍ତ, ପରେଶ ମହାନ୍ତ ସ୍କୋରର ଦାଇତ୍ୱରେ ଥିଲେ। ମହାଦେଇଯୋଡା ରିଡର୍ସ ବ୍ଲକ ସଭାପତି ବୁବୁ ସାହୁ, ସମ୍ପାଦକ ସୁରେଶ କୁମାର ମହାକୁଡ଼ ସଦସ୍ୟ ମାନସ ମହାରଣା, ଦେବବ୍ରତ କାର୍ଜି, ସୁବାଷ ନାଏକ, ପପୁ ସାହୁ, ଚନ୍ଦନ ସେଠୀ, ଶିବାନୀ ଶଙ୍କର ପାତ୍ର, ପ୍ରମୋଦ କାର୍ଜି, ପ୍ରଦୀପ କାର୍ଜି, ଶିବାନୀ ଶଙ୍କର ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

## ମାରୁତି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସୋହାନିକୁ ହରାଇ ଅଭିଷେକ ଚାମ୍ପିଅନ




ଆନନ୍ଦପୁର, ୯।୨(ସମିସ): ଘସିପୁରା ବ୍ଲକ ଅଳତୀ ପଞ୍ଚାୟତର ହରିପୁର ଗ୍ରାମର ବଜରଙ୍ଗବାଲି ଯୁବକ ସଂଘ ଦ୍ୱାରା ଆୟୋଜିତ ଚତୁର୍ଥ ବାର୍ଷିକ ମାରୁତି ମେମୋରିଆଲ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋହାନି ଏକାଦଶ, ଅଭିଷେକ ୱାରିୟର, ମହାକାଳ ଏକାଦଶ, ସୋଲଜର ଏକାଦଶଙ୍କ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ ସୋହାନି ଏକାଦଶ ଓ ଅଭିଷେକ ୱାରିୟର ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ୧୦ ଓଭରରେ ୮ ୱିକେଟ ହରାଇ ୯୫ରନ୍ କରିଥିବାବେଳେ ସୋହାନି ଏକାଦଶ ୧୦ ଓଭର ରେ ୭ ୱିକେଟ ହରାଇ ୬୭ ରନ୍ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଘସିପୁରା ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ସମ୍ମାନିତ ଅତିଥି ଭାବେ ରାମଚନ୍ଦ୍ରପୁର ସରପଞ୍ଚ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜୟ ମଲ୍ଲିକ, ଗଡ଼ବାନ୍ଧଗୋଡା ସମିତି ସଭ୍ୟ ବିଜୟ ଜେନା, ରାମଚନ୍ଦ୍ରପୁର ସମିତି ସଭ୍ୟ ମନ୍ମଥ ସାହୁ, ସମାଜସେବୀ ଅନ୍ତର୍ଯ୍ୟାମୀ ଭଞ୍ଜ, ସତ୍ୟବ୍ରତ କୁଅଁର, ଅଳତୀ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତଥା ଗ୍ରାମର ମୁରବୀ ଗୋଲକ ବିହାରୀ ଜେନା, ହରିପୁର ଗ୍ରାମର ମୁରବୀ ବିପିନ ଜେନା ଯୋଗଦେଇ ଚାମ୍ପିଅନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଖେଳ ପରିଚାଳନା ଲଳିତ ବେହେରା, ତ୍ରୈଲୋଚନ ସ୍ୱାଇଁ, ସୁରେଶ ସ୍ୱାଇଁ କରିଥିଲେ। ଧାରା ବିବରଣୀ ନିର୍ମଳ ଜେନା, ସ୍କୋରର ସୁନୀଲ ମାଝୀ, ବିଭୁଦତ୍ତ ମାଝୀ ସହଯୋଗ କରିଥିଲେ। ଜୟ ବଜରଙ୍ଗବାଲି ଯୁବକ ସଂଘର ମୁଖ୍ୟ ବାମନ ଚରଣ ଜେନାଙ୍କ ନେତୃତ୍ୱରେ ପ୍ରଭାତ ମାଝୀ, ରଘୁନାଥ ଗାହାଣ, ମାନସ ପାତ୍ର, ଆଲୋକ ନାଥ, ସନାତନ ନାଥ ପରିଚାଳନା କରିଥିଲେ।

# ୧୪ରେ ଆଞ୍ଚଳିକ ବ୍ରାହ୍ମଣ ସମାବେଶ



ଆନନ୍ଦପୁର/ଘଟଗାଁ, ୯।୨(ସମିସ): ବ୍ରାହ୍ମଣ ମହାସଭା ଆନୁକୂଲ୍ୟରେ ଆଜି ମା ତାରିଣୀ ପୀଠସ୍ଥିତ ଶନିଶ୍ଚର ମନ୍ଦିର ପ୍ରାଙ୍ଗଣରେରେ କେନ୍ଦୁଝର ଆନନ୍ଦପୁର ବ୍ରାହ୍ମଣ ମହାସଭା ଏବଂ ଘଟଗାଁ ବ୍ରାହ୍ମଣ ମହାସଭାର ଏକ ମିଳିତ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା୧୪ତାରିଖ ଶନିବାର ଦିନ ଘଟଗାଁ ଠାରେ ଆଞ୍ଚଳିକ ସ୍ତରୀୟ ବ୍ରାହ୍ମଣ ସମ୍ମିଳନୀ ହେବାକୁ ନିଷ୍ପତ୍ତି ହୋଇଥିଲା। ସମ୍ମିଳନୀ ପ୍ରସ୍ତୁତି ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଘଟଗାଁ ବ୍ରାହ୍ମଣ ମହାସଭାର ସଭାପତି ଦିଲ୍ଲୀପ କୁମାର ପ୍ରହରାଜ, ସମ୍ପାଦକ ପ୍ରଳୟ ପ୍ରଭଞ୍ଜନ ଶତପଥୀ, ସନ୍ତୋଷ ପତି, ଜଗବନ୍ଧୁ ଶା, କେଶବ ଆଚାର୍ଯ୍ୟ, ଭୀମସେନ କର, ହରିହର ପଣ୍ଡା, ସୁବ୍ରତ ପଣ୍ଡା, ବିପ୍ରବର ଦୀକ୍ଷିତ, ଶୁରେଶ ପାଣିଗ୍ରାହୀ, କୈଳାସ ପଣ୍ଡା, ଚିତ୍ତରଞ୍ଜନ ମିଶ୍ର, ଆନନ୍ଦପୁର ଉପଖଣ୍ଡରୁ ମଦନ ମିଶ୍ର, ହରମୋହନପାଢ଼ୀ, ମଧୁସୂଦନ ମିଶ୍ର କେନ୍ଦୁଝର ବ୍ରାହ୍ମଣ ମହାସଭାରୁ ବିଭୂତି ଦାଶଙ୍କ ସମେତ ଅନେକ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ବାଂଶପାଣି-ବଡ଼ବିଲ ଷ୍ଟେସନ ମଧ୍ୟରେ ସିଧାସଳଖ ରେଳ ସଂଯୋଗ ଦାବି

କେନ୍ଦୁଝର, ୯।୨(ସମିସ)

ଲୋକସଭା ଅଧିବେଶନରେ ଆଜି ବାଂଶପାଣି ଏବଂ ବଡ଼ବିଲ ଷ୍ଟେସନ ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପାଇଁ ଦାବି କରିଛନ୍ତି କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ନାୟକ। ଯୋଡ଼ା ବଂଶପାଣି ରେଳଷ୍ଟେସନ ଭାରତୀୟ ରେଳବାଇର ପଦାପାହାଡ଼ ଜଙ୍କସନ-ଯଖପୁରା ସେକ୍ସନରେ ଅବସ୍ଥିତ ଏକ ଗୁରୁତ୍ୱପୂର୍ଣ୍ଣ ରେଳ କେନ୍ଦ୍ର ଏବଂ ବଡ଼ବିଲ-ପୁରୀ ଏକ୍ସପ୍ରେସ ଭଳି ନିୟମିତ ଟ୍ରେନ୍ ଏହି ଷ୍ଟେସନ ଦେଇ ଗତି କରିଥାଏ। ତଥାପି, ଭୌଗୋଳିକ ଦୃଷ୍ଟିକୋଣରୁ ଅତି ନିକଟରେ ଥିଲେ ମଧ୍ୟ ବର୍ତ୍ତମାନ ବଂଶପାଣି (ଯୋଡ଼ା ଅଞ୍ଚଳ) ଏବଂ ବଡ଼ବିଲ ଷ୍ଟେସନ ମଧ୍ୟରେ କୌଣସି ସିଧାସଳଖ ରେଳ ସଂଯୋଗ ନାହିଁ। ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମଧ୍ୟରେ ଯାତ୍ରା କରୁଥିବା ଯାତ୍ରୀମାନେ ଝାଡ଼ଖଣ୍ଡର ଡାଙ୍ଗୁଆପୋଷି ସେକ୍ସନ ଦେଇ ଏକ ଦୀର୍ଘ ବୁଲାଣି ରାସ୍ତାରେ ଯିବାକୁ ବାଧ୍ୟ ହେଉଛନ୍ତି। ଯାହା ପ୍ରାୟ ୬୦-୭୦ କିଲୋମିଟର ଅତିରିକ୍ତ ଦୂରତା ବଢ଼ାଇଥାଏ। ଏହା ଫଳରେ ଅନାବଶ୍ୟକ ବିଳମ୍ବ, ଅସୁବିଧା ଏବଂ ଅଧିକ ଯାତ୍ରା ଖର୍ଚ୍ଚ ହୋଇଥାଏ ବୋଲି ସାଂସଦ ସୂଚନା ଦେଇଛନ୍ତି।

ଏହି ବୁଲାଣି ରାସ୍ତା ଯୋଗୁଁ ଅଞ୍ଚଳରେ ଯାତ୍ରୀ ଚଳାଚଳ ଏବଂ ଖଣିଜ ପରିବହନର ଦକ୍ଷତା ମଧ୍ୟ ସୀମିତ ହୋଇଯାଉଛି। ଏହି ବିଷୟକୁ ଦୃଷ୍ଟିରେ ରଖି ଓଡ଼ିଶା ରେଳ ଭିତ୍ତିଭୂମି ବିକାଶ ଲିମିଟେଡ୍ ବଂଶପାଣି-ବଡ଼ବିଲ ମାଧ୍ୟମରେ ଏକ ନୂତନ ରେଳ ଲାଇନ୍ (ପ୍ରାୟ ୧୭ କିଲୋମିଟର) ପ୍ରସ୍ତାବିତ କରାଯାଇଛି ଏବଂ ଭାରତୀୟ ରେଳବାଇର ମୁଖ୍ୟ ପ୍ରକଳ୍ପ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପ୍ରକଳ୍ପର ଶୀଘ୍ର ଅନୁମୋଦନ ଏବଂ କାର୍ଯ୍ୟକାରିତା ଆଞ୍ଚଳିକ ସଂଯୋଗୀକରଣ, ଯାତ୍ରୀଙ୍କ ସୁବିଧା ଏବଂ ଯୋଡ଼ା-ବଡ଼ବିଲ ଖଣି ଅଞ୍ଚଳର ଅର୍ଥନୈତିକ ବିକାଶରେ ଯଥେଷ୍ଟ ଉନ୍ନତି ଆଣିବ ବୋଲି ସାଂସଦ ଅନନ୍ତ ନାୟକ ଦାବି କରିଛନ୍ତି।

# କଫି ଚାରା ରୋପଣ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା

## କଫି ବିକାଶ ଟ୍ରଷ୍ଟ ବୋର୍ଡ ବୈଠକ

କେନ୍ଦୁଝର, ୯।୨(ସମିସ)



କେନ୍ଦୁଝର ଜିଲ୍ଲାପାଳଙ୍କ ମିନି କନଫରେନ୍ସ ହଲ୍ ପରିସରରେ କଫି ବିକାଶ ଟ୍ରଷ୍ଟ(ସିବିଟି) ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାୟୀ ଜୀବିକା ପାଇଁ କଫି ବୃକ୍ଷରୋପଣ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା ହୋଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ବାଂଶପାଳ ବ୍ଲକ୍‌ରେ ୮୦୦ ହେକ୍ଟର ଜମିରେ ଛାଇ ବୃକ୍ଷରୋପଣ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବାଂଶପାଳ ବ୍ଲକରେ ୫୦୦ହେକ୍ଟର ଜମିରେ ଛାଇ ବୃକ୍ଷରୋପଣ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ବୃକ୍ଷରୋପଣ ଅଞ୍ଚଳରେ ୨୮ ହେକ୍ଟର କଫି ଗଛ ଲଗାଯାଇଛି। ୨୦୨୬-୨୭ ମସିହା ପାଇଁ ୧୦୦୦ ହେକ୍ଟର ଜମିରେ ଛାଇ ବୃକ୍ଷ ରୋପଣ ଓ ୩୦ ହେକ୍ଟର ଜମିରେ କଫି ଗଛ ଲାଗିବାର ଯୋଜନା କରାଯାଇଛି। ଛାୟା ଗଛର ନର୍ସରୀ କରିବା ନିମନ୍ତେ ମିଶନ ଶକ୍ତି ଅନ୍ତର୍ଗତ ଜିପିଏଲ୍‌ଏଫ୍, ବନ ବିଭାଗ ଏବଂ ମୃତ୍ତିକା ସଂରକ୍ଷଣ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଉନ୍ନତ କିସମର ଚାରା କିଭଳି ନର୍ସରୀରେ ଉତ୍ପାଦିତ ହେଇପାରିବ, ସେଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ କହିଛନ୍ତି। କଫି ବିକାଶ ଟ୍ରଷ୍ଟ(ସିବିଟି) ବୋର୍ଡ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି, ଅତିରକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ରାଉତ, ସହକାରୀ ବନ ସଂରକ୍ଷକ ଡ. ସୁଦୀପ୍ତ କୁମାର ପଣ୍ଡା, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ମେହେର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। କଫି ଚାଷକୁ ନେଇ ରାଜ୍ୟ ସରକାରଙ୍କ ମହତ୍ୱକାଂକ୍ଷୀ ଯୋଜନା ରହିଛି। ୫ବର୍ଷରେ ଉତ୍ପାଦନ ୧୦ଗୁଣା ବଢ଼ାଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କୋରାପୁଟ କଫି ବୋର୍ଡର ବୈଜ୍ଞାନିକଙ୍କ ପରାମର୍ଶ ଅନୁସାରେ ରକ୍ଷଣାବେକ୍ଷଣ କରାଯାଉଛି। କଫି ମିଶନ ଅଧୀନରେ କଫି ଚାଷ ଯୋଗୁଁ ବାଂଶପାଳ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବହୁ ଲୋକ ସ୍ଥାୟୀ କର୍ମ ନିଯୁକ୍ତି ପାଇଛନ୍ତି।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର/ବାଲିକୁଦା, ୯।୨(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପୂର୍ବାହ୍ନରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୫୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୦ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୧ଟି, ଆବାସ ସମ୍ପର୍କୀୟ ୧୬ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୬ଟି, ପୁଲିସ ସହାୟତା ପାଇବା ପାଇଁ ୨ଟି, ଭତ୍ତା ପାଇବା ପାଇଁ ୩ଟି ଏବଂ ଅନ୍ୟାନ୍ୟ ୧୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାଲିକୁଦା ସାଗର କୁମାର ନନ୍ଦ, ତହସିଲଦାର ବାଲିକୁଦା ବିକାଶ ରଞ୍ଜନ, ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ିଲା କାଣ୍ଟ ମାଛ

ପାରାଦୀପ, ୯।୨(ସମିସ)



ମତ୍ସ୍ୟଜୀବୀମାନେ ଲକ୍ଷାଧିକ ଟଙ୍କାର କାଣ୍ଟ ମାଛ ସମୁଦ୍ରରୁ ଜାଲରେ ଧରିଥିବା ଜଣାପଡିଛି। ତେବେ ଗଭୀର ସମୁଦ୍ରରେ ମତ୍ସ୍ୟଜୀବୀମାନେ ମାଛ ମାରୁଥିବା ବେଳେ ହଠାତ ଜାଲରେ ଏହି କାଣ୍ଟ ମାଛ ଧରା ଦେଇଥିବା ସେମାନେ କହିଛନ୍ତି। ଏହା ନୂଆ କଥା ନୁହେଁ, କ୍ୱିଣ୍ଟାଲ କ୍ୱିଣ୍ଟାଲ ମାଛ ଗଭୀର ସମୁଦ୍ରରେ

**ଲକ୍ଷାଧିକ ଟଙ୍କାରେ ବିକ୍ରି ପାଇଁ ଗଲା ଦୀଘା**

ଜାଲରେ ଏହି ସମୟରେ ହିଁ ଧରାଦିଅନ୍ତି ବୋଲି କହିଛନ୍ତି ବୋଟ୍ ମାଲିକ। ଆଜି ୧୦ଟି ଯନ୍ତ୍ର ଚାଳିତ ଡଙ୍ଗାରେ ଏହି କାଣ୍ଟ ମାଛକୁ ମାଛଧରା ବନ୍ଦରକୁ ଅଣାଯାଇଥିଲା। ନେହରୁବଙ୍ଗଳା ମାଛଧରା ବନ୍ଦରରେ ଡଙ୍ଗା ଗୁଡ଼ିକ ଲାଗିବା ପରେ ଏକକାଳୀନ ଏତେ ପରିମାଣର ମାଛ ଦେଖିବାକୁ ବୋଟ୍ ମାଲିକ ଓ ମତ୍ସ୍ୟଜୀବୀଙ୍କ ଭିଡ଼ ଜମିଥିଲା। ପରେ ଏଗୁଡ଼ିକୁ କଲିକତାର ଦୀଘା ବଜାରକୁ ପଠାଇ ଦିଆଯାଇଛି। ପ୍ରତ୍ୟେକ ମାଛର ଓଜନ ୫୦୦ ଗ୍ରାମରୁ ଅଧିକ ରହିଛି। ବର୍ତ୍ତମାନର ବଜାର ଦର ଅନୁଯାୟୀ ଏହାକୁ ୪୦ ଟଙ୍କାରେ ନିଲାମ କରାଯାଇଛି। ଗତକାଲି ପାରାଦୀପ ଷଣ୍ଢକୁଦ ବସ୍ତି ଅଞ୍ଚଳର ମତ୍ସ୍ୟଜୀବୀ ସକା ଦାରକଣ୍ଡା ନିଜ ଯନ୍ତ୍ରଚାଳିତ ଡଙ୍ଗା ଯୋଗେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ବେଳେ ଏହି କାଣ୍ଟ ମାଛର ଏକ ଦଳ ସମୁଦ୍ରରେ ଯାଉଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ସେ ଓ ତାଙ୍କର ସହଯୋଗୀ ଜାଲ ଘେରାଇବା ସହିତ ମାଛ ଡଙ୍ଗାକୁ ଉଠାଇଥିଲେ। ତାଙ୍କ ସାଙ୍ଗରେ ଥିବା ୧୦ଟି ଯନ୍ତ୍ରଚାଳିତ ଡଙ୍ଗା କାଣ୍ଟ ମାଛରେ ସମ୍ପୂର୍ଣ୍ଣ ଫୁଲ ହୋଇଯାଇଥିଲା। ଏ ସମ୍ପର୍କରେ ଖବର ପାଇବା ପରେ ବାହାର ବ୍ୟବସାୟୀମାନେ ନେହରୁବଙ୍ଗଳା ମାଛଧରା ବନ୍ଦରରେ ପହଞ୍ଚିଥିଲେ। ଆଜି ସକାଳେ ଡଙ୍ଗା ଆସି ବନ୍ଦରରେ ଲାଗିବା ପରେ ମାଛ ଗୁଡିକୁ ବରଫ ପ୍ୟାକିଂ କରି ଦୀଘା ପଠାଇ ଦିଆଯାଇଛି। ତେବେ ପ୍ରାକୃତିକ ଦୁର୍ବିପାକ ଓ ସରକାରଙ୍କ ମାଛଧରା କଟକଣା ଯୋଗୁଁ ବର୍ଷକୁ ମାତ୍ର ୩ ମାସ ସମୁଦ୍ରରୁ ମାଛ ଧରି ବର୍ଷେ ଚଳୁଛୁ। ଏବେ ସମୁଦ୍ରରେ ମାଛ ଆଉ ଆଗ ଭଳି ହେଉନଥିବା ବେଳେ ଏହି ମାଛ ଆମ ପେଟକୁ ଦାନା ଦେଇଛି। ଯଦି ଅନ୍ୟ କୌଣସି ଦାମୀ ମାଛ ପଡ଼ିଥାନ୍ତା ତେବେ ଭଲ ଦୁଇ ଟଙ୍କା ଲାଭ ମିଳିଥାନ୍ତା ବୋଲି ମତ୍ସ୍ୟଜୀବୀ ପ୍ରକାଶ କରିଛନ୍ତି। ତଥାପି ଯାହା ମିଳିଛି ସେଥିରେ ସେମାନେ ସନ୍ତୁଷ୍ଟ ଅଛନ୍ତି ବୋଲି ଗଣମାଧ୍ୟମକୁ କହିଛନ୍ତି।

## ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ



ବାଲିକୁଦା, ୯।୨(ସମିସ): ବାଲିକୁଦା ବ୍ଲକ ମୁଲୁଙ୍ଗା ପଞ୍ଚାୟତ ସାରଣା ଗ୍ରାମରେ ଥିବା ମହାଦେବ ମନ୍ଦିର ପରିସରରେ ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସଭାପତି ପ୍ରତାପ କୁମାର ଦେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମ୍ମିଳନୀରେ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ଯୋଗଦେଇ ବିଜେପି ସରକାରଙ୍କ ମନମୁଖୀ କାର୍ଯ୍ୟ ବାବଦରେ ଗର୍ଜନ କରିବା ସହ ୱାର୍ଡସ୍ତରରୁ ପଞ୍ଚାୟତ ପର୍ଯ୍ୟନ୍ତ କାର୍ଯ୍ୟ କରି ବିଜେଡି ସୁପ୍ରିମୋ ତଥା ସଭାପତି ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ କମଳାକାନ୍ତ ମହାପାତ୍ର, ଜିଲ୍ଲା ସମ୍ପାଦକ ରାମଚନ୍ଦ୍ର ମହାନ୍ତି, ଜିଲ୍ଲାପରିଷଦ ସଦସ୍ୟ ଜଟାଧାରୀ ଦାସ, ମୁଲୁଙ୍ଗା ସରପଞ୍ଚ ଦଧିବାମନ ମଲ୍ଲିକ, ସମିତିସଭ୍ୟ ପ୍ରତିନିଧି ସୁଦର୍ଶନ ଦାସ, ପୂର୍ବତନ ସରପଞ୍ଚ ଅଚ୍ୟୁତାନନ୍ଦ ପରିଡା, ସମିତିସଭ୍ୟ ଦିଲୀପ ସ୍ୱାଇଁ, ବାହାରଣା ସରପଞ୍ଚ ମାନସ ରଞ୍ଜନ ପରିଡା, ସମିତିସଭ୍ୟାଙ୍କ ପ୍ରତିନିଧି ଅଭିନାରାୟଣ ମହାନ୍ତି, ପଞ୍ଚାୟତର ବିଜେଡି ମାର୍ଗଦର୍ଶକ ପ୍ରତାପ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପଞ୍ଚାୟତର ବରିଷ୍ଠ ବିଜେଡି କର୍ମୀମାନଙ୍କୁ ବିଧାୟକ ବିଜୁ ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରିଥିଲେ।

## ନୂତନ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ଯୋଗଦାନ

ନାଉଗାଁ, ୯।୨(ସମିସ): ଆଜି ନାଉଗାଁ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟରେ ନୂତନ ଭାବରେ ମଣ୍ଡଳ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ବଡ଼ପଣ୍ଡା ଯୋଗଦାନ କରିଛନ୍ତି। ସେ



ପୂର୍ବରୁ ଭୁବନେଶ୍ୱରସ୍ଥିତ ୟୁନିଟ-୧ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟ କରୁଥିଲେ। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହେବାଯୋଗୁ ଛଅ ମାସ ପରେ ନିୟମିତ ମଣ୍ଡଳ ଶିକ୍ଷା ଅଧିକାରୀ ଯୋଗଦାନ କରିଛନ୍ତି। ନୂତନ ଶିକ୍ଷା ଅଧିକାରୀ ଯୋଗଦାନ ପରେ ବିଭିନ୍ନ ଶିକ୍ଷକ ସଂଗଠନ, କାର୍ଯ୍ୟାଳୟର କର୍ମଚାରୀ, ସମସ୍ତ ସିଆର୍‌ସିସି ମାନେ ସ୍ୱାଗତ କରିଛନ୍ତି।

## ଗୁହାଳରେ ଅଗ୍ନିକାଣ୍ଡ; ଗାଇଛେଳି ଅର୍ଦ୍ଧଦଗ୍ଧ

ବାଲିକୁଦା, ୯।୨(ସମିସ): ବାଲିକୁଦା ତହସିଲ ଅଧୀନ ଶୋଭା ଗ୍ରାମର ଦିବାକର ବିଶ୍ୱାଳଙ୍କ ଗୁହାଳ ଘରେ ସନ୍ଧ୍ୟା ସମୟରେ ନିଆଁ ଲାଗି ଗୋଟିଏ ଗାଇ ଓ ଗୋଟିଏ ବାଛୁରୀ ଅର୍ଦ୍ଧ ଦଗ୍ଧ ହୋଇଥିବା ବେଳେ ୩ ଛେଳି ମଧ୍ୟ ଅର୍ଦ୍ଧ ଦଗ୍ଧ ହୋଇଥିବା ଜଣାପଡିଛି। ଏହି ଅଗ୍ନିକାଣ୍ଡ ସନ୍ଧ୍ୟାରେ ମଶା ଧୂଆଁରୁ ନିଆଁ ଲାଗି ଯାଇଥିବା ଜଣା ପଡ଼ିଥିବା ବେଳେ ଅନେକ ଜାଳେଣି କାଠ ଓ ଜରି ପାଲ ସମେତ ଘର ପୋଡି ପାଉଁଶ ହୋଇଯାଇଛି। ପରିବାର ଛେଳିଙ୍କ ଚିତ୍କାର ଶୁଣି ନିଆଁ ଲାଗି ଯାଇଥିବା ଦେଖିବାକୁ ପାଇ ଛେଳି ଓ ଗାଇ ବାଛୁରିକୁ ବାହାରକୁ ବାହାର କରିଥିଲେ। ହେଲେ ନିଆଁର ପ୍ରଭାବ ଏତେ ଥିଲା ଯେ ଉଭୟ ଗାଇ ଓ ଛେଳି ଅର୍ଦ୍ଧ ଦଗ୍ଧ ହୋଇଯାଇଥିଲେ। ପରିବାର ଲୋକେ ବାଲିକୁଦା ଅଗ୍ନିଶମ ବିଭାଗକୁ ସୂଚନା ଦେବା ପରେ ବିଭାଗ ପକ୍ଷରୁ ନିଆଁକୁ ଆୟତ୍ତ କରିବା ପୂର୍ବରୁ ସବୁ ଜଳିପୋଡି ହୋଇଯାଇଥିଲା।

# ତିର୍ତ୍ତୋଲର ଇଟାଭାଟି ଭାଙ୍ଗିଲା ପ୍ରଶାସନ

ତିର୍ତ୍ତୋଲ, ୯।୨(ସମିସ): ତିର୍ତ୍ତୋଲ ଅଞ୍ଚଳରେ ଗଢି ଉଠିଥିବା ବେଆଇନ ଇଟା ଭାଟି ଉପରେ ଆଜି ସନ୍ଧ୍ୟାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବଡ଼ ଧରଣର ଚଢ଼ଉ କରାଯାଇଛି। ଗୋଟିଏ ପ୍ଲାଟୁନ ପୁଲିସ ଫୋର୍ସ ସହ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିଲା। ୪ଟି ଜେସିବି ମେସିନ ଦ୍ୱାରା ତିର୍ତ୍ତୋଲ ନିକଟ ନୂତନ ମହାନଦୀ ପୋଲ ତଳେ ଥିବା ବେଆଇନ ଚିମ୍‌ନୀ ଇଟା ଭାଟି ଦୁର୍ଗା ବ୍ରିକସକୁ ପ୍ରଥମେ ଭଙ୍ଗା ଯାଇଥିଲା। ଏହି ଭାଟିଟି ୩ ଏକର ୭୦ ଡେସିମିଲ ସରକାରୀ ଜାଗାରେ ଦୀର୍ଘ ବର୍ଷ ହେଲା ଗଢ଼ି ଉଠିଥିଲା। ପୋଡ଼ା ପାଇଁ ପ୍ରସ୍ତୁତ ହୋଇଥିବା କଞ୍ଚା ଇଟା ଗୁଡ଼ିକ ନଷ୍ଟ କରାଯାଇଥିଲା। ଇଟା ପୋଡ଼ା ଯାଉଥିବା ଚିମ୍‌ନୀକୁ ଦମକଳ ବାହିନୀ ଦ୍ୱାରା ଲିଭାଯାଇ ଭଙ୍ଗାଯାଇ ଦର ପୋଡ଼ା ଇଟାକୁ ନଷ୍ଟ କରାଯାଇଥିଲା। ଜିଲ୍ଲାପାଳ ଜେ. ସୋନାଲଙ୍କ ସୂଚନା ମୁତାବକ ପ୍ରଶାସନ ତରଫରୁ ବେଆଇନ ଭାବେ ଗଢି ଉଠିଥିବା ଇଟାଭାଟି ମାଲିକମାନଙ୍କୁ ଭାଟି ଭାଙ୍ଗିବା ପାଇଁ ନୋଟିସ କରାଯାଇଥିଲା। ସେମାନେ ଭାଙ୍ଗି ନଥିଲେ। ଶେଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଇଟା ଭାଟି ଗୁଡ଼ିକ ଦ୍ୱାରା ବ୍ୟାପକ ରାଜସ୍ୱ ହାନି ଓ ପ୍ରାକୃତିକ ସମ୍ପଦ ନଷ୍ଟ ହେଉଥିଲା। ସେମାନେ ଚଢ଼ା ଦରରେ ଇଟା ବିକ୍ରି କରୁଥିଲେ। ଇଟା ଭାଟି ଗୁଡ଼ିକ ସରକାରୀ ଯାଗାରେ ଚାଲିବା ସହ ଆବଶ୍ୟକୀୟ ପରିବେଶ ମଞ୍ଜୁରୀ, ଅନ୍ୟାନ୍ୟ କାଗଜପତ୍ର ନଥିଲା। ଏହି ଇଟା ଭାଟି ମାଲିକମାନଙ୍କ ନାମରେ ମକଦ୍ଦମା ରୁଜୁ କରାଯିବା ସହ ରାଜସ୍ୱ ବିଭାଗର ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲ୍ଲାର ବିଭିନ୍ନ ସ୍ଥାନରେ ମଧ୍ୟ ଏପରି ବେଆଇନ ଇଟା ଭାଟି ଗୁଡ଼ିକ ଗୁଡ଼ିକ ଉପରେ ଆଗକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିଆଯିବ ବୋଲି ସେ କହିଛନ୍ତି। ଏହି ଚଢ଼ଉରେ ଉପ ଜିଲ୍ଲାପାଳ ପ୍ରଶାନ୍ତ ତରାଇ, ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ ଦାସ, ତିର୍ତ୍ତୋଲ ବିଡିଓ ଗିରିଜା ଶଙ୍କର ମଲ୍ଲିକ, ତହସିଲଦାର ମହେଶ୍ୱର ବେହେରା, ଥାନା ଅଧିକାରୀ ପ୍ରଦୀପ୍ତ ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ସମୁଦାୟ ୭ଟି ବେଆଇନ ଇଟାଭାଟି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।



**ଜଗତସିଂହପୁର ଜିଲ୍ଲାରେ ମାଟ୍ରିକ୍ ପରୀକ୍ଷା ପ୍ରସ୍ତୁତି**

## ୯୧ କେନ୍ଦ୍ରରେ ପରୀକ୍ଷା ଦେବେ ୧୩,୪୧୨ ଛାତ୍ରଛାତ୍ରୀ

ଜଗତସିଂହପୁର, ୯।୨(ସମିସ): ଆସନ୍ତା ଫେବୃୟାରୀ ୧୯ ତାରିଖରୁ ଆରମ୍ଭ ହେଉଛି ଚଳିତ ଶିକ୍ଷାବର୍ଷର ମାଟ୍ରିକ୍ ପରୀକ୍ଷା। ଏଥିପାଇଁ ଜଗତସିଂହପୁର ଶିକ୍ଷାବିଭାଗ ତରଫରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ମୋଟ ୯୧ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ବେଳେ ଏଏଚ୍‌ଏସ୍‌ସି, ମଧ୍ୟମା ଏବଂ ଏସ୍‌ଓଏସ୍‌ସି ପରୀକ୍ଷାର୍ଥୀଙ୍କୁ ମିଶାଇ ମୋଟ ୧୩,୪୧୨ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ସୂଚନା ମିଳିଛି। କୁଜଙ୍ଗ ବ୍ଲକ୍ ଅଞ୍ଚଳରେ ସର୍ବାଧିକ ୧୬ଟି କେନ୍ଦ୍ରରେ ୨୮୬୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ବିରିଡ଼ି ବ୍ଲକ୍ ଅଞ୍ଚଳରେ ସର୍ବନିମ୍ନ ୬ଟି କେନ୍ଦ୍ରରେ ୮୩୨ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେହିପରି ତିର୍ତ୍ତୋଲ ବ୍ଲକ୍‌ର ୧୫ କେନ୍ଦ୍ରରେ ୨୦୩୩ ଛାତ୍ରଛାତ୍ରୀ, ଜଗତସିଂହପୁର ବ୍ଲକ୍‌ର ୧୪ କେନ୍ଦ୍ରରେ ୧୯୪୧ ଛାତ୍ରଛାତ୍ରୀ, ଏରସମା ବ୍ଲକ୍‌ର ୧୨ କେନ୍ଦ୍ରରେ ୧୬୮୫ ଛାତ୍ରଛାତ୍ରୀ, ବାଲିକୁଦା ବ୍ଲକ୍‌ର ୧୩ କେନ୍ଦ୍ରରେ ୧୭୮୭ ଛାତ୍ରଛାତ୍ରୀ, ରଘୁନାଥପୁର ବ୍ଲକ୍‌ର ୮ କେନ୍ଦ୍ରରେ ୧୨୫୨ ଛାତ୍ରଛାତ୍ରୀ ଏବଂ ନାଉଗାଁ ବ୍ଲକ୍‌ର ୭ କେନ୍ଦ୍ରରେ ୧୦୨୧ ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ପରୀକ୍ଷା ଦେବେ। ସେହିପରି ପ୍ରତି ବ୍ଲକ୍ ପାଇଁ ଗୋଟିଏ ଲେଖାଏଁ ନୋଡାଲ ସେଣ୍ଟର କରାଯାଇଛି। ବାଲିକୁଦା ବ୍ଲକ୍ ପାଇଁ ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିକୁଦା, ତିର୍ତ୍ତୋଲ ବ୍ଲକ୍ ପାଇଁ ମଣିଚରଣ ସାରଳା ଏକାଡେମୀ, ବିରିଡି ବ୍ଲକ୍ ପାଇଁ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଚାନ୍ଦପୁର, ଏରସମା ବ୍ଲକ୍ ପାଇଁ ଏରସମା ସରକାରୀ ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର ବ୍ଲକ୍ ପାଇଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଜଙ୍ଗ ବ୍ଲକ୍ ପାଇଁ ବନବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ନାଉଗାଁ ବ୍ଲକ୍ ପାଇଁ ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ରଘୁନାଥପୁର ବ୍ଲକ୍ ପାଇଁ ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଥିବା ଜିଲ୍ଲା ଶିକ୍ଷା ବିଭାଗ ସୂତ୍ରରୁ ସୂଚନା ମିଳିଛି।

## ଦୋକାନ ଉପରେ ମାଡ଼ିଗଲା ଟ୍ରକ୍



ପାରାଦୀପ, ୯।୨(ସମିସ): ପାରାଦୀପ ଚଣ୍ଡିଖୋଲ ଜାତୀୟ ରାଜପଥର ଜଗତି ଗଡ଼ାରେ ଘଟିଯାଇଛି ଏକ ଲୋମଟାଙ୍କୁରା ଘଟଣା। ଏକ ଟ୍ରକ୍ ଗୋଟିଏ ଦୋକାନ ଉପରେ ମାଡ଼ିଯିବାରୁ ଦୋକାନଟି ଭାଙ୍ଗି ଚୁରମାର ହୋଇଯାଇଛି। ସେହି ସମୟରେ ଦୋକାନର ମାଲିକ ତପନ ନାୟକ ସେଠାରେ ଅନୁପସ୍ଥିତ ଥିବାରୁ ଏକ ବଡ଼ ବିପଦରୁ ବର୍ତ୍ତିଯାଇଥିବା ଜଣାପଡିଛି। ତେବେ ମାଡ଼ି ଯାଇଥିବା ଟ୍ରକ୍ ମାଲିକ ହେମନ୍ତ ପାତ୍ର ନିଜେ ଗାଡ଼ି ଚଳାଉଥିଲେ। ତେବେ ଗାଡ଼ି ମାଲିକ ଟ୍ରକ୍ ଚଢ଼ାଇ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଏଭଳି ଟ୍ରକ୍ ଦୋକାନ ଉପରେ ମଡ଼ାଇଥିବା ଦୋକାନ ମାଲିକ ତପନ ନାୟକ ଆଜି ସନ୍ଧ୍ୟାରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜୀବନରୁ ମାରିଦେବା ନେଇ ପୂର୍ବରୁ ସେ କହିଥିବା ବେଳେ ଆଜି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ତେବେ ଦୋକାନରେ ଥିବା ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଜିନିଷ ପତ୍ର ନଷ୍ଟ ହୋଇଯାଇଥିବା ସେ ଅଭିଯୋଗ କରିଛନ୍ତି। ଖବର ପାଇ ଘଟଣାସ୍ଥଳରେ ପାରାଦୀପ ଲକ୍ ଥାନା ପୁଲିସ ପହଞ୍ଚି ତଦନ୍ତ କରିଛନ୍ତି। ତେବେ ଟ୍ରକ୍ ଛାଡି ଗାଡ଼ି ଚଲାଉଥିବା ମାଲିକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଟ୍ରକଟିକୁ ଜବତ କରି ପୁଲିସ୍ ଥାନାକୁ ନେଇଛି। ଅଭିଯୋଗ ପରେ ପୁଲିସ ଟ୍ରକ ଡ୍ରାଇଭର ହେମନ୍ତ ପାତ୍ରଙ୍କୁ ଖୋଜୁଥିବା ଜଣାପଡ଼ିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ନୃସିଂହନାଥ କଲ୍ୟାଣମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ



ନାଉଗାଁ, ୯।୨(ସମିସ): ନାଉଗାଁ ବ୍ଲକ ନାଉଗାଁ ଗ୍ରାମରେ ନୃସିଂହନାଥ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଯୁବ ସମାଜସେବୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ନାଉଗାଁ ଗ୍ରାମର ସମାଜସେବୀ ତ୍ରିନାଥ ପରିଜାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ, ଦାରିଦ୍ର ସୀମା ରେଖା ତଳେ ଅସହାୟ ବ୍ୟକ୍ତି ବିଶେଷଙ୍କୁ ସାହାଯ୍ୟ ଓ ସହଯୋଗ ନିମନ୍ତେ ଆଜି ଏହି କଲ୍ୟାଣମଣ୍ଡପ ନାଉଗାଁ ଗ୍ରାମରେ ଥିବା ନୃସିଂହ ନାଥ ମନ୍ଦିର ପ୍ରାଙ୍ଗଣରେ ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଛି। ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ପ୍ରମୋଦ ପରିଜା, ଦୀପ୍ତିରଞ୍ଜନ ପରିଜା, ତପନ ପରିଜା, ନାରାୟଣ ପରିଜା, ସରୋଜ ପରିଜା, ବିନୟ ଭୂଷଣ ମହାପାତ୍ର, ଶିବ ପ୍ରସାଦ ପରିଜା, ସୁନୀଲ ମାଟିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ମଣ୍ଡପରେ ଅସହାୟ ଗରିବ ଲୋକମାନେ ବିବାହ ବ୍ରତଘର ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ସୁଯୋଗ ଦିଆଯିବ ବୋଲି ସମାଜସେବୀ ଶ୍ରୀ ପରିଜା ପ୍ରକାଶ କରିଛନ୍ତି।

## ବ୍ରାଉନ୍‌ସୁଗର ଜବତ; ୨ ଗିରଫ

ଏରସମା, ୯।୨(ସମିସ): ଏରସମା ଥାନା ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତରୁ ବିପୁଳ ପରିମାଣରେ ବ୍ରାଉନ୍‌ସୁଗର ଜବତ କରାଯାଇଛି। ପଦ୍ମପୁର ପଞ୍ଚାୟତରେ ଧଳା ଜହର କାରବାର ହେଉଥିବା ଖବର ମିଳିଥିଲା। ଗାଦିବ୍ରହ୍ମ ମଠ ପାଖରେ ଏକ ବାଇକ୍ ( ଓଡି- ୦୫-ଆର- ୮୫୯୫)ରେ ଦୁଇ ଜଣ ଯାଉଥିଲେ। ତାଙ୍କୁ ସନ୍ଦେହ କରି ତଦନ୍ତ କରିବାରୁ ତାଙ୍କ ଠାରୁ ୧୯.୮୩୦ ଗ୍ରାମ ବ୍ରାଉନ୍‌ସୁଗର ଜବତ କରାଯାଇଛି। ସେମାନେ ହେଲେ ଆମ୍ବିକି ପଞ୍ଚାୟତସ୍ଥିତ ଆମ୍ବିକି ଗ୍ରାମର ଲକ୍ଷ୍ମୀଧର ଦାସ (୩୨) ଓ ଅସିଆ ଗ୍ରାମର ବିକାଶ ସାହୁ (୨୪) । ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି ।

## ବାଲିପାରିରୁ ୩.୭୬୦ କିଗ୍ରା ଗଞ୍ଜେଇ ଜବତ

କୁଜଙ୍ଗ, ୯।୨(ସମିସ): ଆଜି କୁଜଙ୍ଗ ପୁଲିସ କୌଣସି ଗୁପ୍ତ ସୂଚନା ପାଇ ବାଲିପାରି ଗ୍ରାମରେ ଚଢ଼ଉ କରି ଜଣେ ଚୋରା ଗଞ୍ଜେଇ ବେପାରୀକୁ ଗିରଫ କରିବା ସହ ଚୋରା ଗଞ୍ଜେଇ ଓ ମଟର ସାଇକଲ ଓ ତିନି ମୋବାଇଲ ଜବତ କରିଛି। ଗିରଫ ବ୍ୟକ୍ତି ହେଉଛନ୍ତି ସଂଜୟ ମହାପାତ୍ର। ଘର ବାଲିପାରି ବୋଲି ଜଣାପଡ଼ିଛି। କୁଜଙ୍ଗ ଥାନା ଏସଆଇ ଅଜୟଅର୍ଜୁନ ଖଣ୍ଡଗିରି ଏହି ସମ୍ପର୍କରେ ଏକ ନିର୍ଭର ଯୋଗ୍ୟା ସୂଚନା ପାଇବା ପରେ କିଛି ସହଯୋଗୀଙ୍କ ସହ ଚଢ଼ଉ କରିଥିଲେ। ଏହି ସମୟରେ ସଞ୍ଜୟକୁ ଗିରଫ କରିବା ସହ ତାଙ୍କର ମଟର ସାଇକଲ ସହ ୩ କିଗ୍ରା ୭୬୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହା ସହ ୫୪୦ ଟଙ୍କା ଓ ତିନୋଟି ମୋବାଇଲ ମଧ୍ୟ ଜବତ କରାଯାଇଛି। ତାଙ୍କୁ ଗିରଫ ପରେ କୁଜଙ୍ଗ ଅଦାଲତ ଚାଲାଣ କରିଥିବା ସୂଚନା ମିଳିଛି।

**ଏବେବି ଚାଲିଛି ମାଫିଆଙ୍କ ରାଜ୍**

# ବନ୍ଦ ହେଉନି ବାଲି ଚୋରାଚାଲାଣ

ଜଗତସିଂହପୁର, ୯।୨(ସମିସ)



ଉପକୂଳବର୍ତ୍ତୀ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ, ତିର୍ତ୍ତୋଲ, ବିରିଡ଼ି, ନାଉଗାଁ, ରଘୁନାଥପୁର ଏବଂ ଜଗତସିଂହପୁର ତହସିଲ ଅଞ୍ଚଳରେ ଥିବା ବାଲିଘାଟରୁ ବେଧଡ଼କ ବାଲି ଚୋରାଚାଲାଣ ହେଉଛି। ଜିଲ୍ଲା ଖଣି ବିଭାଗ ଏବଂ ପୁଲିସ ତରଫରୁ ଏଥିରେ ଅଙ୍କୁଶ ଲଗାଇବା ପାଇଁ ମଝିରେ ମଝିରେ ଚଢ଼ଉ କରାଯାଉଛି। ଏହା ସତ୍ତ୍ୱେ ଜିଲ୍ଲାର ବିଭିନ୍ନ ବାଲିଘାଟରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ଜାରି ରହିଥିବା ଅଭିଯୋଗ ହୋଇଛି।

- ବୋହି ନେଉଛନ୍ତି କୋଟି କୋଟି ଟଙ୍କାର ବାଲି
- ପ୍ରଶାସନର ଚଢ଼ଉ ସତ୍ତ୍ୱେ ପ୍ରଭାବ ପଡୁନି

ଜିଲ୍ଲା ଇତିହାସରେ ସବୁଠାରୁ ବଡ଼ ଚଢ଼ଉ ହୋଇଥିଲା ତିର୍ତ୍ତୋଲ ତହସିଲ ଅନ୍ତର୍ଗତ କିଲିପାଳ ବାଲିଘାଟରେ। ଗତ ବର୍ଷ ନଭେମ୍ବର ୨୫ ତାରିଖ ବିଳମ୍ବିତ ରାତିରେ କିଲିପାଳ ବାଲିଘାଟରେ ଚଢ଼ଉ କରି ୪୬ଟି ହାଇୱା ଏବଂ ୩ଟି ଜେସିବି ମେସିନ ପୁଲିସ ଜବତ କରିଥିଲା। ଜଣେ ମେକାନିକ ଏବଂ ୫ ଜଣ ହାଇୱା ଡ୍ରାଇଭରକୁ ମଧ୍ୟ ଅଟକ ରଖାଯାଇଥିଲା। କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକଙ୍କ ନେତୃତ୍ୱରେ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ ଏବଂ ଏସ୍‌ପି ଅଙ୍କିତ କୁମାର ବର୍ମା ପୁଲିସ ଟିମ୍ ସହିତ କିଲିପାଳ ବାଲିଘାଟରେ ଚଢ଼ଉ କରିଥିଲେ। ସେହିପରି ଡିସେମ୍ବର ୧୧ ତାରିଖରେ ଜୟପୁର ବାଲିଘାଟରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ନେତୃତ୍ୱରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୨୨ଟି ହାଇୱା ଜବତ କରାଯାଇଥିଲା। ତଦନ୍ତ ପରେ ଏହି ବାଲି ଚୋରାଚାଲାଣ ଚେର କଟକ ଏବଂ କେନ୍ଦ୍ରାପଡା ପର୍ଯ୍ୟନ୍ତ ଲମ୍ବିଥିବା ବେଳେ ଏହା ପଛରେ ରାଜନେତାମାନଙ୍କର ହାତଥିବା ସ୍ପଷ୍ଟ ହୋଇଥିଲା। ବାଲିଘାଟ ଉପରେ ଚଢ଼ଉ ଏବଂ ଧରପଗଡ଼ ଜାରି ରହିଥିଲେ ମଧ୍ୟ ଖାସ ଏହି କାରଣରୁ ବାଲି ଚୋରାଚାଲାଣ ଉପରେ ରୋକ୍ ଲାଗି ପାରୁନାହିଁ। ବିଶେଷକରି ବାଲିମାଫିଆମାନଙ୍କ ପଛରେ ଶାସକ ଦଳ ନେତାମାନଙ୍କ ହାତ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ଅଭିଯୋଗ କରାଯାଇଛି। ଅତୀତରେ ଟ୍ରାଞ୍ଜିଟ୍ ପାସ୍ ନଥିବା ଚୋରା ବାଲିଗାଡି ଜବତ କରି ତିର୍ତ୍ତୋଲ ଥାନାର ଦୁଇଜଣ ଥାନା ଅଧିକାରୀ ରାତିଅଧିଆ ବଦଳି ହେବା ଏହାର ବଳିଷ୍ଠ ପ୍ରମାଣ ବୋଲି କୁହାଯାଉଛି। ସେପଟେ ଗତ ୨୦୨୩ ଡିସେମ୍ବର ମାସରେ ଜଗତସିଂହପୁର ଜିଲ୍ଲାରେ ଖଣି ବିଭାଗର କାର୍ଯ୍ୟାଳୟ ଖୋଲିଥିଲେ ମଧ୍ୟ ଏଠାରେ କେବଳ ଜଣେ ଖଣି ଅଧିକାରୀଙ୍କୁ ନିଯୁକ୍ତି ମିଳିଥିଲା। ବାଲିମାଫିଆଙ୍କ ସହିତ ସଂପର୍କ ଥିବା ପ୍ରମାଣ ମିଳିବା ପରେ ତାଙ୍କୁ ନିଲମ୍ବିତ କରାଯାଇଛି।

ସେହିପରି ଜିଲ୍ଲା ଖଣି କାର୍ଯ୍ୟାଳୟରେ ଜଣେ ସହକାରୀ ଖଣି ଅଧିକାରୀ, ଜଣେ କନିଷ୍ଠ ଖଣି ଅଧିକାରୀ ଏବଂ ଜଣେ କନିଷ୍ଠ ସହାୟକ ପଦବୀ ରହିଥିଲେ ମଧ୍ୟ ଅଦ୍ୟାବଧି ଏସବୁ ପଦବୀ ପୂରଣ ହୋଇନାହିଁ। ଯାହାଦ୍ୱାରା ଖଣି ବିଭାଗ ଏକପ୍ରକାର ପଙ୍ଗୁ ହୋଇପଡିଛି କହିଲେ ଅତ୍ୟୁକ୍ତି ହେବନାହିଁ। ସେହିପରି ବିଗତ ଦିନରେ ବାଲି ଚୋରାଚାଲାଣକୁ ନେଇ ନାଉଗାଁ, ତିର୍ତ୍ତୋଲ ଏବଂ ବିରିଡ଼ି ଅଞ୍ଚଳରେ ହାତାହାତି ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। କିଛିମାସ ତଳେ ବିରିଡ଼ି ତହସିଲ ଅଞ୍ଚଳରୁ ବାହାର ରାଜ୍ୟକୁ ଚୋରାଚାଲାଣ ହେଉଥିବା ଏକାଧିକ ଟ୍ରକ୍ ପୁଲିସ ଜବତ କରିଥିଲା। ଗତକାଲି ରାତିରେ ମଧ୍ୟ ଆଳିପିଙ୍ଗଳ ବାଲିଘାଟରେ ଦୁଇମାଫିଆ ଗୋଷ୍ଠୀ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ମିଳିଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

**ଖାଲି ପଦବୀ ସଂଖ୍ୟା: 2273 (ବ୍ୟାକଲଗ୍ ଖାଲି ପଦବୀ ସହିତ)**

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ବିଜ୍ଞାପନ ନମ୍ବର **CRPD/CBO/2025-26/18** ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.01.2026 ରୁ 18.02.2026 ପର୍ଯ୍ୟନ୍ତ ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ **https://sbi.bank.in/web/careers/current-openings.**

**ସ୍ଥାନ:** ମୁମ୍ବାଇ
**ତାରିଖ:** 30.01.2026
**ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)**

# ୧୧ରୁ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ; ବିଇଡିଏରେ ପ୍ରସ୍ତୁତି ବୈଠକ



ବ୍ରହ୍ମପୁର, ୯।୨(ସମିସ): ଆସନ୍ତା ଫେବୃୟାରୀ ୧୧ରୁ ୧୫ତାରିଖ ପର୍ଯ୍ୟନ୍ତ ଖଲ୍ଲିକୋଟ ୟୁନିଭରସିଟି ଖେଳ ପଡ଼ିଆରେ "୩ୟ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ' ଅନୁଷ୍ଠିତ ହେବ। ଏନେଇ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଇଡ଼ିଏ) ସମ୍ମିଳନୀ କକ୍ଷରେ ବ୍ରହ୍ମପୁର ମହାନଗର ନିଗମ କମିଶନର୍ ତଥା ବିଇଡ଼ିଏ ଉପାଧ୍ୟକ୍ଷ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ମହୋତ୍ସବରେ ସ୍ୱାସ୍ଥ୍ୟ ପରୀକ୍ଷା, ମାଗଣା ଔଷଧ ବଣ୍ଟନ, ଟ୍ରାଫିକ ବ୍ୟବସ୍ଥା, ମନୋରଞ୍ଜନ କାର୍ଯ୍ୟକ୍ରମ ଆଦି ଉପରେ ଆଲୋଚନା କରାଯାଇଥିଲା। ଆଭାସୀ ମାଧ୍ୟମରେ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତିଭାସନ ଯୋଡ଼ି ହୋଇ ବିଭିନ୍ନ ବିଷୟ ଉପରେ ଆଲୋଚନା କରିବା ସହ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ବୈଠକରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ କମିଟି ସଭାପତି ବିଜୟ କୁମାର ସ୍ୱାଇଁ, ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ସାଙ୍ଗଠନିକ ସମ୍ପାଦକ ସୀତାଂଶୁ ପଣ୍ଡା, କାର୍ଯ୍ୟକାରୀ ସଭାପତି ନାରାୟଣ ମହାଙ୍କୁଡ଼, ଉପସଭାପତି ଜଙ୍କ ନାରାୟଣ ଦାସ, ସହ ସଂଯୋଜକ ରୋହିତ ପରିଡ଼ା, ନାଗେଶ୍ୱର ପୃଷ୍ଟି, ଡ଼ାକ୍ତର କିରଣ କୁମାର ପାଣିଗ୍ରାହୀ, ମନୋଜ କୁମାର ପତି, ସୁନିଲ କୁମାର ସାହୁଙ୍କ ସମେତ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ କମିଟିର ବହୁ ସଦସ୍ୟ ଏବଂ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଏମ୍‌କେସିଜିକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନୋଟିସ

**ପରିବେଶଜନିତ କ୍ଷତିପୂରଣ ରାଶି ୨୬ଲକ୍ଷ ତୁରନ୍ତ ପୈଠ କରିବାକୁ ନିର୍ଦ୍ଦେଶ**

**ବାରମ୍ବାର ନୋଟିସ ସତ୍ତ୍ୱେ କର୍ଣ୍ଣପାତ କରୁନାହାନ୍ତି ଏମ୍‌କେସିଜି କର୍ତ୍ତୃପକ୍ଷ**

ବ୍ରହ୍ମପୁର, ୯।୨(ସମିସ): ଜୈବ ବର୍ଜ୍ୟ ପରିଚାଳନାରେ ଏମକେସିଜି ମେଡ଼ିକାଲ ପକ୍ଷରୁ ବାୟୋ ମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମକୁ ସଠିକ ଭାବେ ପାଳନ କରିନଥିବା ଅଭିଯୋଗ ହୋଇଥିଲା। ଏନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋଡର୍(ଏସପିସିବି) ପକ୍ଷରୁ ୨୬ଲକ୍ଷ ୧୫ହଜାର ୬୨୫ଟଙ୍କା ପରିବେଶ ଜନିତ କ୍ଷତିପୂରଣ ରାଶି ଜମା କରିବାକୁ ନିର୍ଦ୍ଦେଶ ହୋଇଛି। ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରୁ ପ୍ରତ୍ୟେକ ଦିନ କ୍ୱିଣ୍ଟାଲରୁ ଅଧିକ ବର୍ଜ୍ୟ ବାହାରୁଛି। ଯାହାକୁ ବାହାରେ ଏଣେତେଣେ ଫୋପାଡି ହେବନାହିଁ।

ମଣିଷ ଶରୀରର ଅଙ୍ଗପ୍ରତ୍ୟଙ୍ଗ, ଟିସ୍ୟୁ, ରକ୍ତ ଓ ମଳଭିଜା କପଡା, ସିରିଞ୍ଜ, ସାଲାଇନ, ଅସ୍ତ୍ରୋପଚାର ବେଳେ ବାହାରୁଥିବା ବିଭିନ୍ନ ଅଙ୍ଗର ସଠିକ ପରିଚାଳନା ପାଇଁ ଏମକେସିଜି ମେଡ଼ିକାଲ ପରିସରରେ ଜୈବ ବର୍ଜ୍ୟବସ୍ତୁ ପରିଚାଳନା କରାଖାନା(ବାୟୋମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ) ପ୍ରତିଷ୍ଠା କରାଯାଇଛି। ଯାହାକୁ ଟେଣ୍ଡର ଜରିଆରେ ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ। ମେଡ଼ିକାଲ କ୍ୟାମ୍ପସରେ ଥିବା ପ୍ଲାଣ୍ଟ ପୁରୁଣା ଏବଂ ନଷ୍ଟପ୍ରାୟ ହୋଇଯାଇଥିବାରୁ ମେଡ଼ିକାଲ ପକ୍ଷରୁ ନୂତନ ତଥା ଦ୍ୱିତୀୟ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଥିଲା। ତେବେ ବାୟୋ ମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ ନିୟମ-୨୦୧୬ ପ୍ରକାରେ ନିର୍ମାଣରେ କିଛି ତ୍ରୁଟି ରହିଥିବା କାରଣରୁ ତାହାକୁ ସୁଧାରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଇତି ମଧ୍ୟରେ ଏକ ଟିମ୍ ଏମକେସିଜି ମେଡ଼ିକାଲ ପରିଦର୍ଶନ କରିବା ସହ ତ୍ରୁଟି ସୁଧାରିବାକୁ ପୁନଃ ପରାମର୍ଶ ଦେଇଥିଲେ। ତଥାପି ମେଡ଼ିକାଲ କର୍ତ୍ତୃପକ୍ଷ ତ୍ରୁଟିକୁ ନସୁଧାରି




ବାୟୋ ମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ ନିୟମ-୨୦୧୬ର ଖୋଲାଖୋଲି ଉଲଘଂନ କରିଥିଲେ। ଏନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋଡର୍ ପକ୍ଷରୁ ଗତ ୨୦୨୩ମସିହା ଡ଼ିସେମ୍ବରରେ ଉକ୍ତ ନିୟମକୁ ପାଳନ କରିବା ସହ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଥିଲା। ଏହା ସତ୍ତ୍ୱେ ମେଡ଼ିକାଲ କର୍ତ୍ତୃପକ୍ଷ ନିୟମ ପାଳନ କରିବାରେ ଅବହେଳା କରିଥିବାରୁ ପରିବେଶ ଜନିତ କ୍ଷତିପୂରଣ ବାବଦରେ ୨୬ଲକ୍ଷ ୧୫ହଜାର ୬୨୫ଟଙ୍କା ଜମା କରିବାକୁ ୨୦୨୪ମସିହା ଡିସେମ୍ବରରେ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଧାରିତ ଜରିମାନା ପୈଠ ସହ ତ୍ରୁଟି ସୁଧାରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋଡର୍ ପକ୍ଷରୁ ମେଡିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ନୋଟିସ କରାଯାଇଥିଲେ ହେଁ ସେନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଜଣାପଡିଛି। ଯାହାକୁ ନେଇ ପୁଣି ଚଳିତ ବର୍ଷ ଜାନୁଆରୀ ୨୧ତାରିଖରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋଡର୍ ପକ୍ଷରୁ ପରିବେଶ ଜନିତ କ୍ଷତିପୂରଣ ବାବଦ ବକେୟା ୨୬ଲକ୍ଷ ଟଙ୍କା ତୁରନ୍ତ ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ରାଶି ଜମା ନକଲେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଚିଠିରେ ସ୍ପଷ୍ଟ ଉଲ୍ଲେଖ ରହିଛି। ସେପଟେ ନୋଟିସ ପାଇବାର ୭ଦିନ ମଧ୍ୟରେ କଣ ପଦକ୍ଷେପ ଗ୍ରହଣ କରାଯାଇଛି ସେନେଇ ମଧ୍ୟ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି।

# ପୀତବାସ ହତ୍ୟା ମାମଲା: ଭର୍ଚୁଆଲରେ ୧୫ ଅଭିଯୁକ୍ତ ହାଜର

ବ୍ରହ୍ମପୁର, ୯।୨(ସମିସ): ପୀତବାସ ହତ୍ୟା ମାମଲାରେ ସୋମବାର କମିଟମେଣ୍ଟ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଏଥିପାଇଁ କୋର୍ଟରେ ସମସ୍ତ ଅଭିଯୁକ୍ତଙ୍କ ବ୍ୟକ୍ତିଗତ ହାଜର ହେବା ଜରୁରୀ ଥିବା ବେଳେ ପୂର୍ବରୁ ମଦନ ଦଳେଇଙ୍କ ବ୍ୟତୀତ ଅନ୍ୟ ୧୫ଜଣଙ୍କୁ ବ୍ୟକ୍ତିଗତ ହାଜର କରାଯାଇଥିଲା। ମଦନ ସ୍ୱାସ୍ଥ୍ୟଗତ କାରଣରୁ ଏମକେସିଜି ମେଡିକାଲରେ ଭର୍ତ୍ତି ହୋଇଥିବାରୁ ସେ ହାଜର ହୋଇପାରି ନ ଥିଲେ। ଜେଲରେ ମଦନ ଯୋଗାଭ୍ୟାସ କରୁଥିବା ବେଳେ ଖସି ପଡ଼ିବାରୁ ତାଙ୍କ ଗୋଡ଼ରେ ପୂର୍ବରୁ ହୋଇଥିବା ଅସ୍ତ୍ରୋପଚାରରେ ସମସ୍ୟା ଦେଖାଦେଇଥିଲା। ଶନିବାର ମଦନଙ୍କୁ ମେଡିକାଲରୁ ଡିସଚାର୍ଜ କରାଯାଇଥିଲା। ଆଜି କୋର୍ଟରେ ମଦନଙ୍କ ବ୍ୟକ୍ତିଗତ ହାଜର ଜରୁରୀ ଥିବାରୁ ତାଙ୍କୁ ହ୍ୱିଲ ଚେୟାରରେ କଡା ସୁରକ୍ଷା ବଳୟ ମଧ୍ୟରେ ଜେଲରୁ କୋର୍ଟ ଅଣାଯାଇଥିଲା।



- କମିଟମେଣ୍ଟ ପାଇଁ ମଦନ ଦଳେଇଙ୍କୁ ହ୍ୱିଲ୍ ଚେୟାରରେ ଅଣାଗଲା କୋର୍ଟ
- ଜିଲ୍ଲା କୋର୍ଟରୁ ମାମଲା ସ୍ଥାନାନ୍ତର
- ଏଡିଜେ-୩ଙ୍କ କୋର୍ଟରେ ପରବର୍ତ୍ତୀ ଶୁଣାଣି ୧୭ରେ, ସମସ୍ତେ ହେବେ ହାଜର

ମଦନଙ୍କ ଡାହାଣ ଗୋଡ ଓ ହାତରେ ଜଖମ ଥିବାରୁ ତାଙ୍କୁ ନେବା ଆଣିବା ସମୟରେ ବହୁତ ଯନ୍ତ୍ରଣା ଅନୁଭବ କରି ଭୋ ଭୋ କରି କାନ୍ଦୁଥିବା ଦେଖିବାକୁ ମିଳିଥିଲା। ଏପରିକି କୋର୍ଟରେ ମଧ୍ୟ ତାଙ୍କର ଯନ୍ତ୍ରଣା ସମ୍ପର୍କରେ ସେ କହି ଚିକିତ୍ସା ପାଇଁ ଓକିଲଙ୍କ ଜରିଆରେ ନିବେଦନ କରିଥିବା ଜଣାପଡିଛି।

ଜିଲ୍ଲା ଓ ଦୌରାଜଜ୍ ଅଶାନ୍ତ କୁମାର ଦାସଙ୍କ କୋର୍ଟରୁ ଆଜି କମିଟମେଣ୍ଟ ପରେ ମାମଲାକୁ ସାଂସଦ ଓ ବିଧାୟକଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର କୋର୍ଟ ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟକୁ ମାମଲା ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଆସନ୍ତା ୧୭ ତାରିଖରେ ଏଡିଜେ-(ତୃତୀୟ)ଙ୍କ କୋର୍ଟରେ ମାମଲାର ପରବର୍ତ୍ତି ଶୁଣାଣି ହେବାକୁ ଦିନ ଧାର୍ଯ୍ୟ ହୋଇଛି। ଏଥିପାଇଁ ପୁଣିଥରେ ସମସ୍ତ ୧୬ଜଣ ଅଭିଯୁକ୍ତଙ୍କୁ କୋର୍ଟରେ ବ୍ୟକ୍ତିଗତ ହାଜର ହେବା ଜରୁରୀ। ଏଥି ସହିତ ଉକ୍ତ ଦିନ ପୂର୍ବତନ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ବିକ୍ରମ କୁମାର ପଣ୍ଡା, କର୍ପୋରେଟର ମଳୟ ବିଶୋୟୀ ଓ ଆଇନଜୀବୀ ମଦନ ଦଳେଇଙ୍କ ସ୍ୱାସ୍ଥ୍ୟଗତ ଚିକିତ୍ସା ପାଇଁ ହୋଇଥିବା ପିଟିସନ ଉପରେ ଶୁଣାଣି ହେବ। ଏଥିପାଇଁ କୋର୍ଟ ଉଭୟ ଜେଲ ଓ ମେଡିକାଲରୁ ସମସ୍ତଙ୍କ ସ୍ୱାସ୍ଥ୍ୟପରୀକ୍ଷା ରିପୋର୍ଟ ତଲବ କରିଥିବା ଅଭିଯୁକ୍ତଙ୍କ ପକ୍ଷର ଓକିଲ ଚକ୍ରପାଣି ନାହକ ସୂଚନା ଦେଇଛନ୍ତି। ସେପଟେ ମାମଲାରେ ଗିରଫ ହୋଇଥିବା ସୁନୀଲ ହୋତା, ବିପିନ କୁମାର ସ୍ୱାଇଁ, ସୀମାଞ୍ଚଳ ନାୟକ, ଶିଶୁପାଲ କୁମାର ପାଶୱାନ ଓ କୁନ୍ଦନ କୁମାରଙ୍କୁ ମିଶାଇ ମୋଟ ୫ଜଣଙ୍କ ପକ୍ଷରୁ ଦାଖଲ ହୋଇଥିବା ଜାମୀନ ଆବେଦନ ଉପରେ ମଧ୍ୟ ଶୁଣାଣି ହେବ ବୋଲି ସ୍ୱତନ୍ତ୍ର ପିପି କୈଳାଶ ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। ଆଜି ଏସବୁ ପିଟିସନ ଉପରେ ଯଦିଓ ଶୁଣାଣି ହେବାର ଥିଲା ତେବେ ସରକାରଙ୍କ ପକ୍ଷରୁ ନିଯୁକ୍ତ ସରକାରୀ ଓକିଲ ଶ୍ରୀ ମିଶ୍ର ଅଧିକ ସମୟ ପାଇଁ କୋର୍ଟଙ୍କୁ ନିବେଦନ କରିଥିଲେ। ସେପଟେ ଜେଲରେ ବିକ୍ରମ ପଣ୍ଡା ଅସହ୍ୟ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସ୍ୱାସ୍ଥ୍ୟଗତ ସମସ୍ୟା ଦୃଷ୍ଟିରୁ ଅଧିକ ଚିକିତ୍ସା ପାଇଁ ଯଦିଓ ଜେଲର ଡାକ୍ତର ଏମକେସିଜି ନେବାକୁ ପରାମର୍ଶ ଦେଇଥିଲେ ତେବେ ଯଥେଷ୍ଟ ସୁରକ୍ଷା ବ୍ୟବସ୍ଥା ନଥିବା ଦର୍ଶାଇ ବିକ୍ରମଙ୍କୁ ଗତରାତିରେ ଏମକେସିଜିକୁ ସ୍ଥାନାନ୍ତର କରାଯାଇନଥିଲା। ଆଜି ମଧ୍ୟ ବିକ୍ରମଙ୍କୁ ମେଡିକାଲକୁ ସ୍ଥାନାନ୍ତର କରାଯାଇନଥିବାରୁ ତାଙ୍କ ପରିବାର ଓ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

# ମୃତ୍ୟୁ ପରେ ଚକ୍ଷୁଦାନ କଲେ ପରିବାର



ବ୍ରହ୍ମପୁର, ୯।୨(ସମିସ): ସ୍ଥାନୀୟ ବାଚୁବାରୀ ସାହି ନିବାସୀ ଶିଶିନ୍ତି ବାଳକ୍ରିଷ୍ଣା ରାଓ ପିତା ଏସ.ରଘୁନାଥଙ୍କ ବିୟୋଗ ହୋଇଯାଇଛି। ମୃତ୍ୟୁ ପରେ ପରିବାରବର୍ଗ ତାଙ୍କର ଚକ୍ଷୁଦାନ କରିଛନ୍ତି। ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଫ୍ରେଣ୍ଡ ହେଲପିଙ୍ଗ କ୍ଲବର ପ୍ରେରଣା ଫଳରେ ତାଙ୍କ ସ୍ତ୍ରୀ ଏସ.ସାରିତା, ଝିଅ ଏସ.ଅଂଶିକା, ଶଳା ଇ.ଭେଙ୍କେଟେଶ୍ୱର ରାଓ ମୃତ ବାଳକ୍ରିଷ୍ଣାଙ୍କ ଚକ୍ଷୁ ୨ଟିକୁ ନଷ୍ଟ ନକରି ମେଡିକାଲ କଲେଜର ଚକ୍ଷୁ ବିଭାଗକୁ ଦାନ କରିଥିଲେ। ଏମ୍‌କେସିଜି ମେଡିକାଲ କଲେଜ ଚକ୍ଷୁ ବିଭାଗର ବିଶେଷଜ୍ଞ ଡାକ୍ତର ଅମରେଶ ସାହୁ, ଡାକ୍ତର ସୌମ୍ୟଶ୍ରୀ ପ୍ରିୟଦର୍ଶିନୀ ଡାକ୍ତର ରିତିକା ସାହୁଙ୍କ ଉପସ୍ଥିତିରେ ଚକ୍ଷୁ ସଂଗ୍ରହ କରାଯାଇଥିଲା। ଏହି ସମୟରେ ଫ୍ରେଣ୍ଡସ ହେଲପିଙ୍ଗ କ୍ଲବର ଜମ୍ମୁଲା ସୁରେଶ, କେ.ନନ୍ଦେଷୁ ସେନାପତି, ଭି.ଭେଙ୍କଟରତ୍ନମ ରାଜୁ, କେ.ପୁରୁଷୋତ୍ତମ କୁମାର ସୁବୁଦ୍ଧିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ଏହି କ୍ଲବର ପ୍ରଥମ ଚକ୍ଷୁଦାନ ବୋଲି ଜଣାପଡ଼ିଛି।

# ଗଞ୍ଜେଇ ଜବତ; ତାମିଲନାଡୁ ଯୁବକ ଗିରଫ

ବ୍ରହ୍ମପୁର, ୯।୨(ସମିସ): ଟ୍ରେନରେ ଗଞ୍ଜେଇ ଚାଲାଣ ପୂର୍ବରୁ ରେଳଷ୍ଟେସନ ରୋଡରୁ ଜଣେ ଯୁବକଙ୍କୁ ବାନ୍ଧିଛି ଗୋଷାଣିନୁଆଗାଁ ଥାନା ପୁଲିସ। ଅଭିଯୁକ୍ତ ଜଣଙ୍କ ତାମିଲନାଡୁ ଭିଲାଭାଙ୍କୋଡ଼ ଥାନା ଅଞ୍ଚଳର କେ. ଆନିଶ (୩୩)। ଅଭିଯୁକ୍ତଙ୍କ ଠାରୁ ଏକ ପ୍ଲାଷ୍ଟିକ ବ୍ୟାଗ୍‌ରେ ୩କେଜି ୬୦ଗ୍ରାମ ଗଞ୍ଜେଇ ଜବତ ସହ ଏକ କିପ୍ୟାଡ଼ ମୋବାଇଲ, ଜିଓ ଭାରତ ଫୋନ, ନୀଳ ରଙ୍ଗର ରେଡ଼ମି ମୋବାଇଲ (ସୁଇଚ୍ ଅଫ୍ ଅବସ୍ଥାରେ) ଏବଂ ଏୟାର ବ୍ୟାଗ ଜବତ ହୋଇଛି। ତାଙ୍କୁ ଜେରା ବେଳେ ସେ ଉକ୍ତ ଗଞ୍ଜେଇ ଫୁଲବାଣୀରୁ ଆଣି ଟ୍ରେନରେ ତାମିଲନାଡୁ ଚାଲାଣ କରିଥାନ୍ତେ ବୋଲି ପୁଲିସ ଜାଣିବାକୁ ପାଇଛି।



ମାମଲା ନଂ ୫୨/୨୬ରେ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ରବିବାର ରାତ୍ର ପୁଲିସ ପେଟ୍ରୋଲିଂ କରୁଥିବା ବେଳେ ଷ୍ଟେସନ ରୋଡ ଦେଇ ଜଣେ ଯୁବକ ଗଞ୍ଜେଇ ଧରି ଯାଉଥିବା ଖବର ପାଇଥିଲା। ପୋଲିସ ରାତ୍ର ପ୍ରାୟ ୧୨ଟା' ବେଳେ ସନ୍ଦେହଜନକ ଅବସ୍ଥାରେ ଜଣେ ଯୁବକ ଛିଡ଼ା ହୋଇଥିବା ଦେଖିବାକୁ ପାଇଥିଲା। ତାଙ୍କୁ ପଚରାଉଚରା କରିବା ସହ ସେ ଧରିଥିବା ବ୍ୟାଗ ଯାଞ୍ଚ ବେଳେ ସେଥିରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଉକ୍ତ ଗଞ୍ଜେଇ ଜବତ କରିବା ସହ ତାଙ୍କୁ ଗଞ୍ଜେଇ ଚାଲାଣ ମାମଲାରେ ଗିରଫ କରିଥିଲା।

# ଡାଲା ଅଟୋ ଚୋରି; ଜଣେ ଗିରଫ

ବ୍ରହ୍ମପୁର, ୯।୨(ସମିସ): ଲୋଚାପଡା ରଘୁନନ୍ଦନ ନଗରରୁ ଏକ ଡାଲା ଅଟୋ ଚୋରି ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ କନ୍ଧମାଳ ଜିଲା ଟିକାବାଲି ଶଙ୍କରଖୋଲ ଶୁଣ୍ଡି ସାହିର ପ୍ରଭାକର ପ୍ରଧାନ(୪୨)। ପୁଲିସ ଅଭିଯୁକ୍ତ ପ୍ରଭାକର ନିକଟରୁ ଚୋରି ହୋଇଥିବା ଡାଲାଅଟୋ ଜବତ କରିଛି। ସୂଚନାପ୍ରକାରେ, ଜଗଦଲପୁରରେ ରହୁଥିବା ନାରାୟଣ ସାହୁଙ୍କ ଲୋଚାପଡା ରଘୁନନ୍ଦନ ନଗରରେ ଗୋଦାମ ଓ କାର୍ଯ୍ୟାଳୟ ରହିଛି। ୪ ତାରିଖ ରାତିରେ ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡାଲା ଅଟୋଟି ରଖାଯାଇଥିବା ବେଳେ ତାହା ଚୋରି ହୋଇ ଯାଇଥିଲା। ଏ ନେଇ ଅଭିଯୋଗ ପରେ ନିମଖଣ୍ଡି ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୁଲିସ ତଦନ୍ତ ବେଳେ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତ ପ୍ରଭାକରଙ୍କୁ ଚିହ୍ନଟ କରାଯାଇଥିବା ଥାନା ଅଧିକାରୀ କୃଷ୍ଣ ଶାହା ସୂଚନା ଦେଇଛନ୍ତି।



# ବେକରେ ଗାମୁଛା ବାନ୍ଧି ନାବାଳକଙ୍କ ଆତ୍ମହତ୍ୟା

ବ୍ରହ୍ମପୁର, ୯।୨(ସମିସ): ବାବାଜୀତୋଟା ସାହି ନିକଟରେ ଜଣେ ୧୭ ବର୍ଷୀୟ ନାବାଳକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଶୁଭ୍ରାଂଶୁ ପାଢୀ। ଗତକାଲି ସନ୍ଧ୍ୟା ୭ଟା ବେଳେ ଶୁଭ୍ରାଂଶୁ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ମାମୁଁ ଅଲେଖ କୁମାର ମିଶ୍ର ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପରିବାର ଲୋକେ ଶୁଭ୍ରାଂଶୁଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେଉଁ କାରଣ ପାଇଁ ଶୁଭ୍ରାଂଶୁ ଏଭଳି ନିଷ୍ପତ୍ତି ନେଲେ ତାହା ସ୍ପଷ୍ଟ ହୋଇପାରିନି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି।

# ମୁକୁଳା ଡ୍ରେନ୍‌ରୁ ଗାଈ ଉଦ୍ଧାର



ବ୍ରହ୍ମପୁର, ୯।୨ (ସମିସ): ବ୍ରହ୍ମପୁର ଏମକେସିଜି ମେଡ଼ିକାଲ କଲେଜ ଖେଳ ପଡ଼ିଆ ନିକଟସ୍ଥ ମୁକୁଳା ଡ୍ରେନରେ ପଶି ରହିଥିବା ଏକ ଗାଈକୁ ଉଦ୍ଧାର କରିଛି ଅଗ୍ନିଶମ ବିଭାଗ। ଡ୍ରେନରେ ଭିତରେ ଗୋଟିଏ ଗାଈଟି ବାହାରକୁ ବାହାରିବା ପାଇଁ ଛଟପଟ ହେଉଥିଲା । ଏହି ସମୟରେ କୋର୍ଟ କାମ ସାରି ଘରକୁ ଖାଇବାକୁ ଯାଉଥିବା ଯୁବ ଆଇନଜୀବୀ ଦୁର୍ଗା ପ୍ରସାଦ ପଟ୍ଟନାୟକ ଓରଫ ବର୍ଣ୍ଣିଙ୍କ ନଜରରେ ପଡ଼ିଥିଲା। ବର୍ଣ୍ଣି ତୁରନ୍ତ ମେଡ଼ିକାଲ ପରିସରରେ ଥିବା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ମିଳିବା ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗର ୬ରୁ ଉଦ୍ଧର୍ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦୌଡ଼ି ବାନ୍ଧି ଉକ୍ତ ମୁକୁଳା ଡ୍ରେନରୁ ଗାଈକୁ ଉଦ୍ଧାର କରିଥିଲେ।

# ନାବାଳିକା ଦୁଷ୍କର୍ମ ମାମଲାରେ ନାବାଳକ ନିର୍ଦ୍ଦୋଷ

ବ୍ରହ୍ମପୁର, ୯।୨(ସମିସ): ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ଉପଯୁକ୍ତ ପ୍ରମାଣ ଅଭାବରୁ ଅତିରିକ୍ତ ଜିଲ୍ଲା ସିଜଜ୍-୨ ଆୟୁଷମାନ ମହନ୍ତ ସଂପୃକ୍ତ ନାବାଳକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ନିର୍ଦ୍ଦୋଷ ସାବ୍ୟସ୍ତ ଜଣକ ବେଗୁନିଆପଡ଼ା ଅଞ୍ଚଳର ଜଣେ ୧୭ବର୍ଷୀୟ ନାବାଳକ। ସୂଚନାଯୋଗ୍ୟ ଯେ, ବେଗୁନିଆପଡ଼ା ଥାନା ଅଞ୍ଚଳର ଜଣେ ୧୭ବର୍ଷୀୟ ନାବାଳିକା ବ୍ରହ୍ମପୁରରେ ରହି ଯୁକ୍ତଦୁଇରେ ପାଠ ପଢୁଥିଲେ। ସେ ଜୁରା କଲେଜର ଛାତ୍ରୀ ହୋଇଥିବା ବେଳେ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ରହୁଥିଲେ। ୨୦୨୪ମସିହା ନଭେମ୍ବର ୧୯ତାରିଖ ଅପରାହ୍ନରେ ନାବାଳିକା ଜଣଙ୍କ ଟ୍ୟୁସନ ଯାଇ ଆଉ ଘରକୁ ଫେରିନଥିଲା। ବହୁ ଖୋଜାଖୋଜି ପରେ ନାବାଳିକାଙ୍କ ପତ୍ତା ମିଳନଥିଲା। ଯାହାକୁ ନେଇ ପରିବାର ଲୋକେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ତେବେ ସମ୍ପୃକ୍ତ ନାବାଳିକାଙ୍କୁ କେହି ଜଣେ ଅପହରଣ କରି ନେଇଯାଇଥିବା ପରିବାର ଲୋକେ ପୁଲିସକୁ ଜଣାଇଥିଲେ। ସେହିକ୍ରମରେ ପୁଲିସ ନାବାଳକ ଓ ନାବାଳିକାଙ୍କ ମୋବାଇଲ ଟ୍ରାକିଂ କରିଥିଲା। ସମ୍ପୃକ୍ତ ନାବାଳକଙ୍କୁ ପୁଲିସ ଡିସେମ୍ବର ୧୪ ତାରିଖରେ ଧରି ବାଳ ସୁଧାର ଗୃହକୁ ପଠାଇଥିଲା। ୨୦୨୫ମସିହା ଜାନୁଆରୀ ୧୭ତାରିଖରେ ନାବାଳକ ବେଲ୍ ପାଇଁ ବାଳ ସୁଧାର ଗୃହରୁ ମୁକୁଳିଥିଲେ। ଏହି ମାମଲାର ବିଚାରଣା ଚାଲିଥିବା ବେଳେ ମୋଟ ୯ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ହେଲେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ କୋର୍ଟ ଅଭିଯୁକ୍ତ ନାବାଳକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ନାବାଳକଙ୍କ ପକ୍ଷରୁ ଆଇନଜୀବୀ ରାଜେଶ କୁମାର ପଟ୍ଟନାୟକ ଉକ୍ତ ମାମଲା ପରିଚାଳନା କରୁଥିଲେ।

# ମ୍ୟୁନିସିପାଲଟି କ୍ୱାର୍ଟର୍ସ ଜବରଦଖଲ ଉଚ୍ଛେଦ ଆଜି

ବ୍ରହ୍ମପୁର, ୯।୨(ସମିସ): ସରିଲା ମହଲତ ଏଣିକି କାର୍ଯ୍ୟାନୁଷ୍ଠାନ। ଦୁଇ ଦୁଇ ଥର ନୋଟିସ ଓ ଅଭିଯୋଗ ଶୁଣାଣି କରିବା ପରେ କଠୋର ହୋଇଛନ୍ତି ବିଏମସି କର୍ତ୍ତୃପକ୍ଷ। ନିଷ୍ପତ୍ତି ନେଇଛନ୍ତି ମ୍ୟୁନିସିପାଲଟି କଲୋନୀକୁ ଜବରଦଖଲ ମୁକ୍ତ କରିବାକୁ। ଏଥିପାଇଁ ଆଜି ଡାକବାଜି ଯନ୍ତ୍ର ଯୋଗେ ଚିହ୍ନଟ ହୋଇଥିବା ତଥା ପୂର୍ବରୁ ନୋଟିସ ଜାରି କରାଯାଇଥିବା ତଥା ଜବରଦଖଲକାରୀଙ୍କୁ ଘର ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଯୋଗ୍ୟ ଯେ' ଲାଞ୍ଜିପଲ୍ଲୀ ସୁବାଷପୁର ମୌଜାର ଖାତା ନମ୍ବର ୧୭୭ ତଥା ବ୍ରହ୍ମପୁର ତହସିଲ ଅନ୍ତର୍ଗତ ପ୍ଲଟ ନଂ ୩୦୬, ୩୫୪ ଓ ୩୫୬ରେ ପ୍ରାୟ ୩.୦୧୪ଡେସିମିଲ ଜମିରେ ମୋଟ ୭୬ଟି କ୍ୱାର୍ଟରକୁ ନେଇ ମ୍ୟୁନିସିପାଲଟି କଲୋନୀ ପ୍ରତିଷ୍ଠା କରାଯାଇଥିଲା। ଉକ୍ତ କଲୋନୀରେ ନିୟମିତ ତଦାରଖ ଓ ମରାମତିର ଅଭାବ କାରଣରୁ ଅଧିକାଂଶ କ୍ୱାର୍ଟର ବିପଦଶଙ୍କୁଳ ହୋଇପଡିବା ସହିତ ଅନେକ କ୍ୱାର୍ଟର୍ସ ଜବରଦଖଲରେ ରହିଥିଲା। ଯାହାର ସରଜମୀନ ତଦନ୍ତ ପରେ ସେଥିରୁ ୪୬ଟି କ୍ୱାର୍ଟର୍ସ ଜବରଦଖଲରେ ଥିବା ବିଏମସି କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ପରେ ସେମାନଙ୍କୁ ପ୍ରଥମେ ୨୦ଡିସେମ୍ବରରେ ଏବଂ ପରେ ପୁଣି ଡିସେମ୍ବର ୨୬ତାରିଖରେ ଦ୍ୱିତୀୟ ନୋଟିସ ଜାରି କରାଯାଇଥିଲା। ୭ଦିନର ମହଲତ ଦେଇ ସେମାନଙ୍କ ଅଭିଯୋଗର ଶୁଣାଣି ପାଇଁ ସୁଯୋଗ ଦିଆଯାଇଥିଲା।




- ଦୁଇଥର ନୋଟିସ ପରେ ଡାକବାଜି ଯନ୍ତ୍ର ଜରିଆରେ ଘର ଛାଡ଼ିବାକୁ ନିର୍ଦ୍ଦେଶ
- ମୋଟ ୭୬ କ୍ୱାର୍ଟର୍ସ ମଧ୍ୟରୁ ନୋଟିସ ଜାରି କରାଯାଇଥିଲା ୪୬ ଜଣଙ୍କୁ
- କୋର୍ଟର ଦ୍ୱାରସ୍ଥ ୧୬ଜଣଙ୍କୁ ବାଦ୍‌ଦେଇ ଉଚ୍ଛେଦ ହେବ ଅବଶିଷ୍ଟ ୩୦ କ୍ୱାର୍ଟର୍ସ

ଶୁଣାଣିରେ ନୋଟିସ ପାଇଥିବା ମାତ୍ର ୯ଟି ପରିବାର ହାଜର ହୋଇ ନିଜର ପକ୍ଷ ରଖିବା ସହିତ ଆବଶ୍ୟକ ନଥିପତ୍ର ଦାଖଲ କରିଥିଲେ। ତେବେ ସେସବୁ ବିଏମସି କର୍ତ୍ତୃପକ୍ଷଙ୍କୁ ସନ୍ତୁଷ୍ଟ କରିପାରିନଥିଲା। କିଏ ଚାକିରିରୁ ଦିର୍ଘ ବର୍ଷ ଧରି ଅବସର ଗ୍ରହଣ କରିସାରିଛନ୍ତି ତଦ ଆଉ କିଏ ନିଜର ସମ୍ପର୍କୀୟଙ୍କୁ ସେଠାରେ ରଖିଛନ୍ତି। ଏପରିକି ଅନେକ ସରକାରୀ କ୍ୱାର୍ଟର ଭଡା ସୂତ୍ରରେ ଲାଗିଥିବା ଦେଖିବାକୁ ମିଳିଥିଲା। ତେବେ ନୋଟିସ ପାଇଥିବା ମୋଟ ୪୬ଜଣଙ୍କ ମଧ୍ୟରୁ ପ୍ରାୟ ୧୬ଜଣ ଜବରଦଖଲକାରୀ ଦିର୍ଘ ବର୍ଷ ଧରି ରହୁଥିବା ଦର୍ଶାଇ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ଫଳରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ବାଦ ଦେଇ ଅବଶିଷ୍ଟ ୩୦ଟି କ୍ୱାର୍ଟରକୁ ଉଚ୍ଛେଦ କରିବାକୁ ବିଏମସି ପକ୍ଷରୁ ଚୂଡାନ୍ତ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଫଳରେ ଆସନ୍ତା ମଙ୍ଗଳବାର ୧୦ତାରିଖ ପୂର୍ବାହ୍ନ ୧୦ଟା ସମୟରୁ ବିଏମସି ପକ୍ଷରୁ ରାମନଗର ମ୍ୟୁନିସିପାଲଟି କଲୋନୀରେ ଜବରଦଖଲ ଉଚ୍ଛେଦ କରାଯିବା ସ୍ପଷ୍ଟ ହୋଇଛି। କଲୋନୀକୁ ଜବରଦଖଲ ମୁକ୍ତ କରାଯିବା ପରେ ସେଠାରେ ବିଏମସି ପକ୍ଷରୁ ନିସଗମ କର୍ମଚାରୀଙ୍କ ପାଇଁ ବହୁତଳ ବିଶିଷ୍ଟ କୋଠା ନିର୍ମାଣ କରି କ୍ୱାର୍ଟର ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

ଖାଲି ପଦବୀ ସଂଖ୍ୟା: 2273
(ବ୍ୟାକଲଗ୍ ଖାଲି ପଦବୀ ସହିତ)

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://sbi.bank.in/web/careers/current-openings ରେ ବିଜ୍ଞାପନ ନମ୍ବର CRPD/CBO/2025-26/18 ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.01.2026 ରୁ 18.02.2026 ପର୍ଯ୍ୟନ୍ତ ।


ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ https://sbi.bank.in/web/careers/current-openings.

ସ୍ଥାନ: ମୁମ୍ବାଇ
ତାରିଖ: 30.01.2026
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

# ଶ୍ରୀକ୍ଷେତ୍ର ସିଟି

୯/୨/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୧୧,୬୨୯/- ସୁନା:୩୮.୧୮୦ ଗ୍ରାମ୍ ରୁପା: ୩୧.୧୦୦ ଗ୍ରାମ୍





● ଶ୍ରୀମନ୍ଦିରରେ ନାବାଳିକାକୁ ଅସଦାଚରଣ ମାମଲା

## ଅଭିଯୁକ୍ତକୁ ବର୍ଷେ ଜେଲ୍‌ଦଣ୍ଡ

ପୁରୀ,୯।୨(ସମିସ): ଶ୍ରୀମନ୍ଦିର ଭିତରକାଠ ନିକଟରେ ଜଣେ ନାବାଳିକାକୁ ଅସଦାଚରଣ ମାମଲାର ରାୟ ପ୍ରକାଶ ପାଇଛି। ସୋମବାର ପୁରୀର ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ ଅତିରିକ୍ତ ସ୍ୱତନ୍ତ୍ର ଜଜ୍ ରମାନାଥ ପଣ୍ଡା ଅଭିଯୁକ୍ତ ବିଜୟ ସୁରେନ୍ଦ୍ର ପାଣ୍ଡିଆଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାରେ ଅଭିଯୁକ୍ତକୁ ୧ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କାର ଜରିମାନା ହୋଇଛି। ଜରିମାନା ଅନାଦେୟ ଅଧିକ ୧୫ ଦିନ ଜେଲ୍ ଭୋଗିବାକୁ ରାୟରେ ସ୍ପଷ୍ଟ କରାଯାଇଛି। ଛତିଶଗଡ଼ ଅଞ୍ଚଳର ଜଣେ ନାବାଳିକା ନିଜ ମାଆ ଓ ଅନ୍ୟ ୪ ଜଣ ସମ୍ପର୍କୀୟଙ୍କ ସହ ପୁରୀ ବୁଲିବାକୁ ଆସିଥିଲେ। ଗତ ବର୍ଷ ଅକ୍ଟୋବର ମାସରେ ସନ୍ଧ୍ୟା ସମୟରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ଭିତରକାଠରେ ଠାକୁରଙ୍କୁ ଦର୍ଶନ କରୁଥିଲେ। ସେଦିନ ମନ୍ଦିରରେ ପ୍ରବଳ ଭିଡ଼ ଥିଲା। ଏହାରି ଭିତରେ ଅଭିଯୁକ୍ତ ଗୁଜରାଟ କଚ୍ଛ ଅଞ୍ଚଳର ବିଜୟ ସୁରେନ୍ଦ୍ର ନାବାଳିକାକୁ ଅସଦାଚରଣ କରିଥିଲେ। ନାବାଳିକା ଜଣକ ତାଙ୍କ ମା'ଙ୍କୁ ଜଣାଇଥିଲେ। ଏହାପରେ ପରିବାର ପକ୍ଷରୁ ସିଂହଦ୍ୱାର ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ଏହାକୁ ସମ୍ବେଦନଶୀଳ ପ୍ରସଙ୍ଗ ଭାବେ ଗ୍ରହଣ କରି ମାମଲା ରୁଜୁ କରିଥିଲା। ଗତ ଜାନୁଆରୀ ୧୩ରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ଏହି ମାମଲାରେ କୋର୍ଟ ୭ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିବା ପରେ ଦୋଷୀକୁ ଦଣ୍ଡିତ କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୨ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ନେଇ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏକ ମାସରୁ କମ୍ ସମୟ ମଧ୍ୟରେ ଏହି ପୋକ୍ସୋ ବିଚାର ଘଟଣାରେ ରାୟ ପ୍ରକାଶ ପାଇଛି ବୋଲି ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଏପିପି ମଧୁସୂଦନ ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ବୁଡ଼ି ଯାଉଥିବା ୫ ପର୍ଯ୍ୟଟକ ଉଦ୍ଧାର

ପୁରୀ,୯।୨(ସମିସ): ପୁରୀ ସମୁଦ୍ରରେ ସ୍ନାନ କରିବାବେଳେ ବିଭିନ୍ନ ସମୟରେ ବିପଦରେ ପଡୁଛନ୍ତି ପର୍ଯ୍ୟଟକ। ଉଚ୍ଚ ଲହଡ଼ି ହେଉ କିମ୍ବା ରିପ୍ କରେଣ୍ଟରେ ପଡ଼ି ମୃତାହତ ହେଉଛନ୍ତି। ସୋମବାର ସମୁଦ୍ରରେ ଗାଧୋଉଥିବାବେଳେ ୫ ଜଣ ପର୍ଯ୍ୟଟକ ବୁଡ଼ି ଯାଉଥିଲେ। ସେମାନଙ୍କୁ ଲାଇଫ୍‌ଗାର୍ଡ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଛତିଶଗଡ଼ ଓ ମହାରାଷ୍ଟ୍ରର ଏହି ପର୍ଯ୍ୟଟକମାନେ ବେଳାଭୂମିର ୧୦ ନମ୍ବର ସେକ୍ଟରରେ ସକାଳେ ଗାଧୋଉଥିଲେ। ତେବେ ସେମାନେ ବୁଡ଼ିଯାଉଥିବା ବେଳେ ନିକଟରେ ଥିବା ଲାଇଫ୍‌ଗାର୍ଡ ଉଦ୍ଧାର କରିଥିଲେ। ଏହି ପର୍ଯ୍ୟଟକମାନେ ହେଉଛନ୍ତି ଛତିଶଗଡ଼ର ସ୍ୱାତୀ କାନୋଜି, ଭାବନା କାନୋଜି, ଶିଖା କାନୋଜୀ, ଖଗେଶ୍ୱର କାନୋଜି ଏବଂ ମହାରାଷ୍ଟ୍ରର କ୍ରିଷ୍ଣା କାନୋଜି।

▶ ୩ ବର୍ଷ ହେଲା ଦୂର ହେଲାଣି କୋଭିଡ୍ ଭୟ

# ଟ୍ରାକ୍‌କୁ ଫେରିନି ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା

ପୁରୀ, ୯।୨ (ସମିସ): ମନଲୋଭା ପର୍ଯ୍ୟଟନର ଗନ୍ତାଘର ଓଡ଼ିଶା। ସୁଦୀର୍ଘ ବେଳାଭୂମି ସାଙ୍ଗକୁ ପ୍ରାକୃତିକ ଦୃଶ୍ୟରାଜିର ବିଭବ ଓଡ଼ିଶାର ପ୍ରତିଟି କୋଣ ଅନୁକୋଣରେ ଭରି ରହିଛି। ବିଭିନ୍ନ ପ୍ରକାର ବନ୍ୟଜନ୍ତୁ, ଜଙ୍ଗଲ, ଗ୍ରାମୀଣ ଜୀବନ ଶୈଳୀ ଏବଂ ଐତିହ୍ୟରେ ଭରପୂର ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ସ୍ଥାନ ରହିଛି। ଏଥିପାଇଁ ବର୍ଷତମାମ ରାଜ୍ୟକୁ ଦେଶ, ବିଦେଶରୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ବିଶେଷକରି ଶୀତଋତୁରେ ଓଡ଼ିଶା ପର୍ଯ୍ୟଟକଙ୍କ ଭୂସ୍ୱର୍ଗ ପାଲଟିଥାଏ। ତେବେ ଆକର୍ଷଣୀୟ ଦର୍ଶନୀୟ ସ୍ଥାନ ପାଇଁ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ପୁରୀର ସ୍ଥାନ ସ୍ୱତନ୍ତ୍ର। ଏଠାରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଅନେକ ଜାଗା ରହିଛି। ସେହିପରି ଦେଶର ଅନ୍ୟତମ ଶ୍ରେଷ୍ଠ ଧାର୍ମିକସ୍ଥଳ ହେଉଛି ପୁରୀ। ଶ୍ରୀମନ୍ଦିର ଭଳି ଆଧ୍ୟାତ୍ମିକ ପୀଠ ସାଙ୍ଗକୁ କୋଣାର୍କର ସୂର୍ଯ୍ୟମନ୍ଦିର, ପ୍ରକୃତିରାଣୀ ଚିଲିକା ଭଳି ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ରହିଛି। ସେହିପରି ବୌଦ୍ଧ କୀର୍ତ୍ତିରାଜି, ପ୍ରାଚୀନ ମଠ ମନ୍ଦିର ଓ ମନୋରମ ବେଳାଭୂମି ପୁରୀର ଅନ୍ୟତମ ଖାସ୍ ଆକର୍ଷଣ। ତେଣୁ ଓଡ଼ିଶା ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକଙ୍କ ମଧ୍ୟରୁ ଅଧିକାଂଶଙ୍କ ପସନ୍ଦର ସ୍ଥାନ ପାଲଟିଥାଏ ପୁରୀ। କିନ୍ତୁ ୨୦୨୦ ଏବଂ ୨୦୨୧ରେ କୋଭିଡ୍ ମହାମାରୀ ପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା ଢେର୍ କମିଯାଇଥିବା ବେଳେ ଏହା ପର ୩ ବର୍ଷ ପୁଣି ଉପରମୁହାଁ ହୋଇଛି ପୁରୀ ପର୍ଯ୍ୟଟନର ଗ୍ରାଫ୍। ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ୨୦୨୩ ଅପେକ୍ଷା ୨୦୨୪ରେ ୩୬ ଲକ୍ଷ ଅଧିକ ପର୍ଯ୍ୟଟକ ପୁରୀ ଆସିଛନ୍ତି। କିନ୍ତୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଏବେ ବି ଚିନ୍ତାଜନକ ସ୍ଥିତିରେ ରହିଛି। କୋଭିଡ୍ କଟକଣା ପୂର୍ବରୁ ଅର୍ଥାତ୍ ୨୦୧୯ରେ ପୁରୀକୁ ୩୭ ହଜାର ବିଦେଶୀ ପର୍ଯ୍ୟଟକ ଆସିଥିଲେ। ଏହା ପର ୩ ବର୍ଷ କୋଭିଡ୍ ପାଇଁ ସଂଖ୍ୟା ସମ୍ପୂର୍ଣ୍ଣ ହ୍ରାସ ପାଇଥିଲା। କିନ୍ତୁ କୋଭିଡ୍ ଭୟ ୩ ବର୍ଷ ହେବ ନାହିଁ। ତଥାପି ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଆଉ ଟ୍ରାକ୍‌କୁ ଫେରୁନି।

ସୂଚନା ଅନୁଯାୟୀ, ୨୦୧୯ରୁ ୨୦୨୪ ଏହି ୬ ବର୍ଷର ତଥ୍ୟ ଦେଖିଲେ ଗତ ୩ ବର୍ଷ ହେବ ପୁରୀକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି, ହେଲେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ସେତେଟା ବୃଦ୍ଧି ପାଉନାହିଁ। ୨୦୧୯ରେ ପୁରୀକୁ ଆସିଥିଲେ ୧କୋଟି ୩୪ଲକ୍ଷ ୭୯ ହଜାର ୫୩୦ ଜଣ। ଏମାନଙ୍କ ମଧ୍ୟରେ

**୨୦୧୯ରେ ଆସିଥିଲେ ୩୭ ହଜାର**

**୨୦୨୪ରେ ଆସିଛନ୍ତି ୧୦ ହଜାର**

ଘରୋଇ ପର୍ଯ୍ୟଟକଙ୍କ ସଂଖ୍ୟା ୧କୋଟି ୩୪ଲକ୍ଷ ୪୧ ହଜାର ୯୯୬ ରହିଥିବା ବେଳେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଥିଲା ୩୭ହଜାର ୫୩୪। ୨୦୨୦ରେ କରୋନା ମହାମାରୀ ପ୍ରଭାବ ସବୁ କ୍ଷେତ୍ରରେ ପରିଲକ୍ଷିତ ହୋଇଥିଲା। ଅନ୍ତର୍ଜାତୀୟ ବିମାନ ଉଡ଼ାଣ ବନ୍ଦ ହେବା ସହ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଭଳି ସ୍ଥିତି ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ପ୍ରଭାବିତ କରିଥିଲା। ଫଳରେ ପର୍ଯ୍ୟଟନ ଉପରେ ନିର୍ଭରଶୀଳ ବିଭିନ୍ନ ସହର ଏକପ୍ରକାର ପର୍ଯ୍ୟଟକଶୂନ୍ୟ ହୋଇପଡ଼ିଲା। ସେମିତି ସହରମାନଙ୍କ ଭିତରେ ପୁରୀ ଥିଲା ଅନ୍ୟତମ। ୨୦୨୦ରେ ପୁରୀକୁ ସମୁଦାୟ ୩୩ଲକ୍ଷ ୨୭ ହଜାର ୮୩୩ ଜଣ ପର୍ଯ୍ୟଟକ ଆସିଥିଲେ। ସେମାନଙ୍କ ମଧ୍ୟରେ ୩୩ଲକ୍ଷ ୨୪ହଜାର ୭୬୨ ଜଣ ଘରୋଇ ପର୍ଯ୍ୟଟକ ରହିଥିବାବେଳେ ମାତ୍ର ୩୦୭୧ ଜଣ ବିଦେଶୀ ଆସିଥିଲେ। ୨୦୨୧ରେ ମଧ୍ୟ ପୁରୀକୁ ପର୍ଯ୍ୟଟକଙ୍କ ସଂଖ୍ୟା କମ୍ ରହିଥିଲା। ଏହିବର୍ଷ ୫୨ଲକ୍ଷ ୭୩ ହଜାର ପର୍ଯ୍ୟଟକ ପୁରୀକୁ ଆସିଥିଲେ। ଏମାନଙ୍କ ମଧ୍ୟରେ ୫୨ଲକ୍ଷ ୭୨ହଜାର ୬୦୦ ଘରୋଇ ପର୍ଯ୍ୟଟକ ଥିବାବେଳେ ମାତ୍ର ୪୦୦ ବିଦେଶୀ ପର୍ଯ୍ୟଟକ ଥିଲେ। ୨୦୨୨ ଆରମ୍ଭ ବେଳକୁ କୋଭିଡ୍ କଟକଣା ହଟିବା ପରେ ପୁଣି ପୁରୀକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଥିଲା। ୨୦୨୨ରେ ପୁରୀକୁ ମୋଟ ୧କୋଟି ୪୭ଲକ୍ଷ ୪୭ ହଜାର ୩୭୦ ପର୍ଯ୍ୟଟକ ଆସିଥିଲେ। ଏମାନଙ୍କ ମଧ୍ୟରେ ୧କୋଟି ୪୭ଲକ୍ଷ ୪୨ ହଜାର ୨୩୦ ଘରୋଇ ପର୍ଯ୍ୟଟକ ଥିବାବେଳେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ରହିଥିଲା ୫୧୪୦। ୨୦୨୩ରେ ସମୁଦାୟ ୨କୋଟି ୬ଲକ୍ଷ ୫୮ ହଜାର ୧୭୯ ପର୍ଯ୍ୟଟକ ପୁରୀ ଆସିଥିବାବେଳେ ସେମାନଙ୍କ ମଧ୍ୟରେ ଘରୋଇ ପର୍ଯ୍ୟଟକ ଥିଲେ ୨କୋଟି ୬ ଲକ୍ଷ ୪୮ ହଜାର ୯୨୫ ଜଣ। ବିଦେଶୀଙ୍କ ସଂଖ୍ୟା ଥିଲା ୯ ହଜାର ୨୫୪। ଗତବର୍ଷ ଅର୍ଥାତ୍ ୨୦୨୪ରେ ସମୁଦାୟ ୨କୋଟି ୪୩ଲକ୍ଷ ୧୪ ହଜାର ୪୨୫ ପର୍ଯ୍ୟଟକ ପୁରୀ ଆସିଥିବାବେଳେ ସେମାନେ ମଧ୍ୟରେ ଘରୋଇ ପର୍ଯ୍ୟଟକ ଥିଲେ ୨କୋଟି ୪୩ ଲକ୍ଷ ୪ହଜାର ୧୫୦ ଜଣ। ବିଦେଶୀଙ୍କ ସଂଖ୍ୟା ଥିଲା ୧୦ ହଜାର ୨୭୫। ଅର୍ଥାତ୍ ୨୦୨୩ ଅପେକ୍ଷା ୨୦୨୪ରେ ଅଧିକ ୩୬ଲକ୍ଷ ୫୬ ହଜାର ୨୪୬ ପର୍ଯ୍ୟଟନ ପୁରୀ ଆସିଛନ୍ତି।

## ନୂଆରୂପରେ ପୁରୀ କ୍ଲବ୍

ଜିମ୍, ବିଲିଆର୍ଡ ରୁମ୍, ସେଲିବ୍ରେସନ ହଲ୍ ଓ ସୁଇମିଂପୁଲ୍ ଉଦ୍‌ଘାଟିତ

ବାର୍ଷିକ ସାଧାରଣ ଅଧିବେଶନରେ ନୂତନ କର୍ମକର୍ତ୍ତା ନିର୍ବାଚିତ



ପୁରୀ,୯।୨(ସମିସ): ନୂଆ ରୂପ ପାଇଛି ୧୯୨୮ ମସିହାରେ ପ୍ରତିଷ୍ଠିତ ଐତିହ୍ୟ ସମ୍ପନ୍ନ ପୁରୀ କ୍ଲବ୍। ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ତଥା ଭୁବନେଶ୍ୱର କ୍ଲବ୍ ସଭାପତି ପ୍ରଦୀପ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ଲବ୍‌ରେ ନିର୍ମିତ ନୂତନ କୋଠରି, ଜିମ୍, ବିଲିଆର୍ଡ ରୁମ୍, ସେଲିବ୍ରେସନ ହଲ୍ ଓ ସୁଇମିଂପୁଲ୍ ଆଦିର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପ୍ରାକ୍ତନ ପ୍ରଶାସକ ଅନୀଲ କୁମାର ସାମଲ, କ୍ଲବ୍‌ର ସମ୍ପାଦକ ହରିହର ଗୁରୁ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଭୁବନେଶ୍ୱର କ୍ଲବ୍ ସହ ସହବନ୍ଧିତ ପୁରୀ କ୍ଲବ୍‌ର ବାର୍ଷିକ ସାଧାରଣ ଅଧିବେଶନ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। କ୍ଲବ ଅଧ୍ୟକ୍ଷ ପୁରୀର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଶ୍ରୀ ଗୁରୁ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ବିବରଣୀ ଉପସ୍ଥାପନ କରିଥିଲେ। କୋଷାଧ୍ୟକ୍ଷ ଆଶିଷ ଶତପଥୀ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। କ୍ଲବର ୨୦୦ରୁ ଉର୍ଦ୍ଧ୍ୱ ସଦସ୍ୟସଦସ୍ୟା ସଭାରେ ଉପସ୍ଥିତ ରହି ବିଭିନ୍ନ ଗଠନ ମୂଳକ ପ୍ରସ୍ତାବ ପ୍ରଦାନ କରିଥିଲେ। ସଭାରେ କ୍ଲବ ସଦସ୍ୟ ତଥା ସତ୍ୟବାଦୀର ବିଧାୟକ ଓମ୍ ପ୍ରକାଶ ମିଶ୍ର ମଞ୍ଚାସୀନ ଥିଲେ। କାର୍ଯ୍ୟକାରିଣୀ ସଦସ୍ୟ ରବିନାରାୟଣ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ୨୦୨୬-୨୮ ଦୁଇ ବର୍ଷ ନିମନ୍ତେ କ୍ଲବର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ପୁରୀର ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ପୁରୀର ଜିଲ୍ଲାପାଳ କ୍ଲବର ଅଧ୍ୟକ୍ଷ, ଏସ୍‌ପି ସହ ଅଧ୍ୟକ୍ଷ ଏବଂ ଜିଲ୍ଲା ବନଖଣ୍ଡ ଅଧିକାରୀ ସ୍ଥାୟୀ ଉପାଧ୍ୟକ୍ଷ ଅଛନ୍ତି। ନିର୍ବାଚନରେ ଚାର୍ଟାଡ ଆକାଉଣ୍ଟାଣ୍ଟ ନଳିନୀ ରଞ୍ଜନ ମିଶ୍ର ଓ ଅଜିତ କୁମାର ରାୟ ଉପସଭାପତି ଭାବେ ଏବଂ ରବିନାରାୟଣ ସାହୁ ସମ୍ପାଦକ ଭାବେ ବିନା ପ୍ରତିଦ୍ୱନ୍ଦ୍ୱିରେ ନିର୍ବାଚିତ ହୋଇଛନ୍ତି। ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତାରେ ଯୁଗ୍ମ ସମ୍ପାଦକ ଭାବେ ସାମ୍ବାଦିକ ନାରାୟଣ ଦାଶ ଓ କୋଷାଧ୍ୟକ୍ଷ ଭାବେ ଅରୁଣ କୁମାର ରାୟ ନିର୍ବାଚିତ ହୋଇଥିବା ବେଳେ ରାଜକିଶୋର ପାତ୍ର, ଡ. ବିଶ୍ୱନାଥ ମିଶ୍ର, ନୂତନ ଦାସମହାପାତ୍ର ଏବଂ ରଶ୍ମିରଞ୍ଜନ ସାହୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ଆୟୋଜିତ ବନ୍ଧୁମିଳନରେ କ୍ଲବର ଅନେକ ସଦସ୍ୟ ପରିବାର ସହ ଯୋଗଦାନ କରି ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ବନ୍ଧୁକ ବିକ୍ରି ଡିଲ୍‌ବେଳେ ମାଡ଼ି ବସିଲା ପୁଲିସ

ପୁରୀ,୯।୨(ସମିସ): ପୁରୀକୁ ଅପରାଧମୁକ୍ତ କରିବା ଲାଗି ପୁଲିସ ପକ୍ଷରୁ ଅପରେସନ ଚକ୍ର ଅଭିଯାନ ଜାରି ରହିଛି। ଅପରାଧୀଙ୍କୁ ଧରିବା ପାଇଁ ବିଭିନ୍ନ ଜାଗାରେ ଚଢ଼ଉ କରାଯାଉଛି। ଏହି କ୍ରମରେ ରବିବାର ରାତିରେ ଟାଉନ୍ ଥାନା ପୁଲିସ ବନ୍ଧୁକ ବିକ୍ରି କରିବାକୁ ଡିଲ୍ ବେଳେ ଚଢ଼ଉ କରି ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ହରଚଣ୍ଡୀସାହି ଲୋକନାଥ ରୋଡ୍‌ର ଜ୍ଞାନେନ୍ଦ୍ର ମାଣିଆ ଓରଫ ଜୁଲୁ ଏବଂ ହରଚଣ୍ଡୀ ସାହି ନାଗାମଠ ଲେନ୍‌ର ଶିବାନୀ ଶଙ୍କର ମହାପାତ୍ର ଓରଫ କୁନା।

ଅଭିଯୋଗ ଅନୁଯାୟୀ, ରବିବାର ରାତି ପ୍ରାୟ ସାଢ଼େ ୮ଟା ସମୟରେ ଦୁର୍ଦ୍ଦାନ୍ତ ଅପରାଧୀ ଜ୍ଞାନେନ୍ଦ୍ର ମାଣିଆ ଓରଫ ଜୁଲୁ ମାଗାଜିନ ସହିତ ଗୋଟିଏ ଦେଶୀ ବନ୍ଧୁକ ଧରି ବାରବାଟୀ ଜାଗା ପୁରୁଣା ପାର୍କ ନିକଟରେ ବିକ୍ରି ଡିଲ୍ ପାଇଁ ଅପେକ୍ଷା କରିଥିଲା। ବିଶେଷ ସୂତ୍ରରୁ ଖବର ପାଇ ଟାଉନ୍ ଥାନା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ତାକୁ କାବୁ କରିଥିଲେ। ସେ ଏହି ବନ୍ଧୁକ ଶିବାନୀ ଶଙ୍କର ମହାପାତ୍ରଙ୍କଠାରୁ ଆଣିଥିବା ପୁଲିସକୁ କହିବା ପରେ ପୁଲିସ ଶିବାନୀକୁ ଗିରଫ କରିଥିଲା। ଏଥିସହ ପୁଲିସ ଗୋଟିଏ ଦେଶୀ ବନ୍ଧୁକ, ମାଗାଜିନ, ଗୋଟିଏ ଲାପ୍‌ଟପ, ୨ଟି ମୋବାଇଲ୍, ଗୋଟିଏ କ୍ୟାରିବ୍ୟାଗ୍, ମୋବାଇଲ୍ ଚାର୍ଜର ଓ ୧୫୦୦ ଟଙ୍କା ଜବତ କରିଥିଲା। ଏ ନେଇ ଥାନାରେ ମାମଲା ପରେ ଉଭୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଦୁଇଜଣଙ୍କୁ ଜେଲ୍ ପଠାଇ ଦିଆଯାଇଛି। ପୂର୍ବରୁ ଉଭୟ ବିଭିନ୍ନ ପ୍ରକାର ଅପରାଧମୂଳକ ଘଟଣାରେ ସାମିଲ୍ ଥିବାବେଳେ ସେମାନଙ୍କ ନାଁରେ ବାସେଲିସାହି, ବଳିଆପଣ୍ଡା, କୁମ୍ଭାରପଡ଼ା ଏବଂ ଟାଉନ ଥାନାରେ ମାମଲା ରହିଛି।

## ୨୬୯ ବୋତଲ ବିଦେଶୀ ମଦ ଓ ୧.୧୫ ଲକ୍ଷ ଟଙ୍କା ଜବତ

ପୁରୀ,୯।୨(ସମିସ): ପୁରୀ ସହରରେ ବେଆଇନ ମଦ କାରବାରକୁ ବନ୍ଦ କରିବା ଲାଗି ପୁଲିସ ବିଭିନ୍ନ ସମୟରେ ଚଢ଼ଉ କରୁଛି। ମଦ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି। ତଥାପି ଏହି ବେଆଇନ କାରବାର ଉପରେ ରୋକ୍ ଲାଗିପାରୁନାହିଁ। ସୋମବାର ବାସେଲିସାହି ଥାନା ପୁଲିସ ଚୋରାଚାଲାଣ ବେଳେ ୨୬୯ ବୋତଲ (ପ୍ରାୟ ୫୪ଲିଟର) ବିଦେଶୀ ମଦ ଏବଂ ୧ଲକ୍ଷ ୧୫ ହଜାର ଟଙ୍କା ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ସଦର ଥାନା କଣ୍ଟ ଗ୍ରାମର କୁଶ ବାରାଳ(୪୬) ବିରୋଧରେ ଅବାଧ ମଦ ପରିବହନ ସମ୍ପର୍କିତ ମାମଲା (ନଂ.୪୨/୨୬) ରୁଜୁ ହୋଇ ତଦନ୍ତ ଜାରି ରହିଛି। ଅଭିଯୁକ୍ତ କୁଶ ବେଆଇନ ଭାବେ ମଦ ଚୋରା ଚାଲାଣ କରୁଥିବା ବାସେଲିସାହି ପୁଲିସ ପାଖରେ ବିଶେଷ ସୂତ୍ରରୁ ଖବର ପହଞ୍ଚିଥିଲା। ତେଣୁ ପୁଲିସ ମଙ୍ଗଳା ଘାଟ ଛକରେ ଗାଡ଼ି ମୋଟର ଯାଞ୍ଚ କରୁଥିବାବେଳେ କୁଶକୁ କାବୁ କରିଥିଲା। ପୁରୀ ପୁଲିସ ଅବାଧ ମଦ ବିକ୍ରୟ ଓ ପରିବହନ ଉପରେ କଠୋର ନଜର ରଖିଛି ଏବଂ ଆଗାମୀ ଦିନରେ ଏପରି ଅଭିଯାନ ଆହୁରି ଜୋର୍‌ଦାର ହେବ। ଆଇନ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି କେହି ଅବାଧ ମଦ ବିକ୍ରୟ କିମ୍ବା ପରିବହନ ସମ୍ପର୍କରେ ସୂଚନା ପାଆନ୍ତି ତେବେ ୧୧୨ କିମ୍ବା ନିକଟସ୍ଥ ଥାନାକୁ ତୁରନ୍ତ ଜଣାଇବାକୁ ପୁରୀ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି।

## ଜିଲ୍ଲାପାଳଙ୍କ ଅଫିସରେ ଗଞ୍ଜେଇ ଗଛ



ପୁରୀ,୯।୨(ସମିସ): ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗଞ୍ଜେଇ ଗଛ। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି କାର୍ଯ୍ୟାଳୟ ପରିସର ବଗିଚା ବା ଗଛଲତା ଭିତରେ ଏହି ଗଞ୍ଜାଇ ଗଛଟି ଉଠିନି, କାର୍ଯ୍ୟାଳୟ ସମ୍ମୁଖ ଭାଗରେ ଥିବା ଏକ ବଡ଼ ଗଛ ମୂଳରେ ହୋଇଥିବା ପିଣ୍ଡି ଭିତରେ ଏହା ରହିଛି। ବେଶ୍ ସଫାସୁତରା ଏବଂ ଆଖିଆଗରେ ପଡ଼ିବା ସ୍ଥାନରେ ଏହି ଗଛଟି ରହିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅପେକ୍ଷା ବେଳେ ଲୋକେ ଏହି ପିଣ୍ଡିରେ ବସିଥା'ନ୍ତି। ହେଲେ ମଞ୍ଜିରୁ ଗଜା ବାହାରି ଫୁଟେରୁ ଅଧିକ ଉଚ୍ଚର ଗଛ ହେଲାଣି। ତଥାପି ଏହାକୁ କାର୍ଯ୍ୟାଳୟ କର୍ମଚାରୀ କିପରି ଦେଖିପାରି ନାହାନ୍ତି ତାହା ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଇପିଏଫ୍ ପେନ୍‌ସନର୍ସ ସଂଘ ବୈଠକ

ପୁରୀ,୯।୨(ସମିସ): ଜଗନ୍ନାଥ ବଲ୍ଲଭ ମଠ ପରିସରରେ ସୋମବାର ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ ପୁରୀ ଜିଲ୍ଲା କମିଟିର କାର୍ଯ୍ୟକାରିଣୀ ବୈଠକ ସଭାପତି କୈଳାଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ସଞ୍ଜିତ କୁମାର ମହାନ୍ତି ଅନୁଷ୍ଠାନର ବିବରଣୀ ପାଠ କରିଥିଲେ। ପୂର୍ବତନ ସମ୍ପାଦକ କସ୍ତୁରୀ ଚରଣ ସୁବୁଦ୍ଧି ହସ୍ତାନ୍ତର କରିଥିବା କାଗଜପତ୍ର ତନଖି କରାଯାଇଥିଲା। ସର୍ବନିମ୍ନ ପେନ୍‌ସନ ୯ ହଜାର ଟଙ୍କା, ହାୟର ପେନ୍‌ସନ, ମହଙ୍ଗା ଭତ୍ତା, ନିଃଶୁଳ୍କ ଚିକିତ୍ସା ଇତ୍ୟାଦି ଦାବି ସମ୍ପର୍କରେ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ବୈଠକରେ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ଦାଶ, ମନ୍ଦାକିନୀ ଆଚାର୍ଯ୍ୟ, ପଞ୍ଚାନନ ବେହେରା, ରାଘବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପାର୍କିଂରେ ଦାଦାବଟି ଆଦାୟ; ୨ ଗିରଫ

ପୁରୀ,୯।୨(ସମିସ): ଜଗନ୍ନାଥ ବଲ୍ଲଭ ପାର୍କିଂରେ କଟୁରୀ ଦେଖାଇ ଦାଦାବଟି ଆଦାୟ ବେଳେ ୨ ଅଭିଯୁକ୍ତଙ୍କୁ କାବୁ କରିଛି ଟାଉନ ଥାନା ପୁଲିସ। ଗିରଫ ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ଗୌଡ଼ବାଡ଼ ସାହିର ଲୋକନାଥ ଦାସ ଓରଫ ଲୋକା ଏବଂ ବାଲିସାହିର ଗଣେଶ ସାହୁ ଓରଫ ସଦା। ସେମାନଙ୍କ ନିକଟରୁ ଗୋଟିଏ କଟୁରୀ, ୩ଟି ମୋବାଇଲ ଓ ୩୮୦୦ ଟଙ୍କା ଜବତ କରାଯାଇଛି। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଦୁଇଜଣ ରବିବାର ରାତି ପ୍ରାୟ ସାଢ଼େ ୯ଟା ସମୟରେ ଜଗନ୍ନାଥ ବଲ୍ଲଭ ପାର୍କିଂରେ ଯାତ୍ରୀବାହୀ ଅଟୋଚାଳକ, ଦୋକାନୀଙ୍କୁ କଟୁରୀ ଦେଖାଇ ଭୟଭୀତ କରିବା ସହ ଦାଦାବଟି ଆଦାୟ କରୁଥିଲେ। ଖବର ପାଇବା ପରେ ଟାଉନ ଥାନା ପୁଲିସ ପହଞ୍ଚି ଉଭୟଙ୍କୁ କାବୁ କରିବା ସହ ସେମାନଙ୍କଠାରୁ କଟୁରୀ, ଟଙ୍କା ଓ ମୋବାଇଲ ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଉଭୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି।

## ବରିଷ୍ଠ ଆଇନଜୀବୀ ଯୋଗେନ୍ଦ୍ର ଦାଶଙ୍କ ସ୍ମୃତିଚାରଣ

ପୁରୀ,୯।୨(ସମିସ): ପୁରୀ ବାର୍ ଆସୋସିଏସନର ବରିଷ୍ଠ ଆଇନଜୀବୀ ଯୋଗେନ୍ଦ୍ର ଦାଶଙ୍କ ପରଲୋକ ବାର୍ ପାଇଁ ଏକ ଅପୂରଣୀୟ କ୍ଷତି। ପିଲାଦିନ ଅତ୍ୟନ୍ତ ମେଧାବୀ ଛାତ୍ର ଥିବା ଯୋଗେନ୍ଦ୍ର ଏକାଧିକ ଉଚ୍ଚ ସରକାରୀ ଚାକିରିକୁ ପ୍ରତ୍ୟାଖ୍ୟାନ କରି ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ପାଇଁ ଓକିଲାତି ବୃତ୍ତିକୁ ଆପଣାଇଥିଲେ ବୋଲି ସୋମବାର ପୁରୀ ବାର୍ ଆସୋସିଏସନରେ ଆୟୋଜିତ ସ୍ମୃତିସଭାରେ ତାଙ୍କ ବ୍ୟକ୍ତିତ୍ୱ ଓ ଓକିଲାତି ଜୀବନର ସ୍ମୃତିଚାରଣ କରାଯାଇଛି। ବାର୍ ଆସୋସିଏସନ ସଭାପତି ପ୍ରେମାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଅନେକ ବରିଷ୍ଠ ଆଇନଜୀବୀ ଓ ଯୁବ ଆଇନଜୀବୀ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଦାଶ ପୁରୀ ଜିଲ୍ଲା ସ୍କୁଲରୁ ପ୍ରଥମ ଶ୍ରେଣୀରେ, ମହାବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି ପ୍ରଥମ ବ୍ୟାଚ୍ ଛାତ୍ର। ସେ ଷ୍ଟୁଡେଣ୍ଟ୍ ଫେଡେରେସନ୍ ଅଫ୍ ଇଣ୍ଡିଆ ଛାତ୍ର ରାଜନୀତି ସହ ସମ୍ପୃକ୍ତ ଥିଲେ। ବଡ଼ଦାଣ୍ଡରେ ନାଳନର୍ଦ୍ଦମା ଉପରେ ବେଆଇନ ଭାବେ ସ୍ଥାୟୀ ଦାଖଲ କରିଥିବା ଦଖଲଦାରଙ୍କୁ ଉଠାଇବାରେ ତାଙ୍କ ଓକିଲାତି ଏକ ଯୁଗାନ୍ତକାରୀ ପଦକ୍ଷେପ। ସେହିପରି ଚିଲିକାର ମତ୍ସ୍ୟଜୀବୀଙ୍କ ଅଧିକାର ପାଇଁ ଆଇନଗତ ଲଢ଼େଇ ଓ ଅବଦାନ ଅତୁଳନୀୟ। ବିଶେଷକରି ପ୍ରଶାସନିକ ଅଧିକାରୀଙ୍କ ବେଆଇନ କାର୍ଯ୍ୟ ବିରୁଦ୍ଧରେ ସେ ଆଇନଗତ ଭାବେ ସ୍ୱର ଉତ୍ତୋଳନ କରୁଥିଲେ। ଏଭଳି ଜଣେ ବରିଷ୍ଠ ଆଇନଜୀବୀଙ୍କୁ ହରାଇ ବାର ଆସୋସିଏସନ୍ ଜଣେ ମାର୍ଗଦର୍ଶକଙ୍କୁ ହରାଇଲା ବୋଲି ମତ ପ୍ରକାଶ ପାଇଥିଲା।

**ଆଜିଠୁ ସ୍ୱଦେଶୀ ମେଳା**

## ୧୯୪ ଷ୍ଟଲ୍‌ରେ ମେଳିବ ପସରା

ପୁରୀ,୯।୨(ସମିସ): ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ମଙ୍ଗଳବାରଠାରୁ ଆରମ୍ଭ ହେବ ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ୫ ଦିନିଆ ମେଳା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ବାଉଁଶ କଳାଠୁ ନେଇ ଟେରାକୋଟା। କୃଷି ଯନ୍ତ୍ରପାତିଠୁ ନେଇ ମତ୍ସ୍ୟ ସମ୍ପଦ। ହସ୍ତତନ୍ତଠୁ ନେଇ ହସ୍ତଶିଳ୍ପ। ପୁଣି ଖୋର୍ଦ୍ଧା ଛେନା କାକେରାଠୁ ନେଇ କେନ୍ଦୁଝରର ପତ୍ରପୋଡ଼ା। ଏସବୁ ସମ୍ଭାର ଭେଟିଦେବ ଏହି ସ୍ୱଦେଶୀ ମେଳା। ବିଭିନ୍ନ ବିଭାଗର ପ୍ରଦର୍ଶନୀ ଏକାଠି ଦେଖିବାକୁ ମିଳିବ। ୧୯୪ ଷ୍ଟଲରେ ମେଳିବ ଭଳିକି ଭଳି ପସରା।



ରାଜ୍ୟର ବିଭିନ୍ନ ଜିଲ୍ଲା ସମେତ ପୁରୀରୁ ସର୍ବାଧିକ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ସାମିଲ ହୋଇ ସେମାନଙ୍କ ଉତ୍ପାଦ ଭେଟିଦେବେ। ଏହାବ୍ୟତୀତ ଷ୍ଟାର୍ଟଅପ୍‌ରେ ଆରମ୍ଭ କରିଥିବା କିଛି ଉଦ୍ୟୋଗୀ ମଧ୍ୟ ଏହି ମେଳାରେ ନିଜ ଉତ୍ପାଦ ପ୍ରଦର୍ଶନ କରିବେ। ହସ୍ତତନ୍ତ ଓ ହସ୍ତଶିଳ୍ପର ମଧ୍ୟ ସମ୍ଭାର ଜମିବ। ବିଭିନ୍ନ ରାଜ୍ୟର ହସ୍ତତନ୍ତ ସହ ଓଡ଼ିଶାର ପାରମ୍ପରିକ ବୁଣାକାରମାନେ ମଧ୍ୟ ସେମାନଙ୍କର ହସ୍ତତନ୍ତକୁ ନେଇ ଆସିବେ। ହସ୍ତଶିଳ୍ପ ସମ୍ଭାର ଭେଟିଦେବେ ବହୁ ପାରମ୍ପରିକ କାରିଗର। ସେହିପରି ୨୫ଟି ଷ୍ଟଲରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ପ୍ରଦର୍ଶନ କରାଯିବ। ମାଛର ବିଭିନ୍ନ ଭେରାଇଟି ସହ କୁକୁଡ଼ା ଓ ଅନ୍ୟ ପ୍ରାଣୀ ସମ୍ପଦ ଏବଂ ଏହାର ବ୍ୟବସାୟିକ ଦିଗକୁ ନେଇ ମଡେଲ ପ୍ରଦର୍ଶିତ ହେବ। କୃଷି କ୍ଷେତ୍ରରେ ଲାଗୁଥିବା ବିଭିନ୍ନ ଆଧୁନିକ ଯନ୍ତ୍ରପାତି ୪୦ଟି ଷ୍ଟଲରେ ପ୍ରଦର୍ଶିତ କରାଯିବ। ଏହା ମଧ୍ୟରେ ଖୋଲିବ 'ଆମ ପାଠଶାଳା'। ସେଠାରେ ୧ ହଜାରରୁ ଉର୍ଦ୍ଧ୍ୱ ଚାଷୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ପାଳନ କରୁଥିବା ବ୍ୟକ୍ତିବିଶେଷଙ୍କୁ ତାଲିମ ଦିଆଯିବ। ବ୍ୟାବସାୟିକ ଅଭିବୃଦ୍ଧି ଏବଂ ନୂଆ ଜ୍ଞାନ କୌଶଳ ଶିଖି ସେମାନେ ନିଜ ଚାଷ କ୍ଷେତ୍ରରେ ଏହାକୁ ବିନିଯୋଗ କରିବାର ସୁଯୋଗ ନେବେ। ବିଶେଷଜ୍ଞମାନେ ସେମାନଙ୍କୁ ବିଭିନ୍ନ ଯୋଜନା ଓ ଜ୍ଞାନକୌଶଳ ସମ୍ପର୍କରେ ବୁଝାଇବେ। ୬୦ଟି ଷ୍ଟଲ୍‌ରେ ରାଜ୍ୟର ବିଭିନ୍ନ ଜିଲ୍ଲାର ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ପ୍ରଦର୍ଶିତ ହେବ। ଏହା ମଧ୍ୟରେ ୨୭ଟି ଷ୍ଟଲ୍‌ରେ ପୁରୀର ଏସ୍‌ଏଚ୍‌ଜି ମା'ମାନେ କରୁଥିବା ଉତ୍ପାଦ ପ୍ରଦର୍ଶିତ ଓ ବିକ୍ରିବଟା ହେବ। ସେଠାରେ କନ୍ଧମାଳ ହଳଦୀଠୁ ନେଇ ପୁରୀର କଦା ସାମଗ୍ରୀ, ବଡ଼ି, ପାମ୍ପଡ଼ ଆଦି ବିକ୍ରିବଟା ହେବ। ଏହାବ୍ୟତୀତ ୨୦ଟି ଷ୍ଟଲ୍‌ରେ ବିଭିନ୍ନ ଜିଲ୍ଲାର ପାରମ୍ପରିକ ଖାଦ୍ୟ ପସରା ମେଳିବ। କେନ୍ଦୁଝରର ପତ୍ରପୋଡ଼ା, ବାରିପଦାର ମୁଢ଼ି ମାଂସ, ଢେଙ୍କାନାଳର ବରା, କଟକର ଦହିବରା, କେନ୍ଦ୍ରାପଡ଼ାର ରସାବଳୀ, ଖୋର୍ଦ୍ଧାର ଛେନା କାକେରା, ନୟାଗଡ଼ର ଛେନାପୋଡ଼, ବାଲେଶ୍ୱରର ବାମ୍ବୋ ଚିକେନ୍ ଭଳି ରକମ ରକମର ପାରମ୍ପରିକ ଖାଦ୍ୟ ଉପଲବ୍ଧ ହେବ।

ଏହବ୍ୟତୀତ ଆକର୍ଷଣ ସାଜିବ ସଂସ୍କୃତି ବିଭାଗ ପକ୍ଷରୁ 'ବୁକ୍ କାଫେ'। କିଛି ସ୍ୱତନ୍ତ୍ର ବହିର ସମ୍ଭାରକୁ ନେଇ ୪ଟି ଷ୍ଟଲ୍‌ରେ ବହି ପ୍ରଦର୍ଶିତ ହେବ। ବରପୁତ୍ରମାନଙ୍କ ତଥ୍ୟଭିତ୍ତିକ ଫଟୋ ଚିତ୍ର ପ୍ରଦର୍ଶନୀ ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପୂର୍ବରୁ ଏହି ମେଳାକୁ ଶୃଙ୍ଖଳିତ ଓ ଆକର୍ଷଣୀୟ ଭାବେ ପରିଚାଳନା ପାଇଁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗ ସେମାନଙ୍କ ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ ସହ ଅନ୍ୟ ବିଭାଗ ସହ ପାରସ୍ପରିକ ସମନ୍ୱୟ ରଖି କାର୍ଯ୍ୟକ୍ରମ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପରିଷ୍କାର ପରିଚ୍ଛନ୍ନତା, ଶୌଚାଳୟ, ବିଦ୍ୟୁତ୍ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା, ଅଗ୍ନି ନିର୍ବାପକ ବ୍ୟବସ୍ଥା ସହ ଏକ ନିୟନ୍ତ୍ରଣ କକ୍ଷ ମେଳାରେ କାର୍ଯ୍ୟ କରିବାର ବ୍ୟବସ୍ଥା ହୋଇଛି ବୋଲି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ସ୍ୱଦେଶୀ ମେଳାର ନୋଡାଲ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସୂଚନା ଦେଇଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡ଼ିକ ଆମନ୍ତ୍ରଣ କରାଯାଉଛି

**ଖାଲି ପଦବୀ ସଂଖ୍ୟା: 2273 (ବ୍ୟାକଲଗ୍ ଖାଲି ପଦବୀ ସହିତ)**

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ବିଜ୍ଞାପନ ନମ୍ବର **CRPD/CBO/2025-26/18** ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.01.2026 ରୁ 18.02.2026 ପର୍ଯ୍ୟନ୍ତ ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ **https://sbi.bank.in/web/careers/current-openings.**

**ସ୍ଥାନ:** ମୁମ୍ବାଇ
**ତାରିଖ:** 30.01.2026
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)